ଜାନୁୟାରୀ ୨୦୨୨



Photo by: Dr. Ranjit Ku Sahu, USA

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ବେଦାନ୍ତୀ ର ସମସ୍ତ ସଦସ୍ୟଙ୍କୁ ଇଂଗ୍ରେଜୀ ନବବର୍ଷର ଅନେକ ଶୁଭେଚ୍ଛା । ଏହା ଅବଶ୍ୟ ସତ ଯେ ଯଦି ଆମେ ଓଡିଆ ନବବର୍ଷ କେବେ ପଡୁଛି କାହାକୁ ଯଦି ପଚାରିବା, ଅନେକ ଲୋକ ହୁଏତ କହିପାରିବେ ନାହିଁ । କାରଣ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତା ଏବଂ ଚାଲିଚଳନକୁ ଅନେକ ମାନନ୍ତି ଆଉ ମନେ ରଖନ୍ତି ମଧ୍ୟ । କିନ୍ତୁ ଆମ ପର୍ବପର୍ବାଣୀ ଏବଂ ସଂସ୍କୃତି ବିଷୟରେ ଅନେକ କଥା ଏବଂ ତଥ୍ୟ ଅନେକଙ୍କୁ ଜଣାନାହିଁ । ଅବଶ୍ୟ ଏବେ କିଛିଟା ମାତ୍ରାରେ ସରକାର ଧ୍ୟାନ ଦେଇଛନ୍ତି ଆଉ ଓଡିଆ ସଂସ୍କୃତିକୁ ଲୋକ ଲୋଚନକୁ ଆଣିବାକୁ ଚେଷ୍ଟା ମଧ୍ୟ କରୁଛନ୍ତି । ଏଥିରେ ସହଯୋଗ ଦେଉଛନ୍ତି ଓଡିଶା ବାହାରେ ରହୁଥିବା ଅନେକ ଓଡିଆ । ଏହାର ମୂଖ୍ୟ କାରଣ ହେଉଛି ଯେ ଯେତେବେଳେ ଆମେ ଓଡିଶା ବାହାରେ ରହୁଛେ, ସେତେବେଳେ ଆମେ ଆମ ରାଜ୍ୟ, ସଂସ୍କୃତି ଏବଂ ପର୍ବପର୍ବାଣୀ ବିଷୟରେ ଭାବୁଛେ । ତେଣୁ ଓଡିଶା ବାହାରେ ଥିବା ଅନେକ ଅନୁଷ୍ଠାନ / ଓଡିଆ ସମାଜର କର୍ମକର୍ତ୍ତା ମାନେ ଲାଗିପଡିଛନ୍ତି ଓଡିଶାର ମାନ ବଢାଇବା ପାଇଁ । ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।

ଆଜିକାଲି ଇଣ୍ଟରନେଟ୍ ଯୁଗରେ ଲୋକେ ବହି କିଣିବା ଏବଂ ପଢିବା ଭୁଲିଗଲେଣି । କିନ୍ତୁ ଏହାକୁ ଆଖିଆଗରେ ରଖି କିଛି ବର୍ଷ ହେଲା ଅନେକ ମାସିକ/ ଦ୍ୱୀମାସିକ / ତ୍ରୈମାସିକ ଅନଲାଇନ୍ ପତ୍ର ପତ୍ରିକା ପ୍ରକାଶିତ ହେବାରେ ଲାଗିଛି । ଏହାଦ୍ୱାରା ଓଡିଶା ଏବଂ ଓଡିଶା ଓ

ଭାରତ ବାହାରେ ରହୁଥିବା ଓଡିଆମାନେ ଅନେକ ଉପକୃତ ହେଉଛନ୍ତି । ପ୍ରତିମାସରେ ସେମାନେ ସେମାନଙ୍କ ମୋବାଇଲ୍ ଫୋନ୍ ହେଉ ବା ଇ-ମେଲ୍ ଜରିଆରେ ହେଉ, ଓଡିଆ ଭାଷାରେ ପ୍ରକାଶିତ ପତ୍ର-ପତ୍ରିକା ମାଗଣାରେ ପଢିବାରେ ସକ୍ଷମ ହୋଇପାରୁଛନ୍ତି ।

ଏହି ପ୍ରୟାସ ଏହିପରି ଜାରି ରହିଥାଉ । ଏହିପରି ଯଦି ଆମେ ସମସ୍ତେ ନିଜ ସକ୍ଷମତା ଅନୁସାରେ ଓଡିଆ ଭାଷାର ପ୍ରଚାର ଆଉ ପ୍ରସାର ପାଇଁ କିଛିଟା କାର୍ଯ୍ୟ କରିପାରିବା, ତେବେ ଏହା ଓଡିଆ ଭାଷା ଓ ସଂସ୍କୃତିକୁ ସାରା ପୃଥିବୀରେ ପହଞ୍ଚାଇବାରେ ନିଶ୍ଚୟ କିଛିଟା ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ । ଆସନ୍ତୁ ଏଥିପାଇଁ ଆମେ ସମସ୍ତେ ଆଜିଠାରୁ ଶପଥ ନେବା ଆଉ କିଛିଟା କରି ଦେଖାଇବା ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର



# ଭିତର ପୃଷ୍ଠାରେ....


| | | |
|---|---|---|
| କବି ବ୍ରଜନାଥ ବଡଜେନା | ବରଦା ପ୍ରସନ୍ନ ଦାସ | ୧୨ |
| ଶରଦ୍ରାସ ପଦୋଦକ | ଡ. ଶକୁନ୍ତଳା ନାଏକ ଗୁପ୍ତା | ୧୩ |
| ସତ୍ୟ ର ସ୍ୱର | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୧୪ |
| ଅବ୍ୟକ୍ତ ବେଦନା | ଦେବିକା ମଲ୍ଲିକ | ୧୬ |
| ପରାଜୟରେ ବିଜୟ | କୁଞ୍ଜବିହାରୀ ରାଉତ | ୨୦ |
| ସମ୍ପର୍କର ପରିଭାଷା | ଜୟଶ୍ରୀ ପଟ୍ଟନାୟକ | ୨୨ |
| ଚନ୍ଦ୍ର ଆମ ସମୟର | ପୁଷ୍ପାଞ୍ଜଳ ପଣ୍ଡା | ୨୪ |
| ଜେଜେମାର ଭାବ | ଡକ୍ଟର ବିଜ୍ଞାନୀ ଦାସ | ୨୬ |
| ଅନନ୍ତ ଅଙ୍କବିହାରୀ | ଡ. ଅର୍ଜୁନ ଚରଣ ବାରିକ୍ | ୩୬ |
| ନୂଆ ବର୍ଷର ହସ | ଶାନ୍ତିଲତା ମିଶ୍ର | ୩୮ |
| ହାଟ ସଉଦା | ବାସନ୍ତୀ ଲତା ଜେନା | ୪୦ |
| ନିସଙ୍ଗ ମଣିଷ | ବିନୟ ମହାପାତ୍ର | ୪୨ |
| ମୁଁ | ଡଃ ମାଙ୍ଗଳିକା ମହାପାତ୍ର | ୫୧ |
| ବୋଉ | କୀର୍ତ୍ତି ଦେବୀ | ୫୨ |
| ବୋଉ | ସସ୍ମିତା ପଟ୍ଟନାୟକ | ୫୪ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୫୬ |
| ସମର୍ପଣ | ଦଣ୍ଡାସି ପ୍ରଧାନ | ୬୪ |
| ମା | ଡ. ଜ୍ଞାନେଶ୍ୱର ମିଶ୍ର | ୬୬ |
| ଲୋକ କଣ କହିବେ ? | ଅଳକା ମହାନ୍ତି | ୬୮ |
| ମୁଁ ଦୁଃଖୀ କୃଷକଟିଏ | ବିନୋଦିନୀ ଦାଶ | ୭୩ |
| ଧରିତ୍ରୀ | ଡ. ପ୍ରସନ୍ନ କୁମାର ବଳ | ୭୫ |

| | | |
|---|---|---|
| ମୁଁ ତୁମକୁ ଖୁବ୍ ଭଲ ପାଏ | ଅମ୍ବିକା ସ୍ୱାଇଁ | ୭୭ |
| ଓଡିଶା ରଙ୍ଗମଞ୍ଚର ବିକାଶ ଏକ ଅଧ୍ୟୟନ | ଅଧାପକ ସୁବାଷ ବାରିକ | ୭୯ |
| କୁହୁଡି ର କାନ୍ଥ | ମୀନାକ୍ଷୀ ପାଢୀ | ୮୬ |
| ମୁଁ ଶେଫାଳୀ କହୁଛି | ଡକ୍ଟର ମନୋରଞ୍ଜନ ବିଷୋୟୀ | ୮୭ |
| ସ୍ୱପ୍ନ | ଗୋବର୍ଦ୍ଧନସେନାପତି | ୮୯ |
| ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଓ ଗଣମାଧ୍ୟମ | ତେଜସ୍ୱିନୀ ସାମଲ | ୯୧ |
| ଧିକ ତା ଜୀବନ | ଜୟନ୍ତୀ ଦେବୀ | ୯୫ |
| ଜୀବନ ଝରଣା | ସଂଯୁକ୍ତା ସାହୁ | ୯୬ |
| ମନର କଥା | ବୀରକିଶୋର ନାୟକ | ୯୮ |
| ଭିଡିଓ | ଶଶଧର ମହାପାତ୍ର | ୯୯ |
| ବାର୍ଦ୍ଧକ୍ୟ ଆସୁଛି | ନିରୁପମା ପାଣି | ୧୦୩ |
| ନବ ଜାଗରଣ | ରଘୁନାଥ ତ୍ରିପାଠୀ | ୧୦୪ |
| ଖାଲି ପର୍ସର କାହାଣୀ | ଆଶୁତୋଷ ମେହେର | ୧୦୬ |
| ବିଶ୍ୱକର୍ମା | ସୁଲୋଚନା ବେହେରା | ୧୧୦ |
| ନୟନ ତାରା | ସତ୍ୟନାରାୟଣ ପ୍ରସାଦ ନାୟକ | ୧୧୨ |
| ରତିଆନ୍ଧାଇଚିଆ | ଅଧର ବିଶ୍ୱାଳ | ୧୧୩ |
| ଜାଗା ନାଇଁ | ଗଜାନନ ମିଶ୍ର | ୧୧୫ |
| ଲଳିତ ନିବନ୍ଧ- ପ୍ରେମ ସହ ହାତାହାତି | ବଦ୍ରୀ ମହାନ୍ତ | ୧୧୬ |
| ମା ବୁଢୀ ଠାକୁରାଣୀ | ମଙ୍ଗୁଲୁ ଗୌଡ | ୧୨୦ |
| ଏଇତ ଜୀବନ! | ପୁଷ୍ପଲତା ବେହେରା | ୧୨୧ |
| କାଗଜ ଡଙ୍ଗା | ରାଧାମୋହନ ପୂଜାହାରୀ | ୧୨୩ |
| ନାଟକ-ରାମ ରାବଣ ରାମାୟଣ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୨୫ |

| | | |
|---|---|---|
| ଅଭିବ୍ୟକ୍ତ | ହରେରାମ ପଣ୍ଡା | ୧୩୧ |
| ନେତା ଆଜିର | ଭାସ୍କର ଚନ୍ଦ୍ର ଖଣ୍ଡା | ୧୩୨ |
| ପ୍ରକୃତ ବନ୍ଧୁ | ନିରଞ୍ଜନ ସାହୁ | ୧୩୪ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୩୫ |
| ଅନ୍ୟ ଏକ ରାମାୟଣ ର ଭିନ୍ନ ଏକ ସୀତା | ଚୈତନ୍ୟ ବାଗ | ୧୪୧ |
| ରାତି ହୋଇଅଛି ସାଥୀ | ଅମୂଲ୍ୟ କୁମାର ପଣ୍ଡା | ୧୪୩ |
| ଆତଙ୍କ ନୁହେଁ, ସତର୍କତା ଜରୁରୀ ! | ଅସିତ ମହାନ୍ତ | ୧୪୪ |
| ତତଲ୍ ଲୁହ | ଝିଲିମିଲି ସାହୁ | ୧୪୭ |
| ମୁଇଁ ତ ଯାଇଛି ମରି | ଜୟନ୍ତ କୁମାର ମଲ୍ଲିକ୍ | ୧୪୮ |
| ଅରଣ୍ୟର ଦୁଃଖ | ଖଗେଶ୍ୱର ବାଗ | ୧୪୯ |
| ଅଣୁଗଳ୍ପ- ବୋଉ | ଛବି ରାଣୀ ପତି | ୧୫୧ |
| ପଦ୍ମ | ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ | ୧୫୩ |
| କହିବି କାହାକୁ | ଝରଣା ବାରିକ | ୧୫୪ |
| କୁରାଳ ପଞ୍ଚମୀ | କୁମର ଲାଲ ରଣା | ୧୫୬ |
| ବିଭାଜନ କାଳୀନ ପଞ୍ଜାବରେ ଦୁଃଖଦିନ ସବୁ | ପ୍ରିୟବ୍ରତ ପାତ୍ର | ୧୫୮ |
| ଶପଥ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୬୨ |
| ତୁମ ଲାଗି | ରାଜକିଶୋର ସାଇଁ | ୧୬୩ |
| ଗାଁ ମନ୍ଦିର | କୃଷ୍ଣ ଚନ୍ଦ୍ର ବାରିକ | ୧୬୪ |
| ସରପଞ୍ଚ ବାବୁ | ସୁଶ୍ରୀୟା ପରିଡା | ୧୬୫ |
| ସଂକଳ୍ପ | ବୈଷ୍ଣବ ମେହେର | ୧୭୯ |
| ହେ ଚନ୍ଦ୍ରମା | ଚନ୍ଦନା ମଞ୍ଜରୀ ତ୍ରିପାଠୀ | ୧୮୦ |
| କୁଆଁ ତାରା | ସ୍ୱାତୀ ବନ୍ଦନା କର | ୧୮୨ |

| | | |
|---|---|---|
| ଶସ୍ତା ରାଜନୀତି | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ | ୧୮୩ |
| ପ୍ରାର୍ଥନା ଓ ବିଶ୍ୱାସର ଶକ୍ତ | ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ | ୧୮୫ |
| କାର୍ତ୍ତିକ ମହା ପଞ୍ଚୁକ | ପ୍ରକାଶ ମେହେର | ୧୯୧ |
| ଗାଁ ର ମୋହ ଶେଷ | ପୁଷ୍ପିତା ଭୂୟାଁ | ୧୯୩ |
| ଚେନାଏ ସ୍ୱପ୍ନ | ଡକ୍ଟର ମଧୁସ୍ମିତା ମିଶ୍ର | ୧୯୬ |
| ସ୍ୱାଗତଂ ନବ ବର୍ଷ | କ୍ଷିପତି ପ୍ରଧାନ | ୨୦୬ |
| ଶେଷଦୃଶ୍ୟ | ଶୁଭମ୍ କୁମାର ସାହୁ | ୨୦୮ |
| ନୀରବ | ତପସ୍ୱିନୀ ଜେନା | ୨୦୯ |
| ଭିନ୍ନ ଜଣେ କବୀର ଖାନ୍ | ସୁଷମା ପରିଡା | ୨୧୧ |
| ସଚେତନ ହୁଅ ସଭିଏଁ ଭାଇ | ଦେବାର୍ଚ୍ଚନ ମେହେର | ୨୧୫ |
| ଲାଗେ ଭାରି.... ଏକା ଏକା | ପ୍ରଶାନ୍ତ କୁମାର ପାଢ଼ୀ | ୨୧୭ |
| ବନ୍ଦ କୋଠରୀ | ପୂର୍ଣ୍ଣଚନ୍ଦ୍ର ରଣା | ୨୧୮ |
| ମହତ ଅଟଇ ନମ୍ର | ଅଲେଖ ମେହେର | ୨୨୨ |
| ଲୁହ | ନନ୍ଦିନୀ ରାଉତ | ୨୨୩ |
| ଶାଶ୍ୱତ ପ୍ରେମର ବାସ୍ତବ ଚନ୍ଦ – ପ୍ରେମଗଳ୍ପ | ରଞ୍ଜନକୁମାରଖଣ୍ଡା | ୨୨୫ |
| ମହାମାରୀ କରୋନା | ଲଲାଟେନ୍ଦୁ ବାରିକ | ୨୩୨ |
| ପ୍ରଥମାଷ୍ଟମୀ | ଦୀନବନ୍ଧୁ ବେଜ | ୨୩୩ |
| ନଡିଆ ରାଣୀ | ଅମରନାଥ ବାରିକ | ୨୩୪ |
| ଛୋଟ ମୋର ନାଆଟି (ଧାରାବାହିକ) | ପ୍ରଫେସର ଅନନ୍ତା ପଣ୍ଡା | ୨୩୫ |
| ଭାଗବତ ଅମୃତ ଧାରା | ବିଜୟ କୁମାର ସାହୁ | ୨୪୫ |
| ପାଖରେ ନାହିଁ ପାଖରେ ଅଛ | ତାରାପ୍ରସାଦ ଜେନା | ୨୪୮ |
| ସତ କେମିତି ପଦାକୁ ଆସିଲା | ନରେନ୍ଦ୍ର ପ୍ରସାଦ ବେହେରା | ୨୪୯ |
| ପ୍ରତାରଣା | ଜନ୍ମଜୟ ନାୟକ | ୨୫୧ |

| | | |
|---|---|---|
| ଆବାହକ ତୁମେ | ଅଜିତ ପାଢ଼ି | ୨୫୨ |
| ଅଚହ୍ନା ବନ୍ଧନ (ଧାରାବାହିକ) | ଜୟଲକ୍ଷ୍ମୀ ସେଠୀ | ୨୫୪ |
| ଅଧିବର୍ଷର ନବ ନାୟକ | ଦିନେଶ ମେହେର | ୨୫୮ |
| ସ୍ୱପ୍ନର ପରୀ | ସୁଶୀଲ୍ କୁମାର ଭୋଇ | ୨୫୯ |
| ଭାବନାର ଅନ୍ତରାଳେ | ପ୍ରଦୀପ୍ତ କୁମାର ମିଶ୍ର | ୨୬୧ |
| ମାଆ ଲୋ ମାଆ | ଦୀନବନ୍ଧୁ ପୋଇ | ୨୬୩ |
| କାହିଁକି ଆସ କ'ଣ ତୁମର ଉଦ୍ଦେଶ୍ୟ? | ଗୌରୀ ମେହେର | ୨୬୫ |
| ଶିବାନୀ | କୁଞ୍ଜ ବିହାରୀ ସାହୁ | ୨୬୭ |
| ଲୁଣ | ଜୁମର ନାଥ ପାତ୍ର | ୨୭୦ |
| ଭିନ୍ନ ଏକ ପରିଚୟ | ଅଧ୍ୟାପକ ବିପ୍ଳବ କିଶୋର ରଥ | ୨୭୨ |
| ଡାଇବେଟିସ | ଝରଣା ବାରିକ | ୨୭୪ |
| ନାରୀ | ଧରିତ୍ରୀ ନନ୍ଦ | ୨୭୫ |
| ମଧୁର ସ୍ମୃତି | ଲିଜା ବଡ଼ୋଇ | ୨୭୬ |
| ସି ଟି ବି ଟି | ପ୍ରତାପ ଚନ୍ଦ୍ର ସାହୁ | ୨୭୮ |
| ଜଣେ ମାଆଙ୍କ ସ୍ମୃତିରେ | ସନାତନ ଦାସ | ୨୮୧ |
| ଜୀବନ | ସନ୍ତୋଷ କୁମାର ଅଦାବର | ୨୮୨ |
| ହଜି ଯାଇଥିବା ଈଶ୍ୱର [ଏକ ପ୍ରତୀକଧର୍ମୀ ନାଟକ] | ଡକ୍ଟର କିଶୋର ମହାନ୍ତ | ୨୮୩ |
| ପ୍ରକୃତିର୍ବାଣୀ | ସନ୍ତୋଷ କୁମାର ବେହେରା | ୨୮୭ |
| ମାତୃଭାଷା ର ମମତା | ସତ୍ୟବ୍ରତ ମହାପାତ୍ର | ୨୮୯ |
| ଶୀତ ସକାଳ | ସତ୍ୟନାରାୟଣ ପ୍ରସାଦ ନାୟକ | ୨୯୧ |
| ଅଦେଖା ଦୁଃଖ | ସନ୍ତୋଷ କୁମାର ରାଉତ | ୨୯୨ |
| ନରବତା | ସତ୍ୟରଞ୍ଜନ ସ୍ୱାଇଁ | ୨୯୬ |

| | | |
|---|---|---|
| ଫେରିଆସ | ସୀମାରଞ୍ଜନ ରାଉତ | ୨୯୮ |
| ବିଶ୍ୱ ବିଖ୍ୟାତ ପୁରୀ | ବିଜୟ କୁମାର ଜେନା | ୩୦୦ |
| ନବ ବର୍ଷ | ଶୋଭସିନୀ ବାଗ | ୩୦୧ |
| ଆହେ ଜଟାଧାରୀ | ସୁଭଦ୍ରା ରାଉତ | ୩୦୩ |
| କାଗଜ ଡଙ୍ଗା! | ଅଶୋକ ମହାରଣା | ୩୦୫ |
| ତୁ ଥା ମୁଁ ଯାଉଛି ରୁଷି | ପ୍ରଶାନ୍ତ କୁମାର ନାଥ | ୩୧୩ |
| ଦୁର୍ବଳ ମୁହୂର୍ତ୍ତ | ସିଦ୍ଧେଶ୍ୱର ତ୍ରିପାଠୀ | ୩୧୪ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୩୧୫ |
| କାହିଁକି 'ଔଷଧ ବିକଳେ ତାଟିଆ କାମୁଡ଼ିବା' ନୀତି | ପ୍ରଶାନ୍ତ କୁମାର ନାଥ | ୩୧୭ |
| ମା ଲୋ ତୁହିଁ ସାହା | ସଙ୍ଗୀତା ମହାନ୍ତ | ୩୨୦ |
| ସୂର୍ଯ୍ୟସ୍ନାନ | ଭଗିରଥୀ ଯାନୀ | ୩୨୨ |
| ଅସ୍ତଗାମୀ ସୂର୍ଯ୍ୟ | ବିଶ୍ୱ ରଞ୍ଜନ ମହାନ୍ତ | ୩୨୪ |
| ମୋ କଳ୍ପନାରେ ତୁମେ | ମୟଙ୍କ | ୩୩୧ |
| ମୁଁ ଆଦିବାସୀ ଝିଅ | ରାମ ଚନ୍ଦ୍ର ପ୍ରଧାନ | ୩୩୨ |
| ଲୁଗ୍ଣଇ ଦେଇଛି ଲୁହକୁ | ରୁଦ୍ର ନାରାୟଣ ଦାଶ | ୩୩୩ |
| ଶୃଙ୍ଖଳା | ଟଙ୍କଧର ସାହୁ | ୩୩୫ |
| ମିଠା ଶିହରଣ | ସରୋଜ କୁମାର ସାହୁ | ୩୩୮ |
| ମୋ ଧନ | ସୁଜିତ୍ କୁମାର ରାଉତ | ୩୩୯ |
| ଭାରି ମନେ ପଡେ ସେଇ ପିଲା ଦିନ | ସୂର୍ଯ୍ୟ ନାରାୟଣ ସାହୁ | ୩୪୧ |
| ଜ୍ୟେଷ୍ଠ ହିଁ ଶ୍ରେଷ୍ଠ | ସାଇପ୍ରସାଦ ସାହୁ | ୩୪୪ |
| ଆଧୁନିକ ମଣିଷ | ଉମେଶ କୁମାର ବିଶ୍ୱାଲ | ୩୪୮ |
| କଛି ଫରକ ପଡ଼ିବନି | ଅଭିମନ୍ୟୁ ଧଳ | ୩୪୯ |
| ଯୁବ ଜାଗୃତି | ଅନାଦି ସେଠ | ୩୫୧ |

| | | |
|---|---|---|
| କ୍ଷୁଦ୍ର ଆଲୋକର ଶିଖା | ବାଲ୍ମୀକ ନାୟକ | ୩୫୪ |
| ନୀଳ ନିମନ୍ତ୍ରଣ | ବେଣୁଧର ସୂତାର | ୩୫୬ |
| ମାଆ | ରାଧାରାଣୀ ରାଉଳ | ୩୫୮ |
| ମୁଁ କହୁଛି ଗଛ | ଦୁଷ୍ମନ୍ତ ବେହେରା | ୩୫୯ |
| ଧୋକା | ଶିବରାମ ଦଳେଇ | ୩୬୧ |
| ଶ୍ରୀମଦଭଗବତ ଗୀତାରୁ ପଦେ....୨ | ନରେନ୍ଦ୍ର ପ୍ରସାଦ ବେହେରା | ୩୬୨ |


# ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ନାରୀମାନଙ୍କ ଗର୍ଭବସ୍ଥା ଓ ତାର ଉପଚାର | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୩୬୬ |


# ଆମ ହାଣ୍ଡିଶାଳ


| | | |
|---|---|---|
| ଛେନା ଖିରି | ବବୁଲି ତ୍ରିପାଠୀ | ୩୭୦ |
| ମଞ୍ଜା ବରା | ପୁଷ୍ପଲତା ବେହେରା | ୩୭୨ |
| ପନିର ଚଣା ମସଲା | ଜୟନ୍ତୀ ଦେବୀ | ୩୭୪ |


# ଆଞ୍ଚଳିକ


| | | |
|---|---|---|
| ଦେଖି ତ ଗଲାନ ହଜି | ବାଙ୍କାବିହାରି ମହାକୁର | ୩୭୭ |
| ଜତୁକ୍ ଲୁଭେ ପିଲାର୍ ମାଁ | ପ୍ରମୋଦ କୁମାର ସାହୁ | ୩୭୯ |
| ମନ୍ | ମମତା ଦୀପ୍ | ୩୮୧ |
| ମଏନା | ସୁଭେନ୍ଦୁ ମେହେର | ୩୮୨ |
| କଥାନ-ଲୋଭ ର୍ କରାମତି | ସତ୍ୟନାରାୟଣ ମିଶ୍ର | ୩୮୩ |
| ମୁରଦାର୍ | ସୁନୀଲ କୁମାର୍ ଅଗସ୍ତି | ୩୮୫ |
| ଉହୁଲେନ୍ | ଆଶୁତୋଷ ଠାକୁର | ୩୮୬ |

# ଶିଶୁ ବିଭାଗ


| | | |
|---|---|---|
| ବାହାଘରରେ ଅଦା ରୁଆ | ଡ଼ଃ ରଞ୍ଜିତ କୁମାର ସାହୁ | ୩୮୮ |
| ଥିଲା ଗୋଟିଏ ପୁଷି | ନୀଳମଣି ଗୁନ୍ଦ | ୩୯୨ |
| ଶିଶୁ ଦିବସ | ସାଇପ୍ରସାଦ ସାହୁ | ୩୯୪ |
| ବଣଭୋଜି | ମୀନାକ୍ଷି ପାଢ଼ୀ | ୩୯୬ |
| ଟିକରପଡ଼ାର ସୌନ୍ଦର୍ଯ୍ୟ | ନୀଳମାଧବ ସାହୁ | ୩୯୮ |
| ଗୀତ ମାନସାଙ୍କ | ଅମରନାଥ ବାରିକ | ୪୦୨ |
| ପିତା-ମାତା | ପ୍ରତୀକ୍ଷା ଶତପଥୀ | ୪୦୪ |
| ସୁଲୁସୁଲୁ ଶୀତ | ବିଜୟ କୁମାର ଛାଟୋଇ | ୪୦୬ |
| ଆପଣଙ୍କ ମତାମତ | ବେଦାନ୍ତୀ ପରିବାର | ୪୦୮ |
| ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୧୦ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୪୧୧ |


[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

ଯୋଗାଯୋଗ

Whatsapp:+ 91 9594993733

# କବି ବ୍ରଜନାଥ ବଡଜେନା

(୧୭୩୦-୧୮୦୦)



ବରଦା ପ୍ରସନ୍ନ ଦାସ

ଓଡିଆ ସାହିତ୍ୟର ରୀତିଯୁଗର ଅନ୍ୟତମ ସାରସ୍ୱତ ସ୍ରଷ୍ଟା ବ୍ରଜନାଥ ବଡଜେନା ଏକ ବହୁମୁଖୀ ସୃଜନଶୀଳ ପ୍ରତିଭା । ଏକାଧାରରେ ସେ କବି, ସଙ୍ଗୀତଜ୍ଞ, ବହୁଶାସ୍ତ୍ରବିଦ୍ ଓ ବହୁଭାଷାବିଦ୍ ପଣ୍ଡିତ । ତାଙ୍କର ଅଜସ୍ର ସୃଷ୍ଟି ସମ୍ପଦରେ ଓଡିଆ ସାହିତ୍ୟ-ଭଣ୍ଡାର ଋଦ୍ଧିମନ୍ତ ଓ ପୁଷ୍କଳ । ଭଂଜୀୟ କାବ୍ୟଦର୍ଶରେ ଅନୁପ୍ରାଣିତ ହୋଇ ସେ "ଅମ୍ବିକାବିଳାସ", "କେଳିକଳାନିଧି, "ବିଚକ୍ଷଣା" ଆଦି କ୍ଲିଷ୍ଟପଦାବଳୀଯୁକ୍ତ ଆଳଙ୍କାରିକ କାବ୍ୟଗ୍ରନ୍ଥ ରଚନା କରିବା ସଙ୍ଗେ ସଙ୍ଗେ ସାଧାରଣ ପାଠକଙ୍କ ଅବବୋଧକୁ ଦୃଷ୍ଟିରେ ରଖି ସରଳ ଦେଶପ୍ରଚଳିତ ଭାଷାରେ "ଶ୍ୟାମରାସୋତ୍ସବ", "ଗୋପୀବିଳାସ", "ଦେଶପୋଇ" ଓ "ବିଦେଶାନୁଚିନ୍ତା" ପ୍ରଭୃତି କାବ୍ୟ ରଚନା କରି ସାରସ୍ୱତ ସାର୍ଥକତା ତଥା ଅଶେଷ ଲୋକପ୍ରିୟତା ଅର୍ଜନ କରିଛନ୍ତି । ତାଙ୍କ କାବ୍ୟସିଦ୍ଧିର ଅନ୍ୟତମ ଦୃଷ୍ଟାନ୍ତ "ସମର ତରଙ୍ଗ" ଐତିହାସିକ ବାସ୍ତବ କଥାବସ୍ତୁ ଅବଲମ୍ବନରେ ରଚିତ ଏକ ଅନନ୍ୟ କାବ୍ୟଗ୍ରନ୍ଥ । ତାଙ୍କର କାବ୍ୟିକ ଆବେଗ, ରସବୋଧ, ବୈପ୍ଲବିକ ଚିନ୍ତାଧାରାରେ ଏକ ସ୍ୱାତନ୍ତ୍ର ପରିଲକ୍ଷିତ ହୁଏ ।

ଏକମାତ୍ର ଗଦ୍ୟଗ୍ରନ୍ଥ "ଚତୁରବିନୋଦ" ତାଙ୍କ ସୃଷ୍ଟିରେ ଯେପରି ଅଭିନବ ସେହିପରି ବହୁ ଶିଳ୍ପ-ନୈପୁଣ୍ୟର ନିଦର୍ଶନ । ତାଙ୍କ ରଚନାରେ ସମକାଳୀନ ସମାଜ ଓ ଶାସନ ବ୍ୟବସ୍ଥା ପ୍ରତି ନିର୍ଭୀକ ସମାଲୋଚନାମୂଳକ ବ୍ୟଙ୍ଗାତ୍ମକ ଦୃଷ୍ଟିଭଙ୍ଗୀ ଯୋଗୁ ସେ ଜଣେ ହାସ୍ୟରସିକ ଓ ବ୍ୟଙ୍ଗକାର ଭାବେ ଓଡିଆ ସାହିତ୍ୟରେ ସୁପରିଚିତ । ଏହି ଅନନ୍ୟ ପ୍ରତିଭାଧର ମହାନ ସାରସ୍ୱତ ପୁରୁଷ ଓଡିଆ ଜାତିର ଚିରନମସ୍ୟ ।

ମୋ: ୯୮୭୧୧୪୫୬୮୭

# ଶରଦ୍ରାସ ପଦୋଦକ



ଡ. ଶକୁନ୍ତଳା ନାଏକ ଗୁପ୍ତା

କୁଙ୍କୁମ କଣେ ଶୋଭିତ ବେଣୁପାଣି
କୋଟି କନ୍ଦର୍ପ ଗୋପାଳ ଚୂଡ଼ାମଣି ଯେ

ପରମ ପିତାମ୍ବର ପାଟ ପତନୀ
ପ୍ରଚଳାକ ଶିରୀ ମୋହେ ସୀମଥିନୀ ଯେ

ନାନାପାଞ୍ଚରେ ଗୋପଧନେ ମାଧୋଇ
ନିରତେ ମନ ଚଇତନେ ପଞ୍ଚଇ ଯେ

ପୂତ ରସାନନ୍ଦୀ ସଙ୍ଗେ ରାଧାରାଣୀ
ପାଦୁକ ରସନା କେ ବାହି ବଖାଣି ଯେ

ରୂପ ଯେବଣ ପୂର୍ଣ୍ଣଶଶୀ ଯାମିନୀ
ରାଇଦାମୋଦର ଯୁଗଳ ମୋହିନୀ ଯେ

ଶରଦେ ଅଁଳା ପଦତଳ ମୂରତି
ଶରଦ୍ରାସ ବିଜେ ଶ୍ରୀରାଧା ଶ୍ରୀପତି ଯେ

ରାଉରକେଲା

(ଶରଦ୍ରାସ – ଶରତ୍କାଳୀନ ରାସଯାତ୍ରା; କାର୍ତ୍ତିକ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ଶ୍ରୀକୃଷ୍ଣଙ୍କର ରାସୋତ୍ସବ
ପଦୋଦକ – ଚରଣାମୃତ ) ଅର୍ଥରେ

# ସତ୍ୟ ର ସ୍ୱର



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ବନ୍ଧୁ, କେବେ ଶୁଣିଛ ସେ ଆହ୍ଲାଦିତ ଡାକ
କେତେ ମଧୁରତା କେତେ ଆତ୍ମୀୟତ ଭରିଥାଏ
ସେ ଡାକରେ, ସେ ଡାକ ଶୁଣି ନଦୀମାନେ ବହୁଥାନ୍ତି
କୁଳୁ କୁଳୁ ଗାଇଗାଇ ଜୀବନ ସଙ୍ଗୀତ,
ପ୍ରଭାକର ପ୍ରକାଶରେ ଧରା ଉଦ୍ଭାସିତ
ସୁଧାକର ସୁଧା ରସେ ପଦ୍ମ ବିମୋହିତ।।

ସେ ଡାକ ଶୁଣି ପଥର ପଥର
ପାଲଟିଯାଏ ସୁନ୍ଦର ନାରୀଟିଏ
ଛିଡିଯାଏ ପାଦର ଶୃଙ୍ଖଳ
ଖୋଲିଯାଏ ହୃଦୟର ରୁଦ୍ଧ ଦ୍ୱାର
ଅମାବାସ୍ୟାର ଅମା ଅନ୍ଧାର ରଜନୀ
ହୁଏ ପୁଣି ଜ୍ୟୋତ୍ସ୍ନା ବିଧୌତ
ଶୁଷ୍କମରୁ ମରୀଚିକା କୂଳ ଲଂଘେ
ମନ୍ଦାକିନୀ ହୁଏ ପ୍ରବାହିତ
ଉଜାଣି ନଇଟା ଦୁଇଭାଗ ହୋଇଯାଏ
ଦିଶିଯାଏ ପଥିକକୁ ପଥ।।

ସେ ଡାକ ସୃଷ୍ଟିର ଆଦ୍ୟ ଝଙ୍କାର
ସେ ଡାକ ଶୁଣି କୋଇଲି ଗାଉଥାଏ
ପଞ୍ଚମ ତାନରେ,ଭ୍ରମରର ପ୍ରେମ ନିବେଦନ
ସଜଫୁଟା ଫୁଲ ଅଧରରେ,ପୁଲକିତ ତରୁଲତା

ମନ୍ଦମନ୍ଦ ମଳୟ ସ୍ପର୍ଶରେ,
ଏଇତ ସୁଭୁଛି ସେ ଡାକ ବାର ବାର
ଶୁଣ କାନ ଡେରିମୋହନ ବଂଶୀର ସୁର
ସୁସ୍ୱରରେ ବଜାଏ କିଏ ମନ ଯମୁନାର ତୀରେ।।

ଏଇତ ଆରମ୍ଭ ହେବ ସବୁ ନୂଆହୋଇ
ସବୁ ପୁରୁଣାର ଅନ୍ତ ଘଟିବସେ ସ୍ୱରର ଶ୍ରବଣ ମାତ୍ରେ
ଦୁଃଖର ପାହାଡ଼ ସବୁ ଫୁଲ ହୋଇ ବିଞ୍ଚି ହୋଇଯିବ,
ବେଦନାର ଅମାବାସ୍ୟା ରାତ୍ରିରେ ଜହ୍ନ ଉଇଁବ
ଯୋଛନାରେ ଭିଜାଇବ ମାଟିର ମନକୁ
ନାଶ ଯିବ ପୁତନା ବକାଶୁରମାନଙ୍କର ଅତ୍ୟାଚାର
ପୁଣି କଅଁଳିବ ଜୀବନ ଶୀତୁଆ ସକାଳରକାକର ଟୋପାରେ,
ଗାଇଆଳ ପିଲାଟା ଗାଈ ଚରାଇବ ସ୍ୱଛନ୍ଦ୍ୟରେ,
ବାଜୁଥିବ ମୋହନ ବଂଶୀ।।

ବନ୍ଧୁ,ଆଉ କାହା ଡାକରେ ହେଉଅଛ ବାଇ
କେଉଁ ଶବ୍ଦର ବିଚିତ୍ରାରେ ତୁମେ ହେଉଛ ଆକର୍ଷିତ
ଧାଉଁଛ ଏଣେ ତେଣେ, ମାନୁ ନାହଁ କଣ୍ଟା ଝଣ୍ଟା
ଦିନ ରାତି ଏକ କରି ପାଣି ପରି ବୁହାଉଛ
ରକତର ଧାର, ପାଉଛକି ପ୍ରଶାନ୍ତିର ମଧୁର ପରଶ
କିଏ ବୋଲି ଦଉଛିକି ଚନ୍ଦନର ଲେପଟିଏ ତପ୍ତ
ଏହି ଜୀବନର ବାଲିକୁଦ ପରେ,
ଭୁଲିଯାଅ ସେ ଅନ୍ଧାର ଗଳିର ଡାକ, ଶୁଣ
କାନଡ଼େରି ସେ ମୋହନ ବଂଶୀର ସୁର
ସେ ପରା ସତ୍ୟର ସ୍ୱର।।

ଶିକ୍ଷୟତ୍ରୀ
କେନ୍ଦ୍ରାପଡା, ଓଡିଶା

# ଅବ୍ୟକ୍ତ ବେଦନା



ଦେବିକା ମଲ୍ଲିକ

ଶରତ ଋତୁର ଶାରଦୀୟ ଦୁର୍ଗା ପୂଜା ପେଣ୍ଡାଲରେ ମେଲୋଡ଼ିର ଆସର ଜମିଥାଏ। ଜନପୂର୍ଣ୍ଣ ପରିବେଶଟି ବହୁତ ସୁନ୍ଦର ଲାଗୁଥାଏ। ସମସ୍ତ ଲୋକ ପେଣ୍ଡାଲ ନିକଟରେ ଚାଲିଥିବା ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରୁଥାନ୍ତି।ନାଚିବାକୁ ଆସିଥିବା ଦଳ ମାନଙ୍କ ମଧ୍ୟରେ ଥାଏ ମିସ୍ ନୀରା। ଧୀରେ ଧୀରେ ନାଚର ଆସର ବଢ଼ିବାକୁ ଲାଗିଲା। ସମସ୍ତଙ୍କ ନାଚ ଭିତରେ ନୀରାର ନାଚ ଥିଲା ସବୁଠାରୁ ଭିନ୍ନ। ଦର୍ଶକ ମାନଙ୍କ ହୃଦୟକୁ ସ୍ପର୍ଶ କରୁଥିଲା। ବୋଧହୁଏ ନାଚିବାକୁ ଆସିଥିବା ଏହି ଦଳଟିକୁ ନୀରା ହିଁ ଏକାକୀ ସମ୍ଭାଳିବାର ସକ୍ଷମ ଥିଲା। ପେଣ୍ଡାଲ ତଳେ ଥିବା ଲୋକମାନେ ନୀରାର ନାଚରେ ମୁଗ୍ଧ ହୋଇ ପୁରସ୍କାର ପ୍ରଦାନ କରୁଥାନ୍ତି। ନୀରା ପୁରସ୍କାର ସ୍ୱରୂପ ପାଇଥିବା ସେହି ଟଙ୍କା କୁ ଦେଖେ, ଆଉ କଣ ଗୋଟେ ଭାବି ବସେ। କିଛି ସମୟ ପୂର୍ବରୁ ହସ ଆନନ୍ଦର ପରିପୂର୍ଣ୍ଣତା ଥିବା ଆଖି ଦୁଇଟିରେ ବିଷାଦର ଛାଇ ମାଡ଼ିଆସେ। ପୁଣି ପ୍ରକୃତିସ୍ଥ ହୁଏ ନୀରା, କର୍ମରେ ମନ ବଳାଏ । ମନର ଅନ୍ଧାରି ଭିତରେ ଥିବା କୋହକୁ କାହା ଆଗରେ ପରିପ୍ରକାଶ କରିପାରେ ନାହିଁ। ପୁନଶ୍ଚ ମନ ଦିଏ ସେହି ନାଚ ଉପରେ, ଯାହାକୁ ଦେଖି ଲୋକ ଖୁସି ହେଉଛନ୍ତି। ତା' ର ଖୁସିକୁ ବା କିଏ ପଚାରେ..?

ଘରଠୁ ଆରମ୍ଭ କରି ସାଇପଡିଶା ପର୍ଯ୍ୟନ୍ତ ସମସ୍ତେ ତାକୁ କେତେ କଥା କହିଛନ୍ତି।ଯାହାର ମନ ଯାହା ହେଲା ସେ ତାକୁ ଆସି କହି ଦେଇଗଲା । ହେଲେ ତା' ର ବି ଗୋଟିଏ ମନ ଅଛି। ତା' ର ବି ଗୋଟିଏ ହୃଦୟ ଅଛି। ସେ ବି ମଣିଷ। ତା' ର ବି ହସିବାର କ୍ଷମତା ଅଛି।ସେ ବି କାନ୍ଦି ପାରେ। ଧୀରେ ଧୀରେ ସେ କାନ୍ଦିବା ଭୁଲିଯାଇଛି। ମନରୁ ପାସୋରି ଦେଇଛି ଲୁହର ଏକ ସଂଜ୍ଞାକୁ। ଦୁଃଖର ପାହାଡ଼ ଭିତରେ ବି ସର୍ବଦା ଖୁସି ହେବାର ପ୍ରତିମୂର୍ତ୍ତି ହୋଇ ଠିଆ ହୋଇଛି।

ରାତ୍ରିର ଅନ୍ଧାର ଧୀରେ ଧୀରେ ବଢ଼ିବାକୁ ଲାଗିଛି। ହେଲେ ପାର୍ବଣର ମାହୋଲରେ ଲାଗିଥିବା ବିଜୁଳିର ବଲବ ରେ ରାତ୍ରିର ଘନ ଅନ୍ଧାର ବି ମଳିନ ପଡ଼ିଯାଇଛି। ଦିନର ଆଲୋକ ପରି ପ୍ରତ୍ୟୟମାନ ହେଉଛି ଏତେ ସବୁ ପରେ ବି ରାତ୍ରିର ସୀମା ଟପି ନ ଯିବାକୁ ସରକାରଙ୍କ ଆଦେଶ। ନୀରାର ନାଚକୁ ଛାଡ଼ି ଯିବାକୁ ହୁଏତ କାହାର ଇଛା ନାହିଁ,ହେଲେ ସରକାରଙ୍କ ଆଦେଶକୁ ତ କେହି ଉଲଘଂନ କରିପାରିବେ ନାହିଁ। ଧୀରେ ଧୀରେ ପରିପୂର୍ଣ୍ଣ ଜନତା ଶୂନ୍ୟ ହେବାକୁ ଲାଗିଛନ୍ତି। ସମସ୍ତ ଦୋକାନୀ ନିଜର ଦୋକାନ ବି ବନ୍ଦ କରି ସାରିଲେଣି । ସମସ୍ତ ଡ୍ୟାନ୍ସ ଗ୍ରୁପ୍ ନିଜର ନିଜର ଇନଷ୍ଟ୍ରୁମେଣ୍ଟକୁ ବାନ୍ଧିବାକୁ ଲଗିଲେଣି। ସମସ୍ତ ସାମଗ୍ରୀ ଗାଡ଼ିରେ ଲଦା ହେଲାଣି।ସମସ୍ତ ସଦସ୍ୟ ଅର୍ଥାତ୍ ସିଙ୍ଗର, ଡ୍ୟାନ୍ସର, ମ୍ୟୁଜିସିଆନ୍ ମାନେ ବି ଗାଡ଼ିରେ ବସିଲେ। ହେଲେ ନୀରାର ଦେଖା ନାହିଁ। ସମସ୍ତେ ଖୋଜିଲେ ନୀରା କାହିଁ ? ଶୂନଶାନ୍ ରାତିରେ ମୃନ୍ମୟୀ ଦୁର୍ଗା ମୂର୍ତ୍ତିଙ୍କ ପାଦ ପଦ୍ମ ତଳେ ବସି ଭୋ ଭୋ ହୋଇ କାନ୍ଦୁଥାଏ ସେ। ଦୀର୍ଘ ଦିନର କୋହକୁ ସେ ଛାତି ତଳେ ଜମାଟ ବାନ୍ଧିସାରିଥିଲା। ହେଲେ ଆଜି ତାକୁ ମହମ ପରି ତରଳାଇ ଦେଇଛି ମା ଦୁର୍ଗା ଙ୍କ ପାଖରେ। ମନେ ପକାଇଛି ତାର ମାଆକୁ। ଦୀର୍ଘ ପନ୍ଦର ବର୍ଷ ତଳୁ ଯାହାକୁ ସେ ଛାଡ଼ି ଚାଲିଆସିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ପାଠ ସହିତ ନାଚ ପ୍ରତି ବି ତାର ଥିଲା ଦୁର୍ବଳତା।ନାଚକୁ ସେ ତା ' ର ଜୀବନ ବୋଲି ଭାବିନେଇଥିଲା। ହେଲେ ଏମିତି ପରିବର୍ତ୍ତନ ଦେଖାଯିବା ଅସ୍ୱାଭାବିକ। ତାକୁ ନିଜକୁ ବି କେମିତି କେମିତି ଲାଗିଲା। ଧୀରେ ଧୀରେ ସେ ନିଜକୁ ଝିଅ ରୂପେ ସଜାଇ ହେଲା। ନିଜର ବେଶ ଭୂଷା, ସାଜସଜ୍ଜା ରେ ପରିବର୍ତ୍ତନ ପରିଲକ୍ଷିତ ହେଲା। ହେଲେ ଏଇ ସମାଜର ଲୋଲୁପ ଦୃଷ୍ଟି ତା ' ଉପରେ ପଡ଼ିଲା। ସମାଜ କଥା ତ ନିଆରା, ତା ବାପା ବି ତାକୁ ଗାଳି ଦେଇ,ଘରୁ ବାହାରି ଯିବାକୁ କହିବାକୁ ପଛାଇଲେ ନାହିଁ। ହେଲେ ମାଆ ମନ ସମ୍ଭାଳି ହେଲା ନାହିଁ। ସ୍ୱାମୀଙ୍କ ଗୋଡ଼ ତଳେ ପଡି ନେହୁରା ହୋଇ କହିଲେ, ତାକୁ ଘରୁ ବାହାର କରି ଦିଅନି।ହେଲେ ସେଦିନ ତା ବାପା ଶୁଣିନଥିଲେ ତା ମାଆ ର କଥାକୁ।ସେଦିନ ସେ ଘରୁ ବାହାରି ଆସିଥିଲା । ସମାଜକୁ ସାମ୍ନା କରିବା ପାଇଁ ନିଜକୁ ପ୍ରସ୍ତୁତ କଲା।

ସମାଜଟା ବି ଗୋଟେ ଅଜବ। କେବଳ ସେ ଗ୍ରହଣ କରେ ପୁରୁଷ ଓ ନାରୀ ଜାତିକୁ। ହେଲେ ତୃତୀୟ ଲିଙ୍ଗକୁ ସେ କ 'ଣ ପାଇଁ ଗ୍ରହଣ କରିପାରେ ନାହିଁ। ତୃତୀୟ ଲିଙ୍ଗର ସ୍ଥାନ କେଉଁଠି ? ଯଦି ସମାଜରେ ସ୍ଥାନ ନାହିଁ ତା ପରି କିନ୍ନର ମାନଙ୍କର ତାହେଲେ ଭଗବାନ ତାଙ୍କୁ ସୃଷ୍ଟି କରୁଛନ୍ତି କାହିଁକି ? ସେ ବାର ବାର ନିଜକୁ ପ୍ରଶ୍ନ ପଚାରିଛି। ନିଜର

ପ୍ରଶ୍ନର ବାଣରେ ନିଜେ ଆଘାତ ହୋଇଛି ସତ ହେଲେ ତାର ଉତ୍ତର ପାଇପାରି ନାହିଁ। ଧୀରେ ଧୀରେ ନିଜକୁ ସେ ସଂପୂର୍ଣ୍ଣ ବଦଳାଇ ଦେଇଛି। ନିରଞ୍ଜନ ରୁ ନୀରା ହୋଇ ସମାଜ ଆଗରେ ଠିଆ ହୋଇଛି। ଯେତେବେଳେ ସେ ପୁଅ ହୋଇ ଝିଅର ବ୍ୟବହାର କରୁଥିଲା, ସମାଜ ତାକୁ ଗ୍ରହଣ କରୁନଥିଲା। ହେଲେ ଆଜି ଲୋକଙ୍କର କରତାଳି, ପୁରସ୍କାର ସ୍ୱରୂପ ଟଙ୍କା ତା ଉପରେ ପୋତି ହୋଇଯାଇଛି। ତା' ର ସଂପୂର୍ଣ୍ଣ ବଦଳିଯିବାଟାକୁ ସମାଜ ଗ୍ରହଣ କରିନେଇଛି।

ଶେଷଥର ପାଇଁ ସେ ତା ଘରକୁ ଯାଇଥିଲା ନୀରା ବେଶରେ । ତା' ର ମାଆ ତାକୁ ଏକ ଅଚିହ୍ନା ଝିଅ ଭାବି ବସିବାକୁ କହିଥିଲେ ସତ କିନ୍ତୁ, ମୁହୂର୍ତ୍ତକ ଭିତରେ ସେ ଜାଣି ପାରିଥିଲେ ସେ ହେଉଛି ତାଙ୍କ ପୁଅ ନିରଞ୍ଜନ। ବିଗତ ଦିନର ସମସ୍ତ କାହାଣୀ ସେ ତା ମାଆ ଆଗରେ ବର୍ଣ୍ଣନା କରିଥିଲା। କିପରି ଲିଙ୍ଗ ପରିବର୍ତ୍ତନ କରାଇଲା,କିପରି ପ୍ଲାଷ୍ଟିକ ସର୍ଜରୀ କରାଇ ନିଜକୁ ନିରଞ୍ଜନରୁ ନୀରାରେ ପରିବର୍ତ୍ତନ କରିଛି। ଅତୀତର ଦୁଃଖପୂର୍ଣ୍ଣ କାହାଣୀ ସବୁ ଶୁଣି ତା' ର ମାଆ ତାକୁ କୁଣ୍ଢାଇ ପକାଇ ଅନେକ ସମୟ କାନ୍ଦିଥିଲେ। ନୀରାବି ମାଆର ପଣତରେ ମୁହଁ ଲୁଚେଇ ଅନେକ କାନ୍ଦିଥିଲା।ବାପାଙ୍କ ଡରରେ ମାଆ ପାଖରୁ ସେଦିନ ସେ ଚଞ୍ଚଳ ଚାଲିଆସିଥିଲା।

ଦୁର୍ଗା ମୂର୍ତ୍ତି ତଳେ ବସି ଅତୀତର ସ୍ମୃତିକୁ ମନେ ପକାଇ କାନ୍ଦୁଥିବା ବେଳେ ହଠାତ୍ କେହି ଜଣେ ତା ପିଠି ଉପରେ ହାତ ପକାଇ ଧୀରେ କରି ଆଉଁସି କହିଲେ ମା' ରେ କ'ଣ ହୋଇଛି ତୋର ? କଣ ପାଇଁ କାନ୍ଦୁଛୁ ? ତଳକୁ ମୁହଁ କରି କାନ୍ଦୁଥିବା ନୀରା ମୁଣ୍ଡକୁ ଉପରକୁ ଉଠାଇବ କି ନାହିଁ କିଛି ସମୟ ଭାବିଲା, ସେଇ ଲୋକଟିର ସ୍ୱର ଶୁଣି ସେ ଠଉରେଇ ନେଲା ଯେ ଏ ସ୍ୱର ତା ବାପାଙ୍କର।ହେଲେ ଏତେ ରାତିରେ ! ସମସ୍ତ ଲୋକ ତ ଘରମୁହାଁ ହେଲେଣି, ବାପା କ'ଣ କରୁଛନ୍ତି ? ଧୀରେ ଧୀରେ ମୁଣ୍ଡ ଉପରକୁ ଉଠାଇଲା। ତା' ବାପା ତାକୁ କହିବାକୁ ଲାଗିଲେ ତୁମେ ନୀରା ନା ? ତୁମ ନାଚ ବହୁତ ସୁନ୍ଦର ଲାଗୁଥିଲା। ମୋର ଗୋଟିଏ ପୁଅ ଥିଲା ତୁମ ପରି ନାଚୁଥିଲା,ହେଲେ ମୁଁ ତାକୁ ହରାଇ ଦେଇଛି । ଭବିଷ୍ୟତର ସାହାରା ଥିଲା ସେ ମୋର । ସମାଜର ଦୃଷ୍ଟି ଠାରୁ ତାକୁ ବଞ୍ଚାଇବାକୁ ଯାଇ ରାଗରେ ଘରୁ ବାହାର କରିଦେଲି ହେଲେ ବାପାର ହୃଦୟ କ'ଣ କେବେ ସନ୍ତାନ ଉପରେ ରାଗିପାରେ। ସନ୍ତାନ ତ ସନ୍ତାନ ନା । ସେ ଝିଅ ହେଉ ବା ପୁଅ ଅବା ତୃତୀୟ ଲିଙ୍ଗ। ମୁଁ ସିନା ତାକୁ ଗ୍ରହଣ କରିବି, ଯେହେତୁ ସେ ମୋର ସନ୍ତାନ । ହେଲେ

ପୁଅ ହୋଇ ଝିଅର ହାବ ଭାବ, ଝିଅର ଚାଲି ଚଳନୀ, ଝିଅର ବେଶଭୂଷାକୁ ଏ ସମାଜ କ'ଣ ଗ୍ରହଣ କରିବ ? ସମାଜ ଆଖିରେ ଥଟ୍ଟା ପରିହାସର ଶିକାର ହେବ। ସେଥିପାଇଁ ତାକୁ ଘରୁ ବାହାର କରିଦେଇଥିଲି । ହୁଏତ ସେ ଆଜି ନିଜ ଗୋଡ଼ରେ ଠିଆ ହେବା ଶିଖିଯାଇଥିବ । ସମାଜ ସହ ମିତ୍ରତା କରିସାରିଥିବ । ହେଲେ ମୋର ଅବସୋସ ରହିଗଲା । ଜୀବନର ଶେଷ ଅବସ୍ଥାରେ ତାକୁ ଦେଖି ପାରିଲି ନାହିଁ । ଭାବିଥିଲି ସେ କେବେ ନା କେବେ ଘରକୁ ଫେରିବ। ହେଲେ... ! ଦୁର୍ଗାଙ୍କ ପାଖରେ ଗୁହାରି କରିବାକୁ ଆସିଥିଲି ମୋ ପୁଅକୁ ମୋ ପାଖକୁ ଫେରାଇ ଦେବା ପାଇଁ।

ଏତେ ସବୁ କଥା ଶୁଣି ନୀରା ଜୋର ରେ କୁଣ୍ଢାଇ ପକାଇଛି ତା'ର ବାପାଙ୍କୁ । କୋହଭରା କଣ୍ଠରେ କହିଛି ବାପା ମୁଁ ତୁମର ପୁଅ ନିରଞ୍ଜନ । ଯିଏ ଆଜିର ନୀରା ହୋଇ ସମାଜ ସହ ମିତ୍ରତା କରିଛି । ନୀରାର ବାପା ଆଶ୍ଚର୍ଯ୍ୟ ହୋଇ ନୀରାକୁ ଚାହିଁଲେ । ଯାହା ଆଗରେ ସେ ଏତେ ସମୟ ଧରି ନିଜର ଅବ୍ୟକ୍ତ ବେଦନାକୁ ବ୍ୟକ୍ତ କରିସାରିଲେଣି ସେ ହିଁ ହେଉଛି ତାଙ୍କ ପୁଅ ନିରଞ୍ଜନ । ଯିଏ ନୀରା ହୋଇ ତାଙ୍କ ସାମ୍ନାରେ ଠିଆ ହୋଇଛି । ସେଇ ସମୟରେ ଡ୍ୟାନ୍ସ ଗ୍ରୁପ୍ ର ଜଣେ ସଦସ୍ୟ ନୀରାକୁ ଡାକି କହିଲା ତତେ କେତେ ଖୋଜିଲୁଣି । ଡେରି ହେଲାଣି ଗାଡ଼ି ଛାଡ଼ିବ ଚାଲ୍ ଯିବା । ତା'ର କଥା ସରିଛି କି ନାହିଁ ନୀରାର ବାପା କହିବାକୁ ଲାଗିଲେ ସେ ମୋ ଝିଅ, ମୋ ସହ ଘରକୁ ଯିବ । ଏଇ କଥା ଶୁଣି ନୀରାର ଆନନ୍ଦ କହିଲେ ନସରେ । ବାପାଙ୍କ ହାତକୁ ଧରି ନୀରା ବି ଛୋଟ ଶିଶୁଟି ପରି ଚାଲିଲା ଘର ଅଭିମୁଖେ । ମା ଦୁର୍ଗାଙ୍କୁ ମନେ ମନେ ଅନେକ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ନିଜର ବାପାଙ୍କ ପାଇଁ ବି ଅଜସ୍ର ଧନ୍ୟବାଦ ତା'ର ହୃଦୟରୁ ଝରିପଡୁଥାଏ। ଆଉ କହୁଥାଏ ସମସ୍ତଙ୍କୁ ତା ଭଳି ବାପଟିଏ ମିଳନ୍ତୁ ।

ଅଧାପିକା,ଦେବୀ କନ୍ଦଳ ନତ୍ୟାନନ୍ଦ ଡିଗ୍ରୀ ମହାବିଦ୍ୟାଳୟ,
ଏରଞ୍ଚ, କଟକ

# ପରାଜୟରେ ବିଜୟ



କୁଞ୍ଜବିହାରୀ ରାଉତ

ମୁଁ ଜାଣିଶୁଣି ହାରିଯାଏ ତୁମରି ପାଖରେ
କାରଣ ତ ସେମିତି କିଛି ନଥାଏ
ତେବେ ମୋ ହାରିବାରେ ମୋ ଜିତିବାଟା ଥାଏ,
ରଙ୍ଗହୀନ ଦୁନିଆରେ ସେ ବି ରଙ୍ଗହୀନ
କେବଳ ମୁଁ ଦେଉଛି ରଙ୍ଗ ମୋ' ଭାବନାକୁ
ମୋ କଲମମୂନ ଦୃଢ କରିବାକୁ
ଗ୍ରୀଷ୍ମ ପରେ ବର୍ଷା, ବର୍ଷା ପରେ ଶୀତ
ଏତ ଚିରନ୍ତନ ସତ୍ୟ
ହେମନ୍ତ,ଶରତ,ବସନ୍ତ,ସବୁ ଲୁଚିଛପି ଆସନ୍ତି
ନିଜ ପରିଚୟ ପାଇବା ପୂର୍ବରୁ
ସମୟର କରାଳ ଗହ୍ୱରେ ଲୁଚିଯାଆନ୍ତି
ଜୋସ୍ନାବିଧୌତ ଅଗଣାରେ ଏକୁଟିଆ ଫୁଲଟିଏ ମୁଁ
ରଙ୍ଗ ମୋର ହଜିଛି, ବାସ୍ନା ମୁଁ ଭୁଲିଛି
କେବଳ ମୋ'ସ୍ଥିତିକୁ ଜାହିର କରିବା ପାଇଁ
ଫୁଲଟିଏ ହୋଇ ଫୁଟିଛି ।
ପ୍ରିୟା ମୋର ଆସେ ମୋ' ପାଖକୁ ଠିକ୍ ବର୍ଷା ପରି
କେତେବେଳେ ବର୍ଷିଯାଏ
ପୁଣି କେତେବେଳେ ବିଜୁଳି ଦେଖାଇ ଲୁଚିଯାଏ
ତଥାପି ଚାତକ ପକ୍ଷୀ ପରି ଚାହିଁଥାଏ,
ସମୟକୁ ପଛରେ ପକାଇ ତା' ବାଟ ଦେଖୁଥାଏ,

ହଜାରେ କବିତା ଲେଖିଲେ ବି
ତାହା ମୂଲ୍ୟହୀନ ହୋଇଯାଏ
ବାସିଫୁଲର ପାଖୁଡା ପରି ଆପେ ଝଡିଯାଏ
ମାତ୍ର ତୁମ ନାମକୁ ଥରୁଟିଏ ଲେଖିଦେଲେ
ତାହା ମୂଲ୍ୟବାନ ହୋଇଯାଏ,
ନିଃସଙ୍ଗୀ ଆକାଶରେ ତାହା
ଚନ୍ଦ୍ର ପରି ଚିକଚିକ କରୁଥାଏ।
ତୁମ ମୋହିନୀ ରୂପ,ବାକ୍ପଟୁତାରେ ମୁଁ ସମ୍ମୋହିତ
କିନ୍ତୁ କେବେବି ନୁହେଁ ମୁଁ ପରାସ୍ତ ସୈନିକ
ଅବା ନିରାଶ ପ୍ରେମିକ
ସମୟର ତାଡନାରେ ପାଲଟିଯାଇଛି ମୁଁ
ଜୁଳୁଜୁଳିଆ ପୋକ
ସ୍ନେହ ଯେବେ ଚିରନ୍ତନ ଝରିକେବେ ଯାଏନା
ପ୍ରୀତି ତୁମ ଉଚ୍ଛୁଳା ନଇ ବନ୍ଧନ କିଛି ମାନେନା
ତୁମକୁ ପାଇବା ପାଇଁ ମୁଁ
ସ୍ତୁତି ପରଖୁଛି ମୋରି ପାଖରେ
ଆଉ ତୁମକୁ ହରାଇବା ପାଇଁ
ତୁମ ପାଖରେ ଜାଣିଶୁଣି ହାରିଯାଏ
କାରଣ ମୋ'ହାରିବାରେ ମୋ' ଜିତିବାଟା ଥାଏ।।

ପ୍ଲଟ-୧୪୮/୫,କଣ୍ଟ୍ରାକ୍ଟର କଲୋନୀ,ହମିରପୁର
ରାଉରକେଲା-୩,ମୋ=୯୦୯୦୦୯୦୨୨୫

# ସମ୍ପର୍କର ପରିଭାଷା



ଜୟଶ୍ରୀ ପଟ୍ଟନାୟକ

ସମ୍ପର୍କ ଯୋଡ଼ିଲାବେଳେ
କେବେ ଭାବି ନ ଥିଲି
କେଉଁ ଜାତି, କେଉଁ ଗୋତ୍ର, ସମ୍ପ୍ରଦାୟ କଣ
ନାରୀକୁ ଭେଟିବି ଅବା ପୁରୁଷକୁ
ମିଛକୁ ଭେଟିବି ନା ନଗ୍ନସତ୍ୟକୁ ।

ସମ୍ପର୍କ ମାନେ ତ ଏମିତି
ଯୋଉଠି ଖୋଜାଯାଏନି
ରକ୍ତ, ଅସ୍ଥି, ମଜ୍ଜା, ଭଲ କି ଭେଲ
ସମ୍ପର୍କ ତ ସମ୍ପର୍କ

ଯେଉଁଠି ଅନୁରାଗର ଝର୍କା ଖୋଲିଦେଲେ
ମିଶିଯାଏ ହାତ ସହ ହାତ, ମନ ସହ ମନ
ଦୁଃଖ ସହ ଦୁଃଖ, ଆଉ ଲୁହ ସହ ଲହୁ
ଯେତେସବୁ ବ୍ୟୂହର ଅଭେଦ ଅନ୍ଧାର
ଲାଗୁଥାଏ ଫର୍ଚ୍ଚା ଆକାଶ ପରି ।
ଦିଶୁଥାଏ ଗୋଟିଏ ସୁନ୍ଦର ପୃଥିବୀ
ଯେଉଁଠି ଆତ୍ମା ସହ  ଆତ୍ମାର
ହେଉଥାଏ ସୁନ୍ଦର ମିଳନ
ଶୁଭୁଥାଏ ସ୍ନେହ ଭାଇଚାରାର ମାଙ୍ଗଳିକ ଧ୍ୱନି ।

ପ୍ରଚ୍ଛଦପଟରେ ଦିଶୁଥାଏ ଆଣ୍ଠୁଲୁଚା
ଖଦଡ଼ ପିନ୍ଧା ଜଣେ ମଣିଷ
ଅହିଂସା ଅସହଯୋଗର ମୂର୍ତ୍ତିମନ୍ତ ପ୍ରତୀକ
ଯା କଣ୍ଠରୁ ଭାସି ଆସୁଥାଏ
ଈଶ୍ୱର ଆଲ୍ଲା ତେରୋ ନାମ
ସବକୋ ସନମତି ଦେ ଭଗବାନ ।

ଯା'ର ଦୁଇଭୁଜରେ ଥାଏ ବାଡ଼ି ଓ ଗୀତାବହି
ଆଖିରେ ଗୋଲ ଚଷମା
ଯନ୍ତ୍ରଣାସିକ୍ତ ସ୍ୱରରୁ ଭାସି ଆସୁଥାଏ
ହେ ରାମର କରୁଣ ସ୍ୱର
ମାନବିକତାର ଚଟାଣରେ ଦିଶୁଥାଏ
କ୍ରାନ୍ତିକାରୀଙ୍କ ପଦଚିହ୍ନ ।

ଯା'ର ସୁପ୍ତ ଆଖିରେ ଏବେ ବି
ଉଡୁଥାଏ ତ୍ରିରଙ୍ଗା ପତାକା
କୋଟି ନରନାରୀଙ୍କ ମୁଖରୁ
ଅନୁରଣିତ ହେଉଥାଏ ଗୋଟିଏ ଗୁଞ୍ଜନ
ଜୟ ଭାରତର ଜୟ
ଜୟ ଭାରତର ଜୟ ।

ଗଙ୍ଗନଗର, ଭୁବନେଶ୍ୱର

# ଚନ୍ଦ୍ର ଆମ ସମୟର



ପୁଷ୍ପାଞ୍ଜଳି ପଣ୍ଡା

କେମିତି ଗ୍ରହଣ କରିହେବ ଯେ!
ହୃଦୟ ବିଦାରି ହୋଇଯାଉଛି
ଦୁଃଖରେ ଫାଟିଯାଉଛି ଛାତି।
ମା ଟି ର ବୁକୁଫଟା ବିଳାପ
ପୁଅ ପାଇଁ, ସ୍ଵାମୀ ପାଇଁ,
ଝରୁଥିବା ଅବିଶ୍ରାନ୍ତଲୁହ ର ଝରଣା,
ପରିବାର ଶୁନ୍ୟ ମଣିଷ ଟିର
ଶୁନ୍ୟ ଆଖିର ବିକଳ ଦୃଷ୍ଟି।
ଏଠି,ସେଠି,ସବୁଠି ।
ଛେଉଣ୍ଡ ହେବାର,ନିରବି ଯିବାର,
କଥାକୁହା କରୁଣ ଚିତ୍ର, ଆମ ସମୟର।
ଓହୋଃ, ପ୍ରାଣ ଟା କାନ୍ଦିଉଠୁଛି।
ଚିହ୍ନା ଅଚିହ୍ନା ସଭିଙ୍କପାଇଁ।
ସତରେ ଏ ମହାମାରୀ
ସବୁକଣ ଦେବସାରି
ଜୀବନର ଶେଷ ଆଶା ଭରସାର
ଡାଳଖଣ୍ଡେ ଭାଙ୍ଗି ଯିବ
ଏମିତି ଶହ ଶହ କରି!!!
ଅଦୃଶ୍ୟ ଶତ୍ରୁ ର ର କେତେ ଅହଙ୍କା ସତେ!
ଆତ୍ମା ପ୍ରଳାପ କରୁନି,ସତ ବଖାଣୁଛି।

ସତେକଣ,ବଞ୍ଚିବାର
ସଂଘର୍ଷ ଓ ସଂଘାତ ର ବେଳ
ସରି ସରି ଆସୁଛି....!!
ଏ କି ବିଡ଼ମ୍ବନା !
କଳକଳ ଛଳଛଳ ଧାବମାନ ଜୀବନର ଚକ୍ର
ଏମିତି ସ୍ଥିର, ନିଶ୍ଚଳ ହେଇଯିବ!!
ଭୀତତସ୍ତ ସୂର୍ଯ୍ୟାଲୋକ,ଚନ୍ଦ୍ରାଲୋକ
ଅନନ୍ତ ବକ୍ଷରେ ସତେ ଲୁଚିଯିବ!!
ଉଜୁଡି ଗଲାଣି ଏଠି ହସର ଫସଲ,
ଖିନ ସ୍ୱପ୍ନ ର ମହଲ
ଏଇ ଅଛି ଏଇ ନାହିଁ ଖେଳରେ
ମସଗୁଲ୍ ମୃତ୍ୟୁ ର ତାଣ୍ଡବ।
ହେ ମହାପ୍ରୁ,କେବେ ଆଉ
ଏ ଦୁଃଖ ଘୁଞ୍ଚିବ?
ରୋଗମୁକ୍ତ, ହସଯୁକ୍ତ ମଣିଷ ର
ପ୍ରିୟ ପରିଜନର ମୁହଁ
ଏ ଆଖି ଦେଖିବ!!!
ରୋଗଗ୍ରସ୍ତ,ଦୁଃଖ ଗ୍ରସ୍ତ ବିଶ୍ୱ ଜୀବନକୁ
ରୋଗମୁକ୍ତ,କୃପାଯୁକ୍ତ କର ହେ ମାଧବ।।

ଷ୍ଟାଟିଷ୍ଟିକାଲ ଅଫିସର
ଯାଜପୁର

# ଜେଜେମାର ଭାବ



ଡକ୍ଟର ବିଜ୍ଞାନୀ ଦାସ

ଜେଜେମା ବାଲକୋନରେ ଥାଇ ଡାକ ଗ୍ଭଲିଥିଲ୍ ଓ ଓଡିଆରେ କହି ଗ୍ଭଲିଥିଲ୍ । ପୁନମ୍ କନ୍ତୁ ଶୁଣୁନଥିଲ୍ । ସିଏଯେତିକ ଦୂରତାରେ ଥିଲ୍, ତାକୁ ନଷ୍ଟୟ ଶୁଭୁଥିବ । ହେଲେ ତାକୁ ଯେ ଜେଜେମା ଡାକୁଛି, ସେକଥା ସିଏ ବୁଝିବା କଷ୍ଟ । କାରଣ ସିଏ ବିପରୀତ ଦିଗକୁ ମୁହଁ କରିଥିଲ୍ । ତେଣୁ ଜେଜେମାର ମୁହଁକୁ ପଢିବାର ସୁଯୋଗ ନଥିଲ୍ ।

ଏହି ସମୟରେ ଛନ୍ଦା ଭିତରୁ ବାଲକୋନକୁ ଆସି ପଗ୍ଭରିଲ୍, "କାହିଁକି ଏତେ ବଡ ପାଟିରେ କାହାକୁ ଡାକୁଛୁ ?"

ଜେଜେମା କହିଲ୍, "ଅଳଆ ବାହାରେ ରଖିବାକୁ ଭୁଲି ଯାଇଥିଲି । କେତେବେଳେ ସେ ନୁନ ଆସି ଗ୍ଭଲିଗଲ୍, ଜାଣିପାରିଲିନ । ହେଇ, ଏବେ ତ ସିଏ ଏଇଠି ଅଛି । ତାକୁ ଡାକୁଛି, ସିଏ ଶୁଣୁନ ।"

ଏମିତି କହି ସିଏ ପୁଣି ଡାକବାରେ ଲ୍ଗିଲ୍ । "ଏ ନୁନ, ଏ ନୁନ, ଆମ ଅଳଆ ନେଇଯା ।"

"ତୁ ତାକୁ ନୁନ ଡାକୁଛୁ, ସିଏ କେମିତି ଜାଣିବ ?ତା' ନାଁ ତ ପୁନମ୍ ।'

ଅସଲ କଥା ହେଲ୍ ଜେଜେମାର ଖୁଡୁତାଶୁରଙ୍କର ନାମ ପୂର୍ଣ୍ଣଚନ୍ଦ୍ର । ତେଣୁ ସିଏ ସେ ନାଁ ଧରେନ । ଛନ୍ଦା ଯଦିଓ ଏ ନାଁ ଧରାଧରି ବିଷୟରେ ଜାଣିଥିଲ୍, ତେବେ ପୁନମ୍‌କୁ ଯେ ସିଏ ନୁନ ଡାକବ, ସେ ବିଷୟରେ ଏତେଟା ଖିଆଲ ଦେଇନଥିଲ୍ । ଅନ୍ୟ ଓଡିଆ ଯେଉଁମାନେ

ସବୁ ଷ୍ଟାଫ୍ ହଷ୍ଟେଲ୍ ରେ ରହୁଥିଲେ, ଜେଜେମା ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଏମିତି ସବୁ ଅଲଗା ନାଁ ଦେଇଥିଲା । ଜୟା ଭାଉଜଙ୍କୁ ସିଏ "ଗୁଇନା' ବୋଲି ଡାକୁଥିଲା କାରଣ ତାରଜଣେ ଦେଢ଼ଶୁରଙ୍କର ନାଁ ଥିଲା ଜୟପ୍ରକାଶ । ସେମିତି ପୂର୍ଣ୍ଣିମା ଭାଉଜଙ୍କୁ ଓ ଜୟନ୍ତ ବାବୁଙ୍କୁ ବି ସିଏ ଅଲଗା ଅଲଗା ନାଁ ଦେଇଥିଲା । ସେମାନେ ସବୁ ଓଡିଆ ଥିଲେ । ଏ ନାଁ ଧରା କଥା ବୁଝୁଥିଲେ ଓ ଗ୍ରହଣ କରିନେଇଥିଲେ । ଏବେ ସିଏ ଏ ମହାରାଷ୍ଟ୍ରିଆନ୍ ମାନଙ୍କୁ ଯଦି ସେଇ ଧାରାରେ ଡାକବ, ତାକୁ କିଏ ବୁଝିବ ? ତେଣୁ ଛନ୍ଦା ପୁନମ୍‌କୁ ଡାକିଲା । ପୁନମ୍ ଆସିଲା ପରେ, ବାଲକୋନିରୁ ଅଳିଆ ବାଲ୍‌ଟିଟା ଦେଲା । ପୁନମ୍ ଅଳିଆ ସବୁ ଗୋଟିଏ ବଡ ଜରି ବ୍ୟାଗରେ ଅଜାଡି ଅଳିଆ ବାଲ୍‌ଟି ଫେରେଇଦେଲା । ଏବେ ଛନ୍ଦା ପୁନମ୍‌କୁ ବୁଝେଇଦେଲା । "ଜେଜେମା ହିନ୍ଦୀ ବୁଝେନି । ତାପରେ ଦେଢ଼ଶୁରର ନାଁ ସମାନ ବୋଲି ସିଏ ପୁନମ୍‌କୁ ନୁନ ବୋଲି ଡାକିବ । ତେଣୁ ପୁନମ୍ ଯେମିତି ନୁନ ଡାକରେ ଜେଜେମାକୁ ଶୁଣିବ । ସେଇ କଥା ହେଲା । କିଛିଦିନ ପରେ ଷ୍ଟାଫ୍ ହଷ୍ଟେଲ୍‌ର ଅଳିଆ ସଂଗ୍ରହକ ପୁନମ୍ ସହିତ ଜେଜେମାର ପଟିଗଲା । ସିଏ ଏବେ ବେଳେବେଳେ ଜେଜେମା ସହିତ ଦୁଃଖସୁଖ ହୁଏ । ନାତୁଣୀ ଛନ୍ଦା ପି.ଏଚ୍.ଡି କରୁଥାଏ । ତେଣୁ ସିଏ ଚାଲିଯାଏ ଡିପାର୍ଟମେଣ୍ଟକୁ । ନାତୁଣୀ ଜୁଆଇଁ ଆକାଶ ଚାକିରି କରୁଥାନ୍ତି ପ୍ରୋଜେକ୍ଟ୍ ଇଞ୍ଜିନିୟର୍ ଭାବେ । ସିଏ ବି ତାଙ୍କ କାମକୁ ଚାଲିଯାଆନ୍ତି । ଆଇ.ଆଇ.ଟି ବମ୍ବେର ଷ୍ଟାଫ୍ ହଷ୍ଟେଲ୍‌ର ସେ କ୍ୱାର୍ଟରରେ ଦିନସାରା ରହିଥାଏ ଜେଜେମା । ଛନ୍ଦା ଓ ଆକାଶଙ୍କର ଶିଶୁ କନ୍ୟା ଆଶା ସହିତ ତାର ଜୀବନଚର୍ଯ୍ୟା ଚାଲେ ।

ଛନ୍ଦା ଓ ଆକାଶ ଯଦିଓ ମଝିରେ ମଝିରେ ଆସିପାରନ୍ତି, ତେବେ ଘରର ଦାୟିତ୍ୱ ହିଁ ବୁଝେ ଜେଜେମା । ଘର ଝାଡୁ ପୋଛା କରିବାକୁ ଆସେ କିରଣ । ସିଏ ବାସନ ମଜାମଜି ଓ ଲୁଗା ସଫା କାମ ମଧ୍ୟ କରେ । କିରଣ ସହିତ କଥାବାର୍ତ୍ତା କରି କାମ ଆଦାୟ କରେ ଜେଜେମା। ପ୍ରଥମେ କିରଣ କାମରେ ଫାଙ୍କି ଥିଲା । ସେଇଠି ଅଳିଆ ପଡିଥିବ, ସିଏ ଝାଡୁ କରିନଥିବ। ଲୁଗାପଟାରେ ଦାଗ ରହିଥିବ, ମଳିଆ ରହିଥିବ । ସଫା ହୋଇନଥିବ । ବାସନରେ ଅଇଁଠା କୋଉଠି ରହିଯାଇଥିବ । ଏ କଥା ସବୁ ଯାଞ୍ଚ କରେ ଜେଜେମା । ପ୍ରଥମେ କିରଣ ଜେଜେମାକୁ ବୁଝିପାରୁନି ବୋଲି ପ୍ରତିବାଦ କରୁଥିଲା । ତାପରେ ପୁଣି ବୁଝିଲା । ଏବେ କିରଣ ସହିତ ଜେଜେମାର ଦୁଃଖସୁଖ ଚାଲେ ।

ଥରେ କିରଣ ଡେରିରେ ଆସିଲା । ପ୍ରତିଦିନ ସିଏ ଦିନ ୯ଟା ବେଳକୁ ଆସେ । ସେଦିନ ୧୧ଟା ବାଜିଲାଣି । ତଥାପି କିରଣର ଦେଖା ନାହିଁ । ଛନ୍ଦା ଘରେ ଥାଏ । ଝିଅର ଟିକା ନେବାର ଥାଏ । ତେଣୁ ତାକୁ କ୍ଲିନିକ୍‌କୁ ନେଇକରି ଯିବାରଥାଏ । ଏଣେ କିରଣ ଆସିନି । ଘର ଝାଡୁ ପୋଛା ହେଇନି । ଛନ୍ଦା ଝିଅକୁ ନେଇ ୧୧ଟାରେ ବାହାରିଗଲା । ସିଏଘଣ୍ଟାଏ ପରେ ଫେରିବା ବେଳକୁ କିରଣ କଣ ଆସି ଖାଲି ଝାଡୁ ଦେଇ ଆଉ କାହା ଘରେ କାମ କରିବାକୁ ଯାଇଛି । ତାପରେ ଆସି କପଡା ସବୁ ଧୋଇବ । ଜେଜେମା ଗପିଗଲା କିରଣ ବିଷୟରେ । "ଆଜି ତା' ବାପା ମରିଗଲା । ବିଚାରି ଭାରି କାନ୍ଦୁଥିଲା ।'

ତା' ବାପା ମରିଗଲା । ଏତେ ବଡ କଥା । ସିଏ ପୁଣି କାମ କରିବାକୁ ଆସିଲା । ହଉ, ସିଏ ଯଦି ପୁଣି ଆମ ଘରକୁ ଆସେ, ତୁ ତାକୁ ପଚାଶ ଟଙ୍କା ଦେଇଦେବୁ ଓ କହିବୁ ସିଏ ଅନ୍ତତଃ ତା' ମା ପାଖରେ କିଛି ସମୟ ରହିବ ଓ ସେ ଟଙ୍କା ତା' ବାପାର ଶୁଦ୍ଧିକ୍ରିୟାରେ ଖର୍ଚ୍ଚ କରିବ । ଆମେ ଦିନେ ଦୁଇଦିନ ଚଳେଇନେବା ।'

ଏମିତ କଥାବାର୍ତ୍ତା ଚାଲିଥିବା ବେଳେ କିରଣ ଆସିଲା । ଛନ୍ଦା ତାକୁ କହିଲା, "ତୁ ଯା । ଆଜି ଆମେ ଚଳେଇନେବୁ । ତୋ ମା' ସହିତ କିଛି ସମୟ ରହ । ସିଏ ବିଚାରି ଅଧୈର୍ଯ୍ୟ ହେଉଥିବ ।'

କିରଣ କହିଲା, "ନା ମ ଆଣ୍ଟି, ମୋ ବାପା ସତରେ ଯମପୁରକୁ ଯାଇନି । ଆଜି ତା' ମୁଠକୁ ପିତ୍ତ ଚଢିଗଲା । ମଦ ପିଇବ ବୋଲି ମା'କୁ ଟଙ୍କା ମାଗିଲା । ମା' ନ ଦେବାରୁ ତାକୁ ପିଟିଗଲା । ତାପରେ ଆମକୁ ମାଗିଲା । ଆମେ ନ ଦେବାରୁ ଆମକୁ ପିଟିବାକୁ ଆସିଲା । ମା' ତାକୁ ଅଟକେଇବାରୁ ମା'କୁ ଆହୁରି ପିଟିଗଲା । ସେଇଥିପାଇଁ ଆମ ସମସ୍ତଙ୍କର ଆଜି ଡେରି ହେଲା ।'

କିରଣର ଆଉ ଗୋଟିଏ ସାନ ଭଉଣୀ ଥାଏ । ତା' ନାଁ ଗୌରୀ । ସିଏ ବି ସେମିତି ବାଇ କାମ କରେ । କିରଣର ମା' ଓ ସାନ ଭଉଣୀ ଦୁହେଁ ଦେଖିବାକୁ ଭାରି ସୁନ୍ଦର । ଠିକ୍ ବଲିଉଡ୍‌ର ହିରୋଇନ୍ ମାନଙ୍କ ଭଳି । ଡେଙ୍ଗା, ଗୋରା ଓସୁନ୍ଦର ଗଢଣର । କିରଣ ଟିକେ ଉଚ୍ଚତାରେ ସାନ ଓ ତା' ଚେହେରା ତା' ବାପାର ଚେହେରା ସହିତ ମିଶେ ବୋଲିସିଏ

କହେ। ସେଦିନ କିରଣ ସହିତ କଥା ହୋଇ ଛନ୍ଦା ନିଜ ଡିପାର୍ଟମେଣ୍ଟକୁ ଗଲା । ଘରକୁ ଫେରିବା ପରେ ବୁଝିଲା ଜେଜେମା କିରଣଠାରୁ କେତେ ଅଧିକ କାହାଣୀ ସଂଗ୍ରହ କରିଛି । "ଜାଣିଲୁ, ଏ କିରଣର ବାପଟା ସହଜେ ତ ମଦୁଆ, ହେଲେ ତା' ମାକୁ ସିଏ ସନ୍ଦେହ କରୁଛି। ତା' ମା ଟା ଏଡେ ସୁନ୍ଦରିଆଟିଏ ହେଇଛି ତ । କାଳେ କାହା ସହିତ ସଂପର୍କ ରଖୁଛି, ସେଇ କଥା ଭାବିଭାବି ସିଏ ଆଜି ଏମିତି କାଣ୍ଡ କଲା ।'

"ତୁ କେମିତ ଜାଣିଲୁ ?'

"ମଲା କିରଣ କହିଲା ।'

"କିରଣ ତ ହିନ୍ଦୀରେ କହିଥବ । ତୁ ସବୁ ବୁଝିପାରିଲୁ ।'

"ଏ ହିନ୍ଦୀ କଣ, ଓଡିଆ କଣ, ସବୁ ତ ସେଇ ଏକା ଭାଷା । ମୁଁ ସବୁ ବୁଝିପାରିଲି ।'

ଜେଜେମା ଏମିତି ହିଁ ଯୁକ୍ତି କରେ । "ଆଗେ ଯେତେବେଳେ ଭାଷା ନଥିଲା, ଲୋକ ତ ପୁଣି ଠରାଠରି, ହାତ ହଲାହଲି କରି କଥାବାର୍ତ୍ତା ହୋଉଥିଲେ । ଇଏ କି ଭାଷା ବାହାରିଗଲା ଯେ ହିନ୍ଦୀ, ବଙ୍ଗଳା ସବୁ ହେଇଗଲା । ସବୁ ତ ସେଇ ଓଡିଆ ଭାଷା । କଣ ଇଆଡୁ ସିଆଡୁ ସବୁ ମିଶେଇ ତାକୁ ହିନ୍ଦୀ, ବଙ୍ଗଳା କରିଦେଇଛନ୍ତି ।'

ତା' ଯୁକ୍ତିରେ ସିଏ ରହିଥାଏ । ପରଦିନ କିରଣକୁ ଖୋଳିତାଡି ପଚାରିବାରୁ ସିଏ ସେଇ କଥା କହିଲା । ଏବେ ଜଣାପଡିଲା ଜେଜେମାର ଦକ୍ଷତା ବିଷୟରେ । ଭାଷା ନ ବୁଝି, ନ ଜାଣି ବି ଅନ୍ୟ ସହିତ ସଂପର୍କ ରଖିବାର ଏକ ଅଭିନବ କଳା ତାକୁ ଜଣା ଥିଲା ।

ସେମିତି ପୁନମ୍ ଠାରୁ ମଧ୍ୟ ସିଏ ତା' ବିଷୟରେ ଅନେକ କଥା ସଂଗ୍ରହ କରିଥିଲା । ଭାରତରେ ଲୋକମାନେ ବିଶେଷ କରି ଅନ୍ୟମାନଙ୍କ ବିଷୟରେ ଜାଣିବାକୁ ଅନେକ ଆଗ୍ରହୀ। ବେଳେବେଳେ ଛନ୍ଦା ଜେଜେମାର କୌତୁହଳ ଦେଖି ଆଶ୍ଚର୍ଯ୍ୟ ହୁଏ । ପାଖ କ୍ୱାର୍ଟର୍ ମାନଙ୍କରେ ରହୁଥିବା ସମସ୍ତଙ୍କ ବିଷୟରେ ତାର ଜାଣିବାକୁ ଇଚ୍ଛା । ସେମାନେ

ସମସ୍ତେ ଭାରତର ବିଭିନ୍ନ ପ୍ରଦେଶରୁ ଆସି ସେଠାରେ ରହିଥାଆନ୍ତି । ଡକ୍ଟର୍ ମେହେରୋତ୍ରା ଉତ୍ତରପ୍ରଦେଶର ଲୋକ । ଦେବବାଣୀ ଚୌଧୁରୀ ପଶ୍ଚିମବଙ୍ଗର ଝିଅ । ଅନିଲ୍ କୁମାର ବିହାରର ଲୋକ । ସେମାନଙ୍କ ସହିତ ଜେଜେମାର ଅନେକ ସଂପର୍କ । ଆଉଜଣେ ଥାଆନ୍ତି, ଡକ୍ଟର ସୁଧାକର ଓ ତାଙ୍କ ପତ୍ନୀ ଲକ୍ଷ୍ମୀ, ସେମାନେ ମାଡ୍ରାସ୍ର । ସେମାନଙ୍କ ଭାଷା ମଧ୍ୟ ଜେଜେମା ବୁଝିପାରେ । କେବେକେବେ ବିଭିନ୍ନ ରକମର ପିଠା କରି ସିଏ ସେମାନଙ୍କ ଘରେ ଦେଇଆସେ ।

ସେମାନେ ବେଳେବେଳେ ତାଙ୍କ ଅଞ୍ଚଳର ଖାଦ୍ୟ ବି ଛନ୍ଦା ଘରେ ଦେଇଯାଆନ୍ତି । ସମସ୍ତେ ଜେଜେମାକୁ ଭଲପାଆନ୍ତି । ଦେବବାଣୀ ସହିତ ତା' ଭାଇ ମଧ୍ୟ ରହୁଥାଏ । ସେମାନଙ୍କ ଭାଷା ବଙ୍ଗାଳୀ ଥିବାରୁ ଜେଜେମା ତାଙ୍କ ଭାଷା ଭଲରେ ବୁଝିପାରେ ଓ ସେମାନେ ମଧ୍ୟ ତା' କଥା ବୁଝିପାରନ୍ତି । ଅତଏବ, ଭାଷା ନ ଜାଣିବାର ଯେଉଁ ଅକ୍ଷମତା, ସାଙ୍କେତିକଭାଷା ମାଧ୍ୟମରେ ସିଏ ତାର ସମାଧାନ କରିଦେଇଥାଏ ।

ଥରେ ପୁନମ୍ ବିଷୟରେ ସିଏ ଏମିତି ଗପିଲା - "ଜାଣିଛୁ, ପୁନମ୍ ପୁଅର ବାହାଘର ହେଉଛି । ସେଥିପାଇଁ ସିଏ ତା' ପିଲାପିଲି ଧରି ଗାଁକୁ ଦି ଦିନ ପରେ ଯିବ । ପନ୍ଦର ଦିନ ଖଠ ଆସିବନି ।'

ଛନ୍ଦା ପଚାରିଲା, "ସିଏ କଣ ତତେ ନିମନ୍ତ୍ରଣ କଲା ନାଁ କଣ ?'

"ନାଁ, ମତେ କାହିଁକି ନିମନ୍ତ୍ରଣ କରିବ, ତମ ମାନଙ୍କ ପାଇଁ କାର୍ଡଟିଏ ଦେଇଯାଇଛି ।'

ସତକୁ ସତ କାର୍ଡଟିଏ ଦେଇଥିଲା ପୁନମ୍ ।

ଗୋଟିଏ ଲଫାପାରେ ୫୦ ଟଙ୍କା ରଖି ପୁନମ୍କୁ ତା' ପରଦିନ ଦେଇଦେବାକୁ କହି ଛନ୍ଦା ଜେଜେମାକୁ ଧରେଇଦେଲା ।

ପୁନମ୍ ଫେରିବା ପରେ ସିଏ ମଧ୍ୟ ତା' ସାଙ୍ଗରେ ଗପ କରି ନୂଆବୋହୂ ବିଷୟରେ ଅନେକ ତଥ୍ୟ ସଂଗ୍ରହ କରିଥିଲା । ଯଦିଓ ତାର ସତ୍ୟାସତ୍ୟ ପରୀକ୍ଷା କରିବାକୁ ଛନ୍ଦା ପକ୍ଷରେ ସମୟ ନଥିଲା, ତେବେ ସତ ନ ହୋଇଥିବାର ବି କାରଣ ନାହିଁ । ପୁନମ୍‌ର ବୋହୂ ପାଞ୍ଚ ଭାଇରେ ଗୋଟିଏ ବୋଲି ଝିଅ । ତାକୁ ବହୁତ ସୁନା ଗହଣା ସେମାନେ ଦେଇଛନ୍ତି । ପୁନମ୍‌ର ପୁଅ ବମ୍ବେର ଘାଟକୋପାରରେ ଗୋଟିଏ ଦୋକାନରେ କାମ କରେ । ରୋଜଗାର ମନ୍ଦ ନୁହେଁ । ସେ ପିଲା ବି ବି.ଏ. ପାସ୍ କରିଛି । ହେଲେ ଏକଥା ଯେତେବେଳେ ଛନ୍ଦା ତାର ଗୋଟିଏ ମରାଠୀ ସାଙ୍ଗ ଠାରୁ ଶୁଣିଲା, ଯାହାର ଘର ମଧ୍ୟ ପୁନମ୍‌ର ଗାଁ ପାଖରେ ଥିଲା, ଜେଜେମାର ତଥ୍ୟକୁ ଅବିଶ୍ୱାସ କରିବାର କୌଣସି କାରଣ ରହିଲାନି ।

ଏମିତି ସବୁ ଜୀବନଚର୍ଯ୍ୟା ଚାଲିଥିଲା । ସେ ଷ୍ଟାଫ୍ ହଷ୍ଟେଲରେ ଆହୁରି ତିନିଟି ଓଡିଆ ପରିବାର ରହୁଥିଲେ । ଏହା ଛଡା, ଅନେକ ଓଡିଆ ଛାତ୍ରମାନେ ସବୁ ଥିଲେ । କିଏ ବି.ଟେକ୍. କରୁଥାଏ ତ କିଏ ଏମ୍.ଟେକ୍. ଓ ପି.ଏଚ୍.ଡି କରୁଥାନ୍ତି । ସେମାନେ ସବୁ ବିଭିନ୍ନ ହଷ୍ଟେଲ୍ ମାନଙ୍କରେ ରହୁଥାନ୍ତି ଓ ସମୟ ସମୟରେ ଯିବା ଆସିବା କରନ୍ତି । ଏଣୁ ଜେଜେମାର ସମୟ କଟିଯାଏ । ତାକୁ ଏକୁଟିଆ ଲାଗେନି । ଜୟା ଭାଉଜଙ୍କ ପୁଅ କାହ୍ନା ଜନ୍ମ ହେବା ପରେ ତାର ପ୍ରଥମ ଜନ୍ମଦିନ ପାଳନ କରାହେଲା । ସେ ସମୟରେ ଜୟା ଭାଉଜଙ୍କ ଶାଶୁ ଆସି କିଛିଦିନ ରହିଥିଲେ । ଜେଜେମାକୁ ସାଙ୍ଗ ମିଳିଗଲା । ଏମିତି କିଛିଦିନ ସୁଖେଦୁଃଖେ କଟିଗଲା । ଦୁଃଖ କହିବାର ଅର୍ଥ ହେଲା, ସେତେବେଳେ ତ ଏତେ ସବୁ ସୁବିଧା ନଥିଲା । ପିଲାର ଝାଡା, ପରିସ୍ରା ପାଇଁ ଡାଇପର୍ ନଥିଲା ଓ କପଡା ବ୍ୟବହାର କରିବାକୁ ପଡୁଥିଲା । ସେସବୁ କପଡା ଧୋଇବା, ଶୁଖେଇବା, ଯତ୍ନକରି ରଖିବା କିଛି ସହଜ କଥା ନୁହେଁ । ଆଉ ସେମାନଙ୍କୁ ଯେଉଁ କ୍ୱାର୍ଟର୍ ମିଳିଥିଲା, ସେଇଟା ଆମେରିକାର ଗୋଟିଏ ଶୋଇବା ଘର ଥିବା ଆପାର୍ଟମେଣ୍ଟ ଠାରୁ ବି ସାନ । ସେଇ ଗୋଟିଏ ଘର ସହିତ ବାଥ୍ ରୁମ୍ ଟିଏ ଥିଲା । ବାସ୍ । ଛୋଟ ବାଲ୍‌କାନି ଟିଏ ଥାଏ । ସେଇଠି ଷ୍ଟୋଭରେ ରୋଷେଇ ହୁଏ । ନାଁ ଟିଭି ଥିଲା, ନାଁ ଫ୍ରିଜ୍ । ସେସବୁ ସେତେବେଳେ ସାଧରଣ ଲୋକଙ୍କ ପାଇଁ ପ୍ରାଚୁର୍ଯ୍ୟ । ଝିଅ ଆଶାକୁ ଦୁଇବର୍ଷ ହେବା ପରେପରେ ଆକାଶଙ୍କୁ ବାଙ୍ଗାଲୋରରେ ଚାକିରି ମିଳିଲା । ସିଏ ବାଙ୍ଗାଲୋର୍ ଗଲେ । ଏଣୁ ଷ୍ଟାଫ୍ ହଷ୍ଟେଲ୍‌ରୁହଷ୍ଟେଲ୍ ୧୧କୁ ଓ ପରେ ବିହାର୍ ହାଉସ୍‌କୁ ଛନ୍ଦାକୁ ଯିବାକୁ ପଡିଲା । ବିହାର୍ ହାଉସର ପଡୋଶୀରେ ଥିଲେ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତି ରାମଲାଲ୍ ଯାଦବ । ସିଏ

ପି.ଏଚ୍.ଡି. କରୁଥିଲେ । ତାଙ୍କ ସହିତ ତାଙ୍କ ସ୍ତ୍ରୀ ସୁରମା ଓ ସାନ ଝିଅ ଅରୁଣିମା ରହୁଥିଲେ । ଅରୁଣିମା ଓ ଆଶା ଏକା ବୟସର । ତେଣୁ ସେମାନେ ସାଙ୍ଗ ହୋଇଯାନ୍ତି । ଆଉ ଜେଜେମା ସହିତ ସାଙ୍ଗ ହୋଇଯାଏ ସୁରମା । ସେମାନେ କେତେକଥା ଗପନ୍ତି । ଥରେ ଜେଜେମା ଖବରଦେଲା ଯେ ସୁରମା ବାଲ୍ୟ ବିବାହ କରିଥିଲା । ସେଥିପାଇଁ ବେଶି ପାଠ ପଢିନି । ମାଇନର୍ ପାସ୍ କରିବା ପରେପରେ ତା' ବାହାଘର ହୋଇଥିଲା । ସୁରମା ବି ସେମିତି ଦେଖାହୁଏ । ଆଇ.ଆଇ.ଟି କ୍ୟାମ୍ପସରେ ଥାଇ ବି ସିଏ ସବୁବେଳେ ମୁଣ୍ଡର ଲୁଗା ଦେଉଥାଏ । ଯାବତୀୟ ଓଷା, ବ୍ରତ କରେ । ଝିଅ ଆଶାକୁ ଓ ଜେଜେମାକୁ ବେଳେବେଳେ ବିଭିନ୍ନ ରକମର ମିଠାଇ କରି ଖୁଆଏ । ଛନ୍ଦା ସହିତ ତାର ଦେଖାହୁଏ କମ୍। କିନ୍ତୁ ତା' ବିଷୟରେ ଟିକିନିଖି ଖବର ଥାଏ ଜେଜେମା ପାଖରେ ।

ଥରେ ଛନ୍ଦା ଡିପାର୍ଟମେଣ୍ଟରୁ ଫେରିବା ପରେ ଜେଜେମା ମୁଣ୍ଡର ହାତ ଦେଇ ବସିଛି । ଆଶା କୁଆଡେ ଯାଇଛି, ମିଳୁନି । ଛନ୍ଦାର ମୁଣ୍ଡ କଣ ହେଇଗଲା । ସିଏ ଜେଜେମା ଉପରେ ବର୍ଷିଗଲା । "ଏଡେ ଟିକେ ଛୁଆ । କୁଆଡେ ଚାଲିଗଲା । ତୁ ତାକୁ ଛାଡିଦେଲୁ କେମିତି ?'

ଜେଜେମା କାନ୍ଦକାନ୍ଦ ହୋଇଗଲା । "ସିଏ ତ ଅରୁଣିମା ସାଙ୍ଗରେ ତାଙ୍କ ଘରେ ଖେଳୁଥିଲା । ତା' ଖାଇବା ବେଳ ହେବାରୁ ମୁଁ ତାଙ୍କ ଘରକୁ ଯାଇ ଦେଖେ ତ, ସିଏ ସେଠି ନାହିଁ । ତା' ମା' ବି ଭାବିଥିଲା ସେମାନେ ଆମ ଘରେ ଥିବେ । ହେଲେ ସେ ଦି ଜଣ କୁଆଡେ ଚାଲିଗଲେ, ଆମେ ଖୋଜିଖୋଜି ନୟାନ୍ତ ହେଲୁଣି ।' ପଡୋଶୀର ଲୋକମାନେ ବି ସେତେବେଳକୁ ଏ ପିଲାମାନଙ୍କୁ ଖୋଜିବାରେ ବ୍ୟସ୍ତ ଥାଆନ୍ତି । ସମସ୍ତଙ୍କର କବାଟ ବାଡେଇ, କଲିଂବେଲ୍ ଟିପି ଜେଜେମା ଯାଇ ସମସ୍ତଙ୍କର ସାହାଯ୍ୟ ଲୋଡିଥାଏ । ସେତେବେଳେ ତ ଏମିତି ସମସ୍ତଙ୍କ ପାଖରେ ଫୋନ୍ ନଥିଲା ଯେ କାହାକୁ ଗୋଟିଏ ଡାକିଦେବ, ସବୁ କାମ ଚଟାପଟ୍ ହୋଇଯିବ । ଏମିତି ଘଣ୍ଟାଏ ଦୁଇଘଣ୍ଟା ଖୋଜାଖୋଜି ଚାଲିଲା । ତାପରେ ଦେଖିବା ବେଳକୁ ଆଶା ଓ ଅରୁଣିମା ଦୁଇଜଣ ଯାକ ସାଙ୍ଗ ହୋଇ ସମିର୍ କ୍ୟାମ୍ପସ୍‌କୁ ପଳେଇ ଯାଇଥିଲେ । ସେଠି ଜଣେ କେହି ସେମାନଙ୍କୁ ଦେଖି ସେମାନଙ୍କ ଠାରୁ ରାସ୍ତା ଅନୁମାନ କରି ତାଙ୍କୁ ବିହାର୍ ହାଉସ୍‌କୁ ଆଣୁଥିଲେ ।

ଗୋଟିଏ ବଡ ଗ୍ରହ କଟିଗଲା । ତେବେ ଜେଜେମା ସେଇ ଦିନରୁ ସାବଧାନ ହୋଇଗଲା । ଆଶାକୁ ଗୋଡେଗୋଡେ ଜଗିଲା । ସୁରମା ବି ଅତି ନିରୀହ ମଣିଷ । ସିଏ ନିଜେ ବି କୁଆଡେ ଗଲେ ବାଟ ଜାଣି ଫେରି ପାରିବନି ।

ଅତଏବ, ସେ ଦୁଇଜଣ ଏବେ ଏ ଦୁଇ ପିଲାଙ୍କୁ ପାଳି କରି ଜଗିଲେ । ସୁରମା ଯେମିତି ଜେଜେମାର ଝିଅ କି ବୋହୂ । ଯେତେବେଳେ ଦେଖ, ସେ ଦୁଇଜଣଙ୍କର କଥାବାର୍ତ୍ତା ଚାଲିଛି। ଜେଜେମାଠାରୁ ସୁରମା କିଛି ଓଡିଆ ପିଠା କରିବା ଶିଖିଗଲା । ତାପରେ ଥରେ ନିଜେ ପିଠା କରି ଛନ୍ଦାକୁ ଖୁଆଇଲା । "ବାଃ, ସୁରମା, ତମେ ତ ପୁରା ଓଡିଆ ଘରରପିଠା ତିଆରି କରି ଦେଇଛ ।ସୁରମା ଜେଜେମାର ପ୍ରଶଂସାରେ ମୁଖର ହୋଇ କହିଲା, "ମା ଜୀ ନେ ମୁଝେ ଶିଖାୟା ସବ୍ କୁଛ୍ ।'

ଏମିତି ଥିଲା ଜେଜେମାର ଭାଷା ନ ବୁଝି ବି ବନ୍ଧୁତା କରିବା ଓ ବନ୍ଧୁତା ବଜାୟ ରଖିବାର ଭାବ ଓ ଜୀବନ ଦର୍ଶନ । ସିଏ କୌଣସି ସମସ୍ୟାକୁ ସମସ୍ୟା ବୋଲି ଡରି ନଯାଇ, ତାର ସମାଧାନ ଅଛି ବୋଲି ଭାବି ଦେଉଥିଲା । ତେଣୁ କିଛିନା କିଛି ସମାଧାନର ଉପାୟ ବାହାର କରିଦେଉଥିଲା ।

ସେମିତି ଏକ ସମସ୍ୟା ଆସିଥିଲା ଯେତେବେଳେ ଆକାଶ ଓ ଛନ୍ଦା ଥରେ ଜେଜେମାକୁ ହଷ୍ଟେଲରେ ଛାଡି ସମସ୍ତେ ଓଡିଶା ଯାଇଥିଲେ । ଝିଅ ଆଶାକୁ ସେତେବେଳେ ଜମା ଚାରି ମାସ । ଯେହେତୁ ଜେଜେମାର ଶରୀର ଟିକେ ମୋଟା ଥିଲା ଓ ଗୋଡରେ ଚଲାବୁଲା କରିବା କଷ୍ଟ ହେଉଥିଲା, ସିଏ ରହିଗଲା । କାହିଁକି ଏତେ କଷ୍ଟରେ ଯିବ, ପୁଣି କଷ୍ଟ କରିଫେରିବ। ସେତେବେଳେ ତ ଆଉ ଉଡାଜାହାଜରେ ଯିବାର କ୍ଷମତା ନଥିଲା କାହାର । ଯାଇଯାଇ ଟ୍ରେନ୍‌ର ଯିବ । ଧକଡ ଚକଡ ହୋଇ ପୁଣି ବସ୍ ଧରି ନିଜ ଗାଁରେ ପହଞ୍ଚୁ ପହଞ୍ଚୁ ତିନିଦିନ ଲାଗିଯିବ କହିଲେ ଚଳେ । ତାପରେ ଅନ୍ୟ ସାଙ୍ଗସାଥୀ ମାନେ ତ ଥିଲେ। ସେମାନେ ଭରସା ଦେଲେ । ସେଇ ସମୟରେ ଛନ୍ଦା ଓ ଆକାଶଙ୍କର ଜଣେ ସାଙ୍ଗ ଯିଏ ଦିଲ୍ଲୀ ଚାଲିଯାଇଥିଲେ, ବମ୍ବେ ଆସିଥିଲେ ଓ ଷ୍ଟାଫ୍ ହଷ୍ଟେଲ୍ ଆସିଲେ । ଘରେ ସେଦିନ କେବଳ ଆଳୁ ଛଡା ଆଉ କିଛି ପରିବା ନଥିଲା । ହେଲେ ସେଇ ଆଳୁରେ ଆଳୁରେ, ପାଞ୍ଚ ରକମ କରି, ତରକାରୀ, ଭର୍ତ୍ତା, ଭଜା, ବଡି ଓ ଆମ୍ବୁଲ ସହିତ ମିଶେଇ ତରକାରୀ ଓ

ଡାଲମାରେ ଆଳୁ ପକେଇ ଛୁଙ୍କ ଦେଇ ସିଏ ତାଙ୍କ ଚର୍ଚ୍ଚା କରିଥିଲା । ପରେ ଯେତେବେଳେ ସେ ସାଙ୍ଗଙ୍କ ସହିତ ଭେଟ ହୋଇଥିଲା, ସିଏ କହୁଥିଲେ, "ଆଇଙ୍କୁ ମାନିବାକୁ ପଡିବ । ଆଳୁରେ ଆଳୁରେ ସିଏ ସେଦିନ ମତେ ଭୋଜି ଦେଇଦେଲେ ।'

ହଠାତ୍ କିଏ ଯଦି କିଛି ଶବ୍ଦ ହିନ୍ଦୀରେ କହିଲା ଓ ସିଏ ବୁଝିପାରୁନଥିଲା, ସିଏ ଛନ୍ଦାକୁ ପଚାରୁଥିଲା । "କହିଲୁ ମତେ, ସେ ମେହେରୋତ୍ରା ମତେ ଶୁକ୍ରିୟା କାହିଁକି କହିଲା ? ତା ମାନେ କଣ ?' ଯେତେବେଳେ ସିଏ ଶୁକ୍ରିୟାର ଅର୍ଥ ଜାଣିଗଲା, ସେତେବେଳେ ବ୍ୟବହାର କରିବାକୁ ଲାଗିଲା । କିଏ ଯଦି କିଛି ସାହାଯ୍ୟ କଲା କି ଖାଦ୍ୟ ଆଣି ଦେଇଯାଉଥିଲା, ତାକୁ ଶୁକ୍ରିୟା କହିବା ଆରମ୍ଭ କରିଦେଲା । ଆଉ ଥରେ ପଚାରିଲା, "ଆଲୋ ସେ ମେହେରୋତ୍ରାରମାଇପ ମତେ ନାନୀ କାହିଁକି ଡାକୁଛି । ମୁଁ କଣ ତା' ଭଉଣୀ ଭଳି ଦିଶୁଚି। ଆମ ଗାଁରେ ତ ବ୍ରାହ୍ମଣ ଘରେ ବଡ ଭଉଣୀକୁ ନାନୀ ବୋଲି ଡାକନ୍ତି । ସିଏ ମତେ ନାନା କାହିଁକି ଡାକୁଛି କହିଲୁ ?' ଛନ୍ଦା ବୁଝେଇଦେଲା, ହିନ୍ଦି ଭାଷାରେ ଆଇକୁ ନାନୀ ବୋଲି ଡାକନ୍ତି । ସେ ଦିନରୁ ସିଏ ଖୁସି ହେଲା । ଯାହାହେଉ ସମସ୍ତେ ତାକୁ ନିଜର ଭାବୁଛନ୍ତି ।

ଆଜି ଜେଜେମାର ଏକାଦଶାହ କାର୍ଯ୍ୟକ୍ରମରେ ଏହି ସବୁ କଥା ଛନ୍ଦାର ମନକୁ ଆସୁଥିଲା । ନଭେମ୍ବର ମାସ ୨୪ ତାରିଖରେ ୧୧୩ ବର୍ଷ ବୟସରେ ସିଏ ଶେଷ ନିଃଶ୍ୱାସ ତ୍ୟାଗ କଲା। ଛନ୍ଦା କି ଆକାଶ ତ ଆଉ ଓଡିଶା ଯାଇପାରିଲେନି ।ଯାହା ବି ଯିବାକୁ ଭାବିଥାନ୍ତେ, ଆସିଗଲା କୋଭିଡ୍-୧୯ର ନୂଆ ରୂପ, ଓମିକ୍ରନ୍ ପ୍ରତିରୂପ । ସେଥିପାଇଁ ଜେଜେମାର ସ୍ମରଣାର୍ଥେ ମନ୍ଦିରରେ ଛୋଟ ଏକ ଆୟୋଜନ ହୋଇଥିଲା । ଭଜନରୁ ଆରମ୍ଭ ହେଲା । ଭଜନ ପରେ ପ୍ରସାଦ ପାଇବାର ବ୍ୟବସ୍ଥା ଥିଲା । ଏବେ ମନ୍ଦିର ପାଇଁ ଯେଉଁ ପୂଜକ ଜଣକ ଅସ୍ଥାୟୀ ଭାବେ ଆସିଛନ୍ତି, ସିଏ କେବଳ ହିନ୍ଦୀ ଓ ବଙ୍ଗଳା ଭାଷା ବୁଝନ୍ତି । ଇଂରାଜୀ କି ଓଡିଆ ବୁଝି ପାରନ୍ତିନି । ତେଣୁ ଆକାଶ କେତେଜଣ ବଙ୍ଗଳା ଜାଣିଥିବା ସାଙ୍ଗକୁ କହୁଥିଲେ, "ଟିକେ ପଣ୍ଡିତଙ୍କ ସହିତ ବଙ୍ଗଳାରେ କଥାବାର୍ତ୍ତା କର ।ତାଙ୍କୁ ଭଲ ଲାଗିବ । ନହେଲେ ସିଏ ଆମ ଓଡିଆ ଭାଷା ତ ବୁଝି ପାରିବେନି ।'

ସେତିକି ବେଳେ ଛନ୍ଦା କହିଲା, "ସମସ୍ତେ ନିଜ ନିଜର ଭାଷାରେ କଥାବାର୍ତ୍ତା କର । ସମସ୍ତେ ସବୁ ବୁଝିବେ । ମଣିଷ ପରା ପଶୁପକ୍ଷୀଙ୍କର ଭାଷା ବି ବୁଝୁଛି । ଆଉ ଗୋଟିଏ ମଣିଷର ଭାଷା ବୁଝିବନି କେମିତି ?'

ସମସ୍ତେ ଛନ୍ଦାକୁ "ଆଁ" କରି ଚାହିଁ ରହିଲେ । ଛନ୍ଦା ଗପି ଚାଲିଲା ଜେଜେମାର ଭାଷା ଓ ଭାବର ଦର୍ଶନ ବିଷୟରେ ।

ଉତ୍ସର୍ଗ - ଏହି ଲେଖାଟି ମୋର ଜେଜେମା ଶ୍ରୀମତୀ ଶୋଭାରାଣୀ ଜେନାଙ୍କ ପାଇଁ ଉତ୍ସର୍ଗ କରୁଛି । ନଭେମ୍ବର ୨୪, ୨୦୨୧ ମସିହାରେ ସିଏ ଆମମାନଙ୍କୁ ଛାଡି ସ୍ୱର୍ଗବାସୀ ହେଲା ।

ରଦର୍‌ଫୋର୍ଡ ୱେ, ଡେଟନ୍,ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

# ଅନନ୍ତ ଅଙ୍କବିହାରୀ



ଡ. ଅର୍ଜୁନ ଚରଣ ବାରିକ୍

ଶ୍ରୀଭୁଜେ ଦୟଣା ଶୋହେକେରୀ କେରୀ ବକ୍ଷଶ୍ରୀ ବତ୍ସଲାଞ୍ଛିନ ।
ଅନନ୍ତ ଅଙ୍କ ବିହାରୀ ମଧୁହାରୀ ନୀଳମଣି ନାରାୟଣ ।୧।

ବିନତା ନନ୍ଦନ ଯାହାର ବାହାନ ଧ୍ଵଜାରେ ଶ୍ରୀ ହନୁମାନ ।
ନାମ ବ୍ରହ୍ମଯାର ଜପି ବିଭିଷଣ ଲଭିଲା ଅମର ପଣ ।୨।

ଶରଣ ବତ୍ସଅ ନଳର ଦୁଲାଳ କେଶବ ଜଗୁ ଜୀବନ ।
ବାରଣ ଏଣୀ ତାରଣ ନାରାୟଣ ଭଜରେ ପାଗଳା ମନ ।୩।

ରିଷ୍ଟ ନାଶକାରୀ ହରି ଦନୁଜାରୀ କରେ ମୂରଲୀ ମୋହନ ।
କରିତ କରମା ସେ କାଳିଆସୁନା ଶ୍ରୀମନ୍ଦିର ଯା ଭବନ ।୪।

ଅଗତି ଗତିଦାୟକ କଳାମୁଖ ନରହରି ଜନାର୍ଦ୍ଦନ ।
ଧ୍ୟାନକର ମନ କମଳନୟନ ମାଧବ ମଧୁସୂଦନ ।୫।

ପତିତପାବନ ବାନା ଉଡାଇଣ ବସିଛି ଜଗମୋହନ ।
କରେ ଆବାହନ ଭକତଜନଙ୍କୁ କରିବାକୁ ତା ଦର୍ଶନ ।୬।

ରାଘବ ରଘୁନନ୍ଦନ ସ୍ମର ମନ ଭବତାପ ବିନାଶନ ।

ଧାତ୍ରୀ ପଣକରି ତରିଲା ପୁତନା କ୍ଷୀର ସାଥେ ଦେଇ ପ୍ରାଣ ।୭।

ରହ ବାଇମନ ଶ୍ରୀ ଛନ୍ଦା ଚରଣ ତଳେ ତୁହି ନିଶିଦିନ ।
ମନଭଜ ରାମ ଦୂର ହେବ କାମ ହଟିବ ଭବ କଷଣ ।୮।

ନକରିଣ ହେଳା ଚିନ୍ତ ଚକାଡୋଳା ଶ୍ରୀହରି ହେବେ ପ୍ରସନ୍ନ ।
ମର ଜଗତରେ ସାର ବିଶ୍ୱମ୍ଭର ନାମକୁ କର ଗାୟନ ।୯।

ହାନୀ ଲାଭ ମାନ ବୁଝେ ଜନାର୍ଦ୍ଦନ ସାରା ଚଉଦ ଭୁବନ ।
ବିଧାନ ଯା ନାମ ପୁରୁଷ ଉତ୍ତମ ଶ୍ରୀକୃଷ୍ଣ ନନ୍ଦନନ୍ଦନ ।୧୦।

ଦ୍ୟାଇପାରେ ସେହି ଚଉବର୍ଗମାନ କେଶବ ଯଦୁନନ୍ଦନ ।
ଲୟ ଲଗା ସୁଧି କରୁଣା ବାରିଧି ଅଭୟଙ୍କର ଚରଣ ।୧୧।

ୟଶୋଦା ନନ୍ଦନ ମୁରାରୀ ମୋହନ କୋଟୀ କାମ ଅପଘନ ।
ପକା ଖଣ୍ଡେ ସେହି ହରି ଭାବଗ୍ରାହୀ କୃଷ୍ଣ କଦମ୍ବ ମାଳିନ ।୧୨।

ଟାକି ରହ ମନ ତା ରଙ୍ଗା ଚରଣ ଦଣ୍ଡ ନଦେବ ଶମନ ।
ମୁଂକାର ବରଜ ବ୍ରଜ ଯୁବରାଜ ଶ୍ରୀପଦେ ଲଗାଅ ଧ୍ୟାନ ୧୩ ।

ଡାକ ଶୁଣନ୍ତି ସେ ସକଳ ଜୀବର ବସି ରତ୍ନ ସିଂହାସନ ।
ଇନ୍ଦ୍ର ବିବାଦରେ ଗୋବର୍ଦ୍ଧନ ଗିରି ବହିଲା ସପତ ଦିନ ।୧୪।

ଅଧ୍ୟାପକ, ଇଂରାଜୀ ଭାଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

# ନୂଆ ବର୍ଷର ହସ



ଶାନ୍ତିଲତା ମିଶ୍ର

ଧିମିତ ଗତିରେ ଆସୁଅଛ ସିନା
ଦୁଇଶହ ବାଇଶିର ନୂଆ ବରଷ ।
ତୁମ ହସର ପଛେ ନାହିଁ ତ ଲୁଚି
ଆଉ କିଛି ଅଜଣା ରହସ୍ୟ ।।
ତୁମ ସ୍ମିତ ହାସ୍ୟରୁ ଜଣା ପଡୁନାହିଁ
ଏ ତୁମର ପରିହାସ ଅବା ଅଟ୍ଟହାସ ।
କର ମର୍ଦ୍ଦନ କରି କରୋନା ସହିତ
ଏ ବର୍ଷ ବି ଠକିବ ବୋଲି କି ଭାବୁଛ ।।
କେତେ ସନ୍ତର୍ପଣେ, ବିଷାଦ ହୃଦୟେ
ଦୁଇ ବର୍ଷ ଗଲା ଏମିତିରେ ବିତି ।
ତଥାପି ହସୁଛି କରାଳ ଶବଦ କରି ଏ କରୋନା
ଟିକେ ମନେ ତାର ଖେଦ ନାହିଁ ।।
ଅସହ୍ୟ ଯନ୍ତ୍ରଣା ସହି ସହି ଏ ମଣିଷ
ଏବେ ଭିନ୍ନ ମୋଡ ନବାକୁ ଭାବୁଛି ।
ମୃତ୍ୟୁର ମେସିନ୍ ବାହାର କରିକି
ନିଜ ଜୀବନ ନିଜେ ନବ କହୁଛି ।।
ଯମରାଜ ଙ୍କ କର୍ମ ହୁଏତ କିଛି
ପରିମାଣେ ହୋଇ ଯାଇ ପାରେ ଲାଘବ ।
ସେପାଇଁ ପ୍ରତିବାଦ ପରିବର୍ତ୍ତେ
ସେ ରହୁଛନ୍ତି ଏପରି ନିରବ ।।

କିନ୍ତୁ ହେ ବିଶ୍ୱକର୍ତ୍ତା ତୁମ ଉଦ୍ଦେଶ୍ୟ
ହୁଏ ନାହିଁ କିଛି ବୁଝି ।
ତୁମେକି ମଣିଷ ର ଏ ଭାବନାକୁ
ଦେଉ ଅଛ ସମ୍ମତି ।।
ସୃଷ୍ଟିର ଅନ୍ତ କରିବାକୁ ମଣିଷର ହାତେ
ଏ ଅଟେ କଣ କିଛି ତୁମ ନୂଆ କାରସାଦି ।
କିଛି ନୂତନତ୍ୱ ଆଣିବାର ଅବା ପରିକଳ୍ପନା
କିମ୍ବା ଦର୍ଶାଇ ଯାଉଛ ତୁମ ବିରକ୍ତି ।।
ନୂଆ ବର୍ଷ ତୁମେ କୁହ ତୁମକୁ ଜଣାଇବି ସ୍ୱାଗତ
ଅବା ଏଥିରୁ ହେବି ବିରତ ।
ଅବା ଆଶାରେ ଜୀବନ ବଞ୍ଚିବା ପାଇଁକି
ଦେବି ତୁମକୁ ସାଦର ଆହ୍ୱାନ ।।
ହୁଏତ ଆସିପାର କିଛି ନୂଆ
ଶୁଭ ସକାଳର ଶୁଭେଚ୍ଛା ନେଇ ।
ଧରାବାସୀଙ୍କ ଅପେକ୍ଷା ରତ ଚାତକ ହୃଦୟେ
ଖୁସି ଝର ବରଷି ଯିବା ପାଇଁ ।।

ରଚେଷ୍ଟର, ମିନେସୋଟା

# ହାଟ ସଉଦା



ବାସନ୍ତୀ ଲତା ଜେନା

ହାଟ ଅଟଇ ତ ଦୁଇଟି ପ୍ରକାରେ
ନିତି ଦିନିଆ ବେପାର
କିଣା ବିକା ହୁଏ ଦୋକାନ ବଜାରେ
ତେଲ ଲୁଣ କାରବାର ।1।

ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଇଁ କି
ହାଟ ସଉଦା ହୁଅଇ
ଚାଉଳ ପାରିବା ଅଟା ଡାଲି ସଙ୍ଗେ
ଘର ନିତି ଚଳୁ ଥାଇ ।2।

ସଂସାର ହାଟକୁ ଆସିଛୁରେ ମନ
ଧର୍ମ କିଛି ଯାଅ କରି
ସଂସାରୀ ହୋଇ କି ସଉଦା କିଣିବୁ
ଲୋଭ ମୋହ ତ୍ୟାଗ କରି ।3।

ଧର୍ମର ନିକିତି ସଦା ରହି ଅଛି
ସମତୁଲ ପରା ହୋଇ
ପାପ ପୁଣ୍ୟ ଫଳ ତଉଲାଇ ଯାଏ
ଧର୍ମ ରାଜା ହାତେ ରହି ।4।

କାମ କ୍ରୋଧ ମୋହ ପାପ ହୋଇ ଥାଏ
ଜାଣନ୍ତି ସର୍ବେ ଏ କଥା
ଜାଣି ଜାଣି ପୁଣି ଅଧର୍ମ କରନ୍ତି
ଆତ୍ମା ପାଇ ଥାଏ ବ୍ୟଥା ।5।

ସ୍ୱାର୍ଥନ୍ୱେଷୀ ବ୍ୟକ୍ତି ଅଧର୍ମ କରନ୍ତି
ଆଗ ପଛ ନ ଭାବନ୍ତି
ବେଳ ଗଡି ଗଲେ ଚିନ୍ତା କରି ଥାନ୍ତି
ମୁଣ୍ଡେ ହାତ ଦେଇ ଥାନ୍ତି ।6।

ଆତ୍ମ ସଞ୍ଜମତା ସାଧନା ସେବାରେ
ସଂସାର ହାଟ କରିଲେ
ମନ ଶାନ୍ତ ହୁଏ ଆତ୍ମା ତୃପ୍ତ ହୁଏ
ପୁଣ୍ୟ କିଛି ପରା ମିଳେ ।7।

ପାପ ପୁଣ୍ୟ ଆଉ ଧର୍ମ ଅଧର୍ମ ତ
ସଂସାର ହାଟରେ ମିଳେ
ଯାହା ମନ ଯାହା କିଣିବାକୁ ଚାହେଁ
ସେଥିରୁ କିଛି ସେ ତୋଳେ ।8।

ପୁଣ୍ୟର ସଉଦା ଭାରି ହୋଇ ଥାଏ
ପାପର ସଉଦା ନ୍ୟୁନ
ପାପ କର୍ମ ଛାଡ଼ି ସତ କର୍ମ କଲେ
ସାହା ହେବେ ଭଗବାନ ।9।

ଗାନ୍ଧୀନଗର,ନବରଙ୍ଗପୁର

# ନିସଙ୍ଗ ମଣିଷ



ବିନୟ ମହାପାତ୍ର

ଅପ୍ରେଲ ମାସର ଉଦୁଉଦିଆ ଖରା ବେଳ, ନାତି ନାତୁଣୀ ମାନଙ୍କର ସ୍କୁଲ କଲେଜ ସବୁ ଛୁଟି । ଲଞ୍ଚ ପରେ ପରେ ସେମାନେ ନିଜ ନିଜ ରୁମରେ ମୋବାଇଲ ଉପରେ ଆଖି ଗଡେଇ ବସି ଥାଆନ୍ତି । ଜେଜେମା ସୁନୀତି ଦେବୀ, ଘର କାମ ସାରି ହାତ ପୋଛୁ ପୋଛୁ ଛୁଆ ଦୁଇଟା କଣ କରୁଛନ୍ତି ଦେଖି ଆସିବେ ବୋଲି ନାତି ନାତୁଣୀଙ୍କ ରୁମ ଆଡୁ ଘେରାଏ ବୁଲି ଆସିଲେ । ଏଇ ବୟସରେ ଟିକିଏ ମନ ହୁଏ ପିଲାଙ୍କ ପାଖରେ ଦିଘଡି ବସି ଯିବା ପାଇଁ, ଦି ପଦ କଥା ବାର୍ତ୍ତା ହେବାକୁ, ସେମାନଙ୍କ ସହିତ ଟିକିଏ ହସି ଖେଳି ଦେଲେ ମଣିଷ ନିଜର ବୟସ ଭୁଲି ଯାଏ । ପିଲାଙ୍କ ସାଥିରେ ପୁଣି ପିଲାଟିଏ ହୋଇ ଗଲା ପରି ଲାଗେ । ନିଜର ଏବଂ ନିଜ ପୁଅ ଝିଅଙ୍କର ପିଲା ଦିନର ସ୍ମୃତି ପୁଣି ଆଖି ଆଗରେ ନାଚି ଯାଏ । କିନ୍ତୁ ଆଜି କାଲିକା ପିଲାଙ୍କ ପାଖରେ ସମୟ କାହିଁ ? ଖରା ଛୁଟିରେ ବି ସ୍କୁଲର ହଲିଡେଜ୍ ହୋମଓ୍ୱାର୍କ ମିଳି ଯାଏ । ପିଲାଏ କିଛି ସମୟ ପଢା ପଢି କରି ଦିଅନ୍ତି, ତାପରେ ଦିନ ସାରା ଟିଭି ନହେଲେ ମୋବାଇଲ ସାଙ୍ଗରେ ବିଜି ହୋଇ ଯାଆନ୍ତି । ଘରୁ ବାହାରି ସାଙ୍ଗ ସାଥୀଙ୍କ ସାଥିରେ ଖେଳ କୁଦ କରିବା ଅବା ବୁଲା ବୁଲି କରି ଦେହ ମନ ଟିକିଏ ଫୁର୍ତ୍ତି କରିବାକୁ ବି ସେମାନଙ୍କ ପାଖରେ ସମୟ ନାହିଁ, ଆଉ ଏ ବୁଢା ବୁଢିଙ୍କ ପାଇଁ ସମୟ କେଉଁଠୁ ଆସିବ ?

ଜେଜେ ରାଟାୟାର୍ଡ ହେଡକ୍ଲର୍କ, ନାତି ନାତୁଣୀଙ୍କର ସ୍କୁଲ ହୋମଓ୍ୱାର୍କରେ କେବେ କିଛି ହେଲ୍ପ ଆବଶ୍ୟକ ହେଲେ ନାତି ନାତୁଣୀ ଜେଜେଙ୍କୁ ପଚାରି ନିଅନ୍ତି, ବାସ କେବଳ ସେତିକି ସମ୍ପର୍କ। ନିଜ ଜୀବନର ଅଭିଜ୍ଞତା ପିଲାଙ୍କ ସାଥିରେ ବାଣ୍ଟିବା କି ସେମାନଙ୍କ ସହିତ ଟିକିଏ ହସି ଖେଳି ସମୟ କାଟିବାକୁ କଣ ତାଙ୍କର ମନ ହୁଏନି ! ବହୁତ ମନ ହୁଏ, କାହା

ସାଥରେ ବସି ଢେର ସାରା ଗପିବାକୁ, ଜୀବନର ଖଟା ମିଠା ଅନୁଭୂତି କାହା ସହିତ ବାଣ୍ଟିବାକୁ, ହେଲେ କାହା ପାଖରେ ଏତେ ସମୟ ଅଛି, ବୁଢାଟା ସାଙ୍ଗରେ ବସି କିଏ ଗପସପ କରିବ ? ଜେଜେ ମାଆ କେବଳ ଖୋଜା ପଡେ ଲଞ୍ଚ ସମୟ ହେଲେ, ଅବା ଆଉ କିଛି ଦରକାର ପଡିଲେ । ବାପା ମାଆ ଦୁଇ ଜଣ ଅଫିସରେ, ବୁଢା ବୁଢିଙ୍କ କାମ କେବଳ ଘର ଜଗିବା । ଦୁଇ ଚାରି ଦିନ ଏପରି ବି ଚାଲି ଯାଏ, ଯେବେ ନା' ନାତି ନାତୁଣୀ ନା' ପୁଅ ବୋହୁ କାହା ସହିତ କଥା ପଦେ ହେବାର ସୁଯୋଗ ମିଳେନି । ସମସ୍ତେ ନିଜ ନିଜ କାମରେ ବହୁତ ବ୍ୟସ୍ତ ।

ସକାଳେ ଘର କାମ କାମ କରିବାକୁ ଆସୁଥିବା ମାଳତି ନିତି ନମସ୍କାରଟିଏ କରି ବୁଢା ବାବୁ ଆଉ ମାଆଙ୍କର ଦେହ ପାଆ କଥା ପଚାରି ନିଏ । ତଥାପି ଅନାଦି ବାବୁ ନିଜକୁ ବଡ ଭାଗ୍ୟବାନ ମନେ କରନ୍ତି, ଗର୍ବ ବି ଅନୁଭବ କରନ୍ତି । ଆଜି କାଲିକା ଯୁଗରେ ପିଲାଏ ବୁଢା ବାପା ମାଆକୁ ଏକୁଟିଆ ଛାଡି ଅଲଗା ରହୁଛନ୍ତି, କିନ୍ତୁ ପୁଅ ବୋହୁ ତାଙ୍କ ସାଙ୍ଗରେ ତ ଅଛନ୍ତି । କିଛି ନହେଲେ ପିଲାଙ୍କୁ ଆଖି ସାମ୍ନାରେ ଦେଖୁଛନ୍ତି । ନହେଲେ ଏ ବୟସରେ ଏକୁଟିଆ ରହିବା କେତେ ଯନ୍ତ୍ରଣାଦାୟକ ହୋଇ ଯାଆନ୍ତା ସତେ । ଏତିକି ଭରସା ତ ଅଛି, ପିଲାଏ ପାଖରେ ଅଛନ୍ତି ଦେହ ପାଆ କେବେ କିଛି ଅସୁବିଧା ହୋଇ ଗଲେ ଦେଖା ଶୁଣା କରି ପାରିବେ । ଦି ଓଳି ଦି ବକତ ଠିକ୍ ସମୟରେ ଖାଇବାକୁ ମିଳି ଯାଉଛି । ନହେଲେ ଏ ବୟସରେ ଏସବୁ କାମ ନିଜେ ନିଜେ କରିବା କେତେ କଷ୍ଟକର ହୋଇ ଯାଆନ୍ତା ।

ପୁଅ ବୋହୁଙ୍କର ଅବା ଦୋଷ କଣ, ଆଜି କାଲି ଯୁଗରେ ଘର ଚଳେଇବା, ପିଲାଙ୍କୁ ପାଠ ପଢେଇବା, ସମାଜର ଅନ୍ୟ ମାନଙ୍କ ସହିତ ଷ୍ଟାଟସ ପ୍ରତିଯୋଗିତାରେ ସମସ୍ତଙ୍କ ଆଗରେ ରହିବା, ଏସବୁ ପାଇଁ ବହୁତ ପଇସା ଦରକାର । ପୁଅ ବୋହୁ ଦିଜଣ ଲାଗି ପଡିଛନ୍ତି ପଇସା ରୋଜଗାରରେ । ହେଲେ ଅନାଦି ବାବୁ ବି ଘର ସଂସାର କରି ଥିଲେ, ପିଲାଙ୍କୁ ପାଠ ପଢେଇ ଝିଅକୁ ଡାକ୍ତର, ପୁଅକୁ ଇଞ୍ଜିନିୟର କରିଲେ । ଅନେକ ଘରଜଞ୍ଜାଳ ସତ୍ତ୍ୱେ ସମସ୍ତଙ୍କ ପାଇଁ ସମୟ ଥିଲା ତାଙ୍କ ପାଖରେ । ବାପା ମାଆ, ଭାଇ ଭଉଣୀ ବନ୍ଧୁ ବାନ୍ଧବ ସାଙ୍ଗ ସାଥି ସମସ୍ତଙ୍କୁ ସମୟ ଦେଉ ଥିଲେ । ସଂଧ୍ୟାରେ ଅଫିସରୁ ଫେରିଲା ପରେ ବାପା ମାଆଙ୍କ ପାଖରେ ଘଣ୍ଟାଏ ଅଧ ଘଣ୍ଟାଏ ବସି ଯାଉ ଥିଲେ, ଦେହପା କଥା ପଚାରୁ ଥିଲେ କିଛି ନହେଲେ ପୁରୁଣା ଦିନର କଥା ମନେ ପକାଇ ଗପ ସପ କରି ହସି ହସି ଗଡି ଯାଉ ଥିଲେ । ପିଲାଙ୍କ ସହିତ ବସି ସେମାନଙ୍କ ପାଠ ପଢା ଦେହ ପାଆ କଥା ବୁଝୁ ଥିଲେ,

ସେମାନଙ୍କର ସବୁ ସମସ୍ୟାରେ ତାଙ୍କ ସାଥିରେ ଠିଆ ରହୁ ଥିଲେ, ସେମାନଙ୍କର ସବୁ ସନ୍ଦେହ ଦୂର କରୁ ଥିଲେ, ସମାଜରେ ଜଣେ ଭଲ ମଣିଷ ହୋଇ ରହିବା ପାଇଁ ଶିଖାଉ ଥିଲେ, ରାତିରେ ସମସ୍ତେ ଏକାଠି ବସି ଖାଉ ଥିଲେ ।

ଅସଲ କଥା ହେଲା, ଅନାଦି ବାବୁ ଯେଉଁ ସମୟର ମଣିଷ, ସେ ସମୟରେ ମଣିଷର ଆବଶ୍ୟକତା ବହୁତ କମ ଥିଲା । ସମସ୍ତେ ଅଳ୍ପକେ ସନ୍ତୁଷ୍ଟ ରହୁ ଥିଲେ, ଯାହା ଯେତିକି ମିଳି ଗଲା ସେଥିରେ ଖୁସି ହୋଇ ଯାଉ ଥିଲେ । ବସ୍ତୁ ଅପେକ୍ଷା ମାନବୀୟ ସମ୍ବେଦନା ତଥା ମାନବିକ ସମ୍ପର୍କକୁ ଅଧିକ ମହତ୍ୱ ଦେଉ ଥିଲେ । ଏପରି ନୁହେଁ ଯେ ସେତେ ବେଳେ ବଡ ପଣ ଦେଖେଇ ହେବାର ପ୍ରତଯୋଗିତା ନଥିଲା । ହେଲେ ସେ ପ୍ରତିଯୋଗିତା ଭଲ ମଣିଷ ପଣିଆର ପ୍ରତିଯୋଗିତା ଥିଲା । କିଏ କେତେ ଭଦ୍ର, କେତେ ନମ୍ର, କେତେ ବନ୍ଧୁ ବତ୍ସଳ କେତେ ପରୋପକାରୀ, ସେଥିରୁ ମଣିଷର ବଡ ପଣିଆ ପରଖା ଯାଉ ଥିଲା । କିନ୍ତୁ ଆଜିର ବସ୍ତୁ ସର୍ବସ୍ୱ ଦୁନିଆରେ ନିଜର ବସ୍ତୁ ପ୍ରଦର୍ଶନର ପ୍ରତିଯୋଗିତାରେ କାହା ପାଖରେ କେତେ ଧନ ଅଛି, କାହାର କେତେ ବଡ ଘର, କାହାର କେତେ ବଡ ଗାଡି ଏ ସବୁର ମୂଲ୍ୟାଙ୍କନ ହେଉଛି । ମଣିଷ ପଣିଆ ସତେ ମରି ଯାଇଛି ସମସ୍ତଙ୍କ ହୃଦୟରେ । ଏଇ 'ଆବଶ୍ୟକତା' ଆଜି ଏକ ମହାମାରୀ ପରି ବଢି ବଢି ଚାଲିଛି । ତାର ଏମିତି ଘର ତ ମୋର ତା ଠାରୁ ବଢିଆ ହେବା ଦରକାର, ସେ ଅମୁକ ଗାଡି ଚଢୁଛି ତ ମୋର ତା ଠାରୁ ଭଲ ଗାଡି ହେବା ଦରକାର, ତା ପୁଅ ଝିଅ ଅମୁକ ସ୍କୁଲରେ ପଢୁଛନ୍ତି ତ ମୋ ପିଲାଏ ତା ଠାରୁ ମହଙ୍ଗା ସ୍କୁଲରେ ପଢିବେ । ସତରେ ଯେପରି ଗୋଟାଏ ପ୍ରତିଯୋଗିତା ଚାଲିଛି । ସମସ୍ତେ ସମସ୍ତଙ୍କ ଠାରୁ ଉଚ୍ଚା ଦେଖେଇ ହେବା ପାଇଁ ପାରୁ ପର୍ଯ୍ୟନ୍ତ ପ୍ରୟାସରତ, ମଣିଷର ଅନ୍ୟ ମଣିଷଙ୍କ ପାଇଁ ସମୟ କାହିଁ ?

ସଂଧ୍ୟାରେ ପୁଅ ବୋହୁ ଅଫିସରୁ ଫେରିଲା ବେଳକୁ ବହୁତ ଥକି ଯାଆନ୍ତି, ତଥାପି ବୋହୁ ରାତିର ଖାଇବା ପ୍ରସ୍ତୁତ କରିବା ପାଇଁ ସେ ତାର ରୋଷେଇ ଘରେ ବ୍ୟସ୍ତ ହୋଇ ଯାଏ । ପୁଅ ଟିଭିରେ ନିଉଜ ଚାନେଲ ଲଗାଇ ଦେଇ, ଲାପଟପ୍ ନେଇ ବସି ଯାଏ, ତଥାପି ତାର କାମ ସରେନା । ପିଲା ମାନେ ନିଜ ନିଜ ରୁମରେ ପାଠ ପଢା, ନହେଲେ ମୋବାଇଲରେ ବ୍ୟସ୍ତ । ବୁଢା ବୁଢି ଦିଜଣ ନିଜ ରୁମରେ ଏକୁଟିଆ । କିଏ କେତେ ବେଳେ ଖାଏ ତାର କିଛି ଠିକଣା ନାହିଁ, ରାତି ସାଢେ ନଅଟା ବେଳେ ଅନାଦି ବାବୁଙ୍କର ଖାଇବା ଅଭ୍ୟାସ, ତେଣୁ ଘଣ୍ଟା କଣ୍ଟା ଏପଟ ସେପଟ ହୁଏନି, ଠିକ୍ ସମୟରେ ବୋହୁ ଖାଇବା ବାଢି ଦିଏ,

ବୁଢା ବୁଢି ଦିଜଣ ଖାଇ ନିଅନ୍ତି । ଆଜି କାଲି ବାପା ମାଆଙ୍କ ପାଖରେ ସମୟ ନାହିଁ ନିଜ ପିଲାମାନଙ୍କୁ ପାଖରେ ବସେଇ ଦିପଦ କଥା ହେବେ, ସେମାନଙ୍କ ପଢା ପଢି, ଦେହପା ବିଷୟରେ ଖବର ନେବେ କି ସେମାନଙ୍କୁ କିଛି ଭଲ କଥା ଶିଖେଇବେ, କିନ୍ତୁ କେହି ଏହାକୁ ଆବଶ୍ୟକ ବୋଲି ମନେ କରନ୍ତି ନାହିଁ । ପିଲାଏ ତ ଦାମିକା ସ୍କୁଲରେ ପଢୁ ଛନ୍ତି, ସବୁ କିଛି ସେଇଠୁ ଶିଖି ନେବେ । ତା ଛଡା, ଟିଭି, କମ୍ପୁଟର ଅଛି, ସବୁ ଜ୍ଞାନର ଭଣ୍ଡାର, ସବୁଠାରୁ ବଡ କଥା ପିଲାଙ୍କ ପାଖରେ ମୋବାଇଲ ଅଛି, ନେଟ ପ୍ୟାକ୍ ଅଛି, ସାରା ଦୁନିଆର ଜ୍ଞାନ ନିଜ ନିଜର ଆଙ୍ଗୁଠି ମୁନରେ । ହେଲେ ପିଲାଏ କଣ ଦେଖୁ ଛନ୍ତି, କେଉଁ ପ୍ରକାରର ଜ୍ଞାନ ଆହରଣ କରୁ ଛନ୍ତି ତାର ଖବର କିଏ ରଖୁଛି ?

ରାତି ଖାଇବା ସରିଲା ପରେ ଅନାଦି ବାବୁ ବେଡ ରୁମରେ ଖଟ ବାଡାକୁ ଆଉଜି କଣ ଗୋଟାଏ ବହି ପଢିବାରେ ମଗ୍ନ ହୋଇ ଯାଇଥାନ୍ତି, ସେତିକି ବେଳେ ସୁନୀତି ଦେବି ଖାଇବା ଟେବୁଲରୁ ଅଇଁଠା ବାସନ ଉଠାଇ ରୋଷେଇଘର ସିଙ୍କରେ ଥୋଇ ବେଡରୁମକୁ ଆସି ଗଲେ। ହାତ ପୋଛୁ ପୋଛୁ ବେଡ ଉପରେ ଅନାଦି ବାବୁଙ୍କ ପାଖରେ ଗଡି ପଡି କହିଲେ, ତୁମେ ଆଜି ଯାଏ ସେଇ ପୁରୁଣା ଯୁଗରେ ରହି ଗଲ । ଆଶୁ କହୁଥିଲା, ସାରା ଦୁନିଆର ଖବର, ସବୁ ପ୍ରକାରର ବହି, ସିନେମା, ସବୁ ଅଛି ମୋବାଇଲରେ, ଆଉ ତ ଆଉ ପୁରା ପୁରା ସିନେମା ବି ଦେଖି ହେବ ଆମର ଏ ମୋବାଇଲରେ । କିନ୍ତୁ ତୁମେ ଅଟକି ଗଲ ସେଇ ବହି ଭିତରେ, ମୋବାଇଲ ଛାଡି ଏଇ ବହିରେ ହଜି ଯାଉଛ । ତୁମେ ମୋବାଇଲରେ ବହି ପଢୁନ ? ବେଳେ ବେଳେ ମୋତେ ବି ଟିକିଏ ସିନେମା ଦେଖେଇ ଦିଅନ୍ତ, ହଲରେ ଯାଇ ସିନେମା ଦେଖିବାରେ ଯୁଗେ ବିତି ଗଲାଣି । ପିଲା ମାନଙ୍କର ଜନ୍ମ ପୂର୍ବରୁ ଆମେ କେତେ ସିନେମା ଦେଖୁ ଥିଲେ । ତୁମେ ଅଫିସ ଗଲା ବେଳେ କହି ଦେଇ ଯାଅ, ଚାଲ ଆଜି ସଂଧ୍ୟାରେ ସିନେମା ଦେଖି ଯିବା, ତାପରେ ବାହାରେ କେଉଁ ହୋଟେଲ ଖାଇ ଦେଇ ଆସିବା । ସଂଧ୍ୟାରେ ମୁଁ ଅଫିସରୁ ସିଧା ହଲ ପାଖରେ ପହଞ୍ଚି ଯାଇ ଥିବି, ନିତିଆକୁ କହି ଦେଇ ଥିବି, ସେ ତା ରିକ୍ସାରେ ତୁମକୁ ହଲ ପାଖରେ ପହଞ୍ଚାଇ ଦେବ, ମୁଁ ସେଇଠି ତୁମର ଅପେକ୍ଷା କରି ଥିବି । ଠିକ୍ ସାଢେ ପାଞ୍ଚଟା ବେଳକୁ ତୁମେ ରେଡି ହୋଇ ଯାଇ ଥିବ ।

ଅନାଦି ବାବୁ ଆଖି ବନ୍ଦ କରି ସେଇ ପୁରୁଣା ଦିନକୁ ସତେ ଆଉ ଥରେ ଦେଖୁ ଥିଲେ, ଆଖି ଖୋଲି ଟିକିଏ ରୋମାଣ୍ଟିକ ହୋଇ ସୁନୀତି ଦେବୀଙ୍କୁ ପାଖକୁ ଟାଣି ନେଇ କହିଲେ, ପୁରୁଣା ଦିନ ମନେ ପକେଇ ଦେଲ, ସେ ବିତି ଗଲା ସୁନେଲି ଦିନ ଗୁଡିକ ଆଉ ଥରେ ଫେରି

ଆସନ୍ତାନି ! ମୋତେ ବଡ ଆଶ୍ଚର୍ଯ୍ୟ ଲାଗେ, ବିନା ମୋବାଇଲରେ ବି ଆମ ଭିତରେ ଯୋଗସୂତ୍ର ସତରେ କେତେ ପ୍ରଖର ଥିଲା । ତୁମେ ଯେତେ ବେଳେ ରିକ୍ସାରୁ ଓହ୍ଲାଅ, ମୁଁ ଚକିତ ରହି ଯାଏ, ତୁମେ ମୋ ମନ କଥା କେତେ ସହଜରେ ଜାଣି ନିଅ, ମୋ ପସନ୍ଦ ନାପସନ୍ଦ ସବୁ ତୁମକୁ ଜଣା ଥାଏ, ମୁଁ କଣ ଭାବୁଛି କଣ ଚାହୁଁଛି ତାହା କହିବା ଆଗରୁ, ସବୁ ତୁମେ ଆଗୁଆ ଜାଣି ନିଅ । ସିନେମା ହଲ ପାଖରେ ମୁଁ ତୁମକୁ ଯେଉଁ ଶାଢୀରେ ଦେଖିବାକୁ ଭାବି ଥାଏ, ତୁମେ ଠିକ୍ ସେଇ ଶିଢୀ ପିନ୍ଧି ଆସି ଥାଅ, ସତ କୁହ, ମୋ ମନ କଥା ତୁମେ କେମିତି ଜାଣି ଯାଅ ?

ସୁନୀତି ଦେବୀ ଅନାଦି ବାବୁଙ୍କ ବାହୁ ବନ୍ଧନରୁ ମୁକୁଳି ଯାଇ ଫିକକିନା ହସି ଦେଲେ, ଯେତେ ବେଳେ ନୁଆ ବୋହୁଟିଏ ହୋଇ ଆସି ଥିଲେ ସେତେ ବେଳେ ଯେମିତି ଦୁଷ୍ଟାମୀର ହସ, ଠିକ୍ ସେମିତି ମିଠା ହସ ଧାରେ ମୁହଁରେ ତାଙ୍କର ଝଲସି ଉଠୁ ଥିଲା । ଫରକ ଖାଲି ଏତିକି ଥିଲା, ସେତେ ବେଳେ ତାଙ୍କ ମୁହଁରେ ମୁକ୍ତା ପରି ବତିଶ ଦାନ୍ତ ଥିଲା, ଆଉ ଏବେ, ଆଗ ପଛ ଉପର ତଳ ସବୁ ମିଶେଇ ଦଶଟା ବି ବଞ୍ଚିନି, ତଥାପି ପାକୁଆ ପାଟିର ଏଇ ହସରେ ଏବେ ବି ସେତିକି ମିଠା ଅଛି, ଯେତିକି ଆଗରୁ ଥିଲା । ସେମିତି ହସ ହସ ମୁହଁରେ ସୁନୀତି ଦେବୀ କହିଲେ ବୁଝିଲ, ଆମ ସମୟରେ ମୋବାଇଲ ନଥିଲା ପରା । ଛାଡ ସେ କଥା, ସିନେମା ନହେଲେ ନାହିଁ, ତୁମେ ତୁମ ମୋବାଇଲରେ ବହି ପଢିବା ଆରମ୍ଭ କଲେ ମୋର ଅଧା କାମ କମ ହୋଇ ଯାଆନ୍ତା ।ଚଷମାର କାଚ ପୋଛୁ ପୋଛୁ ଅନାଦି ବାବୁ ଆଶ୍ଚର୍ଯ୍ୟ ହୋଇ ସୁନୀତି ଦେବୀଙ୍କ ମୁହଁକୁ ଚାହିଁ ପଚାରିଲେ ମୋବାଇଲରେ ବହି ପଢିଲେ ତୁମର ଅଧା କାମ କେମିତି କମ ହୋଇ ଯିବ? ସୁନିତି ଦେବୀଙ୍କ ପାଖରେ ଉତ୍ତର ଯେପରି ଆଗରୁ ପ୍ରସ୍ତୁତ ଥିଲା, ସାଙ୍ଗେ ସାଙ୍ଗେ କହିଲେ, ତୁମେ ବୁଢା ହୋଇ ଗଲଣି, ସବୁ କିଛି ଜଲ୍ଦି ଭୁଲି ଯାଉଛ । ବହି ପଢି କେତେ ବେଳେ ବାରଣ୍ଡାରେ ଆରାମ ଚୌକୀ ଉପରେ ତ କେତେ ବେଳେ ବୈଠକର ସୋଫାରେ, କେବେ ଖାଇବା ଟେବୁଲ ଉପରେ ଛାଡି ଭୁଲି ଯାଉଛ, ପଛରେ ସୁନି, ସୁନି କରି ଡାକ ପକେଇବ, ବହିଟା କୋଉଠି ରହିଲା ବୋଲି ପଚାରି ହେବ । ଖୋଜିବା କାମ ତ ମୋର ନା ? ଏଠୁ ସେଠୁ ବହି ଉଠାଇ ପଢା ଟେବୁଲ ଉପରେ ସାଇତିବାରେ ମୋର ଅଧା ଦିନ ଚାଲି ଯାଉଛି ।

ଅନାଦି ବାବୁ ଟିକିଏ ହସି କହିଲେ, ଆଗୋ ସେଇ ପୁରୁଣା ଲ୍ୟାଣ୍ଡ ଲାଇନ ଫୋନଟାର ଅଭ୍ୟାସ ଭୁଲି ହେଉନି ଆଜି ଯାଏ, ତା ଛଡା ଫୋନର କାମ ବା କଣ ? କେବଳ ଦରକାର

ହେଲେ କାହା ସାଙ୍ଗେ ଦୁଇ ପଦ କଥା ବାର୍ତ୍ତା ହୋଇ ଯିବା, ବାସ୍ ଏତିକି । ଅଧାରୁ ଅଧିକ ସାଙ୍ଗ ସାଥୀ, ବନ୍ଧୁ ବାନ୍ଧବ ତ ଆର ପୁରକୁ ଚାଲି ଗଲେଣି, ଆଉ ଏଇ ମୋବାଇଲ ଫୋନର ନେଟଓ୍ୱାର୍କ ବି ସେଯାଏ ପହଞ୍ଚି ପାରିବନି । ବାକି ଯୋଉ କେତେ ଜଣ ଅଛନ୍ତି, ମଝିରେ ମଝିରେ ସେମାନଙ୍କ ସାଙ୍ଗରେ କଥା ହେଇ ଯାଉଛି । ମୋବାଇଲରେ ବହି ପଢିବା କଥା କହୁଛ ଯେ, ବହି ପଢିବାର ମଜା ଏଇ ଫୋନରୁ କଣ ମିଳି ପାରିବ ? ପୃଷ୍ଠା ପରେ ପୃଷ୍ଠା ଓଲଟେଇ ସେଇ ଛପା ଅକ୍ଷର ଭିତରେ ବହିର କଥା କହାଣୀ ଚରିତ୍ର ସବୁ ଯେମିତି ସତ ସତକା ନିଜ ନଜର ସଂଳାପ ନିଜେ ଆବୃତ୍ତି କଲା ପରି ଲାଗନ୍ତି । ଏଇ ଛୋଟ ମୋବାଇଲର ଛୋଟ ଛୋଟ ଅକ୍ଷର ଭିତରେ କାହାକୁ ନା'ଦେଖି ହୁଏ, ନା' ଅନୁଭବ କରି ହୁଏ । ବହିର ମଜା ଯିଏ ପାଇଛି, ସେ କଣ କେବେ ମୋବାଇଲ କଥା ଭାବିବ ? ବହି ସହିତ ପାଠକର ବନ୍ଧୁତା ହୋଇ ଯାଏ, ପାଠକ ବହି ପଢେ, ସାଇତି ରଖେ ସେମାନଙ୍କର ଜତ୍ନ ନିଏ, ଯେତେ ବେଳେ ଏକୁଟିଆ ଅନୁଭବ କରେ ବହି ମାନଙ୍କ ସହିତ ବସି ଯାଏ, ଯେପରି ପୁରୁଣା ବନ୍ଧୁଟିଏ । କିନ୍ତୁ ଆଜିର ମଣିଷ ସତେ ଯେପରି ନିସଙ୍ଗ ହୋଇ ଯାଇଛି, କେବଳ ନିଜ ସହିତ ବନ୍ଧୁତା କରି ନେଇଛି । ନିଜ ବ୍ୟତୀତ ଆଉ କାହା ସହିତ ତାର ସମ୍ପର୍କ ନାହିଁ ।

ଏବେ ମଣିଷର ସବୁ ସମ୍ପର୍କ ବେତାର ହୋଇ ଯାଇଛି । ହୃଦୟ ସହିତ ହୃଦୟର ଯୋଗା ଯୋଗ ନାହିଁ । ନ କହିଲେ କେହି ଶୁଣୁନି, ବୁଝେଇ ନକହିଲେ କେହି ବୁଝୁନି, କାହା ସହିତ ବସିବା ଉଠିବା, ଦି'ପଦ କଥା ହେବା, ଦୁଃଖ ସୁଖ ବାଣ୍ଟିବା, ମଣିଷ ପୁରା ଭୁଲି ସାରିଲାଣି। ଆଜି କାଲି ମଣିଷର ଏକ ମାତ୍ର ବନ୍ଧୁ ମୋବାଇଲ, ସେ ସାଥିରେ ଥିଲେ ଆଉ କାହା କଥା ମନେ ପଡେନା । କିନ୍ତୁ ସେତେ ବେଳେ ଆମ ପାଖରେ ମୋବାଇଲ ନଥିଲା, ତଥାପି ନ କହିବି ଅନେକ କଥା ଶୁଣି ହେଉ ଥିଲା, ନଶୁଣି ବି ଅନେକ କଥା ବୁଝି ହେଉ ଥିଲା । କାରଣ ସେ ସମ୍ପର୍କ ପାଇଁ କିଛି ନେଟଓ୍ୱାର୍କର ଆବଶ୍ୟକତା ନଥିଲା । ହୃଦୟ ସହିତ ହୃଦୟ ଜୋଡି ହୋଇ ରହି ଥିଲା । ସମ୍ପର୍କ ସବୁ ଆତ୍ମାର ଥିଲା । ସବୁ ଠାରୁ ମଜା କଥା କଣ ଜାଣିଛ ? ମୋବାଇଲ କମ୍ପାନୀର ଆଡଭର୍ଟାଇଜ୍ ରେ ସେମାନେ ଲେଖନ୍ତି 'connecting people' ମାନେ ଆମେ ମଣିଷ ସହିତ ମଣଷର ସମ୍ପର୍କକୁ ଦୃଢ କରୁ, କିନ୍ତୁ ବାସ୍ତବରେ ମୋବାଇଲ କଣ ମଣିଷର ସମ୍ପର୍କକୁ ଦୃଢ କରୁଛି ? ମାଆ ମୋବାଇଲ ଭିତରେ ଏପରି ହଜି ଯାଉଛି ଯେ ଛୋଟ ଛୁଆ ଭୋକରେ କାନ୍ଦୁଥିଲେ ବି ମାଆ ଜାଣି ପାରୁନି । ପାଖ ବଖରାରେ ଶୋଇଥିବା ବୁଢା ବାପା ମାଆ କାଶି କାଶି ବେଦମ ହୋଇ ଗଲେ ବି କାହାକୁ

ଶୁଣା ଯାଉନି । ଫେସବୁକ୍ ଟୁଇଟର ଏବଂ ଅନ୍ୟ ଅନେକ ସୋସିଆଲ ସାଇଟରେ ହଜାର ହଜାର ବନ୍ଧୁ, ଫଲୋୟରସ ଥାଆନ୍ତି, କିନ୍ତୁ ବାସ୍ତବରେ ସେମାନେ କଣ ଏତେ ନିଜର ହୋଇ ପାରନ୍ତି ? ବେଳ ଅବେଳରେ ଦରକାର ପଡିଲେ ପାଖରେ ଠିଆ ହୋଇ ପାରନ୍ତି ?

ସୁନୀତା ଦେବୀ କଥା ମଝିରେ କହିଲେ, ସତ କଥାଟିଏ କହିଲ, ସେତେ ବେଳେ ମଣିଷର ସବୁ ଧ୍ୟାନ ମଣିଷ ଉପରେ ଥିଲା, ଜଣେ ଆଉ ଜଣଙ୍କ କଥା ଭାବୁଥିଲା, ଆଜି ପାଖରେ ଥାଇ ବି ମଣିଷ ମଣିଷ ଠାରୁ କେତେ ଦୂର ହୋଇ ଯାଉଛି । ପତି ପତ୍ନୀ ଗୋଟିଏ ଘରେ ରହନ୍ତି, ଗୋଟିଏ ବେଡରେ ଶୁଅନ୍ତି, ହେଲେ ପରସ୍ପର ସହିତ କେତେ ସମୟ କଥା ହୁଅନ୍ତି? ଦିନ ସାରା କାମ, କାମ ସରିଲା ପରେ ମୋବାଇଲ, ସମସ୍ତେ ହଜି ଯାଆନ୍ତି ସେଇ ବୁଢିଆଣୀ ଜାଲ ଭିତରେ । କାହା କଥା ଟିକିଏ ଭାବିବାକୁ, କାହାର ମନର ଭାବ ପଢିବାକୁ କାହା ପାଖରେ ସମୟ ନାହିଁ । ଆଜି ପୁଅ ବୋହୁ ସାଥି ହୋଇ ତ ରହନ୍ତି କିନ୍ତୁ କଥା ନୁହେଁ, ହ୍ୱାଟସଆପ୍ କରନ୍ତି ପରସ୍ପର ସ୍ନେହ କମ୍ କିନ୍ତୁ ଟ୍ୟାଗ୍ କରନ୍ତି, ପ୍ରେମର କେମିଷ୍ଟ୍ରି ଭୁଲି ଯାଆନ୍ତି କିନ୍ତୁ ଅନ୍ୟର ପୋଷ୍ଟରେ ଲାଇକ୍ କରନ୍ତି, କମେଣ୍ଟ ଦିଅନ୍ତି । ଲଭ୍ ଥାଉକି ନଥାଉ ଲାଇକ୍ କରନ୍ତି ମିଠା ମିଠା ଥଟ୍ଟା ମଜା ସହି ହୁଏନା, ସିଧା ଅନଫ୍ରେଣ୍ଡ କରି ଦିଅନ୍ତି ।

ତୁମେ ଯେତେ ବେଳେ ଚାକିରୀ କରୁଥିଲ, ମୁଁ ଜାଣି ନଥାଏ ତୁମେ ଅଫିସରୁ ଡେରିରେ ଫେରିବ କି ସହଳ, କିନ୍ତୁ ସବୁ ଦିନ ସଂଧ୍ୟାରେ ମୁଁ ଯେତେ ବେଳେ ପାଣି ଗ୍ଲାସଟିଏ ନେଇ କବାଟ ପାଖରେ ପହୁଞ୍ଚେ, ଠିକ୍ ସେତିକି ବେଳେ ତୁମେ କବାଟ ଠକ୍ ଠକ୍ କର, ମୁଁ କବାଟ ଖୋଲେ ଆଉ ତୁମେ ମୋ ହାତରୁ ପାଣି ଗ୍ଲାସ ନେଇ ବୈଠକର ସେଇ କାଠ ଚଉକିଟାରେ ବସି ପଡି ପାଣି ପିଅ । ଅନାଦି ବାବୁ ସୁନିତାଙ୍କ ମୁହଁକୁ ଚାହିଁ କହିଲେ, ହଁ ଏଇଟା ସତ କଥା, ମୁଁ ତିରିଶ ବର୍ଷ କାଳ ଚାକିରୀ କରିବା ଭିତରେ କେବେ ବି ବୁଝି ପାରିଲିନି, ମୁଁ ଆସୁଛି ବୋଲି ଜାଣି ପାରି ତୁମେ ପାଣି ନେଇ ଚାଲି ଆସ, ଅବା ତୁମେ ପାଣି ଗ୍ଲାସ ନେଇ ମୋର ଅପେକ୍ଷା କରିଛ ବୋଲି ମୁଁ ଘରକୁ ଚାଲି ଆସେ ? ସୁନୀତି ଦେବୀ କହିଲେ, ଆଜି ବି ମୋର ମନେ ପଡେ ରିଟାୟଡ ଆଗରୁ, ସେତେ ବେଳେ ତୁମେ ଡାଇବେଟିକ୍ ନଥିଲ, ଯେତେ ବେଳେ ଖାଇ ସାରିବା ପରେ ମୁଁ ତୁମ ମନଲାଖି ଖିରି ପରଶି ଦିଏ, ତୁମେ ଟିକିଏ ହସି ଦିଅ ଆଉ କୁହ, 'ଜାଣିଛ, ଆଜି ଦି' ପହରରେ ମନ ହେଉ ଥିଲା, ରାତି ଖାଇବାରେ ମିଠା ଖିରି ଟିକିଏ ମିଳି ଗଲେ ସତରେ ବହୁତ ମଜା ଆସି ଯାଆନ୍ତା । ଅନାଦି ବାବୁ ସଙ୍ଗେ

ସଙ୍ଗେ ପଚାରିଲେ କିନ୍ତୁ ତୁମେ ମୋ ମନ କଥା କେମିତି ଜାଣି ଯାଅ ? ଅଫିସ୍ ରୁ ଫେରିଲା ବେଳେ ମୁଁ ଯାହା କିଛି ଖାଇବାକୁ ମନେ ମନେ ଭାବି ଥାଏ, ଘରେ ପହଞ୍ଚିଲା ପରେ ସବୁ କିଛି ଠିକ୍ ଠିକ୍ ସେମିତି ଖାଇବାକୁ ମିଳି ଯାଏ । ସୁନୀତି ଦେବୀ ଟିକିଏ ମୁଚୁକି ହସି କହିଲେ, ଆଗୋ ସେତେ ବେଳେ ମୋବାଇଲ ନଥିଲା ସିନା କିନ୍ତୁ ସାରା ପରିବାରର ସମସ୍ତଙ୍କର ରୁଚି ଅରୁଚି ଆଉ ମନ କଥା ଜାଣି ବୁଝି ହୋଇ ଯାଉ ଥିଲା ।

ତୁମର ମନେ ଅଛି, ପୁଅ ଜନ୍ମ ବେଳେ, ବାପା ମୋତେ ଆମ ଘରକୁ ଡାକି ନେଇ ଥିଲେ, ମୁଁ ବାପ ଘରେ ଥିଲି, ଯେତେ ବେଳେ ମୋର କଷ୍ଟ ଆରମ୍ଭ ହେଲା, ମନେ ମନେ ଭାବୁ ଥିଲି, ତୁମେ ମୋ ପାଖରେ ଥାଆନ୍ତ କି ହେଲେ, ଥର ଟିଏ ତୁମକୁ ଦେଖନ୍ତି । ମୋ ଡାକ ଭଗବାନ ଶୁଣି ପାରିଲେ, ବଡ ଚମତ୍କାର ହୋଇ ଗଲା, ଅଧ ଘଣ୍ଟା ଭିତରେ ତୁମେ ମୋ ପାଖରେ ପହଞ୍ଚି ଯାଇ ଥିଲ, ମୋ ମଥାରେ ହାତ ରଖି ଟିକିଏ ହସି ଦେଇ କହିଲ, କିଛି ଡର ନାହିଁ ମୁଁ ତୁମ ପାଖେ ପାଖେ ଅଛି, ସବୁ କିଛି ଭଲରେ ଭଲରେ ହୋଇ ଯିବ । ଅନାଦି ବାବୁ କହିଲେ ହଁ, କାହିଁକି କେଜାଣି, ସେଦିନ ତୁମକୁ ଥରେ ଦେଖିବାକୁ ମୋର ଭାରି ମନ ହେଉ ଥିଲା, ସବୁ କାମ ଧନ୍ଦା ଛାଡି, ସେଥି ପାଇଁ ଏ ଅଧମ ପତି ତୁମ ପାଖରେ ହାଜର ହୋଇ ଯାଇ ଥିଲା । ଏସବୁ ଅପୂର୍ବ ସଂଯୋଗ, ଅବା ପରସ୍ପର ପ୍ରତି ପ୍ରେମର ପ୍ରତିଫଳନ ଜାଣି ହୁଏନା କିନ୍ତୁ ଏକଥା ସତ, ସମ୍ପର୍କର ଗଭୀରତା ଜଣେ ଆଉ ଜଣକୁ ଏମିତି ପାଖକୁ ଟାଣି ନିଏ ।

ସୁନିତି ଦେବୀ ସେଇ ପୁରୁଣା ଦିନ ଭିତରେ ସତେ ଯେପରି ହଜି ହଜି ଯାଉ ଥିଲେ, ଅନାଦି ବାବୁଙ୍କ ମୁହଁକୁ ଅନେଇ କହିଲେ, ତୁମର ମନେ ଅଛି, ଦିନେ ଦି'ପହର ରୋଷେଇ କରୁ କରୁ ଗରମ ତେଲ ପଡି ମୋର ହାତ ଜଳି ଯାଇ ଥିଲା, ଆଉ ସେଇ ଦିନ ସଂଧ୍ୟାରେ ତୁମେ ଯେତେ ବେଳେ ଅଫିସରୁ ଫେରିଲ, ତୁମ ହାତରେ ବର୍ଣ୍ଣଲର ଟ୍ୟୁବ ଥିଲା । ମୁଁ ଯେତେ ବେଳେ ପଚାରିଲି, ମୋ ହାତ ପୋଡି ଗଲା ବୋଲି ତୁମେ କେମିତି ଜାଣିଲ ! ତୁମେ ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଚାହିଁ ରହିଲ, ଆଉ କହିଲ ମୋ ହାତ ଜଳି ଯିବା କଥା ତୁମେ ଜାଣିନ, କିନ୍ତୁ ତୁମକୁ ଲାଗିଲା, ଘରେ ବର୍ଣ୍ଣଲ ସରି ଯାଇ ଥିବ, ପୁଣି କେତେ ବେଳେ ଏମରଜେନ୍ସିରେ କାଳେ ଦରକାର ପଡିଯିବ ! ସେକଥା ଭାବି ବଜାରରୁ କିଣି ଆଣି ଥିଲ ।

ଜେଜେ ମା ମୁରୁକି ହସିଲେ, ଲାଜେଇ ଲାଜେଇ ଜେଜେଙ୍କ ହାତକୁ ଧରିଲେ କହିଲେ- ହଁ, ଆମ ସମୟରେ ଖାଲି ପ୍ରେମ ଥିଲା ହେଲେ ମୋବାଇଲ ନଥିଲା । କେବଳ ତୁମେ ଥିଲ, ମୁଁ ଥିଲି ଆଉ ଆମ ଭିତରେ ଗଭୀର ପ୍ରେମ ଭରି ଥିଲା । ଅନାଦି ବାବୁ ସୁନୀତି ଦେବୀଙ୍କ ଆଖିରେ ଆଖି ମିଳେଇ କହିଲେ, ଆଜି ସମୟ ବହୁତ ଆଧୂନିକ ହୋଇ ଯାଇଛି ସବୁ କିଛି ବଦଳି ଯାଇଛି । ଆମର ବୟସ ସରି ସରି ଆସୁଛି, ଏବେ ଆମେ ଭାଇବ୍ରେସନ ମୋଡରେ ବଞ୍ଚିଛେ, ଜୀବନ ବ୍ୟାଟେରୀର ଚାର୍ଯ ମଧ୍ୟ ସରି ସରି ଆସୁଛି, ଜୀବନ ରେଖା ଏବେ ଗୋଟିଏ ଗାରରେ ଝୁଲୁଛି ।

ସୁନିତି ଦେବୀ କହିଲେ, ହେଇ ଦେଖିଲଣି, ଗପ ସପ କରୁ କରୁ ରାତି ଶାଢେ ଦଶଟା ବାଜିଲାଣି, କଥା ଭୋଳରେ ମୁଁ ତୁମ ଖିର କଥା ଭୂଲି ଯାଇଛି । ରୁହ ତୁମ ପାଇଁ ଖିର ଗରମ କରି ନେଇ ଆସୁଛି, ଭାବୁଛି, ବିନା ଚିନିରେ ଖିର ପିଇ ପିଇ ତୁମେ ବୋର ହୋଇ ଯିବଣି, ଆଜି ଖିରରେ ଟିକିଏ ମହୁ ମିଶେଇ ନେଇ ଆସିବି, ତୁମର ଟେଷ୍ଟ ଟିକିଏ ବଦଳି ଯିବ । ଅନାଦି ବାବୁ ସୁନୀତି ଦେବୀଙ୍କ କଥା କାଟି କହିଲେ ଆରେ, ତୁମେ କେମିତି ଜାଣିଲ, ମୁଁ ଏବେ ସେଇ କଥା ତୁମକୁ କହିବି ବୋଲି ଭାବୁ ଥିଲି, ବିନା ମିଠାରେ ଖୀର ପିଇବାକୁ ଭଲ ଲାଗୁନି, ହେଲେ ତୁମେ ମୋର ମନ କଥା କହି ଦେଲ ।

ସୁନୀତି ଦେବୀ ପାକୁଆ ପାଟିରେ ଟିକିଏ ହସି ଦେଇ କହିଲେ, ଆମ ସମୟରେ ମୋବାଇଲ ନଥିଲା, ହେଲେ ମନ ପଢିବାକୁ ଉଚ୍ଚ ଶକ୍ତିଶାଳୀ ସିକ୍ସସେନ୍ସ ଥିଲା । ବୁଢା ବୁଢି ଦୁଇ ଜଣ ପରସ୍ପର ମୁହଁକୁ ଚାହିଁ ହୋ ହୋ ହୋଇ ହସି ଉଠିଲେ ।

ପଟିଆ, ଭୁବନେଶ୍ବର, ଓଡିଶା

# ମୁଁ



ଡଃ ମାଙ୍ଗଳକା ମହାପାତ୍ର

ଏପଟେ ଶୂନ୍ୟତା
ସେପଟେ ପୂର୍ଣ୍ଣତା
ମଝିରେ ଝୁରୁଛି ..
ମୁଁ

ଏପଟେ ଝୁରେ ଆଖିର ଲୁହ
ସେପଟେ ଝରେ ହସର ସୁଅ
ମଝିରେ ସନ୍ତାପିତ
ମୁଁ

ଏପଟେ ଅସହିଷ୍ଣୁଙ୍କ ବଳୟ
ସେପଟେ ଆତ୍ମୀୟତାର ମଳୟ
ମଝିରେ କବଳିତ
ମୁଁ

ଏପଟେ ସମୟ ଖୋଜୁଛି
ସେପଟେ ଦୂରେଇ ଯାଉଛି
ମଝିରେ ଆଶାୟୀତ
ମୁଁ

ଏପଟେ ଜୀବନ ଯନ୍ତ୍ରଣା
ସେପଟେ ସପନରେ ଉଣା
ମଝିରେ ଦ୍ୱନ୍ଦରେ
ମୁଁ

ଏପଟେ ପ୍ରୀତି ଭରା ହୃଦୟ
ସେପଟେ ଖାଲିପଣର ଆଳୟ
ମଝିରେ ମରୁଛି
ମୁଁ

ରେଭେନସା ବିଶ୍ୱବିଦ୍ୟାଳୟ

# ବୋଉ



କୀର୍ତ୍ତି ଦେବୀ

ବୋଉ ଡାକରେ ରହିଛି

ସ୍ନେହ, ପ୍ରେମ, ଶ୍ରଦ୍ଧା ଓ ଭକ୍ତି ।

ତୋର ନାମଉ ଭିନ୍ନ ରୂପରେ କହିଲେ

ମନ ହୁଏ ଖୁସି ।

ମାଆ, ମମୀ, ମାମା, ମାତାଶ୍ରୀ, ଏପରି ଅନେକ

ତୋର ଧୈର୍ଯ୍ୟ, ସାହସ, କର୍ତ୍ତବ୍ୟପରାୟଣ ଧର୍ମ ବିଶ୍ୱାସକୁ

ଯିଏ ବୁଝିଛି ଜୀବନରେ ସେ ଆଗେ ଚାଲିଛି ।

ନିଜ ସନ୍ତାନକୁ ସଦା ଦେଇ ଖୁସି

ତୁ ଦୁଃଖରେ ରହି ମଧ୍ୟ ହସୁ ।

ତୋ ପରି ହେବାପାଇଁ ଆମକୁ ଦେ ସଦା

ତୋର ଆଦର୍ଶ ଓ କଲ୍ୟାଣ

ତୁ ଥିଲେ ପାଖେ କାମ କରିବାକୁ ଲାଗେ ନାହିଁ ଡର

ତୋ ଠାରୁ ଦୂରରେ ରହିଲେ

ମୋ ଦେହ ଖୋଜେ ତୋ ହାତର ସ୍ପର୍ଶ

ଦୂରେ ଥାଇ ମଧ୍ୟ କଇଁଛ ପରି

ତୋ କୃପା ଦୃଷ୍ଟି ଥାଏ ଆମ ପାଖେ

ଡାକଲେ "ଓ" କରୁ, କର୍ମ କରିବାକୁ

ପ୍ରେରଣା ଦେଉ ।

ବିପଦ ଆପଦରେ ସାହା ହେଉ

ସଦା ତୁ କହୁ ଏ ସଂସାରେ "ଧର୍ମ" ଅଛି

ନ ହେଲେ ଦିନ ଓ ରାତି ହେଉଛି କପରି ?

ତୋହର ସେହି କଥା ଆମକୁ ଦିଏ ବୁଝାଇ

"କର୍ମ କରି ଚାଲ ଭଗବାନ

ଅଛନ୍ତୁ ନଷ୍ଟାୟୁ ବିଗ୍ଭର କରିବେ ।"

ସିଭିଲ୍ ଟାଉନସିପ୍, ରାଉରକେଲା

# ବୋଉ



ସସ୍ମିତା ପଟ୍ଟନାୟକ

ମନେପଡେ ଆଜି ଘର କଥା
ମନ ହୁଏ ବ୍ୟାକୁଳ
ଫେରି ପା'ନ୍ତ କ ଥରେ ମୁଁ
ସେଇ ମନ ଆଉ ସେଇ ବେଳ
ଯାହାପାଇଁ କରପାରନ୍ତୁ ଦୁନଆକୁ ପର ।।

ସବୁ ଦୁଃଖ ସହିବାକୁ
ସବୁବେଳେ ଯିଏ ଅନେଇଥାଏ
ଆପଣେଇ ବାକୁ ମୋତେ
ଯାହା କୋଳ ଆଗେଇଥାଏ
ଫେରିଯାଇପରନ୍ତକ ତା ପାଖକୁ
କରିବାକୁ ଥରେ ଆଲିଙ୍ଗନ ।।

ଯାହାର ମିଠା କଥାରେ
ସବୁ ଦୁଃଖ ହୋଇଯାଏ ଦୂର
ଯାହାର କୋମଳ ସ୍ପର୍ଶରେ
ସବୁ ରୋଗ ହୋଇଯାଏ ନରୋଗ
ଜୀବନଠୁ ବଳ ସିଏ ମୋର ଅତି ଆପଣାର ।।

କନ୍ତୁ ଆଜି ମନେ ହୁଏ

ମୁଁ ନୁହେଁ ସତ, କ ଦୁନଆ ନୁହେଁ ସତ

ବଞ୍ଚିବାକୁ ନୁହେଁ

ମାରିବାକୁ ମନ ହୁଏ ସକ ସକ

ତୁମକୁ ହିଁ ବୋଉ କାହିଁ ମନ ଖୋଜେ ବାରମ୍ବାର ।।

ଭୁବନେଶ୍ୱର

# ଅସାଧାରଣ ସୁନ୍ଦରବନ-୧୬



ଅଶୋକ ବିଶ୍ୱାଳ

ମାଇତିବାବୁ ଭଲକରି ଅନାଇଲେ । ଜଙ୍ଗଲ ଭିତରୁ ଏକ ବାଘ ମୁଣ୍ଡ ବାହାରକରି ପାଣି ଆଡକୁ ଆସୁଛି । ପାଣି ଆଡକୁ ଖୋଲା ହେବାରୁ ଧିରେ ଭଲକରି ଦିଶିଲାଣି । ତା' ପଛେ ପଛେ ଆଉ ଏକ ବାଘ ବି ଗଡୁଥିଲା । ବୋଧହୁଏ ବାଘ ଆଉ ବାଘୁଣୀ । ସେମାନେ ପାଣିରେ ପହଁରି ଆରପାଖ ଘାସୁଆ ଚଡାକୁ ଯିବେ । ବାଘ ଆରାମରେ ପାଣିରେ ପଶି ଦୁଇମିନିଟ ଭିତରେ ଆର ପାଖ ଚଡାକୁ ଉଠି ଆସିଲା । ସେପଟୁ ସାଥି ଆସୁନି । ସେ ଆର ପଟକୁ ଚାହିଁଲା । କିନ୍ତୁ ବାଘୁଣୀ ମୋଟେ ପାଣିରେ ପଶୁ ନଥିଲା । ବାଘୁଣୀ ମୁଣ୍ଡ ହଲାଉଥିଲା କିନ୍ତୁ ପାଣି ପାଖ ମାଡୁ ନଥିଲା । ଏକ ପୂର୍ଣବୟସ୍କା ବାଘୁଣୀକୁ କିଛି ଡର ଲାଗିବାର କଥା ନୁହେଁ । ଅନେକ ଅନେକ ଥର ବାଘୁଣୀ ଗୋଟାଏ ଦ୍ୱୀପରୁ ଆଉ ଏକ ଦ୍ୱୀପକୁ ଏକା ପହଁରିଥିବା ଏ ପାଣି ତା' ପାଇଁ କିଛି ନୁହେଁ । ବାଘ ପ୍ରାୟ ୪-୫ ମିନିଟ ଠିଆହେଲା । ତଥାପି ବାଘୁଣୀ ପାଣିକୁ ଓହ୍ଲାଉ ନଥିଲା । କଣ ଘଟିଛି ଜାଣିବାପାଇଁ ବାଘ ବାଘୁଣୀ ଥିବା ଯାଗାକୁ ପହଁରିଆସିଲା ।

ପାଣିରେ ଆଉ କିଛି ଭାସୁଛି । ମାଇତିବାବୁ ଆଉ ଅନ୍ୟ ସାଥିମାନେ ଏକ କାଠଗରକୁ ଲକ୍ଷ୍ୟ କଲେ । ଏକ କୁମ୍ଭୀର । ବାଘୁଣୀ ପାଣିରେ କୁମ୍ଭୀର ଦେଖି ପାଣିରେ ପଶୁନି । ପାଣିରେ କୁମ୍ଭୀରକୁ ମଧ୍ୟ ବାଘର ଭୟ । ବାଘ ଯେତେ ଶକ୍ତଶାଳୀ ହେଲେ ମଧ୍ୟ ପାଣିରେ ବାଘ ସହଜରେ କୁମ୍ଭୀରର ଶିକାର ହୋଇଯିବ । କୁମ୍ଭୀର ଆକାରରେ ୮-୧୦ ଫୁଟ ଲମ୍ବ । ମଧ୍ୟମ ଆକାରର କୁମ୍ଭୀର ।ବାଘର କିନ୍ତୁ ଏ କୁମ୍ଭୀରକୁ କିଛି ପରବାୟ ନଥିଲା । ବାଘ ସିଧା ବାଘୁଣୀ ଠିଆ ହୋଇଥିବା କୂଳ ଆଡକୁ ପହଁରି ଆସୁଥିଲା । କୂଳର ଏକଦମ ପାଖାପାଖି । କୁମ୍ଭୀର ବାଘକୁ ପାଣିରେ ଦେଖି ତା' ଆଡକୁ ଜୋରରେ ପହଁରି ଆସିଲା । ବାଘ କୂଳରେ ପହଞ୍ଚିବା ପହଞ୍ଚିବା ହେଉଛି ତା' ଉପରକୁ କୁମ୍ଭୀର ଝାମ୍ପି ପଡିଲା ।

ସେତେବେଳକୁ ବାଘର ବୋଧେ ଗୋଡ ପାଇବା ପାଇବା ହେଉଥିବ । ବାଘ ଟିକିଏ କଣେଇଯାଇ କୁମ୍ଭୀର ଆକ୍ରମଣରୁ ବର୍ତ୍ତୀଗଲା । ପୁଣି କୁମ୍ଭୀର ଓଲଟିପଡି ବାଘ ଆଡକୁ ପହଁରି ଆସିଲା । ବାଘ ଜୋରରେ ବୁଲିଯାଇ କୁମ୍ଭୀର ଥୋବଣିରୁ ଦୂରରେ ରହିଲା । ଥରେ କୁମ୍ଭୀର ମୁହଁରେ ଆସିଗଲେ ତେଣିକି ପାଣିରେ ବଞ୍ଚିବା ଅସମ୍ଭବ । ସେ କୁମ୍ଭୀର ଆଖି ପାଖରେ ଜୋରରେ ଥାବାରେ ଆଘାତ ଦେଲା । କୁମ୍ଭୀର କିନ୍ତୁ କିଛି ହାରିବାର ଜନ୍ତୁ ନୁହେଁ ସେ ଲେଉଟି ପୁଣି ମାଡି ଆସିଲା । ସେତେବେଳକୁ ବାଘ ପ୍ରାୟ ମାଟିରେ । ନିଜକୁ ସହଜରେ ବାଘ ବଞ୍ଚେଇ ନେଲା । ଆଉଥରେ କୁମ୍ଭୀର ଆକ୍ରମଣର ଆଗରୁ ବାଘ କୁଦାମାରି ଶକ୍ତ ମାଟିକୁ ଆସିଲା । କୁମ୍ଭୀର କିନ୍ତୁ ମାଟିକୁ ଆସିବାକୁ ସାହାସ କଲାନାହିଁ । ମାଟିରେ କେଇ କ୍ଷଣରେ ରାଗୀ ବାଘ କୁମ୍ଭୀରକୁ ମାରିଦେବ । କୁମ୍ଭୀର ନିଜର ଶକ୍ତି ଜାଣିଥିଲା । ତେଣୁ ସେ ଗୋଳିଆ ପାଣିରେ ଟୁବକିନା ବୁଡିଗଲା । ଏଣେ ବାଘ ବାଘୁଣୀ ପାଖରେ ଆସି ଠିଆହେଲା । ବାଘୁଣୀ ବାଘ ଦେହରେ ଟିକିଏ ଘଷି ହେଲା । ସମାନେ କିଛି ସମୟ ପାଖାପାଖି ହୋଇ ଠିଆହେଲେ ଆଉ ତା' ପରେ ଜଙ୍ଗଲ ଭିତରକୁ ଧୀରଚାଲିରେ ଚାଲିଗଲେ। ବାଘର କିଛି କ୍ଷତି ହେଲାଭଳି ଜଣା ପଡୁନଥିଲା ।

ପାଓଲି ଆକାଶକୁ ଅନାଇଲେ । ଅନେକ ଫର୍ଚ୍ଚା ହୋଇ ଆସିଲାଣି । କିନ୍ତୁ ଦଶହାତ ଦୂରରୁ ମୁହଁକୁ ମୁହଁ ଦିଶିବନି । ପୂର୍ବ ଭଳି ଆକାଶ ସାମାନ୍ୟ ଧଳା ପଡିଆସୁଛି । ଆକାଶରେ ସେମିତି ସକାଳର ତାରା ଜଳୁଥିଲା । ମାଇତିବାବୁଙ୍କ କଥା ଶୁଣିବାପାଇଁ ସମସ୍ତେ ଆସି ଘେରି ଠିଆ ହୋଇଯାଇଥିଲେ । ଲସ୍କର ନିଜର ବୋଟ ନବାହାରିବା ଦୁଃଖ ଭୁଲିଯାଇ ମାଇତିବାବୁଙ୍କ କଥା ଶୁଣୁଥିଲା ।ଏ କଥାଗୁଡା ତ ଏମିତି । ଯେତେ ଶୁଣୁଥାଅ ନୂଆ ଲାଗିବ। ବାଘ କଥା ଅସଂଖ୍ୟବାର ଶୁଣିଥିବ କିନ୍ତୁ ଆଉ ଥରେ ସୁନ୍ଦରବନ ଭିତରେ ଏକ ନୂଆ ବାଘ କଥା ଶୁଣିବାକୁ ଭଲ ଲାଗୁଥିବ । ମାଇତିବାବୁଙ୍କ ଭଳି ଅଭିଜ୍ଞ ବ୍ୟକ୍ତି କଥାଟା ବନେଇ ଚୁନେଇ ହୁଏତ ନକହି ପାରନ୍ତି କିନ୍ତୁ ସେମାନଙ୍କ କଥା ବହୁତ ଅଲଗା ଲାଗେ । ସେଥିରେ ସୁନ୍ଦରବନର ସତକଥା ଲେଖାଥାଏ ।

ଶୋଇବାକୁ ମନ ହେଉନଥିଲା । ଆଖିରୁ ନିଦ ଚାଲିଯାଇଛି । ସକାଳୁଆ ଗପ ମଜା ଲାଗୁଥିଲା ।ନିତ୍ୟକର୍ମ କରିବାକୁ ସମୟ ହୋଇନାହିଁ । ଆଉ କିଛି ସମୟ କଥାବାର୍ତ୍ତା କରାଯାଇପାରେ । ଖାଲି କୁହୁଡିକୁ ଅନାଇବା ବା ଫିକା ପଡିଯାଉଥିବା ତାରାକୁ ଅନାଇବାଠାରୁ ମାଇତିବାବୁଙ୍କ ପାଖରୁ କିଛି ଶୁଣାଯାଉ । ମଣ୍ଡଳବାବୁଙ୍କ ଆଖି

ଲାଗିଆସୁଥିଲା । ସେ ରାତିସାର ଡ୍ୟୁଟି କରିଛନ୍ତି । ମାଇତିବାବୁ ତାଙ୍କଠାରୁ ବନ୍ଧୁକ ନେଲେ। ପାଖରେ ରଖି ସବୁଆଡକୁ ଅନାଇଲେ । କିଛି ନାହିଁ । ଆଉ ଟିକକରେ ସୂର୍ଯ୍ୟ କିରଣ ପଡିବ ଆଉ ବାଲିଚଡା ସବୁ ଭଲ ଦେଖାଯିବ । ସେ ନିଜ କାନଉପରେ ଲାଗିଥିବା ହେଡଫୋନ ଭଳି ଗୋଲ ଗୋଲ ପଟିକୁ ସଜାଡି ଦେଲେ । କାନକୁ ବେଶି ଥଣ୍ଡାଲାଗେ । ମଫଲରକୁ ମୁଣ୍ଡରେ କସି ଗଳା ଚାରିପାଖରେ ଭଲକରି ବାନ୍ଧିଦେଲେ । ବେକ ଆଉ କାନ ଗରମ ରହିଲେ ଥଣ୍ଡା ଧରିବ ନାହିଁ । ପାଓଲି ସେମିତି କିଛି କଲେନାହିଁ । ସେ ନିଜ ମୁହଁକୁ ରୁମାଲରେ ପୋଛିନେଲେ ।

"ବାଘ ଆକ୍ରମଣ ଦେଖିଛନ୍ତି ?"- ପାଓଲି ପଚାରିଲେ ।

"ଅନେକ ବାର । କିନ୍ତୁ ନେତି ଧୋପାନୀ କ୍ୟାମ୍ପରେ ରାତିରେ ହୋଇଥିବା ବାଘ ଆକ୍ରମଣ ବଡ଼ ଭୟଙ୍କର ଥିଲା ।" - ମାଇତିବାବୁ କହିଲେ । ତାଙ୍କ ସ୍ୱର ଧିମା ନଥିଲା । ଏମିତି ଦୃଢ ଭାବେ କହିବାର ଅର୍ଥ ହେଉଛି ସେମାନେ ବାଘ ଆକ୍ରମଣକୁ ଠିକଭାବେ ପ୍ରତିହତ କରିଛନ୍ତି ଆଉ କାହାର ଜୀବନ ଯାଇନି । ତାଙ୍କ ମୁହଁରେ ଧଳା ରୁଢ ଭରିଯାଇଛି । ଆଖି ଚକ୍‌ଚକ୍ କରୁଛି । ବଳିଷ୍ଠ ଶରୀରରେ ମାଂସପେଶୀ ଫୁଟିଉଠିଲା ଭଳି ଲାଗୁଥିଲା । ତାଙ୍କ ଭଳିଆ ଲୋକ କେଉଁ କଥାରେ ସହଜରେ ହାର ମାନୁନଥିବେ, ପ୍ରାଣପଣେ ଚେଷ୍ଟା ଜାରି ରଖିଥିବେ । ଏମିତି ଲୋକମାନେ ସୁନ୍ଦରବନକୁ ବଞ୍ଚାଇ ରଖିଛନ୍ତି । କଥାଟା ସେ ଭଲଭାବେ କହିଲେ ଆଉ ପରେ ପାଓଲି ନିଜ ହିସାବର ସଜାଇ ଦେଲେ ।

ନେତି ଧୋପାନୀରେ ବାଘ ଆକ୍ରମଣ ଆଗରୁ କୁହାଯାଇଛି ମାଇତିବାବୁଙ୍କ ଅଭିଜ୍ଞତା ବହୁତ ବେଶି ।

ସେ ବୋଝ ବୋହୁଥିବା ଲୋକଙ୍କୁ ରାତିରେ ନେତି ଧୋପାନୀ କ୍ୟାମ୍ପ ପାଖ ନାଳରେ ଡଙ୍ଗା ରଖିବାକୁ ମନାକଲେ । ସେମାନଙ୍କ ମାଲ ବୋହିବା ବଡ଼ ଡଙ୍ଗା । ମଝିଟା ପେଟୁଆ, ତଳଟା ଅନେକ ସମତଳ । ଏ ସବୁ ଡଙ୍ଗା ସରୁଆ ମାଛଧରା ଡଙ୍ଗାଠାରୁ ବହୁତ ବଡ଼ ଆଉ ଦେଖିବାକୁ ଅଲଗା ଲାଗେ । ଏହି ବୋଝିଆ ଲୋକମାନେ ବହୁତ ଦୂରରୁ ଇଟା ସିମେଣ୍ଟ ନେଇ ଆସିଛନ୍ତି । ଡଙ୍ଗାରେ ପ୍ରାୟ ୧୫ ଜଣ ଲୋକଥିଲେ । ଏମିତିଆ ବୋଝ ବୋହୁଥିବା ବଡ଼ ଡଙ୍ଗାର ଲୋକମାନେ ଜଲଦି କାମ କରନ୍ତି ଆଉ ବେଶି ରୋଜଗାର କରିବାକୁ ଚାହାନ୍ତି। ସମୟ ସେମାନଙ୍କ ପାଇଁ ଯେମିତି ସୁନା । ଡଙ୍ଗାରେ ସବୁ ଟୋକା ବୟସର ଲୋକେ ଥିଲେ।

ରାତି ପ୍ରାୟ ଆଠଟା । ଭଟ୍ଟାର ସମୟ । ପାଣି ଜଲଦି ଶୁଖି ଯାଉଥିଲା । ପାଖ ନାଳରେ ମଧ୍ୟ ପାଣି ବହୁତ କମିଗଲାଣି । ବେଶି ହେଲେ ଦୁଇହାତ ବା ଚାରିହାତ ପାଣି । ଏମିତି ନାଳ ଭିତରକୁ ସେମାନେ ଟିକିଏ ଆଗରୁ ପାଣି ଥିଲାବେଳେ ଡଙ୍ଗା ଆଣୁଥିଲେ । ସେମାନଙ୍କୁ କ୍ୟାମ୍ପରେ ମାଇତିବାବୁଙ୍କ ଛଡା ମଧ୍ୟ ଅନ୍ୟ ଲୋକମାନେ ନାଳରେ ରହିବାକୁ ମନାକଲେ । ବିଟ ଅଫିସର ବା ବଡବାବୁ ଟୁରରୁ ଫେରିନାହାନ୍ତି । ଆଉ ଏ ଟୋକାଗୁଡା ମୋଟେ କାହାକଥା ମାନିଲେନି । ବାଘ କଥା ଏସ ଟି ଆର୍ ଲୋକମାନେ ଏମିତି କହି ଡରାନ୍ତି ବୋଲି ଭାବିଲେ ।

"ଆମେ ଏତେ ଲୋକ ଅଛୁ । ବାଘ କୁଆଡେ ଡରି ପଳେଇବ ।"- ସେ ଟୋକାଗୁଡା କହୁଥିଲେ । ମାଇତିବାବୁ ଆଉ ଅନ୍ୟମାନେ ଏତେ ମନାକଲାପରେ ମଧ୍ୟ ସେମାନେ ବଡଡଙ୍ଗାକୁ ନାଳ ଭିତରକୁ ରାତିରେ ନେଇ ଆସିଲେ । ସକାଳୁ ବଡ଼ ଜୁଆର ଆସୁ ଆସୁ ଦିନ ଦଶଟା ହେବ । ସେ ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରିବାକୁ ପଡିବ । ତାପରେ ଡଙ୍ଗା ଭିତରକୁ ଆସିବ ଆଉ ଜିନିଷ ଅନଲୋଡିଙ୍ଗ ହେବ । ଏମିତି କରୁକରୁ ଦିନପାଇଯିବଆଉ ସେଦିନ ଘରକୁ ଫେରି ହେବନି । ଏମିତି ରାତିରେ ଡଙ୍ଗା ଭିତରେ ରହିଲେ ସକାଳୁ ସକାଳୁ କାମ କରିହେବ ଆଉ ଦିନଥାଉଥାଉ ଘରମୁହାଁ ହୋଇହେବ । ସେମାନଙ୍କ ଯୁକ୍ତିଟା ଠିକ୍ ।କିନ୍ତୁ ସୁନ୍ଦରବନ ଭିତରେ ଅଭିଜ୍ଞତା ବେଶି କାମ କରେ । ବାଘକୁ ସେମାନେ ବଡ଼ କୁକୁର ଭାବୁଥିଲେ । କୁକୁରକୁ ହାସୁ କରିଦେଲା ପରି ବାଘକୁ ଜୋରରେ ପାଟିକଲେ ବାଘ ଡରି ପଳେଇବ ।

ନାଳର ଦୁଇପଟେ ଘଞ୍ଚ ଜଙ୍ଗଲ । ପାଣି ଛାଡିଯାଉଥିଲା । ଆଉ ଘଣ୍ଟାକରେ ବୋଧେ ଡଙ୍ଗା ତଳ କାଦୁଅରେ ବସିଯିବ । ମାଇତିବାବୁଙ୍କୁ ଡର ଲାଗୁଥିଲା । ଅନେକ ବାଘ ଆଖପାଖରେ ଅଛନ୍ତି । ପାଣି ଶୁଖିଗଲେ ବାଘପାଇଁ ନାଳ ଆଉ କିଛି ବାଧା ହେବନି । ରାତି ବାରଟାରେ ପୁରା ଭଟ୍ଟା ହୋଇଯିବ । ଏତେ ରାତିରେ ଲୋକଗୁଡା ନିଦରେ ଶୋଇଯିବେ । ଯଦି ବାଘ ଡଙ୍ଗାକୁ ଆସିଲା, ତେବେ? ମାଇତବାବୁ ଜିଭ କାମୁଡି ପକାଇଲେ । ସେ ଲୋକମାନଙ୍କୁ କ୍ୟାମ୍ପ ଭିତରକୁ ଡାକିଥିଲେ । କିନ୍ତୁ ସେମାନେ ମନାକଲେ । ସବୁ ସାଜ ସଂରଜାମ ଡଙ୍ଗାରେ ଅଛି । ବେଶି ସୁବିଧା ହେବ ।ଦଳହୋଇ ରାତିସାରା ହୋ ହାଲ୍ଲା କରିବେ । ବାଘ ଡରି ପଳେଇବ । ତାଛଡା ସମସ୍ତେ ପାଖରେ ଥିଲେ ସକାଳୁ ଜଲଦି କାମ କରିହେବ ।

"ବାଘ ଘୁରି ବୁଲୁଛି । ବହୁତ ସାବଧାନରେ ରହିବ ।"– ମାଇତିବାବୁ କ୍ୟାମ୍ପ ଫେନସିଙ୍ଗ ଭିତରୁ ପାଟିକଲେ । ତାଙ୍କର ମନ ମାନୁ ନଥିଲା ।ଲୋକଗୁଡାକ ନିରାପଦରେ ରୁହନ୍ତୁ । ରାତି ନଅଟା ବାଜିଲାଣି । ସମସ୍ତେ ଶୋଇବାକୁ ଯିବେ । କମ୍ପାଉଣ୍ଡ ଚାରିପାଖେ ଉଚ୍ଚ ତାରଜାଲି ଲାଗିଛି । ସେ ନିରାପଦ । କିନ୍ତୁ ଖୋଲାରେ ?ମାଇତିବାବୁ ଏକ ଦୀର୍ଘନିଃଶ୍ୱାସ ନେଲେ । ଭଗବାନଙ୍କ ନାମରେ ହାତ ଯୋଡିଲେ । ବବନବିବିଙ୍କୁ ସୁମରଣା କଲେ । ତାପରେ ନିଜ ଶୋଇବା ଯାଗାକୁ ଚାଲିଗଲେ ।

ସେତେବେଳକୁ ରାତି ଏଗାରଟା ସମୟ । ବାଘ ଆକ୍ରମଣ ଆରମ୍ଭ ହୋଇଗଲା । ବୋଟରୁ ଜୋରରେ ଚିତ୍କାର ଆସିଲା ।

"ବାଘ, ବାଘ, ବଞ୍ଚାଅ, ବଞ୍ଚାଅ ।"–

କ୍ୟାମ୍ପରେ ସମସ୍ତେ ଉଠି ପଡିଲେ । କିନ୍ତୁ କିଛି କରିବାର ଉପାୟ ନାହିଁ । ଗେଟ ଖୋଲି ବାହରକୁ ଯିବାରେ ବିପଦ । କ୍ୟାମ୍ପରେ ବେଶି ଲୋକ ନାହାନ୍ତି । ମାଇତିବାବୁଙ୍କୁ ମିଶାଇ ତିନି ଜଣ ଲୋକ । ବାଘ ଗୋଡେ ଗୋଡେ ଜଗିଛି । ଗେଟ ଖୋଲିଲେ ଅନ୍ଧାର ରାତିରେ କିଛି ଜାଣିବା ଆଗରୁ ବାଘ ଧରିନେବ ।

କଣ ହେଲା କଣ ହେଲା କହି ସେମାନେ ଜାଲି ପାଖକୁ ଦୌଡିଗଲେ । ଡଙ୍ଗାର ଲୋକମାନେ ଜୋରରେ ବଞ୍ଚାଅ, ବଞ୍ଚାଅ ବୋଲି ଡକା ପାରୁଥିଲେ । ଖାଲି ଆର୍ତ୍ତନାଦ ଆଉ ଚିତ୍କାର ଭାସିଆସୁଥାଏ ।

ମାଇତିବାବୁ ନିଜ ସ୍ୱରକୁ ଯେତେ ସମ୍ଭବ ଉଚ୍ଚ କରି "କ୍ରାକରିଙ୍ଗ କର, କ୍ରାକରିଙ୍ଗ କର"ବୋଲି ପାଟି କରୁଥାନ୍ତି । କ୍ରାକରିଙ୍ଗ କର ମାନେ ଏକାସଙ୍ଗେ ବାଣ ଫୁଟାଅ । ବାଣ ଶବ୍ଦ ଆଉ ଲୋକଙ୍କ ଚିତ୍କାର ଶୁଣି ବାଘ କୁଆଡେ ଛାଡି ପଳାଇବ ।

"ଦୁଇଟା ବାଘ ଏକା ସାଙ୍ଗରେ ଆକ୍ରମଣ କରୁଛନ୍ତି । ବଞ୍ଚାଅ, ବଞ୍ଚାଅ ।"– ବୋଲି ଡଙ୍ଗାରୁ ଚିତ୍କାର ଆସିଲା ।

"ଖଣ୍ଡ ଇଟା ବାଘ ଆଡକୁ ଫୋପାଡ । ବାଘ ଆଡକୁ ଖଣ୍ଡ ଇଟା ଫୋପାଡ ।" – ମାଇତିବାବୁ ଗର୍ଜ୍ଜନ କଲା ଭଳି ଆଦେଶ ଦେଲେ । ଏତେ ଲୋକ ଇଟା ଫୋପାଡିଲେ ବାଘ ଦେହରେ ଇଟା ବାଜିବ । ବାଘ ଡରି ପଳାଇବ ।

କିନ୍ତୁ ବାଘମାନେ କ୍ରାକରିଙ୍ଗ ଆଉ ଖଣ୍ଡ ଇଟା ଫୋପଡାକୁ ମାନିଲେ ନାହିଁ । କ୍ରାକରିଙ୍ଗ କମ୍ପାଉଣ୍ଡ ଭିତରେ ହେଉଥିଲା । ତେଣୁ ବାଘ ପାଖରେ ବେଶି ଶବ୍ଦ ପହଞ୍ଚି ପାରୁ ନଥିଲା । କ୍ରାକରିଙ୍ଗରେ ଭଲ ଶବ୍ଦ ହୁଏ । ସାରା ଜଙ୍ଗଲ ଥରିଯାଏ । ଶବ୍ଦ ଆଉ ଧୂଆଁରେ ବାଘ ଡରି ଚାଲିଯାଏ । କିନ୍ତୁ ଏ ବାଘ ଦୁଇଟା ମୋଟେ ଡରୁ ନଥିଲେ । ଟିକିଏ ପଛେଇ ଯାଇ ଆକ୍ରମଣପାଇଁ ପେଟେଇ ପଡୁଥିଲେ । ଦୁଇଜଣ ସାଙ୍ଗ ବାଘ । ସାହାସ ନହରାଇ ମଣିଷ ଉପରେ ଆକ୍ରମଣ ଜାରି ରଖିଥିଲେ ।

ନେତି ଧୋପାନୀ କ୍ୟାମ୍ପଟା ଧୋପାନୀ ନଦୀ କୂଳରେ । ତିନି ଦିଗରେ ଘଞ୍ଚ ଜଙ୍ଗଲ କ୍ୟାମ୍ପକୁ ଘେରି ରଖିଥିଲା । ବାଘ ଆଉ ସାପର ଭୟ ସବୁବେଳେ ଥାଏ । ଏମିତି ଜେଟି ପାଖରେ ବାଘକୁ ଜଗି ବସିବାର ଦେଖାଯାଇଛି । ଏ ଗୋଳମାଳ ଭିତରେ କଣ କରାଯିବ ବୋଲି କାହାର ବୁଦ୍ଧି କୂଳ ଧରୁ ନଥାଏ । ବାଘଗୁଡା ଅଧଘଣ୍ଟା ହେଲା ମୋଟେ ଛାଡି ଯାଉ ନାହାନ୍ତି । ଆଖି ଆଗରେ ଦୁଇଟା ଲୋକଙ୍କୁ ବାଘ ଟାଣିନେବ । କଥାଟା ମୋଟେ ସହିହେବ ନାହିଁ ।

“ନିଆଁ ଜଳାଅ ।”– ମାଇତିବାବୁ ନିଜର ତୃତୀୟ ଆଦେଶ ଦେଲେ । କ୍ୟାମ୍ପପଟେ ସାଙ୍ଗେ ସାଙ୍ଗେ କାଠଗଣ୍ଡିରେ କିରୋସିନ ଢାଳି ନିଆଁ ଜଳାଗଲା । ବାଘ ବା କେଉଁ ଜଙ୍ଗଲି ଜନ୍ତୁ ନିଆଁକୁ ଡରନ୍ତି । ଏଇଟା ହେଉଛି ବ୍ରହ୍ମାସ୍ତ୍ର । ବାଘ ନିଶ୍ଚିତ ଭାବରେ ଡରିବ ।

“ତମେ ଡିଜେଲ ଢାଳି ନିଆଁ ଲଗାଅ । ଯାହା କପଡା ପଟା ଅଛି ତା’କୁ ମିଶାଇ ମଶାଲ ତିଆରି କର ଆଉ ବାଘ ଆଡକୁ ଦେଖାଇ ହଲାଅ ।”– ଏଇଟା ମାଇତିବାବୁଙ୍କ ଚତୁର୍ଥ ଆଦେଶ ଥିଲା ।

ଡଙ୍ଗାର ଲୋକମାନେ ଇଟା ଫୋପଡା ଜାରି ରଖିଥିଲେ । ଜଙ୍ଗଲ ଧାରରେ ବାଘଦୁଇଟା ସେମିତି ବୁଲୁଥିଲେ ଆଉ ଆକ୍ରମଣର ସୁଯୋଗ ଖୋଜୁଥିଲେ । କିନ୍ତୁ ଏତେ ପାଟିତୁଣ୍ଡ ଭିତରେ ସେମାନେ ଆକ୍ରମଣ କରିପାରୁ ନଥିଲେ ।

ଡଙ୍ଗାରେ ନିଆଁ ଜଳି ଉଠିଲା । ଦୁଇଟା ମଶାଲ ଡଙ୍ଗାର ଦୁଇ ମଙ୍ଗ ପାଖରେ ଜଳୁଥିଲା । ଲୋକମାନେ ନିଜର ପିନ୍ଧା କପଡା ବାନ୍ଧି ମଶାଲ କରିଥିଲେ । ଏପଟେ କ୍ୟାମ୍ପ ଭିତରେ ମଧ୍ୟ ନିଆଁ ଲଗାଯାଇଥିଲା । ସବୁଆଡେ ନିଆଁ ନାଚୁଥିଲା । ଶେଷରେ ବାଘମାନେ

ହାରିଯାଇ ଜଙ୍ଗଲ ଭିତରେ ଲୁଚିଗଲେ । କିଏ ଜାଣେ ସେମାନେ କିଛି ସମୟ ପର୍ଯ୍ୟନ୍ତ ଲୁଚିଯାଇଛନ୍ତି ନା ସୁଯୋଗ ପାଇଁ ଅପେକ୍ଷା କରିଛନ୍ତି ।

“କ୍ୟାମ୍ପକୁ ଆସ ଆଉ ଡଙ୍ଗାରେ ରୁହନାହିଁ । ଏ ବାଘଗୁଡା ରାତିରେ ପୁଣି ଫେରିବେ । ବିପଦ ଅଛି ।”- ମାଇତିବାବୁ ସେମାନଙ୍କୁ ପ୍ରାୟ ଆଦେଶ ଦେଉଥିଲେ ।

ବାଘମାନେ ଶିକାରକୁ ସହଜରେ ଛାଡନ୍ତି ନାହିଁ । ଶିକାର ଉପରେ ଘଣ୍ଟା ଘଣ୍ଟା ଧରି ନଜର ରଖିଥାନ୍ତି । ଏକ ଅସାବଧାନ ମୁହୁର୍ତ୍ତରେ ହଠାତ୍ ଆକ୍ରମଣ କରି ଦିଅନ୍ତି । ପାହାନ୍ତିଆ ଆଡକୁ ଆଖି ମାଡି ଆସିବ ଆଉ ଏଇ ସୁଯୋଗରେ ବାଘ ଟାଣିନେବ ।

ସେ ଟୋକାଗୁଡାକ ମୋଟେ କ୍ୟାମ୍ପ ପର୍ଯ୍ୟନ୍ତ ଆସିବାକୁ ସାହାସ କଲେନି । ୧୦୦ ଫୁଟ ତ ଚାଲିବାକୁ ପଡିବ । କେଉଁଠି ବାଘ ଛପିଥିବ । ସେମାନେ କାଦୁଅରେ ଡଙ୍ଗାକୁ ପାଣି ଭିତରକୁ ଠେଲି ନେଇ ଗଭୀର ପାଣିକୁ ଚାଲିଗଲେ । ଏଠି ବାଘ ଆସିବା କଷ୍ଟ । ଲମ୍ଫ ଦେଇ ପାରିବନି ।

ବାଘ ରାଜ୍ୟରେ ଆମେ ରହିବୁନି ।- ଗଭୀର ପାଣିରୁ ସେ ଟୋକଗୁଡା କହୁଥିଲେ । ତାପରେ ସେମାନେ ଡଙ୍ଗାକୁ ମଝି ନଦୀକୁ ନେଇଗଲେ ଆଉ ପରଦିନ ସକାଳ ନହେଉଣୁ ନେତି ଧୋପାନୀ ଅଞ୍ଚଳ ଛାଡି ପଳେଇଲେ । କିଛି ଜିନିଷ ଅନଲୋଡିଙ୍ଗ ମଧ୍ୟ କରି ନାହାନ୍ତି।

ଗପ ସରୁସରୁ ଦିନର ଆଲୁଅ ଆସିଗଲା । ପକ୍ଷୀର କିଛି କାକଳୀ ନଥିଲା । ଖାଲି କିଛି ଛୋଟ ଢେଉ ଥିଲା ପାଣିରେ । ସକାଳେ ଏକ ବଡ଼ ବାଲିଚଡା ଦେଖାଗଲା । ଆଉ ସମୟ ସହ ବାଲିଚଡାର ଲମ୍ବା ଚଉଡା ବଢିଯାଉଥିଲା । ପାଣି ଧିରେ ଖସୁଥିଲା । ରାତିରେ ବାଲିଚଡାର ଦେର୍ଘ୍ୟ ଆଉ ପ୍ରସ୍ଥ ଜଣା ପଡୁନଥିଲା । ପ୍ରାୟ ଗୋଟିଏ କିଲୋମିଟର ଲମ୍ବ ଆଉ ୮ଶହ ମିଟରର ଚଉଡା ବାଲିଚଡା । ବୋଟ ଠିକ ଗଭୀର ପାଣିର ୧୫ ଫୁଟ ଦୂରରେ ଠିଆ ହୋଇଛି । ରାତିରେ ବୋଟର ମୁହଁଟା ତେରେଛା ହୋଇଯାଇଛି । ଆଉ ସବୁଠୁ ଲମ୍ବା ଦୈର୍ଘ୍ୟ ଆଡକୁ ମୁହଁ କରିଛି । ଯାହାହେଉ ବୋଟ ଆଗକୁ ଯାଇନି । ଅଧିକା ଆଗକୁ ଯାଇଥିଲେ ବୋଟ ମୋଟେ ଫେରିପାରି ନଥାନ୍ତା । ଏବେ ପାଣି ବଢିଲେ ଫେରିବାର କିଛି ସମ୍ଭାବନା ଅଛି । ପାଣି ବଢୁ ବଢୁ ଦିନ ଦୁଇଟା ହେବ । ସେତେବେଳଯାଏ ବୋଟ ସେମିତି ବାଲିଚଡାରେ ଠିଆ ହୋଇ ରହିବ ।

ବହୁତ ଦୂରରେ କେଦୋଖାଲି ଆଉ ଗୋନାର କୂଳ ଦେଖାଯାଉଥିଲା । ମାଛଧରା ଟ୍ରଲର ଅନେକ ଆଗକୁ ଚାଲିଯାଇଥିଲା । କେହି ପାଖରେ ନାହାନ୍ତି । ମାଇତିବାବୁ ଓୟାରଲେସରେ ଖବର ଦେଲେ । ଏସ ଟି ଆରର ଏକ ଦଳ ଆସି ସାହାର୍ଯ୍ୟ କରିବେ । ତା' କିନ୍ତୁ ପାଣି ପୂରା ଖସିଲା ପରେ । ଏକଦମ ପାଣି ଖସିଗଲେ ଗଭୀର ପାଣିର ଧାର ଜଣାପଡିଯିବ । ଗୋଳିଆ ପାଣିରେ କମ ପାଣିବାଲା ଅଂଶ ଜଣା ପଡିବନି । ତେଣୁ ସେଇଟା ହେବାପାଇଁ ଦିନ ଦଶଟା । ସେମାନେ ପହଞ୍ଚିବାପାଇଁ ଦିନ ୧୧ଟା ହେବ । ସେତେବେଳ ପର୍ଯ୍ୟନ୍ତ କିଛି କାମ ନାହିଁ ।

ପାଓଲି ସେ ବାଲିଚଡାରେ ଚାଲିବାକୁ ଚାଲିଗଲେ । ତାଙ୍କର ପାଦଚିହ୍ନ ନରମ ବାଲିରେ ରହିଯାଉଥିଲା । ପକ୍ଷୀମାନେ କୁଆଡୁ ଆସିଯାଉଥିଲେ । ଅନେକ ପ୍ରକାରର ଗେଣ୍ଡା ଆଉ ହରମିଟ କ୍ରାବର ଶାମୁକା ପଡିଥିଲା । ବହୁତ ଜେଲିଫିସ ଏଣେତେଣେ ପଡଥିଲା । ପାଓଲି ସେମିତି ଚାଲିବାକୁ ଲାଗିଲେ । ଏଣେ ଲସ୍କର ଆଉ ବାବାୟା ବୋଟକୁ ଢିରା ଦେଉଥିଲେ । ବୋଟର ତଳଟା ସମତଳ ନହେଁ । ତେଣୁ ଢଳି ତଳେ ପଡିଯିବାର ସମ୍ଭାବନା ଅଛି । ବୋଟ ସିନା ପାଣିରେ ଭଲ ଭାସେ । କିନ୍ତୁ ଶୁଖିଲାରେ ଗୋଟାଏ ପଟକୁ ଢଳିଯାଇପାରେ । ସେମାନେ କାତ ଲଗାଇ ବୋଟକୁ ଢିରା ଦେଲେ । ଗଭୀର ପାଣି ଆଡକୁ ଦିଗ ଜାଣିବା ପାଇଁ କୂଳରେ ଲାଗିଥିବା ବଡ଼ କାଠି କେତୋଟି ବାଲିରେ ପୋତିଦେଲେ । ପରେ ପାଣି ଭରିଗଲେ ଏ ଦିଗରେ ଯାଇ ଗଭୀର ପାଣିକୁ ଯାଇହେବ ।

ଏମିତି ଅନେକ ବେଳ କଟିଗଲା । ପାଣି ଏବେ ନାଚିବା ଆରମ୍ଭ ହେଲାଣି । ସୂର୍ଯ୍ୟ କିଛିବାଟ ଆଗେଇ ଆସିଲାଣି ।ବାଲିଚଡା ବେଶ ସ୍ପଷ୍ଟ ଦେଖାଯାଉଛି । ବଡ଼ ଥଣ୍ଟଥିବା କିଛି ପକ୍ଷୀ ପାଣି କୂଳରେ ବସିଥିଲେ । ଆଉ ଏ ଭିତରେ ଏକ ଇଞ୍ଜିନ ବୋଟର ଶବ୍ଦ ଶୁଣାଗଲା। ଏସ ଟି ଆର୍ କର୍ମଚାରୀମାନେ ଆସୁଛନ୍ତି । ସେମାନେ ଏକ ପତଳା ଡିଙ୍ଗି ବୋଟରେ ଆସିଥିଲେ। ବଡ଼ ବୋଟ ଆଣିବା ସମ୍ଭବ ନଥିଲା । ପାଓଲିଙ୍କ ବୋଟ କେମିତି ଯାଗାରେ ଫସିଛି ଜଣାନାହିଁ । ଛୋଟ ଡିଙ୍ଗି ବୋଟ ସବୁଯାଗାକୁ ଚାଲିଯିବା ।ଏ ଡିଙ୍ଗିର ପଛରେ ଏକ ଇଞ୍ଜିନ ଫିଟ ଥିଲା । ଫୁଟେ ଦୁଇଫୁଟ ପାଣିରେ ବୋଟ ଚାଲିଯାଇ ପାରିବ ।

କ୍ରମଶଃ-

ସେକ୍ଟର-୩, ସଲ୍ଟଲେକ, କଲିକତା

# ସମର୍ପଣ



ଦଣ୍ଡାସିପ୍ରଧାନ

ମୁଁ ମୁକୁଳିତ କଣ୍ଠରେ କହିବି
ମୋର ମୋହଗ୍ରସ୍ତ ମନରେ,
ଭରିଦେଇଛ ତୁମ୍ଭେ ଦିବ୍ୟ ଭାବନା
ଭିନ୍ନତାର ସମ୍ମିଳନ ତରଙ୍ଗ ମଳୟ;
ଚରମ ପରିତୁଷ୍ଟି ଝୁଲି
ସମୟାନ୍ତରର ଯଜ୍ଞପେଟିକା
ନାନ୍ଦନିକ ଚୈତନ୍ୟ ସ୍ୱର୍ଶ ।
ତୁମ୍ଭ ପ୍ରେମ ପ୍ରେରିତ ପ୍ରେରଣାରେ,
ଏଠି ବେଶ୍ କିଛି ଅନୁପମ
ଅନୁଭବେ, ସନ୍ତୁଷ୍ଟ ସନ୍ତୁଷ୍ଟ ଲାଗେ ,
ମୋରଏ' ଲୁଣଭୁକ୍ତ ଜୀବନ ।
ତଥାପି
ଅମୃତ ଶୂନ୍ୟାକାର ସହିତ ସମନ୍ଧ ସ୍ଥାପିବା ଇଚ୍ଛାକୁ
ସହଜରେ ଏଡ଼ାଇ ହୁଏନାହିଁତ ।
କାହିଁକି ଯେଣୁ--
ଯୋନି ଜନ୍ମିତାନ୍ତରଣରେ,
ଯୋଗ ଯୁଗଳ ଚିନ୍ମୟ ତୃପ୍ତିପ୍ରଦ ତନ୍ମୀତା
ପୂର୍ଣ୍ଣାବେଗିକ ପରମ ହର୍ଷ
ସୃଷ୍ଟିକରେ
ଲକ୍ଷ୍ୟନିଷ୍ଠ ଅନାଦି ଚିତ୍ତାକର୍ଷଣ,

ଅପୁନର୍ଜନ୍ମ ନିର୍ବାଣରେ ।
ଘନିଷ୍ଠ ଆବଦ୍ଧିତ ଅନ୍ଧକ୍ତରରୁ ମୁକ୍ତ ---
ମହା ଉଉପଶମ ନିଶାରେ,
ଧ୍ୟାନ, ଧାରଣ ସ୍ୱାଧ୍ୟାୟ ଅନୁଶାସନ ଯୋଗନିୟମ;
ଜୋସ୍ନାୟିତ ରୂପା ପାରିଜାତ ଜହ୍ନ
ହାତେଇବାର ପାର୍ଥିବ ପ୍ରାଣଟି,
ପ୍ରାଣାନୁପମ ସଂଯୋଗ ମନସ୍କରେ,
ଚିରନ୍ତନି ସୁବାଞ୍ଛିତ ରୀତିରୂପ ସାକ୍ଷାତକାର
ଅନ୍ୱେଷଣ ନିମନ୍ତ୍ରନରେ ବିଭୋରିତ ହୁଏ--
ମହା ମିଳନର ପରିଣାମ ସୁଖରେ ଅହରହ ।
ପରନ୍ତୁ,
ଆରପଟକୁ ପାଉଛି,
ଉପଶାନ୍ତିର ତୃପ୍ତିରେ କେବଳ ଅନୁପ ଶାନ୍ତିର ଅତୃପ୍ତି ।
ବେଳେବେଳେ ଅନୁକ୍ଷଣ ଦେହ ଗଞ୍ଜୁଛି,
ସଞ୍ଚିତ ପ୍ରାରବ୍ଧ ପଞ୍ଜିକା
ଭୁଲ ଠିକ୍ ର ସିଦ୍ଧାନ୍ତକୁ ଖୋଜୁଖୋଜୁ ।

ସଂସ୍କାର ଗୁଣବୃତ୍ତି ସୁଖ ହଜିହଜି ଯାଏ ,
ଭୌତିକତାର ଭିଡରେ ବେଳୁବେଳ ।
ବାନ୍ଧି ହେଇଯାଏ ମାୟାରେ ।
ଭୁଲିଯାଏ ନିଜର ସ୍ୱରୂପକୁ ।
ନିସ୍ତାରକାମୀ ହଂସ
ପହଁରି ପାରେନାହିଁ
ଖିର ସମୁଦ୍ର ପ୍ରଶାନ୍ତି ଶଯ୍ୟାକୁ ।
ଅବା ସ୍ପର୍ଶ କରାଇ ପାରେନାହିଁ
ହେମାଳମାଳିନୀ ଚୁଡାକୁ, ସର୍ବୋତ୍ତମ ଶୀର୍ଷଦେଶେ ।
କିନ୍ତୁ; ତଥାକଥିତ

ଅନୁକ୍ଷଣ ଅନବରତ ଅଦମ୍ୟ ଉଦ୍ୟମ ଜାରି
ରଖିଥାଏ,
ନିର୍ବାଣ ଅନ୍ତଃବାର୍ତ୍ତା ବହନର ।
କେବେ ନିର୍ଜଳ ବ୍ରତରେ ଶୈବ, ଶାକ୍ତ, ବୈଷ୍ଣବ
ଉପାସନାର ନୈବଦ୍ୟତ;
କେବେ ପୁଣି ତର୍ଥାତଟିନୀ ସରିତ ସଂଗୃହିତ
ଜଳପୂର୍ଣ୍ଣ କଳସରେ, ରୁଦ୍ରାଭିଷେକ,
ଭିନ୍ନଭିନ୍ନ ଢଙ୍ଗରେ ।
ତୁମ୍ଭ ଅତୁଳନୀୟ ରଚନାର ବୈଚିତ୍ର୍ୟ ସମ୍ଭାର
ସେବା ଆଉ ତ୍ୟାଗ
ଆଜି ସତରେ ବାସୁଛି
ବାଞ୍ଛିତ ବାସ୍ନାର ଆତ୍ମ ସମର୍ପଣରେ ।

ଉପାନ୍ତ ସାହିତ୍ୟ ସେବା ସାଂସ୍କୃତିକ ସଂସଦ, ପାତ୍ରପୁର, ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967 Dpradhan@gmail.com

# ମା



ଡ. ଜ୍ଞାନେଶ୍ୱର ମିଶ୍ର

"ମା" ଏକ ସ୍ନିଗ୍ଧ ଉଚ୍ଚାରତା
ବିଶ୍ୱ ବ୍ରହ୍ମାଣ୍ଡରେ ବିକଳ୍ପ ବିହୀନ
ଠୁଳକଲେ ଜଗତର ସବୁ ଧନଧାନ
ତୋ କୋଳ ନିକଟରେ ସବୁ ତନି ଗଣ୍ୟ
ପାଇଲେ ତା ପଣତର ଅମୃତ ପରଶ
ମନ ଅନ୍ତରରେ ଭରିଯାଏ ଅପୂର୍ବ ଉଚ୍ଛ୍ୱାସ
କ୍ଲାନ୍ତ ହୁଏ ଦୂର ମନ ହୁଏ ପୁଲକିତ
ତା ସହନଶୀଳତା ସାର୍‌ ଜଗତରେ ବ୍ୟାପ୍ତ
ଅନ୍ୟ ଦୁଃଖ କଷଣ କରିବାକୁ ଦୂର
ନିଜ ସୁଖ ଭୂଲି ବିତିଯାଏ ସାର୍‌ଜୀବନ ନିଜର
ନିଆର୍‌ ଅଟଇ ତାର ନିର୍ମଳ ହୃଦୟ
ଅନ୍ୟର ବିପଦ ବ୍ୟଥାରେ ହୁଏ ସେ ଅଥୟ
ନେବାକଥା ନାହିଁ ଜାଣେ ତାହାର
ଦେଇ ଗ୍ଭଲିଥାଏ ଭ୍ବେନାହିଁ ପର କିଏ ଆପଣାର
ଧନୀ ସେ ଜୀବନ ଧନ୍ୟ ସ୍ରଷ୍ଟା ତାର
ସେ ମା ପାଦରେ କୋଟିଏ ଜୁହାର ॥

୪୯/୫, କାର୍ଲମାର୍କ୍ସ ସରଣୀ,
ଖିଦିରପୁର, କଲିକତା

# ଲୋକ କଣ କହିବେ ?



ଅଳକା ମହାନ୍ତ

ହଠାତ୍ ଅଫିସରୁ ଫେରୁ ଫେରୁ ଖୁସିର ସ୍କୁଟି ଟି ପଙ୍କଚର୍ ହୋଇ ଗଲା । ଆରେ ଏ କଣ ହେଲା !! କେମିତି ଯିବ ସେ ଘରକୁ। ନୂଆ କରି ଜୟେନ୍ କରିଛି ଅଫିସ୍ ରେ।ବାପା ଙ୍କ ଅଫିସ ଠାରୁ ଖୁସି ର ଅଫିସ ପ୍ରାୟ ୧୫ କିଲୋମିଟର।ତେଣୁ ସେ ଏକା ସ୍କୁଟି ରେ ଯିବାକୁ ନିଷ୍ପତି ନେଇ ଥିଲା। ହେଲେ ଏପରି ପରିସ୍ଥିତି କେବେ ଆସିଯିବ ସେ ଭାବି ନ ଥିଲା। ସେ ଯାହା ହେଉ ଚୁପଚାପ୍ ଓହ୍ଲାଇଲା,ବାପା ଙ୍କୁ ଫୋନ୍ କଲା।

- ବାପା ଗୋଟେ ମେକାନିକ ନେଇ କି ଆସ,ମୁଁ ବାଟରେ ଅପେକ୍ଷା କରିଛି।

- ଠିକ୍ ଅଛି,ହେଲେ ତୁ ଏତେ ରାତିରେ ଏକା କେମିତି କଣ ଅପେକ୍ଷା କରିବୁ କହିଲୁ।

- ବାପା ଟିକେ ଦୂରରୁ ମୋତେ ଟୋଲ ଗେଟ ଦେଖା ଯାଉଛି।କିଛି ଅସୁବିଧା ନାହିଁ। ଏ ପରା ମେନ୍ ରୋଡ ଟା।ତୁମେ ତ ଡ୍ରାଇଭର କୁ ଛାଡ଼ିଦେଇଥିବ, ନିଜେ ଡ୍ରାଇଭ୍ କରି ଆଉ ଗୋଟେ ମେକାନିକ ନେଇ ଜଲଦି ଆସ। ମୁଁ ବି ମୋର ଯଦି କୋଉ ସାଙ୍ଗ ଅଫିସ ରୁ ନଯାଇ ଥିବେ ତାଙ୍କୁ ଫୋନ୍ କରି ଦେଖୁଛି। ଯଦି କେହି ଆସିଲେ ଭଲ ହେବ। ହଉ,ମୁଁ ତୁମକୁ ଅପେକ୍ଷା କଲି, ଆସ!

ଖୁସି ର ପିତା ନିର୍ମଳ ବାବୁ ତୁରନ୍ତ ଗାଡ଼ି ଧରି ବାହାରିଲେ ଖୁସି ପାଖକୁ।ପାଖରେ ଥିବା ସର୍ଭିସ ସେଣ୍ଟର୍ କୁ କଲ କରିଦେଲେ ମେକନିକ ପାଇଁ।ସେ ବି ଜଲଦି ଜଲଦି ନିକଟତର ମେକାନିକ କୁ କହି ଖୁସି ଥିବା ସ୍ଥାନରେ ପହଞ୍ଚିବାକୁ କହିଲା।ହେଲେ ସେଇଠି ପହଞ୍ଚିବାକୁ ଘଣ୍ଟାଏ ଲାଗିବ ବୋଲି ସେ କହିଲା । ୨୦/୨୨ କିଲୋମିଟର ହେବ।ମୁମ୍ବାଇ/ ପୁନେ ରେ ଲୋକ ବହୁତ୍ ଦୂର ଦୂଦୂରାନ୍ତରୁ ଟ୍ରାଭେଲ କରନ୍ତି। ତେଣୁ ସେମିତି ଡରିବାର କିଛି ନାହିଁ।ରାସ୍ତା ବି ଗହଳି ଥାଏ।

ଅଚାନକ ଖୁସି ର ସାଙ୍ଗ ବିବେକ ଆସିଗଲା। ବୋଧହୁଏ ସେ ଅଫିସ ରୁ ଲେଟ୍ ରେ ଆସୁଛି ଆଜି।

- ଖୁସି,ତୁ ଏଇଠି କାହିଁକି ଅଟକିଛୁ? କାହାକୁ ଅପେକ୍ଷା କରିଛୁକି?

-- ନା ରେ,ମୋର ସ୍କୁଟି ଖରାପ ହୋଇଗଲା।

-- କାହାକୁ ଫୋନ କଲୁଣି??

-- ହଁ,ଏବେ ବାପା ଆଉ ମେକାନିକ ଆସିବେ।

-- ଆଛା, ତୁ ତ ଏବେ ମୋ ସହିତ ସ୍କୁଟି କୁ ଛାଡି ଯାଇ ପାରିବୁନି।ମୁଁ ବି ଯାଉଛି ଘରକୁ। ଟେକ୍ କେୟର!

- ଥାଙ୍କୟୁ ବିବେକ!

ପୁଣି ଖୁସି ର ଫୋନ୍ ବାପା ଙ୍କୁ,-'କୋଉଠି ହେଲ ବାପା,ସେ ଲୋକ ବି ପହଞ୍ଚି ନାହିଁ!'

- ଆରେ ମାଆ,ଏତେ ବାଟ,ତାକୁ ତ ଅଧ ଘଣ୍ଟା ନିଶ୍ଚୟ ଲାଗିବ।ତୁ ଟିକେ ଧୈର୍ଯ୍ୟ ଧରି ଅପେକ୍ଷା କର।

ଟିକେ ପରେ ଖୁସି ଦେଖିଲା, ପଡୋଶୀ ଘର ଅଙ୍କଲ୍ ତାଙ୍କ କାର ଟିକୁ ତା ସାମ୍ନା ରେ ଅଟକାଇଲେ,କହିଲେ, "ଖୁସି ଏତେ ରାତିରେ ମଝି ରାସ୍ତାରେ କାହିଁକି ଠିଆ ହୋଇଛୁ??

ସେଇ ଉତ୍ତର ଦେଲା ତାଙ୍କୁ ଖୁସି,କହିଲା ବାପା ଙ୍କୁ ଅପେକ୍ଷା କରିଛି ଆଉ ସ୍କୁଟି ଛାଡ଼ି ଯାଇ ପାରିବିନି।

- ଓହୋ, ତାହେଲେ ମୁଁ ଯାଉଛି।

- ଓକେ ଅଙ୍କଲ, ଥାଙ୍କ ୟୁ!

ଟିକେ ପରେ ମେକାନିକ ଟି ଆସି ପହଞ୍ଚି ଗଲା। ଖୁସିଠାରୁ ଚାବି ନେଇ ଚକଟିକୁ ଖୋଲି,ପାଖରେ ଥିବା ଦୋକାନ କୁ ନେଇଗଲା।ଠିକ୍ କରି ଆଣିଲେ, ଲଗାଇବ ବୋଲି କହି ସେ ବି ଚାଲିଗଲା।

ଖୁସିର ଭାବମୂର୍ତ୍ତି ଅନେକ ବାଟୋଇଙ୍କ ଧ୍ୟାନ ଆକର୍ଷଣ କରୁଛି।ଦୁଇ ଜଣ କିନ୍ନର ତାକୁ କଣ ଭାବି ଇଶାରା ଦେବାକୁ ଲାଗିଲେ। ଖୁସି ପୋଲିସ କୁ ଫୋନ୍ କରିବି କହିଲା, ସେମାନେ ସେ ଜାଗା ଛାଡି ଚାଲିଗଲେ।

ଖୁସି ଦେଖୁଥିଲା, ଗୋଟେ ଦମ୍ପତି ଦୂରରୁ ଅନେକ ସମୟ ତାକୁ ଦେଖିଲେ,କିଛି ନକହି ଚାଲିଗଲେ। ତଥାପି ବାପା ଆସି ନଥାନ୍ତି କି ଚକା ଠିକ୍ ହୋଇନି ବୋଲି ମନ ଦୁଃଖରେ ଠିଆ ହୋଇଛି। ଏମିତି -ସେମିତି ମାଆ ଙ୍କୁ, ବାପା ଙ୍କୁ, ସାଙ୍ଗ ଙ୍କୁ ଫୋନ୍ ଲଗାଇ କଥା ହେଉଛି।

ଟିକେ ସମୟ ପରେ ଦୁଇଟି ସମ ବୟସ୍କ ତରୁଣୀ ଆସିଲେ,ଖୁସି କୁ କଲ୍ ଗର୍ଲ ଭାବି ବନ୍ଧୁତା ର ହାତ ବଢାଇଲେ।କହିଲେ ଆମେବି ଗରାଖ ଙ୍କ ଅପେକ୍ଷା ରେ।ଏବେ ଆମ ମାଲିକ ଗାଡ଼ି ପାଠାଇବ।ଆମେ ଯିବୁ।ତୁମ ନମ୍ବର ଦିଅ।ଆମେ ସେଟିଂ କରିଦେବୁ। ଖୁସି ସମସ୍ତ ବୃତ୍ତାନ୍ତ କହିଲା।ତାଙ୍କୁ ବିଦାୟ ଦେଲା।

ତାର ମନ ଭୟ ଆଉ ଆଶଙ୍କା ରେ ଭରି ଯାଇଥାଏ। ବିଭିନ୍ନ ଲୋକଙ୍କ ଠାରୁ ବିଭିନ୍ନ ପ୍ରକାର ର ସହାୟତା ର ହାତ ତା ଆଡକୁ ବଢ଼ି ଆସୁଛି । ହେଲେ ବାପା ଆସି ନାହାନ୍ତି।

ମାଆ ଙ୍କ ସହିତ ଫୋନ୍ ରେ କଥା ହେଉଛି। ଭୋକ,ଶୋଷ ଆଉ ଆଶଙ୍କା ରେ ତାର ମନ ଅଥୟ ହୋଇ ପଡ଼ିଲାଣି। ମେକାନିକ୍ ନେଇକି ଆସିଲା, ଚକା ଲଗାଇଲା। ସ୍କୁଟି ନେଇ ଘରେ ପହଞ୍ଚି ଯିବ ବୋଲି କହି ଖୁସି ଠାରୁ ବିଦାୟ ନେଲା।

ଅନେକ ଲୋକ ତାକୁ ବିଭିନ୍ନ ପ୍ରକାର ଚାହାଣି ରେ ଦେଖି ଚାଲିଥାନ୍ତି। ଶେଷରେ ଖୁସି ର ବାପା ଗାଡ଼ି ଧରି ପହଞ୍ଚିଲେ।

ମାଆ ରେ,ତୁ ଜାଣିଛୁ! ମୁଁ ରାତିରେ ଗାଡ଼ି ଚଲାଇ ପାରେନା। ବହୁତ୍ କଷ୍ଟ ରେ ଆସିଲି ଡ୍ରାଇଭର ତ ଗଲାଣି ଭାରି ନା।

--- ହଉ ଚାଲ ବାପା, ଭୋକ ବି ଲାଗିଲାଣି।

ଧିରେ ଧିରେ ଯାଇ ଦୁହେଁ ଘରେ ପହଞ୍ଚିଲେ।

ମାଆ କହିଲେ,ଖୁସି ! ତୁ କହ କେଉଁ ପୁଅ ସହିତ କଥା ହେଉ ଥିଲୁ କି ରାସ୍ତାରେ??

-- କାହିଁକି? କିଏ କହିଲା??

-- ପଡିଶା ଘର ଆଣ୍ଟୀ,କହିଲେ ଖୁସି କଣ ଘରକୁ ନ ଆସି ରାତିରେ ରାସ୍ତାରେ ଠିଆ ହୋଇ ଗପ କରୁଛି।

-- ଆଉ କାହା କଥା କହୁଥିଲେ କି??

-- ନା ସେ ନୁହେଁ,ତୋ ସାଙ୍ଗ କୁନି ର ମା ବି ଫୋନ୍ କରିଥିଲେ,କହିଲେ ଦି ଟା ଅଲଟ୍ରା ମଡର୍ନ ଝିଅ ସହିତ ଖୁସି ଏତେ ରାତିରେ କାହିଁକି ଗପୁଥିଲା??

ହସି ହସି ଗଡି ଗଲା ଖୁସି।କହିଲା, ମାଆ କାଲି ସକାଳ ପର୍ଯ୍ୟନ୍ତ ଅପେକ୍ଷା କର। ଆହୁରି ଖବର ଆସିବ।

ସତରେ,ସକାଳୁ ମର୍ଣିଂ ୱାକ ରେ ଦେଖା ହେଲେ ଅଙ୍କଲ। କହିଲେ, ନିର୍ମଳ ବାବୁ,ଖୁସି କୁ କାଲି ଦେଖିଲି ଏକା ଥିଲା,ଝିଅ ଟେ।ତାକୁ ଏକୁଟିଆ ଆଉ ଛାଡନ୍ତୁନି।ରାତି କଥା।କଣ ହେବ କହି ହେବନି।

ପଡିଶା ଘର ମାଉସୀ ବି ବ୍ୟସ୍ତ,"ନିର୍ମଳ ବାବୁ,ଝିଅ କୁ ଏକୁଟିଆ ଅଫିସ ଛାଡ଼ନ୍ତୁ ନାହିଁ। ଆମେ ଦେଖିଲୁ ସେ କିନ୍ନର ଙ୍କ ହାବୁଡ଼ରେ ପଡ଼ିଥିଲା।

ମାଆ, ଖୁସି କୁ କହିଲେ,ତାହେଲେ କାଲିଠାରୁ ବାପା ସକାଳୁ ଜଲଦି ବାହାରିବେ, ତୋତେ ଆଗ ଅଫିସ୍ ରେ ଛାଡ଼ିବେ, ତାପରେ ସେ ତାଙ୍କ ଅଫିସ ଯିବେ।ହେଲା!!କାଲିଠାରୁ ସ୍କୁଟି ଚଳାଇବା ବନ୍ଦ।

-କଣ ସ୍କୁଟି ସବୁ ଦିନ ଖରାପ ହେବ ନା କଣ? ଆକ୍ସିଡେଣ୍ଟ କୁ ଡରି ସମସ୍ତେ କଣ ଗାଡ଼ି ଚଲେଇବା ଛାଡ଼ି ଦେବେ ନା କଣ??

କାହିଁକି ମାଆ?? ସମସ୍ତଙ୍କର ଗାଡ଼ି ଖରାପ ହେବ/ହୁଏ ମଧ୍ୟ।ବାପା ଫାଲତୁଟାରେ ଜଲଦି ଉଠି ମୋ ପାଇଁ ଏତେ କଷ୍ଟ କରିବେ। ତାଙ୍କୁ ତାଙ୍କ ସମୟରେ ଯିବାକୁ ଦିଅ ମାଆ।ମୋତେବି ମୋ ସମୟ ରେ ଯିବା ଆସିବା କରିବାକୁ ଦିଅ। ଏତେ ନିର୍ଭରଶୀଳ ହେଲେ ମୁଁ ବଡ଼ ବି ହୋଇ ପାରିବିନି।ସେମିତି ତୁମ ଛୋଟ ଝିଅ ହୋଇ ରହିବି।

-- ନାହିଁ ନାହିଁ,ଏତେ ବାଟ ଯିବା ଆସିବା କରିବାରୁ ଏପରି ଅସୁବିଧା ହେଉଛି। ଏ ଲୋକ ବି ସବୁ କେତେ କଥା କହୁଛନ୍ତି।ତୁ ବାପା ଙ୍କ ସହିତ ଯା ଆଉ ଆସେ।

ଏମିତି ଚାଲିଲା ଦିନସାରା। ଖୁସି ଜାଣିଥିଲା, ମଣିଷ ତାଙ୍କ ନିଜ ଅନୁଭବ ବା ଅନୁଭୂତି ଅନୁସାରେ ଅନ୍ୟ ର ଚରିତ୍ର ଚିତ୍ରଣ କରନ୍ତି। କୌଣସି ଜିନିଷ ର ସତ୍ୟା ସତ୍ୟ ନଜାଣି ସେ

ବିଷୟରେ ଅନେକ ମତମତ ଦିଅନ୍ତି। ବାପା ମାଆ ଙ୍କୁ ଡାକି କହିଲା, ଦେଖ ! ଗୋଟିଏ କେସ। ଭାବନା ଅଲଗା ଅଲଗା। କିଏ ସବୁ ଜାଣି କି ବି ଅନେକ ପ୍ରକାର ବିଶ୍ଳେଷଣ କରିବେ ତ କିଏ କିଛି ନଜାଣି ଅନେକ ମନ୍ତବ୍ୟ ଦେବେ। ଲୋକମାନେ ହେଲେ ଦର୍ଶକ।ତାଙ୍କ କାମ ହେଲା ତାଳି ମାରିବା ନ ହେଲେ ପଚା ଟମାଟୋ ଫୋପାଡିବା। ସେଥିପାଇଁ କଣ ଆମେ ଆମ ରଙ୍ଗମଞ୍ଚ କୁ ଛାଡି ପଳାଇବା?? ଆମ କର୍ତ୍ତବ୍ୟ ଆମକୁ କରିବାର ଅଛି।ତେଣୁ ଏମାନଙ୍କ କଥା କୁ ଶୁଣିଲେ ଆମେ ବି ପଥ ଭ୍ରଷ୍ଟ ହେବା।ନିଜ କାମ ନିଜେ କରିବା କଥା ନା।

ମାଆ କହିଲେ,ଦେଖ ! କାଲି ପୁଣି କଣ ହେଲେ,ସେମାନେ ପୁଣି ବିଭିନ୍ନ ପ୍ରକାରର କଥା କହିବେ।କିଏ ପାରିବ ସେ କଥା କୁ।ଆମର ଦରକାର ନାହିଁ।ତୁ ଏକା ଆଉ ଯାଆ ନାହିଁ।

-- ଆଛା,ଯଦି ଲୋକମାନଙ୍କ କଥା ରେ ମୋତେ ଅଫିସ ଯିବାକୁ ଦେବନି,ତାଙ୍କୁ କୁହ ମୋ ଅଫିସ କୁ ଘର ପାଖକୁ ସ୍ଥାନାନ୍ତର କରିଦେବେ। ସେ ବି ଖୁସ୍, ମୁଁ ବି ଖୁସ୍ ଆଉ ତୁମେ ବି।

ମାଆ,ଲୋକ କହିବେ।କାରଣ ସେମାନେ ସତ କଣ ଜାଣି ନଥାନ୍ତି ବା ଜାଣିବାକୁ ଚେଷ୍ଟା ନକରି ମନ୍ତବ୍ୟ ପୁଳାଏ ଦିଅନ୍ତି। ମୁଁ ତାହେଲେ ମୋର ଅଫିସ କୁ ଦିଲ୍ଲୀ କୁ ଟ୍ରାନସ୍ଫର୍ କରି ନେବି।ସେଇଠି ତ ଆଉ ତୁମ ପଡୋଶୀ ନଥିବେ । ତୁମକୁ ବି କେହି କିଛି କହିବେନି। ହେଲା???

ମାଆ ବାପା ଯାହା ଭାବିଥିଲେ ଖୁସି କୁ କାଲିଠାରୁ ଆଉ ଅଫିସ୍ ଏକା ପଠାଇବେ ନାହିଁ,ଏବେ ତାଙ୍କ ମନରେ ବୋଧହୁଏ ସେ ଅଶଙ୍କା ଆଉ ନାହିଁ। ଭାବୁ ଥିଲେ,କାହା କଥା ଅବା ଶୁଣିବେ ସେ??

ନଭି ମୁମ୍ବାଇ, ମହାରାଷ୍ଟ୍ର
ମୋ: ୭୩୦୩୨୬୪୩୭୭

# ମୁଁ ଦୁଃଖୀ କୃଷକଟିଏ

ବିନୋଦିନୀ ଦାଶ

ମାଆ ମାଟି କୋଳେ ଜୀବିକା ମୁଣ୍ଡାଇ
ମୁଁ ଦୁଃଖୀ କୃଷକଟିଏ,
ତା'ର ପଣତରୁ ଯେତିକି ଝଡ଼ଇ
ଦୁଃଖେସୁଖେ ଚଳିଯାଏ,
ଭରସା ମୋହର ସିଏ,
ତା'ର ସଙ୍ଗେ ଭାବ ଅଟଇ ଅଭିନ୍ନ
ଥିବ ଜୀବଥିବା ଯାଏ ।

ଆହାର ମୁଠିଏ ଯୋଗାଡ଼ ପାଇଁକି
ତା' ପାଖକୁ ନିତି ଧାଏଁ,
ତା'ର ଦେହ ସଙ୍ଗେ ଲେସିଘଷି ହୋଇ
ମୋ ଧର୍ମକୁ ପାଳୁଥାଏ,
ମୋ ଜୀବନ-ଧନ ସିଏ,
ତାହାଠାରୁ କେବେ ନିଜକୁ ଅଲଗା
ମୋ ମନେ ଭାବି ନଥାଏ ।

କ୍ଷେତମାଟି ପରା ମୋ ପାଇଁ ଚନ୍ଦନ
ତା' ବାସ ମୋ ମନ ମୋହେ,
ଲହୁଲୁହ ଢାଳି ଖରା ବର୍ଷା ଶୀତ
କାମରେ ମୁଁ ଲାଗିଥାଏ,
ପ୍ରକୃତି ତାଡ଼ନା ସହେ,
କେତେବେଳେ ମୋର ଫସଲ ଉଜୁଡ଼େ
କେତେବେଳେ ମୁଠେ ପାଏ ।

କାଳିଆ କସରା ମୋ ଦୁଃଖର ସାଥୀ
ସକାଳରୁ ସଞ୍ଜଯାଏ,
ଦ୍ୱିପ୍ରହରରେ ତୋରାଣୀ କଂସାକୁ
ଅପେକ୍ଷା ମୁଁ କରିଥାଏ,
ହାତେ ଧରି ପତ୍ନୀ ଧାଏଁ,
ଶାଗ ବଡ଼ି କଞ୍ଚାଲଙ୍କା ହିଡ଼ମୁଣ୍ଡେ
ମହାନନ୍ଦେ ଖାଇଥାଏ ।

ସୁନାର ଫସଲ କ୍ଷେତରେ ହସିଲେ
ମୋ ମନ ପୂରି ଉଠଇ,
ସରାଗେ ଅମଳ କରି ସାଇତଇ
ପୁଣି ବରଷକ ପାଇଁ,
ବଳକା ବିକି ଚଳଇ
ତେଲ ଲୁଣ ଲୁଗାପଟା ବନ୍ଧୁ ବାସ
ଯା' ଆବଶ୍ୟକ ହୁଅଇ ।

ସମସ୍ତେ କହନ୍ତି ଦୁନିଆଯାକରେ
ବଡ଼ ଯେ କୃଷକ ଭାଇ,
ସକଳେ ଆହାର ଯୋଗାଉଛି ବୋଲି
ତା' ସଙ୍ଗେ ସମ କେ ନାହିଁ,
ତୁଣ୍ଡରେ ହୁଅନ୍ତି କହି,
ମାତ୍ର ମୋ ଦୁଃଖକୁ ହୃଦୟ ଭିତରେ
ବୁଝି ପାରନ୍ତି କି କେହି ?

କୁରୁଆଁ, ମୁଗପାଳ, ଯାଜପୁର

# ଧରିତ୍ରୀ



ଡ. ପ୍ରସନ୍ନ କୁମାର ବଳ

ମାଆର ଗର୍ଭରୁ ଜନମ ନେଇଛି ଷାଠିଏ ବରଷ ତଳେ,
କେତେ କଷ୍ଟ ମୋର ମାଆଟି ପାଇଛି ମୋତେ ଜନ୍ମ ଦେବା ବେଳେ ॥
ମାଆତ ଭାବେନା ତାହାର କଷଣ ଛୁଆ ମୁହଁଟିକୁ ଚାହିଁ,
ଦୁନିଆଁ ଯାକର ସ୍ନେହ ଶ୍ରଦ୍ଧା ଦେଇ ବଡ କରିଥାଏ ସେହି ॥
ମାଆ ପାଇଁ ତାର ଛୁଆଟି ତ ପୁଣି ସରଗଠାରୁ ବି ବଡ,
ମାଆର ସେନେହ ମାପିବାର ପାଇଁ ନକର ହେ ଅଭିଯାନ ॥
ନିଜେ ନଖାଇ ବି ଛୁଆର ପାଟିରେ ପ୍ରଥମେ ସେ ଦିଏ ଅନ୍ନ,
ଛୁଆର ଭୋକଲା ପେଟକୁ ତ ମାପି ପାରଇ ମାଆର ସ୍ନେହ ॥
ଏତେ କଷ୍ଟ ସହି ଛୁଆକୁ ବଢାଏ ଅନାବିଳ ପ୍ରେମ ଦେଇ,
ହେଲେ ହତଭାଗା ଛୁଆଟି ତ ତାର ସବୁ ବୁଝିପାରଏ ନାହିଁ ॥
ଯାଣେନା କାହିଁକ ମନ ମୋର କହେ ବୁଝି ସେ ଅବୁଝା ହୁଏ,
ସ୍ୱାର୍ଥପର ଏହି ଦୁନିଆ ମଧ୍ୟରେ ମାଆ ସ୍ନେହ ଭୁଲିଯାଏ ॥
ହେଲେ କ ବିଧାତା ନୀରବରେ ରହେ ଏ କୁକର୍ମ ଦେଖିକରି,
ଶାସନ ଅବଶ୍ୟ ନିଶ୍ଚୟ କରଇ ଭିନ୍ନ ଭିନ୍ନ ଦଣ୍ଡ ଦେଇ ॥
ଆମ ମାଆ ପରି ଧରିତ୍ରୀ ବି ଅଟେ ଆଉତ ଗୋଟିଏ ମାଆ,
ବଞ୍ଚିବା ପାଇଁ କ ସବୁତ ଦେଇଛି ସୁନ୍ଦର ପୃଥିବୀ ଆହା ॥
ପାଣି, ପବନତ ଯୋଗାଇ ଦେଇଛି ସାଥେ ବି ଦେଇଛି ଅଗ୍ନି,
ସବୁର ମାହାତ୍ମ୍ୟ ରହିଛି ଜୀବନ ଜାଣି ନପାରଇ ଜ୍ଞାନୀ ॥

କେତେ ପଶୁ ପକ୍ଷୀ ବାଡି ଓ ବଗିଚ୍ଚ ଏତ ପ୍ରକୃତିର ଦାନ,
ଏସବୁକୁ ନେଇ ଜୀବନ ଆମର ହୋଇଅଛି ଧନଧାନ୍ୟ ॥
ହେଲେ ଏ ମାନବ ଦାନବ ସାଜିଛି ଆଜି ଏ କଳଯୁଗରେ
ଗଛ ବାଡି ସବୁ କାଟି ସଫାକରି କାର୍ଯ୍ୟ କରେ କଳେବଳେ ॥
ପଶୁପକ୍ଷୀଙ୍କର ଜୀବନ ବୀପନ୍ନ କରିଥାଏ ଏ ମାନବ,
କପରି ସହିବ ଏ ଧରତି ମା ଯା ପାଇଁ ସବୁ ସମାନ ॥
ଏଥିଲାଗି ସିଏ ଦିଏ ଦଣ୍ଡପୁଣି ଭିନ୍ନ ଭିନ୍ନ ସମୟରେ,
ଆମେ ସବୁ କନ୍ତୁ ନର୍ଲ୍ଲଜ ମାନବ ଜାଣି ନପାରଇ ଭଳେ ॥

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରି, ଭୁବନେଶ୍ୱର

# ମୁଁ ତୁମକୁ ଖୁବ୍ ଭଲ ପାଏ...



ଅମ୍ବିକା ସ୍ୱାଇଁ

ମୁଁ ତୁମକୁ ଏତେ ଗଭୀର ଭାବରେ
ଭଲ ପାଏ ବୋଲି
ତୁମେ ଜାଣିଛ କି ନା ମୁଁ ଜାଣେନା....

ମୁଁ କିନ୍ତୁ ଭଲ ଭାବରେ ଜାଣିଛି
ତୁମେ ମୋତେ ଖୁବ୍ ଭଲ ପାଅ....
ସେଥିପାଇଁ ତ ମୋତେ ଯନ୍ତ୍ରଣା ଦିଅ
ଦୁଃଖ ଦିଅ ,କଷ୍ଟ ଦିଅ.....
ପୁଣି ମୋତେ ଆପଣାର କରି ନିଅ....

ତୁମ ମନ୍ତ୍ର ମୋହିତ ନିର୍ବାକ,ନିଶ୍ଚଳ, ନୀରବ
ଶବ୍ଦ ହିନ ଚାହାଣୀ ରେ
ନିର୍ମିମେଷ ନୟନ ରେ
ମୋତେ ଚାହିଁ ରହି ଥାଅ.....
ତୁମ ପରୀକ୍ଷା ର ଅଗ୍ନି କୁଣ୍ଡରୁ
ବାହାରି ପାରିବି କି ନାହିଁ
ବାର୍ ବାର୍ ପରଖୁ ଥାଅ....

ଶେଷରେ ମୋ ହାତରେ
ହରଣ, ଗୁଣନ, ମିଶାଣ, ଫେଡାଣ
ଯୁକ୍ତ ବିଯୁକ୍ତ ର ଗଣିତ ର ପ୍ରଶ୍ନ ମାଳା ସହ
ପରୀକ୍ଷା ଖାତା ଟି ଧରାଇ ଦେଇ
ନିଶ୍ଚିତ ରେ ରୁହ....

ଏହି ପରୀକ୍ଷା ରେ ଉର୍ତ୍ତୀନ ହେବି କି ନା ମୁଁ ଜାଣେନା
କିନ୍ତୁ ପରୀକ୍ଷା ପରେ ପରୀକ୍ଷା ଦେଇ ଚାଲିବି
ପରୀକ୍ଷା ରେ ଉର୍ତ୍ତୀନ ହେବା ପାଇଁ....
ତୁମ ଦତ୍ତ ମାଟି ପିଣ୍ଡ ଜୁଇରେ ଜଳିବା ଯାଏ
ଧୈର୍ଯ୍ୟ ର ସହ ଅପେକ୍ଷା କରିବି.....

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଓଡିଶା ରଙ୍ଗମଞ୍ଚର ବିକାଶ ଏକ ଅଧ୍ୟୟନ

ଅଧ୍ୟାପକ ସୁବାଷ ବାରିକ

ପ୍ରାଚୀନ କାଳରୁ ନାଟକର ଏକ ମୁଖ୍ୟ ଉପାଦାନଭାବେ "ରଙ୍ଗମଞ୍ଚ" ପରିଗଣିତ । ମୁଁ "ନାଟକ" ଓ "ରଙ୍ଗମଞ୍ଚ" କୁ ମୁଦ୍ରାର ଦୁଇ ପାର୍ଶ୍ୱଭାବେ ଗ୍ରହଣକରେ କାରଣ ନାଟକ ମଞ୍ଚସ୍ଥନ ହେଲାପର୍ଯ୍ୟନ୍ତ ତାର ବାସ୍ତବିକ ଗୁଣାତ୍ମକ ଓ ପ୍ରରିଣାତ୍ମକ ମାନ ନିର୍ଦ୍ଧାରଣ କରାଯାଇନପାରେ । ନାଟକ ସ୍ୱତଃ ସମ୍ପୂର୍ଣ ଅଭିନୟ ଉପରେନିର୍ଭର କରିଥାଏ ଓ ଏହି ଅଭିନୟ ପାଇଁ ମଞ୍ଚର ଅବଶ୍ୟକତା ଅନୁଭୂତ ହୁଏ । ନାଟକ ତା'ର କଳ୍ପନା ବିଳାସ ଚନ୍ତା ଚେତନା ରୂପନିଏ । ଏହି ରଙ୍ଗମଞ୍ଚରେ ତା'ର ଭିତରେ ଦର୍ଶକର ମୋହତ ପାଇଁ ବୁଣେ ଏକମାୟା ଜାଲ। ନାଟକ ସଫଳତା ପାଇଁ ରଙ୍ଗମଞ୍ଚର ସାଜସଜ୍ୟା ଉପରେ ଗୁରୁତ୍ୱାରୋପ ଦେଇଥାଏ । ଏହି ରଙ୍ଗମଞ୍ଚହିଁ ତାକୁ ସଫଳତା ଆଡକୁ ଟାଣିନିଏ । ତେଣୁ ମନେ ହୁଏ ନାଟକର ବିକାଶରେ ରଙ୍ଗମଞ୍ଚର ଭୂମିକା ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ ମନେହୁଏ।

ଭାରତ ବର୍ଷରେ ରଙ୍ଗମଞ୍ଚର ପରିକଳ୍ପନା ସ୍ଥାନ, କାଳ, ପାତ୍ର, ନିୟମ ଉପରେ ଆଧାରିତ । ମୁଁ ପ୍ରଥମେ ରଙ୍ଗମଞ୍ଚ ସମ୍ପର୍କରେ ଆଲୋଚନା କରୁଛି । ରଙ୍ଗମଞ୍ଚ ବା ପ୍ରେକ୍ଷାଗୃହ ହେଉଛି ଏକ ସ୍ଥାନ ଯେଉଁଠି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନହୋଇଥାଏ ଏଠି ଦର୍ଶକ ଓ ଶ୍ରୋତା ବସି ଆନନ୍ଦ ଉପଲବ୍ଧି କରିଥାନ୍ତି । ଏହି ପ୍ରେକ୍ଷାଗୃହ କହିଲେ ସାଧାରଣତଃ ଗେଜ ବା ରଙ୍ଗସ୍ଥଳ, ଏବଂ ପ୍ରେକ୍ଷାସ୍ଥଳ କହିଲେ ଦର୍ଶକ ବସିବା ସ୍ଥାନକୁ ବୁଝାଏ ତେଣୁ ଏହି ପ୍ରେକ୍ଷାଗୃହ ବା ଅଡିଟରିୟମ ବିଭିନ୍ନ ସ୍ୱରୂପ ଦେଖାଯାଏ, ସିନେମାହଲ, ଷ୍ଟୁଡିଓ, ରଙ୍ଗଶାଳା ଆଖଡା ଘର, ନାଟଶାଳା,ସଭାଘର ଓ ରଙ୍ଗ ମଣ୍ଡଳ ଇତ୍ୟାଦି । ପ୍ରାଚୀନ କାଳରେ ଚାରି ପ୍ରକାର ପ୍ରେକ୍ଷାଗୃହ ଦେଖିବାକୁ ମିଳେ ଯଥା : ଚତୁରସ୍ର, ବିକୃଷ୍ଟ, ତକ୍ଷସ୍ର ଏବଂ ଏବଂ ବର୍ତ୍ତଣକାର ଅର୍ଥାତ ବର୍ଗାକାର,ଆୟତକାର, ତ୍ରିକୋଣକାର ଏବଂ ଗୋଲାକାର । ସର୍ବ

ପ୍ରଥମେ ଦେଖିବାକୁ ମିଳେ । ନାଟ୍ୟ ଶାସ୍ତ୍ରରେ ତିନଶ୍ରେଣୀ ପ୍ରେକ୍ଷାଗୃହ ଉଲ୍ଲେଖ ଥିଲାବେଳେ ଶାରଦୀତନୟ କୃତ ଭାବପ୍ରକାଶ ଗ୍ରନ୍ଥରେ "ବୃତ୍ତ" ପ୍ରକାର ପେକ୍ଷା ମଣ୍ଡପରଉଲ୍ଲେଖ ରହିଛି। ମହାଭାରତରେ ବର୍ଣ୍ଣିତ କଂସର ରଙ୍ଗପୀଠ ଆଜିର ଷ୍ଟାଡିୟମକୁ ବୁଝାଇଥାଏ । ପ୍ରଥମତଃ ରଙ୍ଗମଞ୍ଚ ପ୍ରକାରଭେଦରେ ପ୍ରଥମେ ଚତୁରସ୍ରକୁ ଆଲୋଚନା ପରିସରକୁ ଆଣୁଛି। ୧. ଚତୁରସ୍ର- ଶବ୍ଦ-କଳ୍ପଦ୍ରୁମ ଗନ୍ଥରେ କୁହାଯାଇଛି "ଚତସ୍ରୋଡଗ୍ରୟମ କୋଣାଃ ଅସ୍ୟ" ପ୍ରାକ କାଳରୁ ବର୍ଗାକାର ମଣ୍ଡପର ନର୍ମାଣ ପରମ୍ପରା ରହିଛି । ପୁନଶ୍ଚ "ମୀମାଂସ" ଗ୍ରନ୍ଥରେ ମଧ ବର୍ଗାକାର ବା ଚତୁରସ୍ର ଆକାରରେ ସଙ୍କେତ ମିଳେ । କୁହାଯାଏ ଚାରିବେଦ, ଚାରିବର୍ଣ୍ଣ, ଚାରିଆଶ୍ରମ, ଚାରି ଅବସ୍ଥା ଜୀବନର ପ୍ରତୀକ ପୁନଶ୍ଚ ଚାରିକୋଣର ମହତ୍ତ୍ୱକୁ ବସ୍ତୁଶାସ୍ତ୍ର ଗୁରୁତ୍ୱଦିଏ । ତେଣୁ ଏହି ପ୍ରେକ୍ଷାଗୃହ ନର୍ମାଣ ଚତୁରସ୍ର ଆକାର ପ୍ରେକ୍ଷାଗୃହ ନର୍ମାଣ ପରମ୍ପରା ଅତିପ୍ରାଚୀନ ଏହା ପୃଥିବୀର ପ୍ରାୟ ଅନେକ ଦେଶରେ ଦେଖାଦେଇ ଥାଏ, ଦିତୀୟତଃ ବିକୃଷ୍ଟ କାବ୍ୟ "ଶଵ୍ଦ କଳ୍ପଦ୍ରୁମ" ରେ କୁହାଯାଇଛି- ବିଭାଗେନ କୃଷ୍ଟ ଦୀର୍ଘ ଇତି ବିକୃଷ୍ଟ "ଅର୍ଥାତ ଯାହା ବିଭିନ୍ନ ପ୍ରକାର ଦୈର୍ଘ୍ୟ ଓ ପ୍ରସ୍ଥକୁ ବୁଝାଏ ପୁନଶ୍ଚ ଜୈନ: ସାହିତ୍ୟରେ ମଧ ଏହି ଧରଣ ପ୍ରସାଦ ନର୍ମାଣର ପରମ୍ପରା ଦେଖାଯାଏ । ପ୍ରେକ୍ଷାଗୃହକୁ ବିକୃଷ୍ଟ ଆୟତକାର କରିବାର ବର୍ଣ୍ଣିତ ନାଟ୍ୟ ଶାସ୍ତ୍ରରୁ ସୂଚନା ମିଳଥାଏ । ତୃତୀୟତଃ, ତ୍ରୟସ୍ତ-ଆକାର ପ୍ରେକ୍ଷାଗୃହ ଏହା ତ୍ରିକୋଣାକାର ସାଧାରଣତଃ ପ୍ରାଚୀନ କାଳରେ ସାହିତ୍ୟରେ ତ୍ରୟସ୍ତ କହିଲେ । ପ୍ରସାଦର ଆକାରକୁ ବୁଝାଉ ଥିଲା ନାଟ୍ୟ ଶାସ୍ତ୍ରର "ତ୍ରୟସ" ପ୍ରେକ୍ଷାଗୃହକୁ ତିନଭାଗରେ ବିଭକ୍ତ କରାଯାଇଛି ୧.ବଡ ତ୍ରୟସ, ୨.ମଧ ତ୍ରୟସ, ୩.ଛୋଟ ତ୍ରୟସ । ଚତୁର୍ଥ ବୃତ୍ତାକାର ପ୍ରାଚୀନ କାଳରୁ ଅଦ୍ୟବଧି ଏ ପ୍ରକାର ପ୍ରେକ୍ଷାଗୃହ ବହୁଳ ପରିମାଣଦୃଷ୍ଟି ଗୋଚର ହୁଏ । ଏହା ମୁକ୍ତାକାଶ ଏବଂ ଆଚ୍ଛାଦିତ ଏପରି ଦୁଇ ଭାଗରେ ପ୍ରେକ୍ଷାଗୃହ ଥିଲା। ମହାଭାରତର ଅଦ୍ୟପର୍ବରେ ବର୍ଣ୍ଣିତ ସ୍ୱୟଂମ୍ବର ମଣ୍ଡପ ବୃତ୍ତକାର ଥିବାଜଣାଯାଏ । ଏହି ବୃତ୍ତାକାର ମଧଭାଗରେ ବହୁତ ଗୋଲାକାର ଚଟାଣ ଉପରେ ଷ୍ଟେଜ ଥିଲା । ମଞ୍ଚର ଚର୍ତୁଦିଗରେ ସୋପାନ ଆକୃତି ଆସନ ରହୁଥିଲା । ଏଥିରେ ଥିବା ସ୍ତମ୍ଭଗୁଡିକର ସୁନ୍ଦର ମୂର୍ତ୍ତିମାନ ଖୋଦିତ ହୋଇଥିଲା, ଏହିପ୍ରେକ୍ଷାଗାର ତିନଦିଗରେ ଦର୍ଶକ ବସନ୍ତ ଏବଂ ଗୋଟିଏ ଦିଗରେ ସଙ୍ଗୀତ ବାଦ୍ୟକାର ବସିଥାନ୍ତ, ରଙ୍ଗପୀଠ ଗୁଡିକ ବା ଷ୍ଟେଜ ବେଳେ ବେଳେ ଦର୍ଶକ ବସିବା ସ୍ଥାନରୁ ଉଚ୍ଚ ହୋଇଥାଏ, ଏହି ଭଳ ଭାବେ ପ୍ରାଚୀନ କାଳରୁ ଆଦ୍ୟବଧି ବିଭିନ୍ନ ପ୍ରକାର ପ୍ରୋୟଗିକ ସାଜସଜ୍ୟ ବ୍ୟବହାର କରି ସମସାମୟିକ

ପରିସ୍ଥିତ ବିଭିନ୍ନ ବାଧା ବନ୍ଧନ ସ୍ୱତ୍ତ୍ୱେ, ଆଜିର ରଙ୍ଗମଞ୍ଚ ଭିନ୍ନରୂପ ଧାରଣ କରିଛିଏହା ବିନା ଦ୍ୱିଧାରେ ଗ୍ରହଣ କରିବାକୁ ପଡିଥାଏ ।

ଭାରତ ବର୍ଷର ତତ କାଳୀନ ସମସାମୟୀକ,ରାଜନୈତିକ, ସଂସ୍କୃତିକ ପରିବେଶ ଭିତରେ ଅନେକ ଉତଥାନ ପତନ ଦେଇ "ନାଟକ" ରଙ୍ଗମଞ୍ଚ ଗୁଡିକ ଆଗେଇ ଆସିଛି ମୋର ମନେହୁଏ ସପ୍ତମ ଶତାବ୍ଦୀବେଳକୁ ପ୍ରାଚୀନ ଭାରତର ପ୍ରେକ୍ଷାଗୃହ ଗୁଡିକ କ୍ରମଶଃ ହ୍ରାସପାଇ ଏକ ସୀମିତସ୍ତର ଦେଇ ପହଞ୍ଚିଥିଲା । ନୟଦଶ ଶତାବ୍ଦୀ ବେଳକୁ ପୁଣିଥରେ ରଙ୍ଗଶାଳା ମୁଣ୍ଡଟେକିବାକୁ ଆରମ୍ଭ କଲା ଅଷ୍ଟଦଶ ଶତାବ୍ଦୀରେ ୟୁରୋପୀୟମାନେ ଆଗମନରେ ରଙ୍ଗମଞ୍ଚ ଜଗତରେ  ଏକ ନୂତନ ବିପ୍ଳବ ଆଣିଥିଲା ଏହିବିକାଶ ଫଳରେ ପ୍ରେକ୍ଷାଗୃହ ଦୁଇଟି ରୂପ ଧାରଣ କରିଥିଲା ୧. ଅଭିନୟ ପାଇଁ ରଙ୍ଗମଞ୍ଚ ଓ ଦ୍ୱିତୀୟଟି ନିର୍ଜୀବ ଚିତ୍ର ପାଇଁ ସିନେମାହଲ । ତତ କାଳୀନ ସମୟରେ ପ୍ରେକ୍ଷାଗୃହ ମଧ୍ୟରେ, ଭାରତଭବନ (ଭୋପାଳ) ରବିନ୍ଦ୍ରାଳୟ ପ୍ରେକ୍ଷାଗୃହ ଲକ୍ଷ୍ନୌ (୧୯୯୪) ଭାଲେର ଓ ପ୍ରେକ୍ଷା ଗୃହ ମୁମ୍ବାଇ (୧୯୭୪) ପ୍ରତିରକ୍ଷା ମଣ୍ଡପ ଦିଲ୍ଲୀ (୧୯୬୧) ବିରାଯା ମାତୃଶ୍ରୀ ସଭାଘର ମୁମ୍ବାଇ, ମିରାଟ ବିଶ୍ୱବଳୟ ପ୍ରେକ୍ଷାଗୃହ ରୁରୁକୀ- ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଗୃହ, ବଙ୍ଗଳା ରଙ୍ଗମଞ୍ଚ, ମରାଠୀରଙ୍ଗମଞ୍ଚ ଇତ୍ୟାଦି ।

ବର୍ତ୍ତମାନ ଓଡିଶାର ରଙ୍ଗମଞ୍ଚ ଆଡକୁ ଆପଣଙ୍କ ଦୃଷ୍ଟି ଟାଣିନେଉଛି । ଓଡିଶା ସାସ୍କୃତିକ ନାଟ୍ୟ ପରିବେଶରେ ବିକାଶ କଥା ଯେତେବେଳେ ପଡେ ମନରେ ଏକ ସିହରଣ ଉନ୍ମାଦନା ଖେଳଯାଏ । ଓଡିଶାର ରାଜା ମହାରାଜାମାନେ ଥିଲେ କଳାର ପୂଜାରୀ, ଆମୋଦ ପ୍ରମୋଦ ପାଇଁ ବିଭିନ୍ନରଙ୍ଗ ଶାଳା ନିର୍ମାଣ କରୁଥିଲେ, ରାଜଙ୍କର ସ୍ଥାୟୀ ରଙ୍ଗଶାଳା ଥିବାସ୍ଥଳେ ଧନୀ ଜମିଦାର ମାନଙ୍କର ଅସ୍ଥାୟୀ ରଙ୍ଗଶାଳା ଥିଲା,ଏଗୁଡିକ ପର୍ବପର୍ବାଣୀ ମାନଙ୍କରେ ନାଟକ ଅଭିନୟରେପ୍ରଦର୍ଶନ କରାଯାଉଥିଲା ।ବିଭିନ୍ନ ଆଲୋଚକ ସାହିତ୍ୟକାର ମତବ୍ୟକ୍ତକରନ୍ତଯେ, ଓଡିଶା ପ୍ରଥମ ରଙ୍ଗମଞ୍ଚ ମହଙ୍ଗାର ଅସ୍ଥାୟୀ ରଙ୍ଗମଞ୍ଚ, (ରାଧାକାନ୍ତମଞ୍ଚ) ୧୯୭୭ରେ ନାଟ୍ୟକାର ଜଗମୋହନ ଲାଲଙ୍କ "ବାବାଜୀ" ପ୍ରଥମେ ମଞ୍ଚସ୍ତ ହୁଏ । ୧୯୮୧ ମସିହା ଅକ୍ଟୋବର ସାତ ତାରିଖ ରେ ରାମାଶଙ୍କରଙ୍କ କାଞ୍ଚି କାବେରୀ ନାଟକ ମଞ୍ଚସ୍ଥ ହୁଏ ।ଏହି ସମୟରେ ୧୮୮୧ -୧୮୮୩ ମସିହାରେ ପୂର୍ବ ଓଡିଶାରେ ସ୍ଥାୟୀ ମଞ୍ଚ

ଦୃଷ୍ଟି ଗୋଚର ହୁଏ ନାହିଁ । ୧୯୮୫ ଉମାଶଙ୍କର "ବିଶ୍ୱାସ" କଟକରେ ସ୍ଥାୟୀମଞ୍ଚ ସ୍ଥାପନ କରିଥିଲେ । ଏହିବର୍ଷ କଟକରେ ସତିଷଚନ୍ଦ୍ର ସରକାର "ମଗ୍ନେଟିକ" ଥିଏଟର ଗଠନକରି ବଙ୍ଗଳା ନାଟକ ଅଭିନତକରାଯାଇଥିଲା । ୧୮୮୭ରେ ମଧୁସୂଦନ ଦାସ ଙ୍କ ପ୍ରଚେଷ୍ଟାରେ ଭିକ୍ଟୋରିଆ ଆମେଚର ଥିଏଟସ ପ୍ରତିଷ୍ଠିତ ହୁଏ, ଶ୍ୟାମ ସୁନ୍ଦର ମୁଖିଆଙ୍କ ପ୍ରଚେଷ୍ଟା ରେ କଟକ ଠାରେ ବୀଣାପାଣି ଥିଏଟସ ୧୯୯୮ ପ୍ରତିଷ୍ଠିତ ହୁଏ । ୧୮୯୭ ମସିହାର ପାରଳାଖେମୁଣ୍ଡି ଠାରେ ଏକମିନ୍ଦିର ପ୍ରତିଷ୍ଠା ହୋଇଥିଲା ମାତ୍ର ବିଭିନ୍ନ କାରଣରୁ ବନ୍ଦହେବାକୁ ଯାଉଥିବାବେଳେ ରାଜାସାହେବ ପଦ୍ମନାଭ ନାରାୟଣ ଦେବଙ୍କ ପ୍ରଚେଷ୍ଟା ଫଳରେ ଏକନୂତନ ଢଙ୍ଗର ୧୯୦୫ ଏହା ପଦ୍ମନାଭ ରଙ୍ଗାଲୟ ଭାବେ ପରିଚତ ହେଲା, କଟକର ଜମିଦାର କୁଞ୍ଜବିହାରୀ ବୋଷଙ୍କ ପ୍ରଚେଷ୍ଟାର ମେହିନ୍ଦ୍ରିଗିରି ଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହୋଇଥିଲା (୧୯୧୦) ଏହାର ନମଥିଲା ବାସନ୍ତୀଥିଏଟର । ମାରଓ୍ୱାଡି ପଟିର ଜମିଦାର ରଜନୀକାନ୍ତ ବିଶ୍ୱାସଙ୍କ ଉଦ୍ୟମରରେ ବାଙ୍କବଜାର ଠାରେ ୧୯୧୩ ଉଷାଥିଏଟର ସ୍ଥାପନହୁଏ, ବର୍ତ୍ତମାନ ଏହିଠାରେ ଜନତା ରଙ୍ଗମଞ୍ଚ ଥିଏଟର ଥିବାର ଦେଖାଯାଏ। ଜମିଦାର ସର୍ବେଶ୍ୱର ଙ୍କ ଉଦ୍ୟମଫଳରେ କଟକ ଚୌଧୁରୀ ବଜାର ରେ ୧୯୧୨ରେ ଫ୍ରେଣ୍ଡ ଡ୍ରାମାଟିକ କ୍ଲବ ପ୍ରତିଷ୍ଠାହୁଏ । ପୁରୀ ଜିଲ୍ଲା ବଳଙ୍ଗାର ବନମାଳୀ ପତିଙ୍କ ଉଦ୍ୟମରେ ପ୍ରଥମ ବ୍ୟବସାୟୀକ ରଙ୍ଗମଞ୍ଚର ଆବିର୍ଭାବଘଟିଥିଲା ୧୯୧୧ ଯାହାର ନାମରଖା ଗଲା "ରାଧାକୃଷ୍ଣ ଥିଏଟସ" । ସମୟାନୁ କ୍ରମେ ଦୀର୍ଘ ୧୬ ବର୍ଷର ଯାତ୍ରା ଅତିବାହିତ କରି ଏହି ସଂସ୍ଥା ପତିଙ୍କ ମୃତ୍ୟୁ ପରେ ଅଶ୍ୱନ କୁମାର ଏହାକୁ କ୍ରମକରି ୧୯୨୮ରେ ଏହାର ନାମ ବନମାଳୀ ଆଟି ଥିଏଟର ରଖିଥିଲେ । ବ୍ରହ୍ମପୁର ଠାରେ ସାରଥି ସାହୁଙ୍କ ପ୍ରଚେଷ୍ଟାରେ ୧୯୩୫ ସାରଥି ଥିଏଟର ଆବିର୍ଭାବ ଘଟିଥିଲା । ସୋମନାଥ ଦାସଙ୍କ ପ୍ରଚେଷ୍ଟା ଗଠିତ (୧୯୩୩) ଅନ୍ନପୂର୍ଣା ନାଟ୍ୟ ମଣ୍ଡଳୀ ନିଜର ସଦସ୍ୟ ଙ୍କ ଅନ୍ତଃ କଳହ ଯୋଗୁଁ ଭାଙ୍ଗିଯାଇଥିଲା ଏକ ନୂତନ ରଙ୍ଗମଞ୍ଚ ଗଠନ କରାଯାଇଥିଲା । ସୋମନାଥଙ୍କ ପ୍ରଚେଷ୍ଟାପୁରୀଠାରେ ଅନ୍ନପୂର୍ଣ୍ଣା "A" ଏବଂ ଲିଙ୍ଗରାଜ ଙ୍କ ପ୍ରଚଷ୍ଟାରେ ଅନ୍ନପୂର୍ଣ୍ଣାର "B"ନାଟ୍ୟମନ୍ଦିର ସ୍ଥାପିତ ହୋଇଥିଲା ପୁନଶ୍ଚ କ୍ଲାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ତାଙ୍କ ନନ୍ଦିଗ୍ରାମରେ ତାଳପଡାଠାରେ "ଗୋପୀନାଥ ନାଟ୍ୟ ସମାଜ" ପ୍ରତିଷ୍ଠା କରିଥିଲେ ।

ବର୍ତ୍ତମାନ ଓଡିଶାର କଛି ସାଂସ୍କୃତିକ ସଚେତନ ଜିଲ୍ଲାମାନଙ୍କରେ ପ୍ରତିଷ୍ଠିତ କରି ପ୍ରେକ୍ଷାଳୟକୁ ଆଲୋଚନା ପରିସରକୁ ଆଣୁଛି । ପ୍ରଥମେ ଦେଖାଯାଉ ବାଲେଶ୍ୱର ସହରରେ ଥିବା ମିର୍ଜା ପୋଖରୀ ପୂର୍ବ ପାର୍ଶ୍ୱରେ ୧୮୯୮"ରାଧା ଗୋବିନ୍ଦ" ଥିଏଟର ପ୍ରତିଷ୍ଠାଲାଭ କରିଥିଲା ପ୍ରଥମେ, ଦିତୀୟରେ ନାଟ୍ୟ ଚର୍ଯ୍ୟା ଶ୍ରୀ ଶଚନ୍ଦ୍ର ଦେଓ ଓ ଅନ୍ୟ ବ୍ୟକ୍ତିତ୍ୱଙ୍କ ଉଦ୍ୟମରେ ୧୯୧୬ ଜୁଭେନାଇଲ ଥିଏଟର ଅନ୍ୟନ୍ ୧୮୧୮ ମସିହାରେ ଜଗନ୍ନାଥ ତ୍ରିପାଠୀ ଓ ଅନ୍ୟାନ୍ୟ ସଂସ୍କାରପ୍ରେମୀ ଙ୍କ ଉଦ୍ଦେଶ୍ୟରେ ୧୮୧୮ରେ ଗୌରହରି ରଙ୍ଗାଳୟ ପ୍ରତିଷ୍ଠା ହୋଇଥିବାର ଶୁଣାଯାଏ ।ରାଜା ପଦ୍ମନାଭ ସିଂହ ଦେଓଙ୍କ ପିତା ବ୍ରଜକଶୋର ସିଂହଙ୍କ ପୃଷ୍ଠପୋଷକତାରେଧରାକୋଟଠାରେ ଓଡିଶାର ପ୍ରଥମ ମହିଳା ରାସଦଳ ଗଠିତ ହୋଥିଲା "ଶ୍ରୀ କଶୋର ଚନ୍ଦ୍ର ନାଟ୍ୟ ସିଂହ" ଭାବରେ ବେଶ ଜଣାଶୁଣା ଥିଲେ ।

ପୁନଶ୍ଚ ଦେଖିବାକୁଗଲେ ପଶ୍ଚିମ ଓଡିଶାରେ ଦ୍ୱିତୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭାବରେ ଭବାନୀପାଟଣା ବେଶ ପରିଚତ ହୁଏ । ୧୯୩୦ ମସିହାରେ ରାଜା ବ୍ରଜମୋହନ ଦେଓ ତାଙ୍କର ପୁତ୍ର ପ୍ରତାପ କେଶରୀ ଦେଓଙ୍କ ଶାସନବଳରେ ବ୍ରଜମୋହନ ସାହିତ୍ୟ ସମିତି ପ୍ରତିଷ୍ଠା ଲାଭ କରିଥିଲା । ଏହା ଥିଲା କଳାହାଣ୍ଡି ଜିଲ୍ଲାର ସର୍ବ ପ୍ରଥମ ରଙ୍ଗ ମନ୍ଦିର ଯେଉଁଥିରେ କ ପ୍ରଥମ ନାଟକ "ପ୍ରକୃତ ବନ୍ଧୁ" ମଞ୍ଚସ୍ଥ ହୋଇଥିଲା (୧୯୧୭ )। ଅନ୍ୟତ୍ର ଦେଖିବାକୁ ଗଲେ ଅଭିନେତା ଅସରଫଅଲ୍ଲୀ ଖାଁ ପିତା ଆଲିଦ ଖାଁ ପୃଷ୍ଠପୋଷକତାରେ "ଆଦିଲ ଥିଏଟର" ଗଢି ଉଠିଥିଲା ।୧୯୫୦ ମସିହାରେ ଉଦୟନାଥଙ୍କ ଉଦ୍ୟମ ଫଳରେ "ଉଦୟନାଟ୍ୟ ସଂସ୍ଥା" ପ୍ରତିଷ୍ଠା ହୋଇଥିଲା ବୋଲିମନେହୁଏ।

ତୃତୀୟ ରେ କୋରାପୁଟ ଜିଲ୍ଲା କଥାବିଗ୍ଭରକୁ ନେଉଛି । ଆଦିବାସୀ ବହୁଳ ଗ୍ରାମ୍ୟ ଜୀବନ ହୋଇଥିଲା ମଧ ଆମୋଦ ପ୍ରମୋଦ ମୁଖ୍ୟ ମାଧ୍ୟମ ହୋଇଥିଲା ନାଟକ । ରାଜାମାନଙ୍କ ପୃଷ୍ଠପୋଷକତା ଲାଭକରି ତତ କାଳୀନ ସମୟରେ ସାଂସ୍କୃତିକ ସଚେତନର ପରିଚୟ ବେଶ ଦେଖାଇ ପାରିଥିଲା । କୁହାଯାଏ ୧୯୩୧ ମସିହା ସର୍ବପ୍ରଥମ ନାଟକ "ବାଣାସୁର ବଧ" ମଞ୍ଚସ୍ଥ ହୋଇଥିଲା । ରାଜା ବିକ୍ରମଦେବା "ଜଗନ୍ନ ମିତ୍ର କଳାମନ୍ଦିର" ନାମରେ ଏକ ପ୍ରେକ୍ଷାଳୟ ନର୍ମାଣ କରିଥିବା ଦୃଷ୍ଟି ଗୋଚର ହୁଏ । ଅନ୍ୟ ଏକ ସାଂସ୍କୃତି ନାଟ୍ୟ ପ୍ରେମୀତଥା

ଚନ୍ଦ୍ର ମୋହନ ସିଂ ଙ୍କ ତତ୍ତ୍ୱବଧାନରେ ୧୯୩୬ର "ଜଗନ୍ନ ମୋହନ ନାଟକ ସମାଜ" ଆଦି ନାଟ୍ୟସଂସ୍ଥା ପ୍ରତିଷ୍ଠା ଲାଭକରିଥିବା ଦୃଷ୍ଟି ଗୋଚର ହୁଏ ।
ପଶ୍ଚିମ ଓଡିଶାର ସଂସ୍କୃତିକ କେନ୍ଦ୍ର ସମ୍ବଲପୁର ରଙ୍ଗମଞ୍ଚର ଜଗତକୁ ଅନେକ ଅବଦାନ ରହିଛି । ତାର ଇତିହାସ ପୃଷ୍ଠାକୁ ଦେଖିବାକୁଗଲେ ମନେହୁଏ ପ୍ରଥମେ"ଚନ୍ଦ୍ରପୂଳା ନାଟ୍ୟ ସଂଘ" ପ୍ରଥମେ ଦୃଷ୍ଟି ଗୋଚର ହୁଏ । ଏହି ଥିଏଟର ପ୍ରଥମେ ରକ୍ଷଣଶୀଳ ପରିବାର ଝିଅମାନେ ଅଂଶଗ୍ରହଣ କରି (୧୯୫୨) "ଉତ୍ତର୍ ନାଟକ ମଞ୍ଚସ୍ଥ କରିଥିଲେ । ସମୟାନୁକ୍ରମେ୧୯୫୩ ବେଳକୁ ନାମପରିବର୍ତ୍ତନ ହୋଇ "ଚନ୍ଦ୍ରାପୂଳା କଳା ପରିଷଦ"ରେ ରୂପାନ୍ତରିତ ହୁଏ । ପୁନଶ୍ଚ, ଶିଳ୍ପୀ, ସୁରେଶ୍ୱରୀ ସାଂସ୍କୃତିକ ପରିଷଦ,ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ, ପ୍ରଗତି ସଂଘ ରଙ୍ଗମଞ୍ଚ ଆଦି ରଙ୍ଗମଞ୍ଚ ପ୍ରତିଷ୍ଠାଲାଭ କରିଥିଲା ।

ଚତୁର୍ଥ ସାଂସ୍କୃତିକ ପରିବେଶରେ ମଣ୍ଡିତ ଗଡଜାତ ରାଜା ତଥା ବାମଣ୍ଡା ବା ଦେବଗଡ ର ରଙ୍ଗମଞ୍ଚ ଆଲୋଚନାକୁ ଆଣୁଛି।୧୯୧୨ ବେଳକୁ ଦିବ୍ୟଶଙ୍କର ପ୍ରଚେଷ୍ଟାରେ "ଗାଙ୍ଗେୟ ରଙ୍ଗମଞ୍ଚ" ପ୍ରତିଷ୍ଠାଲାଭ କରିଥିଲା । ୧୯୨୫ ଶଶାଭୂଷଣଦେବଙ୍କ ପ୍ରଚେଷ୍ଟାରେ "ରାମ ଗୋପାଳ ନାଟ୍ୟ ସଂଘ" ସ୍ଥାପିତ ହୋଇଥିଲା । ପୁନଶ୍ଚ ୧୯୩୩ ରେ "ଗୋପିକଶୋର ସଂଘ" ସ୍ଥାପନ ହୋଇଥିବାର ଅନୁମାନ କରାଯାଉଛି ।

ପଞ୍ଚମତଃ, ବଲାଙ୍ଗିର ଜିଲ୍ଲାରେ ରଙ୍ଗମଞ୍ଚ ଗୁଡିକ ଦେଖିବାକୁ ମିଳଥାଏ, ତଥା "କବି ଲିଟେରାରୀ ଆଣ୍ଡ ସୋସିଆଲ କ୍ଲବ" ଏହି ନାଟ୍ୟ ସଂସ୍ଥା ମହାରାଜ ପୃଥିରାଜସିଂହଙ୍କପ୍ରଚେଷ୍ଟାରେ ସ୍ଥାପିତ ହୋଇଥିବା ଶୁଣାଯାଏ । ପାଟଣା ଷ୍ଟେଟ ଦେଓ୍ୱାନ ବାଳ ମକୁନ୍ଦ ବହିଦାର ଙ୍କ ନେତୃତ୍ୱରେ ପୃଥୀରାଜ ହାଇ ସ୍କୁଲରେ ଜି.ଏଲ.ଏସ କ୍ଲବରୁ ପ୍ରତିଷ୍ଠିତ ହୋଇଥିଲା । ସେହିସମୟରେ ଅନ୍ୟ ଏକ ରଙ୍ଗ ମଞ୍ଚ ସେମିତି ପ୍ରତିଷ୍ଠା ଲାଭ କରିଥିଲା ତଥା- "କଳଙ୍ଗ ସାହିତ୍ୟ ସମିତି" ଓ "ନବନୀ ସାହିତ୍ୟ ସାଂସଦ" ୧୯୪୬ରେ "କୋଶଳ କଳାମଣ୍ଡପ" ଓ ୧୯୫୫ରେ "ନୃତ୍ୟ ସଙ୍ଗୀତ କଳାପରିଷଦ" ଆଦି ପତିଷ୍ଠା ଲାଭ କରିଥିଲା।

ପ୍ରାକୃତିକ ଖଣିଜ ପଦାର୍ଥରେ ଭରପୁର କେନ୍ଦୁଝର ଜିଲ୍ଲା ମଧ୍ଯ ସାଂସ୍କୃତି ପରିବେଶରେ ବିରଚ ହୋଇଥିଲା । ପ୍ରଥମେ ଚମ୍ପୁଆଠାରେ "ବଳଭଦ୍ର ସଂସ୍ଥା " ପ୍ରତିଷ୍ଠା ଲାଭ କରିଥିଲା ପୁନଶ୍ଚ ୧୯୩୩ ଆନନ୍ଦପୁର ଠାରେ "ନରସିଂହ ନାରାୟଣ ରାସ ନାଟ୍ୟ ସଂସ୍ଥା", ୧୯୩୮ ପ୍ରାଣ ବଲ୍ଲଭ ପାଠାଗାର, ୧୯୩୭ କେନ୍ଦୁଝର ଅମଳା କ୍ଲବ, ୧୯୬୮ ଜିଲ୍ଲା କଲେକ୍ଟର ଡ୍ରାମାଟିକ କ୍ଲବ,୧୯୭୨ ସେବା ମଙ୍ଗଳ ସଂସ୍ଥା, ୧୯୭୪ ମିଳନ ସାହିତ୍ୟ ସାଂସଦ, ୧୯୭୫ "ଗୋପାଳଜୀଉ ପାଠାଗାର" ଏତଦ ବ୍ୟତୀତ ଜିଲ୍ଲାରେ ଆହୁରୀ ଅନେକ ସ୍ଥାୟୀ ରଙ୍ଗମଞ୍ଚପ୍ରତିଷ୍ଠା ଲାଭ କରିଥିବା ଶୁଣାଯାଏ ।

ଶେଷରେ କେନ୍ଦ୍ରାପଡା ଜିଲ୍ଲାର ରଙ୍ଗମଞ୍ଚକୁ ଆଲୋଚନା ପରିସରକୁ ଆଣୁଛି, ୧୯୧୧ରେ ଲକ୍ଷ୍ମୀ ନାରାୟଣ ଜଗଦେବଙ୍କ ଉଦ୍ୟମରେ ସର୍ବ ପ୍ରଥମେ କେନ୍ଦ୍ରାପଡା ମଞ୍ଚ ସ୍ଥାପନ ହୋଇଥିଲା । ପ୍ରଥମ ବଙ୍ଗଳା ନାଟକ "ଆଲିବାବା" ମଞ୍ଚସ୍ଥ ହୋଇଥିଲା ।୧୯୧୭ରେ ମହନ୍ତ ରାମ ପ୍ରସନ୍ନ ରାମାନନ୍ଦ ଦାସ ଓ ଅମ୍ବିକା ପ୍ରସାଦ ଉଦ୍ୟମରେ "ବଳଦେବ ଡ୍ରାମା କ୍ଲବ" ୧୯୨୫ରେ ଦଳ ଗୋବିନ୍ଦ ମହାନ୍ତ ପ୍ରଚେଷ୍ଟାରେ "ୟୁନୟନ ଡ୍ରାମାଟିକ କ୍ଲବ" ୧୯୩୪ ରେ "ଗୋବିନ୍ଦ ଡ୍ରାମାଟିକ କ୍ଲବ" ୧୯୩୫ରେ "ବନଦୁର୍ଗା ନାଟ୍ୟ କାଳସଂସଦ", ୧୯୪୮ "ମହାବୀର ଡ୍ରାମାଟିକ କ୍ଲବ" ୧୯୪୩ରେ "ହରପାର୍ବତୀ ଡ୍ରାମାଟିକ କ୍ଲବ"୧୯୪୪ରେ "ବନଦୁର୍ଗା ଡ୍ରାମାଟିକ କ୍ଲବ" ୧୯୪୬ରେ ଗୋବିନ୍ଦଥିଏଟରସ ଆଦି ମଞ୍ଚ ପ୍ରତିଷ୍ଠା ଲାଭ କରିଥିବା ଶୁଣା ଯାଏ ।

ବାସ୍ତବିକ ଓଡିଶାର ରଙ୍ଗମଞ୍ଚର ବିକାଶ ଆଲୋଚନା ପ୍ରସଙ୍ଗରେ ମୋର ସମ୍ୟକ ଅନୁଭବରୁ କନ୍ତୁ ଅବତରଣକରିଛି ଓ କଛି ମୋର ଦୃଷ୍ଟିବାହାରେ ବି ରହିଯାଇଛି । ଯାହା ଆଲୋଚନା ପରିସରକୁ ଆଣିପାରୁନାହିଁ, ତେଣୁ ପାଠକ ବନ୍ଧୁମାନଙ୍କୁ ମୁଁ କ୍ଷମା ଯାଚନା କରୁଛି ।

ଆଞ୍ଚଳକ ଗ୍ରା.ପ ମହାବିଦ୍ୟାଳୟ +3 (କଳା) ଘଣ୍ଟାପଡା
ମୋ:୭୭୪୯୮୦୨୯୧୧

# କୁହୁଡି ର କାନ୍ଥ



ମୀନାକ୍ଷୀ ପାଢ଼ୀ

ସକାଳର କଅଁଳିଆ ଖରା
ଆକାଶରେ ଲଲାଟରେ
ରଂଗ ସିନା ମାଖିଦେଲା,
ହେଲେ
ମୋତେ ଛୁଇଁବା ପୂର୍ବ ରୁ
କୁହୁଡି କାନ୍ଥ ରେ ପିଟି ହେଇ
ପୁଣି ଫେରିଗଲା....
ମୁଠା ମୁଠା କାକର ଟୋପାର
ସମାହାର କୁହୁଡି ର କାନ୍ଥ
ଧୂମାୟିତ ପ୍ରହେଳିକା ର ପ୍ରାଚୀର
ଅସଂଖ୍ୟ ଅସମାହିତ ପ୍ରଶ୍ନ ର
ମୋ ତତଲାଦୀର୍ଘନିଃଶ୍ୱାସ ରେ
ବୋଧେ ଟିକେ ହଲିଗଲା
ମେଞ୍ଚାଏ ଶୀତର ଲହରୀ ମୋ
ମୋ ମୁହଁ ରେ ବୋଳିଦେଇ
ଫିସ୍ ଫିସ୍ କରି କହିଲା,

ରହ ଆଉ ଘଡିଏ ମାତର
ଥୟ ଧର କିଛି କ୍ଷଣର
ଭଙ୍ଗୁର ଏ କାକର ପ୍ରାଚୀର
ଅସହ୍ୟ ତାତି ଅଂଶୁମାନର
ତରଳିବ ମଉଳିବ ହଜିଯିବ,
ଭାଙ୍ଗି ଦେଇ ମାନ ଅଭିମାନ
ଅୟୁତ ଯୁଗର।

ଥାନେ, ମହାରାଷ୍ଟ୍ର

# ମୁଁ ଶେଫାଳୀ କହୁଛି



ଡକ୍ଟର ମନୋରଞ୍ଜନ ବିଷୋୟୀ

ଆଜି ରାତିରେ ଅଛି
କାଲିକ ନ ଥିବି
ରାତି ପାହି ସକାଳ
ହେଲା ବେଳକୁ
ଭୂଇଁରେ ଲୋଟି ପଡ଼ିଥିବି ।
ସର୍ବଦା ଏମିତି ହେଲେ
କେମିତି ଆଉ
ତୁମକୁ ଭେଟିବାର ଇଚ୍ଛା
ପୂରଣ କରିବି ?
ତଥାପି ପ୍ରତିଦିନ ରାତିରେ
ଚେଷ୍ଟା କରେ
ସକାଳର ପ୍ରତୀକ୍ଷା କରିବି
ଆଉ ତୁମକୁ ଭେଟିବି ।
ତେଣୁ ତ ରାତିରେ
ନଦ ଆସିଲେ
କାକରରେ ମୁହଁ ଧୋଇ
ଅନିଦ୍ରା ରହିଥାଏ ।

ଏପରିକ ତୁମେ
ଆସିବାର ପାଦଶବ୍ଦ
ପାହାନ୍ତର ପହର ବେଳକୁ
କାନରେ ବି ବାଜୁଥାଏ ।
ତଥାପି କାହିଁକି କେଜାଣି
ତୁମକୁ ଭେଟିବା ଆଗରୁ
କାକର ଲଗା ପାହାନ୍ତା ପହରରେ
ଓଦା ସରସର ଆଖିରେ
ଭୂଇଁରେ ଲୋଟି ପଡ଼ିଥାଏ ।
ଇଚ୍ଛା କଲେ ବି ଆଉ
ଉଠି ନପାରି
ତୁମ ସ୍ପର୍ଶ ପାଉଥିବା
ଏ ଭୂଇଁକୁ ବାରମ୍ବାର
ଚୁମିଥାଏ ।
ତୁମ ଜ୍ୟୋସ୍ନାରେ ଭିଜି
ତୁମ ଉପସ୍ଥିତିକୁ ଅନୁଭବ କରିଥାଏ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ସ୍ୱପ୍ନ



ଗୋବର୍ଦ୍ଧନ ସେନାପତି

ତୁମେ ଆସ
ରାତ୍ରିର ତନ୍ଦ୍ରା ତେଜି
ଲାଗେ ସତେ ଛପିଛପି ଆସ
ଶେଯର କଡରେ
ଅନେକ ଆଶା ଆଉ ଭରସା ନେଇ
ଭବିଷ୍ୟତର ପାଣ୍ଡୁଲିପି ସାଥେ ଧରି।

ଚିହ୍ନିବାକୁ ଅସୁବିଧା ହୁଏନା ତୁମକୁ
କାରଣ
ନିଦରେ କେବେ ତୁମେ ହସାଅ
ପୁଣି ତୁମେ କନ୍ଦାଅ ତୁଚ୍ଛାଟାରେ
ସତ୍ୟତାର ପ୍ରମାଣ ନଥିଲେବି
ନିସଙ୍ଗତାର ଚନ୍ଦ୍ରଣ ପାଥେୟ କରି।।

ନିଶ୍ଚିତତା ଆସେ
ଶୂନଶାନ ଲାଗେ
ହେ ସ୍ୱପ୍ନ, ତୁମର ସେ
ଚଲାପଥକୁ ଚାହିଁଲେ

ବାରି ହୋଇଯାଏ ତୁମର ରୂପରେଖ
ଜୀବନ ତରଙ୍ଗର ଆଉଏକ ମୋଡ଼।

ବଞ୍ଚିବାର ସ୍ପୃହାରେ
ଦେଖାଦିଏ ନୂତନ ସ୍ପନ୍ଦନ
ସହଚର ପରି ଲାଗେ ସତେ
ତୁମେଅଛ ଅତି ନିକଟରେ
ପୁଣି ମନରେ ଦେଖାଦିଏ ଉନ୍ମାଦନା
ସବୁ ପଥ ହୋଇଯାଏ ସହଜ ଥାଏ ଏଠି ଯେତେ ଭିଡ଼।।

ନୂଆଦିଲ୍ଲୀ

# ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତା ଓ ଗଣମାଧ୍ୟମ

ତେଜସ୍ୱିନୀ ସାମଲ

"ସମ୍ବାଦ ଏକ ବହୁ ପୁରୁଣା ବ୍ୟବସ୍ଥା। ଗଣତନ୍ତ୍ର ଶାସନର ଚତୁର୍ଥ ସ୍ତମ୍ଭ। ସାମ୍ବାଦିକତା ଏକ ଗଣମାଧ୍ୟମ; ଏହା ଏକ ଲମ୍ବା କାହାଣୀ ।ବୋଧ ହୁଏ ମହାଭାରତର ସଞ୍ଜୟକୁ ସାମ୍ବାଦିକତା ଭାବରେ ଧରାଯିବ କାରଣ ମହାଭାରତର ସମସ୍ତ ସମ୍ବାଦ ସେ କହୁଥିଲେ ମହାରାଜା ଧୃତରାଷ୍ଟ୍ରଙ୍କୁ।

ଭାରତୀୟ ପୁରାଣ ମାନଙ୍କରେ ନାରଦ ଚରିତ୍ରକୁ ସାମ୍ବାଦିକତା ଭାବରେ ଗ୍ରହଣ କରାଯାଏ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳର ଖବର ସେ ସଂଗ୍ରହ କରି ଆଣୁଥିଲେ, ସେଇ ଖବର ହିଁ ସମ୍ବାଦ। ଯାହା ଘଟଣା ଘଟେ ତାହା ସମ୍ବାଦରେ ପରିଣତ ହୁଏ; ମାତ୍ର ସବୁ ଘଟଣା ସମ୍ବାଦ ହୋଇନପାରେ। ପ୍ରତିକ୍ଷଣରେ ଘଟୁଥିବା ଘଟଣାକ୍ରମ ସେହି ସମୟ ପାଇଁ ସମ୍ବାଦରେ ପରିଣତ ହୁଏ ଏବଂ ଏହି ସମ୍ବାଦ ଲୋକମାନଙ୍କ ପାଖରେ ପହଞ୍ଚାଇଲା ବେଳକୁ ନୂଆ ଘଟଣା ଘଟିଥାଏ ଏହି ନାନା ପ୍ରକାର ଖବର ସମ୍ବାଦ। ମାତ୍ର ଗଣମାଧ୍ୟମ ଏକ ବଳିଷ୍ଠ ମାଧ୍ୟମ ଯାହା ସମୂହ ସ୍ୱାର୍ଥରେ ବିନିଯୋଗ ହୁଏ। ଗଣ ଯୋଗାଯୋଗ ପାଇଁ ପ୍ରକୃଷ୍ଟ ସହାୟ ହୁଏ।

ପୁରାଣ ଯୁଗ ହୁଏତ କଳ୍ପନାର ରସ ଉତ୍ସ ହୋଇପାରେ ମାତ୍ର ମାନବ ସଭ୍ୟତାରେ କ୍ରମବିବର୍ତ୍ତନ ଘଟିବା ଦ୍ୱାରା ମାନବର ବୌଦ୍ଧିକ ବିଚାର ବିକଶିତ ହେଲା। ଫଳରେ ଗୋଟିଏ ଘଟଣାକୁ ଅନ୍ୟ ନିକଟରେ ଉପସ୍ଥାପନ କରିବାର ଆବଶ୍ୟକତା ଅନୁଭବ କଲା। ବିଭିନ୍ନ ମାଧ୍ୟମ ଖବରକାଗଜ, ମାଗାଜିନ୍, ରେଡିଓ, ଟେଲିଭିଜନ, ଇଣ୍ଟରନେଟ ଦ୍ୱାରା ସାମ୍ବାଦିକତା ପ୍ରକାଶିତ ହୋଇ ଏହାର ମୂଲ୍ୟବୋଧ ସୁଦୃଢ ହେଲା।

ମାନବ ସମାଜର ପରମ ହିତାକାଂକ୍ଷୀ ତଥା ବଳିଷ୍ଠ ଭୂମିକା ଗ୍ରହଣ କରେ ଉଭୟ ସମ୍ବାଦ ଓ ଗଣମାଧ୍ୟମ। ବେଳେବେଳେ ଏହା ବିଶ୍ୱସ୍ତ ବନ୍ଧୁର ଭୂମିକା ଗ୍ରହଣ କରେ। ଚାରି କାନ୍ଥର କୋଠରୀ ମଧ୍ୟରେ ଥାଇ ମଧ୍ୟ ସାରା ଦୁନିଆର ଘଟଣା ବିଷୟରେ ଅଚିରେ ଅବଗତ ହୋଇଥାଏ। ଯେପରି ସଭାସମ୍ମିଳନୀ ଭାଷଣ, ଧର୍ମଭିତ୍ତିକ ସାଂସ୍କୃତିକ ଅନୁଷ୍ଠାନ, ପାଣିପାଗର ବିବରଣୀ, କୋର୍ଟ କଚେରୀ ମାମଲା, ଅପରାଧ ମୂଳକ ସମ୍ବାଦ, ଦୁର୍ଘଟଣା, ସାକ୍ଷାତକାର, ଜ୍ଞାନ ବୃଦ୍ଧିରେ ସହାୟକ ହେବା ସହ ଅଶିକ୍ଷାକୁ ଦୂର କରିବାକୁ ପ୍ରୟାସ କରେ ଯଦ୍ୱାରା ମୂଲ୍ୟବୋଧ ର ତ୍ୱରାନ୍ୱିତ ଘଟିଥାଏ।

ପ୍ରାଚୀନ କାଳରେ ମେଘକୁ ଦୂତ କରି ମନୋଭାବନା ପୂରଣ କରିବା ସହ ଦୂତ ମାଧ୍ୟମରେ ସନ୍ଦେଶ ପ୍ରେରଣ କରାଯାଉଥିଲା ମାତ୍ର ବିଜ୍ଞାନର ଅଗ୍ରଗତି ଓ ସଭ୍ୟତାର ଅଗ୍ରଗତି ଫଳରେ ୧୬୧୦ ରେ ପ୍ରଥମେ ସୁଇସ୍ ଦେଶରୁ ବଳିଷ୍ଠ ସମ୍ବାଦ ବାହାରିଥିଲା। ଭିଏନାରୁ ୧୬୨୦ ରେ ୩ ଟି ସାପ୍ତାହିକ ସମ୍ବାଦପତ୍ର ବାହାରିଥିଲା। ଭାରତରେ ପ୍ରଥମ ବେଙ୍ଗଲ ଗେଜେଟ ଓ ପରେ ଅନ୍ୟାନ୍ୟ ସମାଜ, ସ୍ୱରାଜ, ମାତୃଭୂମି, ସୂର୍ଯ୍ୟପ୍ରଭା,ହୀରାଖଣ୍ଡ,ସମ୍ବାଦ କଳିକା ଓ ଗଣମାଧ୍ୟମ ର ପ୍ରଚାର ଓ ପ୍ରସାର ଭିତ୍ତିରେ ଜନସାଧାରଣଙ୍କ ଅଶେଷ ଉପକାର ସାଧନ କଲା।

ଲୋକସଭା, ରାଜ୍ୟସଭା, ବିଧାନସଭା, ଜିଲ୍ଲା ପରିଷଦ, ବିଧାନ ପରିଷଦ, ଏରିଆ କାଉନସିଲ୍, ମ୍ୟୁନିସିପାଲିଟି, ପଞ୍ଚାୟତ ସମିତି, ସଭା ସମ୍ମିଳନୀ ବୈଠକ ଆଦିରେ ଘଟୁଥିବା ବିଭିନ୍ନ ଘଟଣା ସମ୍ବାଦର ଓ ଗଣମାଧ୍ୟମର ମୂଲ୍ୟବୋଧରେ ସହାୟକ ହୁଏ। ନାରୀ ସମ୍ମିଳନୀ, ଯୁବ ସମ୍ମିଳନୀ, ଚିକିତ୍ସକ ସମ୍ମିଳନୀ, କୃଷକ ସମ୍ମିଳନୀ, ବ୍ୟବସାୟି ସମ୍ମିଳନୀ, ଶ୍ରମିକ ସମ୍ମିଳନୀ, ଶିକ୍ଷା, ସଂସ୍କାର, ପରିବାର ନିୟନ୍ତ୍ରଣ ଯୋଜନା ଇତ୍ୟାଦିରେ ମୂଲ୍ୟବୋଧ ବଢାଇବାରେ ସହାୟ ହୋଇଥାଏ।

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ପ୍ରତ୍ୟେକ ଧର୍ମର ବ୍ୟକ୍ତି ବାସ କରନ୍ତି ।କେଉଁ ଧର୍ମକୁ ଅମାନ୍ୟ କରାଯାଏ ନାହିଁ। ଭାରତର ବିଭିନ୍ନ ସ୍ଥାନରେ ଯଜ୍ଞ, ଦାନ, ହୋମ ପ୍ରତ୍ୟହ ଅନୁଷ୍ଠିତ ହେଉଛି। ସଙ୍ଗୀତ, ନୃତ୍ୟ, ପାଲା, ଯାତ୍ରା, ଦାସକାଠିଆ ଦେଖିବା ନିମନ୍ତେ ଶହଶହ ଲୋକଙ୍କ ସମାବେଶ ହୁଏ। ଜନମଙ୍ଗଳ ଉଦ୍ଦେଶ୍ୟରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏ ସମସ୍ତ ମୂଲ୍ୟବୋଧ ବୃଦ୍ଧିରେ ସହାୟ ହୋଇଥାଏ।

କୃଷକ, ମତ୍ସ୍ୟଜୀବୀ, ଗୃହସ୍ଥଙ୍କ ନିମନ୍ତେ ପାଣିପାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଡାର ସାହାର୍ଯ୍ୟରେ ସମସ୍ତ ସୂଚନା ପୂର୍ବରୁ ଜଣାଯାଇପାରୁଛି କେବଳ ସମ୍ବାଦ ଓ ଗଣମାଧ୍ୟମ ଦ୍ୱାରା। ବର୍ଷା, ବନ୍ୟା, ମରୁଡ଼ି, ଝଡ଼ ତୋଫାନ ପ୍ରାକୃତିକ ବିପର୍ଯ୍ୟୟ, ଦୁର୍ବିପାକ ଖବର ପୂର୍ବରୁ ସୂଚିତ ହୋଇଯାଉଥିବାରୁ ମାନବ ସମାଜ ଏଥିପ୍ରତି ସତର୍କ ହୋଇଯାଉଛି। ସେପରି ପ୍ରତ୍ୟହ କୋର୍ଟରେ ହଜାର ମାଲିମୋକଦ୍ଦମା ବିଚାର ହୁଏ, ମାତ୍ର ଯେଉଁ ମୋକଦ୍ଦମାରେ ସାମାଜିକ ଶୃଙ୍ଖଳା ବ୍ୟାହାତ ହୁଏ ଓ ସାମ୍ବିଧାନିକ ସମସ୍ୟା ସୃଷ୍ଟି ହୁଏ ତାହା ବିଶେଷ ଧରଣର ସମ୍ବାଦର ରୂପ ନିଏ।

ଆଞ୍ଚଳିକ କିମ୍ବା ସ୍ଥାନୀୟ ଖବର ଗୁଡିକ ମଧ୍ୟରେ ହତ୍ୟା, ଲୁଣ୍ଠନ, ନରବଳି, ଚୋରି, ଡକାୟତି ପକେଟମାର, ଦୁଷ୍କର୍ମ, ଗଣଦୁଷ୍କର୍ମ,ବଧୂର ନିର୍ଯ୍ୟାତନା, ଯୌତୁକ ଦାବି ଇତ୍ୟାଦି ବିଭିନ୍ନ ଘଟଣା ଜାଣିବା ପାଇଁ ଲୋକଙ୍କ ବିଶେଷ ଆଗ୍ରହ ଥାଏ। ଅପରାଧ ଘଟିବା ଠାରୁ ତା'ର ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ଶୁଣିବାକୁ ଲୋକେ ଇଚ୍ଛୁକ ଥାନ୍ତି ଏସବୁ ଗଣମାଧ୍ୟମ ଓ ସମ୍ବାଦ ଦ୍ୱାରା ହିଁ ସମ୍ଭବ ହୋଇପାରେ।

ଜାତୀୟ, ଆନ୍ତର୍ଜାତିୟ, ରାଜ୍ୟ ବା ପ୍ରାଦେଶିକ ସ୍ତରରେ ହେଉ ଅବା ସ୍ଥାନୀୟ ସ୍ତରରେ ହେଉ ଦୁର୍ଘଟଣା ଲୋମହର୍ଷଣକାରୀ ଖବର। ଟ୍ରେନ, ଟ୍ରକ, ବସ୍, ଅନ୍ୟାନ୍ୟ ଗାଡ଼ି ଦୁର୍ଘଟଣା, ଅଗ୍ନିକାଣ୍ଡ, ଜଳ ସମାଧି, ବ୍ୟାଙ୍କ ଲୁଟ, କଳକାରଖାନା ଦୁର୍ଘଟଣା, ଅପମୃତ୍ୟୁ ଆଦି ହୃଦୟ ବିଦାରକ ଖବର ଉପରେ ସଭିଙ୍କ ନଜର ଥାଏ ଏପରି ଖବର କୁ ସମ୍ବାଦ ଓ ଗଣମାଧ୍ୟମ ପ୍ରକାଶ କରି ତାର ମୂଲ୍ୟ ବୋଝକୁ ଦ୍ୱିଗୁଣିତ କରିଥାଏ ଏଥିରେ ସନ୍ଦେହ ନାହିଁ।

ଏହାଛଡା ସମ୍ବାଦ ହେଉ କି ଗଣମାଧ୍ୟମ ର ମୂଲ୍ୟ ବୋଧକୁ ବୃଦ୍ଧି କରିବାରେ ସାକ୍ଷାତକାର ର ଭୂମିକା ସର୍ବାଗ୍ରେ। ସାମାଜିକ ସମସ୍ୟା, ସ୍ୱାସ୍ଥ୍ୟ ସମସ୍ୟା ହେଉ ଅଥବା ସାହିତ୍ୟ ଚର୍ଚ୍ଚା ହେଉ ଏ ସମ୍ବନ୍ଧରେ ବ୍ୟକ୍ତି ବିଶେଷଙ୍କ ସାକ୍ଷାତ କରି ବହୁମୂଲ୍ୟ ଉପଦେଶ ଦିଏ ଓ ଲୋକଲୋଚନଙ୍କ ସମ୍ମୁଖକୁ ଆଣେ।

ଶିକ୍ଷା, ସଭ୍ୟତା, ସଂସ୍କୃ ତିଏବଂ ମନୋରଞ୍ଜନ କ୍ଷେତ୍ରରେ ଉଭୟ ସମ୍ବାଦ ଓ ଗଣମାଧ୍ୟମ ଯେତିକି ଅଗ୍ରସର କୁସଂସ୍କାର, ଅନ୍ଧବିଶ୍ୱାସ ଦୂରୀକରଣରେ ସେତିକି ପ୍ରୟାସ ଜାରି ରଖେ। ବିଶ୍ୱବ୍ରହ୍ମାଣ୍ଡର ଜଣାଅଜଣା ତଥ୍ୟ ସହ ସଚେତନତା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ।

କେବଳ ଦେଶ,ଜାତି ତଥା ବିଦେଶର ସମସ୍ୟା ଓ ଘଟଣା ନୁହେଁ ସ୍ଥାନୀୟ ସମସ୍ୟା, ସାମୂହିକ ସମସ୍ୟା, ଗୋଷ୍ଠୀଗତ ସମସ୍ୟା, ସାମ୍ପ୍ରଦାୟିକ ସମସ୍ୟା ନିମନ୍ତେ ଏହା ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଥାଏ। ବ୍ୟଙ୍ଗଚିତ୍ର, କୌତୁକଥା, ନୀତି ଉପଦେଶ, ନିଯୁକ୍ତି ବିଜ୍ଞପ୍ତି ସ୍ଥାନ ପାଇବା ସହ ସରକାରୀ ବେସରକାରି ଖବର ପ୍ରକାଶିତ ହୁଏ।ଯାହା ଜନସଚେତନା ସୃଷ୍ଟି କରେ।

ସମ୍ବାଦିକତା ଓ ଗଣମାଧ୍ୟମ ର ମୂଲ୍ୟବୋଧ ଜ୍ଞାନ ପରିବ୍ୟାପ୍ତ ଓ ଜନ ସଚେତନତା ଦ୍ୱାରା ସମ୍ଭବ ହୋଇଥାଏ। ଜନ ମାନସରେ ସୁଖ, ଦୁଃଖ ସୁବିଧା ଅସୁବିଧାକୁ ପ୍ରତିଫଳନ କରାଇ ଉଭୟ ସତର୍କ ପ୍ରହରୀ ସାଜି ଏହାର ସଠିକ୍ ମୂଲ୍ୟବୋଧକୁ ବଢାଇବାରେ ସକ୍ଷମ ହୋଇଥାନ୍ତି।

କେନ୍ଦ୍ରାପଡ଼ା

# ଧିକ ତା ଜୀବନ


ଜୟନ୍ତୀ ଦେବୀ

ଧିକ ତା ଜୀବନ ଯେ ନଭଜେ ରାମ ଜାନକୀଧବ ରାଘବ ।
କରୁଣା ସାରଗ ସେ କୋଦନଧର ଚିନ୍ତନ କର ସାଧବ ।୧।
ତା ପଦ ସରୋଜ ଦିବାନିଶି ଭଜ ଭବ କ୍ଲେଶ ହେବ ଦୂର ।
ଜୀବନ ମରଣ ଯାହାର ଭିଆଣ ସେ ଶ୍ରୀରାମ ରଘୁବୀର ।୨।
ବନ ମାଳିଆ ସେ ଚିକ୍କଣ କାଳିଆ ରଘୁନନ୍ଦନ ଶ୍ରୀରାମ ।
ନବୀନ ଘନ ମୂରତି ଦାଶରଥି ରୂପ ଯାର ଅନୁପମ ।୩।
ଯେ ନଭଜେ ରାମଧିକ ତା ଜନମ ଶ୍ରୀରାମ କଳପତରୁ ।
ନରକାର୍ଣ୍ଣବ ତାରଣ ନାରାୟଣ ପୂର୍ଣ୍ଣବ୍ରହ୍ମ ମହାମେରୁ ।୪।
ଭକତ ବାନ୍ଧବ ଶ୍ରୀରାମ ରାଘବ ବିଦୂଷେ କର ଚିନ୍ତନ ।
ଜେମା ବରୁଣର ଅର୍ଦ୍ଧାଙ୍ଗିନୀ ଯାର ସେ ଶ୍ରୀହରି ଜନାର୍ଦ୍ଦନ ।୫।
ରାବଣାରୀ ରାମ ପୁରୁଷ ଉତ୍ତମ ଧନ୍ୟ ତାର ଭ୍ରାତୃ ପ୍ରେମ ।
ମନ ମହକିଆ ଚଉବର୍ଗ ଦିଆ ପାବନ ତା ନାମ ଧାମ ।୬।
ଜାନକୀ ରମଣ ସେ ଜଗମୋହନ ନରହରି ନୀଳାଦ୍ରୀଶ ।
ନଟବର ବଂଶୀଧର ସେ ଦ୍ୱାପରେ ରଙ୍ଗାବତାର ସୁରେଶ ।୭।
କୀରତି ଯାହାର ଘୋଷର ସଂସାର ପ୍ରେମ ଯାର ଅନୁପମ ।
ଧର୍ମ ଅର୍ଥ କାମ ମୋକ୍ଷ ପ୍ରଦାୟକ ଶ୍ରୀହରି ପୁରୁଷୋତ୍ତମ ।୮।
ବର୍ଜ ଧୂଳିଆ କଜ୍ଜ୍ୱଳ କାଳିଆ କାଳିୟ ଗର୍ବ ଗଞ୍ଜନ ।
ରାଧିକା ବଲ୍ଲଭ କୃଷ୍ଣ ବାସୁଦେବ ମାଧବ ଜନରଞ୍ଜନ ୯।
ଘର ଯାହାର ଅଟଇ ଶ୍ରୀମନ୍ଦିର ପତ୍ନୀ କମଳା ବିମଳା ।
ବରଷକେ ଥରେ ଘୋଷ ଯାତରାରେ ବାହାରଇ ନନ୍ଦବଳା ।୧୦।

ମାର୍ଫତ୍ - ଡଃ ଅର୍ଜୁନ ଚରଣ ବାରିକ୍
ମହୁ,ଆଳ,କେନ୍ଦ୍ରାପଡା

# ଜୀବନ ଝରଣା



ସଂଯୁକ୍ତା ସାହୁ

ମଣିଷ ଏକ ଅଦ୍ଭୁତ ସାମାଜିକ ପ୍ରାଣୀ
ଯେତେ ସୁଖ ତା ହାତ ପାପୁଲିକୁ ଆସିଲେବି
ସିଏ କଣ ଆତ୍ମସନ୍ତୋଷ ଅନୁଭବ କରେ ?
ସେଇ ସୁଖ,ଆନନ୍ଦ ଲୋଭରେ ଆଶା ବିଶ୍ୱାସ
ବସାବାନ୍ଧିଥାଏ ହୃଦରେ, ଜୀବକୋଷରେ
ପ୍ରଭୁ ତୁମେ ତ କୋଉଥିରେ ଊଣା କରିନ
ସୂର୍ଯ୍ୟ,ଚନ୍ଦ୍ର,ଗ୍ରହ,ଆକାଶ,ପୃଥିବୀ,ନିହାରିକା
ସେଥିରୁତ କେବେ ବଞ୍ଚିତ କରିନାହଁ ମଣିଷକୁ
ସମସ୍ତେ ତ ଆଶିଷ ଢାଳିଛନ୍ତି ଶେଷ ପର୍ଯ୍ୟନ୍ତ
ଦିନ,ରାତି,ବନ,ଗିରି,ସମୁଦ୍ର,ଫୁଲ,ଫଳ
ସବୁ ତ ବାନ୍ଧି ରଖିଛ ଆମ ପାଇଁ ନିଜ ମର୍ଜିରେ
କୁହ ପ୍ରଭୁ ତୁମେ ସବୁ ଦାନ ଦେଇଛ ନା ନାହିଁ ?
କିନ୍ତୁ ମଣିଷଟିଏ କାହିଁକି ଆତ୍ମସନ୍ତୋଷ ପାଉନି ?
ପ୍ରକୃତରେ ଏ ମଣିଷର ଆଶା ଅସୁମାରୀ
କେମିତି ବା ସିଏ ଆତ୍ମସନ୍ତୋଷ ପାଇବ
ମାୟା ସଂସାରରେ ଲୋଭର ଆକର୍ଷଣ ବେଶୀ
ଯନ୍ତ୍ରଣାର ଆଘାତ ପାଇ ବି ସବୁ ମୋର ମୋର
କହି ଦେହରୁ ମାଉଁସ ଖସିଗଲାଣି କିନ୍ତୁ
କେତେବେଳେ ଶୁଖିଲା ପତ୍ର ପରି ଖସି ପଡିବ
ଲେଖାଅଛି ପରା ସୃଷ୍ଟିର ଇସ୍ତାହାରରେ
ପାଇବାର ଶୋଷ କେବେ ମେଂଟୁ ନାହିଁ

ତଥାପି ଭରିଛି ବଞ୍ଚିବାର ମଧୁର ଆଗ୍ରହ
ସେ ଜାଣିଛି ଯେ ସତ୍ୟ ମହା ଭୟଙ୍କର
ଯେତିକି ମିଳୁଛି ସେତିକିରେ କଣ ସନ୍ତୁଷ୍ଟ
ଆଉ ଆତ୍ମସନ୍ତୋଷ ପାଇବାର ଅଭିଳାଷା
ଅବାଂଚିତ ଆତ୍ମସନ୍ତୋଷକୁ ଆଶ୍ରା କରି
ଅସନ୍ତୁଷ୍ଟରେ ହନ୍ତସନ୍ତ ହେବା ଅପେକ୍ଷା
ତୁମ କର୍ମର ଫଳରେ ଆତ୍ମସନ୍ତୋଷହିଁ
ଶ୍ରେଷ୍ଠତା ଭାବିନେବା ମହାନ୍ ର ପରିଚୟ ।

ଉପସଭାପତି, ମାଟିଘର ସାହିତ୍ୟ ସଂସଦ
ଗ୍ରାମ, ଜଗତସିଂହପୁର

# ମନରକଥା



ବୀରକିଶୋର ନାୟକ

ଗୋପନେ ତୁମକୁ ଅଛି କହିବାକୁ
ଦେବକି ସମୟ ଅଳ୍ପ,
କଥା ମୁଁ ଦେଉଛି କହିବିନି ବେଶି
ଅଳ୍ପରେ ସାରିବି ଗଳ୍ପ ।0 ।
କୋଟି ଜନଙ୍କର କଥା ଶୁଣୁଅଛ
ଜଗନ୍ନାଥ ବୋଲି ନାମ ବହିଅଛ
ମୋ ବେଳକୁ ପ୍ରଭୋ ଦୂରେଇ ଯାଉଛ
କରିଛି ମୁଁ କେଉଁ ପାପ ।1 ।
ତୁମ ନାମ ଖୋଜେ ଡାକିବାକୁ ଥରେ
ତୁମ ଡାକ ନାମ ଧରି ମୁଁ ଅନ୍ତରେ,
ଏ ଭବ ସାଗର ପାରି ମୁଁ ହୁଅନ୍ତି
ହୃଦେ ଆଙ୍କି ତୁମ ରୂପ ।2 ।
ପୂଜା ବେଳେ ତୁମେ ମନେ ମୋ ରହୁନ
ସଂସାର ଜଞ୍ଜାଳେ ଘାରିହୁଏ ମନ
ତୁମ ପାଦତଳେ ଆଦରେ ଜାଳିଲେ
ଲିଭେ ମୋର ପୂଜା ଦୀପ ।3 ।
ସକାଳ ସଞ୍ଜରେ ମନେପଡ଼ ତୁମେ
ହୃଦୟ ଭରେନା କେବେ ତୁମ ପ୍ରେମେ,
କେଉଁ ପାପ ଯୋଗୁ ଦେଉନାହଁ ଓଠେ
କରିବାକୁ ତୁମ ଜପ ।4 ।

ଖଣ୍ଡବନ୍ଧ, ଢେଙ୍କାନାଳ

# ଭିଡିଓ



ଶଶଧର ମହାପାତ୍ର

ଏହି ଭିଡିଓଟି ନିକଟରେ 'ଫେସ୍‌ବୁକ୍' ରେ ଜଣେ ଭଦ୍ର ମହିଳାଙ୍କ ଦ୍ୱାରା ହିନ୍ଦିରେ ପ୍ରକାଶିତ ହୋଇଥବାର ଦେଖିଲି । ବିଷୟବସ୍ତୁ ବହୁତ ସୁନ୍ଦର, ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ । ଭିଡିଓଟି ଆରମ୍ଭରୁ ଖୁବ୍ ଶୀଘ୍ର ମୋ'ର ଦୃଷ୍ଟି ଆକର୍ଷଣ କରିଥିଲା । ମୋ' ମନକୁ ବେଶ୍ ଛୁଇଁଥିଲା । ତେଣୁ ଶେଷ ପର୍ଯ୍ୟନ୍ତ ଦେଖିବାକୁ ଇଚ୍ଛା ହେଲା ।

ମହିଳା ଜଣକ ଭିଡିଓ ମାଧ୍ୟମରେ ତାଙ୍କ ଝିଅପାଇଁ ଭଲ ବାର୍ତ୍ତାଟିଏ ଦେଇଥିଲେ । ମୋ' ଅନ୍ତରରେ ତାଙ୍କୁ ଧନ୍ୟବାଦ ନଦେଇ ରହି ପାରିଲି ନାହିଁ । ଏ' କାହାଣୀଟି ଏମିତି ।

"ଆଜି ସକାଳେ ମୋତେ ଗୋଟିଏ ମୁହୂର୍ତ୍ତପାଇଁ ଲାଗିଲା ଦେଖି ଯେ ତୋ' ରୁମ୍ ଖାଲି, ଚାରିଆଡେ ନୀରବତା, ଶୁନ୍‌ଶାନ୍, ଖାଁ, ଖାଁ, ତୁ ନଥିଲୁ ସେଠି । ମୁଁ ଭୁଲି ଯାଇଥିଲି ଯେ ମୋ' ଝିଅ ମୋତେ ଛାଡି ବହୁତ ଦୂର ଚାଲିଯାଇଛି ତା' ଜୀବନଯାତ୍ରା ଆରମ୍ଭ କରିବାକୁ । ଏ' ହେଉଛି ପ୍ରଥମଥର ଯେବେ ତୁ ଆମ ଘର ଓ ମୋତେ ଛାଡି ଚାଲିଯାଇଛୁ । ଏ' ହେଉଛି ତୋ' ଜୀବନରେ ଏକ ବଡ ଘଡିସନ୍ଧି ବେଳ, ତେଣୁକରି ମୁଁ ତୋତେ କିଛି କହିବାକୁ ଚାହେଁ ମୋ'ର ଏବେ ବି ଇଚ୍ଛାହୁଏ ଯେ ମୁଁ ତୋର ଏ' ବୟସରେ ଥିଲା ବେଳେ ମୋତେ ଏମିତି କିଏ କିଛି କହିଥାନ୍ତା କି ?କିଛି ଶିକ୍ଷା କି ଉପଦେଶ ଦେଇଥାନ୍ତା କି ?

ଏ' ଦୁନିଆରେ ତୁ କେମିତି ତୋ' ଜୀବନ ଯାପନ କରିବୁ, କଣ କରିବୁ, କଣ ନକରିବୁ, କେଉଁଟା ଠିକ୍, କେଉଁଟା ଭୁଲ୍, ଏ' ବିଷୟରେ ତୋତେ ବହୁତ ଶୁଣିବାକୁ ମିଳିବ, ବିଭିନ୍ନ ଶିକ୍ଷା ମାଧ୍ୟମରେ କୁହାଯିବ, ଏମିତିକି ତୋ' ଉପରେ କିଛି ଲୋକଙ୍କ ଦ୍ୱାରା ଲଦି ଦିଆଯିବ। କିନ୍ତୁ, ସେହି ଲୋକମାନେ ତୋ'ର ଜୀବନଧାରା କଣ ହେବ ସେ' ନିଷ୍ପତ୍ତି ନନେଇ ସେ'

ନିଷ୍ପତ୍ତି ତୁ ନିଜେ ନେବା ଉଚିତ୍ । ହଁ, ତୁ ନିଜେ ଠିକ୍ କର ତୋ' ବିବେକ ଖଟେଇ କେଉଁଟା ଠିକ୍ ଓ କେଉଁଟା ଭୁଲ୍ ତୋପାଇଁ, କିନ୍ତୁ, ନୁହେଁ ଏ' ଦୁନିଆ ଯାହା ଶିଖେଇଛି କେଉଁଟା ଠିକ୍ ଓ କେଉଁଟା ଭୁଲ୍ ।

ଜୀବନରେ ନିଜର ସ୍ୱାଭିମାନଠୁଁ ବେଶି ବଡ ଗୁରୁତ୍ୱପୂର୍ଣ୍ଣ କିଛି ନାହିଁ । ଏ' ଦୁନିଆରେ ହଜିଯିବା ଭାରି ସହଜ । ନିଜେ ଅନ୍ୟମାନଙ୍କ ଭଳି ନହେଇ କି ଅନ୍ୟମାନଙ୍କୁ ସୁହାଇଲାଭଳି କିଛି ନକରି ବରଂ ତୋ'ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକର । ନିଜପାଇଁ ନିଜର ପରିଚୟ ସୃଷ୍ଟି କରିବା ସହଜ ନୁହେଁ, ବରଂ ବହୁତ କଷ୍ଟକର । ସେଥିପାଇଁ ଅଜସ୍ରସାଧନା ଆବଶ୍ୟକ । ହଁ, ନିଜେ ନିଜ ବାଟରେ ଚାଲ୍ । ଚାଲିଲା ବେଳେ ତଳେ ପଡିଯିବୁ, କିନ୍ତୁ ଉଠିବୁ, ପୁଣି ଚାଲିବୁ । ଏ' ତୋତେ ଜୀବନରେ ବହୁତ ଶିକ୍ଷା ଦେବ । ମନେରଖ ! ତୋ' ନିଜର ଆତ୍ମବିଶ୍ୱାସ ତୋ' ପାଇଁ ଆଣିଦେବ ଅନେକ ଖୁସି, ସୁଖ, ଶାନ୍ତି, ଶକ୍ତି ଓ ତୋତେ ସୁନ୍ଦର ସ୍ତ୍ରୀଲୋକଟିଏ କରି ଗଢିବ । ବାହାର ସୌନ୍ଦଯ୍ୟର୍ର ସଂଜ୍ଞା ବାସ୍ତବରେ ମୂଲ୍ୟହୀନ ।

ତୋ' ଭାବନାରେ ସବୁବେଳେ ସକାରାତ୍ମକ ଚିନ୍ତାଧାରା ଆସୁ, ଏ' ମୋ'ର ଇଚ୍ଛା ଓ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା । ତୋ' ଚାରିପଟେ ରହିଥିବା ଲୋକମାନଙ୍କର କିଛି ନା କିଛି ଦୂର୍ବଳତା ତୁ ସବୁବେଳେ ଲକ୍ଷ୍ୟ କରିବୁ । କିନ୍ତୁ, କେବେ ମନରେ ଥରେ ଭାବିବୁ ନାହିଁ ଯେ ସାରା ଦୁନିଆଟା ସେମିତି । ତଥାପି ତୋ' ଚାରିପଟେ ବହୁତ ଭଲ ମଣିଷ ବି ଅଛନ୍ତି, ଭଲ ଜିନିଷ ମଧ୍ୟ ଦେଖିବାକୁ ମିଳିବ । ଏଇ ସମୟଟି ଭଲ ସମୟ ଗୋଟିଏ ଝିଅ ପାଇଁ । ତୋ' ପାଖରେ ଏବେ ଯେଉଁ ସୁବିଧା, ସୁଯୋଗ ଅଛି, କିଛି ଦଶନ୍ଧି ତଳେ ସେହି ସବୁ ସେତେବେଳେ ଝିଅମାନଙ୍କପାଇଁ ନଥିଲା । ତୋ'ର ଏବେ ସେ' ସ୍ୱାଧୀନତା ଅଛି କେମିତି ତୁ ଜୀବନ ବିତେଇବୁ । ତୋ' ଜୀବନ ମାର୍ଗ ଦର୍ଶନ ତୁ ନିଜେ ଠିକ୍ କରିବୁ । କିନ୍ତୁ, ସେତେବେଳେ ଏ' ସ୍ୱାଧୀନତା ଝିଅମାନଙ୍କର ନଥିଲା । ତେଣୁ ମୋ'ର ଇଚ୍ଛା, ଜଣେ ଦାଇତ୍ୱବାନ ବ୍ୟକ୍ତି ଭାବରେ ଏ' ସ୍ୱାଧୀନତା ଉପଭୋଗ କରିବୁ, ଦାଇତ୍ୱହୀନ ଭାବେ ନୁହେଁ। କିଛି ଭୟ କରିବାର ନାହିଁ । ଯଦି କିଛି ଅସୁବିଧା ବାଟରେ ଆସେ ତେବେ ନିଜେ ନିଜ ଗୋଡରେ ଛିଡା ହେଇ ସେ' ସବୁର ମୁକାବିଲା କରିବା ଶିଖିବୁ ।

ପୁରୁଷମାନଙ୍କ ସହ ପ୍ରତିଦ୍ୱନ୍ଦିତା କରିବାପାଇଁ ତୋର ସୃଷ୍ଟି ନୁହେଁ । ଏ' ଦୁନିଆଟା ନୁହେଁ କେବଳ ପୁରୁଷ ଓ ସ୍ତ୍ରୀ ମାନଙ୍କ ଭିତରେ ପ୍ରତିଦ୍ୱନ୍ଦିତା ଚାଲିବାପାଇଁ ଓ ତୁ ସେହି ପ୍ରତିଦ୍ୱନ୍ଦିତାରେ ଭାଗନେଇ ଚାଲିବାକୁ । କିନ୍ତୁ, ଆମ ସମସ୍ତଙ୍କୁ ତ ବଞ୍ଚିବାକୁ ପଡିବ । ମଣିଷର ଆତ୍ମାର କି ଲିଙ୍ଗ ? ପୁରୁଷ ନା ସ୍ତ୍ରୀ ? ଆମେ କି ପୁରୁଷ କି ସ୍ତ୍ରୀ ସେହି ଏକା ନିଃଶ୍ୱାସନେଇ ବଞ୍ଚୁଛନ୍ତି । ତୁ ନିଜର ଭାଗ୍ୟକୁ ଧନ୍ୟବାଦ ଦେବା କଥା ଯେ ତୁ ଜଣେ ସ୍ତ୍ରୀ ଲୋକର ଚେହେରା ନେଇ ଜନ୍ମ ହେଇଛୁ । ସେ' ଶରୀରକୁ ସମ୍ମାନ ଦେଇ ଶିଖ, ଯତ୍ନନେଇ ଶିଖ । କି ସୁନ୍ଦର ଏ' ଦୁନିଆ ! ଈଶ୍ୱରଙ୍କ ସୃଷ୍ଟିରେ ତୁ ତାଙ୍କର ଏକ ଖୁବ୍ ସୁନ୍ଦର ସୃଷ୍ଟି । ସେମିତି ନିଜକୁ ସୁନ୍ଦର ଭାବି ବଞ୍ଚ । ଏଇତ, ତୋର ସବୁଠୁଁ ସୁନ୍ଦର, ସୁଖମୟ ଓ ରୋମାଞ୍ଚକର ଜୀବନ ଆରମ୍ଭ ହେଲା । ସଦା ସୁଖୀ ରହ ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା

# ବାର୍ଦ୍ଧକ୍ୟ ଆସୁଛି



ନିରୁପମା ପାଣି

ବାର୍ଦ୍ଧକ୍ୟ ଆସୁଛି ପାଦ ଚପିଚପି
ଶରୀରରେ ପଡେ ଛାପ
କଳା ଚୁଟିସବୁ ଧଳା ଦିଶିଲାଣି
ଶିର୍ ଠିଆ ଦେହଯାକ
ଆଖିକୁ ଦିଶିବା କମିକମି ଯାଏ
କାନକୁ ଶୁଭୁଛି ଅଳ୍ପ
ସୁନ୍ଦର ଚର୍ମକୁ କୋତର୍ କରିସେ
ଧୁଡୁଧୁଡୁ କରିଦେଲାଣି
ଆଗଭଳ ଆଉ ଖାଇବି ହୋଉନ
ଖାଇଲେ ହଜମହୋଉନ
ନାତୀନାତୁଣୀଏ ଟାପର୍ ହୁଅନ୍ତୁ
ପାକୁଆ ପାଟିଆକହି
ପାନରସଗୁଡା ପାଟିରୁବୋହୁଛି
ଦୁଇକଳପାଟି ଦେଇ
ଗ୍ଭଲିବାକୁ ହୁଏ ବାଡିଖଣ୍ଡ ଧରି
ସଳଖ ହୋଉନ ଅଣ୍ଟା
ବାଡିଆଡେ ଗଲେ ଆଖିକୁ ଦିଶୁନ
ପାଦେ ପଶିଯାଏକଣ୍ଟା
ବୟସ ଟା ଆଜି ଯାଏବଢିବଢି

ଆୟୁଷ ଯାଉଛିସରି
କେତେବେଳେ ଆସି ଯମ ନେଇଯିବ
ଦିନ ସରେ ଡରିଡରି
ଅର୍ଜନ ଭୋଜନେ ଲୋଭ ବଢିଗଲେ
ଚଲୁନାହିଁ କରଚରଣ
ହରିନାମ କେବେ ତୁଣ୍ଡରେ ପଶୁନ
ପଶୁନ ଭଜନ ଜଣାଣ
ଦିଅଁ ଦେବତାଙ୍କ ସ୍ମରଣ ରହୁନ
କରିବିହେଉନ କୀର୍ତ୍ତନ
ବାର୍ଦ୍ଧକ୍ୟ ଆସିଲା ଜାଣିଗଲିଆଜି
ଦେଖି ଏହିଁ ପରିବର୍ତ୍ତନ
ହସଲିଭିଗଲା ଏବେଠୁ ଜୀବନୁ
ଦୁଃଖରେ କଟିବ ଜୀବନ ॥

ଗୁନ୍ଦବାଲି, ଭଦ୍ରକ

# ନବ ଜାଗରଣ



ରଘୁନାଥ ତ୍ରିପାଠୀ

ଉଠରେ ଉଠରେ ଓଡ଼ିଆ ଜାତି ସୁପ୍ତ ପଣକୁ ତେଜି
ମାତୃଭୂମିର ପୂଜା କରିବାକୁ ସମୟ ଆସିଛି ଆଜି ।

କଳଙ୍ଗର ବୀର ଟାଣ ତାର ଶିର ନାହିଁନାହିଁ ପଛଘୁଞ୍ଚା
ଦୟାନଦୀ ପର୍ ସାକ୍ଷୀ ରହିଛି ତୋର ମଥା ପର୍ ଉଚ୍ଚା ।

ମଗଧର ବୀର ଚଣ୍ଡାଶୋକରୁ ହୋଇଲେ ଧର୍ମାଶୋକ
ଜନମ ମାଟିର ମାନ ରଖିଥିଲ ମନରେ ନ ଭରି ଶୋକ ।

ଆମରି ସୁଭାଷ ଗୋପବନ୍ଧୁ ପର୍ ଜୀବନକୁ କରି ପଣ
ଗୋର୍ ଶାସନକୁ ହଟାଇବା ପାଇଁ କଲେ ଦୁର୍ବାର ରଣ ।

ଅଳସ ତେଜି ଇତିହାସର ସେ ଗାଥା ସବୁ ଗାଇ
ଆମେ କାହିଁକି ପଛେଇଯିବା ପାଣି ଓ ଖଣି ଥାଇ ।

ବକ୍ସ ସମେତ ବୀର ପାଇକେ ସଂଗ୍ରାମ ଥିଲେ ତୋଳ
ତାହା କର୍ମା ଏବେ ନଷ୍ଫଳ ହେବ ମନେମନେ ହୁଅ ଭଳ ।

ପଛଘୁଞ୍ଚା ନାହିଁ ବୀରର ଜାତକେ ଆସିଛି ଏହି ଆହ୍ୱାନ
ତାତିଲ୍ ଶୋଣିତ ଥଣ୍ଡା ପଡିଗଲ୍ ଲୋଡ଼ା ନବ ଜାଗରଣ ।

ସନ୍ଦେଇକଳା ଓ ଖର୍ସୁଆଁ ପର୍ ଆମ ପାଶେ ଫେରିନାହିଁ
କୋଟିଆରୁ ନୂଆ ଆହ୍ୱାନ ଆସିଛି ରକ୍ଷା ନାହିଁ ରକ୍ଷା ନାହିଁ ।

ନିଜ ସ୍ୱାର୍ଥ ପାଇଁ ଅନ୍ଧ ହୋଇଗଲେ ଭୁଲିଗଲେ ଜାତି ସୁଖ
ମାଆର ମୁହଁକୁ ଭୁଲିଗଲେ ପର୍ ସନ୍ତାନ ତ ଗଜମୂର୍ଖ ।

ଲାଞ୍ଚ ମିଛ ହେଲା ପିଲାଙ୍କ ଭୂଷଣ ଦେଶକୁ ଚହ୍ନିବ ଯିଏ
ମାତାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଉର୍ଦ୍ଧ୍ୱକୁ ଉଠିବ କିଏ ?

ପୁରୁଣା ଦିନର ହୃତ ଗଉରବ ଆସିବ ତ ଦିନେ ଫେରି
ଏହି ଆଶା ନେଇ ଲଢ଼ରେ ସକଳେ ଦୁର୍ଦ୍ଦିନ ଯାଉ ସରି ।

ବାଲିସାହି, ମଧୁପାଟଣା, କଟକ

# ଖାଲି ପର୍ସର କାହାଣୀ



ଆଶୁତୋଷ ମେହେର

ସ୍କୁଟି ର ଷ୍ଟାର୍ଟ ବନ୍ଦ ହୋଇଗଲା ରାସ୍ତା ଉପରେ।ହେବାର ତ ଥଲା...ସକାଳେ ଯେ ପେଟ୍ରୋଲ୍ ପଡି ନଥିଲା ଗାଡିର ଟାଙ୍କିରେ।କେମିତି ପଡିବ ଯେ.. ପକେଟ୍ ପର୍ସ ଟା ତ ପୁରା ଖାଲି!!

ନୂଆଁ ସହର ତା ପାଇଁ ଏ.....ଅଜଣା ରାସ୍ତାଘାଟ...ପେଟ୍ରୋଲ୍ ଷ୍ଟେସନ୍ କେଉଁଠି କେଜାଣି ....ଜାଣିଲେ ବି କଣ ହେବ ପକେଟରେ ଥିବା ପର୍ସ ଟା ତ ପୁରା ଖାଲି।

ଏଆଡକୁ ସେ ଆଡକୁ ଅନାଇଲେ ସମସ୍ତେ ବ୍ୟସ୍ତ ନିଜ ନିଜ କାମରେ...କାହା ପାଖରେ ସମୟ ନାହିଁ ଅନ୍ୟ ପାଇଁ...ଏ ଯେ ଅଜଣା ସହର ତା ପାଇଁ।

...ଆଜ୍ଞା...ସ୍କୁଟି ଖରାପ ହେଲା କି...ନା ତେଲ ସରିଗଲା?ଚିନ୍ତା କରନ୍ତୁ ନି...ଆଗ ଦେଖାଯାଉଥିବା ଟ୍ରାଫିକ ଛକ ଡେଇଁଲେ ବାଁ ହାତି ପେଟ୍ରୋଲ୍ ପମ୍ପ।ପାଖରେ ଛୋଟ ମେକାନିକ୍ ଦୋକାନ ଟେ ବି ଅଛି।

କିଛି ଭଲ ଲୋକ ବି ଅଛନ୍ତି ଏମିତି ସବୁ ସହର ରେ ...ସେମାନଙ୍କ ପାଇଁ ତା ପରି ଅସହାୟ କିଛି ତିଷ୍ଠି ପାରନ୍ତି ଏଇଠି। ସେ ଯିବ ସ୍କୁଟିକୁ ଠେଲି ସେ ପର୍ଯ୍ୟନ୍ତ...ଦେଖାଯାଉ କଣ ହେବ ଆଗକୁ... ଯଦିଚ ତା ପର୍ସ ଟା ପୁରା ଖାଲି।

ସ୍କୁଟିକୁ ଠେଲି ଯିବା ଆଗରୁ ଟିକିଏ ଥକ୍କା ମାରିନେଲେ ଭଲ।ବସି ପଡିଲା ସେ ଫୁଟପାଥ କଡରେ।ଆଖି ପହଁରାଇଲା ସବୁପଟକୁ।ରାସ୍ତା ଆର ପଟେ ବିରାଟ ଏକ ବିଜ୍ଞାପନ

ହୋର୍ଡିଂ...ସୁନାଗହଣ କମ୍ପାନୀର।ହସୁଛନ୍ତି ଦେଶର ଜଣାଶୁଣା ପ୍ରସିଦ୍ଧ ଅଭିନେତା ସୁପ୍ରିୟ ଅଭିନେତ୍ରୀ ସୁଦତ୍ତା ଯୁଗଳ ଫଟୋ....ପ୍ରଲୋଭିତ କରୁଛନ୍ତି ସୁନା ଅଳଙ୍କାର କିଣିବାକୁ...ମୁହଁ ହଟାଇ ନେଲା ସେ।ତା ପାଖେ ପେଟ୍ରୋଲ୍ କିଣିବା ପାଇଁ ଶକ୍ତି ନାହିଁ ଆଉ ସୁନାଗହଣା ସ୍ୱପ୍ନାତୀତ। ଏ ଦେଶ କୁଆଡେ ଗରିବ ଦେଶ...ଗଲା ଦୁଇ ବର୍ଷ ହେଲା କରୋନା ପାଇଁ ଗରିବଙ୍କୁ ବିନାମୂଲ୍ୟରେ ଖାଦ୍ୟ ଦ୍ରବ୍ୟ ଦେଇ ଚାଲିଛନ୍ତି ସରକାରୀ...ହେଲେ ସୁନା ଦୋକାନ ଆଗରେ ମାଳମାଳ ଗାଡିମଟର...ଲୋକଙ୍କ ଲମ୍ବା ଧାଡି ସୁନା କିଣିବାକୁ।ସତେ କେତେ ଧନୀ ନ ଥିବେ ସେମାନେ...ଏବେ ତ ସୁନା ଭରି ପଚାଶ ହଜାର ହେଲାଣି କୁଆଡେ। ହେଲେ ତା ର କଣ ହେବ ସେଥିରେ..କଣ ମିଳିବ ତାକୁ ଏ ସବୁରୁ...ତା ପକେଟ୍ ର ପର୍ସ ଟା ଯେ ପୁରା ଖାଲି।

ସ୍କୁଟି ଟାକୁ ଠେଲି ଠେଲି ପାର ହେଲା ସେ ଟ୍ରାଫିକ ଛକ ଟାକୁ।ଭିଡ ଥିଲା।ଟ୍ରାଫିକ ପୋଲିସ ର ଘନଘନ ହ୍ୱିସିଲ୍ ମାଡରେ ତରବରରେ ଠେଲିବାକୁ ପଡିଥିଲା ସ୍କୁଟି....ଛକ ପାରି ହେବାକୁ ...ଟିକିଏ ଥକିଗଲା ।ଆଗକୁ ଖାଲି ଜଗା ଦେଖି ପୁଣି ଫୁଟପାଥ୍ ରେ ବସି ପଡିଲା ଟିକିଏ ନିଃଶ୍ୱାସ ମାରିବାକୁ। ଆଖି ବୁଲାଇଲା ବେଳକୁ ତା ମୁଣ୍ଡ ଉପରେ ସରକାରୀ ଗରିବ କଲ୍ୟାଣ ଯୋଜନା ର ବିରାଟ ହୋର୍ଡିଂ।କେତେ କଣ ମାଗଣା.. ପାଠ ପଢିବାକୁ ଯିବାକୁ ଝିଅଙ୍କ ପାଇଁ ସାଇକେଲ..... କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଲାପଟପ୍.......ଗାଁ ର ଚାଷୀ ପାଇଁ ମାହାଳିଆ ସାର ଓ କୀଟନାଶକ ଔଷଧ....ବୁଢାବୁଢୀ ଙ୍କ ପାଇଁ ଫ୍ରି ତୀର୍ଥ ଭ୍ରମଣ....କାହିଁରୁ କେତେ।ହେଲେ ତା ପରି ନିଃସହାୟ ଗରିବ ପାଇଁ ଫ୍ରି ରେ ପେଟ୍ରୋଲ ସ୍କିମ୍ ଟେ ଥିଲେ ସେ କଣ ଆଜି ଏମିତି ହଇରାଣ ହେଉଥାନ୍ତା।ନାଃ...ସେମିତି କିଛି ଆଶା କରିବା ବୃଥା।ପେଟ୍ରୋଲ୍ ର ଦାମ ଯେ, ପ୍ରତିଦିନ ଉପର ମୁହାଁ।ଏ ରାଜନେତା ସବୁ ଏଇମିତି....ବଡବଡ ହୋର୍ଡିଂ କରି ତାଙ୍କ ନିର୍ଲଜ ହସଭରା ମୁହଁ ଦେଖେଇବେ ଜନତା ର ତ୍ରାଣକର୍ତ୍ତା ସାଜି....ହେଲେ ଜଣଙ୍କ ପଇସା ଆଣି ଅନ୍ୟ ଜଣକୁ ଦୟା କଲି ବୋଲି ଦେଖେଇହେବେ।ମାଛ ତେଲରେ ମାଛ କୁ ଭାଜି...ତେଲ ପଇସାକୁ ହଡପ କରିବାର କଳା କାରନାମା ଏମାନଙ୍କୁ ବେଶ୍ ଜଣା।ହେଲେ ଏ ମାହାଳିଆ ସ୍କିମ୍ ବି କଣ ସମସ୍ତଙ୍କୁ ମିଳୁଛି?ଯେ ଏମ୍ ଏଲ ଏ, ସରପଞ୍ଚ ବା ଓ୍ୱର୍ଡମେମ୍ବରକୁ ହାତ କରିପାରିଲା କି ତାଙ୍କ ପକେଟ୍ ଗରମ କଲା ତେବେ ତା ନମ୍ବର ଲାଗୁଛି।ବାକି ଅନ୍ୟମାନେ ଯେତେ ଯୋଗ୍ୟ ହେଲେ ବି ଭକୁଆ।ତଥାପି ଏ ଦେଶରେ ବିକାଶ ମାଡି ଚାଲିଛି...ଚାଲୁ..ତା ପରି ଲୋକଙ୍କ

ଭାଗ୍ୟ ଅଲଗା।ହଉ...ତଥାପି ତାକୁ ପେଟ୍ରୋଲ୍ ପମ୍ପ ପହଞ୍ଚିବାକୁ ହେବ....ଯଦିଚ ତା ପକେଟ୍ ର ପର୍ସ ଟା ପୁରା ଖାଲି।

ପୁଣି ସ୍କୁଟି ଟାକୁ ଠେଲିବାକୁ ହେବ।ଉଠି ଠିଆ ହୋଇ ...ସ୍କୁଟି ଠେଲା ଆରମ୍ଭ କଲା ସେ।ହେଇ ଦୂରକୁ ଦିଶିଲାଣି ପେଟ୍ରୋଲ୍ ପମ୍ପ ର ଚିହ୍ନ ହାଇମାଷ୍ଟ ଖୁଣ୍ଟରେ।ମନ ଟିକିଏ ଖୁସି ହେଲା। ଯୋର୍ ରେ ଠେଲିଲା ସେ ଏଥର ସ୍କୁଟି କୁ।ପେଟ୍ରୋଲ୍ ପମ୍ପ ଦିଶିଲା ଆଗକୁ ।

ରେ ଆରେ ଏ କଣ...ଏତେ ଲମ୍ବା ଲାଇନ୍ ଦୁଇଚକିଆ ଯାନ ସବୁରେ ତେଲ ପକାଇବାକୁ ...ପଚାଶ ସରିକି ମଟରସାଇକେଲ,ମୋପେଡ, ସ୍କୁଟି ଇତ୍ୟାଦି ର ଲମ୍ବା ଧାଡି ।ସତରେ ଏ ସହରରେ କେତେ ପଇସାବାଲା ଲୋକ ରହନ୍ତି।ହେଲେ ସେଥିରେ ତାର ଲାଭ ବା କ୍ଷତି କଣ? ତା ପର୍ସ ଟା ଯେ ପୁରି ଖାଲି।

ପେଟ୍ରୋଲ୍ ଟାଙ୍କି ସାମ୍ନା ରାସ୍ତା କଡ ଗଛ ଛାଇରେ ସ୍କୁଟିକୁ ରଖି ଥକା ମାରିଲା ସେ।ଏଆଡେ ସେଆଡେ ଅନାଇଲା। ଜଣେ ହଳଦିଆ ରଙ୍ଗର ଢିଲାପିନ୍ଧା ବାବୁ ଟା ତାକୁ ନିଘା କଲେ ବେଧେ।ସେ ଟିକିଏ ହସି ଦେଲା ସତେ ଯେମିତି ଚିହ୍ନିଛି ତାଙ୍କୁ ।ଏ ସହରରେ କିଏ କାହାର ଜଣାଶୁଣା ନ ଥାନ୍ତି।କିଏ ମାଲକାନଗିରି ର ତ...ଆଉ କିଏ କଳାହାଣ୍ଡି ନୂଆଁପଡାରୁ...ଦଳେ ବାରିପଦା ମୟୁରଭଞ୍ଜରୁ...ସମସ୍ତେ ଏଠି ଏକାକାର...ବନ୍ଧୁ ବାନ୍ଧବ ସାଙ୍ଗ। ଆଉ ଏଠୁଁ ଗଲା ପରେ କିଏ କାହାର ନୁହେଁ...ଏକଦମ୍ ଅଜଣା।ସେ ବାବୁଟା ତାଙ୍କ ଉତ୍ତରୀୟଟା ବେକରେ ଗୁଡାଇ ଦେଇ ମାଡି ଆସିଲେ ତା ପାଖକୁ।

....ସ୍ୱାଗତ ଆପଣଙ୍କୁ ବନ୍ଧୁ ... ଆମର ଏ ପେଟ୍ରୋଲ୍ ଦରବୃଦ୍ଧି ବିରୋଧ ମଟରସାଇକେଲ ରାଲିକୁ।ଆମ ବାଙ୍କୁଲିବାଡି ସଂଗଠନର ଆହ୍ୱାନରେ ଆମ ଦଳର ଚିହ୍ନରଙ୍ଗ..ଏ ହଳଦିଆ ରଙ୍ଗର କୁର୍ତ୍ତା ପିନ୍ଧି ଆସିଥିବାରୁ ଆଉଥରେ ସ୍ୱାଗତ।

ଚମକି ପଡି ସେ ଦେଖିଲା ନିଜକୁ...ପିନ୍ଧିଛି ଦୁଇଦିନ ତଳେ ... ଜନ୍ମଦିନ ଉପଲକ୍ଷେ ତା ସାଙ୍ଗ ମାଖନୁ ଉପହାର ଦେଇଥିବା ସେଇ ହଳଦିଆ ରଙ୍ଗ ର ଢିଲା କୁର୍ତ୍ତା ଟା।

ବାଙ୍କୁଲିବାଡି ସଂଗଠନ ର ଉତ୍ତରୀୟ ଖଣ୍ଡେ ଗୁଡାଉ ଗୁଡାଉ ସେ ଭଦ୍ରବ୍ୟକ୍ତି ଜଣକ କହିଲେ........

ଆମ ବାଙ୍କୁଲାବାଡି ସଂଗଠନ ଅନ୍ୟାୟ ବିରୁଦ୍ଧରେ ସବୁବେଳେ ଲଢେ।ସବୁ ଅନ୍ୟାୟକୁ ଆମ ଚିହ୍ନ ବାଙ୍କୁଲିବାଡି ସାହାଯ୍ୟରେ ଟାଣି ଧରାଶାୟି କରିବା ଆମର ଲକ୍ଷ୍ୟ !ଅନ୍ୟାୟ ଅତ୍ୟାଚାର ଯେମିତି ନ ବଢେ ଆମର ଏ ମହାନ ଦେଶରେ...ଆମେ ସବୁ ବେଳେ ସଜାଗ ପ୍ରହରୀ।

ସତେ ନା କଣ?ମନେ ମନେ ହସିଲା ସେ।ଆଜି ଦେଶରେ ପିଆଜ କିଲୋ ପଚାଶ...ଟମାଟର ତ ଆଶି ରୁ ତଳକୁ ଖସୁନି।ଆଉ ଏମାନଙ୍କ ବଡବଡ କଥାରେ ଖାଲି ଯା ପେଟ ପୁରିବା କଥା।

ଆଉ ଡେରି କରନ୍ତୁନି ବନ୍ଧୁ...ଏଇ ନିଆ ପ୍ରସେସନ୍ ରେ ଯିବା ପାଇଁ ଦୁଇ ଲିଟର ପେଟ୍ରୋଲ୍ ର କ୍ୟାସ୍ ଭାଉଚର୍ ଓ ହାତଖର୍ଚ୍ଚ ପାଇଁ ତିନିଶହ ଟଙ୍କା।ପୁରା ପାଞ୍ଚ ଶହ ଜଣପିଛା।ଏବେ ଶୀଘ୍ର ଲାଇନ୍ ରେ ଠିଆ ହୋଇ ତେଲ ପକାଇ ଦିଅନ୍ତୁ...ପ୍ରସେସନ୍ ଶୀଘ୍ର ଆରମ୍ଭ ହୋଇଯିବ ଯେ।

ତେଲ ପକାଇବା ପାଇଁ ଲାଇନ୍ ରେ ଠିଆ ହୋଇ ସେ ଅନୁଭବ କରୁଥିଲା ତା ଖାଲି ପର୍ସଟା କେମିତି ଭରାଭରା ଓଜନିଆଁ ଓଜନିଆଁ ଲାଗୁଛି ଏବେ।

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ବିଶ୍ୱକର୍ମା



ସୁଲୋଚନା ବେହେରା

ଶରତ ଆକାଶ ନିର୍ମଳ ଶଶାଙ୍କ
  ଖେଳୁଛି ଭୋଦୁଅ ମାସ
କନ୍ୟା ସଂକ୍ରାନ୍ତି ରେ ଆବିର୍ଭାବ ହେଲ
  ଅପୂର୍ବ ସୌନ୍ଦର୍ଯ୍ୟେ ତୋଷ ।

ବ୍ରହ୍ମା ସୃଷ୍ଟି କଲେ ନାଭି କମଳରୁ
  ସୁଦକ୍ଷ ବିନ୍ଧାଣି ସାଜି
କଳା ଭାସ୍କର୍ଯ୍ୟ ରେ ସୂକ୍ଷ୍ମ କାରୁକାର୍ଯ୍ୟେ
  ତ୍ରିଭୁବନ ଶୋଭାରାଜି ।

ବିଶ୍ୱର ବିକାଶ ରୂପରେ ଯେତେକ
  ବିଳାସ ଚିତ୍ତର ରୂପ
ତୁମ୍ଭ ଶ୍ରମ କର୍ମ କୌଶଳ ନିପୁଣ
  ଦିଶେ ଚାରୁ ଚିତ୍ରପଟ ।

ଦୁର୍ଗ ମସଜିଦ ମନ୍ଦିର ଯନ୍ତ୍ରାଂଶ
  ସବୁଠି କାଉଁରୀ ସ୍ପର୍ଶ
ସୌନ୍ଦର୍ଯ୍ୟ ମଣ୍ଡିତ ସ୍ଥାପତ୍ୟ ପୁରିତ
  ଉଜ୍ଜ୍ୱଳି ଉଠଇ ବିଶ୍ୱ ।

ତୁମେ ଗଢି ଅଛ ଶୀଳାରେ କୋଣାର୍କ
ନିହାଣ ମୁଗୁର ମୁନେ
ଜରାଜୀର୍ଣ୍ଣ ଦେହେ ଅଦ୍ୟପି ଗୋ ସିଏ
ଦୃଶ୍ୟ ବିମୁଗ୍ଧ ନୟନେ ।

ତୂଳୀରେ ତୂଳୀରେ କେତେ ଭାବ ଫୁଟେ
ଜୀବନ୍ୟାସ ବାକି ଥାଏ
ଚକ୍ଷୁ ଉଲ୍ଲସିତ ଆନନ୍ଦ ଉଲ୍ଲାସେ
ଚିତ୍ତକୁ ଚୋରାଇ ନିଏ ।

ତୁମରି ହସ୍ତରେ ଗଢି ଦେଇଅଛ
ଆମ ଜଗତ ଠାକୁର
କୋଟି ଓଡିଆଙ୍କ ମଉଡ ମଣି ସେ
ପୂଜା ଥାଳି ସଭିଙ୍କର ।

ବଇଁତୁଆ, ବାଳକାଟି, ଖୋର୍ଦ୍ଧା

# ନୟନ ତାରା



ସତ୍ୟନାରାୟଣ ପ୍ରସାଦ ନାୟକ

କେଡେ ଶୋଭା ପାଏ ତୁଳସୀ ବଣ
ଯେଉଁଠି ରହିଛି କାଳିଆ ମନ,
ଦୟଣାର ମାଳ ଦିଶେ ଝଲ ମଲ
କିଣି ନେଉ ଥାଏ ସବୁରି ମନ ।

କାଳିଆ ଠାକୁର ନୟନ ତାରା
ତୁହି ପରା ଆମ ଦୁଃଖ ପାଶୋରା,
ସୁଖରେ ଦୁଃଖରେ ମନଟିତୋ ଠାରେ
ବାନ୍ଧି ରଖି ଥାଏ ଜୀବନ ସାରା ।

ତୁମେ ପିତା ମାତା ତୁମେ ତ ବନ୍ଧୁ
ମୋ ପାଇଁ ତ ତୁମେ ପୁନେଇଁ ଇନ୍ଦୁ,
ସବୁ ମୋହ ମାୟା ତୁମକୁ ଅରପି
ପାଇ ଯିବି ତୁମ କରୁଣା ବିନ୍ଦୁ ।

ଏତିକି ମାଗୁଣି କଳା ସାଆନ୍ତ
ପୂର୍ଣ୍ଣ କରିଦିଅ ମୋ ମନୋରଥ,
ଭାବ ବନ୍ଧନରେ ବାନ୍ଧି ରଖ ମୋତେ
କରୁଅଛି ଅଳି ଶୁଣ ହେ ନାଥ ।

ଚକା ଆଖି ତୁମ ଦିଶେ ସୁନ୍ଦର
ମନ ମହୁଥାଏ ନାଲି ଅଧର,
ବାଙ୍କ ଚାହାଣୀ କୁ ତ୍ରିଭଙ୍ଗୀ ଠାଣି
ରହି ଥାଅ ତୁମେ ଚିର ଭାସ୍ୱର ।

ରଥ ରୋଡ, ଭୁବନେଶ୍ୱର -2
Mob.9437764014

# ରତିଆମାଇଚିଆ



ଅଧର ବିଶ୍ୱାଳ

ପିଲାଦିନୁ ଆଜି ପର୍ଯ୍ୟନ୍ତ ବହୁତ ଚରିତ୍ରକୁ ଅତି ପାଖରୁ ଦେଖିଛି । ସେତେବେଳେ, ସେ ଚରିତ୍ର ଗୁଡାକ ସ୍ୱାଭାବିକ ଲାଗୁଥିଲା । ଆଜି କିନ୍ତୁ ସେ ଚରିତ୍ର କଥା ମନେ ପଡିଲେ ଗୋଟେ କେମିତି କେମିତି ଲାଗେ । ସତରେ ସେ ଚରିତ୍ର ଗୁଡାକ ସ୍ଵତନ୍ତ୍ର । ସେହିଭଳି ଏକ ଚରିତ୍ର ହେଲା "ରତିଆ ମାଇଚିଆ" ।

ରତିଆ ଆମ ପାଖ ଗାଁ ର ଲୋକ । ପ୍ରାୟ ମାସରେ ଥରେ ଦୁଇଥର ଆମ ଗାଁ କୁ ଆସେ । ଦେଖିବାକୁ ଚିକଣ କଳା, ଲୁଙ୍ଗି ସାଙ୍ଗକୁ ପାଞ୍ଚ ହାତୀ ଗାମୁଛାରେ ଉପର ଭାଗ ଶରୀର ଆବୃତ ଥାଏ । ମୁଣ୍ଡରେ ବଡ ସିନ୍ଦୁର ଟୋପା ଲଗାଏ, ସିନ୍ଥୀ ପର୍ଯ୍ୟନ୍ତ ସେହି ଗାମୁଛାରେ ଓଢଣା ଟାଣିଥାଏ । ନାରୀ ସୁଲଭ ଭଙ୍ଗୀରେ ପସରାଟିଏ କାଖେଇ ଗାଁ ଦାଣ୍ଡରେ ଚାଲେ । ରତିଆ ଆସିଲେ ଗାଁରେ ହୁରି ପଡ଼ିଯାଏ । ଝିଅ ବହୁ ମାନେ ତାକୁ ଅପେକ୍ଷା କରିଥାନ୍ତି । ତା ପାଖରୁ କାନ୍ଦଣା ଶିଖନ୍ତି । ସେତେବେଳେ ବାହୁନିକି କାନ୍ଦିବାର ପରମ୍ପରା ଥିଲା । ଝିଅ ବିବାହ ବୟସ ହୋଇଗଲେ କାନ୍ଦଣା ଶିଖେ । ତେଣୁ ରତିଆର ଗାଁରେ ଚାହିଦା ବେଶୀ । କାନ୍ଦଣା ଶିଖାଇବା ସାଙ୍ଗକୁ ମୁଣ୍ଡରୁ ଉକୁଣୀ ଦେଖେ, ମୁଣ୍ଡରେ ତେଲ ମାଲିଶ କରେ । ରତିଆ ଏ ସାହି ସେ ସାହି ବୁଲୁଥାଏ । ଯେଉଁ ସାହି କୁ ଯାଏ, ସେଠାରେ ଝିଅ ବହୁଙ୍କର ଭିଡ ଜମେ । ଗୋଟିଏ ସାହିରେ ଥିଲାବେଳେ ଅନ୍ୟ ସାହିର ଲୋକମାନେ ଖବର ଦିଅନ୍ତି, ରତିଆକୁ କହିବ ଆମ ସାହିକୁ ଆସିବ । ତାର ସେ ପସରା ଭିତରେ ଟିକିଲି, ସିନ୍ଦୁର, ଅଳତା, ରିବନ ଫିତା ଓ ଅନ୍ୟାନ ପ୍ରସାଧନ ସାମଗ୍ରୀ ରଖିଥାଏ । ସେଗୁଡାକ ଝିଅ ବୋହୁଙ୍କୁ ବିକେ । ବେଳେ ବେଳେ ଷୋରିଷ ଆଣିଥାଏ । ତାକୁ ଦେଇ ତା ବଦଳରେ

ବିରି, କୋଳଥ, ଚାଉଳ ନିଏ । କେବେ କେବେ ପୁଅ ଝିଅ ଙ୍କ ପାଇଁ ବିବାହ ପ୍ରସ୍ତାବ ମଧ୍ୟ ଆଣିଥାଏ । ପ୍ରସ୍ତାବଟିକୁ ଏମିତି ବଖାଣେ ଯେ, ଆପଣଙ୍କୁ ଲାଗିବ ରାଜଯୋଟକ ଭଳି। ଆମ ପିଣ୍ଡାରେ ଆସି ବସେ, ମୋତେ କୁହେ, ଏ ନିଉଛୁଣା ଡାଆକେ ବା ତୋ ବୋଉକୁ, ବଲ ବଲ କରି କଣ ଅନେଇଛୁ । ବୋଉ ସାଙ୍ଗରେ ଗପେ । ବୋଉ ତାକୁ ଚାଉଳ ଦିଏ । ମୁଁ ତା ମୁଂହରେ କେବେ ଦୁଃଖର ଚିହ୍ନ ଦେଖିନି । ମାଇଚିଆ ବୋଲି କେହି ଟାହି ଟାପରା କଲେ, ସେ କଥାକୁ ଢଗ ଢମାଳିରେ ଏଡାଇଦିଏ । ମୁଁ ଜାଣିପାରେନା ସେ ଏତେ ଢଗ ଢମାଳି ପାଏ କେଉଁଠୁ । କାନ୍ଦଣାରେ ମଧ୍ୟ ସମ୍ପର୍କର ନିଖୁଣ ପ୍ରତିଛବି ଆଙ୍କେ । ତା କାନ୍ଦଣା ଶୁଣି ସମସ୍ତେ ଭାବ ବିହ୍ୱଳ ହୋଇଯାନ୍ତି । ଆଖିରୁ ଲୁହ ଝରି ଆସେ। ମୁଁ ଜାଣେନା ସେ ଏବେ ଅଛିକି ନାହିଁ, କିନ୍ତୁ ତାର ପ୍ରତିଛବି ଏବେ ବି ମୋ ମାନସ ପଟରେ ଉଙ୍କିମାରେ ।

ଜୟଦେବ ବିହାର, ଭୁବନେଶ୍ୱର

# ଜାଗା ନାଇଁ



ଗଜାନନ ମିଶ୍ର

କରିବି କଣ ? ନାଇଁ ଜାଗା।
ଲେମ୍ବୁଗଛର ସବୁପତ୍ର
ଖାଇଗଲେ ପୋକଗୁଡ଼ା।
ମାଟି ଖୋଳ ଚେରମୂଳେ
ଦେଇଥିବା ଲୁଣ ଆଉ ଲିମ୍ବ ପତ୍ର
ହେଲେ ନ କଛି କାମର,
ଗଛ ହୋଇଗଲା ଶୁଖା।

ଦଣ୍ଡ ନୃତ୍ୟ ଗ୍ତିସାଗ୍,
କ ଖୁସି ପଡିଶା!
ୟାକୁ କହିବ ଓଡିଶା,
ପ୍ରେମ ଉଚ୍ଛୁଳୁଛି
ଅନ୍ୟର ଭ୍ଷା,
ଅନ୍ୟର ଶିକ୍ଷା,
ପିଠି ପେଟ ଦେଖା, ଯା!

ପଛକୁ ରଖ ଜିତାହଗ୍,
କାଟିବାକୁ ହେବ ଠିଆ ଚତା।

ମନକୁ ମନ ଖାଅ ପିଅ
ଆଉ କଛି ହେଲେ
ଗାଁ ସାଗ୍ ଉଠାପକା।
କରିବି କଣ ? ନାଇଁ ହିସାବ
ହେଉଛି ଯେତେ ଯାହା।

ବଂଚୁନ ଅମୃତଭଣ୍ଡା,
ହେଉଛି ସବୁ ଉଇଚଗ୍।
ବଦଳଲେ ବି ପାଗଗ୍ଗ
ପୂରୁ ନ ମାଟିଗଗ୍।
କରିବି କଣ ? କ୍ଷମା କର,
ସମୟ୍ ଢେଉରେ ସାଗ୍ଟା ସାଗ୍
ଦେହ ମାଗ୍।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

# ଲଳିତ ନିବନ୍ଧ- ପ୍ରେମ ସହ ହାତାହାତି



ବଦ୍ରୀ ମହାନ୍ତ

ତ୍ୟାଗ ଓ ତିତିକ୍ଷା ର ପୃଷ୍ଠଭୂମିରେ ଯେଉଁ ସୂକ୍ଷ୍ମତମ ବସ୍ତୁଟି ମାନପ୍ରାଣ ଓ ହୃଦୟକୁ ଛୁଇଁଯାଇ ଚୈତନ୍ୟର ରୁଦ୍ଧଦ୍ୱାର ଉନ୍ମୋଚନ କରେ ତାହା ହେଉଛି ପ୍ରେମ। ଏହାର ନାନାଦି ଦିଗ ଓ ପ୍ରସାର ପ୍ରସାରଣ ଖୋଜିଲା ବେଳେ ବିଚଳିତ ହେବା ସ୍ୱଭାବିକ। ଏହା ଏକ ବିଚିତ୍ର ଓ ଅନୁପମ ଅନୁଭବ। ପ୍ରେମ ବିନିମୟରେ ଚିରକାଳ ପ୍ରେମ ଇ ପ୍ରାପ୍ତ ହୋଇଥାଏ। ଜୀବନକୁ ସରସ ସୁନ୍ଦର ସୁଗଠିତ ଓ ବସ୍ମୟମୟ କରିବା ପାଇଁ ଶକ୍ତି ପ୍ରଦାନ କରେ ଏ ଅତୁଳନୀୟ ବସ୍ତୁଟି। ଇଚ୍ଛାହେଉଥାଏ ଆପଣାର ମନେହେଉଥିବା ସବୁକିଛି ଅକାତରେ ଅବାଧରେ ଅନ୍ୟଠାରେ ଲୋଟାଇ ଦିଆଯାଇପାରନ୍ତା କି! କୌଣସି ପ୍ରତିକ୍ରିୟା ବା ପରିଣତିକୁ ଭୃକ୍ଷେପ ନକରି ଏହାକୁ ସ୍ଥାୟୀ ଜୀବନ୍ତ ଓ ପ୍ରଭାବଯୁକ୍ତ କରିବା ପାଇଁ ଉଦ୍ୟମ କରୁଥାଏ ହୃଦୟବାନ ପ୍ରେମୀ।

ମଣିଷ ଏଇ ଅଦ୍ଭୁତ ଓ ବିଚିତ୍ର ବସ୍ତୁକୁ ଅପଣେଇନେବା ନେବା ପାଇଁ ଚିରକାଳ ବ୍ୟାକୁଳ ହୋଇଥାଏ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ। ନିଜର ସ୍ପର୍ଶ ଓ ଅନୁଭବ ଦ୍ୱାରା ଶିଶୁଟିଏ ଏହି ଅମୂଲ୍ୟ ପ୍ରେମକୁ ଆପଣାର କରେ। ସମ୍ପର୍କ ଦୃଢ଼ ମଜବୁତ ଓ ଚିରସ୍ଥାୟୀ ହେବା ପଶ୍ଚାତରେ ଥାଏ ପ୍ରେମ। ନିଜର ସନ୍ତାନ ସନ୍ତତିଙ୍କୁ ନିସ୍ୱାର୍ଥ ପ୍ରେମରେ ବୁଡାଇ ଦିଅନ୍ତି ପିତାମାତା। ଧୀରେ ଧୀରେ ବୟସ ବଢ଼ିବା ସହିତ ଚାରିପାଖରେ ଘେରି ରହିଥିବା ସମ୍ପର୍କୀୟ ବନ୍ଧୁ ପଡୋଶୀ ଶିକ୍ଷକ ଏବଂ ସହକର୍ମୀ ଏହା ସାଙ୍ଗରେ ଯୋଡି ହୋଇ ଯାଆନ୍ତି। ବ୍ୟକ୍ତି ବ୍ୟକ୍ତିତ୍ୱ ଓ ବ୍ୟବସ୍ଥାକୁ ଗୋଟାଏ ସୂତ୍ରରେ ବାନ୍ଧେ ପ୍ରେମ। ଏହାହିଁ ସୁଖୀ ପାରିବାରିକ ଜୀବନର ଆଧାର । ଆନନ୍ଦମୟ ପରିବେଶ ସର୍ଜନାର ଦ୍ୟୋତକ।

ବୃହତ୍ତର ଦୃଷ୍ଟିକୋଣରୁ ଆମ ସାମ୍ନାରେ ତିନି ପ୍ରକାର ପ୍ରେମ ଉଭା ହୋଇଥାନ୍ତି । ଆକର୍ଷଣର ଜନ୍ମଦାତା,ସୁଖ- ସୁବିଧା- ଆନନ୍ଦର ସ୍ରଷ୍ଟା ଓ ଦିବ୍ୟ ଅନୁଭବ। ଉଭୟ ଶାରୀରିକ ଓ

ବୌଦ୍ଧିକ ଆକର୍ଷଣ ଚିରକାଳ କ୍ଷଣିକ। ଶୀଘ୍ର ମହୋଭଙ୍ଗ, ଧୀରେ ଧୀରେ ହ୍ରାସ ପାଉଥିବା,ଭୟ,ଅନିଶ୍ଚିତତା ଓ ଉଦାସୀ ଭାବ ଉତ୍ପନ୍ନ କରିଥାଏ ଏ ପ୍ରକାର ପ୍ରେମ। ସୁଖ ସୁବିଧା ଓ ଆନନ୍ଦ ଦ୍ୱାରା ସୃଷ୍ଟି ହୋଇଥାଏ ଘନିଷ୍ଠତା। ମାତ୍ର ଦୂରନ୍ତ ହୋଇଉଠେ ଉଦ୍ଦମତା,ଉତ୍ସାହ ଓ ଆନନ୍ଦ। ନୂତନ ବନ୍ଧୁ ତୁଳନାରେ ଅର୍ବାଚୀନ ମନେହୁଅନ୍ତି ପୁରୁଣା ବନ୍ଧୁ ଓ ସମ୍ପର୍କ। ବାଇ ମହାନ୍ତି ଙ୍କ ଦୃଷ୍ଟିରେ ଦିବ୍ୟପ୍ରେମ ହିଁ ସର୍ବ ଶ୍ରେଷ୍ଠ। ଚିରସ୍ଥାୟୀ ଚିର ନୂତନ ଓ ସର୍ବକାଳୀକ ଏ ଜାତୀୟ ପ୍ରେମର ପଟାନ୍ତର ନାହିଁ। ଯେତେ ଯେତେ ତା ନିକଟକୁ ଅଗ୍ରସର ହେବ ସେ ଅନୁରୂପ ଅକର୍ଷଣର ବର୍ଣ୍ଣବିଭାରେ ବିଭୂଷିତ ହୋଇ ଗଭୀର ଅନୁଭବ ଭିତରେ ବୁଡାଇ ଦେବ। ସାଂସାରିକ ପ୍ରେମ ସାଗର ତୁଲ୍ୟ ଗଭୀର ପରିବ୍ୟାପ୍ତ ଓ ସତ୍ୟ ।ମାତ୍ର ଦିବ୍ୟପ୍ରମ ଆକାଶ ପରି ସୀମାହୀନ ଓ ଅନନ୍ତ। ସାଗର ବକ୍ଷରୁ ଆକାଶକୁ ଉଡ଼ିଗଲେ ଇଶ୍ୱରୀୟ ପ୍ରେମ ସହିତ ସବୁ ସମ୍ପର୍କ ସମ୍ମିଳିତ ହେବାର ଧ୍ରୁବ ବିଶ୍ୱାସକୁ କେଉଁ କାଳୁ ବାଇ ମହାନ୍ତି ପାଳି ପୋଷି ସାଇତି ରଖିଛନ୍ତି ତାର ଇୟତ୍ତା ନାହିଁ।

ଆକର୍ଷଣ ଏକ ଅଦ୍ଭୁତ କ୍ରିୟା। ଲୌହ-ଚୁମ୍ବକ,ଉଚ୍ଚ-ନୀଚ,ଜ୍ଞାନ-ଅଜ୍ଞାନ,ଧନୀ-ନିର୍ଦ୍ଧନ, ସୁନ୍ଦର-ଅସୁନ୍ଦର କୌଣସିଟି କଥାକୁ ବୁଝିପାରେନା ଆକର୍ଷଣ ଜନିତ ପ୍ରେମ। ଅନେକ କ୍ଷେତ୍ରରେ ପ୍ରଥମ ସାକ୍ଷାତରେ ସୃଷ୍ଟ ପ୍ରେମ ସମୟ ସହିତ ଶିଥିଳ ହୋଇପଡେ। ଧୀରେ ଧୀରେ ଘୃଣାରେ ପରିବର୍ତ୍ତିତ ହୋଇ ସମୟ କଷଟି ରେ ଅଦୃଶ୍ୟ ହୋଇଯାଏ ଏ ମହାର୍ଘ୍ୟ ବସ୍ତୁ ଟି। ଜନ୍ମ ଜନ୍ମାନ୍ତର ପାଇଁ ଏହାକୁ ଜୀବିତ ରଖିବାକୁ ହେଲେ ବୃକ୍ଷଲତା ପରି ଉପଯୁକ୍ତ ଜଳ ବାୟୁ ଓ ଆଲୋକ ଲୋଡ଼ା। ପ୍ରେମ ର ଆଦାନ ପ୍ରଦାନ ପାଇଁ ଉପଯୁକ୍ତ ମାଧ୍ୟମ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶବ୍ଦ ମାନଙ୍କୁ ଠିକଣା ଢଙ୍ଗରେ ଯଥାର୍ଥ ରୂପ ଦେଇ ମୁହଁରେ ଗୀତରେ ଚିଠିରେ ବ୍ୟକ୍ତିତ୍ୱରେ ଓ ବର୍ତ୍ତମାନର ଅତ୍ୟାଧୁନିକ ଯନ୍ତ୍ର ମାଧ୍ୟମରେ ପ୍ରକାଶ ନକଲେ ପ୍ରେମ ଉଦଭାଷିତ ହୁଏନା। ଅସମ୍ମତି ଅନିଚ୍ଛା ଓ ବଳପୂର୍ବକ କୌଣସି ପ୍ରେମକୁ ଜନ୍ମ ଦିଆଯାଇ ପରେନାହିଁ। ଏହା ଏକ ନିରୋଳା ନିସର୍ତ୍ତ ଓ ଶାଶ୍ୱତ ଅଭିବ୍ୟକ୍ତି।

ରୋମାଣ୍ଟିକ ସମ୍ପର୍କରୁ ଜନ୍ମ ନେଉଥିବା ପ୍ରେମକୁ ଜୀବିତ ରଖେ ରୋମାନ୍ସ। ମାତ୍ର ପ୍ରେମ ଫିକା ପଡିଗଲେ ରୋମାଣ୍ଟିକ ସମ୍ପର୍କ ହୁଗୁଳା ହୋଇପଡେ। ବିଶ୍ୱାସ ଓ ଭରସାର ଅଭାବରେ ଅନେକ ସମୟରେ ଦୁର୍ବଳତା ପ୍ରକାଶ ପାଇଲେ ପ୍ରେମୀ ଅଲଗା ହୋଇଯାନ୍ତି। ଉତ୍ତେଜନା ଓ ଭବନା ଜଡିତ ରହିଥିବା କାରଣରୁ ସୁକ୍ଷ୍ମତମ ଅନୁଭବଟି ସାମ୍ନା କରେ ବିୟୋଗାନ୍ତ ପରିଣତି। ମାତ୍ର ସାମ୍ପ୍ରତିକ ସମୟର ଏହା ଏକ ନିର୍ଦ୍ଧାରିତ ସତ୍ୟ। ପାଶ୍ଚାତ୍ୟ ଓ ପ୍ରାଚ୍ୟ

ସଂସ୍କୃତିର ବିଚିତ୍ର ମିଳନର ଫଳଶୃତି ରୂପେ ଆଜି ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଆମ ପୁରାଣ ସାହିତ୍ୟ ମାନଙ୍କରେ ସୁଦ୍ଧା ପ୍ରଚୁର ଦୃଷ୍ଟାନ୍ତ ରହିଛି ।ଆଦ୍ୟ ପ୍ରବକ୍ତା ରୂପେ ଯଦି ପ୍ରେମମୟ ଶ୍ରୀକୃଷ୍ଣ ଙ୍କୁ ଗ୍ରହଣ କରାଯାଏ ତେବେ ଆମେ ରାଧାକୃଷ୍ଣ ପ୍ରେମ ସହିତ ତାଙ୍କ ସମଗ୍ର ଜୀବଦ୍ଦଶାରେ ଆବାଲ୍ୟରୁ ବହୁବିଧ ଚିତ୍ର ଦେଖି ଆସୁଛୁ। ଯୋଶଦା ଙ୍କ ସହ ବାତ୍ସଲ୍ୟ ପ୍ରେମ,ବଳଭଦ୍ର ଙ୍କ ସହ ଭାତୃପ୍ରେମ, ସୁଭଦ୍ରାଙ୍କ ସହ ଭଗ୍ନୀ ପ୍ରେମ,ଅର୍ଜୁନ ଓ ସୁଦାମା ସହ ବନ୍ଧୁପ୍ରେମ,ବୃନ୍ଦାବନ ମଥୁରା ଦ୍ୱାରକାର ପ୍ରଜା ପ୍ରେମ ଓ ରାଧାଙ୍କ ସହ ପ୍ରେମ ର ଅସୁମାରୀ ଗାଥା ଶହ ଶହ ବର୍ଷ ବ୍ୟାପି ଜନ ମାନସକୁ ପ୍ରଭାବିତ କରି ଆସିଛି।

ଘୃଣା ଓ ଅସହଯୋଗକୁ ପ୍ରେମରେ ପରିଣତ କରିବା ସଭିଙ୍କ ଦ୍ୱାରା ସମ୍ଭବ ନହେଲେ ସୁଦ୍ଧା ଏହା ସମାଜ ଜୀବନର ଏକ ଚିରନ୍ତନ କ୍ରିୟା। ଅନେକ ଏହାକୁ ଏକ କଳା ରୂପେ ଗ୍ରହଣ କରିଥିଲା ବେଳେ କତିପୟ ନିଜର ତ୍ୟାଗ ସ୍ନେହ ବୁଦ୍ଧି ବିବେକର ଫଳଶୃତି ବୋଲି ବିବେଚନା କରନ୍ତି। ହାସ୍ୟ ବିଶ୍ୱାସ ଦୟା ସହିତ ସଚ୍ଚୋଟତା କୁ ଭାବନା ସହିତ ଯୋଡ଼ିଦେଲେ ପ୍ରେମ ବିଜୟ ଲାଭ କରେ। ଏଥିପାଇଁ ଲୋଡାନାହିଁ କୌଣସି ନାମ। କେବଳ ପ୍ରେମକୁ ପ୍ରେମରେ ବୁଡାଇଦେବା ଇ ବଡ଼କଥା। ମାତ୍ର ପ୍ରେମରେ ଅନ୍ଧ ହେବା ବିପଦଜନକ। ଭୁଲଠିକ ଦିଗ ବିଦିଗ ଅର୍ଥ ଅନର୍ଥ ପ୍ରତି ଦୃଷ୍ଟି ନଦେଇ ଏକମୁଖୀ ହେଉଥିବା ପ୍ରେମ ଅସମ୍ଭବ ଜଡ଼ତା ରେ ସମାହିତ ହୁଏ। ତାଳି ବଜାଇବା ପାଇଁ ସର୍ବନିମ୍ନ ଦୁଇ ପାପୁଲିର ଆବଶ୍ୟକତା ପରି ପ୍ରେମ ସମ୍ବନ୍ଧ ସ୍ଥାପନ ନିମିତ୍ତ ଦୁଇ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସଂଗଠିତ ହୁଏ ଆଦାନ ପ୍ରଦାନ। ବାର୍ତ୍ତା ଠିକଣା ରାସ୍ତାରେ ଗତି ନକଲେ ଅସମ୍ପୂର୍ଣ୍ଣ ହୁଏ ପ୍ରେମ। ମଧୁରତା କୋମଳତା ସହିତ ପ୍ରତିବଦ୍ଧତା ବିନା ପ୍ରେମପଥ କଣ୍ଟକିତ ହୋଇପଡେ। ଏହାକୁ ପୁନଶ୍ଚ ସାବଲୀଳ ସହଜ ଓ ମଧୁମୟ କରିବାପାଇଁ ଲୋଡ଼ାଯାଏ ତ୍ୟାଗ ଏବଂ ଉତ୍ସର୍ଗୀକୃତ ମନଃସ୍ଥିତି।

ସୃଷ୍ଟିର ଆରମ୍ଭରୁ ନାନାଦି ସଭ୍ୟତା ଭିତରେ ମଣିଷ ବଞ୍ଚିଛି ପ୍ରେମକୁ ଆପଣାର କରି। ବୃକ୍ଷଲତା ପାହାଡ଼ ପର୍ବତ ନଦନଦୀ ଠାରୁ ଆରମ୍ଭ କରି ପ୍ରକୃତିର ଅସୀମ ସମ୍ଭାରକୁ ଭଲପାଇ ପ୍ରେମ କରି ଆନନ୍ଦ ଓ ସନ୍ତୋଷ ର ଉତ୍ସ ଖୋଜିଲାବେଳେ କେବେ କେମିତି ପଥଭ୍ରଷ୍ଟ ହୋଇଛି ସୁଦ୍ଧା ମୌଳିକ ଲକ୍ଷ୍ୟ ରୁ ଓହରି ଯାଇନାହିଁ। ତା ଭିତରେ ଅନୁଭବ କରିଛି ଈଶ୍ୱରୀୟ ସତ୍ତା। ଜାତିପ୍ରେମ ଭାଷାପ୍ରେମ ପରି ଦେଶପ୍ରେମ ଜୀବନକୁ ଭରିଦିଏ

ପୂର୍ଣ୍ଣତାରେ। ରାଷ୍ଟ୍ର ଓ ମାନବ ସଭ୍ୟତା ନିମନ୍ତେ ଏ ପ୍ରେମ ଗୋଟାଏ ଅନିର୍ବାଯ୍ୟ ଆବଶ୍ୟକତା।

ପ୍ରେମର ବର୍ଣ୍ଣବିଭା ଓ ବିପୁଳତା ମଧ୍ୟରେ ଅସହାୟତାର ସ୍ଥାନ ନାହିଁ। ମହାକାଳ ଏହାକୁ ସଜେଇ ରଖିଛି ମନ ଶରୀର ଓ ହୃଦୟକୁ ଗୋଟିଏ ସୂତ୍ରରେ ବାନ୍ଧି ମଣିଷକୁ ଆନନ୍ଦ ଓ ସନ୍ତୋଷ ପ୍ରାପ୍ତିର ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ। ସବୁ ଭାଗମାପ ବିଭୋରପଣ କୁ ଲକ୍ଷ୍ୟକରି ବାଇ ମହାନ୍ତି କହନ୍ତି, 'ପ୍ରେମ ଯଦି ଲହୁ ଲୁହାଣ ହୁଏ, ଏହାକୁ ଅନ୍ୟଥା ବିଚାର କରି ଅସ୍ଵୀକାର କରାଯାଏ,ତାର କୋମଳ ଶରୀରକୁ ତିଳ ତିଳ ହତ୍ୟା କରି କବର ଦିଆଯାଏ ତେବେ ସଂସାର କଣ ତାର ସ୍ଥିତାବସ୍ଥା ରଖି ପାରିବ? ଏ ସୁନ୍ଦର ଜଗତ ଯେ ପର୍ଯ୍ୟନ୍ତ ଥିବ ଆମ ଚାରିପାଖରେ ଏହା ବିଭିନ୍ନ ରୂପରେ ବିଭିନ୍ନ ବେଶରେ ଓ ବିଭିନ୍ନ ରଙ୍ଗରେ ଘୁରି ବୁଲୁଥିବ କାଳ କାଳ ବ୍ୟାପି। ତେଣୁ ତା ସହିତ ହତାହାତି ହୋଇ ରଣଭୂଇଁକୁ ଆମନ୍ତ୍ରଣ କରନାହିଁ। ନହେଲେ କୌଣସି ଆସନ୍ତାକାଲି ଆଉ ତୁମକୁ କ୍ଷମା କରିବାର ସମ୍ଭାବନା ନଥିବ !'

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ,ଭୁବନେଶ୍ଵର-751028
badrimohanty60@gmail.com

# ମା ବୁଢୀ ଠାକୁରାଣୀ



ମଙ୍ଗୁଲୁ ଗୌଡ

ଠାକୁରାଣୀ ମା ବୁଢୀ ଠାକୁରାଣୀ
ଠାକୁରାଣୀ ମା ବୁଢୀ ଠାକୁରାଣ ॥
କଶରୀ ପାଟଣା ଗ୍ରାମ ବାସିନୀ
ବୁଢୀ ଠାକୁରାଣୀ ଦୁଃଖ ହାରିଣୀ ।
ପ୍ରତି ବରଷର ଚଇତ ମାଏ
ଭକତ ପୂଜନ୍ତ ବଡ ହରଷେ ।
ଦୟା କରିଥିବୁ ମାଆ କନ୍ଧୁଣୀ
କୃପାମୟୀ ତୁ ବୁଢୀ ଠାକୁରାଣୀ ।
ଚୈତ୍ରମାସେ ଗଜାମୁଆଁ ତୋରାଣି
ଭକତ ପୂଜନ୍ତ ତୋ ମନଜାଣି ।
ଭକତମାନଙ୍କ ଡାକକୁ ଶୁଣି
ବିପଦ ବେଳରେ ଉଦ୍ଧାରୁ ପୁଣି ।
ହେ ମା କନ୍ଧୁଣୀ ବୁଢୀ ଠାକୁରାଣୀ
କେଶରୀ ପାଟଣା ଗ୍ରାମ ବାସିନୀ ।
ଅଧମ ମଙ୍ଗୁଲୁ ପଶେ ଶରଣ
ବିପଦ ବେଳରେ କର ତାରଣ ।

ବି.ଏନ.ଆର, ରେଲୱେ କଲୋନୀ,
ଗାର୍ଡେନ ରିଚ, କୋଲକତା

# ଏଇତ ଜୀବନ!



ପୁଷ୍ପଲତାବେହେରା

ଷଡଋତୁ ପରା ଆସନ୍ତି ମରତେ
ହୋଇ ହାତ ଧରାଧରି,
ଗୋଟିକ ବିହୁନେ ଆନର ମହତ୍ତ୍ୱ
ହୁଏନାହିଁ ଜମା ବାରି।

ଋତୁଚକ୍ର ପରି ଜୀବନ ଚକ୍ରଟି
ଅହରହ ଘୂରୁଥାଏ,
କେବେ ସୁଖ ପୁଣି କେବେ ଦୁଃଖ ଆସି
ଜୀବନେ ଖେଳ ରଚାଏ।

ଅଦିନଅାଁ ଦୁଃଖଝଡ଼ ହୋଇ କେବେ
ଜୀବନରେ ଯାଏ ବହି,
ଭାଙ୍ଗିଦିଏ କେତେ ଆଶାର ସଉଧ
ଦାଉ ହୁଏନାହିଁ ସହି।

ରୌଦ୍ରତାପ ସମଜଲେ କେବେ ଜୀବ
ଲାଗେ ମରୀଚିକା ପରି,
ସୁଖ ବାରିଧାରା ଜୀବନ ମରୁରେ
ସମ୍ଭାବନା ଦିଏ ଭରି।

ଦୁଃଖର ବାଦଲ ହଟିଯାଏ ଯେବେ
ଜୀବନଟା ଲାଗେ ତୋଫା,
ଇନ୍ଦ୍ରଧନୁର ସପ୍ତରଙ୍ଗ ପରି
ଲାଗେ ଭାରି ମନଲୋଭା।

ସୁଖପରେ ଦୁଃଖ ଦୁଃଖପରେ ସୁଖ
ଏତ ଦୁନିଆଁର ରୀତି,
ସୁଖଦୁଃଖ ଯିଏ ସମ ଭାବେ ମଣେ
କ୍ଷିତିରେ ପାରେସେ ଜିତି।

ଅନ୍ଧାର ଆଲୁଅ ଦିବାରାତ୍ରି ଖେଳ
ଏହା ବିଧିର ବିଚାର,
ସୁଖରେ ଅଧୀର ଦୁଃଖରେ କାତର
ନୁହେଁ ଉଚିତ ବେଭାର।

ଦୁଃଖତ ନଥିଲେ ସୁଖର ସ୍ୱାଦକୁ
ଚାଖିବା ପାରନ୍ତା କିଏ..
ଦୁଃଖ ହେଉ ଅବା ସୁଖ ହେଉ ସିଏ
କେହି ଚିରସ୍ଥାୟୀ ନୁହେଁ ।

ରାଉରକେଲା, ଓଡ଼ିଶା

# କାଗଜ ଡ଼ଙ୍ଗା



ରାଧାମୋହନ ପୂଜାହାରୀ

ଜୀବନର ଅଙ୍କାବଙ୍କା ନଈ ରେ
ଭାସି ଚାଲେ ମୁଁ କାଗଜ ଡ଼ଙ୍ଗାଟେ ପରି
ନା ଥାଏ ସାହାରା, ନା କୂଳର କୌଣସି ସନ୍ଧାନ
ନଈ ର ପ୍ରବଳ ସ୍ରୋତରେ
ବୁଡୁଥାଏ ଉଠୁଥାଏ
ପୁଣି ବୁଡୁଥାଏ ପୁଣି ଉଠୁଥାଏ
ସ୍ରୋତର ତୀକ୍ଷ୍ଣ ପ୍ରହାରରେ
ଶରୀର କେବଳ ନିସ୍ତେଜ ହୁଏନି
ଦେଖୁ ଦେଖୁ ଆଖି ପିଛୁଳାକେ
ଅନ୍ତର୍ଦ୍ଧାନ ହୋଇଯାଏ ମୋ ସୂକ୍ଷ୍ମ ଶରୀର ଟା
ନଈ ର ଗଭୀର ଜଳରାଶି ର
ଭୟଙ୍କର ଚକାଭଉଁରୀ ଭିତରେ । (୧)

କେତେ ଆଶା ନେଇ ଗଢ଼ିଥିଲା ମୋତେ ସେ ଶିଳ୍ପୀ
ତା'ର କୋମଳ କର ସ୍ପର୍ଶରେ ମୁଁ
ପାଇଥିଲି ଏକ ନୂଆ ଜୀବନ, ନୂଆ ରୂପ
ସେ ଭାବିଥିଲା ବୋଧହୁଏ ମୁଁ  ସାଧବପୁଅଙ୍କୁ
ମୋ ପିଠିରେ ବସାଇ ନେଇଯିବି

ଦେଶରୁ ଦେଶକୁ
ବହୁ ଦେଶକୁ, ବହୁତ ଦୂରକୁ
କିନ୍ତୁ କିଏ ଜାଣିଥିଲା ?
ମୋ ସୃଷ୍ଟି ଟା ଥିଲା ସେ ଶିଳ୍ପୀର ଏକ
ମାନସିକ କଳ୍ପନା ମାତ୍ର !
ଯିଏ ନିଜର ଅସ୍ତିତ୍ୱକୁ ବଞ୍ଚାଇବାକୁ ଯାଇ
ଦିନେ ନିଖୋଜ ହୋଇଯାଏ
କୂଳ ଲଙ୍ଘନ କରୁଥିବା ନଈ ର
ଅତାଲତାଲ ପାଣି ଭିତରେ । (୨)

ସତରେ,
କଳ୍ପନା ଏକ ଭୟଙ୍କର ବିଚିତ୍ର ମାନସିକତା
ନା ତା'ର ଆଦି ଅଛି, ନା ଅନ୍ତ
ନା କୌଣସି ଠିକଣା, ନା ପରିଚୟ
କେବଳ ପୁଳାଏ ଆଶା ଓ ବିଶ୍ୱାସର ପୁଷ୍ପଗୁଚ୍ଛ କୁ ନେଇ
ମନୁଷ୍ୟର ଅନ୍ତର୍ମନ ରେ ସୃଷ୍ଟି ହୋଇଥିବା
ଏହି ଅଦ୍ଭୁତ କଳ୍ପନା ର ମଧୁର ସ୍ୱପ୍ନ ଗୁଡିକ
କାହାର ମୁଣ୍ଡରେ ହାତୀ ସୁନା କଳସ ଢାଳେ
ତ କିଏ ପୁଣି ପ୍ରଚଣ୍ଡକାୟ ଜଳରାଶିର
ଗୋଟିଏ ନିର୍ମମ ପ୍ରହାରରେ
ବିଲୀନ ହୋଇଯାଏ ଚିରଦିନ ପାଇଁ
ମୋ ପରି ଅବୋଧ କାଗଜ ଡ଼ଙ୍ଗାଟି ପରି । (୩)

ଅଧ୍ୟାପକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ତାଳଚେର (ଅନୁଗୋଳ)

# ନାଟକ

## ରାମ ରାବଣ ରାମାୟଣ



ସୁଧାଂଶୁ ଶେଖର ଦ୍ୱିବେଦୀ

॥ ୧୪ଶ ଦୃଶ୍ୟ ॥

(ଆଗେ ଆଗେ ଲଛମନ ଓ ପଛରେ ରମଣ,ସୀମା ବର କନ୍ୟା ରୂପେ ପ୍ରବେଶ କରନ୍ତି।ଲଛମନ ଅସ୍ଥିର ହୋଇ ମଞ୍ଜରୀକୁ ଡାକ ମାରୁଥାଏ)

ଲାଛୁ– ଆଲୋ ହେ ମଞ୍ଜରୀ!କୁଆଡେ ଗଲୁ? ଆଲୋ ଟିକେ ଶୀଘ୍ର ସାନମା'ଙ୍କୁ ଜଣେଇଦେ ବୋହୂମାଙ୍କୁ ବନ୍ଦାପନା କରି ଘର ଭିତରକୁ ନେବେ।

ମଞ୍ଜରୀ– (ପ୍ରବେଶି)ଇଲୋ ମୋ ମା'ଲୋ, ମୁଁ ସେମିତି ଘରର ଝିଅ ନୁହେଁମା।ଇରେ ଇଏ କଣ?(ରମଣ ଓ ସୀମାକୁ ଦେଖି)ସାନବାବୁ ତମେ ଆପଣଙ୍କର ଏ ବରବେଶ!କଥା କଣକିରେ ଲଛୁ?

ଲଛୁ– ତୁ ଏମିତି ଛୋପରି ଭଳି ହେଉଛୁ କାହିଁକି?ଆଲୋ ସାନବାବୁ ପରା ବାହା ହୋଇଛନ୍ତି।ଯା ତୁ ଆଉ ଠିଆ ହୋଇ ଭେଳିକି ଦେଖାନା ଶୀଘ୍ର ସାନମା'ଙ୍କୁ ଡାକିଆଣ।ବୋହୂମାଙ୍କୁ ବନ୍ଦାପନା କରି ଘରକୁ ନେବେ।

ଦଶରଥ– (ପ୍ରବେଶ ପଥେ)କଣ ହେଲାକିରେ ଲଛୁ ସକାଳୁ ସକାଳୁ କାହାକୁ ଏମିତି ବରାଦ କରୁଛୁ?ଆରେ ରମଣ କଥା କଣ?ତୋର ଏଭଳି ୱେଡିଙ୍ଗ ବେଶ ପୁଣି ତୋ ସହିତ ଏ ଝିଅ....କଣ ହୋଇଛି ମୁଁ ତ କିଛି ଜାଣିପାରୁନାହିଁ।

ମଞ୍ଜରୀ– ବଡ଼ବାବୁ!ସାନବାବୁ ପରା...

ଦଶ- ଚୁପ,ଚୁପ ତୋତେ ମୁଁ କିଛି ପଚାରି ନାହିଁ।ତୁ କହ ରମଣ ଏସବୁ କଣ ହେଉଛି? ତୋର ଏଭଳି ୱେଡିଙ୍ଗ ବେଶ କଣାପାଇଁ?ଏ ଝିଅ କିଏ?

(ରମଣ ଲାଛୁକୁ ଠାରମାରି କହେ ଜଣାଇବା ପାଇଁ)

ଲାଛୁ- କଥା କଣ କି ବଡ଼ବାବୁ...

ଦଶ- ତୁ ପୁଣି ମୁହଁ ଫିଟେଇଲୁ? ତୋତେ କିଛି ମୁଁ ପଚାରିଛି?ଯାହା କହିବା କଥା ରମଣ କହିବ।କହ ରମଣ ଏ ଝିଅ କିଏ? ତୋର ଏଭଳି ବର ବେଶ କଣାପାଇଁ?

ରମଣ- ଡାଡି!ଆଇ ଏମ ଶୋ ସରି...

ଦଶ- ହ୍ୱାଟ ସରି?ତୁ କିଛି ଭୁଲ କରିଥିଲେ ତ ଅନୁତାପ କରିବୁ।

ରମଣ- ହଁ ଡାଡି ମୁଁ ଭୁଲ କରିଛି।ଆପଣମାନଙ୍କୁ କିଛି ନଜଣାଇ ମେରେଜ କରିଛି।

ଦଶ- ହ୍ୱାଟ?ତୁ ମେରେଜ କରିଛୁ?ନା ନା ନା ତୁ ମୋତେ ମିଛ କହୁଛୁ।ରମଣ କେବେ ତା ଡାଡି ମମ୍ମିକୁ ନଜଣାଇ ଏତେବଡ଼ କାମ କରିବାପାଇଁ ସାହାସ କରିପାରିବ ନାହିଁ।କହ ରମଣ ଏସବୁ ମିଛ ନା ?..

ଲଛୁ- ସାନବାବୁ ଉପାୟଶୂନ୍ୟ ହୋଇ ବୋହୂମାଙ୍କ ହାତ ଧରିବାକୁ ବାଧ୍ୟ ହେଲେ ବଡ଼ବାବୁ।

ଦଶ- ଓଃ ଇଉ ସେଟାପ!ମୁଁ ଦେଖୁଛି ତୋ ମୁହଁ କେବେ ବନ୍ଦ ହେବନି।

ରମଣ- ଲଛୁ କକା ଯାହା କହୁଛନ୍ତି ସବୁ ସତ ଡାଡି।ମୁଁ ସୀମାଙ୍କୁ ମେରେଜ କରିଛି।ହୋପଲେସ ହୋଇମୁଁ ତାଙ୍କ ହାତ ଧରିବାକୁ ବାଧ୍ୟ ହେଲି।ସୀମାର ବାପା ବର ପକ୍ଷଙ୍କର ଯୌତୁକ ଦାବି ପୂରଣ କରି ନପାରିବାରୁ ବେଦୀ ଉପରୁ ବର ଫେରିଗଲା।ସୀମା ସାରା ଜୀବନ ମଙ୍ଗୁଳା ହୋଇ ରହିଯିବେ ସେଥିପାଇଁ ମୁଁ..

କୈକେୟୀ- (ପ୍ରବେଶି )ବାହା ହେଇପଡିଲୁ।ତୋତେ ଟିକେ ଲଜ୍ୟା ସରମ ଲାଗିଲା ନାହିଁ ଆମ ଫେକ୍ଟରୀର ଜଣେ ୱାର୍କର ଝିଅର ହାତ ଧରି ଏ ତାଜମହଲ ପରି ଘରକୁ ବୋହୂ କରି

ନେଇଆସିଛୁ?ନିଜ ଔକାତକୁ ଦେଖ ରମଣ।ତୁ କିଏ ଆଉ ସେ କିଏ?ଯା ଶୀଘ୍ର ତାକୁ ନେଇ ତା ଘରେ ଛାଡ଼ି ଆ।

ମଞ୍ଜରୀ- ଇଲୋ ମୋ ମା ଲୋ ମୁଁ ସେମିତି ଘରର ଝିଅ ନୁହେଁ ମ...

କୈକେୟୀ- ତୁ ଟିକେ ଚୁପ ରହ ମଞ୍ଜରୀ ପାଟିଟା ସବୁବେଳେ କୁଆ ଭଳି ରାଉ ରାଉ କରୁଛୁ କାହିଁକି?

ରମଣ- ବାହାଘର କୌଣସି ବୋହୂ କଣ୍ଢେଇ ଖେଳ ନୁହେଁ ମମ୍ମି।ଖେଳ ସରିଲେ ଭାଙ୍ଗିଯିବ।ଇଏ ପରା ସାରା ଜୀବନର ବନ୍ଧନ।

କୈକେୟୀ- ମୁଁ ସେ ବନ୍ଧନ ଫନ୍ଦନ କିଛି ଜାଣିବାକୁ ଚାହେଁନା।ତୁ ତାକୁ ଶୀଘ୍ର ନେଇ ତା ଘରେ ଛାଡ଼ି ଆ...।

ରମଣ- ମୋତେ କ୍ଷମା କରିଦିଅ ମମ୍ମି।ଏମିତି କିଛି ପରିସ୍ଥିତିରେ ପଡି ମୁଁ ସୀମାଙ୍କର ହାତ ଧରିବାକୁ ବାଧ୍ୟ ହୋଇଛି।ଯେଉଁଥିପାଇଁ ତୁମ କଥା ମାନିବାକୁ ଅଧ୍ୟ ହେଉଛି।

କୈକେୟୀ- ପୁଣି ସେଇ କୈଫିୟତ।ମୁଁ ତୋତେ କଣ କହିଲି ଶୁଣି ପାରିଲୁ ନାହିଁ।ଜଣେ ଚାକର ମୂଲିଆର ଝିଅକୁ ମୁଁ କେବେ ଏ ଘରର କୁଳବଧୂ ରୂପେ ଏକସେପ୍ଟ କରିପାରିବି ନାହିଁ।

ଦଶ- ଅରେ କୈକେୟୀ ଟିକେ ଥୟ ଧର।ମୋ ମତରେ କଥାଟା କଣ ହୋଇଛି ଆଗେ ବୁଝିସାରି ନିର୍ଣ୍ଣୟ ନେଲେ ଭଲ ହୁଅନ୍ତା।

କୈକେୟୀ- ମୁଁ କିଛି ଶୁଣିବାକୁ ଚାହେଁନା କି କିଛି ବୁଝିବାକୁ ଇଛା ନାହିଁ ଯାହାକିଛି ହୋଇଛି ସେସବୁ ପରେ ଶୁଣାଇବ।କିନ୍ତୁ ବର୍ତ୍ତମାନ ସେ ତାକୁ ନେଇ ତାଙ୍କ ଘରେ ଛାଡିବାକୁ ହେବ।

ରମଣ- ତାହା ମୋ ପାଇଁ ଅସମ୍ଭବ ମମ୍ମି।

କୈକେୟୀ- ତାମାନେ ତୁ ମୋ କଥା ଅମାନ୍ୟ କରିବୁ?

ରମଣ- ମୋ କର୍ତ୍ତବ୍ୟ ପାଖେ ମୁଁ ଯାହା କରିଛି ତାହା ହୁଏତ ତୁମ ଦୁହିଙ୍କ ପାଇଁ ଭୁଲ ହୋଇପାରେ ହେଲେ ତୁମେ ଦୁହେଁ ଥରେ ଚିନ୍ତା କର ବିବାହ ବେଦୀରୁ ବର ଫେରିଯିବା ପରେ ଏ ମଙ୍ଗୁଳା ଝିଅକୁ ଆଉ କିଏ ସାହାରା ଦେଇଥାନ୍ତା ?

କୈକେୟୀ- କାହିଁକି ତୁ କଣ ତାର ଠିକା ନେଇଛୁ ?

ଦଶ- କୈକେୟୀ! କଣ ଏମିତି ଉଲଟା ସିଧା କହିଯାଉଛ ଟିକେ ଭାବି ଚିନ୍ତା କୁହ ।ଯାହା ହେଲେବି ସେ ଏ ଘରର ବଡ଼ ପୁଅ।

କୈକେୟୀ- କଣାପାଇଁ?ସେ କଣ ଜାଣେନି ଆମର ଷ୍ଟାଟସ କଣ ?ଜଣେ ନିତି ମଜୁରିଆ ଝିଅକୁ ବାହା ହୋଇ ନେଇଆସିବ ଅଥଚ ମୁଁ ଚୁପ ରହିବି।

ରମଣ- ରାଣୀ ଲକ୍ଷ୍ମୀବାଇ ବି ଜଣେ ସାଧାରଣ ପରିବାରର ଝିଅ ଥିଲେ କିନ୍ତୁ ରାଜାଙ୍କୁ ବିବାହ ହୋଇଥିଲେ ।ରାଣୀ ଅହଲ୍ୟାବାଇ ବି ଜଣେ ଚାଷୀ ମୂଲିଆର ଝିଅ ଥିଲେ ସେ ବି ଜଣେ ରାଜାଙ୍କୁ ବାହା ହୋଇଥିଲେ ।ତୁମେ ନିଜେ ବି ଜଣେ ଗରିବ ଘର ଝିଅ ଥିଲ ମମ୍ମି...

କୈକେୟୀ- ବନ୍ଦକର ବନ୍ଦକର ସେସବୁ ବାଜେ କଥା।ତୁ ମୋ ଦୋଷ ତ୍ରୁଟିକୁ ବଖାଣିବୁ।

ରମଣ- ନା ମମ୍ମି ମୁଁ ତୁମକୁ ଦୋଷାରୋପ କରୁନାହିଁ ହେଲେ ଯେଉଁଟା ଠିକ ତାହାହିଁ କହୁଛି ।ସତ ସମସ୍ତଙ୍କୁ ଛୁଞ୍ଚିରେ ଫୋଡି ଯିବା ପରି ଲାଗେ ?

କୈକେୟୀ- ତୁ ମୋତେ ଆଉ ଏତେ ଗାନ୍ଧୀ ମହାତ୍ମାଙ୍କ ଆଦର୍ଶ ଶିଖାନା।

ଦଶ- ସେ ତ କିଛି ଭୁଲ କହୁନାହିଁ କୈକେୟୀ।

କୈକେୟୀ- ଶେଷରେ ତୁମେ ବି ମୋତେ ଅପମାନ କରିବାକୁ ଅଣ୍ଟାରେ ଗାମୁଛା ବାନ୍ଧିଲଣି।

ଦଶ- ମୁଁ ତୁମକୁ ଅପମାନ କରୁନି କୈକେୟୀ।ଯାହାତ ହେବାର ହୋଇଗଲାଣି ।ରମଣ ତା କାର୍ତ୍ତବ୍ୟ ଦୃଷ୍ଟିରୁ ଯାହା କରିଛି ମୋ ମତରେ ଠିକ କରିଛି।ଯାଅ ବୋହୂମାଙ୍କୁ ବନ୍ଦାପନା କରି ଘର ଭିତରକୁ ନିଅ।

କୈକେୟୀ- କଦାପି ନୁହେଁ।ବୋହୂ !!ସେ ପୁଣି ଜଣେ ସାମାନ୍ୟ କର୍ମଚାରୀର ଝିଅ।ମାଇଁ ଫୁଟ..।

ଦଶ- ଗଛରେ ଥିବା ଫଳଟି ପୋକ ଲାଗିଗଲେ ଗଛ କଣ ତାକୁ ଫୋପାଡ଼ି ଦିଏ?

କୈକେୟୀ- ସେଭଳି ଗଛକୁ ମୁଁ ମୂଳରୁ କାଟି ସଫା କରିଦେବି।

ଦଶ- ଜନକ ଦାସ ମୋ ସୁଗର ମିଲର ଶ୍ରମିକ ସତ କିନ୍ତୁ ସେ ବି ତ ଜଣେ ମଣିଷ।ମଣିଷ ମଣିଷ ଭିତରେ ଧନୀ ଗରୀବର ଲକ୍ଷ୍ମଣ ରଖା କୁ ଭୁଲି ଯାଅ ଦୁହିଁଙ୍କୁ ଏକସେପ୍ଟ କରିନିଅ।ବୋହୂଙ୍କୁ ଆଉ ଏତେ ସମୟ ବାହାରେ ଛିଡ଼ା କରନାହିଁ।

କୈକେୟୀ- କୈକେୟୀ ଯାହା ଥରେ କୁହେ ତାହାହିଁ ବେଦର ଗାର ବୋଲି ତୁମେ ଭଲଭାବେ ଜାଣିଛ।ମୋ ଦ୍ୱାରା ସେ କାମ ହୋଇ ପାରିବ ନାହିଁ।

ଦଶ- ଭାରତ ଯଦି ଏଭଳି କରିଥାନ୍ତା ତୁମେ କଣ ତା ପ୍ରତି ଏଭଳି ବ୍ୟବହାର କରି ପାରିଥାନ୍ତ?

କୈକେୟୀ- ଭାରତ କେବେ ତା ମମ୍ମିର ଇଚ୍ଛା ବିରୁଦ୍ଧରେ କିଛି କରିନାହିଁ କି କରିବାକୁ ସାହସ କରିବ ନାହିଁ।କିନ୍ତୁ ଇଏ...!ଇଏ ତ ମୋ ସଉତୁଣୀର ପୁଅ।ହୁଁ....(ପ୍ରସ୍ଥାନ)

ଦଶ- କୈକେୟୀ....!!ଆଃ....(ଛାତିକୁ ଜାବି ଧରନ୍ତି)

ଲାଲ୍ଟୁ- ବଡ଼ବାବୁ...

ରମଣ- ଡାଡି... (ଦୁହେଁ ଧରି ନିଅନ୍ତି)କଣହେଲା ଡାଡି।ଡାକ୍ତରଙ୍କୁ ଫୋନ ଲଗେଇବି?

ଦଶ- ଆରେ ନା ରେ ମୁଁ ଠିକ ଅଛି।ତୋ ମମ୍ମି ଗଲା ଦିନୁ ମୋ ଛାତି ଭିତରେ କଣ ଗୋଟେ ରକା ପଶି ଯାଇଛି।ପୁରୁଣା ରକା ବେଳେ ବେଳେ ବାହାରି ପଡେ ହେଲେ ତୁ ଆଦୌ ବ୍ୟସ୍ତ ହୁଅନା।ସବୁ ଠିକ ହୋଇଯିବ।

ରମଣ- ମୁଁ ଜାଣେ ଡାଡି ମମ୍ମିଙ୍କର ମନ ମଧ୍ୟରେ ଝଡ଼ ଉଠିଛି।ମୋର ଅବାଧ୍ୟ କାର୍ଯ୍ୟ ଲାଗି ରାଗି ଚାଲିଗଲେ।ମୋ ପାଇଁ ଯଦି ଏ ଘରେ ଝଡ଼ ଉଠିବ ତାହେଲେ...

ଦଶ- ତୋତେ କିଛି କରିବାକୁ ପଡିବ ନାହିଁ।ମୁଁ ଅଛି। ମୁ ଜାଣେ ଝଡ଼ ଉଠେ ପୁଣି ଥମିଯାଏ।ତୋ ମମ୍ମିର ଅମାନିଆ ମନ ବୋଲି ମୋ ମନ ଅମାନିଆ ନୁହେଁ।ସବୁ ଠିକ ହୋଇଯିବ।ସେଥିପାଇଁ ଆବଶ୍ୟକ ଧୈର୍ଯ୍ୟ।ଆରେ ଲାଛୁ,ମଞ୍ଜରୀ ତୁମେ ଦୁହେଁ ମୋ ଲକ୍ଷ୍ମୀ ପ୍ରତିମାକୁ ବନ୍ଦାପନା କରି ଘର ଭିତରକୁ ନେଇଯାଅ।ତୁମେ କିଛି ଖରାପ ଭାବିବ ନାହିଁ ମା' ଏ ଘରର ଶାଶୁ ନଣନ୍ଦ ତୁମକୁ ବନ୍ଦାପନା କରି ଭିତରକୁ ନେବା କଥା।ନଣନ୍ଦ ତ ନାହିଁ ଆଉ ତୁମେତ ଦେଖିଲ ତୁମ ଶାଶୁ ମା'ର ଜିଦ।ଲେଟ ଇଟ।ଧିରେ ଧିରେ ସବୁ ଠକ ହୋଇ ଯିବ।ସବୁ ଠିକ ହୋଇଯିବ।(ପ୍ରସ୍ଥାନ)

ମଞ୍ଜରୀ- କୀର୍ତ୍ତି ଚନ୍ଦର କୀର୍ତ୍ତି ରଖିଗଲ ବାଲି ବନ୍ଧର।ଏ କି କଥା ଲୋ ମା' ହେଲେ ମୁଁ ସେମିତି ଘରର ଝିଅ ନୁହେଁମ।ହଉ ତୁମେ ଦିହେଁ ଟିକେ ଅପେକ୍ଷା କରିଥାଅ ମୁଁ ଏଇ ସଙ୍ଗେ ସଙ୍ଗେ ବନ୍ଦାପନା ଥାଳି ନେଇଆସୁଛି।(ପ୍ରସ୍ଥାନ ପୁନଃ ବନ୍ଦାପନା ଥାଳି ଧରି ଆସେ।ଦୁହିଙ୍କୁ ବନ୍ଦାପନା କରି ଘର ଭିତରକୁ ନେବାବେଳେ....)

କ୍ରମଶଃ.........

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

# ଅଭିବ୍ୟକ୍ତି



ହରେରାମ ପଣ୍ଡା

ଚାଲିଛି ଚାଲିବି ଆହୁରି ଆଗକୁ
କେବେ ନ ପଡ଼ିବି ଥକି,
ଜାଣିବାକୁ କେବେ ଇଛା ବି କରିନି
ପଥ କେତେ ଅଛି ବାକି ।

ଚାଲୁ ଚାଲୁ କେବେ ଝୁଣ୍ଟି ପଡ଼ିଲେ ବି
ଅଟକି ଯାଇନି ରହି,
ନିଜ ବ୍ୟଥା ନିଜ ମନରେ ମାରିଛି
କାହାକୁ ପାରିନି କହି ।

ନିଜ ଦେହ ଧୂଳି ନିଜେ ମୁଁ ଝାଡ଼ିଛି
ଅବଶୋଷ କରିନାହିଁ,
ଦୁଃଖ ଭିତରେ ମୁଁ ସୁଖକୁ ଖୋଜିଛି
ନିଜ ଲୁହ ନିଜେ ପିଇ ।

ଦୁନିଆ ବଜାରେ ଚାଲିଛି ବେପାର
କେତେ ପାପ କେତେ ପୁଣ୍ୟ,
ଜାଣିନାହିଁ କେତେ ପୁଣ୍ୟ ଅରଜିଛି
ହୋଇଅଛି କେତେ ଘୃଣ୍ୟ ।

ଜଣେ କିଏ ଅଛି ହିସାବ ରଖୁଛି
କେ କରେ କିପରି କର୍ମ,
ଫଳକୁ ନ ଚାହିଁ କର୍ମ କରିଯି ବା
ଅଟଇ ମଣିଷ ଧର୍ମ ।

କେତେ ହରେଇଛି କେତେ ବା ପାଇଛି
ଜୀବନ ଚଲା ପଥରେ,
ତଥାପି ବିରାମ ନାହିଁ ଚାଲିବାରେ
ଏ ଦୁନିଆ ବଡ଼ ଦାଣ୍ଡରେ ।

ସଂସାର ଜଞ୍ଜାଳ ଯନ୍ତ୍ରଣା ଭିତରେ
ସୁଖ ଥାଏ ଲୁଚି ବସି ,
ବିଧିର ବିଧାନ ସୁଖ ବା ଦୁଃଖକୁ
ଆଦରିବି ହସିହସି ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

# ନେତା ଆଜିର



ଭାସ୍କର ଚନ୍ଦ୍ର ଖଣ୍ଡା

ସମାଜ ସେବାରେ ଥାଏ ଯଦି ଇଚ୍ଛା
ନେଇ ଆପଣାଇ ନିଃସ୍ୱାର୍ଥପର କୁ
ଚାହେଁ କରିବାକୁ ଯଦି କେହି ସେବା
ପ୍ରକୃତ ନେତାର ଦେବା ତାକୁ ଆଖ୍ୟା ।୧।

ନେତା ଆଜି ଏକ ସେ ବିରଳ ପକ୍ଷୀ
ବିଧ୍ୱଂସର ପଥେ ତା'ର ପରଜାତି
ରକ୍ଷକର ବେଶେ ସାଜିଛି ଭକ୍ଷକ
ଛବିରାଣୀ ଆଉ ମମିତାର ଗାଥା
ଏମିତି ଅନେକ କେତେଯେ ରହସ୍ୟ
ଆସେନାହିଁ କେବେ ଲୋକ ଲୋଚନକୁ
ବଖାଣିବା ଆଉ ଏ ସବୁ କହିବା କାହାକୁ ।୨।

ନିର୍ବାଚନର ସବୁ ଇସ୍ତାହାର
ଖରସ୍ରୋତା ନଦୀ ପରି ସେ ପ୍ରଖର
ସାଜେ ସବୁ ଏଠି ମିଥ୍ୟା ପ୍ରତିଶ୍ରୁତି
ଚାଲିଛି ଆମର ଭୋଟ ରାଜନୀତି
ନିର୍ବାଚନ ପରେ ଦର୍ଶନ ଦୁର୍ଲଭ
ସିଦ୍ଧାନ୍ତର ଏଠି ନାହିଁ ରୂପରଂଗ
ଦଳବଦଳର କେତେ ପ୍ରତିଛବି
ଜାତି ସଂପ୍ରଦାୟ ଧର୍ମ ବିଭାଜନ

ଆସେ ଯେବେ ଆଜି ଆମ ନିର୍ବାଚନ
ଆଖିରେ ତ ଦିଶେ ନିଜର ଆସନ
ସ୍ୱାର୍ଥର ପୁଟୁଳି ବାନ୍ଧି ସେ ଆଖିରେ
ଦେଇ ଫିଙ୍ଗି........
ନିଃସ୍ୱାର୍ଥପରତାକୁ ସାଗର ଗର୍ଭରେ ।୩।

ରହେ ଯଦି ଏପରି ନେତା ହାତେ ରସି
ଦେଶ ଏଠି ସିନା ଯିବ ଦିନେ ଭାସି
ବିଦ୍ରୋହର ସେଇ ତାଣ୍ଡବ ଆସିବ
ଆଜିର ଏ ନେତା ତେବେ ସୁଧୁରିବ
ଖୋଲି ଦେଇ ସେଇ ଅନ୍ଧର ପୁଟୁଳି
ବେଳ ଥାଉଁ ଥାଉଁ ଯାଉ ସେ ସୁଧୁରି ।୪।

ଫ୍ଲାଟ୍ ନଂ ବି /୩୦୧
ଗୌରୀଶଙ୍କର ରେସିଡେନ୍ସ, କେଶୁରା
ଭୁବନେଶ୍ୱର

# ପ୍ରକୃତ ବନ୍ଧୁ

ନରଞ୍ଜନ ସାହୁ

ପ୍ରକୃତ ବନ୍ଧୁ ଯେ ସବୁ ବନ୍ଧୁ ଠାରୁ
ନିଶ୍ଚୟ ଅଟନ୍ତି ଭିନ୍ନ
ସାଧୁଜନମାନେ ଆପଣାର ଜ୍ଞାନେ
ପ୍ରକୃତ ବନ୍ଧୁଙ୍କୁ ଚିହ୍ନ ।

ଚାଣକ୍ୟ ରଚିତ ନୀତିଶାସ୍ତ୍ର ଗ୍ରନ୍ଥ
କହେ ବନ୍ଧୁତ୍ୱର କଥା
ସେହି କଥା ବୁଝି ସବୁ ତଥ୍ୟ ହେଜି
ଟିକିଏ ପୁରାଅ ମଥା
ପ୍ରକୃତ ବନ୍ଧୁଙ୍କ ସାଥେ ସାଥି ହୋଇ
ସୁଖରେ କଟାଅ ଦିନ ।

ଉତ୍ସବେ, ବ୍ୟସନେ, ଦୁର୍ଭିକ୍ଷ ସମୟେ
ରାଷ୍ଟ୍ର ବିପ୍ଳବର ବେଳେ
ରାଜଦ୍ୱାରେ ଅବା ଶ୍ମଶାନ ସ୍ଥାନରେ
ପଡ଼ଞ୍ଚେ ନ ଅବହେଳେ
ପ୍ରକୃତ ବନ୍ଧୁଟି ଭାବିବ ତାହାଙ୍କୁ
ନ ଭାବିବ କେବେ ହୀନ ।

ନହଲପ୍ରସାଦ,
ଗଡିଆପାଟଣା, ଢେଙ୍କାନାଳ

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ – ୪ )

ଦେ ଦେ ବାପା, ଚାଣ୍ଡେ ଚାଣ୍ଡେ ଖାଇଦେ ତ ଆମର ।ବିଳମ୍ବ ହେଇଗଲାନି । ଅଇଁଠା ମାରି ଫେର ମୁଁ ଯିବି ତିଆଡ଼ି ଘରକୁ । ତାଙ୍କର ବଡ଼ି ପାରିତେ ।

ମାଆ ଗାଡ଼ିଆରୁ ଗାଧେଇ ଆସି ଓଦା ସରସର ନୁଗାଟା ନ ପାଲଟି ଆଗ ଭାତ ବାଢ଼ି ଦିଏ। ତା ବାଦ ତୁଳସୀରେ ପାଣି ଦେଇ ସୂର୍ଯ୍ୟ ବନ୍ଦନା କରି ନୁଗା ପାଲଟେ ।

ମାଆ ମାଟିହାଣ୍ଡି ରନ୍ଧା ବାସୀ ପଖାଳ ବାଢ଼ି ଦେଇଥାଏ କଂସା ବେଲାରେ, ସରୁପିଣ୍ଡାରେ ପିଢ଼ାଟିଏ ପକେଇ । ପତଳା ତୋଫା ତୋରାଣିର ମହମହ ବାସନା ଭୋକକୁ ଦ୍ୱିଗୁଣିତ କରୁଥାଏ । ସେଇ ଗୋଟାକ କଂସା ବାସନ ଆମର ଥିଲା, ସର୍ବମୋଟ । ସେ ପୁଣି କେତେ ପୁରୁଷର ଯେ ଇତିହାସ ସାଇତିଛି ତାର ଗଭୀରତାରେ ତାର ଇୟତ୍ତା ନାହିଁ । ସବୁ କଂସା ବାସନ ଦରିଦ୍ରତା ସହି ନପାରି ବିଦାୟ ଘେନିଲେ । କିନ୍ତୁ ସେ କେତେ ଯେ ଗପ, କେତେ ଯେ କାହାଣୀ ପିଇ ପିଇ ଆଜି ଅଶ୍ୱତ୍ଥାମା ପରି ପଡ଼ି ରହିଛି କେବେ ନ ଲିଭିବା କ୍ଷତଟିଏ ନେଇ । ସେଇଥିରେ ମୋ ବୁଢ଼ାବାପା ଖାଉଥିଲେ ପଖାଳ । ସେଇଥିରେ ତାଙ୍କ ବୁଢ଼ାବାପା ବି ଖାଉଥିଲେ ପଖାଳ । ମୋ ବାପା ବି ଖାଆନ୍ତି ସେଥିରେ, ଆଉ ମୁଁ ବି । ଆମ ଅଇଂଠା କଂସାରେ ପୁଣି ମାଆ ଖାଇବସେ । ଖାଏ କଣ, ଭାତହାଣ୍ଡି ତ ଶୁଖେଇବାର ନାହିଁ । ଗଣ୍ଡାଏ ଭାତ ତ ହାଣ୍ଡି ତଳେ ଲାଗିଥିବା ନିହାତି ଦରକାର । ନହେଲେ ଲକ୍ଷ୍ମିଛଡା ହେଇଯିବେ ଯେ। ତେଣୁ ମାଆ ଭୋକକୁ ଠକିବାକୁ ତୋରାଣି ପିଏ । ଚୁଛା ତୋରାଣି, କଞ୍ଚାଲଙ୍କା ଦଳି । ଖରାବେଳେ ବି ସିଏ ଖାଏ କମ ପିଏ ବେଶି । ପେଜରେ ଲୁଣ, ଆମ୍ବୁଲ ଆଉ ଲଙ୍କା ଚକଟି।

ବାପାଙ୍କ ଜେଜ ଥିଲେ ଅତ୍ୟନ୍ତ ବଦ୍ ରାଗି ମଣିଷ । ଇଂରେଜମାନଙ୍କ ଜମାନାର ଜେଲର୍ । ପେଟ ପାଇଁ ସବୁ ନାଟ । ଇଂରେଜ ବିରୋଧୀ ଥିଲେ ସେ ଅନ୍ଧାର ରାତ୍ରୀର କଳା ପରଦା ପଛରେ । ଦିନର ଚହଟିଆ ଖରାରେ କିନ୍ତୁ, ସେ ଥିଲେ ଇଂରେଜ ମାନଙ୍କର ଖଟିଖିଆ ବୋଲକରା କିଣା ଚାକର ।

- ଭଲ ତ, ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସାହାଯ୍ୟ କରିବାରେ ତ ସୁବିଧା ସୁଯୋଗ ମିଳୁଛି ନା । ଥା ସେଇଠି । ଗୁପ୍ତଚର ପରି । କୋଉ ଆଡୁ ହେଲେ ତ ମାଟିର ସେବା କର। ମାଟିକୁ ଇଜ୍ଜତଦେଲେ ସେ ଦୁଇଗୁଣା ଇଜ୍ଜତ ଫେରେଇବ ।

ତାଙ୍କ ବାପା ବୁଝାଉଥିଲେ ତାଙ୍କୁ ହାତ ଓଠ ଧରି, ଯେତେବେଳେ ସେ ମନା କରୁଥିଲେ ଇଂରେଜ ସରକାରଙ୍କ ଜୀ ହଜୁରୀ କରିବାକୁ । ତାଙ୍କର ଅଇଁଠା ଚାଟିବାକୁ ।

ଭୟଙ୍କର ବଦରାଗି ମଣିଷ ବାପାଙ୍କ ଜେଜ । ଖାକି ହାଫପେଣ୍ଟ ପିନ୍ଧି ନାଲିଆ ଟୋପି ନାଇ ମୋଟା ମୋଟା ଉପର ମୋଡା ଗହଳିଆ ନିଶକୁ ହାତରେ ସାଉଁଳି ଯେତେବେଳେ ବାହାରି ଆସୁଥିଲେ ବାପାଙ୍କ ତେର ବରଷି ଜେଜେମା କୁଆଡ଼େ ନୁଚି ପଡୁଥିଲେ ତାଙ୍କ ଶାଶୁଙ୍କ କାନି ତଳେ । ଗୋଟେ ଗର୍ଜନରେ ଗାଁଟା ସାରା ନିସ୍ତବ୍ଧ ହେଇ ଯାଉଥିଲା । ଏହି କଂସାଟିର ଶରୀରରେ ଗଭୀର କ୍ଷତ ଚିହ୍ନଟା ତାଙ୍କରି ଦାନ ।ଇଂରେଜ ସରକାର ଉପର ରାଗକୁ ଏହି କଂସା ଉପରେ ଶୁଝାଇଥିଲେ । ଏଇ ବିଚରା ପଖାଳ କଂସାକୁ କଚାଡ଼ି ଦେଇ । ଢଂ ଢଂ ପ୍ରତିବାଦ କରି ନିଜକୁ ବଞ୍ଚାଇ ରଖିଲା ଯେତେଟା ପାରିଲା । କ୍ଷତଟା ଝଳେଇ ହେଲା ।କିନ୍ତୁ ଏପର୍ଯ୍ୟନ୍ତ ତାର ଚିହ୍ନ ରହିଛି ।

ଆଜି ସେହି ସାତପୁରୁଷି କଂସାରେ ପଖାଳ ଖାଇ ବାଡ଼ିର ଧାନୁଆ ଲଙ୍କା ଦଳା ଖଟା ବାସି ତୋରାଣି ତକ ପିଇ ଦେଲେ ମୋତେ ବି ଲାଗେ ମୁଁ ବାପାଙ୍କ ଜେଜ ପାଲଟି ଯାଇଛି । ଦେହରେ ଶକ୍ତି ଓ ମନରେ ସ୍ଫୁର୍ତ୍ତି ଆଉ ହୃଦୟରେ ଉର୍ଜା ଭରି ଯାଉଛି । ମୁଁ ବି ଗର୍ଜନ କଲେ ଚୋର ଖଣ୍ଟ ନୁଚିବାକୁ ବାଟ ପାଇବେ ନାହିଁ ।

ତାଙ୍କର ମଜବୁତ ଖାକି ପେଣ୍ଟଟାଏ ବର୍ତ୍ତମାନ ବି ଅଛି । ଜେଜେ ଥିଲାବେଳେ ତାକୁ ପେଟରାରୁ କାଢ଼ି ଦେଖୁଥିଲେ । ବାପା ବି ଚୁପ୍ ଚୁପ୍ ତାକୁ କାଢ଼ି ଦେଖନ୍ତି, ଆଉ ମୁଁ,

ମୁଁ ତ ତାକୁ ରସି ଭିଡ଼ି ପିନ୍ଧି ପକାଇଥିଲି ଦଶହରା ପୂର୍ବରୁ ସ୍କୁଲ୍ ଡ୍ରାମାରେ । ସେଇଟା ଅଲଗା କଥା ଯେ ହାଫପେଣ୍ଟଟା ମୋର ଗୋଡ଼ରେ ଫୁଲ୍ ପାଲଟି ଯାଉଥିଲା । ମୁଁ ହେଇଥିଲି ଇଂରେଜଙ୍କ ଜମାନାର ଜେଲର ।

ପଖାଳ ଖାଉଁ ଖାଉଁ ନଜର ପଡ଼ି ଯାଏ କଟାସଟା ଉପରେ ।ଛକି କି ବସିଛି ଗଳି ଦୁଆରେ। କେଉଁ ଛଟକରେ କୁକୁଡ଼ା ଚିଆଁଙ୍କୁ ଝାମ୍ପି ବସିବ । ଅଧା ଖିଆରେ ମୁଁ ବୁକ୍ ତଡ଼। (କିଳା) ଉଞ୍ଚେଇ ଧାଏଁ । ଖପ୍ କିନା ସେ ଡେଇଁ ପଡେ ପାଖ ବାଡ଼ିକୁ ।

ଏଟାକୁ ପାନେ ନଦେଲେ ନୁହେଁ । ଗଲାଥର ଆଠଟା ଚିଆଁଙ୍କୁ ଖାଇ ଦେଇଛି ଟି । ମନୁଆ କାକାକୁ କହି ଏଟାକୁ ଧରି ନଇ ସେପାରିରେ ଛାଡ଼ି ଦେଇ ଆଇଲେ ଯାଇଁ । ମୁଁ ଯିବି ସ୍କୁଲ୍, ମାଆ ଯିବ ବଡ଼ି ପାରିତେ । ଆଉ ଏ ଚିଆଁ ? ମୁଁ ଛେକି ଛେକି ମାଆ କୁକୁଡ଼ା ଆଉ ଚିଆଁ ମାନଙ୍କୁ ପୁଣି ଭାଡ଼ିରେ ପୁରେଇ ହିଡ଼କା ଦେଇ ଦିଏ ।

ବେଶି ଦୂର ନୁହେଁ ଆମ ସ୍କୁଲ୍ । ମଣ୍ଡେଲ୍ ସ୍କୁଲ୍(ମିଡିଲ୍) ନାମରେ ଆମ ଗାଁରେ ବିଖ୍ୟାତ ଥିଲା । ସ୍କୁଲ୍ କଣ, ବୋଇଲେ ମୋଟରୁ ଦୁଇଟା ଚାଳିଆ କୋଠରୀ, ଗୋଟିଏ ଲମ୍ବା ବାରଣ୍ଡା । ଖପରା ଚାଳ । ତିନିଟା କଳାପଟା, ତିନିଟା କାଠ ଟେବୁଲ୍ ଆଉ ତିନିଟା କାଠ ଚଉକି । ଟିକି ଟିକି କୁନି ତକିଆ ପରି ତିନିଟା ଆମ ହାତ ତିଆରି ଡଷ୍ଟର୍ । ମାଟି ଗାରା କାନ୍ଥ । କାନ୍ଥରୁ ରୋଜିନା ଚୁନ ମାଟି, ଆଉ ନାଲିଆ ଇଟାଗୁଣ୍ଡ ଝରେ, ରୋଜିନା ଆମେ ପଇରା ଗଛ ଝାଡୁରେ ଖରକୁ । ଶନିବାରକୁ ଶନିବାର ପାଳି କରି ଗୋବର ନେଇ ଗୋବରାଉ ସ୍କୁଲ ଘର ଆଉ ହତା, ଚହଟ ଚିକ୍କଣ କରି ।

ସ୍କୁଲ୍ ଘର ଦୁଇଟାରେ ଦୁଇ ଦୁଇ ଭାଗ ହେଇ ବସନ୍ତି ତୃତୀୟ ଚତୁର୍ଥ ଓ ପଞ୍ଚମ ଷଷ୍ଠ । ପ୍ରଥମ ଦ୍ୱିତୀୟ ତ ଦୁଦୁଭାତି ଛୁଆ । ସେମାନେ ବସନ୍ତି ବାରଣ୍ଡାରେ ଆଗ ପଛ ହେଇ । ଯେତେ ଯେତେ ଉପର ଶ୍ରେଣୀ ହୁଏ, ପିଲାଙ୍କ ଘନତ୍ୱ ସେତେ ସେତେ ପତଳେଇ ଯାଏ

।ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପହଞ୍ଚିବା ଆଗରୁ ସଂସାର ହଳରେ ଜୋଚା ହେଇ ଯାଆନ୍ତି ପିଲାମାନେ । ମଣିଷ ଗୋରୁ ପାଲଟି ସଂସାର ରୂପୀ ଶଗଡ଼ ଟାଣନ୍ତି । ଅବୟସରେ ବାପା ହେଇ ଯାଆନ୍ତି ।

ତେଣୁ ସପ୍ତମ ଶ୍ରେଣୀ ଗୃହ ନିମନ୍ତେ ମୁଣ୍ଡ ବଥେଇ ନାହିଁ କାହାର । ମୋର ବ୍ୟାଚରେ ମୁଁ ହିଁ ସପ୍ତମ ଶ୍ରେଣୀ ପରୀକ୍ଷା ଦେଇଥିଲି । ସେକଥା ପଛକୁ ଥାଉ ।

ବିବେକା ମାଷ୍ଟର ଭାରି କଡ଼ା । ଟିକିଏ ଭୁଲ୍ କଲେ ଗୋରୁ ବାଡ଼ିଆ ମାଡ଼ । କିନ୍ତୁ ମୋ ଉପରେ ତାଙ୍କର ଅପାର କୃପାଦୃଷ୍ଟି । ମୋର ଅକ୍ଷର ଗୋଲ ଗୋଲ, ମୁଁ ତେରକ ଆଉ ଉଣେଇସକ ପଣିକା ରଡ଼ଗଡ଼ିଆ କହି ଦେଇ ପାରେ । ଛଅ ଆଠ ଘରକିଆ ଗୁଣନ ଧଡାଧଡ଼୍ କରିଦିଏ । ବହୁବ୍ରିହୀ ଓ କର୍ମଧାରୟ ସମାସ ଭିତରେ ପାର୍ଥକ୍ୟ ଫଟାଫଟ୍ ବତାଏ ।ସ୍କୁଲରେ ବଗିଚା ନଥାଇ ବି My school garden ବିଷୟରେ ଚମତ୍କାର ଏସେ ଲେଖିପାରେ ।

ସ୍କୁଲ୍ ହତାକୁ ଲାଗି ନିତିଦିନିଆ ପରିବା ହାଟ । ସ୍କୁଲ୍ ଖୋଲିବାର ଓ ହାଟ ବସିବାର ସମୟ ଗୋଟେ । ତେଣୂ ଶ୍ରେଣୀରେ ଉପସ୍ଥିତି ତଦାରଖ କଲା ବେଳେ କିଛି "ଜୟଭାରତ' ଶବ୍ଦ ମିଶି ଫେଣ୍ଟାଫେଣ୍ଟି ହେଇଯାଏ । ଅବଶ୍ୟ କେହି ପିଲା ଅନୁପସ୍ଥିତ ରହିବାଟାର ଅନେକ କାରଣ ଥାଏ ।ଖଣ୍ଡିଏ ମାତ୍ର ପେଣ୍ଟ ନ ଶୁଖିବା, ବିଲବଛାରେ ବାପାଙ୍କୁ ସାହାଯ୍ୟ କରିବା, ବର୍ଷା ଦିନରେ ମାଛ ଧରି ସେହି ସ୍କୁଲ ପାଖ ହାଟରେ ବିକିବା, ବାଡ଼ିରେ ଅଧିକା କଖାରୁ କି ଲଙ୍କା ମରିଚ ହେଲେ ତାକୁ ଛକରେ ଖେଜା ବସେଇବା, ଏମିତି ଅନକୁଟି କାରଣ ।

ତେଣୁ ବିବେକା ମାଷ୍ଟର ସେଥିରେ ରୁଷ୍ଟ ହୁଅନ୍ତି ନାହିଁ । ଗରିବ ଖଟିଖିଆ ଗାଁ । ଛୋଟ ଛୋଟ ଗାଁରେ ଏସବୁ ଘଟଣା ଆଦୌ ବଡ଼ ନୁହେଁ । ପେଟ ପୋଷ ନାହିଁ ଦୋଷ ।

କପଡା ତିଆରି ବହି ବସ୍ତାନି କାନ୍ଧରେ ପକେଇ ମୁଁ ଧାଏଁ ସ୍କୁଲ୍ । କେହି ନ ଆସିଥିଲେ ପେଣ୍ଟ କି ସାର୍ଟରୁ ସେଫ୍ଟିପିନ୍ ଖୋଲି କୁଞ୍ଚି (ତାଲା) ଖୋଲେ । କୁଞ୍ଚକାଠି ଦରକାର ହୁଏ ନାହିଁ । ପୁରା ଗାଁଟାରେ କାହାର କୁଞ୍ଚି, କୁଞ୍ଚକାଠି ଦରକାର ହୁଏ ନାହିଁ । ସମସ୍ତେ ଦରିଦ୍ର ।

କା ଘରେ କଣ ସୁନାରୂପା, ମଣି ମରକତ ଅଛି ଯେ କୁଞ୍ଚି ଦେବେ । ଏଇ ଗଧିଆ , ନେଙ୍କଡାକୁ ଡର । କାଳେ କାହାର, ଛେଳିଛୁଆ ଟେକିନେବେ, କୁକୁଡ଼ା ହଁସର। ବେକ ମୋଡ଼ିଦେବେ ।

ଖରକି ପକାଏ ସ୍କୁଲ୍ ଘର ।ଗୋଟି ଗୋଟି ହେଇ ସବୁ ଆସନ୍ତି । ମୋଟ ପନ୍ଦର କୋଡ଼ିଏ ପିଲା । ଆମ ଭିତରୁ କେହି ଜଣେ ବାରଣ୍ଡାରେ ଟଙ୍ଗା ହେଇଥିବା ରେଳ ଧାରଣାଟିକୁ ବଜେଇ ଦିଏ,

ଟିଂ ଟିଂ ଟିଂ

ସବୁ ପିଲା ଚଟ ପକେଇ ନହେଲେ ସେମିତି ଖାଲି ଭୁଇଁରେ ବସି ଯାଆନ୍ତି ଚକାମୁଠା ହେଇ।

ବିବେକା ମାଷ୍ଟ୍ରେ ଆସିଲେ ପାଠପଢ଼ା ଆରମ୍ଭ ହେବ । ତା ପୂର୍ବରୁ ଆମେ ବଡ଼ପିଲା ମାନେ ସାନ ପିଲଙ୍କୁ ପଣକିଆ ଡାକିବାରେ ଲଗେଇ ଦେଉ ।

- ଦୁୟ ଏକେ ଦୁୟ

- ଦୁୟ ଏକେ ଦୁୟ

- ଦୁୟ ଦୁଗଣେ ଚାର୍

- ଦୁୟ ଦୁଗଣେ ଚାର୍

- ଦୁୟ ତିନେ ଛ

-.............

କିଏ କିଏ ବର୍ଣ୍ଣବୋଧ ପାଠ ନେବାରେ ଲାଗିଯାଆନ୍ତି ।

- ସକାଳ ହେଲାଣି, ଉଠ ମୂଖ ଧୁଅ, ବାହାରୁ ଟିକିଏ ବୁଲି ଆସ .....

- ତୁ ତୁ ତୁ ଡାକିଲି ମୁହିଁ, ଦଉଡି ଆସିଲୁ କୁକୁର ତୁହି ....

ସେ ଭିତରେ ବି ଖେଚଡ଼ ପିଲେ ଫେଚକାମି କରିବାରୁ ବାଦ ପଡ଼ନ୍ତି ନାହିଁ । ଆକୁ ମାର ତାକୁ ଧର, ଆ ମୁଣ୍ଡରେ ବାଘନଖି କଣ୍ଟା ଲଗା, ତା ଆସନରେ ଚୁପକିନା କାଦୁଅ ମେଞ୍ଚେ ଥୋଇଦେ ....

ମାଷ୍ଟର ନ ଆସିବା ଯାଏଁ ଏଇ କାଣ୍ଡ କାରଖାନା ଚାଲିଥାଏ ।

ଚଡ଼ାସ୍, ଚଡ଼ାସ୍ !!!!!

ନହକା ବେତର ଶବ୍ଦରେ ସ୍କୁଲଟା ଯାକ ନିସ୍ତବ୍ଧ ହେଇଯାଏ ।

କ୍ରମଶଃ .....

ବସନ୍ତ ବିହାର
ନୂଆଦିଲ୍ଲୀ

# ଅନ୍ୟ ଏକ ରାମାୟଣ ର ଭିନ୍ନ ଏକ ସୀତା



ଚୈତନ୍ୟ ବାଗ

ପ୍ରେୟସୀ କୁ ମୋର ସ୍ମୃତି ରେ ସଜାଇ
ରଖି ଥିଲି ମନ ଅଯୋଧ୍ୟା ଦେଶେ,
ପିତୃ ସତ୍ୟ ଯେମନ୍ତେ ରାମ ଗଲେ ବନ
ସେମନ୍ତେ ମୋ ପ୍ରିୟା ବିରହ ଦେଇଛି ମତେ ।।

ଭରତ ପରି ସ୍ମୃତି କୁ ସାଇତି ରଖିଅଛି ହୃଦୟ କୁଟୁରୀ ରେ,
ଦିବା ଶର୍ବରୀ ନୟନ ଅତ୍ୟୟ ପାଇଁ କାନ୍ଦୁ ଥାଏ ନିରବରେ ।।

ଶବରୀ ଯେସନେ ତପସ୍ୟା କରି
ବଲ୍ଲଭା ର ପ୍ରଣୟଲାପ ଅଭିଳାଷେ,
ଅଭିଳାଷ ମୋର ଅଭିଳାଷେ ରହିଲା
ପ୍ରେମପୁତ୍ତଳିକା ଗଲା ଦୂର ଦେଶେ ।।

ସୁଗ୍ରୀବ ପରି ବନ୍ଧୁ ଭାବି
ବନ୍ଧୁତା କୁ ବନ୍ଧୁ ରେ ତତେ କଲି ଅର୍ପଣ,
ବନ୍ଧୁତା ମଧ୍ୟରେ ପାଚେରୀ ସୃଜନୀ
ଅସଲି ପରିଚୟ ଦେଖିଲା ମୋ ନୟନ ।।

ତୋ ପ୍ରେମରେ ପଡି କପି ମୁଁ ସାଜି
ପଥ ଅନେଶ୍ୱଣ କରେ ହୋଇ ବାଟ ବଣା,
ରାମ ଭକ୍ତ ଅଞ୍ଜନୀ ସାଜିଲି
ଫୁଣି ଦେଖାଇ ଦେଲୁ ମୋ ପ୍ରେମ ରେ ଉଣା ।।

କାହାରି କଥା ରେ ପ୍ରିୟା ତୁ ପଡି
ଦେଲୁ ବିରହ ବନବାସ କଷଣ,
ବିବେକ ରେ ତୋ ମନ୍ଥରା ପଶିଲା
ଅହଲ୍ୟା ପରି ହେଲୁ ପାଷାଣ ।।

ତୋ ପ୍ରେମ କୁ ନ ପାରି ଭୁଲି
ରଘୁନାଥ ଙ୍କ ଚରଣେ ଲେଖିଲି କବିତା,
କଳିଯୁଗ ର ତୁ ଏମିତି ପ୍ରେମକା
ଅନ୍ୟ ଏକ ରାମାୟଣ ର ଭିନ୍ନ ଏକ ସୀତା ।।

ଚଚଆ, କଳାହାଣ୍ଡି

# ରାତି ହୋଇଅଛି ସାଥୀ



ଅମୂଲ୍ୟ କୁମାର ପଣ୍ଡା

ପ୍ରଣୟ ରଜନୀ ଉଛୁର ହେଲାଣି ପ୍ରିୟା ମୋର ଛାଡ଼ ଲାଜ
ଚାନ୍ଦ ମୁହଁ ତୁମ ଦେଖି ମୁଁ ଅଧିର ଆସ ହୋଇ ସଜବାଜ
ତୁମ ବିରହରେ ଶୁଖି ଶୁଖି ପୁଣି ବାସି ହୁଏ ଫୁଲ ଶେଯ
ମଧୁ ଯାମିନୀ ଗୋ କର ନାହିଁ ଡେରି ମନ ଗହନକୁ ହେଜ।

ଭ୍ରମର ସଦୃଶ ହୃଦୟ ମୋ ଗାଏ ଗୁଣୁଗୁଣୁ ପ୍ରେମ ଗୀତ
ଫୁଲ ରାଣୀ ତୁମେ ବଶୀଭୂତ କଲ ଚୋରି କରି ମୋର ଚିତ୍ତ
ଉଦାସ ମୋ ମନ ଡେରି କରନାହିଁ କଥାପଦେ କୁହ ହସି
ତୁମ ମଧୁ ବୋଳା କଥା ଶୁଣିବାକୁ ଅପେକ୍ଷାରେ ତାରା ଶଶି।

ମୃଦୁ ମୃଦୁ ତୁମ ହସ ଫରୁଆରେ ଚୁନା ଚୁନା ଚମ୍ପା ଝରେ
ରସାଳ ତୁମର ରକ୍ତିମ ଓଠଟି ମନେ ମାଦକତା ଭରେ
ଦୂରେ ଥାଇ ମଧ୍ୟ ମଳୟ ମଳୟ ମହକି ମହକି ବାସ
ମନ ଓ ଇନ୍ଦ୍ରିୟ ଅଣାୟତ ଏବେ  କବରୀ ଫିଟାଇ ଆସ।

ତନ୍ଦ୍ରା ଆଜି ଦୂରେ ରଜନୀ ପଥରେ ରାତି ହୋଇଅଛି ସାଥୀ
ପ୍ରୀତି ପିଆଲାରେ ପୀରତି ରସକୁ ପିଆଇବି ପ୍ରେମେ ମାତି।

ଅରଙ୍ଗାବାଦ, ବରୀ, ଯାଜପୁର

# ଆତଙ୍କ ନୁହେଁ, ସତର୍କତା ଜରୁରୀ !



ଅସିତ ମହାନ୍ତ

କୋଭିଡର ଆଲଫା, ଡେଲଟା, ଗାମା ଭେରିଏଣ୍ଟସ ପରେ ଏକ ନୂତନ ଭେରିଏଣ୍ଟ ଆବିର୍ଭାବ ହୋଇଛି ଏହା ହେଉଛି ଓମିକ୍ରନ୍ ଭେରିଏଣ୍ଟ କିମ୍ବା ବି.୧ .୧ . ୫୨୯ ଏବଂ ଏହା ପ୍ରଥମେ ଦକ୍ଷିଣ ଆଫ୍ରିକାର ବୋଟସ୍ୱାନାରେ ଆବିଷ୍କୃତ ହୋଇଥିଲା । ଆମେ ଜାଣୁ ଯେ ଭୂତାଣୁରେ ପରିବର୍ତ୍ତନ ହୁଏ । ତେବେ, ଲୋକମାନେ କାହିଁକି ଏତେ ଚିନ୍ତିତ? ସମଗ୍ର ବିଶ୍ୱରେ ସରକାର କାହିଁକି ଆତଙ୍କିତ? ଦକ୍ଷିଣ ଆଫ୍ରିକାର ବୈଜ୍ଞାନିକମାନେ ୨୪ ନଭେମ୍ବରରେ ପ୍ରଥମେ WHO କୁ ଏହି ଭାଇରସ ବିଷୟରେ ଜଣାଇଥିଲେ। ସେବେଠାରୁ ଅନେକ ପ୍ରମୁଖ ଦେଶରେ ଏହି ଭାରିଆଣ୍ଟକୁ ଚିହ୍ନଟ କରାଯାଇଛି । ୨୬ ନଭେମ୍ବର ୨୦୨୧ ରେ, WHO ଏହି ଭାରିଆଣ୍ଟକୁ ଚିନ୍ତାର ବିଷୟ ବୋଲି କହିଥିଲା । ସମ୍ପ୍ରତି, WHO ଅନୁଯାୟୀ ୨ ପ୍ରକାର ଭାରୀଏଣ୍ଟ ଅଫ ଇଂଟରେଷ୍ଟ ଅଛି । ପ୍ରଥମେ ଲମ୍ବଡା ଭାରୀଏଣ୍ଟ ଏବଂ ଏହା ଡିସେମ୍ବର ୨୦୨୦ ରେ ପେରୁରେ ଆବିଷ୍କୃତହୋଇଥିଲା । ଏବଂ ଦ୍ୱିତୀୟଟି ହେଉଛି MU ଭାରୀଏଣ୍ଟ ଯାହା ଜାନୁଆରୀ ୨୦୨୧ ରେ କଲମ୍ବିଆରେ ମିଳିଥିଲା । କିନ୍ତୁ ବାସ୍ତବରେ ସମସ୍ୟାଜନିତ ଭେରିଏଣ୍ଟସ, ଭେରିଏଣ୍ଟସ ଅଫ କଂସର୍ନ ଶ୍ରେଣୀରେ ଆସିଛି। କୋଭିଡ-୧୯ ର ସେହି ଭେରିଏଣ୍ଟସ ଗୁଡ଼ିକ ଯାହା ଟ୍ରାନ୍ସମିସିବିଲିଟି ବଢ଼ାଇଥାଏ । ବାସ୍ତବରେ ଏହା ଟୀକାକରଣର ପ୍ରଭାବକୁ ହ୍ରାସ କରିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ, WHO ଅନୁଯାୟୀ ଭେରିଏଣ୍ଟସ ଅଫ କଂସର୍ନ ର ୪ ପ୍ରକାର ଅଛି । ଆଲଫା, ବିଟା, ଗାମା ଏବଂ ଡେଲଟା । ଏଥିମଧ୍ୟରୁ ଡେଲଟା ସବୁଠାରୁ ବିପଜ୍ଜନକ ଭେରିଏଣ୍ଟ ଏବଂ ଏହା ଅକ୍ଟୋବର ୨୦୨୦ ରେ ଭାରତରେ ଆବିଷ୍କୃତ ହୋଇଥିଲା ଯିଏ ଭାରତରେ ଦେଖାଯାଇଥିବା ମାରାତ୍ମକ ଦ୍ୱିତୀୟ ଲହର ପାଇଁ ଦାୟୀ ଥିଲା । ଅଦ୍ୟାବଧି, ଡେଲଟା ହେଉଛି ସବୁଠାରୁ ପ୍ରଧାନ

ଭାରିଆଣ୍ଟ ଯାହାକି ଅଧିକାଂଶ ମାମଲା ପାଇଁ ଦାୟୀ । କିନ୍ତୁ ଓମିକ୍ରନ୍ ଭାରିଆଣ୍ଟ୍ VOC ବର୍ଗରେ ପ୍ରବେଶ କରିବା ପାଇଁ ପଞ୍ଚମ ପ୍ରକାର । ବୈଜ୍ଞାନିକମାନେ ଚିନ୍ତିତ ଅଛନ୍ତି ଯେ ଡେଲଟା ଭାରିଆଣ୍ଟ ପରି ଏହା କେତେ ଭୟଙ୍କର ହୋଇପାରେ । ଏକ କୌତୁହଳର ବିଷୟ ହେଉଛି, Flu କୋଭିଡ -୧୯ ପରି, Flu ରେ ଦୁର୍ବଳ ଲୋକ ଏବଂ ବୃଦ୍ଧମାନେ ଅଧିକ ବିପଦରେ ପଡ଼ିଥାନ୍ତି । WHO ର ୨୦୧୭ ର ଏକ ଆର୍ଟିକିଲ ଅନୁଯାୟୀ, ପ୍ରତିବର୍ଷ ୬୦୦,୦୦୦ ରୁ ଅଧିକ ଲୋକ Flu ରେ ମୃତ୍ୟୁବରଣ କରନ୍ତି ଏବଂ ମୌସୁମୀ Flu ପାଇଁ ମଧ୍ୟ ଟୀକା ଅଛି । ଏବଂ ଏହି ଟିକାଗୁଡ଼ିକୁ ପ୍ରତିବର୍ଷ ଅପଡେଟ୍ କରିବା ଆବଶ୍ୟକ । କାରଣ ଏହି ଭାଇରସ ଋତୁକାଳୀନ Fluର ମୁଖ୍ୟ କାରଣ , ଇନ୍ଫ୍ଲୁଏଞ୍ଜା ଏ ଭାଇରସ୍ ଏତେ ପରିବର୍ତ୍ତନ ହୁଏ ଯେ ପ୍ରତି ବର୍ଷ ଟିକା ଅପଡେଟ୍ ହେବା ଆବଶ୍ୟକ । ଅର୍ଥାତ , ଆମେ ପ୍ରତିବର୍ଷ ସିଜନାଲ Flu ର ପରିବର୍ତ୍ତନ ଏବଂ ପ୍ରକାରଗୁଡିକ ଦେଖିବାକୁ ପାଇଥାଉ । ଏକମାତ୍ର ପାର୍ଥକ୍ୟ ହେଉଛି ଏହା ଗଣମାଧ୍ୟମ ଦ୍ୱାରା ଏତେ ଅଧିକ ଆଲୋଚନା କରାଯାଏ ନାହିଁ । ଓମିକ୍ରନ ରେ , ଜୀବାଣୁଙ୍କର ଏହି ଭାରୀଏଣ୍ଟ ରେ ୫୦ ରୁ ଅଧିକ ମ୍ୟୁଟେସନ୍ ଦେଖାଯାଇଛି । ସ୍ପାଇକ୍ ପ୍ରୋଟିନ୍, ସ୍ପାଇକ୍ ଯାହାକୁ ଆପଣ ଭୂପୃଷ୍ଠରେ ଦେଖନ୍ତି ଯାହା ଆପଣଙ୍କ ଶରୀରରେ ଜୀବାଣୁ ପ୍ରବେଶ କରିବାକୁ ସକ୍ଷମ କରିଥାଏ, ଏହା ଅତି ନିକଟରୁ ଅନୁଧ୍ୟାନ କରାଯାଇଥାଏ କାରଣ ଏହା ସାହାଯ୍ୟରେ ଜୀବାଣୁ ବିସ୍ତାର ହୁଏ । କେବଳ ଏହି ସ୍ପାଇକ୍ ପ୍ରୋଟିନ୍ରେ ପରିବର୍ତ୍ତନଗୁଡିକ ଦେଖାଯାଇଛି । ଡେଲଟା ଭେରିଏଣ୍ଟରେ, ସ୍ପାଇକ୍ ପ୍ରୋଟିନରେ ୯ ଟି ମ୍ୟୁଟେସନ୍ ଦେଖାଯାଇଥିବାବେଳେ ଓମିକ୍ରନରେ ୩୨ ଟି ଅଛି । ଏହି କାରଣରୁ ଏହା ଜୀବାଣୁଙ୍କର ବିବର୍ତ୍ତନରେ ଏକ ବଡ଼ ଲମ୍ଫ ବୋଲି ଦାବି କରାଯାଏ । ବର୍ତ୍ତମାନ କଥା ହେଉଛି, ଏହି ଭେରିଏଣ୍ଟ ଟି କିପରି ସହଜରେ ବିସ୍ତାର ହୋଇପାରେ ? WHO କହିଛି ଯେ ଏଥିପାଇଁ ଆମ ପାଖରେ ପର୍ଯ୍ୟାପ୍ତ ତଥ୍ୟ ନାହିଁ । କିନ୍ତୁ ଦକ୍ଷିଣ ଆଫ୍ରିକାର ଏକ ଅଞ୍ଚଳରେ ଏକ କେସ୍ ଷ୍ଟଡି କରାଯାଇଥିଲା । ସେଠାରେ, ପରୀକ୍ଷଣ ସକରାତ୍ମକତା ସପ୍ତାହ ମଧ୍ୟରେ 1% ରୁ 30% ମଧ୍ୟରେ ଏକ ମହତ୍ୱପୂର୍ଣ୍ଣ ବୃଦ୍ଧି ପାଇଲା । WHO କହିଛନ୍ତି , ସମ୍ଭାବନା ଅଛି, ଏହା ଅଧିକ ସଂକ୍ରମଣ ହୋଇପାରେ । ଏକ ରୋଗ ମଡେଲିଂ ବୈଜ୍ଞାନିକ ଆକଳନ କରିଛନ୍ତି ଯେ ମୂଳ ୱୁହାନ୍ ଷ୍ଟ୍ରେନ୍ ତୁଳନାରେ ଏହି

ଷ୍ଟ୍ରେନ୍ ୫୦୦% ଅଧିକ ଟ୍ରାନ୍ସମିସିବଲ୍ ଅଟେ । ଏହା ଏକ ଭଲ ଖବର ହୋଇପାରେ ଯେ, ଭାଇରସରେ, ଅଧିକ ସଂକ୍ରମିତ ଜୀବାଣୁ ପ୍ରାୟତ କମ୍ ମାରାତ୍ମକ ହୋଇଥାଏ । ଏବଂ ଅଧିକ ମାରାତ୍ମକ ରୋଗ ଅତ୍ୟନ୍ତ ସଂକ୍ରମଣକାରୀ । ଏହା ଏକ ସାଧାରଣ ଧାରା । ବୈଜ୍ଞାନିକମାନେ କହିଛନ୍ତି ଯେ ଓମିକ୍ରନ୍ ପ୍ରକାର ନିର୍ଣ୍ଣୟ କରିବାକୁ କିଛି ସପ୍ତାହ ଲାଗିବ । କିନ୍ତୁ ପ୍ରାଥମିକ ତଥ୍ୟରୁ ଜଣାପଡିଛି ଯେ ଡାକ୍ତରଖାନାରେ ଭର୍ତ୍ତି ସଂଖ୍ୟା ବଢିଛି। ଯେକଣସି ପରିସ୍ଥିତିରେ, ଟିକାଗୁଡ଼ିକ ପ୍ରଭାବଶାଳୀ ରହିବ ବୋଲି ସମ୍ଭାବନା ଅଛି । ଯଦି ଆପଣଙ୍କର ଟୀକାକରଣ ହୋଇଛି ଏବଂ ସାଧାରଣ ସାବଧାନତା ଅବଲମ୍ବନ କରୁଛନ୍ତି, ତେବେ ସବୁ ଭଲ ହେବ । ପରିସ୍ଥିତି ଦେଖି ବିଭିନ୍ନ ଦେଶର ସରକାର ସତର୍କତା ଅବଲମ୍ବନ କରୁଛନ୍ତି। ଦକ୍ଷିଣ ଆଫ୍ରିକା ଏହି ପ୍ରକାରର ବିଶ୍ୱକୁ ଅବଗତ କରାଇ ଏକ ଭଲ କାମ କଲା । କିନ୍ତୁ ସେ ପାଇଥିବା ପୁରସ୍କାର, ଦକ୍ଷିଣ ଆଫ୍ରିକାର ସମଗ୍ର ଭ୍ରମଣ ଶିଳ୍ପ ଏବଂ ବିମାନ ଚଳାଚଳ ଶିଳ୍ପ କିଛି ଦିନ ମଧ୍ୟରେ ଅଟକି ଗଲା ଯଦି ଭବିଷ୍ୟତରେ ଅନ୍ୟ ଦେଶରେ ଏକ ନୂତନ ଭେରିଏଣ୍ଟ ଆସେ, ତେବେ ଦେଶ ଚୁପ୍ ରହିବା ଭଲ ବୋଲି ଅନୁମାନ କରିବ । ଅନ୍ୟାନ୍ୟ ପଦକ୍ଷେପ ବିଫଳ ହେଲେ ଏହି ପ୍ରକାରର ନିଷ୍ପତ୍ତି ଶେଷ ପ୍ରତିକାର ହେବା ଉଚିତ । ଦୁନିଆର ସରକାରମାନେ କିଛି କରୁଛନ୍ତି ବୋଲି ରାଜନୈତିକ ଦୃଷ୍ଟିରୁ ଦର୍ଶାଇଛନ୍ତି। ଯଦି ସେମାନେ ପ୍ରକୃତରେ ଚିନ୍ତିତ ତେବେ ଡାକ୍ତରଖାନା ଶଯ୍ୟା ଉପରେ ଧ୍ୟାନ ଦେବା ଉଚିତ୍ । ଏକ ନୂତନ ଭାର ପାଇଁ ଡାକ୍ତରଖାନାଗୁଡ଼ିକ ପ୍ରସ୍ତୁତ ହେବା ଆବଶ୍ୟକ । ଆଗାମୀ ମାସ ଏବଂ ବର୍ଷଗୁଡିକରେ ଆମେ କ୍ରମାଗତ ଭାବରେ ନୂତନ ଭେରିଏଣ୍ଟସ ଏବଂ ପରିବର୍ତ୍ତନର ଖବର ପାଇବା । କାରଣ ସେଠାରେ ନିରନ୍ତର ପରିବର୍ତ୍ତନ ହେବ । କିନ୍ତୁ ଯଦି ଆମେ ଦୁନିଆକୁ ସ୍ୱାଭାବିକ ଅବସ୍ଥା ଫେରାଇବାକୁ ଚାହୁଁ, ତେବେ ନୂତନ ବୈଜ୍ଞାନିକ ଅନୁସନ୍ଧାନ ଆବଶ୍ୟକ । ବ୍ୟକ୍ତିଗତ ଭାବରେ ଆପଣଙ୍କର ମାନସିକ ସ୍ୱାସ୍ଥ୍ୟର ଉନ୍ନତି ଆଣିବା ଏବଂ ଫିଟ୍ ରହିବା ପାଇଁ ଆମକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡିବ କିନ୍ତୁ ଆତଙ୍କ ନୁହେଁ।

ସୁଜନପୁର, ଯାଜପୁର
୯୩୪୮୭୬୮୮୧୨

# ତତଲ୍ ଲୁହ



ଝିଲିମିଲି ସାହୁ

ତତଲ୍ ନିଃଶ୍ୱାସରେ
କାହାର କଣ ଘର ପୋଡିଲାଣି ଯେ....
ଶ୍ରୁତି ଡେରି କାନ ଦିଟା
ଧିରେ ଧିର ବଧିର୍ ହେଲାଣି ॥୧।
ସବୁ ସେଇ ସମୟର ଖେଳ
କିଛି ସ୍ୱଷ୍ଟ ତ କିଛି ଅସ୍ୱଷ୍ଟ
କୁଜ୍ଝଟିକା ର ବହଳ ପରଦାଟେ ପରି
ଅନ୍ଧକାରେ ସ୍ୱପ୍ନ, ଭାବନାର ଦୃଶ୍ୟ ॥୨।
ତଥାପି ଲହଡି ଖେଳୁଛି
ଅନେକ କୁହୁଳା ବେଦନା
ଧମନୀର ପ୍ରତିଟି ଲହୁରେ
ନିଶ୍ୱାସରେ, ନିସ୍ତେଜ ମୁହଁରେ ॥୩।
ବନ୍ଦ ଆଖିରେ ହେଉ ପଛେ,
କିଛି ବିଗତ କିଛି ଆଗତର ମୋହ
ଦିଏ, ଶୂନ୍ୟତାରେ ପୂର୍ଣ୍ଣତାର ଅନୁଭବ
ଦୂର ଦିଗବଳୟେ ଲଜ୍ଜାତାର୍ ସମ ॥୪।
ଅପେକ୍ଷା, ସେଇ ସମୟକୁ
ଇନ୍ଦ୍ରଧନୁର ଇଙ୍ଗିତକୁ
ନୂତନ ସ୍ୱପ୍ନେ ସୁନେଲି କିରଣ ନେଇ
ଆଞ୍ଜୁଳାଏ ତତଲ୍ ଲୁହ ଝରାଇ, ତତଲ୍ ଲୁହ ଝରାଇ...!!!

ଶିକ୍ଷୟିତ୍ରୀ, ନୟାଗଡ

# ମୁଉଁ ତ ଯାଇଛି ମରି



ଜୟନ୍ତ କୁମାର ମଲ୍ଲିକ୍

ଠକଦେଇ ପ୍ରିୟା କେମିତି ରହିଛ
ମୁଉଁ ତ ପାରୁନ ରହି
ମୋ ଅନ୍ତର କଥା ଗୋପନ ରଖିଛି
କେମିତି ପାରିବି କହି ?
ଅଛି ସେଇ ନଦୀ , ଅଛି ସେଇ ବନ
ଅଛି ସେ ପାହାଡୀ ଲତା
ତମ ସାଥେ ମତେ ନଦେଖି ଆଉ କେ
କହୁନ ଭଲକ କଥା ।
ଗୋଲ୍ପ ବନରେ ଆଗଭଳ ଆଉ
ଉଡୁନ ପରଜାପତି
ସଞ୍ଜବେଳେ ଆଉ ମଙ୍ଗଳ ମନାସି
କଏ ବା ଜାଳବ ବତି ?
ହାତଗଣ୍ଠି ତୁମ ପଡ଼ିଗଲା ପରେ
ମୁଉଁ ତ ଯାଇଛି ମରି
ଈଶ୍ୱର କରନ୍ତୁ ଥାଆ ତୁମେ ପ୍ରିୟା
ସୁଖରେ ସଂସାର କରି ।

ଶୂରଡିହ, ନନ୍ଦିପୁର,ଯାଜପୁର

# ଅରଣ୍ୟର ଦୁଃଖ



ଖଗେଶ୍ୱର ବାଗ

ନିତି ଭୁଲୁ କାହିଁ ତୋ'ର ଅତୀତ ଘଟଣା
ସୃଷ୍ଟି ପ୍ରାରମ୍ଭର କଥା ଅଛି କି ଅଜଣା
ନଗ୍ନେ ବୁଲୁଥିଲୁ ପାଇ ଅଶେଷ ଯନ୍ତ୍ରଣା
ଆଶ୍ରୟ ଆହାର ଦେଇ ହରିଲି ବେଦନା।।

ଜୀବଶ୍ରେଷ୍ଠ ବୋଲି ଏଇ ଗଭୀର ଅନ୍ତରେ
ପ୍ରୀତି ଭାବ ଜାତ ହେଲା ତୋହରି ସଙ୍ଗରେ
ବୁକୁ ଚିରି ନାନା ଦ୍ରବ୍ୟ ଦେଲି ତୋ ପୟରେ
ଖାଦ୍ୟ ବସ୍ତ୍ର ବାସଗୃହ ଯାହା ଦରକାରେ।।

ବୃକ୍ଷ ହିଁ ଜୀବନ ଅଟେ ଦିଏଁ ଅମ୍ଳଜାନ
ଶ୍ରାବଣେ ନୀର ମୁଁ କରେ ନୀରଦୁ ହରଣ
ଫଳମୂଳ କାଠାଶ୍ରୟେ ଗୃହୋପକରଣ
ତୋ'ର ହିତେ ବିତେ ମୋର ଏ ସାରା ଜୀବନ।।

ଜ୍ଞାନୋଦୟ ହେଲା ତୋ'ର କାଳର ସ୍ରୋତରେ
ସହର ନଗର ପ୍ରତିଷ୍ଠା ପ୍ରଗତି ପଥରେ
କଳକାରଖାନା ପୁଣି ବସାଇଲୁ ଧୀରେ
ଅଙ୍ଗପ୍ରତ୍ୟଙ୍ଗ ମୋହର ଛେଦି ହରଷରେ।।

କେବେ ପୁଣି ବାଲ୍ୟକାଳୁ ହତ୍ୟା କଲୁ ମୋତେ
ବଞ୍ଚିବାର ଅଧିକାର ଭାଗ୍ୟେ ନାହିଁ ସତେ
ବନେ ଲଗାଇଣ ନିଆଁ କହିବୁଲୁ କେତେ
ମାଙ୍କଡ ବିବାହ ହେଉଛି ଦେଖ ହେ ବନସ୍ତେ।।

ତଥାପି ମାନସେ ଲେଶ ଖେଦ ନାହିଁ ମୋର
ଦୁଃଖ ଲାଗେ ଖାଲି ଦେଖି ଅଜ୍ଞାନତା ତୋ'ର
ମରୁଡି ଦୁର୍ଭିକ୍ଷକୁ କାହିଁ ନିୟନ୍ତ୍ରଣ ଛାର
ତୋ ରକ୍ଷା ପାଇଁ ନଥିବ ଅସ୍ତିତ୍ୱ ମୋହର।।

ନବାରଣ୍ୟ ସୃଷ୍ଟି କରିଗଲେ ସିନା ହେବ
ସର୍ବେ ଏକ ଏକ ବୃକ୍ଷ ରୋପଣ କରିବ
ଶ୍ୟାମଳେ ଧରଣୀ ରାଣୀ ହାସ୍ୟ ପ୍ରକାଶିବ
ତେବେ ସିନା ମୋର ଦୁଃଖ ଅପସରି ଯିବ।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

# ଅଣୁଗଳ୍ପ- ବୋଉ



ଛବି ରାଣୀ ପତି

ବୋଉ ଲୋ, ମୋର ସ୍ନେହଁ ନେବୁ । ବାପାଙ୍କୁ ଆଉ ଭାଇ ଭାଉଜଙ୍କୁ ମୋର ଭୂମିଷ୍ଠ ଜଣେଇଦେବୁ । ଆଶାକରେ ପ୍ରଭୁଙ୍କ କୃପାରୁ ତୁମେମାନେ ସମସ୍ତେ ଭଲରେ ଥିବ । ମୁଁ ବି' ଏକପ୍ରକାର ଅଛି ଲୋ ବୋଉ !!

ମୋ' ସତ୍ତ ଅନିଚ୍ଛାସତ୍ୱେ ତୁମମାନଙ୍କ ଦ୍ୱାରା ବାଧ୍ୟବାଧକତାରେ କରିଥିବା ଏହି ନର୍ସିଂ .... ଆଜିର ଏହି ବିଷମ ପରିସ୍ଥିତିରେ ଯେ' କିଛି ଲୋକଙ୍କ ପାଇଁ ବରଦାନ ପାଲଟିଯିବ ଏ' କଥା ସେଦିନର ମୋ' ଆନ୍ଦୋଳିତ ମନକୁ ଆଜି ବେଶ ଶାନ୍ତି ଦେଉଛି । ମୋ' ସ୍ୱପ୍ନର ତାଜମହଲ କେବେଠୁ ଧୂଳିସାତ ହୋଇଯାଇଛି ସତ !! ମାତ୍ର ,,, ସମାଜପ୍ରତି ମୋର କର୍ତ୍ତବ୍ୟବୋଧ ମୁଁ ୟା ଭିତରେ ବେଶ୍ ଉପଲବ୍ଧି କଲି । ତୁମ ମାନଙ୍କର ନିଷ୍ପତ୍ତି ଉପରେ ତିଳେ ହେଲେବି ନାଁ ଆଉ ଅଛି ଅବଶୋଷ ନାଁ ଆତ୍ମଗ୍ଲାନି । ଏ' ବିଶ୍ୱ ମହାମାରୀ covid – 19 (କରୋନା) ବିରୁଦ୍ଧରେ ରାମଚନ୍ଦ୍ରଙ୍କ ସେତୁବନ୍ଧରେ ଗୋଟେ ଛୋଟ ଗୁଣ୍ଡୁଚିମୂଷା ପରି ନିହତ୍ତା କରୋନା ଯୋଦ୍ଧା ହୋଇ ଏହି ରୋଗରେ ସଂକ୍ରମିତ ଓ ଉତ୍ପିଡିତ କେତେ ବାପା ମାଆ ଭାଇ ଭଉଣୀଙ୍କ ପାଇଁ ମୁଁ ଗୋଟେ କ୍ଷୀଣ ଆଶାର ଆଲୋକ ସାଜିପାରିଲି .... ଏହା ମୋ' ପାଇଁ ଖୁବ୍ ଗୌରବର କଥା ହେଲା , ଯାହା ମୋତେ ଦେଇଛି ଖୁବ୍ ଆନନ୍ଦ ଓ ଅପୂର୍ବ ଆତ୍ମସନ୍ତୁଷ୍ଟି ଲୋ, ବୋଉ ।

ସତ କହୁଛି ଲୋ ବୋଉ,, ମୁଁ ମୋ ଦାୟିତ୍ୱରେ କେବେବି ଅବହେଳା କରିନାହିଁ।ତୋର ଦେଖେଇଥିବା ବାଟ ଆଉ ଶିଖେଇଥିବା ସଂସ୍କାରକୁ ପାଥେୟ କରି ରୋଗକୁ ଘୃଣା କରିଛି ରୋଗୀକୁ ନୁହେଁ । ତୋର ଉପଦେଶ ମାନି ଓ ଆଦର୍ଶକୁ ମନେପକାଇ ସମସ୍ତଙ୍କୁ ମୁଁ ମୋ' ନିଜ ପରିବାରର ମନେକରି ଆଜିଯାଏଁ ସେବା ଯୋଗେଇଦେଇଛି ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ

କରିଦେଇ । ଘରକୁ ଯିବା ତ' ଦୂରର କଥା !! ଏତେଦିନ ଧରି ଟିକେ ଫୋନ୍ କରିବାକୁ ସେଇଥିପାଇଁ ପରା ବେଳ ହେଉନଥିଲା ଲୋ ବୋଉ ! ତୁ କେତେ ମନସ୍ତାପରେ ଥିବୁ ମୁଁ ଜାଣେ । ହେଲେ କଣ କରିବି କହିଲୁ ,,, ଏ' ବ୍ୟସ୍ତତା ଭିତରେ ଖାଇବାକୁ ପିଇବାକୁ ବି ମନେପଡୁନଥିଲା ପରାଲୋ । କେତେବେଳେ ରାତିରୁ ଦିନ ଆଉ ଦିନରୁ ରାତି ହେଇଯାଇଥିଲା କିଛି ଖବର ନ'ଥିଲା । ଆଜି କିନ୍ତୁ ତୋ' କଥା, ତୋ' ସ୍ନେହର କୋଳ ଆଉ ସେହି ମମତାର ପଣତ ଭାରି ମନେପଡୁଛି ଲୋ ବୋଉ । ମୁଁ ଜାଣେ, ତୁ ଶୁଣିଲେ ଧର୍ଯ୍ୟ ଧରି ରହିପାରିବୁନି ।ହେଲେ ତୋତେ ରହିବାକୁ ପଡ଼ିବଲୋ ବୋଉ ! ତୋତେ ତୋ ଗୁଗୁଲି ର ରାଣ । ତୁ ମୋଟୁରୁ କାନ୍ଦିବୁନି ବରଂ ଅଧର୍ଯ୍ୟ ବାପାଙ୍କ ସାହାସ ଓ ବଳ ସାଜିବୁ । ମୁଁ ଜାଣେ, ମୋ' ବୋଉ କୋଟିକରେ ଗୋଟିଏ । ତୁ ଚାହିଁଲେ ସବୁ ପାରିବୁ ଆଉ ସମସ୍ତଙ୍କୁ ସମ୍ଭାଳି ନେବୁ । ଆମ ଘରର ମେରୁଦଣ୍ଡ ପରା ଲୋ ତୁ ।ତେଣୁ ନିଜର ଭଲସେ ଯତ୍ନ ନେଉଥିବୁ । ଠିକ୍ ଟାଇମ୍ ରେ ଖିଆପିଆ କରି ଡାକ୍ତରଙ୍କ ପରାମର୍ଶରେ ବ୍ଲଡ୍ ପ୍ରେଶର ପାଇଁ ମେଡିସିନ ନେଉଥିବୁ । ବାପାଙ୍କ ସୁଗାରକୁ ବି ବଢ଼ିବାକୁ ଦେବୁନି, ଆଉ ମାସ୍କ - ସାନିଟାଇଯାର ପାଇଁ ତାଙ୍କୁ ଗୋଡ଼େଗୋଡେ ଜଗିଥିବୁ । ବାହାରକୁ ଏ' ସମୟରେ କୁଆଡେବି ଛାଡ଼ିବୁନାହିଁ । ଘରେ ବସିବସି ତୋ' ଉପରେ ସେ ଯେତେ ରାଗିଲେ କି ଗରଗର ହେଲେବି ତୁ ନୀରବ ରହିଯିବୁ ଛାତିକୁ ପଥର କରି ।ବୟସ ତ' ଖାଲି ତୋର ନୁହେଁ ! ତଙ୍କରବି ହୋଇଗଲାଣି । ତେଣୁ ତାଙ୍କ ସ୍ୱଭାବରେ ଏ ପରିବର୍ତ୍ତନ ଏକ ସ୍ୱାଭାବିକ କଥା ବୋଲି ମନେରଖିବୁ । ଭାଇ ଭାଉଜଙ୍କ ଉପରେ ମୁରବିପଣିଆ ଜାହିର କରିବୁ ନିଶ୍ଚିନ୍ତ, ହେଲେ ଟିକେ ସ୍ନେହରେ । ମୋତେ ଜନ୍ମ ଦେଇ ଛୋଟରୁ ବଡ କରି ନିଜ ଗୋଡ଼ରେ ଛିଡ଼ାକରି ତୁ କନ୍ୟାଦାନ ର ଶେଷ ପୁଣ୍ୟ କରିବାକୁ କେତେ ସ୍ୱପ୍ନ ଦେଖିଥିବୁ ସତେ !! ହେଲେ ମନଊଣା କରିବୁନି ଲୋ ବୋଉ । ଯଦି ମୁଁ ମଣିଷ ଜନ୍ମ ପାଇ ପୁଣି ଫେରିଆସେ ନାଁ,, ତେବେ ଆସିବି ତୋରି କୋଳକୁ ଜନ୍ମଜନ୍ମ ପାଇଁ । ମୁଁ ଜାଣିନି ମୁଁ ଆଉ ତୋତେ ଦେଖିପାରିବି କି ନାହିଁ । କାରଣ, ମୁଁ ଏବେ i . C .U .ରେ । କଥା ଆଉ କରିପାରୁନାହିଁ ବୋଲି ପତ୍ର ଲେଖି ଜଣେଇଲି । ଅପେକ୍ଷାରେ ରହିଲି ତୋର ସେହି ସ୍ନେହଁ ବୋଳା କୋଳକୁ।

ଇତି, ତୋ ' କୋଡପୋଛା ଗୁଗୁଲି ।।

ମଧୁ ଶାସନ
ବିରିଡ଼ି,ଜଗତସିଂହପୁର

# ପଦ୍ମ



ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

ରେ ପଦ୍ମ

ପଙ୍କରୁ ଯାତ ଲୋ ତୁହି

କିପରି ଗଢିଛି ତୋତେରେ ବିହି ?

ରୂପ ଲାବଣ୍ୟରେ ଭରା ତୋ ତନୁ

ଦେଖି ତୋତେ ପାଶୋରି ହୁଏନି ମନୁ

ସରସିରେ ଫୁଟି ବଢାଉ ତା ଶୋଭା

ତୋ ଚେହେରା ସତେ କେଡେ ମନଲୋଭା

ତୋ ମୁଖକୁ ଦେଖି ଭାନୁ ହୁଅନ୍ତି ଖୁସି

ଗଗନେ ଥାଇ ସେ ମୁରୁକି ଦିଅନ୍ତି ହସି

ମଉନେ ବସିଥାଉ ସରସିରେ ତୁହି

ତୋ ମନକୁ ବୁଝି ସୂର୍ଯ୍ୟ କିରଣ ଦିଅନ୍ତି ଢାଳି

ସେହି କିରଣ ଟିକକ ପାଇବା ପାଇଁ

ଚାତକ ଭଳି ତୁ ରହିଥାଉ ଚାହିଁ

ମଠସାହି, ତୁଳସିପୁର

# କହିବି କାହାକୁ



ଝରଣା ବାରିକ

ପିଲା ଦିନର ସାଙ୍ଗଟିଏ ମୋର
ଦେଖା ହେଇଥିଲା ହାଟରେ
ବହୁତ ପ୍ରକାରେ କଥା ସେକହିଲା
ଆସୁ ଆସୁ ପୁଣି ବାଟରେ।

କହିଲି ସାଙ୍ଗରେ କରିଛି ମୁଁ ପରା
ମୋ ଇଛାରେ ଲାଭ ମାରେଜ,
ନିତି ଆରାମରେ ଦିନ ମୋ ଯାଉଛି
କରୁଛି ସେ ସବୁ ମାନେଜ।

ଯୁଆଡୁ ଆସିଲେ ଚାହିଁ ସେ ହସୁଛି
ଦୁଃଖ ମୋର ଚାଲି ଯାଉଛି,
ଖଟରେ ଶୋଇଲେ ଗୋଡ଼ ମୋଡି ଦେଇ
ଗାଲେ  କେତେ ଚୁମା ଦେଉଛି।

ବିନା ଯୌତୁକ ରେ ବାହା ହେବା ଫଳ
ସତରେ ମୁଁ ଆଜି ପାଇଛି,
ଜାଣି ଶୁଣି ପରା ଗରିବ ର ଘରୁ
ଝିଅ ଟିଏ ମୁହିଁ ଆଣିଛି।

କଥା ମୋର ଶୁଣି ସାଙ୍ଗ ମୋ କହିଲା
ମୁଁ ନୋକସାନ ମାରେଜ କରିଛି
ଯୁଆଡ଼େ ଆସିଲେ ମୁହଁ କୁ ଫୁଲେଇ
ଗର ଗର ଖାଲି ହେଉଛି।

ମୋର କିବା ସେବା କରିବ ବା ସିଏ
ତା ଗୋଡ଼ ଘସି ଦିନ ଯାଉଛି,
ରନ୍ଧା ବଢ଼ା କରି ଦିନ ମୋ ଯାଉଛି
ପାର୍ଲର ରେ ତା ଦିନ କଟୁଛି।

ଚାରିଲକ୍ଷ ସାଙ୍ଗେ ଚାରି ଚକିଆଟେ
(ତା)ବୋପା ପରା ମତେ ଦେଇଛି
ଦିନରାତି ଖାଲି ରୁମାଲଟେ ଧରି
ଲୁହ ପୋଛି ଦିନ ଯାଉଛି।

କହିବି କାହାକୁ ଶୁଣିବ ବା କିଏ
ମୁଁ ::ଯୋଉ ଦଶା ଭୋଗୁଛି,
ମୁଁ ନୁହେଁ ପସନ୍ଦ ମତେ ସେ ଲୁଚେଇ
ତା ବଏ friend ସାଙ୍ଗେ ଗପୁଛି।

ସମଲ, ତାଳଚେର, ଅନୁଗୋଳ

# କୁର୍‌ଲ ପଞ୍ଚମୀ

କୁମର ଲ୍‌ଲ ରଣା

ବିଜେ ହୋଇଛନ୍ତ କାଳଆ ଠାକୁର
କୁର୍‌ଲ ପୂଜା ମଣ୍ଡପେ ।
କୁମ୍ଭାର କୁଳର ଉଦ୍ଭବ ଠାକୁର
ନରଞ୍ଜନ ବେଶ ରୂପେ ।

ସଙ୍ଗେ ଛନ୍ତ ଦେବ ଦେବ ରୁଦ୍ରପାଳ
ପୁଣି ମା ରତନେସ୍ୱରୀ
କୁମ୍ଭାର କୁଳର ମୂଳ ବୋଲି ଜାଣି
ମୂରତି କାୟା ବିସ୍ତାରି ।

ବିଷ୍ଣୁଙ୍କ ଔରସୁ ରୁଦ୍ର ପାଳ ଜନ୍ମ
ବ୍ରହ୍ମା କୋଲୁ ରତନେସ୍ୱରୀ ।
ଦୁହିଁଙ୍କ ପ୍ରକାଶ ଶରୀର ମିଳନେ
କୁମ୍ଭାର କୁଳକୁ ଭରି ।

ବିଷ୍ଣୁ ଦେଲେ ହାତେ କୁମ୍ଭାରକୁ ଅର୍ପି
ସୁଷେଣ ଚକ୍ରକୁ ଛୁଇଁ ।
ସେ ଚକ୍ରେ ଗଢିଲ୍ ଦେବ ରୁଦ୍ରପାଳ
ଧନ୍ୟ ଲଭେ କୁଳ ଭୂଇଁ ।

ଗଢ଼ି ଗଢ଼ି କୁମ୍ଭ  ଜଗତ କଲ୍ୟାଣେ
ଜୀବର  ଆହାର ପାଇଁ ।
ରୁଦ୍ରପାଳ ଦେବ ବିଖ୍ୟାତ ଲଭିଲ୍
କୁମ୍ଭକାର ନାମ ବହି ।

ସେ ପୂଜା ଆମର  କୁଳର ଗରବ
ଗଉଛି ପତାକା ଗୀତି ।
ଏଇ ଆମ ଅଟେ ପୁରୁଣା ପରବ
ପାଳୁଛୁ ପୂଜାର ରୀତି ।

ମାର୍ଗଶିର ମାସ ସୁକଲ ପଞ୍ଚମୀ
ସେ ଦିନ କୁର୍‌ଲ ପୂଜା ।
ଜୟ ଜୟ ଲଭେ କୁର୍‌ଲ ମାଟିର
ପୁଣ୍ୟରେ ଭଜୁଛି  ଧ୍ୱଜା ।

ମହୁଆ ଭଟା, ନୂଆପଡା, ଓଡିଶା

# ବିଭାଜନ କାଳୀନ ପଞ୍ଜାବରେ ଦୁଃଖଦିନ ସବୁ

ପ୍ରିୟବ୍ରତ ପାତ୍ର

ଅମୃତସର ର ନାଲିଇଟାର ସୁଦୃଶ୍ୟ ରେଳ ଷ୍ଟେସନରେ ସେଦିନ ନାହିଁ ନଥିବା ଭିଡ । ପାକିସ୍ଥାନରୁ ଆସିଥିବା ଶିଖ ଓ ହିନ୍ଦୁଙ୍କୁ ନେଇ ଷ୍ଟେସନରେ ରେ ସୋରିଷ ପକାଇବାକୁ ଜାଗା ନଥାଏ । ପ୍ରତ୍ୟେକ ଲୋକ ନିଜ ନିଜ ବନ୍ଧୁବାନ୍ଧବନ ଅବସ୍ଥା ଜାଣିବା ପାଇଁ ଧାଁ ଧପଡ କରୁଥାନ୍ତି । ଉପରବେଳା ଦଶ ନମ୍ବର ଡାଉନ୍ ଟ୍ରେନ୍ ଆସିଗଲା ଲାହୋରରୁ ଅମୃତସର । ଷ୍ଟେସନ୍ ମାଷ୍ଟର ଯାହା ଆଶଙ୍କା କରୁଥିଲେ, ତାହା ହିଁ ଘଟିଥିଲା । ତୃତୀୟ ଓ ଚତୁର୍ଥ ଶ୍ରେଣୀ ବଗି ଗୁଡିକରେ କୁଢ କୁଢ ମୃତ ଦେହ, ଇତସ୍ତତଃ ହୋଇ ପଡିଥିବା ଜିନିଷପତ୍ର ଉପରେ କିଛି ଭୟଭୀତ ଶିଶୁ, ସଦ୍ୟ କଟା ହାତଗୋଡ, ମୁଣ୍ଡ ସାଙ୍ଗକୁ ବଗି ସାରା ରକ୍ତର ବନ୍ୟା ଦେଖି ଯେ କୌଣସି ଲୋକ ସ୍ତବ୍ଧ ହୋଇଯିବ । କିଛି ଶିଶୁଙ୍କର କାନ୍ଦିବା ପାଇଁ ବଳ ନଥିଲା, କିଏ ପୁଣି ମୃତ ମା ର ପେଟ ଉପରେ ଶୋଇ ପଡିଥିଲା । ସଦ୍ୟ ଜଳି ଯାଇଥିବା ଦେହକୁ କିଏ ଚାହିଁ ଚାହିଁ ଧକେଇ ହୋଇ କାନ୍ଦୁଥିଲା । ଆଶ୍ଚର୍ଯ୍ୟ କଥା ସଂରକ୍ଷିତ ବଗିରୁ ଜଣେ ମଧ୍ୟ ଓହ୍ଲେଇଲେ ନାହିଁ । ଗୋଟିଏ ପରେ ଗୋଟିଏ ଡବା ଦେଖିବା ପରେ ଜଣାପଡିଲା ଜଣେ ମଧ୍ୟ ଓହ୍ଲେଇବା ପାଇଁ ନାହିଁ, ସମସ୍ତେ ମୃତ ଥିଲେ । ବଗି ପରେ ବଗି ଷ୍ଟେସନ୍ ମାଷ୍ଟର ଶବ ସବୁକୁ ଅତିକ୍ରମ କରି ଗଲାବେଳେ କୌଣସି ଜାଗାରୁ ଅସଷ୍ଟ ଶବ୍ଦଟିଏ ଶୁଣିଲେ । ଲଣ୍ଠନ ଟେକି ଧରି ଷ୍ଟେସନ୍ ମାଷ୍ଟର ପାଟିକଲେ, "ତୁମେ ଅମୃତସର ପହଞ୍ଚି ସାରିଛ, ଏଠାରେ ଶିଖ ଓ ହିନ୍ଦୁମାନେ ବାହାରେ ଅଛନ୍ତି ।"ଖଣ୍ଡିତ ମଣିଷଟିକୁ ବାହାରକୁ ଟାଣି ଟାଣି ବାହାର କଲା ପରେ ଜଣାଗଲା ସେ ହେଉଛନ୍ତି ଜଣେ ମୁସଲିମ୍ । କ୍ରୁଦ୍ଧ ଜନତା ଭିତରୁ ଝଲସି ଉଠିଲା ଗୋଟିଏ ତରବାରୀ ଓ ସମସ୍ତଙ୍କୁ ସ୍ତବ୍ଧ କରିଦେଇ ସ୍କନ୍ଧଚ୍ୟୁତ ମସ୍ତକଟି ଷ୍ଟେସନ୍ ରେ ଲୋଟିପଡିଲା । ସେହି ଟ୍ରେନର ଶେଷ ବଗିରେ ଲେଖାଥିଲା -"ସ୍ୱାଧୀନତା ଦିବସ ଉପଲକ୍ଷେ ନେହେରୁ ଓ ପଟେଲଙ୍କୁ ଆମ ତରଫରୁ ଉପହାର ।" ଏହି ଘଟଣାଟି ସାରା ଅମୃତସରରେ ନିଆଁ ଲଗେଇ ଦେଲା । ଅମୃତସରରୁ ମଧ୍ୟ ମୁସଲିମ୍ ମୁର୍ଦ୍ଦାରରେ ଭରପୁର ଅନୁରୂପ ଭେଟିମାନ ପାକିସ୍ଥାନ ଅଭିମୁଖେ ଚାଲିଲା ।

ସ୍ୱାଧୀନତା ପରେ ପରେ ଆରମ୍ଭ ହୋଇଗଲା ପୃଥିବୀ ଇତିହାସର ବୃହତ୍ତମ ଜନ ସଞ୍ଚାଳନ ବା human migration । ବିବଶ ହିନ୍ଦୁ ଓ ଶିଖ୍ ମାନେ ନେହୁରା ହେଲେ ଭାରତ ଆସିବା ପାଇଁ, କିନ୍ତୁ ସେମାନଙ୍କ ଆବେଦନ ଖାରଜ କରି ଦିଆଗଲା ଓ ସମସ୍ତଙ୍କୁ ମାରି ଦିଆଗଲା । ପାକିସ୍ଥାନର ପ୍ରାଚୀନ ସହର ଓ ଗ୍ରାମ ଗୁଡିକରେ କେବେ ଠାରୁ ପଡୋଶୀ ହୋଇ ରହୁଥିବା ମୁସଲିମ୍ ମାନେ ରକ୍ତମୁଖା ହୋଇ ହିନ୍ଦୁ ଓ ଶିଖ୍ ମାନଙ୍କୁ ଯିବା ପାଇଁ ମଧ୍ୟ ଦେଲେନାହିଁ । ସେମାନଙ୍କ ସଂପତ୍ତି ଲୁଟି ନେବା ପାଇଁ ହତ୍ୟା କେବଳ ଏକ ମାଧ୍ୟମ ଥିଲା । ମୁସଲିମ୍ ଲିଗ୍ ମାଇକ୍ ଲଗେଇ ରାସ୍ତା ଘାଟରେ ଘୋଷଣା କରୁଥିଲେ, "ଶୋଷଣକାରୀ ଶିଖ ଓ ହିନ୍ଦୁ କାଫେରମାନଙ୍କୁ ହତ୍ୟା କର । ଏପଟେ ଶିଖ ଓ ହିନ୍ଦୁ ଚରମପନ୍ଥୀ ମାନେ ବାଛି ବାଛି ମୁସଲମ୍ ମାନଙ୍କୁ ଆଣି ମାରୁଥିଲେ, ସତେ ଯେମିତି ସହରରେ ମୂଷାମରା ପର୍ବ ଚାଲିଛି । ପାଗଳ ବ୍ୟବସାୟୀ ମାନେ ବଜାରରେ ଗୁଣ୍ଡା ଓ ଲୁଟେରାମାନଙ୍କୁ ସବୁକିଛି ସଂପତ୍ତି ବିନିମୟରେ ସୀମାନ୍ତ ଆରପଟକୁ ଛାଡିଦେବା ପାଇଁ ନେହୁରା ହେଉଥିଲେ । ଅମୃତସର ବା ଲାହୋରରୁ ସୀମାନ୍ତକୁ ମାତ୍ର ପଚିଶି କିଲୋମିଟର ଜିପ୍ ରେ ସୁରକ୍ଷିତ ଭାବେ ଛାଡି ଦେବାପାଇଁ ଜୀବନ ତମାମର ସଞ୍ଚିତ ସମ୍ପତ୍ତି ଦେବାକୁ କୁଣ୍ଠା କରୁନଥିଲେ । ପଞ୍ଜାବର ସବୁ ସହରମାନଙ୍କରେ ଭଙ୍ଗା ଘରୁ, ପୋଡା ଘରୁ ପଚାଶଢା ଶବର ଗନ୍ଧରେ ନାକ ଫାଟି ଯାଉଥିଲା । ସହର ଗୁଡିକରେ ନୀଳ ଆକାଶରେ ପୃଥିବୀ ଯାକର ଶାଗୁଣାମାନେ ଖାଲି ଚକ୍କର କାଟୁଥିଲେ, ସତେ ଅବା ମୃତ୍ୟୁଦୂତ ମାନେ ପଇଁତରା ମାରୁଥିଲେ । ପେଶୱାରରେ କୌଣସି ଏକ ସରକାରୀ ଗୋଦାମ ଘରେ ଶେଷ ଆଶ୍ରା ନେଉଥିବା ହିନ୍ଦୁ ଓ ଶିଖ୍ ଙ୍କୁ ପାକିସ୍ଥାନର ନବଗଠିତ ପୋଲିସ ବାହିନୀ ମେସିନଗନରେ ମାରିଦେଲେ, ଜଣେ ମଧ୍ୟ ବଞ୍ଚିଲେନି ସଭ୍ୟ ସମାଜକୁ ସାକ୍ଷୀ ଦେବାକୁ । ଏଭଳି ବର୍ବରତାକୁ ଦେଖି Newyork Times ଲେଖିଥିଲା-"ବିଷାକ୍ତ ଗ୍ୟାସ, ଇଲେକଟ୍ରି କରେଣ୍ଟ, ବା ବିଷମିଶା ଖାଦ୍ୟପାଣି ଦେଇ, ନିର୍ଯ୍ୟାତନା ଶିବିରରେ, ଗୁଳିବିଦ୍ଧ କରି ବା ଅନାହାରରେ ରଖି ମଣିଷ ମାରିବାର ଖବର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଦେଖିବାକୁ ମିଳିଥିଲା । କିନ୍ତୁ ଠେଙ୍ଗା ବାଡିରେ, ପଥର ମାରି, ଖଣ୍ଡାରେ ହାଣି, ଜୀବନ୍ତ ଦଗ୍ଧ କରି, ତଣ୍ଟିଚିପି ମାରିବାର ଦୃଶ୍ୟ ତା ଠାରୁ ମଧ୍ୟ ବର୍ବରତର ଯାହାକି ବିଭାଜନ ସମୟରେ ପଞ୍ଜାବରେ ଦେଖାଦେଇଛି ।" କରାଚୀରେ ଗୋଟିଏ ବିରାଟ ହିନ୍ଦୁ ଶିଖ ଗୋଷ୍ଠୀଙ୍କୁ ବନ୍ଧୁକ ମୁନରେ ଜବରଦସ୍ତ ପାଣିରେ ବୁଡାଇ, ମୌଲବୀଙ୍କ ଦ୍ୱାରା କୋରାନ ପାଠ କରାଇବା ପରେ ସମସ୍ତଙ୍କୁ ମୁସଲିମ୍ ଧର୍ମରେ ଦୀକ୍ଷିତ କରାଗଲା । ଯିଏ ବିରୋଧ କଲା, ସେଇ ମୂହୁର୍ତ୍ତରେ ତାଙ୍କୁ ହତ୍ୟା କରାଗଲା । ବଞ୍ଚିଥିବା ଧର୍ମାନ୍ତରିତ ମାନଙ୍କୁ ଗୋ ମାଂସ

ଖାଇବାକୁ ବାଧ୍ୟ କରାଗଲା ଓ ନୂଆ ମୁସଲିମ୍ ନାମରେ ଦୀକ୍ଷିତ କରାଗଲା। ଧର୍ମ ଦ୍ରୋହୀ ମାନେ ଧର୍ମ ନାମରେ ଏପରି କରି କେବଳ ଲୁଗାପଟା ଓ ସମ୍ପତ୍ତି ମାରିନେବାର ଯୋଜନାରେ ଥିଲେ। ସାହୁକାର ତଥା କରଜଦାତା ମାନଙ୍କୁ  ଚାଷୀ ଓ କରଜକାରି ମାନେ ପ୍ରାଣରେ ମାରି ନିଜର ବନ୍ଧକ ସୁନା ଓ କାଗଜପତ୍ର ନେଇଗଲେ। କିଛି ଶିଖ ଅଧ୍ୟୁଷିତ ଗ୍ରାମରେ ମୁସଲିମ୍ ଦୌରାତ୍ମ୍ୟରୁ ନିଜ ସ୍ତ୍ରୀ ଓ ପିଲାଙ୍କୁ ଇଜ୍ଜତର ସହ ବଞ୍ଚାଇବା ପାଇଁ ନିଜେ କିରୋସିନି ଢାଳି ହୋଇ ଆତ୍ମାହୁତି ଦେଲେ। ପାଶ୍ଚାତ ଧାବନ କରୁଥିବା ଜହ୍ଲାଦଙ୍କଠାରୁ ନିସ୍ତାର ପାଇଁ କେତେ ମହିଳା ଜଳନ୍ତା ନିଆଁ ଉପରେ ପଡିଯାଉଥିଲେ। ଗୁରୁଦାସପୁରରେ କିଛି ଅସହାୟ ମୁସଲିମ୍ ଙ୍କୁ କୁକୁର ଲଗେଇ  ହତ୍ୟା କରାଗଲା। କେତେଶହ ମୁସଲିମ୍ ଲୋକଙ୍କୁ ପଳାୟନରେ ସାହାଯ୍ୟ କରିବେ ବୋଲି କହି ଗୁର୍ଖା ପୋଲିସ୍ ରେ ପୂର୍ଣ୍ଣ ଟ୍ରକ କେତୋଟି ସେମାନଙ୍କୁ କୁଆଡେ ନେଇଗଲେ ତାର ପତ୍ତା ମିଳିନା ନାହିଁ।

ଏ ଭୀଷଣ ନର ସଂହାର ଭିତରେ କିଛି କିଛି ଦୟା ଓ କ୍ଷମାର ମଧ୍ୟ ଖବର ଶୁଣିବାକୁ ମିଳୁଥିଲା। ଲାହୋର ନିକଟରେ ଏକ ଶିଖ ଗ୍ରାମ ରେ ରୁଣ୍ଡ ହୋଇଥିଲେ ପାଞ୍ଚ ଶହ ମହିଳା ଓ ଶିଶୁ। ପୁରୁଷମାନେ ନିଷ୍ପତ୍ତି ନେଲେ ବିଧର୍ମୀଙ୍କ ଦ୍ୱାରା ମରିବା ପୂର୍ବରୁ ଗୁରୁ ନାନକଙ୍କ ନାମ ନେଇ ସେମାନଙ୍କୁ ମାରି ଦିଆଯିବ। ସମସ୍ତଙ୍କୁ ଆଖିରେ ପଟି ବାନ୍ଧିଦେବା ପରେ ଟ୍ରିଗାର ଉପରେ ଆଙ୍ଗୁଠି ରଖି ଏକ, ଦୁଇ ଗଣିଛନ୍ତି ହଠାତ୍ ଦୂରରୁ ଗାଡିର ଶବ୍ଦ ଶୁଭିଲା। ସମସ୍ତେ ସନ୍ଦେହରେ ପଡିଲେ, ଯଦି ମୁସଲିମ୍ ଆକ୍ରମଣକାରୀଙ୍କ ଗାଡି ହୋଇଥିବ ତେବେ ଗୁଳି ଗୁଡିକ ନିଜ ସ୍ତ୍ରୀ ପିଲାଙ୍କୁ ମାରିବାରେ କାହିଁକି ଖର୍ଚ୍ଚ କରାହେବ? କିନ୍ତୁ ସେଥିରେ ଆସିଥିଲେ ଜଣେ ସହୃଦୟ ମୁସଲିମ୍ ପୋଲିସ ଅଫିସର। ସେ ସମସ୍ତଙ୍କୁ ନିର୍ଭୟତା ଦେଇ କୌଣସି ଏକ ନିର୍ଜନ ରାସ୍ତାରେ ସୀମା ପାର କରେଇଦେଲେ ସେହି ମୃତ୍ୟୁ ପାଇଁ ପ୍ରସ୍ତୁତ ଅସହାୟ ନରନରୀଙ୍କୁ। ସଚ୍ଚା ମୁସଲିମ୍ ରୂପରେ ଖୋଦ୍ ଗୁରୁ ନାନକ ବୋଲି ଗଦଗଦ ହୃଦୟରେ ପୁରୁଷ ଶିଖମାନେ ତାଙ୍କ ପାଦ ଚୁମ୍ବନ କରିଥିଲେ । ସେହି ମାନବିକତା କେବେ ଓ କେମିତି ଏପଟେ ବି ଦେଖାଯାଉଥିଲା। ପଡିଶା ଘର ମୁସଲିମ୍ ପିଲାଟିର ମୁଣ୍ଡାରେ ଜୁଡା ବାନ୍ଧି, ହାତରେ ବଳାଟିଏ ଲଗାଇ ଶିଖ ମା ଟିଏ ମୋପିଲା କହି ଅତି ସନ୍ତର୍ପଣରେ ବଞ୍ଚେଇ ରଖୁଥିଲା। ଅକସ୍ମାତ ଦୟାରେ ବଞ୍ଚି ଯାଇଥିବା ବିଧର୍ମୀମାନେ, ଅନ୍ୟ ଧର୍ମ ପ୍ରତି ଭବିଷ୍ୟତ ଜୀବନରେ କେତିକି କୃତଜ୍ଞ ହୋଇଥିବେ ତାହା ହିଁ ଇତିହାସରେ ପ୍ରଶ୍ନ?

ବିଶାଳ ବିଶାଳ ମଣିଷମାନଙ୍କ ର ଧାଡି ପଞ୍ଜାବର ଛାତି ଚିରି ଏପଟୁ ସେପଟକୁ ଓ ସେପଟୁ ଏପଟକୁ ମାଡି ଚାଲିଥିଲେ, ବିଶ୍ୱର ସବୁଠୁ ବୃହତ୍ତମ ମାନବ ସଂଚାଳନ। ବିପରୀତ ମୁଖୀ ଲକ୍ଷ ଲକ୍ଷ ଅସହାୟ ଜନତାଙ୍କ ଲମ୍ବା ଧାଡି ଦେଖିଲେ ମନେ ହେଉଥିଲା ଦୁର୍ଭାଗ୍ୟର ଅନନ୍ତ ଯାତ୍ରା ଯେମିତି ମାଡି ଚାଲିଛି ଆଗକୁ ଆଗକୁ। ରାବି, ଝେଲମ ଓ ବିଅସ୍ ନଦୀ କୂଳରେ ଏହି ଧାଡି ଗୁଡିକ ଅଟକି ଯାଉଥିଲା। ଲକ୍ଷ ଲକ୍ଷ ଲୋକଙ୍କୁ ଏପଟ ସେପଟ କରିବା ପାଇଁ ମାତ୍ର କେତୋଟି ଡଙ୍ଗା ବା ଫେରିର ବ୍ୟବସ୍ଥା। କିଛି ଲୋକ ନଦୀରେ ଅଳ୍ପ ପାଣିଥିବା ବେଳେ ଶଗଡ ଦ୍ୱାରା ପାର ହେଉ ହେଉ ଭାସିଗଲେ। ଡାଙ୍ଗାରେ ନିଜ ପାଳି ଆସିବା ପାଇଁ ଦୁଇ ଦିନ ତିନି ଦିନ ଲାଇ ଯାଉଥିଲା। ସେପ୍ଟେମ୍ବର ଶେଷ ବେଳକୁ ଶତାବ୍ଦୀର ସବୁଠୁ ଭୟଙ୍କର ବର୍ଷା ଆସିଗଲା। ପ୍ରଚଣ୍ଡ ବର୍ଷାରେ ତିନ୍ତି ତିନ୍ତି ଭୋକ ଉପାସରେ ଲକ୍ଷ ଲକ୍ଷ ଲୋକ ଧାଡି ବାନ୍ଧି ଅପେକ୍ଷା କରୁଥିଲେ, ଶିଶୁମାନେ ଭିଜି ଭିଜି ଜ୍ୱର, ନିମୋନିଆରେ ଆକ୍ରାନ୍ତ ହେଉଥିଲେ, କିଛି ମଲା ଶିଶୁଙ୍କୁ ମା ମାନେ ନୂଆ ମୂଲକ ପର୍ଯ୍ୟନ୍ତ ନେଇ କରି ଯିବେ ବୋଲି ଜିଦ୍ ଧରି ବସିଥିଲେ। ମୁଣ୍ଡ ଉପରେ ଘୋଡାଇ ଦେବା ପାଇଁ କନା ଖଣ୍ଡେ ନଥିଲା କି ଭୋକିଲା ପିଲା ପାଇଁ ଦାନା ଖଣ୍ଡେ ନଥିଲା। କୋଟରାଗତ ନୟନରେ, ବିଷର୍ଣ୍ଣ ବଦନରେ ନଇ ଆରପଟକୁ ଦେଖୁଥିବା ବର୍ଷାରେ ତିନ୍ତି ତିନ୍ତି କମ୍ପି ଉଠୁଥିବା ଲକ୍ଷ ଲକ୍ଷ ମଣିଷଙ୍କ ଦୁର୍ଦ୍ଦଶା ଦେଖି ପଥର ମଧ୍ୟ ପାଣି ହୋଇଯାଉଥିଲା। ଭଗବାନ ସେସବୁ ସହୁଥିଲେ କେମିତି? ଦଫା ଦଫା କରି ଲକ୍ଷ ଲକ୍ଷ ଲୋକ ଭାରତକୁ ଶରଣାର୍ଥୀ ହୋଇ ଆସୁଥିଲେ ଏବଂ ଶୀତ ଆରମ୍ଭବେଳକୁ ଶେଷ ଦଫା ପହଞ୍ଚି ସାରିଥିଲା। ଭାରତ ସରକାରଙ୍କ ଦ୍ୱାରା ବସା ଯାଇଥିବା କମିଶନର ରିପୋର୍ଟ ଅନୁଯାୟୀ G.D. Khosala ଙ୍କ ଗଣତି ମୁତାବକ ପ୍ରାୟ ଏକ କୋଟି ଦଶ ଲକ୍ଷ ଲୋକ ଶରଣାର୍ଥୀ ଭାବେ ଭାରତରେ ପହଞ୍ଚି ସାରିଥିଲେ। ଏ ସମସ୍ତେ ଅଭାଗାଙ୍କୁ ନେଇ ସମସ୍ତ ଦୁର୍ଭାଗ୍ୟର କାଳରାତ୍ରୀକୁ ପାସୋରି ଦେଇ ଭାରତ ଧିରେ ଧିରେ ପ୍ରସ୍ତୁତ ହେଉଥିଲା - ନିଜର ନବଜନ୍ମ ପାଇଁ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଶପଥ



ପ୍ରକାଶ ଚନ୍ଦ୍ର ପଣ୍ଡା

ଆସୁ ଯେତେ ଝଡ ଜୀବନେ
ଆମେ ଯିବାନି ଡରି
ଡରି ଯିବା ଲୋକ ଜୀବନେ
ନଷ୍ଟେ ଯିବରେ ହାରି,
ଦୁଃଖରେ ଅଧିର ନ ହେବା
ଆଜି କରିବା ପଣ
ଭଲ କାମ କରି ରଖିବା
ଦେଶ ଜାତିର ମାନ,
ଦୁଃଖୀ ରଙ୍କିଙ୍କର ଦୁଃଖକୁ
ଆମେ କରିବା ଦୂର
ପୋଛି ଦେବା ଆମେ ମନରୁ
କିଏ ଆପଣା ପର
ଆମ ପାଇଁ ସବୁ ସମାନ
ସଭିଏଁ ଭାଇ ଭାଇ
ପ୍ରଗତି ପଥରେ ସଭିଏଁ
ଆମେ ଯିବା ଆଗେ
ଭିନ୍ନତା ମଧ୍ୟରେ ଏକତା
ଆମ ଦେଶର ଟେକ
ତ୍ରିରଙ୍ଗା ଉଡାଇ ଗାଇବା
ଆମେ ସଭିଏଁ ଏକ
କି ଆବାଳ ବୃଦ୍ଧ ବନିତା
ସବୁ ଗାଇବା ମିଶି
ଦେଶ ମାତୃକାର ସେବାରେ
କାଟିବା ଦିବା ନିଶି
ସତେକି ମୋ ଦେଶ ମହାନ
ଦେଖୁ ସାରା ଜଗତ
ଭିନ୍ନତା ମଧ୍ୟରେ ଏକତା
ପାଇଁ ନେବା ଶପଥ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ତୁମ ଲାଗି



ରାଜକିଶୋର ସାଇଁ

ଜାତି ପିତା ହେ ବାପୁ
ଘେନ ଆମ ପ୍ରଣାମ
ତୁମ ଲାଗି ଆମ ଏ ଭାରତ
ସାଉଣ୍ଟେ କେତେ ସୁନାମ ।୦।

ତୁମ ପ୍ରେମ ମଣିଷପଣିଆ
ସଭିଙ୍କୁ କଲା କମିଆ
ତୁମ ବାଣୀରେ କ ଥିଲା ମାୟା
ଛୁଇଁଲା ସବୁ ମରମ ।୧।

ତୁମେ କରିଲ ମୁକ୍ତର ତପ
ସତ୍ୟକୁ କରିଲ ଜପ
କରିବାକୁ ଏ ଦେଶ ସ୍ୱାଧୀନ
ଅହିଂସା କଲ ଧରମ ।୨।

ବୁହାଇଲ ଭଗୀରଥ ବେଶେ
ମୁକ୍ତର ଗଙ୍ଗା ଏ ଦେଶେ
ଆମେ ପାଇଥିବା ସ୍ୱାଧୀନତା
ଏସବୁ ତୁମ ସୁକର୍ମ ।୩।

ଆମ କୁଟୁମ୍ବ ଆମ ଦୁନଆଁ
କେହି ବି ନୁହେଁ ଅଛୁଆଁ
ଆନ ଲାଗି ଜୀଇଁ ଏ ଜଗତେ
ହୋଇଲ ମହା ମହିମ ।୪।

ତୁମେ ଅକାଳେ ଦେଲ ଜୀବନ
ସାକାର ଲାଗି ସପନ
ଥିବାଯାଏ ଏ ମଣିଷ ଜାତି
ତୁମକୁ ଦେବ ସଲାମ ।୫।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା,ନୂଆବଜାର, କଟକ

# ଗାଁ ମନ୍ଦିର



କୃଷ୍ଣ ଚନ୍ଦ୍ର ବାରିକ

ଭଗ୍ନ ଜରା ଜୀର୍ଣ୍ଣ ଶୀର୍ଣ୍ଣ ବୁକୁ
ରମ୍ଭା ପତ୍ର ପ୍ରାୟ ଥରେ
ଝଡି ପଡ଼ିବାର ଦ୍ୱାରଦେଶେ
ରାହା ଖୋଜେ ବଞ୍ଚିବାରେ

କେହୁ ଚିତ୍ରଶିଳ୍ପୀ ତୂଳୀ ତଳ୍ପ ଧରି
ଏହି ପଥେ ଯେବେ ଯାଏ
ବଞ୍ଚିବାର ଆଶା ଉଜ୍ଜୀବିତ ହୁଏ
ସ୍ମୃତି ପ୍ରତିବିମ୍ବ ଭାସେ

ଉନ୍ମତ୍ତ ଯୌବନ ଗର୍ବ ଚୂଡ଼ା
ସଗର୍ବେ ଦଣ୍ଡାୟମାନ
ଗୌରବ ସୌରଭ ବିସ୍ଫୋରଣ
ଛୁଇଁ ଯାଏ ସାନୁମାନ

ପ୍ରତିଧ୍ୱନି ହୁଏ ଗୁଞ୍ଜରିତ
ନିଷ୍ପ୍ରାଣ ପାଷାଣ ଦେହେ
ବନ୍ୟାର ତାଣ୍ଡବେ ଚିତ୍ରୋତ୍ପଳା
ଧରମାକୁ ଚାପେ କୋହେ

ଚିତ୍ରଶିଳ୍ପୀ ଯାଇଥିଲା ଚାଲି
ଖୋଜିଲା କାତର ସୁରେ
ଆଶା ଯେତେ ସାରିଥିଲେ ମରି
ସେହି ଚିତ୍ରୋତ୍ପଳା ତୀରେ ।

ସାରସମାଲ, ଏସ୍ ରାମପୁର,
ସୁବର୍ଣ୍ଣପୁର

# ସରପଞ୍ଚ ବାବୁ



ସୁଶ୍ରୀୟା ପରିଡା

ମାୟାଧରପୁର ଗାଁ ରେ ଆଜି ଚହଳ ପଡିଛି । ଆବଳବୃଦ୍ଧବନୀତା ସଭିଁଏ ଗାଁ ଶେଷ ମୁଣ୍ଡ ବରଗଛ ଚୌପାଢ଼ୀ ନିକଟରେ ରୁଣ୍ଡ ହେଇଛନ୍ତି । ଆଜି ସେଠି ପଞ୍ଚାୟତ ବସିଛି । ଗାଁ ର ନାମୀ ଦାମୀ ହାତ ଗଣତି କେଇଜଣ ଚୌପାଢ଼ୀ ଉପରେ ନିଜ ଆସନ ଜମେଇ ଦେଇଛନ୍ତି ।

ତା ତଳକୁ ଗାଁ ର ମରଦ ଆଉ ଖଣ୍ଡେ ଦୁରକୁ ମାଇପି ମାନେ ବି ସବୁ ପଂଚାୟତ ଦେଖିବାକୁ ଉଠି ଆସିଛନ୍ତି । ଏମିତିକି ଦେଢ଼ ବର୍ଷର ଛୁଆକୁ କାଖେଇ ଭୂଆସୁଣୀ ମାନେ ବି ଘରେ କୋଲପ ମାରି ମୁଣ୍ଡରେ ଦେଢ଼ ଚାଖଣ୍ଡେ ଓଢ଼ଣୀ ଦେଇ ଆସି ବରଗଛର ଅନତି ଦୂରରେ ଠିଆ ହେଇ ରାମାୟଣରେ ଯୁଦ୍ଧ କ୍ଷେତ୍ରରେ ରାବଣ ତାର କଲା ଅପକର୍ମର ଦଣ୍ଡ ଦେବାର ଅନ୍ତିମ ଦୃଶ୍ୟ ଦେଖିଲା ପରି ଅପଲକ ନୟନରେ ଚାହିଁଥାନ୍ତି ଚୌପାଢ଼ୀ ରୂପକ ନାଟକ ମଞ୍ଚକୁ । ସମସ୍ତେ ତ ପଞ୍ଚାୟତରେ ଉପସ୍ଥିତ ଅଛନ୍ତି, କିନ୍ତୁ ସରପଞ୍ଚଙ୍କ ଗାଦିଟି ଏଯାବତ୍ ଫାଙ୍କା ପଡିଛି, ଗାଦୀକୁ ସମ୍ମାନ ଦେବା ଉପକ୍ରମରେ ସରପଞ୍ଚଙ୍କ ପଗଡିଟି ତାଙ୍କ ଆସନ ଅଳଙ୍କୃତ କରୁଛି ।ବୋଧହୁଏ ସରପଞ୍ଚ ମହାଶୟ ଆସି ପହଁଚିଲା ପରେ ପଞ୍ଚାୟତ ଆରମ୍ଭ ହେବ ।

କିନ୍ତୁ ଏ କଣ ଖୋଦ ସରପଞ୍ଚ ମହାଶୟ ଚୌପାଢିର ଠିକ ତଳକୁ ଠିଆ ହେଇଛନ୍ତି । ଲମ୍ବା ଚଉଡା ବଳିଷ୍ଠ ଚେହେରା ସାଙ୍ଗକୁ ଖାନଦାନୀ ନିଶ ତାଙ୍କ ବ୍ୟକ୍ତିତ୍ୱର ଏକ ସଚ୍ଚା ନିଦର୍ଶନ ସ୍ୱରୂପ । ଦେହରେ ପଶାପାଲି ପକା ସମ୍ବଲପୁରୀ କୁର୍ତ୍ତା ସାଙ୍ଗକୁ ଅଣ୍ଟାରେ ଗୁଡା ହେଇଥାଏ ଉଜାଲା ଦିଆ ନୀଳ ରଙ୍ଗର ଧଳା ଧୋତି ଆଉ ବାଁ କାନ୍ଧରେ ଚାରି ଚଉତା ହେଇ ପଡିଥାଏ ଧୋବ ଫରଫର ସାଢେ ଚାରିହାତର ଖଣ୍ଡେ ଧଳା ଚାଦର । ମୁହଁରେ ତାଙ୍କର ଗାଁ ର

ସରପଞ୍ଚ ସୁଲଭ ଚେନାଏ ହସ ଆଜି ବି ଝଲକୁଛି । ତାଙ୍କୁ ଦେଖିଲେ ଦେଖଣାହାରିର ମନରେ ଘଡିଏ ପ୍ରସନ୍ନତା ଉଠୁକି ଉଠେ ।

ଆଜି କିନ୍ତୁ ଗାଁ ର କେତେଜଣ ଖଳ ପ୍ରକୃତିର ଲୋକଙ୍କ ପାଇଁ ତାଙ୍କ ଧୋବ ଫରଫର ବ୍ୟକ୍ତିତ୍ୱ ଉପରେ ଚରିତ୍ରହିନ ଆଉ ଲମ୍ପଟର କଳା ଧପ୍ପା ଲାଗିଯାଇଛି । ହଁ ଏବେ ବି ଗାଁ ଲୋକଙ୍କର ତାଙ୍କ ପ୍ରତି ବଳି ପଡ଼ିଥିବା କାଣିଚାଏ ସମ୍ମାନ ଦୃଷ୍ଟିରୁ ତାଙ୍କ ବସିବାକୁ ଏକ ପ୍ଲାଷ୍ଟିକ ଚେୟାରର ଉପକ୍ରମ କରା ଯାଇଥିଲେ ବି ସେ ତାକୁ ସସମ୍ମାନେ ଆଗ୍ରହ୍ୟ କରିଛନ୍ତି, କିନ୍ତୁ ଚେୟାରଟି ଏଯାଏଁ ବି ତାଙ୍କ ପଛରେ ଠିଆ ହୋଇ ଅପେକ୍ଷା କରିଛି କାଳେ କେତେବେଳେ ସରପଞ୍ଚ ମହାଶୟଙ୍କ ଅନେକ ପହର ଯାଏଁ ଠିଆ ହୋଇ ଥକି ଯାଇଥିବା ପାଦ ଆଉ ଅଣ୍ଟା ଟିକେ ବିଶ୍ରାମ ଲୋଡ଼ିବେ ଆଉ ସେ ତତକ୍ଷଣାତ୍ ତାଙ୍କ ସେବାରେ ନିଜକୁ ନିୟୋଜିତ କରିଦେବ ।

ଚୌପାଢୀ ଉପରେ ଗାଁର ନାଏବ ସରପଞ୍ଚ ଶ୍ୟାମା ବାଁ ହାତରେ ନିଶକୁ ଉପରକୁ ମୋଡି ଶାଗୁଣା ଭଳି ଏପଟ ସେପଟ ନଜର ବୁଲେଇ କୁଟିଳ ହସଟିଏ ମୁହଁରେ ଫୁଟେଇ ଆରପଟରେ ବସିଥିବା ମାଧିଆ ମୁହଁକୁ ଚାହିଁ ଆଖି ମିଟିକା ମାରୁଥାଏ । ତା ମୁହଁରୁ ଲାଗୁଥାଏ ଯେମିତି ତା ଦ୍ଵାରା ରଚିତ ଚକ୍ରବ୍ୟୁହ ସଫଳ ହେଇଚି ଆଉ ତାକୁ ଭେଦ କରି ବାହାରକୁ ଆସି ନ ପାରି ବିଚରା ଅଭିମନ୍ୟୁ ରୂପୀ ସରପଞ୍ଚ ରାଜାରାମ ଚୌଧୁରୀ ଆଜି ନିଜ ପ୍ରାଣ ବଳୀ ଦେବା ସ୍ୱରୂପ ନିଜ ଆସନ ସରପଞ୍ଚ ଗାଦୀକୁ ଛାଡିବାକୁ ବାଧ୍ୟ ହେଉଛନ୍ତି। ସେ ନିଜେ ପଣସ ଖାଇ ସେଇ ଅଠା ହାତକୁ କିପରି ସରପଞ୍ଚଙ୍କ ମୁଣ୍ଡରେ ପୋଛି ଦେଇ ହାତ ଚିକ୍କଣ କରି ତାମସା ଦେଖି ତାଳି ମାରିବାକୁ ଉଣ୍ଡି ବସିଛି ।

ଗାଁ ବାଲା ସମସ୍ତଙ୍କ ମନରେ ସେଇ ଗୋଟାଏ ପ୍ରଶ୍ନ ଧକ୍କା ଖାଉଛି ଯେ ସେମାନଙ୍କର ଦେବତା ଆଜି କାଠଗଡାରେ କେମିତି ଠିଆ ହେଇ ପାରିଲେ... !! ଯଉ ହାତ ସେମାନଙ୍କ ମୁଣ୍ଡ ଉପରେ ବେଳ ଅବେଳରେ ସାହା ହେଇଚି ସେଇ ହାତ ଆଜି ଏକ ଅପରାଧୀର ହାତକଡି ପିନ୍ଧିଛି । ସତରେ କଣ ସେମାନଙ୍କର ରାଜାବାବୁ ସେ ବସ୍ତି ବାସିନ୍ଦା ରଘୁଆର ବିଧବା ବୋହୂ ଶିବାନୀ ସହ..... ଛିଃ....ଛିଃ ସେ କଥାଗୁଡା ଭାବିଲା ବେଳକୁ ଦେହ ଘୃଣାରେ ଜଳି ଯାଉଛି ଯେମିତି ।

ନେତୀ ନାନୀ ତା କାନି ଗଣ୍ଠିରୁ ପାନ ଖୀଲେ ନେଇ କଳରେ ଜାକି ଦେଇ ପୁଣି ଲୁଗାରେ ଗଣ୍ଠି ଦେଇ ଲୁଗା କାନିଟାକୁ ପିଠି ପଛକୁ ଛାଟି ଦେଇ ପାଖରେ ଠିଆ ହେଇଥିବା ସେ ପଧାନ ସାହି ହରିଆ ମାଇପକୁ କହୁଥାଇ, ଆଲୋ ଜାଣିଲୁ ହୁଣ୍ଡୀ ଆଜିକାଲି କି ବେଳ କାଳ ହେଲା ଲୋ ମା.... ଆମେ ଏ ଲୋକଟାକୁ ଦେବତା ସମ ମଣୁଥିଲୁ କିନ୍ତୁ ଏ ଟା ଏଡ଼େ ମହାକାଳ ଫଳ ବାହାରିବ ବୋଲି ଆମେ କଣ ହେନ୍ତିଥିଲୁ ନା କଣ ବା... ???

କଣ ନା ସେ ଗାଁ ଲୋକ ମାନଙ୍କୁ ନିଜ ପିଲା ଛୁଆ ପରି ମନେ କରେ, ସେପାଇଁ ବୟସ ଦି କୋଡ଼ି ଡେଇଁ ଯାଇଥିଲେ ବି ହାତକୁ ଦି ହାତ ହେଲାନି....!! ଗାଁ ଲୋକଙ୍କ ସେବା କୁଆଡେ ତା ପ୍ରଥମ କର୍ତ୍ତବ୍ୟ.... ଗାଁ ଲୋକ କୁଆଡେ ସବୁ ତା ଭାଇ ବନ୍ଧୁ, ଗାଁ ର ସବୁ ମା ମାନେ ତା ନିଜ ମା...ନିଜ ପରିବାର ଭଳି.....

- ଆଉ ଗାଁ ଭାରିଜା ସବୁ ତା ନିଜ ଭାରିଜା ଭଳି.... !! ଅସହିଷ୍ଣୁ ଭାବେ ମୁହଁ ମୋଡି ହରିଆ ମାଇପ ନେତୀ ନାନୀ କଥାରେ ନଥା ଯୋଡ଼ିଲା ପରି କହିଲା... !

- ଯାହା କହିଲୁ ଲୋ ହୁଣ୍ଡୀ... "! ରହିଥା ଏଇନେ ପାଣି ପାଣି କ୍ଷୀର କ୍ଷୀର ହେଇ ଯିବନି ଛାଁ କୁ ଛାଁ...। ଖାଲି ପୁଲିସି ବାବୁ ସେ ରଘୁଆ ବୋହୂ ଶିବାନୀକୁ ସମସ୍ତଙ୍କ ସାମ୍ନାରେ ଜେରା କରିଲେ ଆପଣା ଛାଏଁ ସବୁ ଗୋଟି ଗୋଟି କରି ଭେଦ ଖୋଲିବ ଯେ ।

ସମସ୍ତେ କିଛି ନା କିଛି ଟିପ୍ପଣୀ ଦେଉଥାନ୍ତି ସରପଞ୍ଚ ରାଜାରାମଙ୍କ ବିରୁଦ୍ଧରେ... !

- ଏଥର ଯାହା କୁହ ଦାମ କକେଇ, ସରପଞ୍ଚ ଗାଦିଟା ଚୌଧୁରୀ ଘର ଶିକାରୁ ମୁକୁଳିଗଲା ବୋଲି ଜାଣ... ବୋପା ଅଜା ଚଉଦ ପୁରୁଷ ଅମଳରୁ ଯେଉଁ ନାଁ ରହି ଆସିଥିଲା ଚୌଧୁରୀ ସାହେବଙ୍କର କିଏ ଜାଣିଥିଲା ଶେଷରେ ଆସିକି ଏଇ କୂଳବୁଡ଼ା ହାତରେ ଯିବ ବୋଲିକିରି.. ଉପରେ ଥାଇ ତା ବୋପା ହରିଚନ୍ଦନ ଚୌଧୁରୀର ଆତ୍ମା ଭାରି କଲବଲ ହେଉଥିବ ଲୋ କକେଇ ।

– ହଁ ଲୋ ଯଦୁଆ,କଣ ଆଉ କରାଯିବ.. ଯେମିତି କର୍ମ ସେମିତି ଫଳ.. ! ଯାହା ହେଲା ଭଲ ହେଲା, ଚୋର ଘର ଆଉ କେତେଦିନ ଅନ୍ଧାରରେ ରହିବ.. ଦିନେ ନା ଦିନେ ତ ପୁଣି ଚାନ୍ଦିନୀ ରାତି ଆସିବ । ହେଇ ଦେଖ ସରପଞ୍ଚ ଆଜ୍ଞା ଆମର କଣ ଆଉ ଜାଣିଥିଲେ କି ଏଥର ତାଙ୍କ ଲୁଚାଛପା ପୀରତିଟା ଏମିତି ମହଙ୍ଗା ପଡିବ ବୋଲି.. !! ନହେଲେ କଣ ସେ ବିଧବା ବୋହୂଟା ସାଙ୍ଗରେ ନାରେ ନାରେ.... ଉଁ... ହୁଁ... ବଡ଼ ଆସକତିଆ ନାଗୁଛି ରେ । ଦୋକତା ଗୁଣ୍ଡିର ଛେପକୁ ବେଁ ନମ୍ବ ଚିକ୍ କିନା ଛାଟି ଦେଇ ଦାମ ପଧାନ କହିଲା ।

ଶିବାନୀ ହେଉଛି ମାୟାଧରପୁର ଗାଁ ଶେଷ ମୁଣ୍ଡରେ ଥିବା ହରିଜନସାହି ବସ୍ତି ବାସିନ୍ଦା ରଘୁଆ ମଳିକର ବଡ଼ ବୋହୂ । ଏଇ ଚାରି ଫଗୁଣ ହେବ ବୋଧେ ବାହାହେଇ ଏ ଗାଁ କୁ ଆସିଥିଲା ରଘୁଆ ବଡ଼ ପୁଅ ସର୍ବେଶ୍ୱର ହାତଧରି । ମାସ କେଇଟା ଯାଇନି ସରବାକୁ ଟି.ବି. ବେମାର ବାହାରିଲା... ! ଆଗରୁ କୁଆଡେ ଏ ବେମାର ବାବଦରେ ତା ଘର ଲୋକ ଜାଣିଥିଲେ ବି ଲୁଚା ଛପାରେ ଏ ବାହାଘର କରିଥିଲେ । ଶିବାନୀ ବି ବାପ ମା ଛେଉଣ୍ଡ ଝିଅ, ମାମୁଁ ଘରେ କରମ ଆଦରି ଦି ଓଳି ଦି ମୁଠା ପେଟକୁ ଖାଇ ପଡି ରହିଥିଲା । ମାମୁଁ ତାର ଏଇଠି ଆଣି ସରବା ସହ ଜୁଟେଇ ଦେଇ ନିସ୍ତାର ପାଇ ଯାଇଥିଲା । ଏବେ ତା ଦୁଃଖ କା ଆଗେ କହି କାନ୍ଦିବାକୁ ଶିବାନୀ ପାଖରେ କଉ କାନ୍ଧର ସାହାରା ନଥିଲା ।ଶେଷରେ ଏମିତି ବିଛଣାରେ ପଡି ପଡି ତା ପେଟରେ ଆଠ ମାସର ଛୁଆ ଆଉ ଶିବାନୀକୁ ଛାଡି ସରବା ଆରପାରିକୁ ଚାଲିଗଲା । ଶେଷରେ ପିଲାଟି ଜନମ ପରେ ତାରି ମୁହଁକୁ ଚାହିଁ ରଘୁଆ ଓଳିରେ ପଡି ରହିଲା ଶିବାନୀ ।

ସରକାର ବିଧବା ନିଆଶ୍ରୀ ସ୍ତ୍ରୀ ମାନଙ୍କ ପାଇଁ ମାସକୁ ପାଞ୍ଚ ସହ ଟଙ୍କା ଲେଖାଏଁ ଭତ୍ତା ଯୋଗେଇ ଦେଉଛନ୍ତି । ଏକଥା ନେଇ ଶିବାନୀ ବି ସେଇ ବିଧବା ଭତ୍ତା ଯୋଜନାରେ ନିଜକୁ ସାମିଲ କରେଇ ସରକାରଙ୍କ ମାସିକ ଅନୁକମ୍ପାରେ ନିଜ ପୁଅକୁ ପାଳି ପୋଷିବ ବୋଲି ମନେ କରି ସରପଞ୍ଚ ରାଜାରାମଙ୍କୁ ନିଜ ଗୁହାରି ଶୁଣେଇ ଥିଲା । ରାଜାବାବୁ ବି ତାକୁ ପ୍ରତିଶ୍ରୁତି ଦେଇଥିଲେ ସେ ଏଥର ବ୍ଲକ କାମରେ ଗଲେ ନିଶ୍ଚୟ ତା ଭତ୍ତା ଫର୍ମଟି ସେଇଠି ଦାଖଲ କରି ତା ପାଇଁ ଆବେଦନ କରି ଆସିବେ । ଏମିତି ଚାରି ପାଞ୍ଚ ମାସ ବିତି ଗଲେ ବି ପଂଚାୟତକୁ ଶିବାନୀର ଭତ୍ତା ପାଇବା ନିମିତ୍ତ କୌଣସି ସୂଚନା ଖାତାଟେ ବି ଆସିଲା ନାହିଁ, ରାଜବାବୁ ବି କାମ ଧନ୍ଦା ଭିତରେ ଏସବୁ ଆଉ ମନରେ ନେଇ ନାହାଁନ୍ତି ।

ଦିନେ ଶିବାନୀ ପୁଣି ଥରେ ନିଜ ତିନି ବର୍ଷର ଛୁଆଟାକୁ କାଖରେ ଧରି ଚୌଧୁରୀ ଉଆସକୁ ଯାଇଥିଲା ସରପଞ୍ଚଙ୍କୁ ଭେଟିବାକୁ । କିନ୍ତୁ କପାଳ ମନ୍ଦକୁ ସେଦିନ ସରପଞ୍ଚ ରାଜବାବୁ କୌଣସି ଏକ ସଭାରେ ଯୋଗ ଦେବାକୁ ଆର ଗାଁ କୁ ଚାଲି ଯାଇଥିଲେ । ତାଙ୍କ ଚାକର ବିଶୁ ପାଖରୁ ଏକଥା ଶୁଣି ମନ ମାରି ନେଉଟାଣି ଆସିବା ବେଳକୁ ବାଟରେ ହାବୁଡ଼ିଲା ଗାଁ ର ନାଏବ ସରପଞ୍ଚ ଅବା ସରପଞ୍ଚଙ୍କର ଖୋଦ ଡାହାଣ ହାତ ଶ୍ୟାମସୁନ୍ଦର ଆଉ ସାଥିରେ ତାର ଥିଲା ତା ବୁଲା କୁକୁର ଭଳି ଆଗରେ ପଛରେ ଗୋଡାଉ ଥିବା ଚେଲା ମାଧିଆକୁ ।

- ଆଲୋ ଶିବାନୀ ଭାଉଜ ଇଆଡ଼େ କୁଆଡେ.. ?

- ନାଇଁ ନାଏବ ସରପଞ୍ଚେ ଆଜ୍ଞା, ଗେରସ୍ତ ଯିବାର ଚାରି ବର୍ଷ ହେଲାଣି ଯେ ଭତ୍ତା କାର୍ଡ ଖଣ୍ଡେ କରେଇ ଦେବାକୁ ସରପଞ୍ଚଙ୍କ ନିକଟକୁ ଆସିଥିଲି ଯେ ସେ ଏଇନେ ଉଆସରେ ନାହାନ୍ତି ବୋଲି ବିଶୁ କହିଲା ।

- ଆଚ୍ଛା, ଏଇଟା ଗୋଟେ କଥା...ତୁ ମହାଦେବଙ୍କୁ ଗୁହାରି ଶୁଣେଇବା ଆଗରୁ ତାଙ୍କ ନନ୍ଦୀ ମାନେ ଖୋଦ ମତେ ସିନା କହିଥାନ୍ତୁ, ମୁଁ ଯେମିତି ହେଲେ ବାବୁଙ୍କୁ କହି ତୋର କେବେଠୁ କାର୍ଡ ଖଣ୍ଡିକ କରେଇ ଦେଇଥାନ୍ତି ନା... !

- ଆରେ ସତେ ତ.. ରାଜା ବାବୁଙ୍କର ଏ ତ ଡାହାଣ ହାତ.. ୟାଙ୍କୁ ଗୁହାରି କଲେ ନିଶ୍ଚୟ ମୋ ଦୁଃଖ ସରପଞ୍ଚ ଆଜ୍ଞାଙ୍କ ନିକଟରେ ଜଲଦି ପହଁଚି ଯିବ । ହଉ ହେଲା ଆଜ୍ଞା ଜରୁରୀ କରି ସରପଞ୍ଚ ମହାଶୟଙ୍କୁ ମୋ ଦୁଃଖ ଟିକେ ଜଣେଇବେ ଆଜ୍ଞା.. ! ହୀନିମାନୀ ଟା ମୁଁ ଆଉ ମୋ ସହ ମୋ ଏ ଛୁଆଟା ମୁହଁକୁ ଅନେଇବେ ହଜୁର, ଦଇବ ତମକୁ ସାହା ହେବ ।

- ହଉ ହଉ ତମେ ଗୋଟେ କାମ କର ଭାଉଜ, କାଲି ଖରାବେଳେ ତୁମେ ଗାଁ ମୁଣ୍ଡ ପଂଚାୟତ ଘରକୁ ଆସ, ସେଇଠି ରାଜବାବୁ ମଧ୍ୟାହ୍ନ ଭୋଜନ ପରେ ବିଶ୍ରାମ କରୁଥିବେ, ସେଇ ମଉକାରେ ତୋ ଦୁଃଖ କଥା ଏକା ନିରୋଳାରେ ବସି ଶୁଣି କିଛି ଗୋଟେ ପଦକ୍ଷେପ ନେବେ ଆଉ.. ନାଁ କଣ କହୁଛୁ.. ?

- ହଉ ଆଜ୍ଞା ମୁଁ ନିଶ୍ଚୟ ଯିବି...! ମୁଁ ଏବେ ଯାଉଛି ଜୁହାରେ.. !

ଆରଦିନ ଶାଶୁ ଶ୍ୱଶୁରଙ୍କୁ ଖାଇବା ପିଇବାକୁ ଦେଇ ପୁଅକୁ ଘରେ ଶୁଆଇ ପକେଇ ଶିବାନୀ ଚାଲିଲା ପଂଚାୟତ ଘରକୁ । ଆଇଲା ବେଳେ ଶାଶୁକୁ କହି ଆସିଲା ଯଦି ଫେରିବାରେ ଉଚ୍ଛୁର ହଇ ତେବେ ପୁଅକାହ୍ନୁଆକୁ ନିଦରୁ ଉଠେଇ ଟିଉସନ ପଠେଇ ଦେବାକୁ ।

ଗାଁର ଶେଷ ମୁଣ୍ଡରେ ପଂଚାୟତ ଘର...! ଏକଦମ ଶେଷମୁଣ୍ଡ ଯୋଗୁଁ ସେ ପଟକୁ ଲୋକ ମାନଙ୍କର ଯିବାଆସିବା ସେତେଟା ହୁଏନି । ଗାଁ ମୁଖ୍ୟ କଂକ୍ରିଟ ରାସ୍ତାରେ ଗାଁ ଶେଷଯାଏଁ ଗଲେ ସେଇଠୁ ବାଁ ପଟକୁ ଗୋଟେ ସରୁ ନାଲି ଗୋଡି ରାସ୍ତାଟିଏ ଲମ୍ବିଛି ପଞ୍ଚାୟତ ଘରକୁ । ଶିବାନୀ ଗୋଟିଏ ଗୋଟିଏ ପାଦ ପକେଇ ଆଗେଇଲା ସେ ଆଡ଼କୁ । ଯାଇ ପହଁଚିଲା ବେଳକୁ ଦେଖିଲା ମାଧିଆଟା ଡାହଳ କୁକୁରଙ୍କ ପରି ଗେଟରୁ ଅଫିସ ଘର, ଅଫିସ ଘରୁ ଗେଟ ଯାଏଁ ହଉଛି ।

- ଆରେ ଆସିବାରେ ଲେଟ କଲେ ଯେ ଭାଉଜ, ସରପଞ୍ଚ ଆଜ୍ଞା ଏଇନେ ଏଇନେ ତୁମ ବାବଦରେ କହୁଥିଲେ । ହଉ ଆସି ଗଲଣି ଯଦି ଜଲଦି ଭିତରକୁ ଆସିଲ... ମୁଁ ଫାଟକଟା ବନ୍ଦ କରିଦିଏ । କୁଆଡୁ କେତେ ବୁଲା ଗାଇଗୋରୁ,ଷଣ୍ଢ ପଶି ଆସୁଛନ୍ତି ଆଉ ଏ ବିଦେଶୀ ସୋ ଗଛ ଗୁଡାକୁ ନଷ୍ଟ କରି ପକଉଛନ୍ତି ।

- ହଉ ବୋଲି କହି ଦେଇ ଶିବାନୀ ଫାଟକ ଡେଇଁ ଭିତରକୁ ଆସିଲା ।

- ତମେ ଯାଇ ସେପଟ କଣ ଘରେ ପଙ୍ଖା ଥଣ୍ଡା ହାୱାରେ ବସିଥାଅ, ଏଇନେ ସରପଞ୍ଚେ ଯାଇ ତୁମ ଦୁଃଖ ଶୁଣିବେ । ଶିବାନୀ ତା ବାଟ ଦେଇ ଗଲାବେଳେ ତାର ଶାଢ଼ୀ ସନ୍ଧିରୁ ଫୁଙ୍ଗୁଳା ଅଣ୍ଟାକୁ ଦେଖି ଜିଭ ବୁଲେଇ ଆଣି ଓଠରୁ ପୁଳେଇ କାମୁଡି ପକେଇଲା ମାଧିଆ । ଯା ହଉ ଏତେ ଦିନ ପରେ କଅଁଳ ମାଉଁସ ଟିକେ ପାଟିରେ ବାଜିବ । ହଁ ବା ସରବା କେଇଟା ମାସ ଚାଖିଥିବ ବା ଏ ମାଉଁସ ହାଣ୍ଡିକୁ.. ଅକାଳରେ ତ ଚାଲିଗଲା । ଆଉ ଆଜି ସେଇ ମାଉଁସ ହାଣ୍ଡିରୁ ଯଦି ଶ୍ୟାମା ବାବୁ ଖାଇ ସାରିଲା ପରେ ଖଣ୍ଡେ ଅଧେ ଯଦି ହାଡ଼ କି ଝୋଳ ଟୋପାଏ ମିଳିଗଲା, ଜାଣ ସେଇ ମୋ ପାଇଁ ସରଗ ସୁଖ ।

ଶିବାନୀ ମାଧିଆ କହିବା ମୁତାବକ ଯାଇ କଣ ଘରେ ଏକ ଚେୟାରକୁ ଆଉଜି ଠିଆ ହେଇ ଥାଏ । ଏତେଗୁଡା ବାଟ ଖରାରେ ଚାଲି ଚାଲିଛି ଆସିବା ଯୋଗୁଁ ଚାରି ଆଡ଼ ଅନ୍ଧାରରେ ସବୁ କିଛି ଝାପ୍ସା ଦେଖା ଯାଉଥାଏ ତାକୁ ।ଏତିକିବେଳେ ତା ପଛପଟରୁ କାହାର ଶକ୍ତ ହାତ ଆସି ତା ଅଣ୍ଟାକୁ ଖୁବ ଜୋର କରି ଭିଡି ଧରିଲା । ଶିବାନୀ କିଛି ପ୍ରତିବାଦ କରିବାକୁ ଉଦ୍ୟତ ହୁଅନ୍ତେ ଜୋର କରି ଆର ହାତଟି ତାର ପାଟିକୁ ବନ୍ଦ କରିନେଲା । ତା ପରେ ଶିବାନୀ କିଛି ଭାବିବା ଆଗରୁ ଶିବାନୀକୁ ଆଗକୁ ଠେଲି ଦେଇ ଭୋକିଲା ମହାବଳ ପରି ତା ଉପରକୁ ଝାମ୍ପି ପଡିଲା ଶ୍ୟାମା । ମହାବଳ ମନ ଭରି ହରିଣୀର କଅଁଳ ମାଂସକୁ ଝୁଣି ଖାଇ ସାରିଲା ପରେ, ଶୃଗାଳ ପାଇଁ କିଛି ବଳକା ରକ୍ତ ଲଗା ହାଡ଼ରୁ ଦି ଖଣ୍ଡ ଛାଡି ଦେଇ ଗଲା ପରି ଶ୍ୟାମା ତା ଚେଲା ମାଧିଆ ପାଇଁ ଶିବାନୀର ସେହି ଅସହାୟ କ୍ଲାନ୍ତ ଶରୀରକୁ ସେଇଠି ଛାଡି ଦେଇ ଝାଳନାଳ ହେଇ କବାଟ ଫିଟେଇ ବାହାରକୁ ବାହାରି ଆଇଲା । ମୁହଁରେ ଥାଏ ତାର ଗଡ଼ ଜିତିଲା ପରି ଆତ୍ମତୃପ୍ତି ।ଶ୍ୟାମକୁ ବାହାରକୁ ଆସିବା ଦେଖି ମାଧିଆ କନକନ ହେଇ ଆଖି ନଚେଇ ଭିତରକୁ ପଶି ଯାଇ ଧଡ଼ କିନି କବାଟ ଦେଇ ଦେଲା ଭିତର ପଟରୁ । ତାପରେ...........

ଶେଷରେ ଦୁହେଁ ମିଶି ଧମକ ଦେଲେ ଯେ ଯଦି ଏ ବିଷୟରେ ଗାଁ ଲୋକଙ୍କ ଆଗରେ ସେ ମୁହଁ ଖୋଲେ ତେବେ ତା ପୁଅ କାହ୍ନାକୁ ଟିଉସନ ଯିବା ରାସ୍ତାରୁ ଟେକି ନେଇ ଜୀବନରୁ ମାରି ଦେବେ ବୋଲି । ଆଉ ହାତରେ ତାର ଟଙ୍କା ପାଞ୍ଚ ହଜାର ଗୁଂଜି ଦେଇ ବୁଝେଇଲେ ଯାହା ହେଲା ସବୁ ଏଇଠି ଭୁଲି ଯା.. ଏ ପଇସାରେ ତୋ ପୁଅକୁ ଭଲ ଖାଇବା ଆଉ ପୋଷାକ କିଣି ଦେବୁ ଆଉ ହଁ କହିବୁ ଯଦି ସେ ଆର ଗାଁ ଇଂରାଜୀ ସ୍କୁଲରେ ବୁଝାବୁଝି କରି ତୋ ପୁଅର ନାଁ ଲେଖାଠୁ ଆରମ୍ଭ କରି ସବୁ ପଢା ଖର୍ଚ୍ଚ ବି ମୁଁ ବୁଝିଦେବି । କିନ୍ତୁ ଲୋକଙ୍କ ଆଗରେ ଆମ ନାଁ ଯେମିତି ଭୁଲରେ ବି ତୋ ପାଟିରୁ ନ ମୁକୁଳେ କହି ଦଉଛି ହଁ... !

ଶିବାନୀ ତାର ସେ ଶିକାର ହେଇ ସାରିଥିବା ଦେହକୁ ସେ କଣ ଘରୁ ବାହାର କରି କାନ୍ଦି କାନ୍ଦି ଏକମୁହାଁ ହେଇ ଦୌଡ଼ି ଦୌଡ଼ି ଘରକୁ ପଳେଇ ଆସିଲା । ଶାଶୁ ବୁଢ଼ୀ ଏପଟେ ବାଟ ଜଗି ବସିଥିଲା । ବୋହୂର ଏପରି ଅବସ୍ଥା ଦେଖି ତାକୁ ଆଉ ଘଟଣା କଣ ବୁଝିବାକୁ ବେଶି ଡେରି ଲାଗିଲାନି । ଶାଶୁ ବୁଢ଼ୀ ଧାଇଁ ଯାଇ ସାହି ଭାଇରେ ସରପଞ୍ଚ ରାଜାରାମ ବାବୁ ତା ବୋହୂ ପ୍ରତି କରିଥିବା ଅପକର୍ମକୁ ଗାଇ ବୁଲିଲା ଆଉ ତାକୁ ନ୍ୟାୟ ଦରକାର ବୋଲି ଗାଁ

ମୁଣ୍ଡରେ ବୋବାଳି ଛାଡି କାନ୍ଦିଲା । ଧୀରେ ଧୀରେ ଏଘରୁ ସେଘର ଯାଏଁ ନିଆଁ ଚରି ଚରି ଗଲା ପରି କଥାଟା ରାଷ୍ଟ୍ର ସାରା ପ୍ରଚାର ହେଇଗଲା ।

ଯେଉଁ ଲୋକମାନେ ସରପଞ୍ଚଙ୍କୁ ମୁଣ୍ଡରେ ବସେଇ ଥିଲେ ଦେବତା ଭଳି ପୂଜା କରୁଥିଲେ, ସଙ୍ଗେ ସାଙ୍ଗେ ଦେଖା ହେଲେ ଚପଲରେ ପିଟି ପକେଇବେ ବୋଲି ଆଖି ତରାଟି ନିଆଁ ଭଳି ତାତି ଉଠିଲେ । ଶେଷରେ ସଭାରୁ ଫେରି ରାଜାରାମ ବାବୁ ଯେତେବେଳେ ଏ ବିଷୟରେ ଖବର ପାଇଲେ ସେ ଘଟଣାର ତଦନ୍ତ କରିବାକୁ ଲୋକଙ୍କୁ ନିର୍ଦ୍ଦେଶ ଦେବା ଆଗରୁ ଗାଁ ଲୋକମାନେ ଶାଗୁଣା ମଢ଼କୁ ଘେରିଲା ପରି ଘେରି ଯାଇ ଯିଏ ଯାହା ପାରିଲା ଗାଳି ଗୁଲଜ, ଠେଙ୍ଗା ବାଡ଼ି ନେଇ ପିଟିବା ପାଇଁ ଆଗଭର ହେଇ ଉଠିଲେ । ରାଜାରାମ ବାବୁ ଯେତେ ସତ ବୁଝେଇବାକୁ ଚେଷ୍ଟା କଲେ ବି କେହି ମାନିବାକୁ ଅମଙ୍ଗ ହେଲେ । ଶେଷରେ ଗାଁ ର ଅନ୍ୟ କେତେଜଣ ମୁରବି ମାନେ ନିଷ୍ପତ୍ତି ନେଲେ ଯେ ଆସନ୍ତାକାଲି ଗାଁ ରେ ପଞ୍ଚାୟତ ବସିବ ଆଉ ପଞ୍ଚାୟତରେ ନ୍ୟାୟ ଦେଉଥିବା ଭଗବାନ ସ୍ୱୟଂ ନିଜେ କାଠଗଡାରେ ଠିଆ ହୋଇ ନିଜେ କରିଥିବା ଅପକର୍ମ ପାଇଁ ଲୋକ ମାନଙ୍କ ପାଖରୁ ନ୍ୟାୟ ଭିକ୍ଷା କରିବେ ।

ସେଇଦିନ ରାତି ଅଧରେ ନିଜ ଉପରେ ପ୍ରମାଦ ଗଣିଲେ ଶ୍ୟାମା ଆଉ ମାଧିଆ । କାଳେ ଶିବାନୀ ପଂଚାୟତ ଆଗରେ ସତ କହିଦେବ ଆଉ ତାଙ୍କ ଅସଲ ଚେହେରା ପଦାକୁ ପଡିଯିବ ସେଇ ଡରରେ ତାଙ୍କୁ ନିଦ ହେଲା ନାଇଁ । ଯାଇ ତାଇ ଭାବେ କଡ଼ ଲେଉଟାଇ ଲେଉଟାଇ ରାତିଟା ପୁହାଇ ଦେଲେ ।

ସକାଳୁ ସକାଳୁ ପୋଖରୀ ତୁଠ ଠୁ ନେଇ ନାଲୁଆ ଗୁଡ଼ିଆ ଚା ଦୋକାନ ଯାଏଁ ସେଇ ଗୋଟାଏ ଚର୍ଚ୍ଚା । ଆଜି କଣ ଗୋଟେ ବଡ଼ ଫଇସଲା ହେବ ଆଉ ରାଜା ବାବୁଙ୍କୁ ବୋଧେ ଜେଲ୍ କି ଫାସି ହେଇଯିବ ବୋଧେ । ଆଉ ଆଜି ସେଇ ପଂଚାୟତରେ ଗାଁ ର ସମସ୍ତେ ରୁଣ୍ଡ ହେଇଛନ୍ତି ରଘୁଆ ବୋହୂକୁ ନ୍ୟାୟ ଦେବା ଆଶାରେ । ସରପଞ୍ଚ କିନ୍ତୁ ନିର୍ବିକାର ଭାବେ ଠିଆ ହୋଇ ଥାନ୍ତି ଆଉ ରଘୁଆ ବୋହୂ ଶିବାନୀଠୁ ସବୁ ଶୁଣିଲା ପରେ ଏ ପଂଚାୟତ କଣ ତାଙ୍କ ପାଇଁ ଦଣ୍ଡ ବିଧାନ କରୁଛି ସେଇ ଅପେକ୍ଷାରେ ଥାନ୍ତି ।

ଏଇ ହେଇ ତ ରଘୁଆ ବୋହୂ ଶିବାନୀ ଆସିଲାଣି । ଏଇନେ ସରପଞ୍ଚଙ୍କ ଭଦ୍ର ମୁଖା ଉତାରିବାକୁ ବେଶି ଡେରି ହବନି । ଲୋକ ଗହଳି ଭିତରୁ କେହି ରାସ୍ତା ଆଡ଼କୁ ଇସାରା କରି ଜୋର ପାଟିରେ କହିଲା । ସମସ୍ତେ ବି ନେତା ମନ୍ତ୍ରୀଙ୍କୁ ବାଟ ଛାଡିଲା ପରି ଦୁଇ କଡ଼ ହେଇ ଶିବାନୀ ଆଉ ତା ଶାଶୁକୁ ବାଟ ଛାଡି ଦେଲେ । ଶାଶୁ ବୋହୂ ଦୁହେଁ ଯାଇ ଚୌପାଢୀ ନିକଟରେ ପହଁଚିଲେ । ଆଉ ଡେରି ନ କରି ଶ୍ୟାମାର ଚେଲା ତା ବସିବା ଯାଗାରୁ ଉଠି ଯାଇ ଶିବାନୀକୁ ଲାଗି କରି ଫୁସଫୁସ କରି ତାଙ୍କ ନାଁ ନ ଉଠେଇବାକୁ ଚେତେଇ ଦେଲା । ଶିବାନୀ ବି ଚୁପଚାପ ମୁଣ୍ଡ ଟୁଙ୍ଗାରି ଠିଆ ହେଲା ।

ଚୌପାଢୀ ଉପରୁ ଗାଁର ଜଣେ ମୁରବି ଲୋକ ଶିବାନୀକୁ କହିଲେ, ମା ସାରା ଗାଁ ଜାଣି ସାରିଲାଣି ତୁମ ସହ ହେଇଥିବା ଅପକର୍ମ ଆଉ ସେ ଅପକର୍ମ କରିଥିବା ନର ପିଶାଚଟାକୁ । ଏବେ ତୁମେ ନିଜେ କୁହ ତୁମ ସହ ଦୁଷ୍କର୍ମ କରିଥିବା ଏଇ ରାକ୍ଷସକୁ କଣ ଦଣ୍ଡ ଦିଆଯିବ.? ଶିବାନୀ ପଦୁଟିଏ ବି ଉଁ କି ଚୁଁ କହୁ ନଥାଏ ।

- ମୁଁ ତ କହୁଛି ଏଥିର ତାଙ୍କ ସରପଞ୍ଚ ଗାଦିଟାକୁ ଛଡେଇ ନିଆ ଯାଉ, ଯଉ ଗାଦି ପାଇଁ ଏଡ଼େ ବଡ଼ ସାହସରେ ଏତେ କାଣ୍ଡ କରି ପକେଇଲେ, ଆଉ ବଡ଼ ଲୋକ ବୋଲି ସମସ୍ତଙ୍କ ନଜରରୁ ଉହାଡ଼ ହେଇଯିବେ ବୋଲି ଭାବିଥିଲେ, କିନ୍ତୁ କିଏ ଜାଣିଥିଲା ସତ ଟା ହାଟରେ ପଡି ଘାଟରେ ଗଡିବ ବୋଲି... ?ମାଧିଆ ବେକରେ ଗାମୁଛା ପକେଇ ବଡ଼ ବୀର ଠାଣିରେ ପଞ୍ଚାୟତ ମଝିରେ ଠିଆ ହେଇ କହିଲା ।

ଗାଁ ର କେଇଟା ଶ୍ୟାମାର ତୋଷାମଦିଆ ବି ହଁ... ହଁ.... ମାଧିଆ ଠିକ କହିଛି ବୋଲି ତାକୁ ସମର୍ଥନ ପୂର୍ବକ ହାତ ଉଠେଇ କହିଲେ ।

ଏମାନଙ୍କର କଥା ଶୁଣି ଗାଁ ର ସବୁଲୋକ ବି ଏକା ଥରେ ହୁରି ପକେଇଲେ ଗାଦିରୁ ହଟେଇବା ସହ ମୁହଁରେ ଚୂନ କାଳି ବୋଲି ଗାଁ ଦାଣ୍ଡରେ ବୁଲେଇବା ହିଁ ଠିକ ଦଣ୍ଡ ହେବ ବୋଲି ଚିଲେଇ ଚିଲେଇ କହିଲେ.... !

ଏଥର ସଭିଙ୍କୁ ଶାନ୍ତ ହେବାକୁ ଆଦେଶ ଦେଇ ଶିବାନୀକୁ ପଚରାଗଲା, କୁହ ବୋହୂ ମା ତୁମେ କଣ ଲୋକ ମାନଙ୍କ ଦ୍ୱାରା ହେଇଥିବା ନ୍ୟାୟ ବିଧାନକୁ ମାନିବାକୁ ପ୍ରସ୍ତୁତ ଅଛ..? ନାଁ ଆଉ କିଛି କହିବାକୁ ଚାହିଁବ.. ? ଶିବାନୀ ସେମିତି ମୁହଁ ପୋତି ଠିଆ ହେଇ ଥାଏ ।

ଆରେ ଗାଁ ର ବୋହୂ ଏତେ ମୁରବି ମାନଙ୍କ ଆଗରେ କଣ ପାଟି ଫିଟେଇବ ବା... ?ତା ମୌନ ରହିବାରୁ ଜାଣି ପାରୁନ କି ମୌନେ ସମ୍ମତି ଲକ୍ଷଣମ୍... ମାନେ ସେ ବି ଏ ନିଷ୍ପତ୍ତିରେ ରାଜି...! ଶ୍ୟାମା ଶିବାନୀ ତରଫରୁ କଥା ଟା ପକ୍କା କରିଦେଲା ଯେ ସେ ବି ପଞ୍ଚାୟତର ଫଇସଲାରେ ଏକମତ ବୋଲି ।

ଏଥର ପଞ୍ଚାୟତର ନଜର ଏପଟକୁ ଘୁରି ସରପଞ୍ଚ ମହାଶୟଙ୍କ ଉପରେ ଆସି ଠିକିଲା ।

- ଆପଣ ନିଜ ବିଷୟରେ କିଛି ଓକିଲାତି ରଖିବେ କି... ?ପଞ୍ଚାୟତ ତୁମକୁ ବି ନିଜ ତରଫଦାରୀ କରିବାକୁ ଆଉ ନିଜକୁ ନିର୍ଦୋଷ ବୋଲି ପ୍ରମାଣ ଦେବାକୁ ସୁଯୋଗ ଦେଉଛି । ପାରୁଛ ଯଦି ମଉକା ଉଠାଅ ଆଉ ନିଜକୁ ଦୋଷମୁକ୍ତ କର ନଚେତ ପଞ୍ଚାୟତର ଫଇସଲାକୁ ମଥାପାତି ଗ୍ରହଣ ପୂର୍ବକ ନିଜ ଆସନରୁ ବହିଷ୍କୃତ ହୁଅ ।

- ତୁମ ଅନ୍ତେ ଆମେ ଆଉ କାହାକୁ ଆମର ନ୍ୟାୟଦାତା ଭାବେ ଚୟନ କରିବୁ ।

- ହଁ.... ହଁ... ଠିକ୍ ଠିକ୍... ଗାଁ ରେ କଣ ସରପଞ୍ଚ ହେବା ପାଇଁ ଶ୍ୟାମା ବାବୁଙ୍କ ଠାରୁ ବଳି କେହି ଅଛନ୍ତି ନା କଣ.... ?

ମାଧିଆ ନେଫଡାଙ୍କ ପରି ଦାନ୍ତ ଦେଖେଇ କହିଲା । ଶ୍ୟାମା ତା ପାଖରେ ଠିଆ ହେଇ ଖାଲି ତା ନିଶରେ ହାତେ ଆଉ ମାଧିଆ କାନ୍ଧରେ ହାତେ ମାରୁଥାଏ ।

ସରପଞ୍ଚ ରାଜାରାମ ବାବୁ ଥରୁଟେ ମୁହଁ ଉଠେଇ ଶିବାନୀ ଆଡ଼କୁ ଚାହିଁଲେ, କିନ୍ତୁ ଶିବାନୀ ପୂର୍ବବତ୍ ନୀରବ ସହକାରେ ଠିଆ ହେଇ ତା ମୌନତା ପୂର୍ବକ ପଂଚାୟତର ନିଷ୍ପତ୍ତିରେ ନିଜର ସହମତି ପ୍ରକାଶ କରୁଛି ବୋଲି ଧରିନେଲେ ।

- ଆପଣ ମାନେ ଯେବେ ନିଷ୍ପତ୍ତି ଶୁଣେଇ ସାରିଲେଣି ମୁଁ ହିଁ ଶିବାନୀର ଧର୍ଷଣକାରି, ଆଉ ଶିବାନୀର ନୀରବତା ବି ଏ କଥାକୁ ଶହେ ରୁ ଶହେ ପ୍ରମାଣ କରୁଛି ଯେ ମୁଁ ହିଁ ଦୋଷୀ ତେବେ ମୋର ଆଉ ସଫେଇ ଦେବାର କଣ ଅଛି.. ? ଆପଣମାନେ ମୋ ବିରୁଦ୍ଧରେ ଯେଉଁ ଦଣ୍ଡ ବିଧାନ କରିଛନ୍ତି ମୁଁ ହସି ହସି ଗ୍ରହଣ କରୁଛି ଆଉ ଏ ଗାଁର ସରପଞ୍ଚ ଗାଦିକୁ ତ୍ୟାଗ କରୁଛି ।

- ଆରେ ଦେଖ ହୋ ମୁଁ କହୁ ନଥିଲି, ଯେ ଏ ଗଉଁ ମରା ହିଁ ଏତକ କାଣ୍ଡ ଭିଆଇ ଥିବ ବୋଲି ଦେଖୁନ କେମିତି ନିର୍ଲଜ ମୁହଁରେ ନିଜ ଦୋଷ ମାନୁଛି... ! ଛିଃ... ଛିଃ... ରକ୍ଷକ ହେଇ ଶେଷରେ ଭକ୍ଷକ ସାଜିଲା... ! ଆଜି କାଲି ତୁ କଣ ଝିଅ ବୋହୁଙ୍କୁ ନେଇ ଘର କରିବୁଲୋ ସାବି ଅପା.... ?? ମତେ ତ ମୋ ନାତୁଣୀ ଚମ୍ପି ପାଇଁ ଭାରି ଚିନ୍ତା ହେଲାଣି ଲୋ ମା... !!ନେତୀ ନାନୀ ଏତକ କହିଲା ବେଳକୁ ପାଟିରେ ତା'ର ବାଟୁଳି ବାଜୁ ନଥାଏ ଜାଣ ।

ଏପଟେ ସରପଞ୍ଚ ରାଜାରାମ ବାବୁ ନିଜେ ସ୍ୱଇଛାରେ ଏ ସରପଞ୍ଚ ପଦବୀରୁ ଇସ୍ତଫା ଦେଉଛନ୍ତି ବୋଲି ରାଜିନାମା ସ୍ୱାକ୍ଷର କରିବାକୁ ଯାଉଛନ୍ତି......

- ରହି ଯାଆନ୍ତୁ ସରପଞ୍ଚ ମହାଶୟ.... !! ମୁଁ ଆପଣଙ୍କୁ ହାତ ଯୋଡି ନେହୁରା ହେଉଛି ଏମିତି ଏକ ନିଷ୍ପତ୍ତି ନିଅନ୍ତୁ ନାହିଁ ।

ଦେବୀ ପାର୍ବତୀ ନିଜ ଘୋର ତପସ୍ୟାରୁ ବିରତ ହେଲା ପରି ଶିବାନୀ ନିଜ ନୀରବତା ଭଙ୍ଗ ପୂର୍ବକ ମୁହଁ ଖୋଲି ରାଜାରାମ ବାବୁଙ୍କୁ ତାଙ୍କ କାମରୁ ବିରତ ହେବାକୁ ଅନୁରୋଧ କଲା ।
ରାଜାବାବୁ ଅଟକି ଯାଇ ଶିବାନୀ ମୁହଁକୁ ଚାହିଁଲେ....

- ହଁ ସରପଞ୍ଚେ ଆଜ୍ଞା... ଆପଣ ଏମିତି ଗୋଟେ ନିଷ୍ପତ୍ତି ନେଇ ଆମ ମାନଙ୍କ ଜୀବନକୁ ଅନ୍ଧାର ଭିତରକୁ ଠେଲି ଦେଇ ପାରିବେନି । ଆପଣଙ୍କର କିଛି ଭୁଲ ନାହିଁ, ମୁଁ କହୁଛି ଆପଣ ନିର୍ଦ୍ଦୋଷ... ! ଆଉ କାହାର ପାପ କର୍ମକୁ କେମିତି ବିନା ପ୍ରତିବାଦରେ ନିଜ ମୁଣ୍ଡକୁ ନେଇ ଯାଉଛନ୍ତି... ?? ମୁଁ ଏ ଭରା ପଂଚାୟତରେ କହୁଛି ଯେ ଆପଣ ଦୋଷୀ ନୁହଁନ୍ତି ।

- ଆଲୋ ଆଲୋ ଦେଖ ଏ ମଉନ ମୁହିଁକୁ... ଏ କଣ କହୁଛି... ସରପଞ୍ଚ ୟାର ଏମିତି ସର୍ବନାଶ କରିନି...!! ମତେ ତ ଆଗରୁ ଲାଗୁଥିଲା ଏ ମାଇକିନା କୋଉଠି ବାର ଘଇତା କରୁଥିବ ବୋଲି.. ତମକୁ ସତ ମତେ ମିଛଲୋ ସାବି ଅପା,ଆଗରୁ ବି କେତେଥର ମୁଁ ବଜାର ହାଟରେ ୟା ନାଁ ରେ ଟୁପୁରୁ ଟାପର ହେଉଥିବାର ଶୁଣିଚିଲୋ... ! ହେଲେ ମୋର କଣ ଯାଏ ପର ଝିଅ ବୋହୁଙ୍କ କଥାକୁ ଅକଥା କରିବା... ନାଁ କଣ ଲୋ ହୁଣ୍ଡୀ ତୁ କହୁନୁ ମୁଁ ଠିକ କରୁଛି ନାଁ ନାହିଁ.. ପାଖରେ ଠିଆ ହେଇଥିବା ହୁଣ୍ଡୀକୁ କହୁଣୀଟାଏ ମାରି ଦେଇ କହିଲା ନେତୀ ନାନୀ... ।

- ତୁ ଟିକେ ଚୁପ ହବୁ ଟି ନେତୀ ନାନୀ... !!

ଚୌପାଢୀ ଉପରୁ ଥାଇ ଜଣେ ମୁରବି ଶିବାନୀକୁ ପଚାରିଲେ,ଏ କଣ କହୁଛ ଶିବାନୀ ବୋହୂ... ? ତମ ମୁଣ୍ଡ ଠିକରେ କାମ କରୁଛି ତ.... ! ତୁମ କହିବା ମୁତାବକ ରାଜାରାମ ବାବୁ ତୁମ ଅପରାଧୀ ନୁହଁନ୍ତି.. ? ସତ କୁହ ବୋହୂ ମା ତୁମକୁ ଭୟ କିମ୍ବା ଧମକ ଦେଖାଇ ତୁମ ମୁହଁ ବନ୍ଦ ରଖିବାକୁ କାହାର ଏ ଯୋଜନା ନୁହଁ ତ ଆଉ... ?? ଦୟାକରି ଆମ ମାନଙ୍କ ସହ ଥଟ୍ଟା ପରିହାସ କରି ଆମର ସମୟ ନଷ୍ଟ କରନି ।

- ହଁ ଠିକ କହିଛନ୍ତି ଆପଣ, ମତେ ଡରେଇ ଧମକେଇ ମୋ ମତ ବଦଳେଇବାକୁ ଚେଷ୍ଟା କରା ଯାଇଛି....!

ଏତିକିବେଳେ... ନେତୀ ନାନୀ - ଆଲୋ ହୁଣ୍ଡୀ ମୁଁ ତତେ କହୁ ନଥିଲି କି ଏଠି ଭିତିରି କିଛି ଗୋଟାଏ ଖେଳ.......

- ତୁମେ ଚୁପ ରୁହ ତ ନାନୀ କଣ ଗୋଟେ ସେତିକିବେଳୁ ମୁଁ କହୁ ନଥିଲି... ମୁଁ କହୁ ନଥିଲି... ତୁମେ ଏବେ ଟିକେ ଚୁପ ରୁହ ଆଉ ଶିବାନୀକୁ କହିବାକୁ ଦିଅ..., ହରିଆ ମାଇପଟା ଝିଙ୍ଗାସୀ ପକେଇଲା ନେତୀ ନାନୀକୁ । ଆଉ କିଛି ନ କହି ଚୁପ ହେଇଗଲା ନାନୀ ଆମର... !!

- ହଁ, ମତେ ଡ଼ରେଇ ମରେଇ ଚୁପ ରହିବାକୁ ବାଧ୍ୟ କରା ଯାଇଛି ଆଜ୍ଞା । ପାଟି ଖୋଲିଲେ ମୋ ପୁଅ କାହ୍ନୁଆକୁ ଜୀବନରୁ ମାରିଦେବେ ବୋଲି ଧମକ ବି ଦିଆ ଯାଇଛି.. ଆଉ ମୋ ଇଜ୍ଜତକୁ ଟଙ୍କା ପାଞ୍ଚ ହଜାରରେ ବିକି ଦେଇ ସେଇ ଟଙ୍କାକୁ ମୋ ମୁଠିରେ ଗୁଂଜି ଦେଇ ମତେ ପାଟୀ ନ ଫିଟେଇବାକୁ ବାଧ୍ୟ କରାଯାଇଛି । ଏମିତି ଭାବେ ଶିବାନୀ ସେଦିନର ଘଟଣା ବିଷୟରେ ସବୁ ଗୋଟି ଗୋଟି କରି କହିଗଲା ।

- ମତେ କ୍ଷମା କରି ଦିଅ ସରପଞ୍ଚ ବାବୁ... ମୁଁ ଏଯାଏଁ ଚୁପ ରହି ଆପଣଙ୍କୁ ବହୁତ ଅପମାନିତ ହେବାକୁ ପଡିଲା । ମୁଁ ପ୍ରଥମରୁ ମୁହଁ ଖୋଲିଥିଲେ ଆଜି ଆପଣ ଏଠି ଏମିତି ପରିସ୍ଥିତିର ସାମ୍ନା କରି ନଥାନ୍ତେ । ମୁଁ କେବଳ ମୋ ପୁଅ ମୁହଁକୁ ଚାହିଁ.....କିନ୍ତୁ ମୋ ବିବେକ ମତେ ବାଧା ଦେଲା ଆପଣଙ୍କ ପରି ଏକ ଦେବତାକୁ ଅପରାଧୀର କଳଙ୍କ ଟୀକା ପିନ୍ଧେଇ ପାରିବିନି । ଆପଣ ଆମ ମାନଙ୍କ ପାଇଁ ଜିଅନ୍ତା ଭଗବାନ । ମନ୍ଦିରରେ ଯଦି ଭଗବାନ ନ ରୁହନ୍ତି ତେବେ ଆମେ ପ୍ରଜା ମାନେ କାହା ପାଖେ ଆମ ଗୁହାରି କରିବୁ.. ?

ମୋର ମନେ ଅଛି ବାବୁ ମୋ ଗେରସ୍ତ ଟି. ବି ରୋଗରେ ମରିଯିବା ପରେ ମେଡିକାଲରୁ ଯେବେ ଶବ ଗାଁ କୁ ଆସିଲା.. ସେଇଟା ଏକ ଡିଆଁ ରୋଗ ବୋଲି କହି କେହି ମୋ ପରିବାରର କତି ପଶିଲେ ନାହିଁ, ସକାଳ ପହରୁ ଘରେ ମଢ଼ା ପଡି ରହିଥାଏ, ଆସି ରାତି ହେଲା ମୁଁ ଆଉ ମୋ ଶାଶୁ ମାଇପି ଲୋକ ଦି ଟା କଣ ବା କରି ପାରିଥାନ୍ତୁ । ଆପଣ ସେଦିନ ଏତେ ବଡ଼ ବର୍ଷା ରାତିରେ ସେ ରୋଗର ଭୟକୁ ଖାତିର ନ କରି ଏକାକୀ ଆସି ମୋ ଘରୁ ମଢ଼ା ନେଇ ଶବ ଦାହ କରିଲେ ଆଉ ମୋ ପରିବାରକୁ ଦାନା ପାଣି ଯୋଗେଇଥିଲେ ।ମୁଁ ସେକଥା କେମିତି ପାସୋରି ଯିବି ବାବୁ... ?ମୋ ନିଜ ସ୍ୱାର୍ଥ ପାଇଁ ଏ ସାରା ଗାଁ ର ଲୋକ ମାନଙ୍କର ଭଗବାନଙ୍କୁ ଅପବିତ୍ର କରି ପାରିବିନି ଆଜ୍ଞା ।ମୁଁ ମୋ ଭୁଲ ମାନୁଛି ମତେ ଏ ପାଇଁ ଶାସ୍ତି ଦିଆଯାଉ କିନ୍ତୁ ସରପଞ୍ଚ ମହାଶୟଙ୍କୁ ଏତେ ବଡ଼ ଅପବାଦ ଦିଅନ୍ତୁନି ।

ଶିବାନୀର ଏତିକି କଥାରେ ସାରା ପଞ୍ଚାୟତ ଦଣ୍ଡିଏ ମୁହୂର୍ତ୍ତରେ ଓଲଟ ପାଲଟ ହେଇଗଲା ।ମୁରବି ମାନେ ସବୁ ଶୁଣି ସାରି ଶିବାନୀକୁ ତା ସତ୍ ସାହସ ପାଇଁ ପ୍ରଶଂସା କରିବା ସହ ରାଜାରାମ ବାବୁଙ୍କୁ ସେମାନଙ୍କର ଭୁଲ ବୁଝାମଣା ଆଉ ତାଙ୍କ ପ୍ରତି ନେବାକୁ ଯାଉଥିବା ଏମିତି ଏକ କଠୋର ନିଷ୍ପତ୍ତି ପାଇଁ ତାଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହ ତାଙ୍କୁ

ସସମ୍ମାନେ ତାଙ୍କ ସରପଞ୍ଚ ଗାଦି ଉପରେ ବସେଇ ଆଉ ଥରେ ପଗଡି ପିନ୍ଧେଇ ପୁଣି ଥରେ ଗାଁ ର ଶାସନ ଭାର ତାଙ୍କ ହାତରେ ନ୍ୟସ୍ତ କଲେ । ରାଜାରାମ ବାବୁ ବି ତାଙ୍କ ମୁହଁରେ ପୂର୍ବବତ୍ ନୀରବତା ରକ୍ଷା କରି ମହାବାହୁଙ୍କ ଉଦେଶ୍ୟରେ ହାତ ଯୋଡି ପଗଡି ପରିଧାନ କରି ଆସନ ଗ୍ରହଣ କଲେ ।

ଏପଟେ ଶ୍ୟାମା ଆଉ ମାଧିଆ ପ୍ରମାଦ ଗଣି ସେଠୁ ଜୀବନ ଧରି କେତେବେଳୁ ଖସି ଯିବାକୁ ବସିଲା ବେଳେ ଗାଁ ଟୋକା ମାନଙ୍କ ହାବୁଡ଼ରେ ପଡି ଯାହା ତ ଖଣ୍ଡିଆ ଖାବରା ହେଲେ ତା ସହ ଜଣକା ଦଶ ହଜାର ଟଙ୍କା ଲେଖାଏଁ ଜୋରିମାନା ସହ ତାଙ୍କୁ ଲଣ୍ଡା କରି ମୁହଁରେ ଚୂନ କାଳି ବୋଲି ସାରା ଗାଁ ରେ ବୁଲାଯାଉ ବୋଲି ପଂଚାୟତ ନିଷ୍ପତ୍ତି ନେଲା, ଅବଶ୍ୟ ଏ ନିଷ୍ପତ୍ତି ହୃଦୟବାନ୍ ମଣିଷ ରାଜାରାମଙ୍କର ନଥିଲା ଏହା ଥିଲା ଗାଁର ବୟୋଜ୍ୟେଷ୍ଠ ମୁରବି ମାନଙ୍କର ।

ଏତିକିରେ ପଞ୍ଚାୟତ ଭଙ୍ଗ ହେଲା ପରେ ସମସ୍ତଙ୍କ ମୁହଁରେ ହଁ.... ଆମେ ଚିହ୍ନିନୁ ଆମ ରାଜାବାବୁଙ୍କୁ... ତାଙ୍କଭଳି କିଏ ଏମିତି ଏ ଖଣ୍ଡ ମଣ୍ଡଳରେ ଅଛନ୍ତି ବା... !! କଣ ଗୋଟା ଫନ୍ଦି ଫିକର କରି ତାଙ୍କୁ ଫସେଇ ଦିଆ ଯାଉଥିଲା ନା... ନହେଲେ ତାଙ୍କ ଭଳି ଦେବତା ଆଉ ଏ ପାପ କର୍ମ.. ରାମ... ରାମ.... ଏ କଥାକୁ ତୁଣ୍ଡରେ ନେଲେ ବି ଶହେ ଆଠ ଥରନାଇଁ ନାଇଁ ଶହେ ଅଶି ଥର ବି ଗଙ୍ଗାରେ ବୁଡ ଦେଲେ ବି ପାପ କମ୍ ହବନି... !!

ଏପଟେ ଆମ ନେତୀ ନାନୀ... ଆଲୋ ସାବି ଅପା ତମକୁ ସତ ମତେ ମିଛ.....ମୁଁ କା... ଆ...ଲି ତମକୁ ପୋଖରୀ ତୁଠରେ କହୁ କହୁ ନଥିଲି.. ଯେ .ଆମ ସରପଞ୍ଚ ବାବୁ ହୀରା ଖଣ୍ଡେ ବୋଲି । ଆଉ ଦେଖ ମୋ ତୁଣ୍ଡ କେମିତି ସତ ସତ କହୁଥିଲା ବୋଲି । ଏମିତି ମୋ ତୁଣ୍ଡରୁ ଖାଲି ସମସ୍ତଙ୍କ ପାଇଁ ଭଲ ଭଲ କଥା ହିଁ ବାହାରୁ ଥାଉ ଲୋ ମୋ ମା... !! କଣ ଦରକାର ପର ପୁଅ ବୋହୂଙ୍କ କଥାକୁ ଅକଥା କରିବା... ? ହୁଣ୍ଡୀକୁ କହୁଣୀରେ ଢିଅଟିଏ ପକେଇ କହିଲା, "ଆଲୋ ଖୁଣ୍ଟଟା ପରି କଣ ଠିଆ ହେଇଛୁ ଲୋ ହରିଆ ମାଇପ... କହୁନୁ ସତ କି ମିଛ ବୋଲି ।"

ଆଳ, କେନ୍ଦ୍ରାପଡ଼ା

# ସଂକଳ୍ପ



ବୈଷ୍ଣବ ମେହେର

ଧୀରେ ଧୀରେ ପାଦ ବଢ଼ାଅ
ଭୁଲିଯାଇ ଅତୀତକୁ,
ରକ୍ତ ମାଂସେ ଗଢ଼ା ଶରୀର
କଙ୍କାଳର ଢାଞ୍ଚା ଉପରେ...
ପ୍ରବଂଚନାର କଠୋର୍ଘାତେ,
କେବେ..
ବିଲୀନ ହେଇଯିବ ମାଟିଭିତରେ ।
ସଂକଳ୍ପ ନଅ ଆଗକୁ ଯିବାପାଇଁ,
ନିଜ ଉର୍ଜାକୁ ଉପଯୋଗ କରି,
ନଚେତ...
ଜଗିବସିଛନ୍ତ ଶୃଗାଳ..
କଙ୍କାଳରୁ ମାଂସ କାଢ଼ିନେବା ପାଇଁ ।
ତୁମ ଆଉ ମୋ ଭିତରେ
ଫରକ୍ ଖୋଜନା,
ମୁଁ ତ ବଞ୍ଚୁଥିବି...
ଅନ୍ୟକୁ ଦମନ କରି,
କିନ୍ତୁ;
ତୁମେ ନିଜ କଥା ଭବ,
କେତେଦିନ ବଞ୍ଚିବ...
ଏମିତି ସ୍ଫୁର୍ତିହୀନ ହୋଇ ।

ଗଣ୍ଡାବାହାଲି, ନୂଆପଡା

# ହେ ଚନ୍ଦ୍ରମା



ଚନ୍ଦନା ମଞ୍ଜରୀ ତ୍ରିପାଠୀ

ହେ ଚନ୍ଦ୍ରମା ତୁମେ ନିଷ୍ଠୁର ପରାୟେ
ମୋ ଜୀବନ କାରାଗାରେ
ବିଞ୍ଚିଦିଅ ତୁମ ଯୋଛନା ରୁ କିଛି
ସାଉଁଟିବି ପଣତରେ ।।

ତୁମ ଯୋଛନା ରେ ଶୀତଳତା ଭରି
ଦିଅ ଗୋ ହୃଦୟେ ମୋର
ମୋ ଭଙ୍ଗା ହୃଦୟ ଜାଗ୍ରତ ହେବ ଗୋ
ପାଇ ତୁମ ପ୍ରିତୀ ଧାର ।।

ତୁମ ପ୍ରେମ ବାର୍ତା ଆଳାପ କବିତା
ଶୁଣି ଶୁଣି ମୋର କର୍ଣ୍ଣ
ନିଃଶବ୍ଦ ରାତିରେ ପାଲଟି ଯାଏଁ ମୁ
ପରୀ ରାଇଜର ଏକ ଅଜଣା ସ୍ୱପ୍ନ ।

ନିରବତା ମୋର ମନେ ଭରିଦେଇ
କୁଆଡେ ଯେ ଚାଲିଯାଅ
ଚାତକ ପରାଏ ଚାହିଁ ଥାଏ ରହି
ଟିକେ ବାସ୍ତବତା ଭରିଦିଅ ।।

ହୃଦ ମୋ ପଚାରେ କିଏ ଅବା ତୁମେ
ନିଶାର୍ଦ୍ଧ ରେ ମୋର ସାଥି
ପହିଲି କିରଣେ ଶୀତଳ ବାସ୍ନା ରେ
ଝାଉଁଳି ଯାଏ ମୋ ମତି ।।

ହେ ନିଶାଚର ପ୍ରେମ ପ୍ରଣୟର
ଅଟ ତୁମେ ଗନ୍ତାଘର
ମୋ ମନ ଢେଉ ରେ ଆହୁଲା ତ ନାହିଁ
କିଏ ଧରେ କାତ ମୋର ।।

ଲେଖନୀ ମୋର ସଦା ରହିଥାଅ
ଅନ୍ତରଙ୍ଗ ମୋର ସାଜି
ତୁମ ଅଗଣାରେ ନିତି ଆସୁଥିବି
ହୋଇ ତୁମ ଏକ ସାଥି ।।

ଜଗଲ୍ପାଟ୍, ବରଗଡ

# କୁଆଁ ତାରା



ସ୍ୱାତୀ ବନ୍ଦନା କର

ମନ ଅନ୍ଧାରର ବୁକୁ ଚରି
ଏଇ ଦେଖ ଧସେଇ ପଶି ଆସିଥିଲା
ତୁମ ଭଲପାଇବାର ଧୂମକେତୁ
ଭୂମିପରେ ଲୋଟିଯିବାକୁ କେତେବା ସମୟ ଲାଗିଥାନ୍ତା ?
ତୁମେ କନ୍ତୁ ପୁଣିଥରେ ଧରିନେଲ ଧର୍ମାତ୍ମା ପରି
ଭୁସୁଡି ଯାଉଥିବା ସମ୍ପର୍କର ସେତୁ ।

ନର୍ବାକ ନଶିର ବୟସ ଅପରାହ୍ନରେ
ଧୁ ଧୁ ଧୋକାର ନଆଁ
କୁହୁଳ କୁହୁଳ କୋମଳ ହୃଦୟ
ଭୁଲିଯାଏ ମୁକୁଳବାର ନାଆଁ ।

ଧୋବ ଫରଫର କୁଆଁ ତାରା ଦିଶୁଛି
ସଜ ଫୁଟା ତଗରଟ ଫୁଲ ପରି
ଆକାଶର ପୁରୁବ ଦିଶାରେ
ବାକ ସବୁ ତାରା ତା ଗୋଲାମ
ଏବେ ପ୍ରଭାତର ଆଗମନ
କାଚକେନ୍ଦୁ ପରି ସ୍ୱଚ୍ଛ ଜୀବନ,
ଅପେକ୍ଷା ଖାଲି ମନ ଉପବନରେ ରଙ୍ଗିନ୍ ସପନ ।

ଜଗତସିଂହପୁର

# ଶସ୍ତା ରାଜନୀତି



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ

ଆମରି ଏ ଭାରତ ମାଟିରେ
ଉଠେ ଯେବେ ନିର୍ବାଚନୀ ଝଡ
ଟିକେଟ ଖଣ୍ଡିଏ ପାଇଁ,
ଚାଲିଥାଏ ଲବି ପରେ ଲବି,
ଦଳପତିଙ୍କ ନୀବାସେ
ଜମିଯାଏ ନେତାଙ୍କର ଭିଡ ।
ଗସ୍ତ ପରେ ଗସ୍ତ ପୁଣି
ଦେଇ ମିଥ୍ୟା ପ୍ରତିଶ୍ରୁତି;
ଭୁଲିଯାଇ ବର୍ଷା, ଖରା ତାତି,
ଗାଁରୁ ସହର ବୁଲି ନେତୃବୃନ୍ଦ, ଭୋଟ ମାଗନ୍ତି ।
କିଏ କହେ-ଗରିବୀ ହଟାଇ ଦେବି,
କିଏ କହେ-କୃଷୀରଣ ଛାଡ କରିଦେବି
କିଏ କହେ-ଦରମା ବୃଦ୍ଧି କରିବି,
ପୁଣି ଜନତାର ସର୍ବାଙ୍ଗୀନ ଉନ୍ନତ୍ତି କରିବି ।
ଗାଦିଖଣ୍ଡି ମିଳିଗଲା ପରେ
ହଠାତ ବଦଳିଯାଏ ନେତାଙ୍କ ଠିକଣା
ଚହ୍ନି ତାଙ୍କୁ ଚହ୍ନିବି ହୁଏନା;
ଦରକାର ବେଳେ ତାଙ୍କ ଦର୍ଶନ ମିଳେନା ।
ଅର୍ଥ ପାଇଁ ଦିଅ ନାହିଁ ନିଜତ୍ୱକୁ ବଳି,
ନୀତି, ଆଦର୍ଶକୁ କେବେ ଯାଅ ନାହିଁ ଭୁଲି ।

ଜନତାର ବିଶ୍ୱାସରେ ଭର ନାହିଁ ବିଷ,
ଆନ ମୁଣ୍ଡେ ଦୋଷ ଲଦି–ହୁଅନା ନିର୍ଦ୍ଦୋଷ ।
ଗୋବିନ୍ଦ ବଲ୍ଲଭ ଆମ ଉତ୍କଳ ଗୌରବ,
କହିଥିଲେ ଯାହା ଥରେ କର ଅନୁଭବ ।
ଉକ୍ତ ତାଙ୍କ–ମନ୍ତ୍ରୀମାନେ ଜନତା ସେବକ,
ବେତନ ନେବାଟା ତାଙ୍କ ପକ୍ଷେ ନିରର୍ଥକ ।
ତାଙ୍କ ପ୍ରସ୍ତାବକୁ କେହି କଲେନି ଗ୍ରହଣ,
ମନ୍ତ୍ରୀପଦରୁ ଇସ୍ତଫା ଦେଲେ ସେ ତତକ୍ଷଣ ।
ନିର୍ବାଚନ ରଣାଙ୍ଗନେ ତୁମେ ଜଣେ ବୀର;
ତୁମର ଶପଥ ହେଉ – କର ଅବା ମର ।
କେହି ନୁହେଁ ଏ ଜଗତେ ଅଯର ଅମର,
ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର ।
ଜନତାର ସେବା ତୁହି କରୁଥାଅ ବନ୍ଧୁ !
ଦେଶହିତେ ଝରାଇଦେ ପ୍ରତି ରକ୍ତ ବିନ୍ଦୁ ।
ଇତିହାସେ ଲିପିବଦ୍ଧ ହେଉ ତୋ ସୁନାମ,
ମାନବ ସେବାଟି ହେଉ ତୋର ଶ୍ରେଷ୍ଠ କର୍ମ ।
ଲୋକ ପ୍ରତିନିଧି ତୁମେ
ତାଙ୍କ ଯୋଗୁ ବନିଅଛ ମନ୍ତ୍ରୀ;
ଭୁଲେଇ ଜନତା ତୁମେ କରନା ଦୁର୍ନୀତି,
ଆଖିବୁଜି ଲୁଟନାହିଁ ଜାତୀୟ – ସମ୍ପତ୍ତି,
କରନାହିଁ କରନାହିଁ ଶସ୍ତା ରାଜନୀତି ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ରାଉରକେଲା

# ପ୍ରାର୍ଥନା ଓ ବିଶ୍ୱାସର ଶକ୍ତି



ବିଜୟଲକ୍ଷ୍ମୀ ମହାନ୍ତ ପଟ୍ଟନାୟକ

କ୍ଷୀଣ ହେଲେ କେବେ ଧାର୍ମିକ ଶକତି
ଓହ୍ଲାଇ ଆସନ୍ତି ପ୍ରଭୁ ବିଶ୍ୱପତି
ନିତ୍ୟ ଧାମୁଁ ଛାଡି ରତ୍ନ ସିଂହାସନ
କରିବାକୁ ଧର୍ମ ପକ୍ଷ ସମର୍ଥନ । (ଉତ୍କଳମଣି ) ଗୋପବନ୍ଧୁ ଦାସ )

ମାନବ ଜୀବନ ଅନ୍ତହୀନ ଦୁଃଖ ଯନ୍ତ୍ରଣାର ସମାହାର । ସୁଖ କେବଳ ଦୁଇଟି ଦୁଃଖରେ ମଧ୍ୟାନ୍ତର ମାତ୍ର । ସମ୍ରାଟଙ୍କ ଠାରୁ ଶ୍ରମଜୀବୀ ଯାଏ, ମନ୍ତ୍ରୀ ଠାରୁ କୃଷକ ଯାଏ, ଏପରି କେହି ନାହିଁ ଯାହା ଯିବନରେ ଦୁଃଖ ନାହିଁ, ଶୋକ ନାହିଁ, ଗ୍ଲାନି ନାହିଁ, ଯନ୍ତ୍ରଣା ନାହିଁ, ନୈରାଶ୍ୟ ନାହିଁ । ଘାତ, ପ୍ରତିଘାତ, ଜୀବନ ଯନ୍ତ୍ରଣାରେ ହୃଦୟ ବେଳେବେଳେ ଦୁର୍ବିସହ ହୋଇପଡେ । ଅବସାଦ, ନୈରାଶ୍ୟ, ଅସହାୟତାରେ ମଣିଷ ଜୀବନ ଜୀଇଁବାର ସବୁ ଆଶା ଛାଡି ନିରାଶା ଆଡକୁ ଗତିକରେ । ସେତେବେଳେ ସେ ଏକାନ୍ତରେ ଗୋଟିଏ କୋଣ ଖୋଜେ । ଅନ୍ଧାର ଘର ଭିତରେ ହୃଦୟର କୋହକୁ ଲୋତକ ଆକାରରେ ଅଜାଡି ଦେବାପାଇଁ । କେହି ଜଣେ ସବୁଠୁ ଆପଣାର ଲୋକ ତା ପାଖରେ ସେ ଚାହେଁ, ଯାହା ଆଗରେ ସେ ହୃଦୟ ଖୋଲି କାନ୍ଦି ପାରିବ । ଯିଏ ତା ମୁଣ୍ଡ ଉପରେ ହାତ ରଖି ପିଠି ଆଉଁସି ଲୁହ ପୋଛି ତାକୁ ଆଶ୍ୱାସନା ଦେବ, ଛାତି ଉପରକୁ ଆଉଜାଇ ନେବ । ସେପରି କେହି ମିଳିବା କଣ ସମ୍ଭବ! ଯଦି ନ ମିଳେ, ସେ ଆଣ୍ଠୁମାଡି, ହାତଯୋଡି, ହୃଦୟ ଅଜାଡି ବସିଯାଏ, ସେ ନିଜେ ତିଆରି କରିଥିବା ସେହି କାଠ, ପଥର ମୂର୍ତ୍ତି ସାମ୍ନାରେ । ତାର ଜ୍ୱାଳା ଉପରେ ଶାନ୍ତିର ମଲମ ବୋଲି ହୋଇଯାଏ । ନିଷ୍ଠୁର ଜର୍ଜରିତ ଅନ୍ଧକାର ମଧ୍ୟରେ କେହି ଆଲୋକ ବର୍ତ୍ତିକା ପରି ଉଭା ହୁଏ । ତାଙ୍କରେ ପାଖରେ ସେ ତାର ସମସ୍ତ ଚୈତନ୍ୟ ଶକ୍ତି ଏକତ୍ରୀତ କରି ତାଙ୍କ ସହିତ ନିଜ ହୃଦୟର ଭାବ ମିଶାଇ ଦେବା ପାଇଁ ଶତତ ଚେଷ୍ଟିତ

ହୁଏ । ସେଇଠି ଅଟକି ଯାଏ ମନ, ହୃଦୟ ଓ ଆତ୍ମା - ସବୁ କିଛି । ସେ ଗଛ ମୂଳର ସିନ୍ଦୂରିତ ପଥର ହେଉ ପଛେ ।

"ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁଦୂର"

ସେଠି ବିଶ୍ୱାସ ମଜବୁତ୍ ହୋଇଯାଏ । ଶକ୍ତ ଟାଣହୁଏ । ମାଡିଯାଏ ବିଶ୍ୱାସର ଚେର । ପ୍ରାର୍ଥନା କରି ସବୁ ମାଗିଦେବାକୁ କହି ଦେବାକୁ ମନ ଛଟପଟ ହୁଏ । ପ୍ରାଣରେ ଅମୃତ ଭରିଯାଏ । ଆଶ୍ୱାସ ଲାଗେ । ବିଶ୍ୱ ବେଦନାର ବୈଦ୍ୟ ଲେପିଦିଅନ୍ତି ସ୍ନେହ ଅମୃତବୋଳା ମହୋଷଧି ଜୀବନରେ । ନିଜେନିଜେ ଭିତରେ ଆଶ୍ୱାସନା ପାଇଯାଏ ମଣିଷ । ବିଶ୍ୱାସ ଓ ପ୍ରାର୍ଥନା ଦ୍ୱାରା ମାନବାତ୍ମା ନୂତନ ତେଜରେ ଉଦଭାସିତ ହୁଏ । ଅନ୍ତରଭିତରୁ ସମସ୍ତ ଗ୍ଲାନି, ହତାଶା କ୍ରମେ ଦୂର ହୋଇଯାଏ । ଈଶ୍ୱର ବିଶ୍ୱାସର ଓ ସାନ୍ନିଧ୍ୟର ସ୍ନେକ ଶୀତଳ ସ୍ୱର୍ଶ ଅନୁଭୂତ ହୁଏ । ସେ ପ୍ରକୃତରେ କିଛି କରନ୍ତି ନାହିଁ, କିନ୍ତୁ ବିଶ୍ୱାସହିଁ ପ୍ରଶାନ୍ତି ଓ ଭାରସାମ୍ୟ ରକ୍ଷାକରି ସକାରାତ୍ମକ ଚିନ୍ତା ସୃଷ୍ଟିକରି ପରିସ୍ଥିତିକୁ ହାଲୁକା କରିଦିଏ ।

ଭକ୍ତ କବି ମଧୁସୂଦନ ରାଓଙ୍କର ଗୋଟିଏ ଭାବାତ୍ମକ ପ୍ରାର୍ଥନା ବିଷୟରେ ଏଠାରେ ଆଲୋଚନା କରିବା । ଏହା ଅନେକ ମୂଲ୍ୟବୋଧର ସମାହାର ।

ହେ ଆନନ୍ଦମୟ କୋଟି ଭୁବନ ପାଳକ (ପ୍ରଶଂସା)
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ (ବିନୟଭାବ)
ଜ୍ଞାନଦାତା ଭଗବାନ (ଅନୁରୋଧ)
ଦିଅ ମୋତେ ଶୁଭବୁଦ୍ଧି ଦିଅ ବିଦ୍ୟାଜ୍ଞାନ (ଭଲ ମାଇବା)
ସତ୍ୟ ପଥେ ଧର୍ମ ପଥେ ଘେନିଯାଅ ମୋତେ (ସତ୍ୟ ଓ ଧର୍ମ ମାର୍ଗରେ ଚାଲିବା)
ଭସାଅ ପରାଣ ମୋରେ ତବ ପ୍ରେମ ସ୍ରୋତେ (ପ୍ରେମ)
ପ୍ରଭୁ ପରମ ଶରଣ (ନମ୍ରତା)
ଏ ଜୀବନ ଶ୍ରୀ ଚରଣେ କଲି ସମର୍ପଣ (ସମର୍ପଣ ଭାବ) ।

ଅତି ସୁନ୍ଦର ମୂଲ୍ୟବୋଧପୂର୍ଣ୍ଣ କବିତା । ଏଥିପାଇଁ ଏହା ସ୍କୁଲ ମାନଙ୍କରେ ପ୍ରାର୍ଥନା ଭାବରେ ବ୍ୟବହାର କରାଯାଉଥିଲା । ବହୁ ପୁରାକାଳରୁ ଧାର୍ମିକ ପରମ୍ପରାରେ ପ୍ରାର୍ଥନା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରି ଆସିଛି । ଶବ୍ଦ ଏବଂ ଭାବର ଆଧାର, ସମୟ, ସ୍ଥାନ ଅଲଗା ଅଲଗା ହୋଇପାରେ କିନ୍ତୁ ପ୍ରତ୍ୟେକ ଧର୍ମରେ ପ୍ରାର୍ଥନା ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇ ରହିଛି । ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ, ଶିଖ – ସବୁ ଧର୍ମରେ ପ୍ରାର୍ଥନାର ଗୁରୁତ୍ୱ ରହିଛି । ଭାଷା ଅଲଗା ଅଲଗା ଭାବ କିନ୍ତୁ ଗୋଟିଏ ।

ମହାତ୍ମାଗାନ୍ଧୀ କହନ୍ତି – ମଣିଷର ହୃଦୟ ଗୋଟିଏ ଆଇନା ପରି, ଯାହା ଉପରେ ବାରମ୍ବାର ଧୂଳି ଜମିଯାଏ । ତାକୁ ସଫା କରିବା ନିମନ୍ତେ ସବୁବେଳେ ପ୍ରାର୍ଥନା କରିବା ଦରକାର । ପ୍ରାର୍ଥନା ହେଉଛି ସେହି ଚାବି ଯାହା ସାହାଯ୍ୟରେ ଜ୍ଞାନର ସ୍ୱର୍ଗଦ୍ୱାର ଖୋଲିଯାଏ । ଏପରି କିଛି ନାହିଁ ଯାହା ପ୍ରାର୍ଥନା ଦ୍ୱାରା ପୂରଣ ହୋଇ ପାରିବ ନାହିଁ ।

ଭବବାନ ସତ୍ୟସାଇବାବା କହନ୍ତି –"ମଣିଷ ଦେହର ସନ୍ତୁଳନ ରକ୍ଷା କରିବା ନିମନ୍ତେ ଯେପରି ଖାଦ୍ୟ ଓ ପାନୀୟ ଏକାନ୍ତ ଜରୁରୀ, ଠିକ୍ ସେହିପରି ମନ ଓ ଆତ୍ମାର ପୋଷଣ ନିମନ୍ତେ ପ୍ରାର୍ଥନା ହିଁ ସଠିକ୍ ପ୍ରକାରର ଖାଦ୍ୟ ଅଟେ । ଏହାଦ୍ୱାରା ଶୁପ୍ତ ଆଧ୍ୟାତ୍ମିକତା ଧୀରେ ଧୀରେ ଖୋଲିଯାଏ ।"

ଯେ କୌଣସି ସ୍ଥାନରେ ଯେ କୌଣସି ନାମରେ ପ୍ରାର୍ଥନା କରାଯାଇପାରେ । ପ୍ରାର୍ଥନାର ଶବ୍ଦ, ଶୈଳୀ, ଆକାର ସହିତ ଭଗବାନଙ୍କର କୌଣସି ସମ୍ପର୍କ ନାହିଁ । ପ୍ରଭୁ କେବଳ ଅନ୍ତରର ଆକୁଳ ଭାବକୁ ହିଁ ଦେଖନ୍ତି । ପ୍ରାର୍ଥନାର ରେଖା ଗଣତି, ସ୍ୱର, ତାଳ, ଲୟ, ତର୍କ, ନୀତିନିୟମ ସହ ମଧ୍ୟ ଭଗବାନଙ୍କର କୌଣସି ସମ୍ପର୍କ ନାହିଁ । ପ୍ରାର୍ଥନାର ବ୍ୟାକୁଳତା, ଆତୁରତା, ଗଭୀରତା ଓ ନିଷ୍ଠାପରତା ତାଙ୍କୁ ସ୍ପର୍ଶ କରେ । କୁଢ କୁଢ ଫୁଲ, ଭୋଗରାଗ, ସାଜସଜା ସହିତ ମଧ୍ୟ ତାଙ୍କର କିଛି ସମ୍ପର୍କ ନାହିଁ । ଘଣ୍ଟା ଘଣ୍ଟା ଧରି ପ୍ରାର୍ଥନା କରି ଯଦି ସେଥିରେ ନିଜ ହୃଦୟ ବିଗଳିତ ନହେଲା ତେବେ ପ୍ରଭୁଙ୍କୁ ତାହା ସ୍ପର୍ଶ କରିବ କିପରି ! ଏ ଅନିତ୍ୟ ସଂସାର ମଧ୍ୟରେ ଆଖି ବନ୍ଦ କରି ହୃଦୟର ଗଭୀରତା ମଧ୍ୟରେ, ଅନ୍ତର ର ବ୍ୟାକୁଳତାରେ ଡାକିଲେ ତାଙ୍କ ପାଖରେ ପହଞ୍ଚିବ ।

"ସେ ତ ଭକତ ଭାବରେ ବନ୍ଧାରେ, ସେ ତ ଭକତ ଜୀବନ ଧନ..."

ଭଗବାନଙ୍କ ସହିତ ଭାବରେ ଯୋଡି ହେବା ହିଁ ପ୍ରାର୍ଥନା। ଧ୍ରୁବ, ପ୍ରହଲ୍ଲାଦ, ଦ୍ରୌପଦୀ, ଶବରୀ ଏମାନେ ତାହାହିଁ କରିଥିଲେ। ପ୍ରାର୍ଥନା ପାର୍ଥ ଧାତୁରୁ ନିଷ୍ପନ୍ନ ହୋଇଛି, ଯାହାର ଅର୍ଥ ହେଲା ମାଗିବା। ଗୋଟିଏ ହେଲା ସ୍ତୁତି ବା ସ୍ତୋତ୍ର ଓ ଅନ୍ୟଟି ପ୍ରଶଂଶା ଭଗବାନଙ୍କ କରାଯାଇଥାଏ। ଯଥା "ଆହେ ନୀଳ ଶଇଳ" ପ୍ରାର୍ଥନା, ମୃଗୁଣୀ ସ୍ତୁତି ଆଦି ଏହି ପର୍ଯ୍ୟାୟର। ଜଣାଣ ବା ଜଣେଇବା ମଧ୍ୟ ପ୍ରାର୍ଥନା। ଗାଳି ଦେଇ ଜଣେଇବା ମଧ୍ୟ ପ୍ରାର୍ଥନା। ଯଥା – "ବାଧିଲା ଜାଣି କ୍ଷମା କର ନୋହିଲେ ରମା ରମଣ ଦଣ୍ଡେ ଦିଅ ଟାଳି"(କବିସୂର୍ଯ୍ୟ ବଳଦେବ ରଥ) । ପୁଣି "ଧନ ମାଗୁନାହିଁ ଜନ ମାଗୁନାହିଁ ମାଗୁଛି ଶରଧା ବାଲିରୁ ହାତେ।" ଅପାର୍ଥିବ ବସ୍ତୁରେ ମନ। ମାନସିକ, ବାଚିକ ପ୍ରାର୍ଥନା ମଧ୍ୟରେ ଅନେକ ଜିନିଷ ମଗାଯାଏ।

ପ୍ରାର୍ଥନା ତିନି ପ୍ରକାରର। ତାମସିକ ପ୍ରାର୍ଥନା, ରାଜସିକ ପ୍ରାର୍ଥନା, ସାତ୍ତ୍ୱିକ ପ୍ରାର୍ଥନା।

ତାମସିକ ପ୍ରାର୍ଥନା – ଏହା ସଂପୂର୍ଣ୍ଣ ସ୍ୱାର୍ଥଜଡିତ। ଚୋର ଚୋରି କରିବାକୁ ପ୍ରାର୍ଥନା କରେ। କାହାରି ପ୍ରମୋଶନ ନ ହେଉ, ପୁଅ ଝିଅ ବାହାଘର ହୋଇ ନପାରୁ। ପ୍ରମୋଶନ ନହେଉ ଇତ୍ୟାଦି ନୀଚ ସ୍ତରର ପ୍ରାର୍ଥନା। ଅନ୍ୟର କ୍ଷତି କରିବାକୁ ଭଗବାନଙ୍କୁ ପ୍ରାର୍ଥନା କରିବାଠାରୁ ଅଧିକ ଖରାପ ଜିନିଷ କିଛି ନାହିଁ।

ରାଜସିକ ପ୍ରାର୍ଥନା – ଏହି ସୋପାନରେ ସାଧାରଣତଃ ଇନ୍ଦ୍ରିୟ ସୁଖ ବା ସମ୍ଭୋଗ ନିମନ୍ତେ ପ୍ରାର୍ଥନା କରାଯାଏ। ଆର୍ତ୍ତ, ଅର୍ଥାର୍ଥୀମାନେ ବିକଳରେ ନିଜ ରୋଗ ବୈରାଗ ଦୂର ପାଇଁ, ଅଭାବ ମେଣ୍ଟାଇବା ପାଇଁପ୍ରାର୍ଥନା କରିଥାନ୍ତି। ପୃଥିବୀର ଅଧିକାଂଶ ଲୋକ ଏହି ପର୍ଯ୍ୟାୟର ପ୍ରାର୍ଥନା କରିଥାନ୍ତି।

ସାତ୍ତ୍ୱିକ ପ୍ରାର୍ଥନା – ଏହା ସବୁଠାରୁ ଉତ୍ତମ ଓ ଉଚ୍ଚକୋଟିର ପ୍ରାର୍ଥନା। ସମାଜର, ଜାତିର, ଦେଶର ଓ ଅନ୍ୟର ମଙ୍ଗଳ ପାଇଁ ନିଃସ୍ୱାର୍ଥ ପ୍ରାର୍ଥନା କରୁଥିବା ବ୍ୟକ୍ତି ମଧ୍ୟ ଦିବ୍ୟ ଈଶ୍ୱରୀୟ ଗୁଣଶାଳୀ ବ୍ୟକ୍ତି ବିବେଚିତ ହୁଅନ୍ତି । ଅନାବିଳ ପବିତ୍ର ହୃଦୟଟିଏ କେବଳ ସାତ୍ତ୍ୱିକ

ପ୍ରାର୍ଥନା କରିପ୍ରାର୍ଥନା କରିପାରେ। ଏହା ମାନବକୁ ମାଧବରେ ରୂପାନ୍ତରିତ କରିଦିଏ। ମୋକ୍ଷର ବାଟ ଫିଟାଏ। ଏହାର ଅନେକ ଉଦାହରଣ ଆମରି ଭିତରେ ରହିଛି। ମହାତ୍ମାଗାନ୍ଧୀଙ୍କୁ ଜାତିର ଜନକ କୁହାଯିବାର କାରଣ ସେ ନିଜେ, ଦେଶ ଓ ଜାତି, ମାନବତା ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଉତ୍କଳମଣି ଗୋପବନ୍ଧୁ ନିଜର ରୋଗୀଣା ପୁତ୍ରକୁ ଛାଡି ବନ୍ୟା ବିପନ୍ନଙ୍କୁ ସାହାଯ୍ୟ କରିବାକୁ ଧାଇଁଯାଇଥିଲେ ଓ ଗାଇ ଉଠିଥିଲେ:

"ମୋ ଦେଶର ପଥେ ଯେତେ ଖମାଗାଡ
ପୁରୁ ଗହିଁ ପଡି ମୋର ମାଂସ ହାଡ"

ସନ୍ଥ ଭୀମଭୋଇ ଆଉ ପାଦେ ଆଗକୁ ଯାଇ ଲେଖିଲେ -"ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ। କିପରି ଭାବନା ମନ ଭିତରେ ଆସିଲେ ଏପରି ଲେଖା କଲମରୁ ଝରିପଡେ ତାହା କେବଳ ଅନୁଭବର କଥା। ଜାତିସଂଘର ପ୍ରାଚୀରରେ ସନ୍ଥ ଭୀମ ଭୋଇଙ୍କ ଲେଖା ଲିପିବଦ୍ଧ ହୋଇ ରହିଗଲା ଏହି ଅତିମାନବୀୟ ଭାବରେ ଭାରତକୁ ପ୍ରତିନିଧିତ୍ୱ କରି।

ଆମ ବୈଦିକ ପ୍ରାର୍ଥନାରେ ସର୍ବଶ୍ରେଷ୍ଠ  ପ୍ରାର୍ଥନା ହେଲା:
"ସର୍ବେ ଭବନ୍ତୁ ସୁଖୀନୋଃ, ସର୍ବେ ସନ୍ତୁ ନିରାମୟା
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖ ଭାକାଭବେତ୍!"
ଏବଂ -"ପରୋପକାରାୟ ପୂଣ୍ୟାୟ, ପାପାୟ ପରପୀଡନମ୍"

ଆମେ କାହିଁକି ପ୍ରାର୍ଥନା କରୁ? ଅସହାୟ ହତାଶ ମନୁଷ୍ୟ ଆଗରେ ସବୁ ଦ୍ୱାର ଯେତେବେଳେ ବନ୍ଦ ହୋଇଗଲା ପରି ପ୍ରତୀୟମାନ ହୁଏ, ସେତେବେଳେ ସେ ପ୍ରାର୍ଥନା କରେ। ପ୍ରାର୍ଥନା ଫଳରେ ଧୈର୍ଯ୍ୟ, ଶାନ୍ତି, ସାହସ, ଉତ୍ସାହ ଓ ସକାରାତ୍ମକ ଭାବ ଜାଗ୍ରତ ହୁଏ।

ମାଗିବାରେ ମଧ୍ୟ ସାବଧାନତା ଦରକାର । କଣ ମାଗିବା, କିପରି, ଏ ସବୁ ରାଜସିକ, ତାମସିକ ଓ ସାତ୍ତ୍ୱିକ ପ୍ରାର୍ଥନାରେ କୁହାଯାଇଛି । ଭଗବାନ ସବୁ ପ୍ରାର୍ଥନାର ଉତ୍ତର ଦିଅନ୍ତି କିନ୍ତୁ ଆମେ ଯେପରି ଚାହୁଁ ସେପରି ନୁହେଁ । ପ୍ରଥମତଃ ଆମେ ଯାହା ମାଗୁ, ବେଳେବେଳେ ତାହା ତଥାସ୍ତୁ ପରି ହଠାତ୍ ପୂରଣ ହୋଇଯାଏ । ଦ୍ୱିତୀୟତଃ କିଛି ପ୍ରାର୍ଥନାର ଫଳ ଆଦୌ ମିଳେନାହିଁ । କାରଣ ସେ ଜାଣନ୍ତି ଆମ ପାଇଁ କଣ କ୍ଷତିକାରକ ଓ କଣ ମଙ୍ଗଳମୟ । ପିଲାଟିଏ ଛୁରୀ, କଇଁଚି, ଦିଆସିଲି ଆଦି ମାଗିଲେ ଆମେ ତାକୁ ଦେବାନାହିଁ । ସେହିପରି ବିଶ୍ୱପିତା ଆମ ମଙ୍ଗଳ କେଉଁଥିରେ ହେବ ଜାଣନ୍ତି । ତୃତୀୟରେ ଅନେକ ସମୟରେ ଅପେକ୍ଷାର ଫଳ ମିଠା ହୁଏ । ଡେରିରେ ଫଳ ମିଳେ । ଚତୁର୍ଥରେ କିଛି ମାଗିବାଠାରୁ କିଛି ଅଧିକ ମିଳିଯାଏ ଯାହା ଆମେ ମାଗି ନଥାଉ ।

"ବିଶ୍ୱାସ" ହିଁ ପ୍ରାର୍ଥନାର ମୂଳଭିତ୍ତି । ପ୍ରକୃତରେ ମନୁଷ୍ୟ ନିଜର କର୍ମଫଳ ହିଁ ଭୋଗକରେ । କିନ୍ତୁ ପ୍ରାର୍ଥନା କର୍ମଫଳକୁ କମାଇ ପାରେ ଏ ବିଶ୍ୱାସ ରହିଛି । ସମୂହ ପ୍ରାର୍ଥନାର ଫଳ ଅମାପ । କାଳନ୍ଦୀ ହ୍ରଦର ଜଳକୁ ବିଷମୁକ୍ତ କରିବା ପାଇଁ ଗୋପପୁରବାସୀଙ୍କ ପ୍ରାର୍ଥନା ଫଳପ୍ରଦ ହୋଇଥିଲା । ବିଶ୍ୱର କଲ୍ୟାଣ ଏବଂ ସମସ୍ତଙ୍କ ପ୍ରତି ସଦଭାବନା ସବୁ ପ୍ରାର୍ଥନାର ମୂଳମନ୍ତ୍ର ହେବା ଦରକାର । ଏହା ଆତ୍ମ ବିଶ୍ୱାସ ଓ ଆତ୍ମସାକ୍ଷାତକାର କରାଏ ।

ପ୍ରାର୍ଥନା ସମୟରେ ବସିବାର ଆସନ, ଦିଗ, ସ୍ଥାନ, ପୋଷାକ ଓ ସମୟ ଆଦି ପ୍ରତି ଦୃଷ୍ଟି ଦିଆଯିବା ଦରକାର । ଯେ କୌଣସି ସମୟରେ ଯେ କୌଣସି ଅବସ୍ଥାରେ ପ୍ରାର୍ଥନା କରାଯାଇପାରେ । ଏହାଦ୍ୱାରା ମାନସିକ ଶାନ୍ତି ମିଳେ, ହୃଦୟ ନିର୍ମଳ ହୁଏ ଓ ନମ୍ର ଭାବ ଆସେ, ଆତ୍ମବିଶ୍ୱାସ ବଢ଼େ ଓ ବେଳେବେଳେକାର୍ଯ୍ୟଟି ସଫଳ ହୁଏ । ବ୍ୟସ୍ତତା, ନିରାଶରୁ ମୁକ୍ତି ମିଳେ । ବିଚାରତା ଶକ୍ତିକୁ ମାର୍ଜିତ କରେ । ଐକାନ୍ତିକ ପ୍ରାର୍ଥନା ଜୀବନର କଣ୍ଟକିତ ପଥକୁ ସୁଗମ କରିଦିଏ । ନିଜକୁ ସମର୍ପିତ କରି ଶରଣାପନ୍ନ ହୋଇ ଅନ୍ତରର ଦ୍ୱାର ଉନ୍ମୁକ୍ତ କରିଦେଲେ ଦୈବୀକୃପା ଅବଶ୍ୟ ମିଳିବ ।ଈଶ୍ୱରଙ୍କ ସହିତ ଯୁକ୍ତ ହେବା ହିଁ ପ୍ରାର୍ଥନାର ଅଂଶ ।

ପ୍ଲଟ ନ.-୪୬୧୯/୨୧, ପୋଖରୀପୁଟ ନବିଲେଜ,
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର

# କାର୍ତ୍ତିକ ମହା ପଞ୍ଚୁକ

ପ୍ରକାଶ ମେହେର

ପଞ୍ଚ ଦିନ ପ୍ରଭାତରୁ ସ୍ନାନ ସାରି ତୁରିତେ
ଲୟ ରଖ ମନ କୃଷ୍ଣ ପାଦେ ।
ଭାଗବତ ଗାନ କର ଜଗନ୍ନାଥଙ୍କୁ ସୁମରି
ପ୍ରଭୁ କୃପା ଲଭି ବୁ ତେବେ ॥. . . ୧

ତୁଳସୀ ଦେବୀଙ୍କୁ କମଳେ କର ଜଳ ଦାନ
କୃପା କରିବେ ହେ ନାରାୟଣ ।
ଚକ୍ରଧାରୀ ଲକ୍ଷ୍ମୀକାନ୍ତ ପାପ କର ନାଶନ
ତବପଦ୍ମ ଯୁଗଳେ ମୋର ଧ୍ୟାନ ॥...୨

ସନ୍ଧ୍ୟା ସମୟେ ଦୀପ ଜାଳି ତୁଳସୀ ମୂଳେ
ସନ୍ଧ୍ୟା ସୁମରି ଯାଉ ଦିନ ମଙ୍ଗଳେ ।
ପବିତ୍ର କାର୍ତିକେ ତୁଳସୀ ଅଟେ ପୁଣ୍ୟ ବତୀ
ମିଳିଣ ସେବା କର ନରନାରୀ ସର୍ବେ ॥. . . ୩

ଭାଗବତ ଗାନ କରି ହରି ବୋଲ ଦେଇ
ହୁଲ ହୁଲିରେ ଘର ଉଠେ ପୁରି ।
ନାମ ସଂକୀର୍ତ୍ତନେ ଆନନ୍ଦେ ବିତି ଯାଏ ଦିନ
ଧରି ହରେ କୃଷ୍ଣ ହରି ନାମ ॥. . . ୩

ଏ ମହା କାର୍ତ୍ତିକେ କର ହରି ନାମ ଶ୍ରବଣ
ମଣିଷ ଜନ୍ମ ଅଧମ ହେବୁ ପାରି ।
ପରମାତ୍ମା ସେ ପ୍ରଭୁ ଦେବକୀଙ୍କର ନନ୍ଦନ
ଦୟା କ୍ଷମା ଯାହା ଅଛୁ ହୃଦେ ଧରି ।।. . . ୪

ପୁଷ୍ପ ସମ ସମସ୍ତଙ୍କୁ ଆଦରର ରଖ ଭାବ
ତିଳେ ହେଲେ କାହାର ନ କରି ମନ୍ଦ ।
ସାଧୁ ଜନ ଗୁରୁ ପାଦେ କର ହେ ପ୍ରଣାମ
ତାଙ୍କ ଆଶିଶେ ମିଳେ ଆତ୍ମ ଜ୍ଞାନ ॥....୫

ମିଳଇ ନାହିଁ ତୃପ୍ତି ଆନନ୍ଦ ନାହିଁ ଯଦି ଶ୍ରଦ୍ଧା
ସେ ଲୀଲାମୟଙ୍କୁ ସଦା ଭଜିବା ।
ଆହେ ମୁରଲୀଧର ଲୀଲା ତୁମ ଅଗୋଚର
କାହୁଁ ଜାଣିବି ମୁଁ ତବ ନାମ ଧରିବା ॥...୬

ସନ୍ଥ ଜନ ନୁହଇ ମୁଁ ଅଧମ ନର ଛାର
ଚିତ୍ତ ଥାଉ ତୁମ ନାମ ଜପି ଜପିବା ।
ପଞ୍ଚକ ବ୍ରତର ଫଳ ପୂର୍ଣ୍ଣମୀରେ ମିଳେ
ବୋଇତ ବନ୍ଦାଣ ପ୍ରଭାତୁ କରିବା ॥. . . ୭

କୁଲିଆବାହାଲ , ଦେଓଗାଁ, ବଲାଙ୍ଗୀର

# ଗାଁ ର ମୋହ ଶେଷ...



ପୁଷ୍ପିତା ଭୂୟାଁ

ଶେଷ ଥର ପାଇଁ
ନିରେଖି ଦେଖିବାକୁ ମୋ ଗାଁକୁ
ବ୍ୟାକୁଳ ହୋଇଉଠିଲି ,
ଆଖିରେ ନାଚି ଯାଉଥିଲା
ପିଲାଦିନ ର ସ୍ମୃତି କିଛି
ନଈ କୂଳ,ତୋଟାମାଳ,
ଦଣ୍ଡା,ଭେଡା, ମନ୍ଦିର ସବୁଆଡେ
ଆନମନା ହୋଇ ଦୌଡ଼ିଲି,
ବୋଉର ସମାଧି ପାଖେ
ପାଦ ମୋର ଅଟକି ଗଲା କିଛିକ୍ଷଣ
ଛାତି ତଳ ଓଦାହୋଇ ଗଲା
ଗାଲ ଉପରେ ଝରିଗଲା
କେତୋଟି ଉଷ୍ମ ଲୋତକ ବିନ୍ଦୁ,
ପିଲାବେଳେ କେତେ ତାଗିଦ
ନଈ କୁ ଏକେଲା ଯାଆନା,
ଖରାବେଳେ ଦଣ୍ଡା ବାଟେ ଯିବୁନି
ଇତ୍ୟାଦି ଇତ୍ୟାଦି .....
ଆଜି ସତରେ କେତେ କ'ଣ

ବଦଳି ଯାଇଛି,
ନା' ଅଛି ସେ ବଣ ବୁଦା ଭରା ଶ୍ମଶାନ,ଦଣ୍ଡା
ନା' ଅଛି ନଈ ରେ ସେ ଖସଡ଼ା ତୁଠ,
ପୂନେଇ ଜହ୍ନର ପ୍ରତିବିମ୍ବ
ନଈ ପାଣିରେ ଦୋଳି ଖେଳୁଥିବାର ଦୃଶ୍ୟ
କିଶୋରୀ ବାଳିକାର ମନ ଚହଲିଲା ପରି,
ରାସ୍ତା ଘାଟ ବଦଳି ଯାଇଛି
ଚାରିଆଡେ କଂକ୍ରିଟ ରୋଡ୍,
ଆଗର ସେ ଆଣ୍ଠୁଏ ବହଳ
କାଦୁଅ ଆଉ ନାହିଁ,
ଘର ପାଖେ ଦୋକାନ
ଘର ଆଗ ଦେଇ ବସ୍,ଅଟୋ
ଯିବାର ଦେଖି ମନ ମୋର ନାଚି ଉଠିଲା
ସତରେ ଆମ ଗାଁରେ ବି
ଉନ୍ନତି କରଣ ହେଲାଣି,
ମାଇଲ ମାଇଲ ବାଟ କାଦୁଅ ଚକଟି
ଯିବାକୁ ପଡୁଥିଲା ସ୍କୁଲ, ନଈ ପାର ହୋଇ
ଗାଁ ରୁ ବାହାରି ଆସି ପାଠ ପଢ଼ିଲି
ଉଚ୍ଚ ଶିକ୍ଷିତା ହୋଇ ବାହା ହୋଇ
ବାହାରେ ରହିଲି,
ଗାଁ ରେ ଆଧୁନିକ ତାର
ଛାପ ପଡ଼ିଲାଣି, ସମସ୍ତେ ଶିକ୍ଷିତ
ମନ ମୋର କୁଣ୍ଢେ ମୋଟ ହୋଇଗଲା,
ଗାଁ ଦାଣ୍ଡ ରେ ବସ୍ ଗଡ଼ିଲାଣି

ମୋ ଗାଁ ଲୋକଙ୍କର ଆଉ ଅସୁବିଧା ନାହିଁ।
ସନ୍ଧ୍ୟା ନଇଁ ଆସିଲା ଶଂଙ୍ଖ ଘଣ୍ଟର ଧ୍ୱନି
ପ୍ରକମ୍ପିତ ହେଲା,ସନ୍ଧ୍ୟା ତାରା ଟା
ଆକାଶ ରେ ଏକାକୀ ଦପ୍ ଦପ୍ କରୁଥିଲା
ତା'ର ସେ ନିଷ୍ପ୍ରଭ ଆଲୋକ ରେ
କେତେ ଆଶା ଆକାଂକ୍ଷା
ନେଶି ହୋଇ ରହିଥିଲା,
ଘରକୁ ଫେରିଲି
କାଲି ସକାଳେ ବାପାଙ୍କ ସମାଧି ବି
ବୋଉ ସମାଧି ପାଖରେ ଠିଆ ହୋଇଯିବ,
ଗାଁ କୁ ଆସିବାର ଆକର୍ଷଣ ସରିଗଲା
ବାପ ଘର ଆଣ୍ଠ ମୋର ଶେଷ ହୋଇଗଲା,
ସମସ୍ତେ ସହର ବାସୀ
ଗାଁ କୁ ଯିବାର ପ୍ରୟୋଜନ ନାହିଁ,
ଘର ଟା ଥୁଣ୍ଟା ବରଗଛ ଭଳି ହୃଦୟ ପ୍ରସାରି
ବାଟ ଦେଖୁଥିବ ସମସ୍ତଙ୍କର,
ସମାଧି ଦୁଇଟି ବି ସେମିତି
ପ୍ରତୀକ୍ଷା କରି ବସିଥିବେ
ସେମାନଙ୍କ ଆତ୍ମଜଙ୍କ ଆଗମନକୁ ।

କଟକ

# ଚେନାଏ ସ୍ୱପ୍ନ



ଡକ୍ଟର ମଧୁସ୍ମିତା ମିଶ୍ର

ପୁରୀର ଷୋହଳ ଶାସନର ବାସୁଦେବପୁର ଗାଁର ନୈଷ୍ଠିକ ବ୍ରାହ୍ମଣ ପରିବାରର ସର୍ବକନିଷ୍ଠା କନ୍ୟା ଯମୁନା। ବାପା ସରକାରୀ ହାଇସ୍କୁଲ ର ପ୍ରଧାନ ଶିକ୍ଷକ, ଦୁଇ ପୁଅ, ଦୁଇ ଝିଅ ରେ ସଭା ସାନଝିଅ ଲଳିତା, ପିଲାଟି ଦିନରୁ ଅତି ବିଚକ୍ଷଣ ବୁଦ୍ଧି ସମ୍ପନ୍ନା ଥିଲା ବାକଚାତୁରୀ ଯମୁନା। ପାଠରେ ଯେପରି ଅନନ୍ୟା, ଅନ୍ୟାନ୍ୟ ଆନୁସଙ୍ଗିକ ଗୁଣରେ ମଧ୍ୟ ସୁନିପୁଣା। ବି.ଏ. ପାଶ୍ କଲାପରେ ବାଣୀବିହାର ରେ ଏମ୍.ଏ. ପଢିଥିଲା। ବୋଉ ଦେଇଥିବା ଗେହ୍ଲା ଡାକ ବାଜୁରୀ ଘଣ୍ଟ ଯମୁନା କଥା ଯଦିଓ ବହୁତ କହୁଥିଲା, କିନ୍ତୁ ବଜାର ଚାହିଦା ଏବଂ ବାପା, ଭାଇଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ନଥିଲା। ରୂପ ରେ ଥିଲା ଚାରିଫୁଟ ପାଞ୍ଚ ଇଞ୍ଚିଆ ସାଧାରଣ ଝିଅଟିଏ। ରଙ୍ଗରେ ଥିଲା ସାଧାରଣ ଶ୍ୟାମଳବର୍ଣ୍ଣା। ଏମ୍.ଏ. ରେ ଶୀର୍ଷସ୍ଥାନ ଅଧିକାର କରିବା ପରେ କିଛି ବର୍ଷ ଘର ପାଖଏ ଥିବା ମହାବିଦ୍ୟାଳୟରେ ଅଧ୍ୟାପିକା ସାଜିଥିଲା।ନିଜକୁ ସାଂସାରିକ ବନ୍ଧନରେ ବାନ୍ଧି ଦେବା ପୂର୍ବରୁ ବାପା, ମାଆଙ୍କୁ ଏଥି ନିମନ୍ତେ ଉଦ୍ଦିଃଷ୍ଟ ବିବାହର ପ୍ରାକ୍ ପ୍ରସ୍ତୁତି ପରୀକ୍ଷାରେ ପଦାର୍ପଣ କରିବାରୁ ମୁକ୍ତ କରି ପୁନା ଚାଲି ଯାଇଥିଲା ପାଠ ପଢିବା ପାଇଁ। ଘରେ ବୋଉର ସବୁବେଳେ ଯମୁନାକୁ ନେଇ ଚିନ୍ତା। ବୋଉଲୋ ମୋର ଶ୍ୟାମଳରଂଗ ବୋଲି ତୁ ମନ ଉଣା କରନି କହୁଥିଲା ଯମୁନା। ବରଂ ମୋ ଶ୍ୟାମଳ ରଂଗ ସୂର୍ଯ୍ୟ କିରଣରେ ମଳିନ ପଡିଯିବାର ଆସଙ୍କା ନାହିଁ। ଭାବିଲୁ ଗୋରୀମାନଙ୍କୁ ସେମାନଙ୍କ ସୌନ୍ଦର୍ଯ୍ୟକୁ ଅତୁଟ ରଖିବା ପାଇଁ କେତେ ପରିଶ୍ରମ କରିବାକୁ ପଡୁଛି। ସୂର୍ଯ୍ୟଙ୍କୁ ଡରି ଡରି ସେମାନଙ୍କ ଦିନ ଯାଉଛି। ତୋ ଝିଅର ବର୍ଣ୍ଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବରଦାନ। ମୋ ବାହାଘର ପାଇଁ ଚିନ୍ତା କରିବୁନି। ଯମୁନାର ଅକାଟ୍ୟ ଯୁକ୍ତି ଆଗରେ ବୋଉ ହାର ମାନେ।

ବୋଉ ବୁଝିଥିଲା କି ଅବୁଝା ରହିଥିଲା ତା ଯମୁନା କିନ୍ତୁ ବୁଝି ନଥିଲା। ନିଜର ପିଏଚଡି ଡିଗ୍ରୀ ହାସଲ କରିବା ସହ ଗବେଷଣାତ୍ମକ ପାଠପଢାରେ ଦୀର୍ଘ ଉଣେଇଶି ବର୍ଷ କାଳ ଯମୁନା ନିଜକୁ ନିୟୋଜିତ କରି ରଖିଥିଲା। ମଝିରେ ମଝିରେ ଓଡିଶା ଆସୁଥିଲା। ବିଏ. ଏମ୍.ଏ. ବେଳର ସହପାଠିନୀ ମାନଙ୍କ ସହ କଦବା କ୍ୱଚିତ ଦେଖା ହେଉଥିଲା। ସମ୍ପର୍କ କିଛି ଥିଲା, କେତେକ ଘନିଷ୍ଠ ନିଜ ନିଜ ଘର ସଂସାର ରେ ଆଗେଇ ଯାଇଥିଲେ।

ଏକୁଟିଆ ହେଇ ଯାଇଥିଲା ଯମୁନା, ମୁହଁ ଉଡଙ୍ଗ ରେ ସିନା ବିବାହକୁ ଏଡାଇ ଯାଇଥିଲା, କିନ୍ତୁ ଜୀବନ ର ଗୋଟିଏ ସମୟରେ ସମୟ ହିଁ ତାର ଏକାକୀତ୍ୱ କୁ ପରିହାସ କରୁଥିଲା। ଯମୁନା ଚିନ୍ତା କରୁଥିଲା ଭାଗ୍ୟ, ନିୟତି, ପ୍ରାରବ୍ଧ ଆଦି ସାମଞ୍ଜସ୍ୟପୂର୍ଣ୍ଣ କାରକଗୁଡିକୁ ଦୋଷ ନ ଦେଇ ବରଂ ଏହା ତାର ନିଜ ଇଚ୍ଛା ଓ ନିଷ୍ପତ୍ତିଗତ ପସନ୍ଦର ପରିଣାମ ସ୍ୱରୂପ ଭୋଗ କରୁଛି ବୋଲି ମାନି ନେବାକୁ ପଡିବ।

ଠିକ୍ ଏମିତି ଏକ ବେଳରେ, ଆନ୍ତର୍ଯାତୀୟ ଶିକ୍ଷା ବୃତ୍ତି ପାଇ ଯମୁନା ନେଦରଲ୍ୟାଣ୍ଡ ଯିବାର ନିର୍ଣ୍ଣୟ ନେଇଥିଲା। ମନରେ ତାର ଉତ୍ସାହ ଥିଲା କି ନାହିଁ ତା ସେ ଜାଣି ନଥିଲା। କିନ୍ତୁ ଗାଁ ରେ ବାପା, ବୋଉଙ୍କୁ ଜଣାଇ ଫେରିବା ପରେ କାହିଁକି କେଜାଣି ତାକୁ ବଡ ଉଦାସ ଲାଗିଲା। ଦରିଆ ସେପାରି ଏକୁଟିଆ ଯିବା କଥା ଆଉ ଯାଇ ରହିବା କଥା ଚିନ୍ତା କଲା ବେଳକୁ ମନରେ ଆଶଙ୍କା ଓ ଉଦବିଗ୍ନତା ବଢିଯାଇଥିଲା।

ଆମଷ୍ଟରଡାମ୍ ବିମାନବନ୍ଦରରେ ତା ସହ ଅନ୍ୟ ଦୁଇଜଣଙ୍କୁ ମିଶାଇ ତିନିଜଣଙ୍କୁ ସ୍ୱାଗତ ଅଭ୍ୟର୍ଥନା ଜଣାଇବା ପାଇଁ ସେମ୍ ହସହସ ମୁହଁରେ ଫୁଲତୋଡା ଧରି ଠିଆ ହୋଇଥିଲେ। ଆମଷ୍ଟରଡାମ୍ ରୁ ଲାଇଡେନ୍ ବିଶ୍ୱବିଦ୍ୟାଳୟ ଥରେ ଅଧେ ନୁହେଁ ବାରବାର ପ୍ରଫେସର ସେମ୍ ଙ୍କ ସହ ଦେଖା ହେଉଥିଲା। ପ୍ରଥମ ଦେଖା ୧୯୮୯ ମସିହାରେ ପୁନା ବିଶ୍ୱବିଦ୍ୟାଳୟରେ, ୧୯୯୧-୯୨ ରେ ପୁଣି ଏକ ଆନ୍ତର୍ଜାତୀୟ ସମ୍ମେଳନ ରେ ସାକ୍ଷାତ। ପ୍ରାୟ ପ୍ରତିବର୍ଷ ତାଙ୍କର ଭାରତ ଆଗମନ ସମୟରେ ଦେଖାହୁଏ। ଏହି ସାକ୍ଷାତକାର ପଛରେ ବିଧି ଯେ ଯମୁନାକୁ କିଛି ଇଙ୍ଗିତ ପ୍ରଦାନ କରୁଥିଲା ତାହା ସେ ଠଉରାଇ ପାରୁନଥିଲା। ସେମାନେ ଲାଇଡେନ୍ ରେ ପହଞ୍ଚିବା ବେଳେ ସେମ୍ ସେଠାରେ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ। ନାଲି ଗୋରା ତକତକ ମୁହଁରେ ସ୍ମିତ ହାସ୍ୟ ତାଙ୍କୁ ବେଶ୍ ଭଲ ମାନୁଥିଲା।

ଏଆରପୋର୍ଟରେ ସ୍ମିତହାସ୍ୟ ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକଙ୍କ ହାତକୁ ଫୁଲତୋଡା ବଢାଇ ଦେଇଥିଲେ ଯାହାକୁ ତା ପାଇଁ ଉଦ୍ଦିଷ୍ଟ ଲାଇଡେନ୍ ବିଶ୍ୱବିଦ୍ୟାଳୟ ଗବେଷିକା ନିବାସରେ ପହଞ୍ଚି ଯମୁନା ଦେଖିଥିଲା । ସେଥିରେ ଥିବା କାର୍ଡରେ ଲେଖାଥିଲା, ସବୁବେଳେ ମନେରଖ ତୁମର ଭଲ ଗୁଣ ହୁଏତ ବାହାରକୁ ଦୃଶ୍ୟମାନ ହୋଇ ନଥାଇ ପାରେ କିନ୍ତୁ ନିଶ୍ଚିତ ଭାବରେ ତାହା କେଉଁଠି ନା କେଉଁଠି କାହା ହୃଦୟରେ ଭଲପାଇବାର ଛାପ ଛାଡିଯାଇଥାଏ ।

କାର୍ଡଟି ଓଲଟାଇ ଦେଲା ପରେ ପଛପଟେ ଦିଶୁଥିଲା ଲେଖାଟି - ଈଶ୍ୱର ଭଲ, ମନ୍ଦ, ଏଠି, ସେଠି, ଭାରତ, ଲାଇଡେନ୍ ସବୁଠାରେ ବିଦ୍ୟମାନ । ଆଖି ବନ୍ଦ କରି ଦୀର୍ଘ ନିଃଶ୍ୱାସ ନିଅ, ନିଶ୍ଚୟ ଦେଖିବ ତୁମ ପାଖରେ ସାହାଯ୍ୟ କରିବା ପାଇଁ ସେ ଶତତ ବିରାଜମାନ ।

ଅଭିଭୂତ ହୋଇଥିଲା ଯମୁନା, ସେ କଣ ସେମ୍ ଙ୍କ ରୂପରେ ତା ପ୍ରିୟ ଜଗନ୍ନାଥଙ୍କୁ ଦେଖୁଥିଲା, ନା ସେମ୍ କେବଳ ଯମୁନା ର ବିଦ୍ୟାଗତ, ଗବେଷଣାଗତ ପରିଚିତ ବୋଲି ଭାବି ନିଜକୁ ସଚେତନ କରି ଦେଇଥିଲା ।

ବିଶ୍ୱବିଦ୍ୟାଳୟ ତରଫରୁ ଭାରତରୁ ଯାଇଥିବା ତିନିଜଣ ଗବେଷଣାକାରୀଙ୍କୁ ସହାୟତା ଯୋଗାଇ ଦେବାପାଇଁ ପ୍ରଫେସର୍ ସେମ୍ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

ଲାଇଡେନ୍ ରେ ପହଞ୍ଚିବା ପ୍ରଥମ ରାତିରେ ଗୋଟିଏ ଇଣ୍ଡୋନେସିଆନ ରେଷ୍ଟୁରାଣ୍ଟ ରେ ଯମୁନା ଓ ଅନ୍ୟ ଦୁଇ ଭାରତୀୟଙ୍କୁ ରାତ୍ରୀଭୋଜନ ରେ ଅପ୍ୟାୟିତ କରିଥିଲେ, ସେମ୍ ଖାଲି ଖାଦ୍ୟ ଖୁଆଇ ନଥିଲେ ବରଂ ବିଲ୍ ର ସମସ୍ତ ଦେୟ ମଧ୍ୟ ଅକୁଣ୍ଠିତ ଚିତ୍ତରେ ପ୍ରଦାନ କରିଥିଲେ ।ଏକ ସମ୍ପୂର୍ଣ୍ଣ ଅପରିଚିତ, ବିଦେଶ ଭୂଇଁ ରେ ଅକୃତିମ ଆପଣାପଣ ସହ ସହାନୁଭୂତିଶୀଳ ପ୍ରଫେସର ସେମ୍ ଙ୍କ ବ୍ୟକ୍ତିତ୍ୱ ଦେଖି ଯମୁନା ଦିନକୁ ଦିନ ଚମ୍ତ୍କୃ ତ ହେଉଥିଲା ।

ପାଠପଢା, ଗବେଷଣା ଜାରି ରହିଥିଲା । ପରେ ଯମୁନା, ପ୍ରଫେସର ସେମ୍ କ୍ଲାଇନ୍ ଙ୍କ ସହ ଏକ ପିଜାରିଆ ବା ପିଜା ରେଷ୍ଟୁରାଣ୍ଟ ରେ ଖାଇବା ପାଇଁ ଯାଇଥିଲା, ଖାଉ ଖାଉ ଉଭୟ ପରସ୍ପର ସହ କଥା ହେଉଥିଲେ ।

ପ୍ରଫେସର୍ ସେମ୍ - ଯମୁନା, ତୁମେ ଘରେ ଖବର ଦେଇଛ ତ? ଖାଇ ସାରିବା ପରେ ତୁମ ସ୍ୱାମୀ ତୁମକୁ ନେବା ପାଇଁ ଆସିଥିବେ ତ?

ଯମୁନା - ହ୍ୟାଲୋ, ଟିକିଏ ରୁହନ୍ତୁ, କେଉଁ ଘର ? କାହା ସ୍ୱାମୀ? ମୁଁ ତ ଆଜି ମଧ୍ୟ ଅବିବାହିତା, ଏଠାକୁ କେବଳ ପୋଷ୍ଟ ଡକ୍ଟରାଲ କାମ ପାଇଁ ଏକ୍ଲୁଟିଆ ଆସିଛି ।

ପ୍ରଫେସର ସେମ୍ ଯମୁନା ସହ ତାଳ ଦେଇ ବହୁତ ହସିଥିଲେ, କିନ୍ତୁ ଏପରି ଏକ ଅପ୍ରସାଙ୍ଗିକ କଥା ପଚାରିଥିବାରୁ ସେ ନିଜକୁ ଦୋଷୀ ମନେ ନ କରି ସତେ ଯେମିତି ନିଶ୍ଚିନ୍ତ ହେଇ ଯିବା ପରି ଯମୁନା କୁ ମନେ ହୋଇଥିଲା ।

ଜୀବନରେ ଚାଲୁ ଚାଲୁ ମଣିଷକୁ ଯେତେବେଳେ ଲାଗେ ଯେ ବର୍ତ୍ତମାନ ମୁହୂର୍ତ୍ତ ବୋଧହୁଏ ଜୀବନ ଯାତ୍ରାର ଏକ ପୂର୍ଣ୍ଣଚ୍ଛେଦ, ଠିକ୍ ସେତିକିବେଳେ ଜୀବନ ନିଜ ଯାତ୍ରାର ମୋଡ ଅଚାନକ ବଦଳାଇ ଦିଏ ।

ସେମ୍ ନିଜେ ଅବିବାହିତ ବୋଲି ସୂଚନା ଦେଇଥିଲେ । ସେ ଯାହା ହେଉ, ଯମୁନାର ଶିକ୍ଷାଗତ ବୃତ୍ତି ଓ ଗବେଷଣାଗତ କାର୍ଯ୍ୟ ସରି ସରି ଆସୁଥିଲା । ସେମ୍ ଓ ଯମୁନା ବେଶ ଭଲ ବନ୍ଧୁ ହେଇ ଯାଇଥିଲେ । ନେବା, ଦେବାର ସମ୍ବନ୍ଧ ର ବହୁ ଊର୍ଦ୍ଧ୍ୱ ରେ ଥିଲା ସେମାନଙ୍କ ବନ୍ଧୁତ୍ୱ ।

ଥରେ ସେମ୍ ଯମୁନାକୁ ପଚାରିଥିଲେ, ଯମୁନା ତୁମର ବୃତ୍ତିର ସମୟ ସୀମା ଶେଷ ହେବା ଉପରେ, ତୁମେ ଲାଇଡେନ୍ ରେ ରହିଯିବ ନା ଚାଲିଯିବ ।

ଯମୁନା ହସି ହସି ଉତ୍ତର ଦେଇଥିଲା, ପ୍ରଫେସର, ଚାକିରୀଟିଏ ନ ପାଇଲେ ମୁଁ ଏଠାରେ କେମିତି ରହିବି? ଚଳିବି କେମିତି?

ତାପରେ କେମିତି କେଜାଣି ଯମୁନାର ଲାଇଡେନ୍ ରେ ରହିଯିବାକୁ ଇଚ୍ଛା ହୋଇଥିଲା । ଏହି ପରିପ୍ରେକ୍ଷୀରେ ତାର ସ୍ୱତନ୍ତ୍ର ଅନୁରୋଧ କ୍ରମେ ଲାଇଡେନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତା ଗବେଷଣାରେ ସନ୍ତୁଷ୍ଟ ହୋଇ ତା ପାଇଁ ସ୍ଥାୟୀ ପଦବୀଟିଏ ସୃଷ୍ଟି କରିବା ପାଇଁ କିଛିଦିନ ସମୟ ନେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଈଶ୍ୱରଙ୍କ କୃପାରୁ ତାକୁ ସେଠାରେ ସ୍ଥାୟୀ ନିଯୁକ୍ତି ମିଳିଯାଇଥିଲା ।

ଯମୁନା ଭାବୁଥିଲା ଅଚିହ୍ନା ରାଇଜ, ଅଜଣା ମଣିଷମାନଙ୍କ ଭିତରେ ତାକୁ ପ୍ରଫେସର ସେମ୍ ଙ୍କ ସହିତ କିପରି ଏତେ ସୁରକ୍ଷିତ ଲାଗେ। ସମ୍ପର୍କର ପରିଭାଷା କଣ କେବଳ ହାତ ଧରିବାରେ ଥାଏ, ବରଂ ଜୀବନର ସଙ୍ଗୀନ ମୁହୂର୍ତ୍ତ ରେ ପାଦ ମିଳାଇ ଆଗକୁ ଚାଲିବାରେ ଥାଏ।

ପ୍ରଫେସର ସେମ୍ କ୍ଲାଇନ୍ ଏପରି ଭାବରେ କଥାବାର୍ତ୍ତା କରୁଥିଲେ ଯେପରିକି ସମସ୍ତେ ତାଙ୍କୁ ଶୁଣିବାକୁ ଭଲ ପାଉଥିଲେ ଆଉ ସେ ମଧ୍ୟ ବେଶ୍ ସହୃଦୟତାର ସହ ସମସ୍ତଙ୍କ କଥା ଶୁଣୁଥିଲେ ଯେ ସମସ୍ତେ ତାଙ୍କ ସହ କଥା ହେବାକୁ ଭଲ ପାଉଥିଲେ। ତାଙ୍କ ନମ୍ର, ଭଦ୍ର ବ୍ୟବହାର ଓ ଶାନ୍ତ ପ୍ରବୃତ୍ତି, ବିଶ୍ୱବିଦ୍ୟାଳୟରେ ତାଙ୍କୁ ବେଶ ଜନପ୍ରିୟ କରିପାରିଥିଲା।

ଏହା ପରେ ନିୟତି, ଘଟଣାକ୍ରମରେ ଯମୁନା ଜୀବନରେ ଘଟଣାଗୁଡିକ ଗୋଟିକ ପରେ ଗୋଟିଏ ନିଜସ୍ୱ ଢଙ୍ଗରେ ଘଟାଇ ଚାଲିଛି। ଯମୁନା ନିଜକୁ ନିଜେ ପ୍ରଶ୍ନ ପଚାରି ଚାଲିଥିଲା। ଏମିତି ଘଟିଥିଲା ସେଦିନ, ଭାରତୀୟ ବଂଶୋଦ୍ଭବ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟର ଭିଜିଟିଙ୍ଗ୍ ପ୍ରଫେସର ଅଭିଷେକ ବାନାର୍ଜୀ ଲାଇଡେନ୍ ବିଶ୍ୱବିଦ୍ୟାଳୟ ଆସିଥିବା ବେଳେ, ଯମୁନାର ଛୋଟିଆ ଘରେ ରାତ୍ରୀ ଭୋଜନ ପାଇଁ ନିମନ୍ତ୍ରିତ ହୋଇଥିଲେ। କିନ୍ତୁ ଅନିର୍ବାର୍ଯ୍ୟ କାରଣ ହେତୁ ପ୍ରଫେସର ବାନାର୍ଜୀ ଆସି ପାରିନଥିଲେ। ହେଲେ ସେହିଦିନ ସନ୍ଧ୍ୟା ୭ଟାରୁ ୭ଟା ୧୫ ଭିତରେ ସାଇକେଲ ଚଳାଇ ପ୍ରଫେସର ସେମ୍ ଆସି ଯମୁନା ଘରେ ପହଞ୍ଚିଥିଲେ। ପଛରେ ପିଠିରେ ଥିଲା ଗୋଟିଏ ବ୍ୟାକ୍ ପ୍ୟାକ୍, ଆଉ ତା ଭିତରେ ଥିଲା ତିନୋଟି ଫୁଲଦାନୀ। ଦୁଆର ଖୋଲିବା ପରେ ଘର ଭିତରକୁ ପଶିଆସି ଯମୁନାର ଷ୍ଟୁଡିଓ ଆପାର୍ଟମେଣ୍ଟ ରେ ସେମ୍ ଙ୍କ ଆଖି ଚାରିଆଡେ ଖେଳି ଯାଇଥିଲା। ମାତ୍ର ଦେଢ ଶହ ସ୍କୋୟାର ଫୁଟର ଘରେ କୌଣସି ବାଲଟି, ମଗ୍ ର ଆଶା ନଥିବାରୁ ସେ ନିଜେ ଆଣିଥିବା ଫୁଲଦାନୀଗୁଡିକରେ ଶହେଟି ଗୋଲାପ ଫୁଲ ର ଗୁଚ୍ଛ ସଜାଡି ରଖି କହିଥିଲେ, ଯମୁନା ଏ ସମସ୍ତ ଫୁଲ ତୁମ ପାଇଁ ମୁଁ ଆଣିଛି। ଯମୁନା ଦେଖୁଥିଲା, ଲାଲ, ହଳଦିଆ, ଗୋଲାପି, ନୀଳ ଓ ଧଳା ରଙ୍ଗର ଗୋଲାପ ଫୁଲ ଗୁଡିକରେ ଏକତ୍ରିତ ହେଇ ଫୁଲଦାନୀରେ ସୁଶୋଭିତ ପାଞ୍ଚଟି ଗୋଲାପଫୁଲ ଗୁଚ୍ଛ। ଯମୁନା ଭାବବିହ୍ୱଳ ହୋଇ ଉଠିଥିଲା। ତା ଚିନ୍ତାଶକ୍ତି ର ବାହାରେ ଥିଲା ଯେ ତା ପାଇଁ ପୁଣି ଜଣେ କେହି ଏତେ କଥା ଭାବିପାରେ। ପ୍ରତ୍ୟେକଟି ଗୁଚ୍ଛରେ କୋଡିଏଟି ଲେଖାଏଁ ଗୋଲାପ ଫୁଲ। ଏତେ ଗୁଡାଏ ଫୁଲ, ଅଭିଭୂତ ଯମୁନା ପଚାରିଲା, ଏତେ ଫୁଲ ଏ ସବୁ କଣ ମୋ ପାଇଁ?

ତୁମେ ଜଣେ ସ୍ୱଚ୍ଛ ମନା, ନିର୍ଭିକା, କଠୋର ପରିଶ୍ରମୀ ଏବଂ ସର୍ବୋତ୍ତମ ଯୋଗ୍ୟ ମଣିଷ । ତୁମେ ମୋତେ ସାଦର ନିମନ୍ତ୍ରଣ କରିଥିଲ । ମୁଁ କଣ ତୁମ ପାଇଁ ଏତିକି ଗୋଲାପ ଫୁଲ ଆଣି ପାରିବିନି ? କହିଲେ ପ୍ରଫେସର ସେମ୍ ।

କିନ୍ତୁ ଆଜି ପର୍ଯ୍ୟନ୍ତ ମୋତେ ମୋ ପାଇଁ କେହି କେବେ ବି ପଇସା ଖର୍ଚ୍ଚ କରି ଗୋଲାପ ଦେଇ ନାହାନ୍ତି । ଆଉ ଆପଣ ସ୍ୱତନ୍ତ୍ର ଭାବରେ ଭିନ୍ନ ଭିନ୍ନ ରଙ୍ଗର ଗୋଲାପ ମୋ ପାଇଁ ଆଣିଛନ୍ତି । ସତରେ ଜୀବନ ବି ଅନେକ କିସମର ରଙ୍ଗ ଦେଖାଏ । ଯମୁନା ଏତିକି କହିଥିଲା ।

ସେହିଦିନ ସତରେ ଯମୁନା ପ୍ରଫେସରଙ୍କ ଆକର୍ଷଣୀୟ ବ୍ୟକ୍ତିତ୍ୱ ରେ ପ୍ରଭାବିତ ହେଇଥିଲା ।

ପ୍ରଥମ ଥର ପାଇଁ ଯମୁନା ରହୁଥିବା ବାସସ୍ଥଳୀକୁ ଆସି ସେମ୍ ଚାରିଆଡେ ଆଖି ବୁଲାଇ ଆଣି କହିଥିଲେ ହେ ଯମୁନା, ତୁମ ଗ୍ୟାସ ଚୁଲାଟା ଏତେ ଅପରିଷ୍କାର ହେଇଛି କାହିଁକି ?

ମୁଁ ଜାଣିନି କେମିତି ଗ୍ୟାସ ଚୁଲା ସଫା କରାଯାଏ, ମୋତେ ଏମିତି ଏହି ଅବସ୍ଥାରେ ହିଁ ମିଳିଥିଲା ।

ସଙ୍ଗେ ସଙ୍ଗେ ପ୍ରଫେସର ସେମ୍ ଫ୍ରିଜ୍ ରୁ ଲେମ୍ବୁ କାଢି ଛୁରୀରେ କାଟି ଗ୍ୟାସ ଚୁଲାରେ ଲାଗିଥିବା ପରସ୍ତ ପରସ୍ତ ମଇଳା ସଫା କରିବାରେ ଲାଗି ପଡିଲେ । ଆଉ କିଛି ସମୟ ପରେ ଯମୁନା ଦେଖିଲା ତା ସାମନାରେ ସଦ୍ୟ କିଣା ହୋଇଥିବା ନୂଆ ଗ୍ୟାସ ଚୁଲା ପରି ଦିଶୁଥିବା ତାର ପୁରୁଣା ଚୁଲାଟି । ଯମୁନା ଆଖିକୁ ଲୁହ ଆସି ଯାଇଥିଲା । ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥିବା ସାଧାରଣ ଝିଅଟିଏ ଯିଏ ସାରା ଜୀବନ ଶିକ୍ଷା ବୃତ୍ତି ଓ ପୁରଷ୍କାର ରାଶିକୁ ଜୀବନର ସର୍ବସ୍ୱ ଓ ସମ୍ବଳ କରି ଚାଲି ଆସିଛି, ତାର ସ୍ୱପ୍ନ ବାହାରେ ଥିଲା, କାହାଠାରୁ ଏପରି ଅନାବିଳ ଆନ୍ତର୍କ ଅକୃତ୍ରିମ ସ୍ନେହ, ଶ୍ରଦ୍ଧା ପାଇବା । ଯମୁନା ନିଜେ ପିନ୍ଧିଥିଲା ଆକାଶିଆ ରଙ୍ଗର ସାଲଓ୍ୱାର କୁର୍ତ୍ତା । ପ୍ରଫେସର ସେମ୍ ତାକୁ ମନେ ହେଉଥିଲେ ଏକ ଶାନ୍ତ ,ସୌମ୍ୟ, ନିରହଙ୍କାରୀ ଅଦ୍ୱିତୀୟ ବ୍ୟକ୍ତି ।

ଏପରି କିଛି ଦିନ ବନ୍ଧୁତ୍ୱ ପରେ ପରିଶେଷରେ ଗୋଟିଏ ଚାଇନିଜ୍ ରେଷ୍ଟୁରାଣ୍ଟରେ ପ୍ରଫେସର ସେମ୍ ଯମୁନା କୁ ବିବାହ କରିବା ପାଇଁ ପ୍ରସ୍ତାବ ଦେବା ସହ ତାର ସମ୍ମତି ମାଇଥିଲେ । ଦୁଇଜଣଙ୍କର ବିବାହ କରିବାର ବୟସ ଉତ୍ତୀର୍ଣ୍ଣ ହୋଇଯାଇଥିଲା । ଯମୁନା

୪୨ ବର୍ଷ ବୟସ ରେ ଓ ସେମ୍ ୪୩ ବର୍ଷ ବୟସରେ ପଦାର୍ପନ କରି ସାରିଥିଲେ । ସେମ୍ କହୁଥିଲେ ନିଜ ବିଷୟରେ । ଯମୁନା ଶୁଣୁଥିଲା -

ଆଜି ମଧ୍ୟ ମୋର ମନେଅଛି, ମୋ ବାପା ଜଣେ କୃଷକ ଥିଲେ । ସାଇକେଲ ରେ ମୋତେ ଆଗରେ ବସାଇ ଦକ୍ଷିଣ ନେଦରଲ୍ୟାଣ୍ଡରେ ମୋ ବାପା ଯେତେବେଳେ ପାହାଡିଆ ରାସ୍ତାରେ ସାଇକେଲ ପେଲି ପେଲି ଚଲାଉଥିଲେ, ତାଙ୍କର ଉଷୁମ ବା ଗରମ ନିଃଶ୍ୱାସ ମୋ କାନ୍ଧରେ ବାଜୁଥିଲା । ତାଙ୍କର ଗରମ ନିଃଶ୍ୱାସ ଖାଲି ମୋ ଦେହରେ ବାଜି ନଥିଲା, ସାରା ଜୀବନ ସେ ନିଃଶ୍ୱାସ ଅନ୍ତରାଳେ ଥିବା କଷ୍ଟ, ଯନ୍ତ୍ରଣା, ପରିଶ୍ରମ ର ବାସ୍ନା ଓ ସ୍ପର୍ଶ ଆଜି ମଧ୍ୟ ମୋତେ ଆଚ୍ଛାଦିତ କରି ରଖିଛି । ତାଙ୍କୁ ଯେତେବେଳେ ୭୮ ବର୍ଷ ବୟସ ହୋଇଥିଲା, ସେ ମୋତେ ବା ଆମ ପରିବାରକୁ ତଥା ଇହଧାମ ତ୍ୟାଗ କରିଥିଲେ । ଆମେମାନେ ଛଅ ଭାଇ ଭଉଣୀ । ପାଞ୍ଚ ଭଉଣୀରେ ମୁଁ ଗୋଟିଏ ଭାଇ । ମୁଁ ଯାହାକୁ ମୋର ଜୀବନ ସଙ୍ଗିନୀ କର୍ବି, ତାକୁ ମୋ ପରିବାର ଅତି ଆଦର ସହକାରେ ଗ୍ରହଣ କରିବ । କିନ୍ତୁ ତୁମେ ଓଡିଆ ଶାସନ ବ୍ରାହ୍ମଣ ଘରର ଝିଅ । ତୁମେ ଏ ବୟସରେ ମଧ୍ୟ ତୁମ ପର୍ବାରର ସମ୍ମତିକୁ ପ୍ରାଧାନ୍ୟ ଦେବ । ତୁମେ ହିନ୍ଦୁ, ମୁଁ ଡଚ୍, ଖ୍ରୀଷ୍ଟିଆନ୍ । ତୁମ ପରିବାରର ସହମତି ମିଳିଲେ ହିଁ ତୁମେ ମୋତେ ବିବାହ କରି ପାରିବ, ଅବଶ୍ୟ ଯଦି ତୁମେ ମୋ ପ୍ରସ୍ତାବରେ ରାଜି ହୁଅ ।

ସେମ୍ ସିନା ଯମୁନାକୁ ଏକ ଲହରରେ ଏତେଗୁଡାଏ କଥା କହିଦେଲେ, ହେଲେ ସେହି ରାତିରେ ଘରକୁ ଫେରି ଶୋଇବା ବେଳେ ଯମୁନା ଆଖିରେ ନିଦ ନଥିଲା । ଏହି କିଛି ଦିନ ଭିତରେ ତାର ମଧ୍ୟ ସେମ୍ ଙ୍କ ପ୍ରତି ଦୁର୍ବଳତା ସେ ନିଜେ ଅନୁଭବ କରିଥିଲେ ବି ଏହାକୁ ଉନ୍ମୁକ୍ତ କରିବାକୁ ଚାହିଁ ନତିଲା । ମୁଗ୍ଧ ହୋଇଥିଲା ନିମୋହୀ ସେମ୍ ଙ୍କ ଚରିତ୍ର ଓ ନିଷ୍କପଟ ବ୍ୟକ୍ତିତ୍ୱରେ । ଯମୁନା କେବେ ଭାବି ନଥିଲା, ଯେ ତାକୁ ମଧ୍ୟ କେହି ଭଲ ପାଇପାରନ୍ତି । ଚାଳିଶି ଉତ୍ତୀର୍ଣ୍ଣ ବୟସରେ ସେ ପୁଣି ବାହାହେବ ଭାବିଲାବେଳକୁ ସେ ଖୁସି ହେବ କି ଆଶ୍ଚର୍ଯ୍ୟ ହେବ କିଛି ବୁଝି ପାରୁନଥିଲା । ତା ପରେ ଚାରିଫୁଟିଆ ଶ୍ୟାମଳୀ ଝିଅକୁ ଏଡେ ସୁନ୍ଦର ଛଅଫୁଟିଆ ନାଲିଗୋରା ଅଶ୍ୱିନୀକୁମାରଙ୍କର ପରି ଦିଶୁଥିବା ପ୍ରଫେସର୍ ସେମ୍ କେମିତି ଭଲ ପାଇଲେ ।

ଓଡିଶା ଯିବାବେଳେ ଘରେ ଯେତେବେଳେ ଯମୁନାର ବିବାହ ପ୍ରସଙ୍ଗ ଉଠେ, ପ୍ରତିଥର ଯମୁନା ଏଡାଇ ଯାଇଛି । ସେତେବେଳେ ପ୍ରତ୍ୟକ୍ଷ ଭାବରେ ବାପାଙ୍କ ମୁହଁରେ ଉତ୍ତର ଦେବାର ସାହସ ତାର ନଥିଲା । ଯମୁନା ବାପାଙ୍କୁ ନକହି ବୋଉକୁ

କହୁଥିଲା, ବୋଉ, ବାପାଙ୍କୁ କହିଦେବୁ ମୋ ବିବାହ ପାଇଁ ତୁମେମାନେ ଆଦୌ ବ୍ୟସ୍ତ ହେବା ଆବଶ୍ୟକ ନାହିଁ । ସୁନା କୂଅରେ ଯେଉଁ ପୁଅ ମୁହଁ ଧୋଇଥିବ, ସେ ହିଁ ମୋତେ ବାହାହେବ ।

ସେମ୍ ଙ୍କ ଠାରୁ ବିବାହ ପ୍ରସ୍ତାବ ପାଇବା ପରଦିନ ଭାରତରେ ଥିବା ବଡ ଭଉଣୀଙ୍କୁ ଯମୁନା ପ୍ରଥମେ ଜଣାଇଥିଲା । ଯେଉଁ ଯମୁନା ବାପାଙ୍କୁ କଥା କହିବାକୁ ଡରୁଥିଲା, ସେ ବଡନାନୀଙ୍କ ପରାମର୍ଶ ଅନୁଯାୟୀ ସେମ୍ ଙ୍କ ବିଷୟରେ ସବିସ୍ତୃ ତବିବରଣୀ ଦେଇ ବାପାଙ୍କୁ ଦୀର୍ଘ ଆଠ ପୃଷ୍ଠାର ଚିଠିଟିଏ ଲେଖିଥିଲା ।

ଚିଠିର ଉତ୍ତର ଆସିବା ପର୍ଯ୍ୟନ୍ତ ଯମୁନାର ଉତ୍କଣ୍ଠା ବଢି ଚାଲିଥିଲା । ଭଲ ପାଇବାର ପରିଭାଷା କେବେ କାହାକୁ ହୁଏନା କି ବୁଝାଇ ହୁଏନା । ଏହା କେବଳ ବୁଝି ହୁଏ, ଅନୁଭବ କରିହୁଏ । ପ୍ରେମ ହେଉଛି ସମର୍ପଣ, ତଲ୍ଲୀନତାର ମୋହ ଆଉ ତନ୍ମୟତାର ସାଗରରେ କୁଳୁକୁଳୁ ସ୍ରୋତସ୍ୱିନୀ ନଦୀଟିଏ ପରି ଯମୁନା ମିଶି ବହିଯିବାକୁ ଚାହୁଁଥିଲା ।

ଥରେ ଭାରତ ଯାଇଥିବାବେଳେ ସେମ୍ ଙ୍କୁ ନେଇ ଯମୁନା ଗାଁକୁ ଯାଇଥିଲା । ପ୍ରଫେସର ସେମ୍ ଙ୍କ ଆଚାର, ବ୍ୟବହାର, ଭଦ୍ର ତଥା ପରିମାର୍ଜିତ ଚାଲିଚଳନ ରେ ବାପ୍, ବୋଉ, ଭାଇ ଆଦି ମୁଗ୍ଧ ହୋଇଥିଲେ । ପରିଶେଷରେ ଯମୁନା ଚିଠିର ଉତ୍ତର ଦେଇଥିଲା ବୋଉ । ଯମୁନା, ତୋର ଏ ବୟସରେ ପାଦ ଖସିବାର ପ୍ରଶ୍ନ ନାହିଁ । ତୋ ଜୀବନର ଏହାହିଁ ସର୍ବଶ୍ରେଷ୍ଠ ନିଷ୍ପତ୍ତି । ସେମ୍ ନିଶ୍ଚୟ ସୁନା କୂଅରେ ମୁହଁ ଧୋଇଥିବେ । ଆମେ ଚାହିଁଥିଲେ ବି ତୋ ପାଇଁ ଏପରି ପାତ୍ର ଯୋଗାଡ କରିପାରି ନଥାନ୍ତୁ । ହଁ, କଥାରେ ଅଛି, ଯେଉଁ ଝିଅ ଯହା ହାଣ୍ଡିରେ ଚାଉଳ ପକାଇଥାଏ, ସେ ସେହି ଘରକୁ ହିଁ ଯାଇଥାଏ । ବୋଉ ପୁଣି ଲେଖିଥିଲା ଓ ପରେ ପୁଣିଥରେ ଫୋନ୍ ରେ ଦୋହରାଇଥିଲା ଯେ "ଯମୁନା ତୁ ଯେତେବେଳେ ପସନ୍ଦ କରିଛୁ ଅବା ରାଜି ହେଇଛୁ, ସେମ୍ ନିଶ୍ଚୟ ଯେ ଜଣେ ଭଲ ମଣିଷ ହୋଇଥିଲେ ଏଥିରେ ମୋର ସନ୍ଦେହ ନାହିଁ ।

ତା ପରେ ହୋଇଥିଲା ବାହାଘର । ସେ ପୁଣି ଏକ ଅତି ଅନନ୍ୟ ବାହାଘର । ଯମୁନା ଥିଲା ହିନ୍ଦୁ ଓ ପ୍ରଫେସର୍ ସେମ୍ କ୍ଲାଇନ୍ ଥିଲେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ । ବିବାହ ଦୁଇ ଧର୍ମାନୁସାରେ ହୋଇଥିଲା । ସେମ୍ ଙ୍କ ମାମାଙ୍କ ଗାଁ ଫାଲକନ୍ ବର୍ଗର ଚର୍ଚ୍ଚ ଯେଉଁଠାରେ ତାଙ୍କ ମାମା ଓ ବାବାଙ୍କ ବିବାହ ହୋଇଥିଲା, ତାରି ପାଖରେ ଥିବା କ୍ୟାସଲ୍ ରେ ହିନ୍ଦୁ ମତ

ଅନୁସାର୍ ଯମୁନା ଓ ସେମ୍ ଙ୍କର ଫୁଲମାଳ ଅଦଳବଦଳ ହୋଇଥିଲା । ମୁଦି ଆଦାନ ପ୍ରଦାନ ପରେ ପ୍ୟାରିସ୍ ରେ ଗହଣା ଦୋକାନରୁ କିଣିଥିବା ମଙ୍ଗଳସୂତ୍ର ସେମ୍ ଅତି ଆଗ୍ରହରେ ଯମୁନା ଗଳାରେ ପିନ୍ଧାଇ ଦେଇଥିଲେ । ମଥାରେ ଦେଇଥିଲେ ବିବାହିତ ନାରୀର ସ୍ୱୀକୃତି ସିନ୍ଦୁର । ସେମ୍ ଙ୍କ ମାମୁଁ, ମାଇଁ ସେମାନଙ୍କୁ ସୁଖୀ ଦାମ୍ପତ୍ୟ ଜୀବନର ଆଶୀର୍ବାଦ ଦେଇଥିଲେ । ବିବାହ ରେଜିଷ୍ଟ୍ରେସନ୍ ହୋଇଥିଲା । ସେମ୍ ଙ୍କର ଭଉଣୀ, ଭିଣେଇ ଓ ମାମା ଯମୁନାକୁ ପାଇ ଆଶାତୀତ ଖୁସ୍ ହୋଇଥିଲେ । ଘିଅ ହଳଦିଆ ରଙ୍ଗର ସାରାରା ପଞ୍ଜାବୀ ପିନ୍ଧି ଯମୁନା ଅନୁପମ ଦିଶୁଥିଲା । ସେମ୍ ଘନନୀଳ ରଙ୍ଗର ଚପକନ୍ ପଞ୍ଜାବୀ ପିନ୍ଧି ଯମୁନା ପାଖରେ ସ୍ମିତହାସ୍ୟ ବଦନରେ ଠିଆ ହୋଇଥିଲେ । ପ୍ରାୟ ଶହେଜଣ ପାଖାପାଖି ଅଭ୍ୟାଗତ ବିବାହ ଭୋଜିରେ ଅତିଥି ଭାବରେ ଯୋଗ ଦେଇଥିଲେ । ଯମୁନା ଘର ତରଫରୁ ଯମୁନାର କକେଇ ପୁଅ ଭାଇ ଦେବ ଭାରତରୁ ଯାଇ ପହଞ୍ଚିଥିଲେ । ତେଇଆଳିଶି ବର୍ଷର ଯମୁନା ସହ ଚଉରାଳିଶି ବର୍ଷ ବୟସ୍କ ସେମ୍, ଉଭୟଙ୍କ ଗଳାରେ ଥିଲା ସୁଦୃଶ୍ୟ ଫୁଲମାଳ, ଯୋଡିଥିଲା ନିଆର୍, ବିଶ୍ୱନୟନ୍ତାଙ୍କ କଳାକୃତି ।

ଏହା ଭିତରେ ଦିର୍ଘ କୋଡିଏ ବର୍ଷ ବିତିଯାଇଛି । ବିତିଯାଇଥିବା ଯମୁନା ଓ ସେମ୍ ଙ୍କର ଦାମ୍ପତ୍ୟ ଜୀବନ ଭାରତୀୟ ପରମ୍ପରା ଓ ଓଡିଆ ସଂସ୍କୃତିର ଅନାବିଳ ସ୍ନେହ ଆଦରରେ ସିକ୍ତ ହେଇଛି । ଓଡିଶା ଆସିବାବେଳେ ଯମୁନାର ବୋଉ ପ୍ରଫେସର ସେମ୍ ଙ୍କୁ ଜ୍ୱାଇଁ ସ୍ଥାନରେ ପୁଅ ଭାବରେ ଭାତ ଡାଲି ଗୋଳାଇ ଗୁଣ୍ଡା ଗୁଣ୍ଡା କରି ନିଜ ହାତରେ ଖୁଆଇ ଦେଇଛନ୍ତି । ଓଡିଆ ଘରର, ଭାରତର ଅକୃତ୍ରିମ ମମତାର ବନ୍ଧନରେ, ମା ର ମମତାମୟୀ କର୍ଣ୍ଣା, ଆଦରରେ ବାନ୍ଧି ହୋଇଯାଇଛନ୍ତି ସେମ୍ ।

ଯମୁନା କୁ ଭାବିଲେ ଆଶ୍ଚର୍ଯ୍ୟ ଲାଗେ, କାହିଁ ଭାରତର ଓଡିଶା, ପୁଣି ପୁରୀର ଶାସନ ବାସୁଦେବପୁରର ଓଡିଆ ଝିଅ ଯମୁନା ଆଉ ଜୀବନ ରଜ୍ଜୁରେ ବାନ୍ଧିହୋଇଗଲା ଦକ୍ଷିଣ ନେଦରଲ୍ୟାଣ୍ଡ, ଲାଇଡେନ୍ ର ସେମ୍ କ୍ଲାଇନ୍ ଙ୍କ ସହ ।

ଜୀବନର ଲାଭ, କ୍ଷତି, ସୁଖ, ଦୁଃଖ ପାଇବା ହଆଇବା, ଭୋଗ, ସମ୍ଭୋଗର ଫେଣ୍ଟାଫେଣ୍ଟି ଗତି ଭିତରେ ସେମ୍ ଓ ଯମୁନାଙ୍କର ପରସ୍ପର ପ୍ରତି ଥିବା ନିଷ୍ଠା, ଆସ୍ଥା ଓ ବିଶ୍ୱାସ ର ଭରଷାର ଅନ୍ୟନାମ ହୁଏତ ଜୀବନ ।

ଆଜି ସେମ୍ ଓ ଯମୁନା ଲାଇଡେନ୍ ରୁ ଛଅଶହ କିଲୋମିଟର ଦୂରରେ ପ୍ୟାରିସ୍ ରେ ଥିବା ତାଙ୍କର ଘରକୁ ବିଂଶତମ ବିବାହ ବାର୍ଷିକୀ ଅବସରରେ ଯାଉଥିଲେ । ସେମ୍ ଡ୍ରାଇଭ କରୁଥିଲେ । ପାଖରେ ବସିଥିଲା ଯମୁନା, ହଜି ଯାଇଥିଲା ଯମୁନା ସେମ୍ ଙ୍କ ପ୍ରେମ ରେ । ଜଣେ କହିବା ପୂର୍ବରୁ ତା ମନକଥା ବୁଝି ଯାଉଥିବା ହେଉଛି ପ୍ରେମ । ସ୍ୱପ୍ନବିଭୋର ସେମ୍ କହୁଥିଲେ, ଶୁଣୁଥିଲା ଯମୁନା, ହଜି ଯାଇଥିଲା, ମଜ୍ଜି ଯାଇଥିଲା, ଯମୁନା । ସୃଷ୍ଟି, ସଂସାର, ନିୟତି ର ବର୍ଷି ଯାଉଥିବା ପ୍ରେମପ୍ଲାବନରେ ଭିଜି ଯାଇଥିଲେ ପ୍ରେମୀଯୁଗଳ ।

Madhu1691@gmail.com
Mobile: 9437762732

# ସ୍ୱାଗତଂ ନବ ବର୍ଷ



ତ୍ରିପତି ପ୍ରଧାନ

ହେ ଇଁର୍‌ଜୀ ନବ ବର୍ଷ
ସ୍ୱାଗତଂ ସ୍ୱାଗତଂ
ଓହ୍ଲାଇ ଆସ ତୁମେ
ଉଲ୍ଲାସ, ବିଶ୍ୱାସର ଭ୍ୱର ଧରି
ଖେଳ ଯାଉ ସାର୍‌ ବିଶ୍ୱେ
ସ୍ନେହ ଶ୍ରଦ୍ଧାର ମଳୟ
ଲିଭିଯାଉ ଅବିଶ୍ୱାସର ବହ୍ନି
ଜାଳଦିଅ
ଭୟ, କାତରର
ନାସା ମୁଖତୁଣ୍ଡି
ଚଳ ଚଞ୍ଚଳ ହେଉ ଧରିତ୍ରୀ
ଗାଇଉଠୁ
ଓଁକାର୍‌ଦି ଜ୍ଞାନମୟ ଶବ୍ଦ
ଛିଣ୍ଡାଇ ଦିଅ ଅଦୃଶ୍ୟ ଶିଙ୍କୁଳ
ଅଶରୀରି ଅବୟବେ
ଥାପି ପଦରେଣୁ
ପ୍ରେମବିନ୍ଦୁ ଜାହ୍ନବୀ ତରଙ୍ଗେ
ପଠାଇ ଦେଇ ପୂର୍ବ ବାସେ ତାର
ରଞ୍ଜକ ସାଜି
ରଙ୍ଗଭରି ଦିଅ ଶୀତର ସୁମନେ
ଭଗ୍ନ ମରୁଭୂମି ହୃଦେ

ଜାଗିଉଠୁ ସବୁଜିମା,
ଆସ ପାଦ ଥାପି
ପୁଲକତ ଅଞ୍ଜଳଭରି
ସ୍ୱାଗତିବୁ
ନୂତନ ନୟନେ
ନଥିବ ମଦ ମାଂସର ଆସର
ନୃତ୍ୟଗୀତର ସମ୍ଭାର
ବାଜୁଥିବ
ପ୍ରୀତି ମନ୍ତ୍ର ପ୍ରତି ହୃଦୟ କନ୍ଦରେ
ସ୍ୱାଗତଂ ସ୍ୱାଗତଂ ନବବର୍ଷ

ସଂସ୍କୃତ ଶିକ୍ଷକ, ଚକଟି

# ଶେଷଦୃଶ୍ୟ



ଶୁଭମ୍ କୁମାର ସାହୁ

ଚରଦିନ ପାଇଁ ବୁଜି ଯାଉଥିବା ଆଖିର
ଶେଷଦୃଶ୍ୟକୁ କେବେ ଦେଖିଛକ ?
ସେ ସଂପୂର୍ଣ୍ଣ ନସ୍ତବ୍ଧା
ଆଖିରେ ଶେଷଥର ପାଇଁ
ପଡୁଥିବା ପଲକଟେ
ଆଉ କେବେ ଛବି ଉତ୍ତୋଳନ କରିପାରେନା
କି
ଆକାଶରେ ଉଇଁଥିବା ଜହ୍ନକୁ ଦେଖି ମଧ ଦେଖିପାରେନା
ସେ ନଜ ଆଖିରେ ଶେଷ ଦୃଶ୍ୟକୁ
ଗୋଟେ ମାଟିକଣ୍ଢେଇ ପରି ଦେଖିଯାଏ
ହେଲେ,
ଓଠ ଖୋଲି କଛି କହି ପାରେନା।
ଆଖିଆଗରେ ନସ୍ତବ୍ଧ ରହିଯାଏ
ବୋହିଯାଉଥିବା ଝରଣା ଓ ରାତିର ଚନ୍ଦ୍ରମା
ଆଉ,
ଆଖିର ଶେଷ ଦୃଶ୍ୟଟେ
ଚରଦିନ ପାଇଁ ବନ୍ଧା ପଡ଼ିଯାଏ
ଏକ ଶାନ୍ତ ନବୁଜ କୋଠରୀ ଭିତରେ

ପଦାପଡ଼ା, ଗୁଡ଼ିଖାଳ, ବାଲେଶ୍ୱର

# ନୀରବ

ତପସ୍ୱିନୀ ଜେନା

ନଶିର ନରବ ମୁହୂର୍ତ୍ତର ଭୃଷା
ଭୃବୁକ ମନର ଆଶା,
କଛି ଭୃବନାକୁ ନାୟିକା ସଜାଏ
କବି କଳ୍ପନାର ଭୃଷା।

ନୀରବତା ଭଙ୍ଗି ପକ୍ଷୀ କାକଳୀରେ
ଉପଗତ ହେଲ୍ ଉଷା,
ପ୍ରାଚୀ ଭୃଲେ ପୁଣି ସିନ୍ଦୁର୍ ଫାଟିଲ୍
ଭୃନୁଙ୍କ ମୁରୁକ ହସା

ନରଳସ ଏକ ନରବ ମୁହୂର୍ତ୍ତେ
ଅନ୍ତର ଯେ କଥା କହେ,
ଜୀବନର ଅଙ୍କେ ମିଶାଣ ଫେଡାଣ
ସବୁ ମନ ମଧ୍ୟେ ରହେ।

ଶିଶୁଟିଏ ଯଦି ଅଝଟ କରିକ
ଫିଟାଏ କ୍ରନ୍ଦନ ଖେଳ,
ମାଆ କୋଳ ଅଟେ ତା'ର ଶିଶୁ ପାଇଁ
ନରବ ଆଶ୍ରୟ ସ୍ଥଳ।

ସମାଜ,ସଂସ୍କାର, ଜୀବନ,ଜୀବିକା
କେତେ ଛକା ପଞ୍ଝା ଖେଳ,
ଏକାନ୍ତରେ ବସି ଭୃବରେ ହଜିଲେ
ଲ୍ଗେ ସବୁ ଗଣ୍ଡଗୋଳ।

ନୀରବତା ପୁଣି ମନେ ଆଙ୍କି ଦିଏ
ବିଗତ ଅତୀତ ଛବି,
କୋଳାହଳ ମୟ ପରିବେଶ ଥିଲେ
ଟିକେବି ହୁଏନ ଭୃବି।

ସାଗର ବୁକୁରେ ନୀରବତା ସିନା
ଜମା ଶୋଭ୍ ପାଏ ନାହିଁ,
ନରବ ଗୁଣଠୁ ଭଲ ଗୁଣଟିଏ
ସଂସାରରେ ଅଛି କାହିଁ।

ପ୍ରଗଲ୍ଭ ନ ହୋଇ ନରବ ରହିଲେ
ଅନ୍ୟକୁ ଅବୁଝା ହୁଏ,
ମଉନେ ସମ୍ମତି ଲକ୍ଷଣ ଭୃବିକ
ଯିଏ ଯାହା ଭୃବୁଥାଏ।

ବୃକ୍ଷଟି ଯେପରି ନିରବ ନିଷ୍ଠାରେ
ଅନ୍ୟ ଉପକାର କରେ,
ମରଶରୀ ପାଇଁ ଯୁଇ କାଠ ସାଜି
ଜୀବନ ଥାଇକ ମରେ।

ନିରବେ ନିରବେ କାମ କରିଗ୍ଲଲ
ଡିଣ୍ଡିମ ପିଟନା କେବେ,
କୋଳାହଳ ଦିନେ ଭଙ୍ଗା ପଡିଯିବ
ମର ଶଯ୍ୟାରେ ନିରବେ।

ନିରବ ପ୍ରକୋଷ୍ଠରେ ନିରବେ ବସି
ବିଭୁ ପଦେ ଧ୍ୟାନ କଲେ,
ଅନ୍ତର ଆତ୍ମଟି ପୁରି ଯେ ଉଠିବ
ଦିନ ବିତିଯିବ ଭଲେ।

ଦ୍ୱୀପଟେ ଯେପରି ନୀରବରେ ଜଳ
ତମଷାକୁ କରେ ଦୂର,
ନିୟତି ନିର୍ଦ୍ଦେଶେ ଗତି କରେ ନର
ସମୟ ହାତରେ ଡୋର।

କୁଜଙ୍ଗ, ଜଗତସିଂହପୁର

# ଭିନ୍ନ ଜଣେ କବୀର ଖାନ୍



ସୁଷମା ପରିଜା

ନିଜର ବାଲ୍ୟାବସ୍ଥା ରେ ହକି ଖେଳୁଥିଲା ପ୍ରତି ଖୁବ୍ ମୋହ ଥିଲା ପିଲାଟିର।ଭଲ ହକି ଖେଳୁଥିଲା ମଧ୍ୟ ପିଲାଟି। ସ୍କୁଲ୍ ର ହକି ଦଳ ରେ ଖେଳି ସେ ଗୋଲ୍ ଟିଏ ସିନା ସ୍କୋର୍ ପାରିନଥିଲା ନିଜ ଦଳ ତରଫରୁ ହେଲେ ସିଏ ସବୁବେଳେ ଅସଂଖ୍ୟ ଗୋଲ୍ ରୁ ରକ୍ଷା କରି ପାରୁଥିଲା ନିଜ ଦଳକୁ । ସେଥିପାଇଁ ତା'କୁ ମିଳୁଥିଲା ଅଜସ୍ର ପ୍ରଶଂସା । ପିଲାଟି ମନେମନେ ଖୁବ୍ ଖୁସି ହେଉଥିଲା, ଆହୁରି ଭଲ ଖେଳିବା ପାଇଁ ଚେଷ୍ଟା କରୁଥିଲା । ଉଚ୍ଚତର ଶିକ୍ଷା ପାଇଁ ସ୍କୁଲ୍ ଛାଡିଲା ପରେ ପିଲାଟିକୁ ଆଉ ହକି ଖେଳିବା ପାଇଁ ସୁବିଧା ସୁଯୋଗ ମିଳିଲା ନାହିଁ କିନ୍ତୁ ହକି ଖେଳ ପ୍ରତି ତା'ର ଦୁର୍ବଳତା ହୃଦୟ ର କେଉଁ କୋଣରେ ସବୁବେଳେ ରହିଥିଲା।

ପିଲା ଟି ବଡ ହୋଇ ଜୀବନର ଅନେକ ପାହାଚ ଦେଇ ପ୍ରତ୍ୟେକ କ୍ଷେତ୍ରରେ ନିଜର ସଫଳତା ହାସଲ କରିବା ବେଳେ ଭାଗ୍ୟ ତା'କୁ ଟାଣି ଆଣିଲା ଶେଷରେ ରାଜନୀତି କ୍ଷେତ୍ରକୁ। ରାଜନୀତି ରେ ପ୍ରଥମ ପଦାର୍ପଣ ରେ ତାଙ୍କର ସ୍ୱର୍ଗତ ପିତାଙ୍କର ଉତ୍ତରାଧିକାରୀ ଭାବରେ ସିଏ ହେଲେ ଆମ ରାଜ୍ୟ ଓଡିଶା ର ମୁଖ୍ୟମନ୍ତ୍ରୀ। ସିଏ ଆଉ କେହି ନୁହଁନ୍ତି ସେ ହେଲେ ଆମ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ । ତାଙ୍କର ପିତା ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ଥିଲେ ଜଣେ ଦୁର୍ଦ୍ଧର୍ଷ ବୀର ଓଡିଆ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ବୀରତ୍ୱ ତାଙ୍କୁ ଚିର ଅମର କରି ରଖିଛି କେବଳ ଓଡିଶା କାହିଁକି ସାରା ଭାରତ ଇତିହାସର ଜଣେ ମହାନ ଜନନାୟକ ଭାବରେ । ସେହି ବୀର ଓଡିଆଙ୍କ ପୁତ୍ର ଭାବରେ ଉତ୍ତରାଧିକାରୀ ସୂତ୍ରରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ପାଇଛନ୍ତି ପିତାଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ସହ ନିଃସ୍ୱାର୍ଥ ଦେଶସେବା ର ମନ୍ତ୍ର। ନିଜ ରାଜ୍ୟ ର ସର୍ବତୋଭାବେ ଉନ୍ନତି କରିବାର ଲକ୍ଷ୍ୟ ରଖି ସେ ତାଙ୍କର ସରକାର ର ବିଭିନ୍ନ ପ୍ରକାର ଯୋଜନା ସବୁ ପ୍ରଣୟନ କରି ତାହାକୁ ତୃଣମୂଳ ସ୍ତରରୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଏ ସବୁ ମଧ୍ୟରେ ସେ ତାଙ୍କର ପ୍ରିୟ ଖେଳ ହକି କୁ କେବେ ପାଶୋରି

ଦେଇ ନାହାଁନ୍ତୁ । ଭାରତୀୟ ହକି ଦଳ ପ୍ରଦର୍ଶନ ଏବଂ ସେଥିରେ ଓଡିଶା ର ସ୍ଥାନ କୁ ସର୍ବଦା ଲକ୍ଷ୍ୟ ରଖିଛନ୍ତି।

ଦୁଇହଜାର ମସିହା ରୁ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ନେବା ପରଠାରୁ ସେ ଦେଖି ଆସୁଛନ୍ତି ଭାରତ ରେ ହକି ଖେଳ ର ଉତ୍ଥାନ ପତନ । ବିଶେଷ କରି ଦୁଇହଜାର ସତର ମସିହାରୁ ପ୍ରାୟୋଜକଙ୍କ ଅଭାବରୁ ହକି ଖେଳର ପତନୋନ୍ମୁଖୀ ଅବସ୍ଥା ତାଙ୍କୁ ଖୁବ୍ ବ୍ୟଥିତ କରିଥିଲା। ଏକ ସମୟରେ ତ ତାଙ୍କୁ ଲାଗୁଥିଲା ଯେ ଭାରତୀୟ ହକି ଦଳର ଶେଷ ସମୟ ଉପସ୍ଥିତ । କହିବାର ମେଜର ଧ୍ୟାନ ଚାନ୍ଦଙ୍କ ନା ମଧ ଦିନେ ହଜିଯିବ ଇତିହାସ ପୃଷ୍ଠା ରୁ। ପାଶ୍ଚାତ୍ୟ ର ଖେଳ କ୍ରିକେଟ୍ ର ବୃଦ୍ଧି ପାଉଥିବା ଲୋକପ୍ରିୟତା ତାଙ୍କ ହୃଦୟ କୁ ଆହୁରି ଦୁଃଖିତ କରିଦେଉଥିଲା।

ସେଥିପାଇଁ ପ୍ରାୟୋଜକଙ୍କ ଅଭାବ ନଥିଲା କିନ୍ତୁ ଆମ ଦେଶ ର ଖେଳ ହକି?? ଉତ୍ସାହ ନପାଇ ସିଏ କଣଠେସା ହୋଇ ପଡି ରହୁଥିଲା ନାମକୁ ମାତ୍ର ଖବରଟିଏ ହୋଇ। ସେ ବିଷୟରେ ଖୁବ୍ ଚିନ୍ତାକରି ଶେଷରେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଅଣ୍ଟା ଭିଡିଲେ ତାଙ୍କର ପ୍ରିୟ ଖେଳ ହକି ର ପୁନରୁଦ୍ଧାର କରିବା ନିମନ୍ତେ । ଓଡିଶା ସାଜିଲା ଭାରତୀୟ ହକି ଦଳ ର ପ୍ରାୟୋଜକ। ପ୍ରଥମ ଆକଳନ ରୁ ଯେବେ ଜଣାପଡିଥିଲା ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳ ର ପୁନରୁଦ୍ଧାର କାର୍ଯ୍ୟକ୍ରମ ପାଇଁ ସର୍ବାଗ୍ରେ ଲୋଡା ଭିତ୍ତିଭୂମି ର ବିକାଶ ଏବଂ ସେଥିପାଇଁ ପାଞ୍ଚ ବର୍ଷ ରେ ବ୍ୟୟ ଅଟକଳ ରହିବ ଦେଢଶହ କୋଟି ଟଙ୍କା, ସେତେବେଳେ ଚାରି ଆଡୁ ପ୍ରତିବାଦ ର ସ୍ୱର ଉଠିଥିଲା । ହେଲେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କ ଜିଦ୍ ରେ ଅଟଳ ରହି ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଭାରତୀୟ ହକି ଦଳ ର ପ୍ରାୟୋଜକ ହୋଇ ତା'ର ସମସ୍ତ ଖର୍ଚ୍ଚ ତୁଲାଇବାକୁ ନିଷ୍ପତ୍ତି ନେଲେ। ତାଙ୍କର ଭରସା ଥିଲା ଯେ ଉପଯୁକ୍ତ ଭିତ୍ତିଭୂମି, ଉପଯୁକ୍ତ ପ୍ରଶିକ୍ଷଣ ମିଳଲେ ଭାରତୀୟ ହକି ଦଳ (ଉଭୟ ପୁରୁଷ ଓ ମହିଳା ଦଳ) ତାଙ୍କର ପୂର୍ବ ଗୌରବ ନିଶ୍ଚୟ ଫେରାଇ ଆଣିବେ।

ଏତେ ଗୁଡିଏ ଟଙ୍କା ହକି ଖେଳ ପଛରେ ଖର୍ଚ୍ଚ କରିବା ସମ୍ପର୍କରେ ଜଣେ ସାମ୍ବାଦିକ ଙ୍କ ପ୍ରଶ୍ନ ର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଥିଲେ ଯେ "ମୁଁ ଏ ଟଙ୍କା କେବଳ ହକି ଦଳର ଉନ୍ନତି ପାଇଁ ନିବେଶ କରୁନାହିଁ, ମୁଁ ଚାହେଁ ମୋ' ଦେଶର ଭାରତ

ର କ୍ରୀଡାପ୍ରେମୀ  ଯୁବକ ଯୁବତୀ ମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଚେଷ୍ଟା କରିଛି ଏବଂ ମୋ'ର ଦୃଢ ବିଶ୍ୱାସ ରହିଛି ଯେ ସେମାନେ ମୋତେ ନିରାଶ କରିବେ ନାହିଁ ।

ତାହା ହିଁ ହେଲା। ଦୁଇହଜାର କୋଡିଏ ଟୋକିଓ ଅଲମ୍ପିକ୍ ରେ  ଭାରତୀୟ ହକି ଦଳ ସେମାନଙ୍କ ମର୍ଯ୍ୟାଦା ରକ୍ଷାକରି ଦେଶ ପାଇଁ ଗୌରବ ଆଣିଲେ। ଭାରତୀୟ ପୁରୁଷ ହକିଦଳ  କାଂସ୍ୟ ପଦକ ହାସଲ କରିଥିବା ବେଳେ ଭାରତୀୟ ମହିଳା ହକି ଦଳ ଖୁବ୍ ଭଲ ପ୍ରଦର୍ଶନ କରି ମଧ୍ୟ ଅଳ୍ପକେ ସେଥିରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନରେ ରହିଲେ। ଏବେ ସାରା ବିଶ୍ୱରେ ଭାରତୀୟ ହକି ଦଳ ର ପ୍ରଶଂସା ସହିତ ଏହାର ପ୍ରାୟୋଜକ ଭାବରେ ଓଡିଶା ରାଜ୍ୟ ଏବଂ ଏହାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କର ଭୂରି ଭୂରି ପ୍ରଶଂସା ଶୁଭୁଛି । ଖେଳାଳି ମାନେ ମଧ୍ୟ ସେମାନଙ୍କର ଉତ୍ତମ ପ୍ରଦର୍ଶନ ଏବଂ ବିଜୟ ପାଇଁ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କୁ ଶ୍ରେୟ ଦେବା ସହିତ ତାଙ୍କର ପ୍ରେରଣାଦାୟୀ କାର୍ଯ୍ୟ ନିମନ୍ତେ ଅଶେଷ କୃତଜ୍ଞତା ଜଣାଇଛନ୍ତି ।

ଟୋକିଓ ଅଲମ୍ପିକ୍ ଖେଳ ବେଳେ ଖେଳାଳୀମାନଙ୍କ ମନୋବଳ ବଢାଇବା ସହିତ ଖେଳ ସାରି ସେମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ସମୟ ରେ ସେମାନଙ୍କୁ ଆଦର ଅଭ୍ୟର୍ଥନା କରି ନିଜର ମହନୀୟତା ପ୍ରତିପାଦନ କରିଛନ୍ତି । ଭାରତୀୟ ହକି ଦଳ ରେ ରେ ଉପଅଧିନାୟକ/ ଉପଅଧିନାୟିକା ଭାବେ ଖେଳଥିବା  ଓଡିଶା ର ଦୁଇ ଖେଳାଳୀ ଶ୍ରୀ ବୀରେନ୍ଦ୍ର ଲାକ୍ରା ଏବଂ ସବିତା ପୁନଆଁ ଙ୍କ ଯୋଗୁଁ  ସେ ନିଜକୁ ଗର୍ବିତ ମନେ କରନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ । କେବଳ ସେତିକି ନୁହେଁ  ନିଜ ଦାୟିତ୍ୱ ରେ ସେ ଆହୁରି ଶହେ କୋଟି ଟଙ୍କା ପ୍ରାୟୋଜକ ମାନଙ୍କ ପାଖରୁ ଯୋଗାଡ କରିଦେଇଛନ୍ତି ଭାରତୀୟ ହକି ଦଳ ର ଉତ୍ତରୋତ୍ତର ଉନ୍ନତି ସାଧନ କରିବା ପାଇଁ । ତାଙ୍କରି ପ୍ରଚେଷ୍ଟା ରେ ଟାଟା କମ୍ପାନୀର ସହାୟତା ରେ ଏବେ ତିଆରି ହେଉଛି ଓଡିଶାର  ରାଉରକେଲା ରେ କୋଡିଏ ହଜାର ଦର୍ଶକ  ଏକାଥରେ ବସିଲା ଭଳି ଏକ ଇନଡୋର ହକି ଷ୍ଟାଡିୟମ ଏବଂ ଓଡିଶା ର ରାଜଧାନୀ ଭୁବନେଶ୍ୱର ରେ"କଳିଙ୍ଗ ହକି କମ୍ପ୍ଲେକ୍ସ" ନାମରେ ଏକ ଅତ୍ୟାଧୁନିକ  ହକି ପ୍ରଶିକ୍ଷଣ କେନ୍ଦ୍ର ଯେଉଁଠି  କେବଳ ଓଡିଶା ରୁ ଦୁଇଶହ ଏବଂ ସାରା ଭାରତରୁ ଅଢେଇ ହଜାର ଉଦୀୟମାନ ହକି ପ୍ରତିଭା ମାନଙ୍କୁ  ଉନ୍ନତମାନର ପ୍ରଶିକ୍ଷଣ ଦେଇ ସେମାନଙ୍କୁଜାତୀୟ, ଆନ୍ତର୍ଜାତୀୟ  ଟୁର୍ଣ୍ଣାମେଣ୍ଟରେ ଖେଳିବା ଯୋଗ୍ୟ କରାଯିବ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବିଗତ ବର୍ଷ ମାନଙ୍କରେ ମଧ୍ୟ ଅର୍ଥାତ୍ ଦୁଇହଜାର ଚଉଦ ମସିହାରେ ଗ୍ଭମ୍ପିଆନସ୍ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟ୍ ଏବଂ ଦୁଇ ହଜାର ଅଠର ମସିହାରେ ବିଶ୍ୱ କପ୍ ହକି ଟୁର୍ଣ୍ଣାମେଣ୍ଟ୍ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କ ଆଗ୍ରହ ଯୋଗୁଁ ହିଁ ଓଡିଶା ର କଳଙ୍ଗ ଷ୍ଟାଡିୟମ ରେ ଅନୁଷ୍ଠିତ ହୋଇ ସୁଗ୍ଭରୁରୂପେ ସମ୍ପାଦନ ହୋଇଥିଲା। ଏବେ ଜୁନିୟର ହକି ଟୁର୍ଣ୍ଣାମେଣ୍ଟ୍ ଗ୍ଭଲିଛି କଳଙ୍ଗ ଷ୍ଟାଡିୟମ ରେ । ଏଥିରେ ଭ୍ରତୀୟ ଦଳର ଉନ୍ନତ ପ୍ରଦର୍ଶନ ସାର୍ ବିଶ୍ୱରେ ଚର୍ଚ୍ଚିତ ହେଉଛି। ଏହା ମଧ୍ୟ ନର୍ଦ୍ଧାରିତ ଯେ ଆସନ୍ତା ଦୁଇହଜାର ତେଇଶି ମସିହାରେ ବିଶ୍ୱ କପ୍ ହକି ଟୁର୍ଣ୍ଣାମେଣ୍ଟ୍ ଭୁବନେଶ୍ୱର କଳଙ୍ଗ ଷ୍ଟାଡିୟମ ରେ ହିଁ ଅନୁଷ୍ଠିତ ହେବ ।

ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କର ହକି ଖେଳ ପ୍ରତି ରହିଥିବା ଶ୍ରଦ୍ଧା ହିଁ ଆଜି ଭ୍ରତୀୟ ହକି ଦଳ କୁ ପ୍ରେରଣା ଦେଇଛି ଇତିହାସର ପୃଷ୍ଠା ଲେଉଟାଇ ବିଜୟ ଆଡକୁ ଆଗେଇ ଯିବାପାଇଁ । ଅଶେଷ ଧନ୍ୟବାଦ ଆପଣଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ ! ଆପଣ ଆଜି ଭ୍ରତୀୟ ହକି ଦଳ ପାଇଁ ଆଶାର ଆଲୋକ ବର୍ତ୍ତିକା ସାଜିଛନ୍ତୁ ଠିକ୍ ଅତୀତର ସେଇ ମହନୀୟ ହକିଗୁରୁ କବୀର୍ ଖାନ୍ ଙ୍କ ଭଳି । ଆପଣଙ୍କ ଭରସା ର ମାନ ଆମେ ନିଶ୍ଚିତ ରଖିବୁ । କଠିନ ରୁ କଠିନତର ପରିଶ୍ରମ କରିବୁ। ଜାନ୍ ଲଢେଇ ଦେବୁ ହକି ଖେଳ ପାଇଁ ।

ଆପଣଙ୍କ ମାର୍ଗ ଦର୍ଶନ ହୁଏତ ଆମର ହକି ଦଳର ଭବିଷ୍ୟତ ବଦଳାଇ ଦେବ, ହୁଏତ ଆମ ଚତୁର୍ଥ ସ୍ଥାନ ପରିବର୍ତ୍ତିତ ହୋଇଯିବ ପ୍ରଥମ ସ୍ଥାନରେ !

ହୁଏତ ଆମର ସେଇ ବ୍ରୋଞ୍ଜ୍ ପଦକ ଟି ପରିବର୍ତ୍ତିତ ହୋଇଯିବ ସ୍ୱର୍ଣ୍ଣ ପଦକରେ !!!

ଧନ୍ୟ ଆପଣଙ୍କ ହକି ପ୍ରେମ, ଧନ୍ୟ ଆପଣ, ଧନ୍ୟ ଆମ ଓଡିଶା । ଆମେ ସମସ୍ତେ ଗର୍ବିତ ଆପଣଙ୍କ ପାଇଁ ।

ଚକ୍ ଦେ ଇଣ୍ଡିଆ !!!

ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

# ସଚେତନ ହୁଅ ସଭିଏଁ ଭାଇ



ଦେବାର୍ଚ୍ଚନ ମେହେର

କରୋନା କୁ ଡରନା ଭାଇ
କରୋନା କୁ ଡରନା,
ସଚେତନ ହୁଅ ସଭିଏଁ ଭାଇ
ହେବ ଦିନେ ଶାନ୍ତି ସ୍ଥାପନା।।

ଆମପାଇଁ ଭାରତ ସରକାର
ନେଇଛନ୍ତି ନିଷ୍ପତି ଭାଇ,
ଲକ୍ ଡାଉନ୍ କରି
ଆମ ସୁରକ୍ଷା ପାଇଁ।।

ଘରେ ରହି ସୁରକ୍ଷିତ ରହିବା ଆମେ
ବାହାରକୁ ଯାଇ କରୋନା କୁ ନଆଣିବା,
ଅତି ଜରୁରୀ କାମରେ ଘରୁ ବାହାରିଲେ
ମାସ୍ ସୁନିଶ୍ଚିତ ପିନ୍ଧିବା।।

ହାତ ମିଳେଇବା କୁଣ୍ଢେଇ ଧରିବାଠୁ
ଦୂରେଇ ରହିବା ଭାଇ,
ନମସ୍କାର କରି ସମସ୍ତଙ୍କ ପାଖରେ
ଆପଣାର ହେବା ଯାଇ।।

ଗହଳି ସ୍ଥାନରେ ନବୁଲି ଆମେ
ଘରେ ସୁରକ୍ଷିତ ରହିବା,
ସରକାରଙ୍କର ନିୟମ ମାନିଲେ
ସମସ୍ତେ ଆରୋଗ୍ୟ ରହିବା।।

ପଛ ଘୁଞ୍ଚା ନାହିଁ ବୀରର ଯାତକେ
ଆସୁ ଯେତେ ମହାମାରୀ,
ସଚେତନ ହେଲେ, ନିୟମ ମାନିଲେ
କରୋନା ଯିବରେ ମରି।।

ଧର୍ଯ୍ୟ ଧର ହେ ମଣିଷ ସମାଜ
ଆଶା ରଖି କର ଲଢେଇ,
ମାସ୍କ ସାନିଟାଇଯର ବ୍ୟବହାର କରି
କରୋନା କୁ ଦିଅ ଦୂରେଇ।।

ଡରିବାନି ଆମେ ଏ ମହାମାରୀ କୁ
ଲିଭେଇ ଦେବା ତା ନାଁ,
ସଚେତନ ହୁଅ ମୋ ଭଉଣୀ ଭାଇ
ମାମୁଁ, ମାଇଁ, ବାପା, ମାଁ।।

ବାହାରେ ନ ବୁଲି ଘରେ ରହିତୁମେ
ପରିବାରେ କର ସଚେତନ,
ଆମେ ସୁସ୍ଥ ଏହି ସଚେତନ ହେଲେ
ବାଣ୍ଟିବା ସଭିଙ୍କୁ ଏହି ଜ୍ଞାନ ।।

ଆମେ ଓଡ଼ିଶା ବାସୀ
ବଡ଼ ସାହସୀ,
ସଚେତନ ହେବା
ସମସ୍ତେ ମିଶି ।।

ଜଗନ୍ନାଥ ପରି ଠାକୁର ପାଇ
ଆମେ କାହିଁକି ଡରିବା,
ତାଙ୍କ ଆଶିର୍ବାଦ ଥିଲେ ଆମ ମୁଣ୍ଡ
ଆମେ ସୁରକ୍ଷିତ ରହିବା ।।

କରୋନା ହାରିବ, ଓଡ଼ିଶା ଜିତିବ
ଜିତିବ ଯେ ଆଜି ଭାରତ,
ମାସ୍କ,ସାବୁନ୍ ବ୍ୟବହାର କରି
ଆରୋଗ୍ୟ ରହିବା ନିଶ୍ଚିତ ।।

କେତେ ମହାମାରୀ ଆସି ଚାଲିଗଲେ
ପାରିଲେନି କରି କିଛି,
ମୁକାବିଲା କରେ ସର୍ବଦା ଭାରତ
ମୋର ଓଡ଼ିଆ ଜାତି ।।

ଗ୍ରାମ - ବାପୁଜୀନଗର
ଜିଲ୍ଲା - ବୌଦ୍ଧ

# ଲାଗେ ଭାରି.... ଏକା ଏକା

ପ୍ରଶାନ୍ତ କୁମାର ପାଢ଼ୀ

ନାହିଁ କଛି କୋଳାହଳ
ନା କାହାର ବାଧବାଧକତା
ଖାଲି ନର୍ଜନତା ରେ
ଶୂନ୍ୟତା ର ପ୍ରତିଧ୍ୱନ
ନସଙ୍ଗତା ବୋଧରେ
ଲାଗେ ଭାରି ଏକା ଏକା ॥
ଅଗଣାରେ ବସି ଦେଖୁଥାଏ
ସ୍ମାରକୀ ବହନ କରି ଦଣ୍ଡାୟମାନ ଥିବା
ପୁରୁଣା ଘରକୁ....ବୃକ୍ଷରାଜିକୁ
ଯାର ହୃଦୟ ରେ ଆଉ ଛାତିରେ
ସାଇତା ହୋଇଥାଏ
ଅତୀତ ର କଛି ଅଭୁଲା ସ୍ମୃତି ॥
ହସିଲା ପୁରିଲା ପରିବେହ
କାଦ କାନ୍ଦ ଲାଗୁଥାଏ
ସମୟର ଶୁଷ୍କ ହସର ଲହରୀ ରେ
ପରିସ୍ଥିତି ର ନୀରବତା ସୁଗ୍ଭଉଥାଏ
କଛି ଆପଣାର ଲୋକଙ୍କ ଅନୁପସ୍ଥିତି
ଆଉ ହଜିଯାଇଥିବା ତାଙ୍କର ଆତ୍ମିୟତା ॥

ଭାବନା ରାଜ୍ୟରେ ବୁଲି ବୁଲି
ଥକପଡେ ସିନା
ପାଏନାହିଁ ମାନ ଖୋଜୁଥିବା ମଣିଷଙ୍କୁ
ଭେଟୁଥାଏ କଛି କଷ୍ଟ ଓ ଯନ୍ତ୍ରଣାକୁ
ମନରେ ଉଦ୍ଭାସିତ ହେଉଥାଏ
ଆପଣା ଲୋକଙ୍କ କଥା ଗାଥା ଓ କାହାଣୀ
ସମୟଚକ୍ରରେ ଲାଗେ....ଭାରି ଏକା ଏକା ॥

ଶିକ୍ଷକ, କାକୁଡିକୁଦ, ଯାଜପୁର

# ବନ୍ଦ କୋଠରୀ



ପୂର୍ଣ୍ଣଚନ୍ଦ୍ର ରଣା

ସମୟ ରାତ୍ରୀ ଘ.୧୨.୩୫ମି, ଡକ୍ଟର ସାହାବ ଓ.ଟି ରୁ ଅପରେସନ୍ ସାରି ବାହାରକୁ ବାହାରୁ ଥାଆନ୍ତି, ହଠାତ୍ ହସ୍ପିଟାଲ ଆଢୁଆଳରେ ଥିବା କୋଠରୀରୁ ଏକ ଅଜଣା ଶବ୍ଦ ଶୁଣାଗଲା ।

ଓ୍ୱାଚମ୍ୟାନ୍ ଦେଖିଲ ଦେଖିଲ ସେ କୋଠରୀ ଭିତରେ କିଏ ଚିତ୍କାର କରୁଛି । ଓକେ ସାର୍, ମୁଁ ଦେଖୁଛି ।ଓ୍ୱାଚମ୍ୟାନଏହା କହି ହସ୍ପିଟାଲର ଆଢୁଆଳରେ ଥିବା କୋଠରୀ ପାଖକୁ ଧାଇଁ ଚାଲିଗଲା ।ପୁଣି ଚିଲେଇ ଚିଲେଇ କହିଲା, କିଏ ? କିଏ ? ସେ କୋଠରୀ ଭିତରେ ? ଓ୍ୱାଚମ୍ୟାନର ଶବ୍ଦ ଶୁଣି ହଠାତ୍ ସେ ଅଜଣା ଶବ୍ଦଟି କିଛି କ୍ଷଣ ପାଇଁ ବନ୍ଦ ହେଇଗଲା ।

ଓ୍ୱାଚମ୍ୟାନ ଫେରି ଆସି ଡକ୍ଟର ସାହାବଙ୍କୁ କହିଲା, ସାର୍ ସେଠାରେ କେହି ବି ନାହାନ୍ତି, ସେଇଟା ଗୋଟିଏ "ବନ୍ଦ କୋଠରୀ" । ଠିକ୍ ଅଛି ଓ୍ୱାଚମ୍ୟାନ ତୁମେ ଦେଖି ଚାହିଁ ନିଜ ଡ୍ୟୁଟି କରୁଥିବା । ଓକେ ସାର୍ ମୁଁ ତ ଏଠି ସବୁ ଦିନିଆ, ଆପଣ ଯାଆନ୍ତୁ ସାର୍ ମୋ'ର ଡ୍ୟୁଟି ସରିଲେ ସକାଳେ ଚାଲିଯିବି ।

ଡକ୍ଟର ସାହାବ ଗାଡ଼ିରେ ବସିବା ମାତ୍ରେ ଠିକ୍ ସେହି ଅଜଣା ଶବ୍ଦଟି ପୁନଶ୍ଚ ଶୁଣାଗଲା ହସ୍ପିଟାଲର ସେହି ବନ୍ଦ କୋଠରୀ ମଧ୍ୟରୁ । ଡକ୍ଟର ସାହାବ ସେ ଶବ୍ଦ ଶୁଣି ପୁନଶ୍ଚ ଧାଇଁ ଆସିଲେ ।

ଓ୍ୱାଚମ୍ୟାନ ଓ୍ୱାଚମ୍ୟାନ କୁଆଡେ ଗଲ, ଦେଖ ଦେଖ ପୁଣି ସେମିତି ଭୟଙ୍କର ଶବ୍ଦ ଶୁଣାଯାଉଛି । କିନ୍ତୁ ଓ୍ୱାଚମ୍ୟାନର କୌଣସି ଜବାବ ଶୁଣାଗଲାନି, କୁଆଡେ ଗଲ ଓ୍ୱାଚମ୍ୟାନ କୁଆଡେ ଗଲ ତୁମ ଡ୍ୟୁଟି ସମୟରେ କୁଆଡେ ଗଲ । ଡକ୍ଟର ସାହାବ କୋଠରୀ ପାଖକୁ ଯାଇ ଦେଖିଲେ ବନ୍ଦ କୋଠରୀ ଭିତରୁ ରକ୍ତର ସୁଅ ଛୁଟୁଛି । ଏହା ଦେଖି ଡକ୍ଟର ସାହାବଙ୍କ ଦେହରୁ ଝାଳ ବାହାରି ଗଲା ଏବଂ ସେ ଭୟାନକ ଶବ୍ଦ ଶୁଣି ଆହୁରି ଡରିଗଲେ ।

ଡରି ଡରି ଖନେଇ ଖନେଇ କହୁଥିଲେ କି...ଏ ? କି...ଏ ? ସେ କୋଠରୀ ଭିତରେ । ଏହା କହିବା ମାତ୍ରେ ସେ ବନ୍ଦ କୋଠରୀ ଭିତରୁ ୱାଚମ୍ୟାନର ପିନ୍ଧା ଜୋତା, ପୋଷାକ ଆଦି ଡକ୍ଟର ସାହାବଙ୍କ ଉପରେ ପଡ଼ିଲା ଏବଂ ଡକ୍ଟର ସାହାବ ସେ ଭୂଇଁ ଉପରେ ଗଡ଼ି ପଡ଼ି ବେହୋସ୍ ହୋଇଗଲେ ।

ଦଶ ମିନିଟ ପରେ ସେ ଶୁନଶାନ୍ ରାତିରେ ପାଖାପାଖି ଗୋଟିଏ ଦଶ ବର୍ଷର ଝିଅ ଗ୍ଲାସରେ ପାଣି ଧରି ଡକ୍ଟର ସାହାବଙ୍କ ନିକଟକୁ ଆସିଲା, ଡକ୍ଟରଙ୍କ ମୁହଁରେ ପାଣି ପକେଇତାଙ୍କର ଚେତା ଫେରାଇଲା ।ଡକ୍ଟର ସାହାବଙ୍କ ଚେତା ଆସିବା ମାତ୍ରେ ତତକ୍ଷଣାତ୍ ଝିଅଟି ଅଦୃଶ୍ୟ ହୋଇଗଲା । କିଛି ସମୟ ପରେ ଡକ୍ଟର ଛିଡ଼ା ହେଲେ । ପୁନଶ୍ଚ ଝିଅଟି ସାହାବଙ୍କ ପଛପଟୁ ଆସି ହାତ ମାରି ହସି ହସି କହିଲା ଏ ଡକ୍ଟର ସାହାବ କ'ଣ ମତେ ଦେଖି ଡରିଗଲ କି ? ଡକ୍ଟର ସାହାବ ଡରି ଡରି ଝିଅଟିକୁ ପଚାରିଲେ ମାଆ ତୁ କିଏ ? ତୁ ଏତେ ରାତିରେ ଏଠି ଏକା କ'ଣ କରୁଛୁ ?

ଝିଅଟି ନମ୍ର ହୋଇ କହିଲା, ସାହାବ ମୋ ନାଁ ପରୀ।ମୁଁ ଏଠି ଏ ରାକ୍ଷସ ମାନଙ୍କ ରକ୍ତ ପିଇବାକୁ ଆସିଛି । ଆଉ ସେମାନେ ଯେମିତି ମୋ ବାପା ମାଆଙ୍କ ଠାରୁ ମତେ ଯେମିତି ଅଲଗା କରି ଏ ମାସୁମ୍ ଜୀବନ ସହ ଖେଳ ଖେଳିଛନ୍ତି, ମୁଁ ସେ ରାକ୍ଷସ ମାନଙ୍କୁ କେବେ ଛାଡିବିନି । ସାହାବ ଗୋଟି ଗୋଟି କରି ତାଙ୍କ ପରିବାର ଠୁ ତାଙ୍କୁ ଅଲଗା କରିବି ।

ଡକ୍ଟର ସାହାବ ସହାନୁଭୂତି ହୋଇ ପରୀକୁ କହିଲେ, ଶାନ୍ତ ହେଇଯାଅ ମାଆ, ଏହାଶୁଣି ପରୀ ବହୁତ କାନ୍ଦିଲା ଆଉ କହିଲା କେମିତି ଶାନ୍ତ ହେବି ସାହାବ ସେମାନେ ତ ମୋ ଖୁସି ଛଡ଼ାଇ ନେଲେ ।ପୁନଶ୍ଚ ପରୀ ତୁନି ହୋଇ ଡକ୍ଟର ସାହାବଙ୍କୁ ତା ସହ କରିଥିବା କାହାଣୀକୁ ବଖାଣିଲା ।

ସେଦିନ ଥାଏ ମୋ ବଡ଼ ଭଉଣୀ ପ୍ରିୟା ଦିଦିର ଜନ୍ମ ଦିନ । ଆମ ଘରେ ଖୁସିର ଉତ୍ସବ, ବାପା ଡ୍ୟୁଟି ସାରି ଘରକୁ ଫେରୁ ଫେରୁ ରାତି ହୋଇ ଯାଇଥିଲା, ଅପେକ୍ଷାରେ ଆମ ସାରା ଘର ପରିବାର । ବାପା ଘରକୁ ଆସିଲେ କେକ୍ କଟାଯିବ ଆଉ ଦିଦିର ଜନ୍ମ ଦିନ ପାଳନ କରାଯିବ । ଭଗବାନ ଏତେ ନିଷ୍ଠୁର ହେଲେ ଯେ,ବାପା ରାସ୍ତାରେ ଆସୁ ଆସୁ ବାପାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଲା ଏବଂ ବାପା ବେହୋସ ହୋଇ ତଳେ ପଡିଗଲେ । ବାପାଙ୍କ ହାତ ଗୋଡରେ ବହୁତ ଆଘାତ ଲାଗିଥିଲା । ତେଣୁ ଏହି ହସ୍ପିଟାଲର ବାପାଙ୍କୁ ଆଡମିଟ୍ କରି

ଦିଆଗଲା । ଡକ୍ଟର ଚିକିତ୍ସା କରି କହିଲେ, ସାର୍ ଆପଣ ଚାରି ପାଞ୍ଚ ଦିନ ବିଶ୍ରାମ ନିଅନ୍ତୁ ଠିକ୍ ହୋଇଯିବେ ।

ବାପା ଆଡମିଟ୍ ହେବା ଦୁଇଦିନ ପରେ ମାଆ ଆଉ ମୁଁ ବାପାଙ୍କୁ ଦେଖିବାକୁ ହସ୍ପିଟାଲ ଆସିଥାଉ । ଅଧିକ ରାତ୍ରୀ ହେବା ଫଳରେମାଆ ଆଉ ମୁଁ ହସ୍ପିଟାଲରେ ରାତ୍ରୀଯାପନ କରିଥିଲୁ । ରାତ୍ରୀ ଘ.୧୨.୧୦ମି ମୁଁ ଓ୍ୟାସରୁମ ଯିବା ବାଟରେ ଜଣେ ଓ୍ୱାଚମ୍ୟାନ ମତେ ଦେଖି ପଚାରିଲେ, ଏତେ ରାତିରେ କୁଆଡେ ଯାଉଛ ?

ମୁଁ ପଚାରିଲି ଅଙ୍କଲ ଓ୍ୟାସରୁମ କୋଉପଟେ ? ଓ୍ୱାଚମ୍ୟାନ ମତେ ଦେଖି ଅନ୍ତରରେ ଏକ ରାକ୍ଷସକୁ ମୋ ଅଜାଣତରେ ଏକ ରାକ୍ଷସକୁ ଜାଗ୍ରତ କରି ସାରିଥିଲା । ଓ୍ୱାଚମ୍ୟାନଟି ମତେ ଡାକି ନେଇ କହିଲା, ମୋ ସହ ଆସ ମୁଁ ଓ୍ୟାସରୁମ ଦେଖେଇବି । ମୁଁ ତାଙ୍କ ସହ ହସ୍ପିଟାଲର ଆଢୁଆଳରେ ଥିବା କୋଠରୀକୁ ଗଲି ।

ଓ୍ୱାଚମ୍ୟାନ ମତେ କହିଲା ଏଇଟା ଓ୍ୟାସରୁମ । ସେ କୋଠରୀକୁ ପଶିବା ମାତ୍ରେ ଦୁଇଜଣ ଓ୍ୱାଚମ୍ୟାନ ସେ କୋଠରୀକୁ ପଶିଯାଇ ଭିତର ପଟୁ ବନ୍ଦ କରିଦେଲେ ଆଉ ମୋ ସହ ବଳାତ୍କାର କଲେ ।ହାତ ଯୋଡ଼ି ବହୁତ ବିନତୀ କଲି, ଅଙ୍କଲ ମୋତେ ଛାଡ଼ିଦିଅ, ମୁଁ ଛୋଟ ପିଲାଟେ, ଆପଣଙ୍କ ଝିଅ ପରି । କିନ୍ତୁ ସେ ରାକ୍ଷସ ଦୁଇଜଣ ମତେ ବଳାତ୍କାର କରି ଜୀବନରୁ ମାରିଦେଲେ । ଆଉ ସେ କୋଠରୀକୁ ବନ୍ଦ କରି ଚାଲିଗଲେ । ଆଉ ମୋ'ର ସେହି ଆତ୍ମାଟି ସେ ବନ୍ଦ କୋଠରୀ ଭିତରେ ବିକଳ ହେଉଥିଲା । ସକାଳୁ ମୋ ବାପା ମାଆ ମତେ ବହୁତ ଖୋଜିଲେ । ଆଉ ପୋଲିସରେ ଏଫ୍.ଆଇ.ଆର ଦେଲେ, କିନ୍ତୁ ମୋ'ର କୌଣସି ବି ଖବର ମିଳିଲାନି । ମୁଁ ଖୁସି ଟିକେ ନ ପାଇ ଅତୃପ୍ତ ଆତ୍ମା ହୋଇ ଘୁରି ବୁଲିଲି ଆଉ ଏଇ ବନ୍ଦ କୋଠରୀ ଭିତରେ ରହି, ଏହିପରି ରାକ୍ଷସ ମାନଙ୍କୁ ଉଚିତ ସବକ ଶିଖାଇବି । ସେ କୁନି ପରୀ କାନ୍ଦି କାନ୍ଦି ଡକ୍ଟର ସାହାବଙ୍କୁ କହିଲା, ଯଦି ମୁଁ କିଛି ଭୁଲକରିଥାଏ ମତେ କ୍ଷମା କରିଦେବେ । ମୋ ବାପା ମାଆ ଆଉ ମୋ ପରିବାର କଥା ଆଜି ମୋର ବହୁତ ମନେ ପଡୁଛି । ଏହା ଶୁଣି ଡକ୍ଟର ସାହାବଙ୍କ ଆଖିରୁ ଦୁଇ ଟୋପା ଲୁହ ବହିଗଲା ।

ଡକ୍ଟର ସାହାବ ସେ କୁନି ପରୀକୁ ପ୍ରତିଶ୍ରୁତି ଦେଲେ ଯେ ଭବିଷ୍ୟତରେ ଏ ପରି ନିନ୍ଦିତ କାର୍ଯ୍ୟକୁ ପ୍ରତିରୋଧ କରିବାକୁ ।କିଛି ଦିନ ପରେ ଡକ୍ଟର ସାହାବ ଝିଅଟିର କାହାଣୀକୁ ଶୁଣାଇବାକୁ ଏକ ସଭାର ଆୟୋଜନ କଲେ ଏବଂ ସଭାରେ ଘୋଷଣା କଲେ ଯେ ନାବାଳିକା ବଳାତ୍କାର ଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ହାଟସିଂହାପୁର,ଯାଜପୁର

# ମହତ ଅଟଇ ନମ୍ର



ଅଲେଖ ମେହେର

କୋମଳ ମଧୁର ଆଚାର ମହତ ଜନ ମୂଳ,
କିଛି ନ ଜାଣି ବଲଗଇ ମୂର୍ଖ ବାଇ ବିଗୁଲା
କରିଛି ଆବୃତ ତ୍ରିଭାଗ ବାରାନିଧି ର ଜଳ
କେବେ କି ଲଙ୍ଘେ ପରିସୀମ  ନିଜର ଛାଡି କୂଳ।
କୈବର୍ତ୍ତ ଜୀବନ ଜୀବିକା ପେଟ ପାଳନ ଖେଳ,
କୈତବ ନ ରଖି ମନରେ ସିନ୍ଧୁ ପାଳେ ଶୟଳ।
କଳ୍ପବଟ ସାଜେ ପାଦପ ଦେଇ ପ୍ରସୂନ ଫଳ,
କାଷ୍ଠ  ସାଥେ ଉପକରଣ  ଶେଷେ ସାଜଇ ଜାଳ।
କଅଁଳ ପର୍ଣ୍ଣ  ଉହାଡରେ  ଦ୍ଵିଜ ହୋଇ ମାତାଳ,
କଳକଣ୍ଠ ସ୍ୱରେ ଭାସଇ ଶ୍ରୁତିମଧୁ କଲ୍ଲୋଳ।
କଦନ ନିଦାଘ ହରଇ  ଦେଇ ଛାୟା ଶୀତଳ,
କରଇ କି କେବେ ଜଗତେ ପୁଣ୍ୟ କର୍ମର ଗୋଳ।
କି ଲାଭ ଜ୍ଞାନରେ ପୁରିଲେ ମୁଁକାର ଭରା ଜାଲ,
କଳୁଷ କାଳିମା କାଟଇ ମାନବ ଜନ୍ମ ଫଳ।
କୂପ ଖୋଦନକାରୀ ଯାଏ ସର୍ବଦା ତଳାତଳ,
କର୍ଣ୍ଣିକା ଧରି ରାଜମିସ୍ତ୍ରୀ ମାପେ ଆକାଶ କୋଳ।
କଳାଘନ ଜୀବ ସେବାରେ  ସଦା ବରଷି ଜଳ,
କୁକ୍ଷି କୂପ ପାଳି ପ୍ରାଣୀର ପ୍ରାଣ ଧାରଣେ ମୂଳ।

ଟୀକା-କୈତବ-କପଟ,ପାଦପ-ବୃକ୍ଷ,ପ୍ରସୂନ-ଫୁଲ,ପର୍ଣ୍ଣ-ପତ୍ର,ଦ୍ଵିଜ-ପକ୍ଷୀ, କଦନ-ଦୁଃଖ, ତଳାତଳ-ପାତାଳ,କର୍ଣ୍ଣିକା-ରାଜମିସ୍ତ୍ରୀର ଉପକରଣ କରଣୀ,କୁକ୍ଷି କୂପ-ପେଟ ରୂପକ କୂଅ।

ସୋହେଲା, ବରଗଡ

# ଲୁହ



ନନ୍ଦିନୀ ରାଉତ

ଲୁହ ଅଟେ ଏଠି ଏକା ସାଥୀ ମୋର
ଲୁହ ପୁଣି ମୋର ବନ୍ଧୁ
ମୋର ଭଲ ପାଇଁ ବାଛି ବାଛି ତାକୁ
ଦେଲେ ମୋତେ କୃପାସିନ୍ଧୁ.... 1

ଯେଉଁ ଆଡେ ଗଲେ ମୋ ସାଥିରେ ଯାଏ
ବିପଦେ ସାନ୍ତ୍ୱନା ଦିଏ
ପ୍ରତି ପଦପାତେ ସ୍ୱାର୍ଥପର ସବୁ
ସେ ଏକା ମୋ ସାଥେ ରହେ.... 2

କେବେ ବହୁଥାଏ ଚିବୁକ ଦେଇଣ
କେବେ ଛୁଇଁ ଯାଏ ଓଠ
ବୋହିଗଲେ ସେ ଯେ କମାଇଣ ଦିଏ
ମୋର ହୃଦୟ ରୁ କଷ୍ଟ...... 3

ସୁଖ ରେ ଆସେ ସେ ଆଖି କୋଣେ ମୋର
ଆନନ୍ଦ ରେ ଆସୁଥାଏ
ଚିର ସାହଚରୀ ସଖି ସେ ଯେ ମୋର
ମୋମନ ବୁଝାଇ ଦିଏ..... 4

ବୁଝେନା ଦୁନିଆ ମୋ ଲୁହ ର ମୂଲ
ଦେଖି ତାକୁ ହସୁ ଥାଏ
ଅବୁଝା ଲୁହ ମୋ ବୁଝେନା ତାହାଙ୍କୁ
ଆହୁରି ସେ ଝରି ଯାଏ.... 5

ଧାରା ଶ୍ରାବଣ ର ରୂପ ନେଇ ଝରେ
ବିଛେଦ ସମୟ ହେଲେ
ଅଦିନିଆ ମେଘ ପରି ସେ ବରଷେ
ନିଜ ଲୋକ ପର କଲେ.... 6

ଛାଡି ପାରିବିନି ଏ ଲୁହ କୁ ମୋର
ତା, ପରି କେ ଆଉ ନାହିଁ
ସୁଖ ରେ ଦୁଃଖରେ ହସ ରେ କାନ୍ଦ ରେ
ସବୁବେଳେ ସାଥେ ଥାଏ.... 7

ବାଲିପଟ୍ଟା, ଅନୁଗୁଳ

# ଶାଶ୍ୱତ ପ୍ରେମର ବାସ୍ତବ ଚନ୍ଦ -ପ୍ରେମଗନ୍ଧ



ରଞ୍ଜନକୁମାରଖଣ୍ଡା

1980 ମସିହା ପରବର୍ତ୍ତୀ ସମୟରେ ନାଟକ ରଚନାରେ ନିମଗ୍ନ ରହି ସଫଳତା ହାସଲ କରିଥିବା ନାଟ୍ୟକାରମାନଙ୍କ ମଧ୍ୟରୁ ଶ୍ରୀ ଶଙ୍କର ପ୍ରସାଦ ତ୍ରିପାଠୀ ଜଣେ । 1983 ମସିହାରୁ ନାଟକ ରଚନାରେ ନିମଗ୍ନ ରହି ସେ ଏଯାବତ ଅନେକ ନାଟକ ରଚନା କରିଛନ୍ତି। ଆଉ ଏହି ଭିତରେ ସେ ଦେଖାଇଛନ୍ତି ଜୀବନର ନିତ୍ୟନୂତନତାକୁ, ଯେଉଁଥିରେ ଜୀବନର ଅଙ୍କ ଗୋଡ଼ିକ ସଜାଡ଼ି ହୋଇପାରିବ । ତାଙ୍କର 'ପ୍ରେମଗନ୍ଧ' ନାଟକଟି ଏଇ ଧରଣର ଏକ ସଫଳ ସୃଷ୍ଟି । ଯେଉଁଥିରେ ସେ ପ୍ରେମର ଗୁରୁତ୍ୱକୁ ଅତି କମନୀୟ ଭାବରେ ଦେଖାଇଛନ୍ତି। ଖାଲି ସେତିକି ନୁହେଁ ସମାଜରେ ପ୍ରେମକୁ ନେଇ ଚାଲିଥିବା ଭଣ୍ଡାମୀକୁ ପରିହାର କରିବା ପାଇଁ ଯଥେଷ୍ଟ ପ୍ରୟାସ କରିଛନ୍ତି । ତାଙ୍କର ଏହି ସ୍ପୃହା କେବଳ ନାଟକରେ ସୀମିତ ହୋଇରହିଁ ନାହିଁ ବରଂ କଥାସାହିତ୍ୟରେ ମଧ୍ୟ ରହିଛି । ତେଣୁ ସେ ଉଭୟ ଦିଗକୁ ଦୃଷ୍ଟି ନିକ୍ଷେପ କରି ଆଙ୍କିଛନ୍ତି ଅନେକ କଥାଚିତ୍ର, ଯେଉଁଥିରେ ବ୍ୟକ୍ତି ନିଜର ସ୍ଥିତିକୁ ଅନୁଭବ କରିପାରେ । ନାଟ୍ୟକାର ସମାଜରେ ବିଚରଣ କରୁଥିବା ମଣିଷମାନଙ୍କର ଜୀବନ ଶୈଳୀକୁ ନିଜ ଲେଖନୀର ଆଧାର ଭାବରେ ଚୟନ କରିଛନ୍ତି । କେଉଁଠି ଜୀବନକୁ ନେଇ ନାଟକ ଲେଖିଛନ୍ତି ତ କେଉଁଠି ରାଜନୈତିକ ଭିଡ଼ ଭିତରକୁ ପଶି ରାଜନୀତିର ଗୋଟି ଗୋଡ଼ିକୁ ସାଉଁଟିଛନ୍ତି । ପୁଣି ଫେରିଯାଇଛନ୍ତି ଧର୍ମ ପାଖକୁ । ଧର୍ମ ନାମରେ ଚାଲିଥିବା ସାମ୍ପ୍ରଦାୟିକ ଦଙ୍ଗାକୁ ଦେଖାଇଛନ୍ତି ।

ଏତିକିରେ ତାଙ୍କର ପଥଚଲା ଶେଷ ହୋଇନାହିଁ । ତେଣୁ ବର୍ତ୍ତମାନର ସମୟ, ପରିସ୍ଥିତି ଓ ସମସ୍ୟା ଯେଉଁପରି ଭାବରେ ଯୁବକ ଗୋଷ୍ଠୀକୁ ପ୍ରଭାବିତ କରୁଛି ଏବଂ ସଂସ୍କୃତିର ଅବକ୍ଷୟ କେଉଁ କାରଣରୁ ଘଟୁଛି, ତାହାର ଟୀକା ଟିପପଣୀ ଦେଇଛନ୍ତି । ସୋସିଆଲ ମିଡ଼ିଆର ଅଗ୍ରଗତି, ତା'ର ସଦବ୍ୟବହାର ସମ୍ପର୍କରେ ମଧ୍ୟ ନାଟ୍ୟକାର ଭିନ୍ନ ଶୈଳୀରେ

ଦେଖାଇଛନ୍ତି। ତଥାପି ନାଟ୍ୟକାର ଶ୍ରୀ ତ୍ରିପାଠୀ ଅଟକି ଯାଇନାହାଁନ୍ତି ସାହାରା ମରୁଭୂମିର ବାଲୁକା ସ୍ତୁପ ମଧ୍ୟରେ । ବାଦାମୀ ରଙ୍ଗର ବାଲୁକା ଗର୍ଭରୁ ଖୋଜିଛନ୍ତି ସବୁଜ ବାନାନୀର ଦିଗନ୍ତ ବିସ୍ତାରୀ ରୂପ । ଏହି ବନାନୀ ମଧ୍ୟରେ ସେ କିଛି କ୍ଷଣ ଇତସ୍ତତ ହୋଇପଡ଼ିଛନ୍ତି ସତ; ମାତ୍ର ସେ ସେଠାରେ ଦେଖାଯାଉଥିବା ସବୁଜ ରଙ୍ଗକୁ ଛଳନା ବୁଲି ଆବିଷ୍କାର କରିଛନ୍ତି । ଚୋରାବାଲିର ଦୀର୍ଘ ସଂକେତକୁ ଅନୁଭବ କରି ଦ୍ରୁତ ପଥରେ ଦିଗହରା ଯାତ୍ରୀଟିଏ ପରି ଏପଟ ସେପଟ ଘୋରିବୁଲୁଥିଲା ବେଳେ ପ୍ରେମ ନାମକ ଶବ୍ଦକୁ ସାଉଣ୍ଟୁଥିବା ବ୍ୟକ୍ତିକୁ ଦେଖିଛନ୍ତି । ଏବଂ ସେଠାରେ ପ୍ରେମ ଶାଶ୍ୱତ, ସ୍ୱର୍ଗୀୟ ଓ ଭରସାର ପ୍ରତୀକ ବୋଲି ଉପଲବ୍ଧି କରିଛନ୍ତି । ଆଜିର ଭେଜାଲ ଦୁନିଆରେ ବ୍ୟକ୍ତି ନିଜର ମୌଳିକତାକୁ ହରାଇ ସମ୍ପୂର୍ଣ ଏକାକୀ ହୋଇପଡ଼ିଥିବାର ନାଟ୍ୟକାର ଦେଖିଛନ୍ତି । ଆଉ ପ୍ରେମର ମୋଡ଼ ପରିବର୍ତ୍ତନ କେତେ ଅସହ୍ୟ ତାହାକୁ ମଧ୍ୟ ଅନୁଭବ କରିଛନ୍ତି । ତେଣୁ ସମସାମୟିକ ସମାଜରେ ପ୍ରେମକୁ ନେଇ ଯେଉଁ ଛକାପଞ୍ଝା ଖେଳ ଚାଲିଛି, ତାହାକୁ ନାଟ୍ୟକାର ସମ୍ପୂର୍ଣ ଦୂରେଇ ପ୍ରେମର ପବିତ୍ରତା କେତେ ବିରାଟ ତାର ଏକ ମୀନାର ଗଢିଛନ୍ତି "ପ୍ରେମଗଳ୍ପ" ନାଟକରେ ।

ପ୍ରେମଗଳ୍ପ ନାଟକଟି 2003 ମସିହାରେ ରଚିତ । ଏଥିରେ ମୋଟ ସାତଟି ଚରିତ୍ର ରହିଛନ୍ତି । ଚାରୋଟି ପୁରୁଷ ଚରିତ୍ର ଓ ତିନୋଟି ନାରୀ ଚରିତ୍ର ମଧ୍ୟରେ ନାଟକ ଗତିଶୀଳ । ।ନାଟକର ପାରମ୍ପରିକ ଶୈଳୀରେ ପରିବେଷଣ ହୋଇଛି । କେଳାକେଲୋଣୀ, ଶବରଶବରୁଣୀ, ଚଢେଇଆ ଚଢେଇଆଣୀ ଆଦି ଅନେକ ଲୋକନାଟକ ବିଭିନ୍ନ ପ୍ରଶ୍ନ ଉତ୍ତର ଛଳରେ ଜଣେ ଅନ୍ୟ ଜଣକୁ କିଛି ପ୍ରଶ୍ନ ପଚାରିଥାଏ, ଏବଂ ପ୍ରତିଉତ୍ତରରେ ତାର ସାଥୀ କିଛି କହିଥାଏ । ଏହି ଭଳି ଶୈଳୀରେ ନାଟ୍ୟକାର ମଧ୍ୟ ନିଜର ଏହି ନାଟକରେ ସୂତ୍ରଧର ଓ ଦୁଇଜଣ ଲୋକ ଜରିଆରେ ନାଟକର ଆରମ୍ଭ କରିଛନ୍ତି । ଏହି ଦୁଇଜଣ ଅଭିନେତା ନୁହଁନ୍ତି ମାତ୍ର ଅଭିନୟ କରିଛନ୍ତି । ସୂତ୍ରଧର ନାଟକର ଆରମ୍ଭ କରିବା ପାଇଁ ଦର୍ଶକ ମହଲରୁ ଦୁଇଜଣକୁ ଡାକିଛନ୍ତି । ଜଣେ ପୁରୁଷ ଚରିତ୍ର ରଂଜିତ ଓ ଜଣେ ନାରୀ ଚରିତ୍ର ରମା । ସୂତ୍ରଧର ପ୍ରେମଗଳ୍ପ ନାମକ ନାଟକର ଅଭିନୟ କରିବାକୁ କହିଛନ୍ତି । ଏବଂ ଏଥିରେ ଶାଶ୍ୱତ ପ୍ରେମର ରୂପ ସେ ଦେଖାଇବାକୁ କହିଛନ୍ତି । ହେଲେ ଏହି ଦୁଇ ଚରିତ୍ର ଏହାକୁ ଥଟ୍ଟା ପରିହାସ କରିଛନ୍ତି । ରାଧାକୃଷ୍ଣଙ୍କର ସ୍ୱର୍ଗୀୟ ପ୍ରେମକୁ କଳୁଷିତ କରି ତାକୁ ନଗ୍ନତାର ସୂଚୀ ଭିତରେ ରଖିଛନ୍ତି । ତାଙ୍କ ମତରେ ପ୍ରେମ ହେଉଛି ନଗ୍ନତାର ପ୍ରତୀକ  ଏବଂ ଏହା କେବଳ କିସ ଆଉ ଆଡଲଟ ଭିତରେ ସମାହିତ । ସେମାନଙ୍କ ମତରେ ପ୍ରେମର ନିଶା ହେଉଛି ଦୈହିକ

ସମ୍ପର୍କ । ସୂତ୍ରଧର ଏହାକୁ ସହ୍ୟ କରିପାରିନି, ସେଥିପାଇଁ ମଞ୍ଚରୁ ସେମାନଙ୍କୁ ବିତାଡ଼ିତ କରିଛି । ଏବଂ ଅତି ଅସହ୍ୟ ଭାବରେ କଇଁ କଇଁ ହୋଇ କାନ୍ଦିଛନ୍ତି । ସୂତ୍ରଧରଙ୍କର ଏହି ବିଳାପରେ ଦୁଇ ଚରିତ୍ର ମଞ୍ଚକୁ ଆସିଛନ୍ତି । ଏବଂ ସେମାନେ ପ୍ରେମଗଳ୍ପ ନାଟକର ଅଭିନୟ କରିବାକୁ ରାଜି ହୋଇଛନ୍ତି । ଆରମ୍ଭ ହୋଇଛି ନାଟକର କଥାବସ୍ତୁ ।

ସତ୍ୟବାଦୀ ଗାଁର ଚିତ୍ର । ଏଥିରେ ନାୟକ କାହ୍ନୁ ଓ ନାୟିକା ରାଧା । ଜୀବନର ପ୍ରଥମ ପାଦ ପଡ଼ିଛି କଲେଜରେ । ନୂତନ କରି ସେମାନେ ଜୀବନକୁ ଅନୁଭବ କରିଛନ୍ତି । ସ୍ୱପ୍ନ ଦେଖିଛନ୍ତି। ଦୁହେଁ ଦୁହିଁଙ୍କୁ ଛୋଟବେଳୁ ଜାଣନ୍ତି । ଏକା ସଙ୍ଗରେ ଖେଳନ୍ତି, ବୋଲନ୍ତି ଆଉ ପାଠ ପଢ଼ନ୍ତି । ଦୁହିଁଙ୍କ ମଧ୍ୟରେ ଗଢ଼ିଉଠେ ବନ୍ଧୁତାର ଏକ ସୁସମ୍ପର୍କ । ପୁଣି ଧୀରେ ଧୀରେ ଏହି ବନ୍ଧୁତା ପାଲଟିଯାଏ ଭଲ ପାଇବାରେ । ଦୁହେଁ ଦୁହିଁଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଯାଆନ୍ତି। ପ୍ରେମର ଏତେ ଶୀର୍ଷରେ ସେମାନେ ପହଂଚି ଯାଆନ୍ତି, ଯେଉଁଠି ଫେରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼େ । କିନ୍ତୁ କାହ୍ନୁ ଓ ରାଧାଙ୍କ ପକ୍ଷରେ ଏହି ଅସମ୍ଭବ ସମ୍ଭବ ହୁଏ । ରାଧା କାହ୍ନୁ ପାଇଁ ଏକ ଛୋଟ କବିତା ନହୋଇ ଏକ ଜୀବନ୍ତ ଇତିହାସ ହେବାକୁ ଇଚ୍ଛା କରେ । ମାତ୍ର କାହ୍ନୁ ସମ୍ପୂର୍ଣ କଥାଗ୍ରନ୍ଥକୁ ପରିବର୍ତ୍ତନ କରିଦିଏ । ବିବାହ ଭଳି ପବିତ୍ର ବନ୍ଧନକୁ ତ୍ୟାଗ କରି ନିଜର ପ୍ରେମକୁ ସବୁଜ କରିବାକୁ ଚେଷ୍ଟା କରେ । ତେଣୁ ବିବାହ ଓ ସାଂସାରିକ ଜଂଜାଳମୟ ଜୀବନକୁ ପ୍ରଥମ ସୋପାନରେ ରଖି ଦ୍ୱିତୀୟ ସୋପାନରେ ପ୍ରେମ ଓ ଭଲ ପାଇବାର ପବିତ୍ର ବନ୍ଧନକୁ ରଖି ତାକୁ ପରଖିବାକୁ ଚେଷ୍ଟା କରେ । କାରଣ ବିବାହ ଭଳି ବନ୍ଧନରେ ବାନ୍ଧିହେଲେ ସାଂସାରିକ ମୋହମାୟା ଭିତରେ ପ୍ରେମ ଫିକା ପଡ଼ିଯିବାର ଭୟ ସେ ଅନୁଭବ କରିଛନ୍ତି ।

ରାଧା ମଧ୍ୟ ସଭ୍ୟ- ଶିକ୍ଷିତା ଓ ଆଧୁନିକା । ମାତ୍ର ତାର ଚିନ୍ତାଧାରା ସମ୍ପୂର୍ଣ ପରମ୍ପରା ରହିତ । ତେଣୁ ପ୍ରେମ ଭଳି ପବିତ୍ର ବନ୍ଧନକୁ ସେ ନଗ୍ନତାର ସୂଚୀ ଭିତରୁ ବାହାର କରିବାକୁ ଚେଷ୍ଟା କରିଛି । ଦୈହିକ ସମ୍ପର୍କ ଠାରୁ ସେ ଦୂରେଇ ରହିଛି । କାହ୍ନୁର ଏହି ପ୍ରସ୍ତାବକୁ ତେଣୁ ସେ ବିନା ଦ୍ୱିଧାରେ ଗ୍ରହଣ କରିନେଇଛି ।କାହ୍ନୁ ରାଧା ପାଇଁ ପୁଅ ଚୟନ କରେ ଓ ରାଧା କାହ୍ନୁ ପାଇଁ ଝିଅ ଚୟନ କରନ୍ତି । ଦୁହେଁ ଶେଷରେ ନିଜ ନିଜର ଜୀବନ ସାଥୀକୁ ନେଇ ବାକି ଜୀବନ ବଞ୍ଚିବା ପାଇଁ ତତ୍ପର ହୋଇପଡ଼ନ୍ତି । ରାଧା ରଂଜିତ ନାମକ ଏକ ଅଜଣା ମଣିଷକୁ ବିବାହ କରନ୍ତି ଏବଂ ତାଙ୍କର ମଧ୍ୟ ଏକ ପୁତ୍ର ଜନ୍ମ ହୁଏ ତାହାର ନା ରହେ ଲିପୁ କିନ୍ତୁ ରାଧା ତାକୁ ସ୍ନେହରେ କାହ୍ନୁ ବୋଲି ଡାକେ । କାରଣ କାହ୍ନୁର ସ୍ମୃତିକୁ ମନେ ପକାଇବା

ପାଇଁ । ଅନୁରୂପ ଭାବରେ କାହ୍ନୁ ରମା ନାମ୍ନୀ ଏକ ଅଜଣା ଅପରିଚିତ ନାରୀକୁ ବିବାହ କରେ । ଉଭୟଙ୍କ ସନ୍ତକ ରୂପେ ଜନ୍ମ ନିଏ ଏକ କନ୍ୟା ସନ୍ତାନ । ଯାହାର ନା ଲିଜା, ମାତ୍ର କାହ୍ନୁ ତାକୁ ସ୍ନେହରେ ରାଧା ବୋଲି ଡାକନ୍ତି । ରାଧାର ସ୍ମୃତିକୁ ମନେ ପକାଇ । ଉଭୟ ପରିବାରରେ ସମଭାବରେ ଝଡ଼ ସୃଷ୍ଟି ହୁଏ । ରଂଜିତ ରଧାର ପ୍ରତି କଥାରେ ଓଲଟା ଅର୍ଥ ବୁଝନ୍ତି ପୁଅକୁ ଆକଟର କରିବା ରାଧାର ଇଚ୍ଛା ହେଲେ ରଂଜିତଙ୍କର ଇଚ୍ଛା ତାଙ୍କ ପୁଅ Brake dance ଶିଖୁ । ଏମିତି ଛୋଟ ଛୋଟ କଥାରେ ପରିବାରରେ ଅନେକ ଝଡ଼ ସୃଷ୍ଟି ହୁଏ । କାହ୍ନୁର ଅଯୋଗ୍ୟ ପଣ କାରଣରୁ ପତ୍ନୀ ରମା ମଧ୍ୟ ଅନେକ ଭର୍ତ୍ସନା କରନ୍ତି । ରମାର ଇଚ୍ଛା ଝିଅ ଲିଜା Dance ଶିଖିବ କିନ୍ତୁ କାହ୍ନୁର ଇଚ୍ଛା ସେ ପାଠ ପଢୁ । କଳା କ୍ଷେତ୍ରରେ ନଯାଉ ଏହି କଥାକୁ ନେଇ ମଧ୍ୟ ଅନେକ କଥା କଟାକଟି ହୁଏ ସେମାନଙ୍କ ପରିବାର ଭିତରେ । ତେଣୁ ଉଭୟ ପରିବାରରେ ଏହିପରି କନ୍ଦଳ ଲାଗିରହେ । ପୁଣି କାହ୍ନୁର film ରେ ଚାନ୍ସ ମିଳିବା ପରେ ଘରର ସ୍ଥିତି ସମ୍ପୂର୍ଣ ବଦଳିଯାଇଛି । ରାଧାର ପରିବାରିକ ସମ୍ପର୍କ ମଧ୍ୟ ଭଲ ହୋଇଛି । ଏବଂ ରଂଜିତ ମଧ୍ୟ ରାଧାକୁ ବହୁତ ଭଲ ପାଇଛି ।

ସମୟ ବଦଳିଛି । ସମୟ ସହିତ ନାଟକର ଗତି ବି ବଦଳିଛି । କିନ୍ତୁ ବଦଳି ପାରନ୍ତିନି କାହ୍ନୁ ଓ ରାଧା । ସେମାନେ ବୁଢା ବୁଢ଼ୀ ହୋଇଯାଆନ୍ତି । ରାଧାର ପୁଅ ନିଜ ସ୍ତ୍ରୀ ଓ ପିଲା ସଙ୍ଗରେ ରାଉରକେଲାରେ ରହେ, ସେହିପରି କାହ୍ନୁର ଝିଅ ଲିଜା ଆମେରିକାରେ ପାଠ ପଢେ ଓ ସେଇଠି ବାହା ହୋଇ ରହେ । ଗୃହ ଜଂଜାଳରୁ ମୁକ୍ତି ପାଇବା ପାଇଁ ସେମାନେ ପାଞ୍ଚଦିନ ପାଇଁ ପୁରିବେଳାଭୂମିକୁ ବୁଲିବାକୁ ଆସନ୍ତି । ରାଧାର ଇଚ୍ଛା କାହ୍ନୁ ସବୁବେଳେ ତାରି ପାଖରେ ରହୁ ସବୁ ନିନ୍ଦା ଅପମାନକୁ ସେ ସହିଯିବ ପଛେ ସେ କାହ୍ନୁର ପାଖରୁ ଛାଡ଼ି ଯିବାକୁ ଚାହିଁନାହିଁ ।। ଦୀର୍ଘ ଚାଳିଶ ବର୍ଷ ଦୂରେଇ ରହିବାର କଷ୍ଟ ସେ ଅନୁଭବ କରିଛି । କାହ୍ନୁ ମଧ୍ୟ ସମଭାବରେ କଷ୍ଟ ଅନୁଭବ କରେ । ତାର ପ୍ରତିଟି ସଫଳତା କ୍ଷେତ୍ରରେ ରାଧା ହିଁ ଥିଲା, ମାତ୍ର ସେ ଏକଥା କାହାକୁ କହିନାହିଁ । ତେଣୁ ରାଧାକୁ ପାଖରେ ପାଇ ସେ ସବୁ କହିଛି । ଉଭୟ ହୋଟେଲର ଗୋଟିଏ ରୋମରେ ଏକାଠି ରହିଛନ୍ତି । ଏହି ଭିତରେ କାହ୍ନୁର ମନ ଭିତରେ ତରୁଣ ଯୌବନ ଉଙ୍କି ମାରିଛି । ଭୀଷଣ ହୋଇ ଉଠିଛି । ମାତ୍ର ରାଧାର ପ୍ରତିବାଦରେ ସେ ଭୁଲିଯାଇଛି ମନୁଷ୍ୟତ୍ୱ ରାଧାକୁ ପିଟିଛି ଆଉ ମୁଣ୍ଡକୁ ଫଟେଇ ଦେଇଛି । ତାପରେ ପୁଣି ପ୍ରକୃତିସ୍ଥ ହୋଇ ଅନୁଶୋଚନା କରିଛି । ରାଧା ଚାହିଁଛି କାହ୍ନୁର ପ୍ରେମ ଦୈହିକ ନୁହେଁ ବରଂ ସ୍ୱର୍ଗୀୟ ପ୍ରେମ । ତେଣୁ କାହ୍ନୁର ଯୌନଭିଳାଷ ଠାରୁ ନିଜକୁ ରକ୍ଷା କରିଛି । ଦୁହେଁ ଦୁହିଁଙ୍କୁ ସଚେତନ କରିନିଅନ୍ତି । ସମୟ ଅତିବାହିତ ହୋଇଯାଏ । ପୁଣି ଫେରିଯାଆନ୍ତି

ସେଇ ସଂସାରକୁ । ବର୍ଷକ ପରେ କାହ୍ନୁ Coma stage କୁ ଚାଲିଯାଆନ୍ତି । ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୁଏ । ରମାର ଖବର ପାଇ ରାଧା ପହଂଚି କାହ୍ନୁର ଶବ ଉପରେ କଚାଡି ହୋଇ କାନ୍ଦି ଉଠନ୍ତି । ଏଇଠି ପ୍ରେମଗନ୍ଧ ନାଟକର କାହାଣୀଟି ଶେଷ ହୁଏ । କିନ୍ତୁ ନାଟକର କଥାଭାଗ ଶେଷ ହୁଏ ନାହିଁ । ମଞ୍ଚରେ ସୂତ୍ରଧର ସମେତ ଅନ୍ୟ ଦୁଇ ଚରିତ୍ର ଏକ ପୁଅ ଓ ଏକ ଝିଅ ଚରିତ୍ର ଆସନ୍ତି । ଉଭୟଙ୍କର ବାସ୍ତବ ପ୍ରେମ ସମ୍ପର୍କରେ କୁହନ୍ତି ଓ ମଞ୍ଚରୁ ବିଦାୟ ନିଅନ୍ତି । ସୂତ୍ରଧର ଶେଷରେ ନାଟକର ଯବନିକା ପକାଇଛନ୍ତି ।

ନାଟକଟି ପ୍ରେମର ମହତ୍ୱକୁ ଗୁରୁତ୍ୱ ଦେଇଥିଲେ ମଧ୍ୟ ଏହା ଏକ ପାରିବାରିକ ସମସ୍ୟା ଆଧାରିତ ନାଟକ । ନାଟ୍ୟକାର ସମ୍ପୂର୍ଣ ନାଟକଟିକୁ ସୂତ୍ରଧର ଜରିଆରେ ଆରମ୍ଭ ଓ ପରିସମାପ୍ତି କରାଇଛନ୍ତି । ଏଥି ସହିତ ନାଟ୍ୟକାର ଏଥିରେ ନୂତନ ଚିନ୍ତାଧାରାର ପ୍ରୟୋଗ କରିଛନ୍ତି । ନାଟ୍ୟକାର ଚରିତ୍ରର ଅବତାରଣା କରିଛନ୍ତି ସତ; ମାତ୍ର ସେହି ଚରିତ୍ରକୁ ସିଧାସଳଖ ଆଣିନାହାନ୍ତି । ବରଂ ସୂତ୍ରଧର ଜରିଆରେ ଦର୍ଶକ ମହଲରୁ ଚରିତ୍ରକୁ ସେ ଖୁଜିଛନ୍ତି । ପ୍ରଥମେ ଯେଉଁ ଚରିତ୍ରଦ୍ୱୟ ଆସିଛନ୍ତି ସେମାନେ ସୂତ୍ରଧରର ବିପରୀତରେ ଯାଇଛନ୍ତି । ତେଣୁ ସେହି ଚରିତ୍ରକୁ ସେଠାରୁ ନାଟ୍ୟକାର ବିଦାୟ ଦେଇ ପୁଣି ଦୁଇ ଚରିତ୍ରକୁ ଆଣିଛନ୍ତି ଯେଉଁମାନେ ସୂତ୍ରଧରର କଥା ମାନି କାହାଣୀର ଅବତାରଣା କରିଛନ୍ତି । ଏମାନଙ୍କ ଜରିଆରେ ସେ ପ୍ରେମର ମହତ୍ୱ ଦେଖାଇଛନ୍ତି । ପ୍ରେମ ସମ୍ପର୍କକୁ ମଜଭୁତ କରେ । ଯାହା ବୈବାହିକ ସମ୍ବନ୍ଧ ଠାରୁ ମଧ୍ୟ ଉର୍ଦ୍ଧରେ । ତେଣୁ କାହ୍ନୁ ଓ ରାଧା ଜରିଆରେ ପ୍ରେମର ବାସ୍ତବିକତାକୁ ଦେଖାଇଛନ୍ତି । ଏଠି ପ୍ରେମ ଅମର, ସ୍ୱର୍ଗୀୟ ଓ ଅମୃତମୟ । ଯାହାର ବିନାଶ ଅନିବାର୍ଯ୍ୟ । ଯୁଗେ ଯୁଗେ ଏହାର ସତ୍ତା ରହିଛି ଆଉ ରହିଥିବ ମଧ୍ୟ । ଦ୍ୱାପର ଯୁଗରେ ରାଧାକୃଷ୍ଣଙ୍କ ପ୍ରେମ ଥିଲା ଶାଶ୍ୱତ ଓ ସ୍ୱର୍ଗୀୟ । ଯାହା ଚଳନ୍ତି ସମୟରେ ବ୍ୟବସାୟରେ ପରିଣତ ହୋଇଛି । ଭଲ ପାଇବାର ଛଳନା କରି ଦୈହିକ ସମ୍ପର୍କକୁ ପ୍ରେମର ଶାଶ୍ୱତ ସମ୍ପର୍କ ବୋଲି ଦାବି କରିଛନ୍ତି । ନାରୀମାନଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ତେଣୁ ସଂକିର୍ଣ୍ଣମନାବ୍ୟକ୍ତି ପାଖରେ ପ୍ରେମ ଆଜି ଜହର ରୂପୀ ଏକ ବ୍ରହ୍ମ ରାକ୍ଷସ ପାଲଟିଛି । ତେଣୁ ନାଟ୍ୟକାର ଏହି ସବୁକୁ ଦେଖି ବିଚଳିତ ହୋଇପଡ଼ିଛନ୍ତି । ତେଣୁ ସେ ନାଟକରେ ପ୍ରେମର ଗୁରୁତ୍ୱକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି । ତେଣୁ ନାଟକ ଲେଖିଲା ବେଳେ ନିଜର ଆବେଗକୁ ସେ ସ୍ଥାନ ଦେଇଛନ୍ତି । ସେ କହିଛନ୍ତି, "ଏ ନାଟକ ରଚନା କଲାବେଳେ, ମୁଁ ଭୁଲି ଯାଇଥିଲି ମଞ୍ଚର ସଫଳତା ବା ବିଫଳତା ବିଷୟରେ । ପ୍ରେମନୁଭୂତି ଓ ମୋ ଜୀବନର ଯାହା ବିସ୍ମୟ, ଯେଉଁ ଅନ୍ତରଙ୍ଗ ଭାବନା ମୋତେ ନିର୍ଜନରେ ଟାଣିନିଏ କାହିଁ କେତେ ଦୂରକୁ,

ମୋତେ ଅନ୍ୟମନସ୍କ କରେ ଓ ଶୂନ୍ୟରୁ ଆଣି କଚାଡି ଦିଏ ଭୂଇଁ ଉପରେ । ମୁଁ ଅସହାୟ ହୋଇ ସାଉଣ୍ଟୁ ଥାଏ ହଜିଯାଇଥିବା ସ୍ମୃତି ମାନଙ୍କୁ ।(ମୁଁ ଓ ମୋ ନାଟକ, ସଂ -ପ୍ରଫେସର ସମର ମୋଦଲୀ, ପୃ -77/78)

ନାଟ୍ୟକାର କାହ୍ନୁ ଓ ରାଧାର ଚରିତ୍ରକୁ ଶୂନ୍ୟତାର ଏକ ଢାଲୁ ମଧ୍ୟରେ ବାନ୍ଧି ରଖିଛନ୍ତି । ସେମାନେ ଯେତେ ଚାହିଁଲେ ବି ସେଥିରୁ ମୁକୁଳି ପାରିନାହାଁନ୍ତି । ଖାଲି ଅନ୍ତଃବେଦନାରେ ଛଟପଟ ହୋଇଛନ୍ତି । ପ୍ରେମର ନିହାଣରେ ସେମାନେ ପଥ ଚାଲିଛନ୍ତି, ରକ୍ତାକ୍ତ ହୋଇଛନ୍ତି । ତଥାପି ପ୍ରତିବାଦର ସ୍ୱର ଉଠେଇ ନାହାନ୍ତି । ଜୀବନର ଶେଷ ନିଶ୍ୱାସ ଯାଏ ସେଇ ଯନ୍ତ୍ରଣାରେ ଛଟପଟ ହୋଇଛି କାହ୍ନୁ । ମୃତ୍ୟୁ ପରେ କାହ୍ନୁ ମନରେ ଯେଉଁ ବିଚଳିତ ଭାବ ଦେଖାଯାଇଛି, ତାହାକୁ ନାଟ୍ୟକାର ଅନ୍ତରାଳରୁ ସ୍ୱର ଲହଡ଼ି ମାଧ୍ୟମରେ କହିଦେଇଛନ୍ତି, "କିଛି ଦୁଃଖ ବାଣ୍ଟିହୁଏ ସାଥୀଙ୍କ ମେଳରେ, କିଛି ଦୁଃଖ ହୋଇଯାଏ ଲୁହ । ମୁଁ ଏମିତି ଦୁଃଖଟିଏ ତୋ'ରି ଛାତିରେ । ଦାଗଟିଏ, ନା ବ୍ୟଥାଟିଏ, ନା ଯନ୍ତ୍ରଣାଟିଏ, ନା ଜ୍ୱଳନଟିଏ ? ମୁଁ କେବଳ ବେଦନା ଭରା ଏକ ଦୀର୍ଘଶ୍ୱାସ । ଲୁହ ହୋଇ ବହିଯିବି, ନା ଅକ୍ଷର ହୋଇ ବରଷି ଯିବି ? ଆଖି ବୁଜିଲେତ ତୋ'ରି କବରୀ ଛାଇ ଯାଉଛି ମେଘ ମେଦୁର ଆକାଶ ଆଷାଢ଼, ଶ୍ରାବଣ ତୋର ଦୁଇ ଆଖି ବରଷି ଯାଉଛି ମୋ ଆବେଗର ଫୁଲ ବଗିଚାରେ । ତତେ ଟିକେ ଆଉଁସି ଦବାକୁ ଭାରି ଇଚ୍ଛା ହଉଛି । ତୁ ଏତେ ଦୂରରେ ଯେ ମୋ ପାଦ ତୋ ଘରର ଦରଜା ପାଖରେ ପହଂଚି ପାରୁନି । ଲୁହ ଲୁହାଣ ହେଇଯାଉଛି ମୋ ହୃଦୟର ପ୍ରତିଟି ପୃଷ୍ଠା । ଖିନଭିନ ହେଇଯାଉଛି, ମନର ପ୍ରତିଟି ପରଦା । ମୋର ସଞ୍ଚିତ ସକଳ ଲୁହରେ ମୋ ଘରର ସାରା କାନ୍ଥରେ ତୋ'ରି ନାଁ ଲେଖିଯାଉଛି ପ୍ରିୟା । ଯଦି କେବେ ତୋର ପାଦ ଏଠି ପଡ଼େ ତା'ହେଲେ ଦେଖିବୁ ଏଠି କେହିନାହିଁ । କେବଳ ତୁ ଅଛୁ ତୁ ।( ପ୍ରେମଗଳ୍ପ, ପୃ - 86/87)

କାହ୍ନୁର ସ୍ୱର ଭିତରେ ନାଟ୍ୟକାର ସ୍ୱକୀୟା ପ୍ରେମର ଏକ ଜ୍ୱଳନ୍ତ ରୂପ ଦେଖାଇଛନ୍ତି । ଏଠି ପ୍ରେମରେ ଖାଦ ନାହିଁ । ବରଂ ରହିଛି ଅମୃତର ସୁନାକଳସ । ଯାହାର ସୁଧାକୁ ପାନ କରିବାକୁ ନାଟ୍ୟକାର ଏକ ବାର୍ତ୍ତା ପ୍ରଦାନ କରିଥିବାର ଦେଖାଯାଏ । ତତସହିତ ନାଟକରେ ସେ ଅନେକ ସ୍ଥଳରେ ସଂସ୍କୃତ ଶ୍ଳୋକ ସହିତ ରୀତି ଯୁଗୀୟ କବିତାକୁ ଅତି ସୁନ୍ଦର ଭାବରେ ସଙ୍ଗୀତ ଆକାରରେ ଉପସ୍ଥାପନା କରିଛନ୍ତି । ଅନେକ ସ୍ଥଳରେ ନାଟ୍ୟକାର ସୂତ୍ରଧର ମାଧ୍ୟମରେ ସଙ୍ଗୀତ ଶୈଳୀରେ ନାଟକକୁ ଗତିଶୀଳ କରାଇଛନ୍ତି । ଯଥା ନଦୀର

ନାମ ଅଳସ କନ୍ୟା, ତୀରର ନାମ ତନ୍ଦ୍ରା / ଗ୍ରାମର ନାମ ସ୍ୱପ୍ନପୁରୀ, ପ୍ରିୟାର ନାମ ଚନ୍ଦ୍ରା ।0। ପ୍ରଥମ ଛୁଆଁ କଦମ୍ବଫୁଲ, ଚୁମ୍ବନ ତା' ନିଦ୍ରା / ବେପଥୁ ନାମ ପତ୍ରଝରା, ଅନୁରାଗେ ସେ ଭଦ୍ରା ।1। (ପୃ -1୪) ସେହିପରି ବିଦଗ୍ଧ ଚିନ୍ତାମଣି କାବ୍ୟରୁ ପଦ ଉଦ୍ଧାର କରି ସୂତ୍ରଧର ଗାଇଛି, "ଅନଳ ନୁହଇଁ ଦେହ ଦହଇ /ଅସ୍ତ୍ର ନୁହଇ ମରମେ ଭେଦଇ / ନୁହଇତ ଜଳ ବୁଡ଼ାଏ କୂଳ /ନୁହଇ ମାଦକ କରେ ବିହ୍ୱଳ / ନୁହଇ ବଡ଼ଶୀ ଗୋ, ବଳେ ମନମୀନ ନିଏ ଆକର୍ଷି ।(ପୃ -61) ଏହିପରି ଅନେକ ସ୍ଥଳରେ ନାଟ୍ୟ କଥାବସ୍ତୁର ଆରମ୍ଭ ସମୟରେ ତ ନାୟକ ନାୟିକାଙ୍କର ମଧ୍ୟରେ ସେ ରୀତି ଯୁଗୀୟ ତଥା କାବ୍ୟକୁ ଗ୍ରହଣ କରିଛନ୍ତି । କୌଣସି ଅଙ୍କ କିମ୍ବା ଦୃଶ୍ୟର ବ୍ୟବସ୍ଥା ନାଟକରେ ନ ଦେଇ କେବଳ ଆଲୋକ ଅନ୍ଧାର ମଧ୍ୟରେ ନାଟକକୁ ଗତିଶୀଳ କରାଇଛନ୍ତି ।

ତେଣୁ ସମଗ୍ର ନାଟକଟିକୁ ଦେଖିଲେ ଏଥିରେ ନାଟକର ଶେଷ ହୋଇଛି ବୋଲି ଲାଗେ ନାହିଁ। ଯେପରି ପ୍ରେମର ସ୍ୱରୂପ କେବେ ମରିନାହିଁ, ଠିକ ସେଇଭଳି ସୂତ୍ରଧର ଅନେଇ ବସିଛି ପୁଣି କେହି ଆସି ମୋର ଏହି ପ୍ରେମଗଳ୍ପର ନୂଆ ଏକ ଅଧ୍ୟାୟ ପାଇଁ । ତେଣୁ ପ୍ରେମ ଯେପରି ଅବିନାଶୀ ଠିକ ପ୍ରେମଗଳ୍ପର କାହାଣୀ ମଧ୍ୟ ଅନ୍ତଃହୀନ । ଯେତେବେଳ ପର୍ଯ୍ୟନ୍ତ ପ୍ରେମର ଶାଶ୍ୱତକୁ ନଦେଖି ତାକୁ ନଗ୍ନତାର ସୂଚୀରେ ଦେଖିବେ ସେତେବେଳେ ପର୍ଯ୍ୟନ୍ତ ଏହି କାହାଣୀର ଧାରାଟି ଏହିପରି ବଳବତ୍ତର ହୋଇ ରହିଥିବ । ପରିଶେଷରେ ଏତିକି କୁହାଯିବ ପ୍ରେମଗଳ୍ପ ନାଟକଟି ନାଟ୍ୟକାର ଶ୍ରୀ ତ୍ରିପାଠୀଙ୍କର ଏକ ଅମୂଲ୍ୟ ଓ ଶ୍ରେଷ୍ଠ ରଚନା । ଏହାର ଅଙ୍ଗିକ ଯେତିକି ତତ୍ୱପୂର୍ଣ୍ଣ ଆତ୍ମିକ ଦୃଷ୍ଟିରୁ ମଧ୍ୟ ତଦ୍ରୁପ । ତେଣୁ ଏହା ଶାଶ୍ୱତ ପ୍ରେମର ଏକ ଜ୍ୱଳନ୍ତ ପରିକଳ୍ପନା ।

ଓଡ଼ିଆ ଅଧ୍ୟାପକ
ପରମାନନ୍ଦ ବିଜ୍ଞାନ ବିଦ୍ୟାଳୟ,ମୋଚନ୍ଦା

# ମହାମାରୀ କରୋନା



ଲଲାଟେନ୍ଦୁ ବାରିକ

ସବୁରି ଦେଶର ନିଦ ହଜିଛି
କରୋନା ସଭିଙ୍କୁ ଗ୍ରାସ କରୁଛି
ଚୀନ ଏହାକୁ ଜନମ କଲା
ମୃତ୍ୟୁ ର କଳା କୁ ଡକାଗଲା
ସାପ, ବେଙ୍ଗ,ପୋକ,ସବୁ ମାଇଲା
ନିର୍ଦ୍ଦୟ ଭାବେ କଞ୍ଚା ଖାଇଲା
ପ୍ରକୃତି ନଷ୍ଟ ର ହେଲା କାରଣ
ମୃତ୍ୟୁ ର ଶେଯରେ ଗଲା ଶୋଇଣ
କରୋନା ସାଜିଲା ଭୟଙ୍କର
କାୟା ବିସ୍ତାରିଲା ନିରନ୍ତର
ମହାମାରୀ ଉଗ୍ର ରୂପ ନେଲା
ସାରା ଦେଶ କୁ ଦୋହଲାଇଲା
ପ୍ରଶାସନ,ଜନତା ହେଲେ ସତର୍କ
ଦୂରେଇବା କୁ କରୋନା ଭାଇରସ
ଚଳାଇଲେ ଲକଡାଉନ ବ୍ୟବସ୍ଥା
ଶୂନଶାନ ହେଲା ରାଜ ରାସ୍ତା
କି ମାୟା ରଚଲା କରୋନା
ଦେଶବାସୀ ହେଲେ ଆନମନା

ପ୍ରକୃତି ସହ ଖେଳବାଟା
କଷ୍ଟ ପାଇ ହେଲେ ହଟହଟା
ଚାଲାକ ଭାବି କଲା ଅତ୍ୟାଚାର
କରୋନା ହୋଇଲା ହାଜିର୍
ଦେଇଗଲା ନାନା ନୀତି ଶିକ୍ଷା
ଏଣିକି କରିବେ ପ୍ରକୃତି ସୁରକ୍ଷା

ବାସୁଦେବପୁର, ଭଦ୍ରକ

# ପ୍ରଥମାଷ୍ଟମୀ



ଦୀନବନ୍ଧୁ ବେଜ

ମହାନ ଉତ୍କଳ ପରବ ବହୁଳ
ଅଟେ ଭାରତ ଶ୍ରେଷ୍ଠ
କେ କଳପାରିବ ଗାରିମା ଏହାର
ଆମ ପାଇଁ ଏହା କଷ୍ଟ।

ପରିବାର ମଧ୍ୟେ ବଡ଼ ହିଁ ମୁଖିଆ
ବଡ଼ ମୁଣ୍ଡରେ ଠେଙ୍ଗା
ବଡ଼ ମଧ୍ଯ ଶ୍ରେୟ ନେଇ ଯାଇଥାଏ
ହୋଇ କରି ଦରଭଙ୍ଗା।

ଜ୍ୟେଷ୍ଠ ସନ୍ତାନ ପୁରସ୍କାର ପାଏ
ବର୍ଷକରେ ଥରେ ଶ୍ରେଷ୍ଠ
ପୂଜା ନବବସ୍ତ୍ର ପରିଧାନ ପାଇଁ
ପଢୁଆଁ ଅଷ୍ଟମୀ ସୃଷ୍ଟ।

ବଡ଼କୁ ସମ୍ମାନ ଜାତି ପୁରସ୍କାର
ଓଡ଼ିଆ ଜାତିର ପାଇଁ
ପଢୁଆଁ ଅଷ୍ଟମୀ ଶ୍ରେଷ୍ଠଯେ ପରବ
ହାତଠାରି ଡ଼ାକେ ଭାଇ ।

ଏହି ପରି ପର୍ବ ପର୍ବାଣୀକୁ ପାଇ
ହୃଦୟରୁ ଆମେ ଗର୍ବିତ
ଆମ ମାତୃଭୂମି ମାତୃଭାଷା ରକ୍ଷା
ବଞ୍ଚାଇ ରଖିବେ ଭବିଷ୍ୟ

ଏମଭି :-୧୯,ମାଲକାନଗିରି
ବାସୁଦେବପୁର, ଭଦ୍ରକ

# ନଡିଆ ଗ୍ରଣୀ



ଅମରନାଥ ବାରିକ

ଜଗତ ଜନନୀ
ଅଭୟ ଦାୟୀନୀ
କରୁଣା କୃପାର ଗ୍ରଣୀ
କର୍ପୁର ଝୁଣାଟି
ମନ୍ଦାର ଫୁଲଟି
ପ୍ରିୟ ତୋ ନଡ଼ିଆ ପାଣି

ଶାଳୁଆ ବଣରେ
ଢାଉ ଢାଉ ବାଜେ
ଘଣ୍ଟ ଘଣ୍ଟା ଶଙ୍ଖ ନାଦ
ଭକତ ଗହଳ
ପଡେ ହୁଳ ହୁଳ
ଶୁଭେ ଲହରୀର ନାଦ l

ତୁହି ମା ତାରିଣୀ
ଝଙ୍କଡ଼ ବାସିନୀ
ସଂକେତ ଶୁଭ ଦାୟିନୀ
ବୁଦ୍ଧି ପ୍ରଦାୟିନୀ
ଭବ ବିନୋଦିନ
ବିଗ୍ରହ ଲଗ୍ନ କାରିଣୀ

ବରଷା ଆସିଲେ
ନଡିଆ ଯାଚଲେ
ହିମଗିରି ବସିନୀକୁ
ଛାଡିଯାଏ ଝଡି
ପବନ ବତାସ
ପୁଣିଯେ ଡର କାହାକୁ l

ଯାଜପୁର,ମଙ୍ଗଳପୁର,କୟାଁ

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ଅଜାଣତେ ବିପତ୍ତି -

୧୯୮୭ରେ ସେଇ ପୁରୁଣା ସ୍ଥାନରେ ପ୍ରତ୍ୟେକ ବର୍ଷ ଭଳ ନେତ୍ର ଶିବିରର ବ୍ୟବସ୍ଥା ହୋଇଥିଲା । ଶଲ୍ୟ ଚକତ୍ସା ପାଇଁ ରୋଗୀମାନେ ଅପେକ୍ଷା କରିଥିଲେ । ଅପରେସନ୍ ପୂର୍ବରୁ ଆଖିରେ ୪% ଜାଇଲୋକେନ୍ ଡ୍ରପ୍ ପକାଯାଇଥାଏ । ସେଦିନ ଔଷଧ ଶିଶି ଗୁଡିକ ଶେଷ ହୋଇଯାଇଥିଲା । କର୍ମକର୍ତ୍ତା ମାନେ ତା'ର ବ୍ୟବସ୍ଥା କରୁଥିଲେ । ଯାହା ଆଖିରେ ଔଷଧନ ପଡ଼ିଥିଲା ସେମାନେ ବହୁ ପୂର୍ବରୁ ଅପେକ୍ଷା କରିଥିଲେ ମଧ ସେମାନଙ୍କୁ ଅପରେସନ୍ ରୁମ୍‌କୁ ନଆଯାଇ ନ ଥିଲା । ଫଳତଃ ସେମାନେ ପାଟିଗୋଳ ଆରମ୍ଭ କରି ଜୁନଅର ରେସିଡେଣ୍ଟଟିକୁ ବ୍ୟତିବ୍ୟସ୍ତ କରିପକାଇଥିଲେ । ଜାଇଲୋକେନ୍ ପାଇଁ ସମସ୍ତ ସ୍ଥାନ ଖୋଜିଲାପରେ ଓପିଡ଼ିରୁ ଗୋଟିଏ ଶିଶି ପ୍ରାପ୍ତ ହୋଇଥିଲା ଯେଉଁଥିରେ ଡାଃ ଗ୍ରନ୍ଦନା ଗୋଟିଏ ଡ୍ରପର ଲଗାଇ ଆଖିରେ ପକାଇବା ଆରମ୍ଭ କଲା, ମାତ୍ର ଏ କ'ଣ? ସମସ୍ତଙ୍କର ଆଖିରେ ଯନ୍ତ୍ରଣାଆରମ୍ଭ ହୋଇଗଲା । ଶିବିରର କର୍ମକର୍ତ୍ତା ମାନେ ମତେ ଓଟି ଭିତରୁ ଯଥାଶୀଘ୍ର ବାହାରକୁ ଆସିବା ପାଇଁ ଅନୁରୋଧ କଲେ ।

ଶିଶିଟିରେ ଜାଇଲୋକେନ୍ ନ ଥିଲା, ସେ ଥିଲା କଟରାଇଜେସନ୍ ପାଇଁ କାରବୋଲିକ୍ ଏସିଡ୍ । ଗ୍ରନ୍ଦନା ହାତରୁ ଶିଶିଟି ଛଡ଼ାଇ ଫିଙ୍ଗି ଦେଇ ବିରକ୍ତ ସହ ତାକୁ ସେଠାରୁନଷ୍ଟାନ୍ତ ହୋଇଯିବାକୁ କହିଲି । ସମସ୍ତଙ୍କ ଆଖି ପ୍ରଥମେ ଟାପ୍ ୱାଟର୍‌ରେ ଧୁଆଇ ଜଣ ଜଣଙ୍କୁ ଶୁଆଇ ନରମାଲ୍ ସାଲାଇନ୍ ଦ୍ୱାରା ରୀତିମତ ୱାସ୍ ଦେଲି । ସେଇ ପାଞ୍ଚ ଜଣଙ୍କର ଆଖି ବଞ୍ଚିଗଲା ସିନା ମାତ୍ର ମୁଁ ନିଜକୁ ସାନ୍ତ୍ୱନା ଦେଇପାରୁ ନ ଥିଲି । ଆହୁରି ଭାଙ୍ଗି ପଡ଼ିଥିଲି

ଯେଉଁଦିନ ହସ୍‌ପିଟାଲ୍‌ର ମୁଖ୍ୟ ଅସାଧାରଣ ଭାବେ ଟିପ୍‌ପଣୀ ଦେଇଥିଲେ, "ଭାଗଲପୁରର ଶାଖା ବୃତ୍ତାନ୍ତ"।

ଏଇମିତି ଦୁର୍ଘଟଣା ଗୁଡ଼ିକ ମଣିଷର ଅସାବଧାନତା ଯୋଗୁ ହୋଇଥାଏ । ଏଥିପାଇଁ କେବଳ ଡାକ୍ତର ନୁହନ୍ତ ସମସ୍ତଙ୍କର ସଜାଗ ହେବା ଉଚତ୍ । ଏହା କେବଳ ସ୍ୱାସ୍ଥ୍ୟ କ୍ଷେତ୍ରପାଇଁ ନୁହେଁ ସଂପୂର୍ଣ୍ଣ ସମାଜ ପାଇଁ ପ୍ରଯୁଜ୍ୟ ।

## ଭାରତରେ ସାମୁଦ୍ରିକ ବାତ୍ୟା-

ଆମେ ବିଜ୍ଞାନରେ ବିଶ୍ୱାସ କରୁ, ବିଜ୍ଞାନ କହେ ଲଘୁଗ୍ରୂପ ହେଲ୍, କଛି ନା କଛିଅବାନ୍ତର ଘଟିବ । ପାଣିପାଗ ଅନୁସାରେ ସବୁକଛି, ଇଏତ ଆଜିର କଥା ନୁହଁ, ଶହ ଶହ ବର୍ଷପୂର୍ବର, ବାତ୍ୟାର ପୁଣି ବିଭିନ୍ନ ନାମକରଣ, ଯେମିତି କ କେବେ ହିନ୍ଦୀ ସିନେମା ଅଭିନେତ୍ରୀ ଯଥା; ନର୍ଗୀଶ, ବିଜଲୀ, ନଶା, ମୋନକା, ତ୍ରେଶୀ, ୟାଷି, ରଶ୍ମି ଇତ୍ୟାଦି । କେବେ ଅଂଗ୍ରେଜ ମାନଙ୍କ ନାମରେ, ଯଥା : ଜର୍ଜ, ଲାରି, ଷ୍ଟିଭ, ଉଇଲମ, ୟେମିଇନ୍, ସିଡର ଇତ୍ୟାଦି, ପୁଣି କେବେ ସରଳ ଗାଉଁଲି ନାମ, ଯଥା : ଭଲା, ଭାନଆ, ଓଖି, ଲାଇଲା, ଓନଲ୍, ଗୋନୁ, ହୁଡୁହୁଡୁ ଇତ୍ୟାଦି ଏବଂ ଅନ୍ୟ କେବେ ଫେଟ୍ ଫିଆନ୍, ସୁନାମୀ, ଜୟ, ଫାଲିନ୍, ଫନୀ ଇତ୍ୟାଦି ।

ନାମ ଯାହା ହେଉନା କାହିଁକ, ଦେଶର ସବୁକଛି ହାନୀ କରି ଯାଇଥାଏ । ବିଶେଷକରି ଏହା ବଙ୍ଗୋପସାଗର ଉପରେ ହିଁ ସୃଷ୍ଟି ହୋଇଥାଏ ।ଦୁଇ ହଜାର ପନ୍ଦର, ମଇ ମାସ ପ୍ରାରମ୍ଭ, ଦିଲ୍ଲୀର ଏକ ରିପୋର୍ଟ ପଢୁଥିଲି "ଯେଉଁଫୋନୀ" ବଙ୍ଗୋପସାଗର ଉପତ୍ୟାକା ଉପରେ ଆକୃତି ହେଉଛି ତାର ଗତି ଘଣ୍ଟାପ୍ରତି ଦୁଇଶହ କଲୋମିଟର । ତେଣୁ ପରିଭାଷା ଅନୁସାରେ ଏହା ଏକ ମହାବାତ୍ୟା, ଉପତ୍ୟାକା ଅଞ୍ଚଳଓଡିଶା, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ବହୁତ ସତର୍କ ରହିବା ଉଚତ୍ । ଏତଦ୍ ବ୍ୟତୀତ ପଶ୍ଚିମବଙ୍ଗ ମଧ ନରାପଦ ନୁହେଁ । ଏଇ ବାତ୍ୟା ତିନ ମଇରେ ଓଡିଶା ଉପତ୍ୟାକା ଅଞ୍ଚଳ ଛୁଇଁବ । ବର୍ଷା ସମୟରେ ଏହାର ଗତି ୧୭୫-୧୯୫ ରହିବ । ପାଣିପାଗ ବିଭାଗରପରିଚାଳକର ବାର୍ତ୍ତା ଅନୁସାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ ତାଙ୍କୁ ଏନ୍.ସି.ଏମ୍.ସି ର ସମସ୍ତ କର୍ମଚାରୀ ମାନଙ୍କୁ ସତର୍କ ରହିବାକୁ ଆଦେଶ ଦେଇଛନ୍ତ ।

ଉପତ୍ୟାକା ଅଞ୍ଚଳରେ ଖୁବ୍ ବର୍ଷା ହେବାର ସମ୍ଭାବନା ବୋଲି ପାଣିପାଗ ବିଭାଗ ହଳଦୀ ଓ୍ୱାର୍ଣ୍ଣିଙ୍ଗ୍ ଇସୁ କରିଛନ୍ତ । ବାତ୍ୟା ଓଡିଶା ଉପତ୍ୟାକା ଅତିକ୍ରମ କରି ପଶ୍ଚିମବଙ୍ଗ ଯିବ । ତେଣୁ ରେଳଯାତ୍ରାର ଗତିପଥ ବଦଳାଇ ଲୋକମାନଙ୍କୁ ଘରେ ରହିବାର ଉପଦେଶ ଜାରି କରାଯାଇଛି ।ସାଧାରଣ ବାତ୍ୟା ଗତି ୯୦-୯୦ ଏବଂ ବୃଦ୍ଧି ପାଇ ୧୦୦ ହେବ । ଯେଉଁସ୍ଥାନରେ ୧୭୦-୧୯୦ ହେବ ତାକୁ ମହାବାତ୍ୟା କୁହାଯିବ । ଏହା ୧୯୫-୨୦୦ ମଧ୍ୟ ହୋଇପାରେ ।

ସମାଚାର ପଢିବାପରେ ଯେ କୌଣସି ବ୍ୟକ୍ତିର ଆତଙ୍କ ବୃଦ୍ଧି ପାଇବା ସ୍ୱାଭାବିକ ।ମାତ୍ର ଓଡିଶାର ରେର୍କଡ ଥିଲା ମହା ସୁହାନୁଭୂତି ପ୍ରଦ । ନେସନାଲ କ୍ରାଇସିସ୍ ମ୍ୟାନେଜମ୍ୟାଣ୍ଟ କମିଟିର ବୈଠକ ୩୦ ଅପ୍ରେଲ ମଙ୍ଗଳବାର ଦିନ ଦ୍ୱିତୀୟଥର ପାଇଁ ବସିଥିଲା, ସମସ୍ତ ଆଶୁ ସମସ୍ୟାର ସମାଧାନ ପାଇଁ କ'ଣ ସବୁ ବ୍ୟବସ୍ଥା କରାଯାଉଛି ତା'ର ତଦାରଖି ହୋଇଥିଲା । ଯାହାଦ୍ୱାରା ଅବଗତ ହେଲା-"ଓଡିଶାରେ ୯୭୩ ଗୋଟି ମଲ୍ଟିପରପସ ସାଇକ୍ଲୋନ୍ ସେଣ୍ଟରର ବ୍ୟବସ୍ଥା ହୋଇଛି ଯେଉଁଠାରେ ଏକ ନିୟୁତ ବ୍ୟକ୍ତ ଏକାଧାରରେ ରହିପାରିବେ । ବାତ୍ୟା ରିଲିଫ୍ ଜାହାଜ ଏବଂ ହେଲିକେପ୍ଟରର ବ୍ୟବସ୍ଥା ଓଡିଶା ଆନ୍ଧ୍ର ଏବଂ ପଶ୍ଚିମବଙ୍ଗ ପାଇଁ କରାଯାଇଛି ।

ଜାତୀୟ ଆକସ୍ମିକ ଦୁର୍ଘଟଣା ପ୍ରତିକ୍ରୟା ବଳ ୪୧ଟି ଦଳ ଆଶଙ୍କା କରାଯାଉଥିବା ଅସୁରକ୍ଷିତ ସ୍ଥାନ ମାନପାଇଁ ରଖାଯାଇଛି, ତାହା ହେଲା ଆନ୍ଧ୍ରପ୍ରଦେଶ ପାଇଁ ୯, ଓଡିଶା ପାଇଁ ୨୯, ପଶ୍ଚିମବଙ୍ଗ ପାଇଁ ୫ ଏତଦ୍ ବ୍ୟତୀତ ଆନ୍ଧ୍ରପ୍ରଦେଶ ପାଇଁ ଆଉ ଦଶଟି ଏବଂ ପଶ୍ଚିମବଙ୍ଗ ପାଇଁଅଧିକା ୧୩ ଗୋଟି ଦଳର ବ୍ୟବସ୍ଥା ମଧ୍ୟ କରାଯାଇପାରିବ । ପୁରୀ, ଜଗତସିଂହପୁର, ଖୋର୍ଦ୍ଧା ଏବଂ ଗଞ୍ଜାମ ଯାହା ଲୋ ଲାଇଫ୍ ଏରିଆ ରୂପେ ପରିଚତ । ସେଠାରେ ଲ୍ୟାଣ୍ଡଫଲ୍ ହେବାର ବହୁ ସମ୍ଭାବନା । ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାପାଇଁ ସୂଚନା ଦିଆଯାଇଛି, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ ଏହି ବାତ୍ୟାଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନା ମଧ୍ୟ ରହିଛି ।"

ରିପୋର୍ଟ ଟି ଶୁଣିବା ପରେ ବାତ୍ୟା ଜନତ ଦୁଃଖ ପାଇଁ ଅନ୍ତର କାନ୍ଦି ଉଠିଥିଲେ ମଧ୍ୟ ଧନ ସିନା ନଷ୍ଟ ହୋଇଯିବ, ପ୍ରାଣ ତ ବଞ୍ଚିଯିବ । ପୀଡ଼ିତ ମାନଙ୍କ ମୁହଁରେ ଦାନା ପାଣିଗଣ୍ଡାଏ

ଦେବା ପାଇଁ ଟିମ୍ ସଜାଗ ଥିବ ତ । ପୁଣି ଏକ ସମ୍ବାଦ, ମଇ ୩ ତାରିଖରେ କେବଳ ଓଡିଶା ନୁହେଁ ପଶ୍ଚିମବଙ୍ଗର ବହୁସ୍ଥାନରେ ବର୍ଷା ହେବାର ସମ୍ଭାବନା, ଦୁଇ ତାରିଖରେ ଶ୍ରୀଲଙ୍କାକୁଲମ ଏବଂ ବିଜୟ ନଗରମ୍ ଆକ୍ରାନ୍ତ ।

ସରକାରଙ୍କର ପଦକ୍ଷେପ ପାଇଁ ଜନତା ଗୁହିଁ ବସିଥିଲା । ଖବର ପହଞ୍ଚିଲା ଭାରତି ପ୍ରଦେଶ ରିଲିଫ ପାଇଁ ସରକାର ୧୦୯ କୋଟି ଅର୍ଥ କରିଛନ୍ତୁ (ଓଡିଶା ୩୪୦.୯୮, ତାମିଲନାଡୁ ୩୦୯.୩୭,ପଶ୍ଚିମବଙ୍ଗ ୨୩୫.୫୦ ଏବଂ ଆନ୍ଦ୍ର ପ୍ରଦେଶ ୨୦୦.୨୫) ସରକାର ଉଦ୍ଦେଶ୍ୟରେ ଶିର ନଇଲା ।

"ପଶ୍ଚିମବଙ୍ଗରେ ପ୍ରଚୁର ବର୍ଷା ଏବଂ ଗଛ ଉପୁଡି ପଡୁଛି, ଉଡାଜାହାଜ ମାନଙ୍କୁ ବାତିଲକରାଯାଇଛି ଓଡିଶାରେ ଷୋହଳ ଜଣଙ୍କର ମୃତ୍ୟୁ ।" ଅନ୍ୟକଛି ସମ୍ବାଦ ପାଇଁ ଆବେଗତାର ସହ ଅପେକ୍ଷା କରିଥିଲି ।

"ବାତ୍ୟା ଫନ"ଶୁକ୍ରବାର ମଇ ୩ ତାରିଖ ଦିନ ସକାଳ ଆଠଟାରେ ଗର୍ଜନ କରି୧୨୫ ମାଇଲ୍ ଘଣ୍ଟା ଗତିରେ ପବନ ଏବଂ ବର୍ଷା ସହ ଓଡିଶା ପୂର୍ବ ଉପତ୍ୟକାର ଭାରୀ ଜନସଂଖ୍ୟା ସ୍ଥାନମାନଙ୍କୁ ଗ୍ରାସ କଲା । ଏଇ ସବୁ ସ୍ଥାନରୁ ଏକ ନୟୁତ ବ୍ୟକ୍ତିଙ୍କୁ ସେମାନଙ୍କ ବସତି ସ୍ଥାନରୁ ନିରାପଦ ସ୍ଥାନରେ ରଖାଯାଇଥିବା ସତ୍ତ୍ୱେ ମଧ୍ୟ ସେଠାରେ ଦୁଇଜଣ ବ୍ୟକ୍ତିମୃତ୍ୟୁ ବରଣ କରିଥିଲେ । ଜଣଙ୍କର ମୃତ୍ୟୁ ଏବଂ ଅନ୍ୟଜଣଙ୍କର ବହୁ ଦୁଃଖ ଜନକ । ତାଙ୍କୁପ୍ରତିନିଧି ମାନେ ବାରମ୍ବାର ମନା କରିଥିବା ସତ୍ତ୍ୱେ ମଧ ଆଦେଶର ଉଲଙ୍ଘନ କରି ବାହାରେ ବୁଲୁଥିବା ସମୟରେ ଉପରେ ଗୋଟିଏ ଗଛ ଉପୁଡି ପଡିଥିଲା ।ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର ଅବସ୍ଥା ସଙ୍କଟଜନକ ।ମିଡିଆକୁ ପ୍ରକୃତ ଖବର ଆସିପାରୁନ । କାରଣ ସଂଗ୍ରର ବ୍ୟବସ୍ଥା ସମସ୍ୟା ହଜାରହଜାର ଘର ଭାଙ୍ଗି ନଷ୍ଟ ହୋଇଯାଇଛି । ଇଲେକ୍ଟ୍ରିକ ଓ ପାଣିର ଅଭାବ । ମୋବାଇଲ୍ଫୋନ୍ ବ୍ୟବହାର ମଧ୍ୟ ଦୁଃଷ୍କର । ଖାଇବା ପାଇଁ ଖାଦ୍ୟ ନାହିଁ ଏବଂ ବସିବା ଶୋଇବା ପାଇଁଘର ନାହିଁ । ମୃତ୍ୟୁ ସଂଖ୍ୟା ପଗ୍ଧଶ ଛୁଇଁଲାଣି । ସହାୟତା କୋଷରୁ କ'ଣ ମିଳୁଛି । କ'ଣନାହିଁ ସେ ବିଷୟରେ ଖୋଳ ତାଡ଼ ନ କରି ଏକଯୁଟ ହୋଇ ପୀଡିତ ମାନଙ୍କ ପାଇଁ ସେବା ହିଁଆମର ମୁଖ୍ୟ ।

ବସି ବସି 'ଫନ' କୁ ୧୯୯୯ର ମହାବାତ୍ୟା ସଂଗେ ତୁଳନା କରୁଥିଲି । ଆଶଙ୍କାଠାରୁ'ଫନ' ବହୁ ବେଶୀ ପରିମାଣରେ ସ୍ଥାନମାନଙ୍କୁ ଆକ୍ରାନ୍ତ କରିଛି । ତଥାପି ମଧ ଏହା ବହୁଗୁଣରେ ଉପରସ୍ଥାନ ଗ୍ରହଣ କରିବ । କାହିଁକ ନା ୧୯୯୯ ବାତ୍ୟା ୧୦,୦୦୦ ମନୁଷ୍ୟଙ୍କରପ୍ରାଣ ନେଇଥିବା ସ୍ଥଳେ ବର୍ତ୍ତମାନ ମୃତ୍ୟୁ ସଂଖ୍ୟା ୫୦, ହେଲେ ପୁଣିଥରେ ଲେଉଟି ଆସିବହୁ କଛି ନଷ୍ଟ କରିଦେବ ସେ ଭୟ ମଧ ରହିଛି ।

### ମୋ ଜନ୍ମଭୂମି ଯାଜପୁର

ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ ଯାଜପୁର ଠାରୁ ବିଚ୍ଛିନ୍ନ ହୋଇଯାଇଥିଲେ ମଧ୍ୟ ଜନ୍ମମାଟିରନାମ ଉଠିଲେ ମୁଁ ଅପେକ୍ଷାକୃତ ଆହ୍ଲାଦିତ ତଥା ବିବ୍ରତ ହୋଇ ଉଠେ ।ମେ ୫ ତାରିଖ ରବିବାର। ସାଧାରଣତଃ ପିଲାମାନେ ରବିବାର ଦିନ ବାହାରକୁ ଚାଲି ଯାଇଥାନ୍ତି । ଘରେ ଥାଉ ଆମେ ଦୁଇଜଣ । ମୁଁ ଆଉ ତିନି ବର୍ଷର ନାତୁଣୀ ଆଦ୍ରିମନ ।"ଦେଖିଲ ଦାଦୀ ମା, କେତେ ଯୋରରେ ଆନ୍ଧୀ ଚାଲିଛି । ମୋବାଇଲ୍‌ରେ ଇଉଟିଉବ୍ ଖୋଲି ଦେଖାଉଥିଲା ।"

ବନ୍ୟା, ବାତ୍ୟା, ମହାବାତ୍ୟା ବିଷୟରେ ତାକୁ କହି ଚାଲିଥିଲି । ନିଶ୍ଚିତ ଭାବେ କିଛି ବୁଝୁ ନଥିଲା, ଖାଲି କହୁଥିଲା, ଗଛଗୁଡା କେମିତି ଏପାଖ ସେପାଖ ହୋଇ ଯୋଗକରୁଛନ୍ତି । ଏହା କ'ଣ ତାଣ୍ଡବ ନୃତ୍ୟ । "ହଁ"କହି ମୁଁ ବିଶେଷ ଖବର ଜାଣିବା ପାଇଁ ନେଟ୍ ଖୋଲିଲି।

ସାମୁଦ୍ରିକ ଝଡ "ଫୋନି"ର ପ୍ରଭାବରେ ଚାରି ମଇରେ ଯାଜପୁର ଜିଲ୍ଲାରେ ତୁଆକୁତୁଆ ବର୍ଷା ସାଙ୍ଗକୁ ପବନ ହେବାରୁ ବଡ ଗଛ ପଡି ୩ ଜଣ ମୃତ୍ୟୁବରଣ କରିଛନ୍ତୁ । ଯାଜପୁର ତହସିଲ ଅନ୍ତର୍ଗତ ସୁଜନପୁର ଗ୍ରାମର କଳ୍ପତରୁ ପରମାଣିକ, ବିଞ୍ଝାରପୁର ଥାନାଅନ୍ତର୍ଗତ କଣ୍ଟିପୁର ଗ୍ରାମର ଗୌରାଙ୍ଗ ଦାସ ଏବଂ କୋରେଇ ବ୍ଲକ ଅଧିନସ୍ଥ ମୁକୁନ୍ଦପୁରଠାରେ ଗଛପଡି ବାବାଜୀ ଖୁଟୁଆଙ୍କର ମୃତ୍ୟୁ ଘଟିଛି । ଏଥିସହ ଏ ଅଞ୍ଚଳରେ ପବନର ବେଗ ଅନୁମାନକ ୧୯୦ରୁ ୨୦୦ ପ୍ରତି ଘଣ୍ଟାରେ ରହିଥିବା ବେଳେ ଅନେକ ସ୍ଥାନରେ ବଡ ୨ଗଛ ଭାଙ୍ଗି ପଡି କମ୍ବା ଉପୁଡି ପଡି ବହୁତ କ୍ଷୟକ୍ଷତି ଘଟିଛି । ଏହାକୁ ନେଇ ଯାଜପୁର ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଭବେ ଭୟଭିତ ଅବସ୍ଥାରେ ରହିଥିବାର ଜଣାପଡିଛି । ଆରପଟେଆରଡିସି ଅନଲ ସାମଲ ଓ ଜିଲ୍ଲାପାଳ ରଞ୍ଜନ କୁମାର ଦାସଙ୍କ ନର୍ଦ୍ଦେଶ କ୍ରମେ ଦଶଟି ବ୍ଲକଓ ଦୁଇଟି ପୌରାଞ୍ଚଳର ପାଖାପାଖି ୯୬ ହଜାର ଲୋକଙ୍କୁ ୨୬ ଟି ବାତ୍ୟା

ଆଶ୍ରୟସ୍ଥଳ ସମେତ ୫୯୯ଟି ବିଭିନ୍ନ ସେଣ୍ଟରରେ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରିବା ସହ ୭୦୭ଟି ସେଣ୍ଟରରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ପ୍ରାୟ ୭୨ ହଜାର ଲୋକଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଖାଦ୍ୟ ବଣ୍ଟନ କରାଯାଇ ଥିବାର ସୂଚନା ମିଳିଛି ।

ବିପତ୍ତିର ସୀମା ନାହିଁ । ଭବିଷ୍ୟତ ପିଢି ବହୁ ଆଶା ରଖି ଡାକ୍ତରୀ, ଇଞ୍ଜିନିୟରିଙ୍ଗ୍ ପାଇଁ ଇସୁକ ଥିଲେ । ପାଞ୍ଚ ମଇରେ ଥିଲା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥା ତରଫରୁଭୁବନେଶ୍ୱରରେ ଡାକ୍ତରୀ ପାଇଁ ପରୀକ୍ଷା । ଅସମ୍ଭବ । ବାତିଲ କରିଦିଆଗଲା । ଇଞ୍ଜିନିଅରିଂଙ୍ଗ... ଚାରି ମଇରୁ ନଅ ମଇ ପର୍ଯ୍ୟନ୍ତ ହେବ । ଯୁବଗୋଷ୍ଠିଙ୍କର ଭାଳେଣୀ, କେତେଜଣ ଭାଇ ଦୃଢତା ସହ ଏହା ଘୁଞ୍ଚାଇବାରେ ପଦକ୍ଷେପ ନେଇଥିଲେ । ଆନ୍ତରିକଚେଷ୍ଟା ବହୁ ଶକ୍ତିଶାଳୀ । ଏହା ସାମ୍ନାରେ ବାହା ମହାରଥୀ ହାର ମାନିଯାଇଛନ୍ତି । କାର୍ଯ୍ୟକାରୀ ହୋଇଥିଲେ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରାଯାଇଥିଲା । ଦୁନିଆର ବହୁ କିଛି ସମ୍ବାଦ ମଣିଷକୁ ଦୁଃଖ ପହଞ୍ଚାଉଥିଲେ ମଧ୍ୟ କିଛିଟା ଖବରରେ ମନ ଉଲ୍ଲାସ ହୋଇଯାଇଥାଏ, ମଇ ଛଅ ତାରିଖ । ପ୍ରଧାନମନ୍ତ୍ରୀ ସ୍ୱୟଂ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ସଂଗେ ଆଲୋଚନା କରିଥିଲେ । ଜନତାର ସଂରକ୍ଷଣ ପାଇଁ ପ୍ରଚୁର ଅର୍ଥପ୍ରାପ୍ତ ହେବ । ମୁଖ୍ୟମନ୍ତ୍ରୀଙ୍କର ପଦକ୍ଷେପ ମଧ ସ୍ୱାଗତଯୋଗ୍ୟ । ଏହାପରେ ଦେଖାଯାଇଥିଲା ଦଲାଇଲାମା ମଧ ପଛରେ ରହିନାହାନ୍ତି ।

ପୁଣି ଏକ ସ୍ମୃତି ମଧୁର ସମ୍ବାଦ । ଶିଖ ସମାଜମାନଙ୍କର ବୈଦାନ୍ୟତା । ଭୁବନେଶ୍ୱର ସ୍ଥିତ ଖାରବେଳ ନଗରର ସେହି ଗୁରୁଦ୍ୱାର । ଘୋଷଣା ହୋଇଥିଲା ଯେ କେହି ଦିବା ଭୋଜନଏବଂ ରାତ୍ରି ଭୋଜନ ପାଇଁ ନିଷ୍ଚିତ କରାଯାଇଥିବା ସମୟ ମଧରେ ଯେ କେହି ଆସି ନିଃଶଙ୍କୋଚେ ଭୋଜନ କରିପାରିବେ । ଏତଦ୍ ବ୍ୟତୀତ ପାଣି ପାଇଁ ମଧ ବ୍ୟବସ୍ଥା କରାଯାଇଥିଲା । ଏହି ସବୁ ଗତିବିଧିକୁ କୁହାଯାଇଥାଏ ଏକ ସଂଗେ ଏକ ମିଳତ ହେଲେ ଦୁଇନୁହେଁ, ଏଗାର ।

### ଆଖିରୁ ପିମ୍ପୁଡି -:

ଆଖିରୁ ମ୍ୟାଗଟ୍ ବହାରିବାର ଶୁଣାଯାଏ ଆଉ ତାର ଯଥାର୍ଥତା ମଧ ପ୍ରମାଣ ହୋଇଛି,ମାତ୍ର ଆଖିରୁ ପିମ୍ପୁଡି ଧାର ଧାର ହୋଇ ଗ୍ଭଲିବା ବିଶ୍ୱାସ ଯୋଗ୍ୟ ନୁହେଁ । ସେଇ ବାରବର୍ଷର

ଝିଅଟିର ଏମିତି ଗୋଟାଏ ଅସମ୍ଭବ ଧରଣର ସମସ୍ୟାରେ ମୁଁ ସ୍ତମ୍ଭୀଭୂତ ହୋଇ ଯାଇଥିଲି, ମନ ଭିତରେ ସନ୍ତୁଳନ, କ'ଣ ହୋଇପାରେ! ବହୁ ପତ୍ରକାର ମାନେ ଆସି ଝିଅଟି ଆଖିର ଫଟୋ ନେବା ସହ ହସ୍ପିଟାଲର ଉପରିସ୍ଥ ମାନଙ୍କର ସାକ୍ଷତକାର ଦାବୀ କରିଥିଲେ । ହେଲେ ସମସ୍ତେ ସେମାନଙ୍କୁ ମୋ ପାଖକୁ ପଠାଇଦେଇଥିଲେ । ସବୁଦିନ କଛି ନା କଛି ପିମ୍ପୁଡି ବିଷୟରେ ଖବରକାଗଜ ମାନଙ୍କରେ ବାହାରୁଥିଲା । କେତେଜଣଙ୍କର ପରିହାସ ମଧ୍ୟ ସହନ କରିବାକୁ ପଡୁଥିଲା । ଉପରିସ୍ଥ ମାନେ ଏହାକୁ ଏକ ଭିତ୍ତିହୀନ ଘଟଣା ଉପାଧି ଦେଇ ଗୁନ୍ଦନୀକୁଡିସ ଚ୍ଛର୍ଯ୍ୟ କରିବାକୁ କହୁଥିଲେ । ହେଲେ କାହିଁକି କେଜାଣି ବିଷୟଟିର ଚେର ନ ଧରିପାରିତାକୁ ଛୁଟି କରିଦେବାକୁ ମୋ ମନ ମାନୁନଥିଲା । ମୋ ଅଫିସ୍ ସେତେବେଳେ ସେ ଓ୍ୱାର୍ଡ ପାଖାପାଖି ଥିଲା । ବହୁ ସମୟରେ ତାକୁ ଅଫିସ୍‌କୁ ଡାକ ମୁଁ ପଚର୍ ଉଚର୍ କରିଥାଏ,ସେଦିନ ଲାଲ୍ ପିମ୍ପୁଡି ବଦଳରେ କଳା ପିମ୍ପୁଡି ଦେଖାଗଲା । ଆମେ ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡିଥିଲୁ । ଚେର ଧରିବା ପାଇଁ ତା ବେଡ୍‌ର ଆଖି ପାଖ ସ୍ଥାନରେ ସିସିଟିଭି ମଧ୍ୟ ଖଞ୍ଜାଗଲା । ମାତ୍ର ସବୁଥିରେ ବିଫଳ । ଉପାୟହୀନା ହୋଇ ତାକୁ ଛୁଟୀ କରିବାର ନର୍ଣ୍ଣୟ ନେଲି ।

ମନ ଜମା ମାନୁ ନଥାଏ । ଉପରିସ୍ଥ ମାନେ ବୁଝାଉଥିଲେ ଏଇଟା ରୋଗ ନୁହେଁ । ଝିଅଟିର ମାନସିକ ବିକୃତି । ତେଣୁ ନଜେ ନଜେ ସେ ପିମ୍ପୁଡି ଆଖିରେ ଭର୍ତ୍ତି କରୁଛି । ସାଇକଆଟ୍ରିକ୍ ଓ୍ୱାର୍ଡକୁ ସିଫ୍ଟ କରି ଦେ । ଏମିତି ସନ୍ତୁଳନ ଭିତରେ ରହି ମତେ ଯେମିତି କୂଳ କନାର୍ କଛିମିଳୁ ନଥିଲା । ଏଇ କେତେଦିନ ଭିତରେ ଗୁନ୍ଦନୀ ମୋ ସହିତ ଖୁବ୍ ଫ୍ରି ହୋଇଯାଇଥିଲା । ମୋ ଅଫିସର ସୋଫା ଉପରେ ବସିପଡି ପାଖରେ ଥିବା ଗୋଟିଏ ଟେବୁଲ କ୍ୟାଲେଣ୍ଡରକୁଏପଟ ସେପଟ କଲା, କଛି ନକହି ମୁଁ ତାକୁ ଲକ୍ଷ୍ୟ କରୁଥାଏ, କଛି ସମୟ ପରେ କହିଲାଏଇଟା କାହା ଫଟୋ । ଡାକ୍ତରାଣୀ ମା କେଉଁ ଗୋଟିଏ ଝିଅର । ତୁ ତାକୁ ଜାଣିଛୁ!

ନାଁ…କେତେ ସୁନ୍ଦର ଝିଅଟିଏ । ମୋ ଠାରୁ ବଡ ହେବ । କଛି ଉତ୍ତର ନ ଦେଇ ମୁଁନଜ କାମରେ ମନ ଦେଲି ।ମା' କହୁଥିଲା, ତୁମକୁ ଝିଅ ଭଳି ଭଲ ଲାଗେ । ମାତ୍ର ତୁମର କେବଳ ଗୋଟିଏପୁଅ । ମତେ ଝିଅ କରି ରଖୁନ । ମୁଁ ଭଲ ପାଠ ପଢେ । ଭାଇକୁ ପଢାଇଦେବି, ମୁଁ ସକାଳେ ଖୁବ୍ ଶୀଘ୍ର ଉଠିଯାଏ, ତୁମକୁ ଚ୍ହା କରି ପିଆଇବି । ଭାଇର

ସ୍କୁଲ ଡ୍ରେସ ପ୍ରେସ୍ କରିଦେବି । ଭାଇ ତ ଡିପିଏସ୍ ଯାଏ । ମୋ ସ୍କୁଲ ବହୁତ ଦୂରରେ । ବସ୍ ନିଶ୍ଚୟ ଆସୁଥିବ ।ଏତେ ଗୁଡାଏ କଥାର କୌଣସି ଜବାବ୍ ନ ଦେଇ କହିଲି, ମତେ ଖାଲି ଗୋଟିଏକଥାର ଉତ୍ତର ଦେ ଗ୍ରନ୍ଦନୀ, ତା ପରେ ତୁ ଯାହା କହିବୁ ମୁଁ ସବୁ ମାନିବି । ମତେ ଛୁଟୀ ଦିଅନା ଡାକ୍ତରାଣୀ ମା'ଦେଖିଲୁ ଏତେ ଦିନ ହେଲାଣି, ତୋ ମା ତୋ ପାଇଁ ଦିନରାତି ଓ୍ୱାର୍ଡରେ ରହୁଛି, ଘରେ ତୋ ଛୋଟ ୨ ଭଉଣୀ ମାନଙ୍କର କେତେ ଅସୁବିଧା ହେଉଛି । ମା ସିନା ପିଲାମାନଙ୍କକଥା ବୁଝିପାରେ, ବାପ ଯୋଗେ ସେ ସବୁ ହୋଇପାରେନା।

ଦେଖିଲି "ବାପା"ନାଁ ଶୁଣି ତା ମୁହଁଟା ଶୁଖିଗଲା । ଚନ୍ତାରେ ପଡିଗଲି । ଏତିକି ବେଳେତା ମା ଅଫିସ ଭିତରକୁ ପଶିଲା । ତାକୁ ବସିବାକୁ କହି ମୁଁ ଫାଇଲ୍ କାମ ବନ୍ଦ କଲି । ଗ୍ରନ୍ଦନୀକୁ ଛୁଟୀ ଦେଉଛନ୍ତୁ ମା' । ମୁଁ ଘରେ ଯାଇ କେମିତି ସମ୍ଭାଳିବି । ଆପଣଙ୍କଡାକ୍ତରୀ ବିଦ୍ୟା ଏତେ ପ୍ରସିଦ୍ଧ । ଯୋଶୀ ବାବୁଙ୍କ କଥାରେ ମୁଁ ବହୁ ଭରସା ରଖି ଗ୍ରନ୍ଦନୀକୁ ଆପଣଙ୍କ ପାଖକୁ ଆଣିଥିଲି ।

ତୁମର ବୁଝିବା ଉଚତ୍ । ଏହା କୌଣସି ରୋଗ ନୁହେଁ, ଜାଣିଶୁଣି କଏ ତା ଆଖିରେ ପିମ୍ପୁଡି ଛାଡୁଛି ।

ନାଁ ମା, ମୁଁ ସବୁବେଳେ ତା ପାଖେ ପାଖେ ରହିଛି, କେତେ କେମରା ଲଗା ହେଲା, କିଛି ଜଣା ପଡିଲା ।

ତୁମେ ଠିକ୍ କହିଛ । ହେଲେ ଏଇଟା ଶତ ପ୍ରତିଶତ ସତ ଯେ କେହି ନା କେହି...ବିରେନ୍ଗ୍ରହା ନେଇ ଭିତରେ ପଶିବାରୁ କଥା ବନ୍ଦ ହେଲା । ବିରେନ୍କୁ ଗ୍ରନ୍ଦନୀ ପାଇଁ ଫ୍ରୁଟି , ତାପାଇଁ ଗ୍ରହା ଆଉ ସମସ୍ତଙ୍କ ପାଇଁ ବରା ସିଙ୍ଗଡା ବରାଦ୍ ଦେଇ ପୁଣି କଥା ଆରମ୍ଭ କଲି । ଗ୍ରନ୍ଦନୀର ବାପା କ'ଣ କରନ୍ତୁ?

ଗୁନ୍ଦନୀ ଚଉକରେ କ'ଣ ଗୋଟିଏ ବ୍ୟବସାୟ କରନ୍ତୁ । ବେଶୀ ପଇସା ଆମଦାନୀ ହୁଏନା। ଏବେ, ବଡ ଝିଅର ବାହାଘର କରେଇଲୁ, ଯାହା କଛି ସଂଚତ ଥିଲ୍ ସବୁ ଖର୍ଚ୍ଚ ହେଇଗଲ୍ । ଦୁଃଖେ କଷ୍ଟେ ଚଳ ଯାଉଛୁ । ହେଲେ ଏ ମାସ ମୁଁ ଘରେ ନାହିଁ ବୋଲି ତାଙ୍କୁପିଲ୍ ଦିଇଟା ଆଉ ଘର ଖବର ବୁଝିବାକୁ ପଡୁଛି । ତେଣୁ ବ୍ୟବସାୟ ମାନ୍ଦା । ବ୍ୟବସାୟ ଆର୍ଥିକ ଅବସ୍ଥାର ପରିଣତି ନେଇ ସେ ଗୁନ୍ଦନୀ ଉପରେ ବିରକ୍ତ ହୁଅନ୍ତୁନ ତ!

ନାଁ, ବରଂ ସେ ଚାନ୍ଦିନୀକୁ ବେଶୀ ଗେହ୍ଲା କରନ୍ତୁ ।ଗେହ୍ଲା ନା ଗେଲ! କେହି ଗୁନ୍ଦନୀ ବସିବା ସ୍ଥାନରୁ ଉଠି ମୋ ପାଖକୁ ଆସିଲ୍ ।କ'ଣ କଛି କହିବୁ ? ପ୍ରଶ୍ନ କଲି ।

ନାଁ...

ମୋ ମନ ମାନଲ୍ନ, ବିଜେନ୍ଦ୍ରକୁ ଡାକ ଓ୍ଵାର୍ଡରେ ଚାନ୍ଦିନୀକୁ ଡିସଗ୍ଚର୍ଯ୍ୟ ନ କରିବାପାଇଁ ଖବର ଦେଲି । ମନଟା କାହିଁକି କେଜାଣି ଗୁଡେଇ ତୁଡେଇ ହେଉଥାଏ । ଗୁନ୍ଦନୀ ଠାରୁଦିନେ ଶୁଣିଥିଲି ତାକୁ ନେଲ୍ ପଲିସ ବହୁତ ଭଲ ଲ୍ଗେ, ଖୁବ୍ ସୁନ୍ଦର ରଙ୍ଗର ଦୁଇଟି ନେଲ୍ପଲିସ୍ ତା ପାଇଁ ଓ୍ଵାର୍ଡ ପଠେଇଦେଲି । ଅଳ୍ପ ସମୟ ପରେ ଗୁନ୍ଦନୀ ଆସି ପହଞ୍ଚିଲ୍ । ବହୁତ ବହୁତ ଥାଙ୍କସ୍ ଡାକ୍ତର୍ଣୀ ମା ।ତତେ ଭଲ ଲ୍ଗିଲ୍ । ତେବେ ଲଗାଇନୁ କାହିଁକି ? ପୁଣି ସିଏ ଆରମ୍ଭ କରିବ ତୋ ହାତରେ ନେଲ୍ ପଲିସ୍ ଭ୍ରି ସୁନ୍ଦର । ପାଦରେ ତଆହୁରି ବେଶୀ ।

ଚମକ ପଡି ପଗ୍ଚରିଲି ସିଏ କଏ ?

ସେଇ ବାପା, ଆଉ କଏ ? ଆମ ବାପା ଭ୍ରି ଖରାପ ତୁମେ କଛି ଜାଣିନ ।

ତୁ ନ କହିଲେ ମୁଁ କେମିତି ଜାଣିବି ।

ମତେ ୱାର୍ଡରୁ ଛୁଟି କରନା । ଘରକୁ ଗଲେ ପୁଣି ବାପାର ଜ୍ୱାଳା ଆରମ୍ଭ ହୋଇଯିବ । ଡାକ୍ତରଖାନାରେ ଭର୍ତ୍ତି ହୋଇ ରହିବା କାଳରୁ ମୁକ୍ତ ମିଳବ ବୋଲି ଏଇ ପିମ୍ପୁଡି ପନ୍ଥା ଧରିଛି।ଘୁରି ଆଡେ ବୁଲି ବୁଲି ପିମ୍ପୁଡି ସଂଗ୍ରହ କରି ଏଇ ଡିବାରେ ରଖେ । ସୁବିଧା ଦେଖି ବାଥରୁମ୍ ଭିତରେ ପଶି କେତେଟା ଆଖି ଭିତରେ ଛାଡି ଛାଡି ଦିଏ ।

ଗ୍ଲନ୍ଦନୀକୁ କୋଳକୁ ଆଣି ଚନ୍ତା କରି ଯାଉଥିଲି, ଏଇ ଆଜିର ଆଧୁନକ ସମାଜ,ଝିଅ, ଭଉଣୀ, ବୋହୂ ମା ବୋଲି ସଂପର୍କ ନାହିଁ । କେବଳ ଗୋଟିଏ ନାରୀ ଓ ପୁରୁଷ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଭାଗବତ ଅମୃତ ଧାରା



ବିଜୟ କୁମାର ସାହୁ

## ଦଶମ ସ୍କନ୍ଧର ଅବଶୀଷ୍ଟ ଅଂଶ

ମୁଁ ତାଙ୍କ ପୁରାଇବି ଆଶ । ସେ ମୋର ଭକତ ବିଶ୍ୱାସ ॥
ତୋ ପାଦପଦ୍ମ ଆମ୍ଭେ ପାଇ । କାହିଁକ ଯିବୁ ଭବଗ୍ରାହୀ ॥
ତୋହର ପାଇଁ ଦାମୋଦର । ଛାଡିଲୁ ସୁତ ପତି ଘର ॥
ତୁ ଯେ ସକଳ ପ୍ରାଣୀଙ୍କର । ଦେହ ଜୀବନର ଠାକୁର ॥
ଯେ ପ୍ରାଣୀ ତୋହରେ ଭଜଇ । ତାହାର ଜନ୍ମ ବଧ ନାହିଁ ॥
ଅନେକ ପୂଣ୍ୟ କରିଥିଲେ । ତୋ ନାମ ଧରି ଅନ୍ତକାଳେ ॥
ଅଭୟ ବ୍ରହ୍ମେ ଯେ ପଶନ୍ତୁ । ଆମ୍ଭର ନାହିଁ ମନେ ଭ୍ରାନ୍ତୁ ॥
ଆଉ କ ଗୋପପୁର ଯିବୁ । ପତି ତନୟ ଆବୋରିବୁ ॥
ଆମ୍ଭର ତେଣେ ନାହିଁ ଆଶା । ତୋ ନାମ କରିଛୁ ଭରସା ॥
ତୋର ସୁନ୍ଦର ମୁଖ ଦେଖି । ପିଛାଡି ନ ପାରୁ ଯେ ଆଖି ॥
ତୋହର ରୂପ ହୃଦେଗୁଣି । ବ୍ରହ୍ମାଣ୍ଡେ ଯେତେକ ତରୁଣୀ ॥
କେ ଦେହ ଧରିବ ଦର୍ଭରେ । ଶୁଣିଲ୍ ନାହିଁ ତିନପୁରେ ॥
ଅନନ୍ତ ଯୋଗମାୟା କରି । ଷୋଳ ସହସ୍ର ରୂପ ଧରି ॥
ଗୋପୀକେ ଗୋବିନ୍ଦ ଗୋଟିଏ । ସ୍ୱର୍ଗେ ଦେଖନ୍ତୁ ଦେବତାଏ ॥
ଯା ନାମ ମୁକତି ପସରା । ସେ କମ୍ପା କଲେ ପର୍ଦାରା ॥
ଶୁଣ ରାଜନ ଭାଗବତ । ଏ ବଡ ଲୋକଙ୍କର ମତ ॥
ଏହାଙ୍କ କର୍ମ ବିପରୀତ । ଯେଣୁ ଏ ତେତେ ବଳବନ୍ତ ॥
ତେଣୁଟି ଦୋଷ ଗୁଣ ନାହିଁ । ଅଗ୍ନି ଯେସନେ ସର୍ବ ଖାଇ ॥
ଜନ୍ମ ମରଣ ଭୟ ନାଶ । କୃଷ୍ଣ ଚରଣେ ହୁଅ ଦାସ ॥
ନରତେ ଚନ୍ତ ରାମ ହରି । ଭବ ସାଗରୁ ହୁଅ ପାରି ॥

ତୁମ୍ଭେ ଗୋ ସର୍ବ ଗୋପୀଜନ । ଏ ମହୀତଳେ ଜାତ ଧନ୍ୟ ॥
ଦେବେ ନ ଜାଣନ୍ତୁ ଯାହାଙ୍କୁ । ତୁମ୍ଭେ ଗୋ ପାଇଲ ତାହାଙ୍କୁ ॥
ରାସ ଉତ୍ସବେ ଏକ ମେଳ । କୃଷ୍ଣ ସଙ୍ଗରେ କଲ କେଳ ॥
ସ୍ତନ ବଦନ କରେ ଗୁପି । ହୁଡିଲ ତିନ ତାପ ଗୋପୀ ॥
ମନ ଆନନ୍ଦେ ବ୍ୟାସ ସୁତ । ବୋଲନ୍ତୁ ଶୁଣ ପରୀକ୍ଷିତ ॥
ଅଦ୍ଭୁତ କୃଷ୍ଣ କର୍ମବାଣୀ । ଶୁଣି ସଂସାରୁ ତର ପ୍ରାଣୀ ॥
ପତ୍ର କୁସୁମ ଫଳ ପାଣି । ଯେ ମୋତେ ଭାବେ ଦ୍ୟନ୍ତୁ ଆଣି ॥
ତାର ଭକତି ଭାବ ନେଇ । ହସ୍ତ ପ୍ରସାରି ମୁଁ ଭୁଞ୍ଜଇ ॥
ଯାହାଙ୍କୁ ଦୟା ଚତ୍ତେ ମୋର । ସମ୍ପଦ ହରଇ ତାହାର ॥
ନିର୍ଦ୍ଧନ ଦେଖି ବନ୍ଧୁ ଜନେ । ତାଙ୍କୁ ଛାଡନ୍ତୁ ଦୁଃଖ ମନେ ॥
ତାର ସଂସାର ଇଚ୍ଛା ନୋହେ । ବନ ଭ୍ରମଣେ ଦୁଃଖ ସହେ ॥
ମୋର ସେବକ ମିତ୍ର ପଣେ । ମୋତେ ଭଜଇ ଅନୁକ୍ଷଣେ ॥
ତାହାଙ୍କୁ ନ ଲାଗେ ସଂସାର । ଏମନ୍ତ ମହିମା ଯହାର ॥
ଏଣୁ ସଂସାରେ ଇଚ୍ଛା ଯାର । ସେ ମୋତେ ନ କରେ ବିଗ୍ଭର ॥
ରାଜ ସମ୍ପଦେ ଭୋଗ ଇଚ୍ଛା । କରନ୍ତୁ ନାନା ମତେ ଦିକ୍ଷା ॥
ଅଳପ ତପେ ତୋଷ ହନ୍ତୁ । ବେଗେ ବାଞ୍ଛିତ ଫଳ ଦ୍ୟନ୍ତୁ ॥
ଏମନ୍ତ ଦେବତାଙ୍କୁ ସେବି । ସୁଖ ସମ୍ପଦେ ଅନୁଭବି ॥
କାଳେ ଲଭନ୍ତୁ ନାନା ଦୁଃଖ । ହସି କହନ୍ତୁ ପଦ୍ମ ମୁଖ ॥

## ଏକାଦଶ ସ୍କନ୍ଧ

ମାୟା ସଂସାରେ ଯାର ଲୀଳା । ଯା ନାମ ଭବଜଳେ ଭେଳା ॥
କରୁଣା କଟାକ୍ଷ ପ୍ରକାଶେ । ଭକତ ଜନ ଦୁଃଖ ନାଶେ ॥
ଦେବଙ୍କ ବ୍ୟାକୁଳେ ମୁରାରୀ । ଅଂଶେ ମନୁଷ୍ୟ ଦେହ ଧରି ॥
ଦୁର୍ଜନ ଦୁଷ୍ଟଗଣ ମାରି । ଅବନୀ ଭାର ହେଲେ ହରି ॥
ଏ ନାରଇ ଗର୍ଭବାସ ବାଣୀ । ଆମ୍ଭେ ଜାଣିଲୁ ପରିମାଣି ॥
ଏହାର ଗର୍ଭେ ଅଛି ବାଳ । ନିଷ୍ଠୁର ଲୌହର ମୁଷଳ ॥
ଆଜ ଏ ଗର୍ଭ ପ୍ରସବିବ । ତୁମ୍ଭର ବଂଶ ନାଶ ଯିବ ॥

ମନୁଷ୍ୟ ସୁଖ ଭୋଗ ଚନ୍ତୁ । ନାନାଦି ଦେବତା ପୂଜନ୍ତୁ ॥
ଦେବେ ତାହାଙ୍କ ଉପକାରେ । ଭଜନ୍ତୁ ଭକ୍ତ ଅନୁସାରେ ॥
ପୂର୍ବେ ମୁଁ ତପ ଯୋଗ ବଳେ । ସେବିଲି ବିଷ୍ଣୁ ପାଦ ଦଳେ ॥
ବିଷ୍ଣୁ ଯାଚଲେ ମୋତେ ବର । ମୋର ଅଦୃଷ୍ଟ ବଳୟାର ॥
ମୋକ୍ଷ ନମାଗି ପୁତ୍ର ଆଶେ । ପଡିଲି ମୋହ ଜଡ ପାଶେ ॥
ଏବେ ଉପାୟ ତୁମ୍ଭେ କର । ଯେମନ୍ତେ ତୁଟେ ଭ୍ରମ ମୋର ॥
ଏକା ମନୁଷ୍ୟ କଳେବର । ଦୁର୍ଲଭ କ୍ଷଣିକ ଭଙ୍ଗୁର ॥

ବିଜିଗୋଳ, ଏନ ଟି ପିସି, ଅନୁଗୋଳ

# ପାଖରେ ନାହିଁ ପାଖରେ ଅଛ



ତାରାପ୍ରସାଦ ଜେନା

ପାଖରେ ନାହିଁ ପାଖରେ ଅଛ
କମିଆ ତୁମେ କର
ଶୀତୁଆ ରାତି ଉଷୁମ ଆଣି
ଭାବନା କେତେ ଭର !

ଅଳପ ବାଟେ ମୁହଁଟା ଦେଖେ
ଆସୁଛ ଧୀରେ ହସି
ପଣତ କାଳେ ଟାଣିବି ବୋଲି
ହେଉଛ ଭାରିଖୁସି,
ବଢ଼ାଇ ହାତ ଝୁଣ୍ଟୁଚ ସିନା
ଘୁଞ୍ଚୁଚ ମୋର ଘର !

ଅଳସ ଅଛି ସପନ ଆଖି
ଭେଟୁଛି ପ୍ରାଣ ପ୍ରିୟା
ଘଡ଼ିଏ ଜହ୍ନ ଉହୁଙ୍କି ଦେଖେ
ତା'ପରେ ଖାଲି ଛାୟା,
ନରୀହ ପଣେ ବିରହ ଗୀତେ
ଯୋଡୁଛି କୋହ ସ୍ୱର !

ପଛର ଭାବ ହେଉନ ଭୁଲି
ଛାଡୁନ ମନ କେବେ
ପତର ଖସ୍ ଟିକଏ ହେଲେ
ପାଉଁଜି ଝୁଣ୍ଣୁ ଭାବେ,
ଲୁହର ମୋହ କପୋଳ ଧାରେ
ଧୂଅନ୍ତ ପାଦ ମୋର !

ରଣପୁର (ଗୋଡ଼ିପାଟଣା ସାହି),
ରାଜ ରଣପୁର, ଜିଲ୍ଲା-ନୟାଗଡ଼

# ସତ କେମିତି ପଦାକୁ ଆସିଲା



ନରେନ୍ଦ୍ର ପ୍ରସାଦ ବେହେରା

ମହାଭାରତ ସମୟର କଥା । ପାଣ୍ଡବ ଦ୍ରୌପଦୀଙ୍କ ସର୍ତ୍ତରେ ଦିଆଯାଇଥିବା ସର୍ତ୍ତ ଜିତି ଯାଇଥିଲେ । ସର୍ତ୍ତ ଅନୁସାରେ ଦ୍ରୌପଦୀ ସ୍ୱୟମ୍ବର ପରେ ଅର୍ଜୁନଙ୍କୁ ବିବାହ କରିବେ ବୋଲି ସ୍ଥିର ହୋଇଗଲା । ଏହାପରେ ପାଣ୍ଡବମାନେ ଦ୍ରୌପଦୀଙ୍କୁ ନେଇ ନିଜ କୁଡିଆକୁ ଆସିଗଲେ। ପାଣ୍ଡବମାନେ ସେତେବେଳେ ବ୍ରାହ୍ମଣ ବେଶରେ କୌରବଙ୍କ ଠାରୁ ଲୁଚି ଜଙ୍ଗଲରେ ସମୟ କାଟୁଥିଲେ । ଜଣେ ବ୍ରାହ୍ମଣ କିଭଳି ସ୍ୱୟମ୍ବରରେ ବିଜୟୀ ହେଲେ ସେଥିରେ ବିଚଳିତ ହୋଇଗଲେ ରାଜା ଧ୍ରୁପଦ । ସେ ନିଜ କନ୍ୟାର ବିବାହ ଅର୍ଜୁନଙ୍କ ଭଳି ବୀର ଯୁବକଙ୍କ ସହ କରିବାକୁ ଚାହୁଁଥିଲେ । ଏଣୁ ରାଜା ନିଜ କନ୍ୟା ବିବାହର ବାସ୍ତବିକତା ସମ୍ପର୍କରେ ଅବଗତ ହେବା ଲାଗି ରାଜମହଲରେ ଏକ ଭୋଜିର ଆୟୋଜନ କଲେ । ସେହି ଭୋଜିକୁ ପାଣ୍ଡବମାନଙ୍କୁ ଡାକଲେ । ରାଜମହଲ ବେଶ ଭଲ ଭାବେ ସଜା ହୋଇଥିଲା । ସେଠାରେ ଯୁଦ୍ଧରେ ବିନିଯୋଗ ହେଉଥିବା ଅସ୍ତ୍ରଶସ୍ତ୍ର ରଖାଯାଇଥିଲା । ଭୋଜନ କରିବାକୁ ଅନେକ ଲୋକ ଆସିଥିଲେ । କିନ୍ତୁ ରାଜା ଧ୍ରୁପଦ ପାଣ୍ଡବମାନଙ୍କୁ ଅପେକ୍ଷା କରିଥିଲେ । ଏହି ସମୟରେ ରାଜା ଦେଖିଲେ ଯେ ସ୍ୱୟମ୍ବରରେ ବିଜୟୀ ହୋଇଥିବା ୫ ଜଣ ବ୍ରାହ୍ମଣ ରାଜମହଲରେ ପ୍ରବେଶ କରିବା ମାତ୍ରେ ପ୍ରଥମେ ଅସ୍ତ୍ରଶସ୍ତ୍ର ରହୁଥିବା କକ୍ଷକୁ ଗଲେ । ଏଥର ଧ୍ରୁପଦ ଅନୁମାନ କରିନେଲେ ଯେ ଏହି ୫ ଜଣ ଯୁବକ ଆଉ କେହି ନୁହଁନ୍ତି, ବରଂ ପାଣ୍ଡବ।

ତେବେ ସେ ସତ ପଦାକୁ ଆସୁ ବୋଲି ଚାହୁଁଥିଲେ । ସେଥିପାଇଁ ସେ ୫ ଜଣ ବ୍ରାହ୍ମଣଙ୍କ ମଧ୍ୟରୁ ବଡ଼ କଏ ବୋଲି ପଚାରିଲେ । ସମସ୍ତେ ଯୁଧିଷ୍ଠିରଙ୍କ ଆଡକୁ ହାତ ବଢାଇଲେ । ଏଥର ରାଜା ଧ୍ରୁପଦ ତାଙ୍କୁ ପଚାରିଲେ ଯେ ଆପଣମାନେ ବ୍ରାହ୍ମଣ ନା କ୍ଷତ୍ରିୟ ? ଯୁଧିଷ୍ଠିର କେବେ ମିଛ କହୁନଥିଲେ । ତେଣୁ ସେ ସତ କହିଦେଲେ । ସେ କହିଲେ, ଆମେ ସମସ୍ତେ କ୍ଷତ୍ରିୟ । ସ୍ୱୟମ୍ବରରେ ବିଜୟୀ ହୋଇଥିବା ବ୍ରାହ୍ମଣ ଆଉ କେହି ନୁହନ୍ତି, ଅର୍ଜୁନ । ତେଣୁ ବ୍ୟକ୍ତି ନିଜ ବେଶ ବଦଳାଇ ଦେଲେ ବି ନିଜ ଚିନ୍ତାଧାର ସହଜରେ ବଦଳାଇବା ସମ୍ଭବ ନୁହେଁ । କ୍ଷତ୍ରିୟ ହୋଇଥିବାରୁ ଅସ୍ତ୍ରଶସ୍ତ୍ର ପ୍ରତି ଆକର୍ଷଣ ପାଣ୍ଡବଙ୍କ ପରିଚୟ ସେଦିନ ରାଜା ଧ୍ରୁପଦଙ୍କୁ ଜଣାଇଦେଇଥିଲା ।

ଆଳନ୍ଦା, ଖଇରା ,ବାଲେଶ୍ୱର

# ପ୍ରତାରଣା



ଜନ୍ମଜୟ ନାୟକ

ପ୍ରେମରେ ଲାଗଇ ଯେବେ ପ୍ରତାରଣା ରଙ୍ଗ,
ମଧୁର ସଂପର୍କ ପୁଣି ହୋଇଯାଏ ଭାଗ ।
ସପନ ଉଆସ ଭାଙ୍ଗିଯାଏ ବାଲିଘର ପରି,
ନିମିଷେ ଛିଡିଯାଏ ସ୍ନେହ ପ୍ରେମର ଡୋରି ।୧।

ହୃଦୟଟା ଅଟଇ କାଚ ଆଇନା ପରି,
ଥରେ ଭାଙ୍ଗିଲେ ସବୁ କଥା ଯାଏ ସରି ।
ନ ମିଶଇ ଆଉ କେବେ ମନ ସାଥେ ମନ,
ସରିଯାଏ ରାତି ସିନା ସରେନି ସପନ ।୨।
ଦୁଇ ପ୍ରେମପକ୍ଷୀଙ୍କୁ ପ୍ରେମ ନୀଡ଼ ଝୁରଇ,
ସେ ପ୍ରେମର ମୂକସାକ୍ଷୀ ସାଜି ରହିଥାଇ ।
ଅବିଶ୍ବାସ ଅନଳେ ଜଳଇ ପ୍ରେମର ଜୁଇ,
ପ୍ରତାରଣା ପ୍ରହାରରେ ହୃଦୟ ଭାଙ୍ଗଇ।୩।

ଯେବେ ସପନ ମରୀଚିକା ପାଲଟିଯାଏ,
ବିଚରା ନୀରିହ ମଣିଷଟି ହାରିଯାଏ ।
ପ୍ରେମ ବଦଳେ ଧୋକା ମିଳେ ଉପହାର,
ପ୍ରେମ ଲଫାପାକୁ ଭିଜାଏ ଲୁହର ଧାର ।୪।

ପ୍ରତାରଣା ପରେ ପ୍ରାୟଶ୍ଚିତ ମୂଲ୍ୟହୀନ,
କି ମୂଲ୍ୟ ଅଛିରେ ପାପ କରି କଲେ ଦାନ ?
ପ୍ରତାରଣା ଭେଟି ଦିଏ ଲୁହର ଶ୍ରାବଣ,
ବିରହ ଫଗୁଣେ ଭାଙ୍ଗେ ପ୍ରେମର ବନ୍ଧନ ।୫।

ଶିକ୍ଷକ, ଚଲିକା ନୋଡାଲ ହାଇସ୍କୁଲ, ପୁରୀ

# ଆବାହକ ତୁମେ



ଅଜିତ ପାଢ଼ି

ଆବାହକ ତୁମେ !
ଜୀବନ୍ତ ତବ ରୂପ ରୌଦ୍ର!
ରୁଦ୍ର ତୁମେ ।
ଗରିଲା ଯୁଦ୍ଧ ର ସଂଘର୍ଷ ପୁରୁଷ
ଡିଆଁମାରି ଲମ୍ଵ ଗିରିବନ
ଭାରତ ଭାଗ୍ୟ ବିଧାତା
ଖୋଲିଦେଲ "ଭାଷାକୋଷ"
ସ୍ଵତନ୍ତ୍ରତାର ସୁଭାଷ
ନଖୋଜତା ଭିତରେ ।୧।

ଆବାହକ ତୁମେ
ଭାବର ମହତ୍ତ୍ଵ
କମଳ ଆଲୋକ ଅଟଳ ବିଶ୍ୱାସ
ପୋଖରନ ରେ "ପରମାଣୁ"
କାରଗିଲ
ସରହତ ଯୁଦ୍ଧ ଡାକରା ଭିତରେ
ସୁଭାଷଙ୍କ କମଳ ମୁଖ ବର୍ଣ୍ଣରେ ।୨।

ଆବାହକ ତୁମେ ବି ତ
"ବାଲାକୋଟ" ର ଜଘନ୍ୟତା
ପୁଲବାମା ର ହୃଦୟ ଜ୍ଵାଳା

ପ୍ରତିଶୋଧ ଦେଇଦେଲ ଆକାଶ ବକ୍ଷରେ
ଜୟ ଅଭିନନ୍ଦନ ଜୟ ବର୍ଦ୍ଧମାନ
"ନୌସାର୍" ରେ ଧ୍ୱଂସ କଲ
ପି.ଏ.ଇ ୧୬ ବିମାନ
ଲଜ୍ଜିତ ପାକସ୍ତାନ
ଆବାହକ ଡାକର୍ ଭିତରେ ।
"ଡୋକଲାମ"ରେ ବୋମାମାଡ
ଗଗନ ଚୁମ୍ବି "ରଫେଲ"
ଲଜ୍ଜିତ ଚାଇନା
ସୁଭାଷଙ୍କ କମଳ ମୁଖବର୍ଣ୍ଣର ।୩ ।

ନବୀନ ଆଲୋକ ବିକାଶ ର ପଥେ
ଜାତି ଧର୍ମ, ହୃଦୟ ବର୍ଣ୍ଣରେ
"ଶୁଭେ ଶଙ୍କ"
ଜନ୍ମମାଟି ସୁଭାଷ ଙ୍କ
କଳଙ୍କ ନଗରେ
ହୃଦୟ ବାଣ୍ଟୁଛ
କରୋନାର କରାଳ ସ୍ରୋତରେ ।୪ ।

ଘାସିରାମ ମାଝୀ ହାଇସ୍କୁଲ,
ନୂଆଗାଁ

# ଅଚହ୍ନା ବନ୍ଧନ

(ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ଜୀବନରେ ଅନେକ ସ୍ୱପ୍ନ ଆଶେ, ଆକାଂକ୍ଷା, ଅଭିଳାଷ, ସୀମାହୀନ ପରିଧି ଭିତରେ । ସମସ୍ତିଙ୍କର ଏକ ସମ୍ଭାବିତ ସକାଳ ପାଇଁ ଅପେକ୍ଷା । ସ୍ୱର୍ଣ୍ଣାଭ ସକାଳର ଦୀପ୍ତିରେ ଉଦ୍ଭାସିତ ଏଇ ଆଶା-ବିଶ୍ୱାସର ଭାଷା ଉଚ୍ଚାରିତ ହେଇ ଆସୁଛି ଅନେକ ଦିନରୁ । ଅନେକ ସକାଳ ଯାଇ ସଞ୍ଜ ଆସୁଛି । ରାତ୍ରି ପାହି ଅବସ ହେଉଛି । ହେଲେ ସେହି ଅନନ୍ତ ପ୍ରତୀକ୍ଷାରେ ଶୁଭ ସକାଳଟି ଆସିବ କେବେ ସେହି ସ୍ୱପ୍ନର ମଧୁ କାକଳଭରା ଶୁଭ ସକାଳ କଣ ଅଦୃଶ୍ୟ ଡିମିରିଫୁଲ ହୋଇ ରହିଯିବ ସମସ୍ତଙ୍କ କଳ୍ପନା ରାଜ୍ୟରେ ? ସମାଜ ହାଟକୁ ଓହ୍ଲେଇ ପଡିଲେ ବ୍ୟବସାୟୀଙ୍କଠାରୁ ଗ୍ରାହକ ପର୍ଯ୍ୟନ୍ତ ସମସ୍ତଙ୍କର ଭିଡ ଓ ସଉଦା ବିକ୍ରି ଚାଲିଛି ସୁନ୍ଦର ଭାବରେ । ସମସ୍ତେ ବେଶ ବିକୁଛନ୍ତ ଆଉ କଣୁଛନ୍ତ ମଧ୍ୟ । ଖାଲି ଭାବରେ ଆଦାନପ୍ରଦାନ, କନ୍ତୁ ସେ କୋଳାକୋଳ ଅନ୍ତରଙ୍ଗତାର ସୁଅ ଅଛି କ ? ଭଲ ପାଇବାର ବିଶ୍ୱାସ ଦେଖିବାକୁ ମିଳୁଛି । ଅବିଶ୍ୱାସର ପରିଚୟ ସୃଷ୍ଟି କରେ । ସାମ୍ପ୍ରତିକ ସମାଜ ଆଡକୁ ମୁହଁ ଲେଉଟାଇଲେ ମନଟା ଖଟକା ଧରେ । ବିତୃଷ୍ଣା ଆସିଯାଏ ସମ୍ପର୍କୀୟମାନଙ୍କ ଗହଳରେ । ଘୁଣଖିଆ ସମାଜରେ ଆମର ଗତି ଊର୍ଦ୍ଧାୟିତ ନା ନିମ୍ନକୁ ଭାବିଲେ ବିସ୍ମିତ ହେବାକୁ ପଡେ । ଦୃଷ୍ଟିର ଧାରା ଉପରେ ତଳକୁ ଧାରା" କୁଓଲଟାଇଦେଲେ "ରାଧା" ହୋଇଯାଏ । ଯାହାର ଗତି ନିମ୍ନରୁ ଊର୍ଦ୍ଧ୍ୱକୁ ଅର୍ଥାତ ଜୀବାତ୍ମାର ଗତି ପରମାତ୍ମା ଆଡକୁ । ଏହି ମହାନ ସତ୍ୟ ଆଜିର ସମାଜ ମାନବାକୁ ବେଳେବେଳେ ନାରାଜ ହୋଇପଡେ । ଆଧୁନକତାର ତନ୍ତ୍ରରେ ଛନ୍ଦିହୋଇ ନିଜକୁ ଶ୍ରେଷ୍ଠ ମନେକରି ସ୍ୱାଧୀନତାର ଅପବ୍ୟବହାର କରିଚାଲୁଛି ।

ଓଡିଆ ସଂସ୍କୃତିର ମୂଳ ଗୀତାକୁ ବିଶ୍ଳେଷଣ କଲେ ଜଣାଯାଏ । କେତେ ଚମତ୍କାର କଥା, ଅମୃତମୟ ପ୍ରୀତି ପବିତ୍ର ପର୍ଯ୍ୟାଲୋଚନା । ବିଶାଳ ବ୍ୟକ୍ତିତ୍ୱର ଉପସ୍ଥାପନା ।

ଭକ୍ତ, ପ୍ରେମ, ବିଶ୍ୱାସର ମହାମିଳନ । "ଆସିଛୁ ନଙ୍ଗଳା ତୁ ଯିବୁ ଶୂନ୍ୟ ହୋଇରେ" । ଅତିସତ୍ୟକୁ ପ୍ରତିଷ୍ଠିତ କରାଯାଇଛି । ଏହାକୁ ଯଦି ମନୁଷ୍ୟ ବିଶ୍ଳେଷଣ କରିପାରନ୍ତା, ତେବେ ଆଜିଏତେ ପରିମାଣରେ ସ୍ୱାର୍ଥପର, ହିଂସ୍ରକ, ବିବେକଶୂନ୍ୟ, କାମନାସକ୍ତ ତଥା କୁସଂସ୍କାରକୁ ଆଲିଙ୍ଗନ କରି ସମାଜକୁ କଳୁଷିତ କରିବାକୁ ଆଗେଇ ଆସନ୍ତା ନାହିଁ । ନିଜର ସ୍ୱାଭିମାନର ଅହଂକାରରେ ପରିବାରର ସୁଖଶାନ୍ତକୁ ବଳ ପକାଇ ବିଶୃଙ୍ଖଳିତ କରନ୍ତା ନାହିଁ । ଜନ୍ମ ସମୟରେ କିଏ କଣ ନେଇ କରି ଆସିଥିଲା ଯେ ହଜିଗଲେ, ଦେଇଦେଲେ କି ଭାଙ୍ଗିଗଲେ ମନ ଦୁଃଖ କରି ଘୃଣାରେ ଅଶାନ୍ତ ସୃଷ୍ଟି କରିବା କଣ ମଣିଷପଣିଆ ? ଏକମାତ୍ର ସତ୍ୟ "ଏକା ଆସିବା ଏବଂ ଏକା ଯିବା" ଆଉ ସବୁ ମିଛ । ଏହା ପରେ ବି ମନ ଭିତରେ ଝଡ ଆଙ୍କିବସେ କାମନା ବାସନାରେ ଅହଂକାର, ଯାହାକୁ ନେଇ ସଂସ୍କାରହୀନ ଜୀବନ ଆପଣେଇବାକୁ ପଡିଥାଏ । ଏହି ମହାନ ତତ୍ୱକୁ ଇନ୍ଦୁମତୀ ଜଗନଙ୍କୁ ଅନେକ ଥର ବୁଝାଇଥିଲେ ଠାକୁର ପୂଜା ସମୟରେ, ଜଗନ ବି ବେଳେବେଳେ ଅନେକ ପ୍ରଶ୍ନ ବାଢିବସେ ।

ମା ମୁଁ କୁସଂସ୍କାରୀହେବି ନାହିଁ । ସତ୍ୟ ପାଇଁ ମୋ ଜୀବନ ତ୍ୟାଗ କରିବି । ଇନ୍ଦୁମତୀ କୁହନ୍ତ, ଧନରେ, ସତ୍ୟ, ନ୍ୟାୟ, କର୍ତ୍ତବ୍ୟ ଆମ ଜୀବନର ମୂଳମନ୍ତ୍ର ହେଲେ ଆମେ ଭଗବାନଙ୍କ ଶରଣ ହୋଇପାରିବା । ଏତେ କଥା ବୁଝାଇ ଥିବା ନୀରିହା ମାଆ ଆଖିରୁ ଝରଝର ହୋଇ ଲୁହ ଝରିପଡୁଥାଏ, ଅତୀତର ପୃଷ୍ଠା ଲେଉଟାଇ ଚାଲିଲେ ଇନ୍ଦୁମତୀ । ଜଗନକୁ ସେତେବେଳେ ଦୁଇ ବର୍ଷ ହୋଇଥାଏ । ସେବେଠାରୁ ଠାକୁର ଘରେ ବସାଇ ଅନେକ ପୁରାଣ, ଭକ୍ତ, କଥାକୁ ବୁଝାଇ କହିଲାବେଳେ ବହୁ ଆନନ୍ଦରେ ମନଦେଇ ଶୁଣୁଥାଏ । ମଝିରେ ମଝିରେ ଅନେକ ପ୍ରଶ୍ନ ମଧ୍ୟ କରିଚାଲେ । ଗୁରୁଜନଙ୍କୁ ପ୍ରଣାମ କରିବାଠାରୁ ଆରମ୍ଭ କରି ମନଦେଇ ପାଠ ପଢିବାରେ କେବେ ଅବହେଳା କରିନାହିଁ । ବିଶେଷ କରି ବାପାଙ୍କ କୌଣସି ଆଦେଶକୁ ତଳେ ପକେଇ ଦେଇ ନଥିଲା । ହେଲେ ଆଜି ବାପାଙ୍କର ଛୋଟିଆ ରାଗକୁ ନେଇ ଲଙ୍କାକାଣ୍ଡ ହୋଇଗଲା । ମଧ୍ୟବିତ୍ତ ପରିବାର ପୁଣି ବ୍ରାହ୍ମଣ ଘର, ଗାଁ ମାନଙ୍କରେ ପୂଜାପାଠ ଚାଲିଥିବା ବେଳେ ଗୁରୁବାର ସଂକ୍ରାନ୍ତରେ ସ୍ତ୍ରୀ ଲୋକ ଆମିଷ ଖାଇବା ସିଦ୍ଧେଶ୍ୱରବାବୁ ସହିପାରିଲେ ନାହିଁ । ରାଗିକରି କଣଟେ କହିଦେଲେ ଯେ ସେଥିରେ ଜଗନ ତା ସ୍ତ୍ରୀ ପକ୍ଷ ନେଇ ଅନେକ ଯୁକ୍ତ ବାଢିବସିଲା । ସୁନନ୍ଦା ବଡ ଘରର ଝିଅ, ତାର ଅଭ୍ୟାସ ଅଛି । ସେ ଆମିଷ ଖାଇବ । ଅସୁବିଧା କଣ ? ଏହି ଯୁକ୍ତକୁ ସିଦ୍ଧେଶ୍ୱରବାବୁ ସହଜରେ ଗ୍ରହଣ କରିପାରିଲେ ନାହିଁ । କହିଲେ – ମୁଁ ବଞ୍ଚି ଥାଉ ଥାଉ ଏମିତି କରାଇ ଦେବିନାହିଁ । ତୁମେମାନେ ଅନ୍ୟଆଡେ ଯାଇ ଖାଇପାର ।

ଠିକ୍ ଅଛି ବାପା, ମୁଁ ସୁନନ୍ଦାକୁ ନେଇ ଚାଲିଯାଉଛି । ଆପଣମାନେ ନୀତିନିୟମ ପାଳନ କରନ୍ତୁ ।

ପୂଜା କହିଲା - ଜଗନ ତୁ ଏତେ ତଳକୁ ଖସିଗଲୁ ବାପାଙ୍କୁ ଉତ୍ତର ଫେରଉଛୁ ?

କାହିଁକ ଫେରାଇବିନି ଦିଦି, ଜଗନ କହିଲା ।

ପୂଜା କହିଲା - ତୁ କଣ ଜାଣିନାହୁଁ ଗୁରୁବାର ସଂକ୍ରାନ୍ତିରେ ଘରେ ଆମିଷ ପଶିବା ମନା । ଖାଇବା ତ ଦୂରର କଥା । ବେଶୀ ଶିକ୍ଷିତ ହୋଇଯାଇଛୁ ତ ସେଥିପାଇଁ ବଡସାନ କଛି ଜାଣିପାରୁନାହୁଁ । ମନଇଚ୍ଛା କଥା କହୁଛୁ ।

ସୁନନ୍ଦା କହିଲା - ମତେ ଏଠାରେ ଗୋଟିଏ ମୁହୂର୍ତ୍ତ ରହିବାକୁ ଇଚ୍ଛା ନାହିଁ ଜଗନ । ମୁଁ ଏବେ ଯିବାକୁ ଚାହୁଁଛି । ଏହି ଘରର ଝିଅମାନଙ୍କର ଅହଂକାର ପାଇଁ ବୋହୂମାନେ ରହିପାରିବେ ନାହିଁ ।

ପୂଜା କହିଲା - ସୁନନ୍ଦା, ତୁମେ ଚୁପ୍ କର । ଏଇଟା ଆମ ଘରର ପ୍ରଥା । ଆମ ଭାଇ ଭଉଣୀର କଥା । ତୁମେ ନାକ ପୂରାଅନା ।

ସୁନନ୍ଦା କହିଲା - ମୋ ସ୍ୱାମୀଙ୍କୁ ଏମିତି କହିବାକୁ ତୁମର କଛି ଅଧିକାର ନାହିଁ । ସେ ସରଳଆ ବୋଲି କଣ ସମସ୍ତେ ମିଶି ଏମିତି କହିବ ? ମୁଁ ସହିପାରିବି ନାହିଁ । ଜଗନ...ଜଗନ... ଶୀଘ୍ର ବାହାର ମୁଁ ଆଉ ରହିବାକୁ ଇଚ୍ଛାନାହିଁ ।

ଜଗନ ଘର ଭିତରୁ କହିଲା - ଠିକ୍ ଅଛି ସୁନନ୍ଦା, ମୁଁ ବାହାରିସାରିଛି । ତୁମେ ଆସ । ସେମାନଙ୍କ ସହିତ ଯେତେ ଯୁକ୍ତି କରିବ, ନିଜର ସମ୍ମାନ ଯିବ । କହି ବାହାରକୁ ଚାଲିଗଲା ।

ଅପରାଧିନୀ ପରି ଆଖିର ଆଖିଏ ଲୁହ ଧରି ପୂଜା କହିଲା - ଜଗନ ଏମିତି କାହିଁକ ଭାବୁଛୁରେ ? ତୁ ଚାଲିଗଲେ ଗାଁ ଲୋକମାନେ କଣ କହିବେ ଜାଣିଛୁ ? ଆମ୍ଭେମାନେ ମୁଣ୍ଡଟେକ ଚାଲିପାରିବୁ ତ ! ତୁ ଟିକଏ ଭାବିଚିନ୍ତି ସିଦ୍ଧାନ୍ତ କର । ଏମିତି କଣ ସାନ ପିଲାଙ୍କ ପରି ସ୍ତ୍ରୀ କଥାରେ କରୁଛୁ ?

ତୁମେ ଚୁପ୍ କର, ସୁନନ୍ଦା କହିଲା । ଯହା କହିଗଲ ଢେରେ । ଆଉ ଇଚ୍ଛା କରନା । ମୁଁ ଗ୍ରଗିଲେ କାହାରି ନୁହଁ ।

ତୁମେ ଗ୍ଭଲ ସୁନନ୍ଦା, ସେମାନେ ବହୁତ ଭୁକବେ କଛି କରିପାରିବେ ନାହିଁ କ କାହାକୁ କଛି କରେଇ ଦେବେନାହିଁ, ଜଗନ କହିଲା । ସୁନନ୍ଦାର ହାତ ଧରି ବାହାରକୁ ଗ୍ଭଲିଗଲେ ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ - ୭୫୪୦୨୨
ଭ୍ରାମ୍ୟଭାଷ -୯୯୩୭୩୪୭୩୧୮

# ଅଧିବର୍ଷର ନବ ନାୟକ



ଦିନେଶ ମେହେର

ନାୟକ ମୁଁ ଅଧି ବର୍ଷର
ବିଂଶ ଶତାବ୍ଦୀର ଗ୍ଯରି ଏକକରେ
ଧରଣୀ ବୁକୁରେ କଲି ସ୍ପର୍ଶ
ଜଗତ ନାଥ ଙ୍କ କରୁଣା ସକାଶେ
ଲଭିଲି ନୂଆଁ ଜୀବନ।
ମାଁ ର ମମତା, ପିତାଙ୍କ କାନ୍ଧ
ମୋ ପାଇଁ ସାଜିଲା ପୂର୍ଣ୍ଣମୀ ଚ୍ଚନ୍ଦ
କ୍ଷୁଦ୍ର ପ୍ରାଣେ କ୍ଷୁଦ୍ର ମନେ
ମାଗୁଣି ମାଗିବି ଜଗତ ହିତ ପାଇଁ,
ବାଟ ଭୁଲି ଅବାଟ କୁ ଯିବିନି
କେବେ କରିବିନି କାହାରି ଅନଷ୍ଟ
ଏହା ତ ମୋ ମନ କଥା
କଳା ଠାକୁର ପାଶେ ଜଣାଏ ବେଦନା
କେବେ ସଜିବିନି କାହାରି ଦୁଃଖର କାରଣ
ପ୍ରତାରଣା ର ଜାଲ ରେ
କେବେ କାହାକୁ ଛନ୍ଦିବିନି,
ହଁ ନାୟକ ମୁଁ !
ବିଂଶ ଶତାବ୍ଦୀର ଗ୍ଯରି ଏକକ ର
ନବ ନାୟକ ମୁଁ,

ଅଧିବର୍ଷ ଦୁଇ ହଜାର ଗ୍ଯରି ର
ନାୟକ ମୁଁ,
ଖୋଲା ବାଦଲ ତଳେ
ଦୁଇ ବାହୁ ମେଲାଇ କହୁଛି
ହଁ ମୁଁ ବିଂଶ ଶତାବ୍ଦୀ ଗ୍ଯରି ଏକକ ର
ନାୟକ ଦିନେଶ
କେବଳ ମୋର ହିଁ
ଏଇ ଅଧିବର୍ଷ।

ପଲ୍ସ, ଜୁନାଗଡ଼, କଳାହାଣ୍ଡି

# ସ୍ୱପ୍ନର ପରୀ



ସୁଶୀଲ୍ କୁମାର ଭୋଇ

ଆସ ମୋ ସ୍ୱପ୍ନରେ ପାହାନ୍ତ ସକାଳେ
ପରୀ ରାଇଜରୁ ଓହ୍ଲାଇ
ଦେଖି ପାରେ ନାହିଁ ତୁମ ମୁହଁ ପ୍ରିୟା
କ୍ଷଣକରେ ଯାଅ ଉଭେଇ .....

ଇଛା ହୁଏ ପ୍ରିୟା ତୁମକୁ ଦେଖିବି
ତୁମ ସାଥେ ପ୍ରେମାଳପ  କରି
ତୁମ ସହ କଛି ସମୟ କାଟିବି
ତୁମ ସାଥେ ସାରା ଜୀବନ ରହିବି .....

ହେଲେ ଯେବେ ତୁମେ ସ୍ୱପ୍ନରେ ଆସୁଛ
ମରୀଚକା ପରି ଉଭେଇ ଯାଉଛ
କ୍ଷଣକେ ଆସୁଛ କ୍ଷଣକେ ଯାଉଛ
ପାଗଳ ଦେଉଛ କରି,
ଯେବେ ନିଦ ଭାଙ୍ଗିଯାଏ
ମନ ହେଉଥାଏ ଝୁରି ......

କଏ ତୁମେ ପ୍ରିୟା ! ଚିହ୍ନା ଦିଅ ଥରେ
ତୁମେ ପରୀ କବା ସ୍ୱର୍ଗର ଅପସରି .....!!!
ତୁମ ଭାବନାରେ ବୁଡ଼ି ମୁଁ ରହୁଛି
ଭାବନାରେ ଦିନ-ରାତି କାଟୁଛି,

ତୁମ ପାଇଁ କେତେ କବିତା ଲେଖୁଛି,
ପୁଣି ତୁମକୁ କେତେ ଝୁରି ହେଉଛି,
ତୁମକୁ ଦେଖିବା ପାଇଁ,,,
ଶୋଇଯାଏ ନଦେ ଅତି ଶିଘ୍ର  ଶେଜରେ
ସ୍ୱପ୍ନରେ ଭେଟିବା ପାଇଁ ....!!!

ଆସ ଯେବେ ତୁମେ ସ୍ୱପ୍ନରେ
ଆଖି ପଲକରେ ସାଇତି ରଖିବା ପାଇଁ
ମନ ହୁଏ ଭରି ଅସ୍ଥିର
ତୁମକୁ ସାଇତିବା ପାଇଁ,,,
ମନେ ଆଙ୍କିଦିଏ ତୁମ ପ୍ରତିଛବି !
ରମ୍ଭା,ମେନେକାଦି ଉର୍ବଶୀ ସବୁ
ତୁମ ଆଗେ ଫିକା ପଡ଼ିଯିବେ
ମୋ ହୃଦୟ ତୁଳୀ ଆଗେ
ତୁମକୁ ଦିଏ ମୁଁ ଆଙ୍କି .....!!!

ତୁମ ପରିଚୟ ଅଜଣା,
ଖୋଜି ହୁଏ ତୁମ ଠିକଣା,
ସ୍ୱପ୍ନରେ ସ୍ୱପ୍ନରେ ଘୁରି ବୁଲୁଥାଏ
ପାଇବାକୁ ତୁମ ଠିକଣା
ଝୁରି ହୋଇଥାଏ ତୁମକୁ ନପାଇ
ଅଧିର ମୁଁ ତୁମକୁ ଦେଖିବା ପାଇଁ
ସ୍ୱପ୍ନ ମୋର ଯାଏ ଲମ୍ବି ,
ହେଲେ ରାତି ଯାଏ ସରି,
ନଦ ଯାଏ ଭାଙ୍ଗି
ଅଧୁରା ରହିଯାଏ ସ୍ୱପ୍ନ
ତୁମକୁ ଦେଖି ନପାରି .....

ଭୁବନେଶ୍ୱର-୨

# ଭାବନାର ଅନ୍ତରାଳେ



ପ୍ରଦୀପ୍ତ କୁମାର ମିଶ୍ର

ମନୁଷ୍ୟ ପୃଥିବୀର ଅନନ୍ୟ ପ୍ରାଣୀ, ସବୁ ପଶୁପରି ସେଗୋଟିଏ ନିମିତ୍ତ ପଶୁଟିଏ କେବଳ ନୁହେଁ ସେ ମଣିଷ ଏକ ସ୍ୱତନ୍ତ୍ର ଅନନ୍ୟ ଗୁଣ ଦେହୀ ଅସ୍ୱାଭାବିକ ଜୈବିକ ସତ୍ତା ଧାରୀ ଅଜବ ସୃଷ୍ଟି।ତେଣୁ କୁହାଯାଇଛି ମାନବ ଦେହେ ଦିବ୍ୟଜ୍ଞାନ ଦେଖି ସନ୍ତୋଷ ଭଗବାନ।

ଏହି ଦିବ୍ୟତା ହେଉଛିହିଁ ତାର ଭାବନା ତାର thinking।ଯାହାର ଭାବନା ଯେତେ ସୁଦୂର ପ୍ରସାରୀ ସେ ଗଣ ମାନଙ୍କ ମଧ୍ୟରେ ଜଣେ କେବଳ।ବେଳେବେଳେ ଏହି ଦିବ୍ୟତା ର ଅଜବ ଚମକ ତାକୁ ମହାପୁରୁଷ ଅଥବା ଈଶ୍ୱରକରି ଗଢିତୋଳିଛି।ସେ ପୁର୍ନତା ପ୍ରାପ୍ତକରି ସ୍ୱତନ୍ତ୍ର ହୋଇପାରିଛି।

ଭାବନା ଦୁଇପ୍ରକାର ଗୋଟିଏ ଅନ୍ତର୍ଭୁକ୍ତ ଭାବନା ଗୋଟିଏ ବହିର୍ଭାବନା ।ଅନ୍ତର୍ଭାବନା ତାର ଅନ୍ତର ତାର ଆନ୍ତବିକାଶର ଅନୁଚିନ୍ତନ ରଖିଥାଏ।ତାକୁ ମନୁଷ୍ୟ ହେବାର ସ୍ୱତନ୍ତ୍ରତା ଦେଇଥାଏ ସେ ସେହିମଧ୍ୟରୁ ପଶୁତ୍ୱରୁ ଆଗକୁ ଯାଇ ଏକ ଅନନ୍ୟ ଚିନ୍ତା ଧାରାରେ ନିଜକୁ ସାମିଲ କରିଥାଏ।ସେ ଅନ୍ତର୍ମୁଖୀ ହୋଇ ଆତ୍ମା ପରମାତ୍ମା ସମ୍ପର୍କରେ ଅନୁଚିନ୍ତନ ଓ ଅନୁଶୀଳନ କରିଥାଏ।ସେ ନିଜକୁ ଅପରିପକ୍ୱ ନରଖି ପରିପକ୍ୱତାର ନମୁନା ଦେଖାଇବାରେ ସମର୍ଥ ହୁଏ।ଭାବନା ହିଁ ତାକୁ ମାନବତା ର ସ୍ୱତନ୍ତ୍ର ତା ଦେଇଥାଏ।ସେ ନିୟନ୍ତ୍ରଣ କରିପାରିନଥାଏ ତାର ଭାବନାକୁ କିନ୍ତୁ ଶୈକ୍ଷିକ ପୁଟ ଦେଇ ବଳବତ୍ତର କରିନିଏ।

ଏହି ଭାବନା ଦ୍ୱାରା ସେ ଜିଜ୍ଞାସୁ ହୁଏ, ଜିଜ୍ଞାସା ହିଁ ତାକୁ ସ୍ୱତନ୍ତ୍ର କରେ।ନିଉଟନ ଆତ ଗଛମୂଳେ ଭାବନାରେ ଲିପ୍ତ ଥିବାବେଳେ ଆପଲ ଟିଏ ଗଛରୁ ଖସି ପଡିବାରୁ ଏହା ଉପରେ ତାଙ୍କର ଅନୁଚିନ୍ତନ କୁ ବଢ଼ାଇ ଦେଇଥିଲେ।ଯାହା ଫଳରେ ସେ ପାର୍ଥିବ ବଳ ସମ୍ପର୍କରେ ଧାରଣା ସାରା ଜଗତକୁ ଅବଗତ କରାଇପାରିଥିଲେ।ମହର୍ଷି କଣାଦ ଯଜ୍ଞକୁଣ୍ଡରୁ ନିର୍ଗମନ ଧୁଆଁ କୁ ଦେଖି ଦେଖି ପଞ୍ଚତତ୍ୱର ମହତ୍ୱ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ବୈଷେସିକ ସୂତ୍ର

ଗ୍ରନ୍ଥ ରଚନାକରି ବୈଦିକ ଯୁଗରେ ବିଜ୍ଞାନ ଓ ଅଣୁଚେତନା ଦେଇପାରିଥିଲେ।ଏହାହିଁ ଭାବନାର ପରିପ୍ରକାଶ ଥିଲା।ଏମିତି ଅନେକଙ୍କ ଉଦାହରଣ ଦିଆଯାଇପାରେ ଯେଉଁମାନଙ୍କର ଭାବନା ଆଜି ଅନେକ ଭାବନାକୁ ପରିବର୍ତ୍ତନ କରିପାରିଛି।ମହାପୁରୁଷ ତୁଳଶୀଦାସ ଏହାର ସଦ୍ୟ ଉଦାହରଣ, ସେ ତାଙ୍କର ରାମାୟଣ କଥାବସ୍ତୁ କୁ ଏମିତି ସୁନ୍ଦର ଓ ସରଳ ଭାବରେ ରଚନାକରି ଥିଲେ  ଯାହା ପ୍ରତ୍ୟେକ ସମୟରେ ଲୋକଙ୍କୁ ଏକ ଆଧ୍ୟାତ୍ମିକ ଅନୁଚନ୍ତନ କୁ ନେଇଯାଏ।ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମର୍ଯ୍ୟାଦା କୁ ପ୍ରତିପାଦନ କରିବାକୁ ଯାଇ ତାଙ୍କର ରଚନା ଅନବଦ୍ୟ କୃତ୍ତି ଅନନ୍ୟ ଭାବନା।ରାମକୃଷ୍ଣ ପରମହଂସ ଙ୍କର ଭାବନା ସାଧନା ଅନୁରାଗୀ ଥିଲା,ସେ ଅନାୟାସରେ ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଦେଇ ଅନେକଙ୍କ ସଂଶୟ ଦୂର କରୁଥିଲେ।ତାଙ୍କର ଭାବନା ଧାରଣା ଉଚ୍ଚକୋଟିର ଥିଲା।ଭାବନା ଦ୍ଵାରା ଅନେକ ସଂଶୟ ଦୂର ହୋଇ ଜୀବନ ଯାପନ ଶୈଳୀର ଉନ୍ନତି ହୋଇଥାଏ।ଥମାସ ଏଡିସନଙ୍କ ଭାବନା ଏତେ ବୁଦ୍ଧିମନ୍ତ ଥିଲା ତାଙ୍କର ପ୍ରତ୍ୟେକ ଭାବନା ପରେ ଗୋଟିଏ ଉଦ୍ଭାବନ ହୋଇପାରୁଥିଲା।

ଭାବନାର ଅନ୍ତରାଳେ ଲୁଚ ରହିଥାଏ ଅଜସ୍ର ସମ୍ଭାବନା, ସମ୍ଭାବନା ରୁ ସୃଷ୍ଟିହୁଏ ଆବିଷ୍କାର ଓ ଉଦ୍ଭାବନ, ତେଣୁ ଭାବନା ଆଛନ୍ନ ମନ ସୃଷ୍ଟିକରେ ସ୍ଵତନ୍ତ୍ରତା।

ଅରେଇ, ଯାଜପୁର

# ମାଆ ଲୋ ମାଆ



ଦୀନବନ୍ଧୁ ପୋଇ

ମାଆଲୋ ମାଆ ମାଆଲୋ ମାଆ
କହୁଛି ମୁହିଁ ତୋ ପରି କେହି ନାହିଁ
ଖୋଜିଲେ ମୁହିଁ ପାଉନି କାହିଁ
ତୋ ସରି ଆଉ କେହି ।।

ତୁ ପରା ଗୋଟେ ମମତା ଥଳି
ପାରିବ କିଏ କଳି
ଯେତେ ବାଣ୍ଟିଲେ ସରେନି ତୋର
ପାଏ ମୁଁ କଲେ ଅଳି ॥

ମୋହରି ପାଇଁ ସକାଳୁ ସଞ୍ଜେ
ଖଟୁ ଯେ ଦିନରାତି
ମୋ ମନେ ସୁଖ ଦେଖିଲେ ତୁହି
ତୋ ଦିନ ଯାଏ ବିତି ॥

ତୋ ଦୁଃଖ କଥା କହି ନୁ କେବେ
କା'ଆଗେ ଶୁଣି ନାହିଁ
ମୋହରି ଦୁଃଖ ପଳାଇ ଯାଏ
ତୋ ମୁଖ ଦେଲେ ଚାହିଁ ॥

ରାଗରୁଷା ମୋ ଦେଖିଲେ ତୁହି
କଅଁଳ କଥା କହୁ
ଭୁଲି ମୁଁ ଯାଏ ମୋ ରାଗରୁଷା
ତୋ କଥାରେ ଥାଏ ମହୁ ।।

ହୋଇଲେ ରୋଗ ଲଗାଇ ଭୋଗ
କହୁ ପ୍ରଭୁଙ୍କ ପାଶେ
ଜଗାର ନାମ ତୁଣ୍ଡରେ ଗାଉ
ଭଲ ହୋଇବା ଆଶେ ।।

ରଖୁଛି ରାଣ ସଭିଏଁ ଶୁଣ
ମାଆ କୁ ସେବା ଦେବା
ତା' ମୁଖେ ହସ ଫୁଟାଇ ଦେଲେ
ବିଶ୍ୱକୁ ଜିତିଯିବା ॥

ଗୋରଡା ପାଳ, ଢେଙ୍କାନାଳ
ଦୂରଭାଷ - ୯୯୩୮୦୨୪୧୨

# କାହିଁକି ଆସ କ'ଣ ତୁମର ଉଦ୍ଦେଶ୍ୟ ?



ଗୌରୀ ମେହେର

ସବୁ ଆଶା, ଆକାଂକ୍ଷା କୁ ଭୁଲିଯାଇ ମନ ଉଣା କରିଥିଲି,,
ତୁମେ ଆସିଲ, ଆଖିରେ ଲାଖିଲ ମନ ହେଲା ଝିଲିମିଲି। ୧

ଦିନ ଯାକର ଦୁଃଖ, ନିରାଶା ରେ ଜଳୁଥାଏ ମରିମରି,,,
ରାତିସାରା ସୁନେଲି ସ୍ୱପ୍ନ ଦେଖେଇ କରମୋତେ ଚୋରି। ୨

ସତେକି ଝାଉଁଳା ଫୁଲରେ ଭରିଦିଅ, ଅପୁର୍ବ ମହକ,,,
ସବୁରାତି କ୍ଷଣିକ ଆସି ଦେଖାଅ ସ୍ୱର୍ଗ ର ଝଲକ।।। ୩

ନିଜ ଉପରେ ଅଭିମାନ କରି କରୁଥାଏ ଖାଲି ଧିକ୍କାର,,
ତୁମେ ଆସି ମନକୁ ମୋ ମନେଇ କରିନିଅ ଆପଣାର। ୪

ପରଦା ପଛରୁ ଆସ, ସାମ୍ନା ରେ ଆସି କରିନାହ ସାବ୍ୟସ୍ତ,
ତମର ଛନ୍ଦ କପଟ ପାଇଁ କେତେ ଯେ ହୁଅନ୍ତି ଅସ୍ତବ୍ୟସ୍ତ।୫

ତୁମ କୁହୁକରେ ରାଜାବି ଚୋର, ଆଉ ଦରିଦ୍ର ବିହୁଏ ରାଜା,
ପୁଣି ଭିକାରୁଣି ପାଏ କୋଟି ଧନ, ରାଣୀ ବି ପାଏ ସଜା।୬

କିଏ ଆକାଶର ଜହ୍ନକୁ ହାତେ ଧରେ, କିଏ ମେଘ ସାଥେ ଭାସେ,,,
କିଏ ପରୀ ରାଇଜରେ ବୁଲେ,କିଏ ଅପସରା ସାଜି ନାଚେ।୭

ଆସଯେ କ୍ଷଣିକ ପାଇଁ ପର ମୂହୁର୍ତ୍ତ ହୁଏ ଆହୁରି ଦୁଃଖମୟ,
ରାତିପାହିଲେ ସେଇ ନିରାଶା,ଜୀବନ ଲାଗେ ବିଷମୟ।। ୮

ହେ ମହାଶୟ ବରଂ ନଆସ, ନ ଦିଅ କ୍ଷଣିକ ସୁଖ ଜୀବନ,,
ଆଖ୍ୟା ପାଇଛ ତୁମେ ସପନ, କେବଳ ସପନ ଆଉ ସପନ। ୯

ଗମ୍ଭାରୀଗୁଡା, ନୂଆପଡା

# ଶିବାନୀ



କୁଞ୍ଜ ବିହାରୀ ସାହୁ

ବାପା ମାଙ୍କର ଗେହ୍ଲା ଝିଅ ଶିବାନୀ ବହୁତ ଅସୁବିଧାରେ ବାହା ହେଇଗଲା । ଗରିବ ବାପ। କୁଆଡୁ କେମିତି ଟଙ୍କାପଇସା ଯୋଗାଡ଼ କରି ବାହାଦେଇଦେଲା ଝିଅକୁ । ପେଣ୍ଠ ସାହି ନୋଳିଆ ବସ୍ତିର କେଉଟ ପୁଅ ଦଣ୍ଡିଆକୁ । କେତେ ଦିନ ନିଜ ଝିଅକୁ ରଖିଥାନ୍ତା ! ଯାହାହେଉ ଶିବାନୀ ଖୁସିରେ ସଂସାର ଚଳେଇଲା।

ନିତିଦିନ ଆଇଁଷ ଟିକେ ନ ହେଲେ ପାଟିକୁ ଭାତ ରୁଚୁନି ଦୁହିଁଙ୍କର। ଖଣ୍ଡେ ହେଇଗଲେ ତ ସବୁଠୁ ଭଲ ।

ଶିବାନୀର ସ୍ୱାମୀ ଦଣ୍ଡିଆ ଡଙ୍ଗା ଧରି ପ୍ରତିଦିନ ନଇ ସମୁଦ୍ରକୁ ଯାଏ । ଦିନସାରା ପରିଶ୍ରମ କରି ସଞ୍ଜ ବେଳକୁ ଫେରେ । ଦିନେ ଦିନେ ଫେରିବେଳକୁ ରାତି ଅଧ ହୋଇଯାଏ । ନିଦ ମଳ ମଳ ଆଖିରେ ଅନେଇବସେ ଶିବାନୀ । ଡେରି ହୋଇଗଲେ ତା ମନରେ ଛନକା ପଶେ । ଏବେ ତ ଏମିତି ବେଳ ଆସିଛି ଯେ ସମୁଦ୍ରରେ ସବୁବେଳେ ଝଡ - ବାତ୍ୟା । କେତେବେଳେ କ"ଣ ହେଇଯିବ, ଭାବି ଭାବି ଡରିଯାଏ । ତଥାପି କୁଳବେଉଷାକୁ ଆପଣେଇ ନେବାକୁ ହେବ । ରାତି ଅଧ ହେଉପଛେ ସ୍ୱାମୀକୁ ଦେଖିଦେଲେ ବହୁତ ଖୁସି ହେଇଯାଏ । ତା ସ୍ୱାମୀ ମଦୁଆ ହେଲେ ବି ସବୁବେଳେ ଘରକଥା ଚିନ୍ତା କରେ । ଡଙ୍ଗାରେ ମାଛ ଧରି ଘରକୁ ଫେରିଲେ ଶିବାନୀ ଖୁସି ହେଇଯାଏ । କୁଣ୍ଢେଇ ପକେଇ ଗେଲ କରିଦିଏ ସ୍ୱାମୀଙ୍କୁ । ରାତିଟା କଟିଯାଏ ମଜା ମଜଲିସରେ । କୁନିପୁଅ ଉଠିପଡ଼େ ଭୋକରେ । ଶିବାନୀ ତା ଛାତିକୁ ପତେଇ କ୍ଷୀର ପିଆଇଦିଏ । କୁନି ପୁଅ ଶୋଇଲାପରେ ପୁଣିଥରେ ସ୍ୱାମୀକୁ ଜାବୁଡ଼ି ଧରେ । କେତେବେଳେ ଯେ ରାତି ପାହିଯାଏ ଜାଣିପାରେନା ଶିବାନୀ ।

ଡଙ୍ଗା ଧରି ସମୁଦ୍ରକୁ ଯିବା କେଉଟ ଘରର କୁଳବେଉଷା । ସେଦିନ ଥିଲା ରବିବାର । ଖୁସିରେ ଖୁସିରେ ଘରୁ ବାହାରିଗଲା ଦଣ୍ଡିଆ। ଅଝାଲ ଧରି ମଝିସମୁଦ୍ରରେ ପହଞ୍ଚିଗଲା ।ହଠାତ ଭୟଙ୍କର ତୋଫାନ ଆସିଲା । ଦଣ୍ଡିଆ କିନ୍ତୁ ଭୟାଳୁ ନୁହେଁ । ଠାକୁରାଣୀଙ୍କ ଆଶୀର୍ବାଦ ଲଦିହେଇଛି ତା ମୁଣ୍ଡ ଉପରେ । ଡଙ୍ଗା ବାହି ଆଗକୁ ଚାଲିଲା । ମନରେ ଉତ୍ସାହ, ଉଦ୍ଦୀପନା । ହେଲେ ଝଡ଼ ତୋଫାନ ଭୟଙ୍କର ହେଲା । ସବୁବେଳେ ତା' ର ସାହାଭରସା ଠାକୁରାଣୀ ମାଆ । ସମୁଦ୍ରରେ ଝଡ଼ ବି ବେଶି ସମୟ ରହିପାରିଲାନି । ଠାକୁରାଣୀ ସତେ ଅବା ସବାର ହେଇଯାଇଥିଲେ ଦଣ୍ଡିଆ ଉପରେ । କଳେବଳେ କୌଶଳେ ଡଙ୍ଗା ସଳଖିଲା । ଚାହିଁଲା ଏଣେତେଣେ । ସାଥୀମାନେ ବି ପାଖାପାଖି ନାହାନ୍ତି । ରାତିସାରା ସମୁଦ୍ରରେ ରହିଗଲା । ସେ ତା ବାପଠୁ ଶୁଣିଛି / ଜାଣିଛି ସମୁଦ୍ରରେ ଝଡ଼ ଉଠିଲେ କେମିତି ମୁକାବିଲା କରିହେବ । ତା ବାପ କହିଯାଇଛି – ବିପଦରେ ସାହସ ଓ ଠାକୁରାଣୀଙ୍କ ଆଶୀର୍ବାଦ ହିଁ ସବୁ ବିପଦରୁ ମୁକୁଳି ହେବ ବୋଲି ।

ସରକାରଙ୍କ ଘୋଷଣାନାମା ଜାରିହେଇଛି ଡାକବାଜି ଯନ୍ତ୍ରରେ କେହି ସମୁଦ୍ରକୁ ନ ଯିବାପାଇଁ। ଶିବାନୀ ଶୁଣିଲା । ଅଧା ରୋଷେଇ କରି ଦାଣ୍ଡପିଣ୍ଡାକୁ ଝପଟି ଆସିଲା, ଆଉ ଶୁଣିଲା ସମୁଦ୍ରରେ ଝଡ଼ ଉଠିଛି । ଛାନିଆ ହେଇଗଲା । ନିଜକୁ ପାପ ଛୁଇଁଲା ।ସେ କିନ୍ତୁ ଅନୁଭବିଛି ତା ବାପ ବି ସାମୁଦ୍ରିକ ଝଡ଼କୁ ସାମ୍ନା କରି ଘରକୁ ଫେରିଆସିଛି ବହୁତ ଥର ।

ସାହିର ଠାକୁରାଣୀ ପାଖରେ ଫୁଲ ଚଢ଼େଇଲା । ମୁଣ୍ଡିଆ ମାରି କାନ୍ଦି କାନ୍ଦି କହିଲା – 'ମାଆ, ତୁ ହିଁ ଏ ବିପଦରେ ମୋ ଶଙ୍ଖାସିନ୍ଦୁରକୁ ବଜ୍ର କରି ରଖିଥା । ମୋ ସ୍ୱାମୀ ଦଣ୍ଡିଆର କିଛି ଅସୁବିଧା ନ ହେଉ । ଭଲରେ ଭଲରେ ମୋ ପାଖକୁ ଫେରିଆସୁ ।'

ଝଡ଼ କମିଗଲା ଅକସ୍ମାତ୍ ।ଫେରିଗଲା ତା' ବାଟରେ । ଦଣ୍ଡିଆ ଠାକୁରାଣୀଙ୍କ ଆଶୀର୍ବାଦ ପାଇଗଲା ବୋଧହୁଏ ! ରାତି ଆକାଶରୁ ଅନ୍ଧାର ପତଳା ଦିଶିଲାଣି । ସାହାସୀ ଦଣ୍ଡିଆ ଡଙ୍ଗାଟିକୁ ଧରି କୂଳକୁ ଫେରିଗଲା । ସେ କିନ୍ତୁ ଏତେ ଥକିଯାଇଥିଲା ଯେ କୂଳରେ ଡଙ୍ଗାଟିକୁ ଥୋଇ ବାଲି ଉପରେ ଶୋଇପଡ଼ିଲା ଚାରିହାତ ମେଲେଇ ।

ସିନ୍ଦୁରା ଫାଟିଲା ପୂର୍ବ ଦିଗରେ । ବାଲି ଉପରେ କଅଁଳିଆ ଖରା । ଥକ୍କା ମାରୁମାରୁ ଦଣ୍ଡିଆ ଯେ ଏତେ ସମୟ ଶୋଇପଡ଼ିଛି, ଜାଣିପାରିଲାନି । ନୋଳିଆ ବସ୍ତିର କେଉଟମାନେ ଆସି ଦେଖିଲେ ଦଣ୍ଡିଆ ଶୋଇଛି ନିଘୋଡ଼ ନିଦରେ । ହଲଚଲ ହେଉନି । ଦଣ୍ଡିଆ ମୁହଁରେ ପାଣି ଛାଟିଲାପରେ ବାଉଳି ଚାଉଳି ହେଲା । ରାତିସାରା ସମୁଦ୍ର ଝଡ଼କୁ ସାମ୍ନା କରି ଫେରିଆସିଛି ସେ ।

ଦଣ୍ଡିଆକୁ ନେଇ ଘରେ ପହୁଞ୍ଚାଇଦେଲେ ସାଥୀମାନେ । ଡଙ୍ଗାରୁ ମାଛ ବାହାରକରି ଠିକ୍ ଠାକ୍ ଭାବରେ ଦଣ୍ଡିଆ ଘରେ ଦେଇଦେଲେ । ଶିବାନୀ ଠାକୁରାଣୀଙ୍କ ପାଖରେ ମୁଣ୍ଡିଆ ମାରୁଥିଲା ଏକ ପ୍ରାଣ, ଏକମନରେ । ଜୀବନରେ ସ୍ୱାମୀ ହିଁ ସବୁକିଛି । ହାତର ଶଙ୍ଖା ଆଉ ମଥାର ନାଲି ସିନ୍ଦୂର ହିଁ ଜୀବନର ପ୍ରକୃତ ଆୟୁଧ । ସେ ସ୍ୱାମୀଙ୍କ ନାଁ ରେ ଶଙ୍ଖାସିନ୍ଦୂର ପିନ୍ଧିଛି, ତାକୁ କୌଣସି ଦୈବ ଦୁର୍ଯୋଗ ଛୁଇଁପାରିବନି । ସେ ଯେ ସତୀ ଅନୁସୂୟା !

ଏତେ ଲୋକଙ୍କ ସହିତ ସ୍ୱାମୀଙ୍କୁ ଦେଖି ଶିବାନୀ ଚମକି ପଡ଼ିଲା । କ'ଣ କିଛି ହେଇଗଲା କି ? ନିଜକୁ ଖାପଛଡ଼ା ମନେକଲା । ନା, ଏମିତି ଅମଙ୍ଗଳ ଭାବିବା ଠିକ୍ ନୁହେଁ । ଯୋଉଠି ସାହିର ଘରିଷ୍ଠ ଠାକୁରାଣୀ ସାହା ଭରସା, ତା ସ୍ୱାମୀ ସଂମ୍ପୂର୍ଣ୍ଣ ନିରାପଦ । କେତେ ମାନସିକ ଯାଚନା କରି ଦଣ୍ଡିଆକୁ ପାଇଛି । ଆଜି ଆଉ ପାଖରୁ ଛାଡ଼ିବନି । ଠାକୁରାଣୀ ମାଆ ତାକୁ କାନି ପଣତରେ ଘଣ୍ଟ ଘୋଡ଼େଇ ରଖିବେ ।

ସେବାକଲା ଯତ୍ନ ସହକାରେ । ଗୋଡ଼ହାତରେ ତେଲ ମାଲିସ କରିଦେଲା ।ସକାଳର ଶୁଖୁଆପୋଡ଼ା ଖୁଆଇଦେଲା । ସ୍ୱାମୀଙ୍କ ଜୀବନ୍ତ ଅବସ୍ଥାରେ ପାଇ ଠାକୁରାଣୀଙ୍କୁ କୃତଜ୍ଞତା ଜଣାଇଲା । ସାଥୀ କେଉଟକୁ ବିଶେଷ ଧନ୍ୟବାଦ ଦେଲା ।ବାପକୁ ଦେଖି କୁନିପୁଅ ଲଥ୍ କରି ପଡ଼ିଗଲା ବାପ ଛାତି ଉପରେ । କୋଳେଇନେଲା ଗେହ୍ଲାପୁଅକୁ ବାତ୍ସଲ୍ୟ ମମତାରେ । ଖିଲିଖିଲି ହସିଦେଲା କୁନିପୁଅ । ବାପଙ୍କ ଆଖିକୁ ଜଳଜଳ କରି ଚାହୁଁଥିଲା ।ଏକ ଖୁସିର ବାତାବରଣ ଖେଳିଗଲା ଘରଭିତରେ ।

ଏଲ୍.ଆଇ. ଜି - ୧୫ , ନୟାପଲ୍ଲୀ
ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧୪୨୦୪୦

# ଲୁଣ



ଜୁମର ନାଥ ପାତ୍ର

ଅରଟ ଠୁ ପାପୁଲି
କେତେ କଥା କେତେ ଗାଥା
ଇଞ୍ଜୁଡି ଧନ୍ୟ
ଧନ୍ୟ ସେ ସଡିଆ ଗ୍ରହ
ଇଲୋ ବୁଢ଼ୀ ମା' ପଖାଳରେ ଗୋଡ଼ି
ଲୁଣ ମିଳେଇନାହିଁ
ଗୋଳେଇକି ଖାଇଦେ...
ମନେପଡ଼େ ଛୁଆ ବେଳ ପଖାଳ ଖିଆ

ଆସିଲା ପ୍ଲାଷ୍ଟିକ ବୋରା ରେ
ଜରକିଲା ଯେତେ
ଲୁଣିଆ ହେଲେ ବେପାରୀ ସେତେ
ସ୍ୱାସ୍ଥ୍ୟ ବିଭାଗ ନୂଆ ବେପାରୀ ମିଶି
ଖେଙ୍ଗା କୁ କଲେ ଅସ୍ତ୍ର
ପେକେଟ ରେ ମିଳିଲା
ଆୟୋଡିନ ମାର୍କା
ସଫା ଲୁଣ ଅତ୍ର ତତ୍ର

ଥିଲା ପାଞ୍ଜନୂଆ ରେ ଯାହାକୁ ଯେତେ
ଚାଳିଶି ଗୁଣା ହବ ତା ମୂଲ
ଲୋକେ ଭାବିଥିଲେ କି ସତେ

ମୋ ତିନିପାଖରେ ମେଲିଛି ଦରିଆ
ଚାପୁଡ଼ା ଖାଏ ନିଜ ହାତେ

ସବୁଠୁ ସସ୍ତା ଦରବ ଟା ଆଜି
ହଜେଇ ଦିଏ ନିଦ
ବାପକୁ ନ ପୋଷି ଦାଦିକୁ ପୋଷିଲୁ
କିଏ କରେ ପ୍ରତିବାଦ

କିସ ହବ ଏଠି
କହିବା କାହାକୁ
ଖେଙ୍ଗା ଧରିଛି ତ ଠେଙ୍ଗା
ମା' କହେ ଏଠି
ବେଶି ପାଟି କଲେ
ହେଇଯିବୁ ତୁ ନଙ୍ଗା

ହଁ କିସ ଆଉ କରିବା
କପାଳରେ ସିନା କର ମାରିବା
ଇଞ୍ଜୁଡି ବାଲାଙ୍କ ତରକାରୀ ସୁଆଦ
ଦାମୀ ଖୋଳ ଲୁଣରେ
ଟାଉନିଆ ଲୋକ ମୋ'ର କି ଯାଏ
ସତିଆ ଗ୍ରହ ଙ୍କ କଥାରେ

ଛାଡ଼...
ବେଳ ବଦଳିଛି
ଆମେ ବି ବଦଳିବା
ବଦଳିବା ଆମ ନୀତି
ଅରଟ ଠୁ ପାପୁଲି ସବୁ ବଦଳିଛି
ଏ ତ ସମୟର ରୀତି ନୀତି...

# ଭିନ୍ନ ଏକ ପରିଚୟ



ଅଧ୍ୟାପକ ବିପ୍ଲବ କିଶୋର ରଥ

ନିଶବ୍ଦ ସହର
ନୀରବତା ରେ ଜୁଡୁ ବୁଡୁ ରାସ୍ତାଘାଟ
କଳଙ୍କର କଳା ବାଦଲ ରେ ଚାରିଆଡ଼ ଅଦୃଶ୍ୟ
ନୀରବ ଏ ସମୟ ର କାୟାତଳେ
ଲୋଟି ପଡେ କେଇ ବୁନ୍ଦା ଲୁହଟୋପା।

ପୁନରାୟ କଂକ୍ରିଟ ସମାଜ ଭିତରୁ
ଝିଙ୍କାରିର ଝି ଝି ଶବ୍ଦକୁ ଭେଦ କରି
ଚାଲିଆସେ କଳଙ୍କ ର କରୁଣ ସ୍ୱର।

ମୁହୂର୍ତ୍ତକେ ଉତୁରି ପଡେ କେତେ ସ୍ୱପ୍ନ
ନିଜକୁ ଏକାନ୍ତରେ ପଚାରିବାକୁ ଲାଗେ
ସମୟର ଦୋଛକ ରେ
ହାରି ଯାଇଥିବା ପଥିକ କିଏ ମୁଁ ?

ଏଇ ସ୍ୱାର୍ଥବାଦୀ ସମାଜର ଭେଲଭେଟ ପୋଷକର ଅନ୍ତରାଳ ରେ
ବାସ୍ତବତାକୁ ଖୋଜୁଥିବା କ୍ଲାନ୍ତ ପ୍ରଜାପତି କିଏ ମୁଁ ?

ଠିକ ଏତିକି ବେଳେ ପାପର  କାଳିମାକୁ ଚିରି
କିଏ ଯେମିତି ସୃଷ୍ଟି କରେ
ପ୍ରଶ୍ନବାଚ ମୋ ପରିଚୟ କୁ ନେଇ,
ନା ଅଛି ଆଜି ମୋ ରୂପରେ ମାଦକତା
ନା ଇସାରାରେ  ଅଛି ସେ କାମୁକତା,
ଅଛି କେବଳ ପାପର ପଦଚିହ୍ନ ।
ଯାହାକୁ ଧରି ନିଶବ୍ଦ ସହର ରେ ଗଢ଼ିଛି
ମୁଁ ଏକ ଭିନ୍ନ ପରିଚୟ ନେଇ ।

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ସ୍ଥିତିପ୍ରଜ୍ଞା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଭୁବନେଶ୍ୱର

# ଡାଇବେଟିସ



ଝରଣା ବାରିକ

ଦିନ ଥିଲା କେହି ବନ୍ଧୁ ଘରକୁ ଆସିଲେ ଜଣା ପଡୁ ନ ଥିଲା । କାରଣ ସେତେବେଳକୁ ମୋବାଇଲ ଫୋନ ର ସୁବିଧା ନଥିଲା।ଯଦି ଲ୍ୟାଣ୍ଡ ଫୋନ ଥିଲା କିନ୍ତୁ ତାହା କେବଳ ବୁଥ ରେ ହିଁ ଥିଲା।ଘରେ ଘରେ ଫୋନ ର ସୁବିଧା ଯମା ବି ନଥିଲା।ମୋ ଆଇ ମୋ ବୋଉ କୁ କହେ ସବୁଦିନ ଟିକେ ଅଧିକ ଚାଉଳ ପକେଇଦେବୁ ।କାଳେ କିଏ କେତେବେଳେ ଆସି ପହଞ୍ଚିଯିବ।ଯେ କେହି ବି ଖରାବେଳେ ଆସି ପହଞ୍ଚେ ତେବେ ଖାଇକି ଯିବାଟା ଥୟ।ଯାହା ବି ରୋଷେଇ ହେଇ ଥାଉ ନାଁ କାହିଁକି। ସେତେ ବେଳକୁ ଘର ମୁଗ ଡାଲି,କଦଳୀମଞ୍ଜା ରାଇ,ବାଡି ରୁ ବିଭିନ୍ନ ପ୍ରକାରର ମିଶା ମିଶି ଶାଗର ଭଜା,ତା ସହିତ ବଡ଼ି ଚୁରା କିମ୍ବା ପୁଦିନା ଚଟଣି ଟିକିଏ,ନହେଲେ ନଡ଼ିଆ ଚଟଣି।ସେଥିରେ ଯୋଉ ସ୍ୱାଦ କହିଲେ ନସରେ।

ଆଜି କାଲି କାହା ଘରକୁ ଯିବା ପୂର୍ବରୁ ଫୋନ କରିକି ଯିବ ନହେଲେ ଉପାସ। ଥଣ୍ଡା ରେ କାମ ଚଳିବ । ଖାଇବାକୁ କହିବେ ସିନା କିନ୍ତୁ ବାଢିବାକୁ ଯିବେନି। ବାଧ୍ୟ ହୋଇ କହିବାକୁ ପଡ଼ିବ ନାଇଁ ମ ମୁଁ ଖାଇକି ଆସିଛି ସାଙ୍ଗେ ସାଙ୍ଗେ।ସେଇଠୁ ବାହାରି ପଛେ ବାଟରେ ହୋଟେଲ ରେ ଖାଇବ କିନ୍ତୁ ଭୋକ ହେଉଛି ବୋଲି କହିବାକୁ ଲାଜ ଲାଗିବ।କାରଣ ସମସ୍ତେ ଏବେ ନିଜ କୁ ନିଜେ ବଡ ଲୋକ ଭାବିଲେଣି।ମୋ ଘରେ ଡାଲି ଶାଗ ଖାଇଲେ କାଳେ ମୋ ଘରର ଇଜ୍ଜତ ମହତ ପଳେଇବ। ଫୋନ କରିକି ଆସିଥିଲେ ଚିକେନ,ମଟନ,ମାଛ, ଅଣ୍ଡା ସବୁ ପ୍ରକାର ସୁସ୍ୱାଦୁ ଭୋଜନ ମିଳିବ ।ତା ଛଡା ଆଉ କେହି ଅଧିକ ଦୁଇ ମୁଠା ଚାଉଳ ବି ପକୋଉ ନାହାନ୍ତି ।କାରଣ ଭାତ ବଳିଲେ ଆଉ କେହି ପଖାଳ ଖାଉ ନାହାନ୍ତି ।ଫୋପାଡିବା ଟା ଥୟ।କାରଣ ଯେ ପରା ଡାଇବେଟିସ ସୁଗାର ର ଯୁଗ।

ସମଲ, ତାଳଚେର, ଅନୁଗୋଳ



# ନାରୀ

ଧରିତ୍ରୀ ନନ୍ଦ

ସୃଷ୍ଟି କାରିଣୀ ସେ ଚିର ବନ୍ଦନୀୟା
ସଦା ଦୁଃଖ ସହୁଥାଏ,
କେତେ ଝଡ଼ଝଞ୍ଜା ଥିଲେ ବି ଜୀବନେ
ସବୁବେଳେ ହସୁଥାଏ।
ଆକାଶ ପରି କା ଉଦାର ସେ ପୁଣି
ମାଟି ପରି ସର୍ବଂସହା,

କେତେ କଷ୍ଟ କେତେ ଯନ୍ତ୍ରଣା ଥିଲେ ବି
ହଉଥାଏ ସଦା ସାହା।
ନାରୀ ସ୍ୱାଧୀନତା ସଶକ୍ତିକରଣ
ପାଇଁ କେତେ ହୁଏ କଣ,
ତଥାପି ଭୟରେ କରି ବିଚରଣ
ଦେବାକୁ ପଡେ ତା ପ୍ରାଣ।
ନାହିଁ ତା ମନରେ ହିଂସା ପ୍ରତାରଣା
କିମ୍ବା ନାହିଁ ଅବଶୋଷ,
ଅନ୍ୟ ଖୁସି ପାଇଁ ସଲିତା ପରିକା
ଜଳି ଜଳି ହୁଏ ଶେଷ।

+2 ଦ୍ୱିତୀୟ ବର୍ଷ (ବାଣିଜ୍ୟ)
ଜ୍ୟୋତିବିକାଶ କଲେଜ (+2)
ଭଇଁଷା, ବଲାଙ୍ଗୀର

# ମଧୁର ସ୍ମୃତି



ଲିଜା ବଢ଼େଇ

ଅତୀତକୁ ମୁହଁ ଦେଇଛି ହଜେଇ
ସ୍ମୃତିର ସାଗର କୋଳେ,
ଫେରିଆସେ ନାହିଁ ସେ ଅତୀତ କେବେ
ଯେତେ ମନ ଖୋଜୁଥିଲେ।
ସେନେହ ମମତା କାହିଁ ଆଉ ମିଳେ
ଯହିଁ ଦେଖ କାରବାର,
କାହାକୁ ଭରସି ଜୀବନ ବଞ୍ଚିବୁ
ଏଠି ନୁହେଁ କେ କାହାର।
ଆଉ କି ଫେରିବ ପିଲା ଦିନ ମୋର
ସାଂଗ ସାଥୀ ଧୂଳି ଖେଳ,
ଯେତେ ଖୋଜିଲେ ବି ପାଇବିନି ଆଉ
ସାଂଗ ସାଥିଙ୍କର ମେଳ।
କର୍ମର ଜଞ୍ଜାଳେ ବନ୍ଧା ସବୁ ଲୋକ
ସମୟ ନାହିଁ କା ପାଖେ,
ଅତୀତ ସ୍ମୃତିକୁ ମନେ ପକାଇଲେ
ଆଖିରୁ ଯେ ପାଣି ଝରେ।
ହଜିଛି ଅତୀତ ହଜି ପିଲା ଦିନ
ମୋ ଠାରୁ ବହୁତ ଦୂର,
ସମୟର ନଇଁ ନେଇଛି ଭସେଇ

ନ ଆସିବ ପାଖ ମୋର।
ଫେରିଆସୁ ମୋର ସେ ଅତୀତ ଦିନ
ଝୁରେ ଯାହା ସବୁଦିନ,
ହାତ ପାପୁଲିରେ ଧରା ଦେଇଯାଉ
ହସୁଥିବା ଛୁଆଦିନ।
ସମସ୍ତଙ୍କ ସ୍ନେହ ସମସ୍ତଙ୍କ ପ୍ରେମ
ଝରି ପଡୁ ମୋ ଉପରେ,
ସେହି ମମତାର ସ୍ପର୍ଶ ପାଇ ମୁଁ ଯେ
ହସୁଥିବି ଜୀବନରେ।

+2 ଦ୍ୱିତୀୟ ବର୍ଷ
ଜ୍ୟୋତିବିକାଶ କଲେଜ(+2)
ଭଇଁଷା, ବଲାଙ୍ଗୀର

# ସି ଟି ବି ଟି



ପ୍ରତାପ ଚନ୍ଦ୍ର ସାହୁ

ନିରସ୍ତ୍ରି କରଣ ଦିଗରେ ସମ୍ପ୍ରତିକ କାଳରେ ସବୁଠାରୁ ଗୁରୁତ୍ଵ ପୂର୍ଣ ତଥା ବିବାଦ ମନ ବିଷୟ଼ ଟି ହେଉଛି"ସି ଟି ବି ଟି"ବା. C. T. B. T.(comprehensive test ban treaty)। ଏହି ଚୁକ୍ତି ର ଉଦେଶ୍ୟ ହେଉଛି ଅସ୍ତ୍ର ଶାସ୍ତ୍ର ପରୀକ୍ଷା କୁ ସମ୍ପୂର୍ଣ ନିଷେଧ କରିବା। ଏ ସମ୍ପର୍କ ରେ ୧୯୯୪ ମସିହା ଜାନୁଆରୀ ମାସରେ ଜେନେଭା ରେ ଅନୁଷ୍ଠିତ ନିରସ୍ତ୍ରି କାରଣ ସମ୍ମିଳନୀ (conferrence on disarmament) ଅଲୋଚନା ଆରମ୍ଭ ହୋଇଥିଲା ଏବଂ ଏ କ୍ଷେତ୍ର ରେ ଭାରତ ଓ ଯୁକ୍ତ ରାଷ୍ଟ୍ର ଆମେରିକା ଥିଲେ ଯୁଗ୍ମ ଉଦ୍ୟୋକ୍ତା।ଏହାର ଦୁଇ ବର୍ଷ ପରେ ୧୯୯୬ ମସିହା ସେପ୍ଟେମ୍ବର ମାସ ରେ ଜତିସଙ୍ଘ ର ସାଧାରଣ ପରିଷଦ ରେ ଚୁକ୍ତିର ଚିଠା ଉପସ୍ଥାପନ କରାଯାଇ ଥିଲା ।ଏହା ସପକ୍ଷ ରେ ୧୮୫ ଟି ରାଷ୍ଟ୍ର ଭୋଟ ଦେଇଥିଲେ ମଧ୍ୟ ଚୁକ୍ତିରେ ଦୋଷ ତ୍ରୁଟି ଦର୍ଶେଇ ଭାରତ,ଭୁଟାନ୍ ଓ ଲିବିୟ଼ା ଏହି ୩ ରାଷ୍ଟ୍ର  ବିରୋଧ କରିଥିଲେ।ଭାରତ ଅସ୍ତ୍ର ଶାସ୍ତ୍ର ପରୀକ୍ଷା ନିରୋଧ ଚୁକ୍ତି କୁ ସମର୍ଥନ କରୁଥିଲେ ସୁଦ୍ଧା ଏହି ତ୍ରୁଟି ପୂର୍ଣ ଚୁକ୍ତି କୁ ବିରୋଧ କରିଥିଲା । ବର୍ତମାନ ର ପ୍ରତିଯୋଗିତା ମୂଳକ ଦୁନିଆ ରେ ସମସ୍ତ ବଡ଼ ରାଷ୍ଟ୍ର ଚାହନ୍ତି,ସମଗ୍ର ବିଶ୍ଵ ରେ ତାଙ୍କର ଦବଦବା ରହୁ। ଭାରତ ସମ୍ପୂର୍ଣ ନିରସ୍ତ୍ରିକରଣ ଉପରେ ବିଶ୍ଵାସ କରୁଥିଲେ ବି ବିଭିନ୍ନ କାରନରୁ ଏହି ତ୍ରୁଟି ପୁର୍ଣ୍ଣ ଚୁକ୍ତିରେ ସ୍ଵାକ୍ଷର  କରିବାକୁ ଅନିଚ୍ଛୁକ।ବିଶ୍ଵ ର ପ୍ରମୁଖ ଓ ପ୍ରଧାନ ଅସ୍ତ୍ର ଶସ୍ତ୍ର ଅଧିକାରୀ ରାଷ୍ଟ୍ର ମାନେ ହେଲେ ଆମେରିକା, ଚିନ୍, ବ୍ରିଟ୍ରେନ୍ ରୁଷ ଓ ଫ୍ରାନ୍ସ।ଭାରତ ଏ କ୍ଷେତ୍ର ରେ ଗୌଣ ରାଷ୍ଟ୍ର ।ଭାରତ ର ଦାବି ଥିଲା ପ୍ରଥମେ ବୃହତ ରାଷ୍ଟ୍ର ମାନେ ସେମାନଙ୍କ ପାଖରେ ଗଚ୍ଛିତ କରି ରଖିଥିବା ଅସ୍ତ୍ର ଶାସ୍ତ୍ର କୁ ନଷ୍ଟ କରନ୍ତୁ କିମ୍ବା ପ୍ରତିଶୃତି ଦିଅନ୍ତୁ ଲିଖିତ ଆକାରରେ ନଷ୍ଟ କରିବେ ବୋଲି।ତା ପରେ ଯାଇ ବର୍ତ୍ତମାନ ର ଚୁକ୍ତି ରେ ଭାରତ ସ୍ଵାକ୍ଷର କରିବ।ଏହି ଚୁକ୍ତି ପଛରେ ଆମେରିକା ଓ ରୁଷ୍ ର କିଛି ଷଡଯନ୍ତ୍ର ଥିବାର ଅନୁମାନ କରାଯାଏ।କିଛି ରାଷ୍ଟ୍ର ନିଜର ଅଧିପତ୍ୟ ବିସ୍ତାର କରିବାକୁ ଚାହୁଁ ଥିବାରୁ ଭାରତ ଏହାର ତୀବ୍ର ବିରୋଧ

କରୁଥିଲା।କିଛି ଏହି ଭଳିଆ ରାଷ୍ଟ୍ର ନିଜେ ଅଣୁଅସ୍ତ୍ର ରେ ବଳ ଶାଳୀ ହୋଇ ଅନ୍ୟ କୌଣସି ରାଷ୍ଟ୍ର ଏ ଦିଗରେ ଆଉ ସୁଯୋଗ ନ ଦେବାକୁ ଏହି ଚୁକ୍ତି ଦ୍ୱାରା ଚକ୍ରାନ୍ତ କରାଯାଇ ଥିଲା।ଆମେରିକା ଏ ପର୍ଯ୍ୟନ୍ତ ସର୍ବାଧିକ ୧୧୦୦ ଊର୍ଦ୍ଧ ଓ ଚିନ୍ ସର୍ବାଧିକ ୧୦୦୦ରୁ ଊର୍ଦ୍ଧଆଣବିକ ପରୀକ୍ଷା କରିଥିବା ବେଳେ ୮୦୦୦ ଓ ୮୫୦୦ରୁ ଊର୍ଦ୍ଧଅଣୁଅସ୍ତ୍ର ଯଥାକ୍ରମେ ଗଚ୍ଛିତ ରଖିଛନ୍ତି।ଏହା ପଛକୁ ରୁଷ ରହିଛି।ବେଳେ ବେଳେ ଜନମତ କୁ ଉପେକ୍ଷା କରି ତଥା ଜତିସଙ୍ଘ ର ନିର୍ଦ୍ଦେଶ କୁ ବେଖାତିର କରି ଉପରୋକ୍ତ ରାଷ୍ଟ୍ର ମାନେ ପରମାଣୁ ଅସ୍ତ୍ରର ପରୀକ୍ଷା କରିଛନ୍ତି ।

ତେଣୁ ଭାରତ ର ସ୍ୱଷ୍ଟ ଆଭିମୁଖ୍ୟ ହେଉଛି ଏହି ଉପ-ମହଦେଶ ର ୧୧୦ କୋଟି ଲୋକ ଙ୍କର ନିରାପତ୍ତା ପ୍ରତି ଆଖି ବୁଜି ଦେଇ ବୃହତ ଶକ୍ତି ମାନଙ୍କର ଏହି ଷଡଯନ୍ତ୍ର ମୂଳକ ଚୁକ୍ତିରେ ସ୍ୱାକ୍ଷର କରିବା ନିରାପଦ ନଥିଲା ବୋଲି ଅନୁଭବ କରିଥିଲା।୧୯୯୭ ମସିହା ଏପ୍ରେଲ୍ ମାସ ରେ ନୁଆଁ ଦିଲ୍ଲୀ ରେ ଅନୁଷ୍ଠିତ ହୋଇଥିବା ଗୋଷ୍ଠୀ ନିରେପେକ୍ଷ ରାଷ୍ଟ୍ର ସମ୍ମିଳନୀ(N. A. M) ରେ ପୁଣି ଥରେ ଦୃଢତାର ସହିତ ପ୍ରସ୍ତାବ ଉତଥାପନ କରି କହିଥିଲା ଯେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟ ରେ ସମଗ୍ର ପୃଥିବୀ କୁ ପରମାଣୁ ମୁକ୍ତ କରାଯାଉ। ଭାରତ ଏକ ଶାନ୍ତି କାମି ଦେଶ ।ବିଭିନ୍ନ ସମୟ ରେ ଭାରତ, ବିଶ୍ୱ ର ଶକ୍ତି ଶାଳୀ ରାଷ୍ଟ୍ର ମାନଙ୍କୁ ନିବେଦନ କରି ଆସିଛି ଅଣୁଅସ୍ତ୍ର ପ୍ରତିଯୋଗିତା ବନ୍ଦ କରିବାକୁ।କିଛି ରାଷ୍ଟ୍ର ନିଜର ପ୍ରତିରକ୍ଷା ବ୍ୟୟ ୫୦ ଭାଗ କମାଇ ଦେବାକୁ ପ୍ରତିଶୃତି ବି ଦେଇଛନ୍ତିଓ ଅଣୁ ଅସ୍ତ୍ର ପରୀକ୍ଷା ନ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ନିରସ୍ତ୍ରିକରଣ ଓ ଅଣୁଅସ୍ତ୍ର ପରୀକ୍ଷା ନିଷେଧ ଚୁକ୍ତି ସହିତ ବିଶ୍ୱ ରାଜନୀତି ଅଙ୍ଗାଙ୍ଗି ଭାବେ ଜଡିତ। ସମ୍ପ୍ରତିକ ପରିସ୍ଥିତିରେ ଚିନ୍ ହେଉ କି ଆମେରିକା ହେଉ ଏକ ଅପ୍ରତିଦ୍ୱନ୍ଦି ଶକ୍ତି ଭାବେ ଦଣ୍ଡାୟମାନ ହୋଇ ବିଶ୍ୱରାଜନୀତି ତଥା ଅର୍ଥନୀତି କୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କରୁଛନ୍ତି।ପାକିସ୍ତାନ ଅଣୁ ଅସ୍ତ୍ର ର ଅଧିକାରୀ ହେବାର ବୃହତ ରାଷ୍ଟ୍ର ମାନେ ଜାଣିଥିଲେବି କିଛି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉ ନାହାନ୍ତି। ଅପର ପକ୍ଷରେ ୧୯୯୮ ରେ ଭାରତ ପୋଖରନ୍ ରେ ବୋମା ପରିକ୍ଷଣ ଘଟଣା ରେ ଆମେରିକା ଭାରତ ଉପରେ ଅର୍ଥ ନୈତିକ ବସନ୍ଦ ଲଗେଇଥିଲା। ଇତ୍ୟବସରରେ ବୃହତ ଶକ୍ତି ରାଷ୍ଟ୍ର ମାନଙ୍କର ଏପରିକି ପାକିସ୍ତାନ ର ମଧ୍ୟ ଅସ୍ତ୍ର ଭଣ୍ଡାର ତିନି ଗୁଣ ବୃଦ୍ଧି ପାଇଛି।ପୃଥିବୀ ରୁ ଯୁଦ୍ଧ ଭୟ ଯେ ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯିବ ଏ କଥାକୁ ବହୁ ରାଷ୍ଟ୍ର ବିଶ୍ୱାସ କରି ପାରୁ ନାହାନ୍ତି।ତେଣୁ ସେମାନେ ନିଜର

ପ୍ରତିରକ୍ଷା ଶକ୍ତି କୁ ଦୁର୍ବଳ କରିବାକୁ ଚାହୁଁ ନାହାନ୍ତି।ଫଳରେ ସେମାନେ ଗୋପନରେ ନିଜ ନିଜର ଅସ୍ତ୍ର ଭଣ୍ଡାର ବୃଦ୍ଧି କରିବାରେ ଲାଗିଛନ୍ତି।କୁହାଯାଏ ଫ୍ରାନ୍ସ ୧୯୯୫ରେ ପ୍ରଶାନ୍ତ ମହସାଗର ରେ ଯେଉଁ ଶକ୍ତିଶାଳୀ ବୋମା ପରିକ୍ଷଣ କରିଥିଲା,ତାହା ଦ୍ୱିତୀୟ ବିଶ୍ୱ ଯୁଦ୍ଧ ରେ ପ୍ରୟୋଗ କରାଯାଇ ଥିବା ହିରୋସିମା ର ବୋମା ଠାରୁ ୫ ଗୁଣ ଅଧିକା ଶକ୍ତିଶାଳୀ ଥିଲା।ବିଶ୍ୱ ଜନମତ କୁ ଭ୍ରୁକ୍ଷେପ  ନକରି ବେଳେ ବେଳେ ଏପରି ଅନେକ ରାଷ୍ଟ୍ର ନିଜର ଆଧିପତ୍ୟ ଜାହିର କରିବାକୁ ଚାହିଥାନ୍ତି,ଯାହାକି ଆଦୌ ଶୁଭଙ୍କର ନୁହେଁ।

ନବରଙ୍ଗପୁର

# ଜଣେ ମାଆଙ୍କ ସ୍ମୃତିରେ



ସନାତନ ଦାସ

ମାଆ ତୁମେଥିଲ ଆମ ସଭିଙ୍କ ଆଦର୍ଶର ପ୍ରତିମା,
ତୁମ ସ୍ନେହଶ୍ରଦ୍ଧା ଆମେ ଭୁଲି ପାରିବୁନି ଯାହାର ନାହିଁ ଉପମା..!!

ଅତି ଆଦରରେ ଡାକିଦେଲେ ଥରେ ମମତା ଝର ଝରିପଡେ,
ସ୍ନେହବୋଳା ସେ ଶାସନ ତୁମର ଦିନରାତି ମନେପଡେ..!!

ଅଦିନରେ କାଇଁ ଛାଡ଼ି ଚାଲିଗଲ ଭାବିଲେ ଲାଗୁଛି ଦୁଃଖ,
ଯେତେ ବିପଦରେ ଆମେ ରହିଥିଲେ ବି ତୁମେ ମନେ ଭରିଦିଅ ସୁଖ..!!

ହାତଛାଡ଼ି ଆମ ଦୂରେ ଚାଲିଗଲ କରି କେତେ ଅଭିମାନ,
ଝୁରିଝୁରି ଆମ ଦିନ ସରିଯାଏ ସିନା ତଥାପି ବୁଝେନା ମନ..!!
ଭୁଲି ପାରିବିନି ଜୀବନରେ କେବେ ତୁମସାଥେ କଟିଥିବା ଦିନ,
ଯେଉଁଠି ଥାଅ ଭଲରେ ଥାଆନ୍ତୁ ପ୍ରଭୁପାଶେ ଏତିକି ନିବେଦନ..!!

ସଅଁର୍, ନାଲିବର୍, ଜଗତସିଂହପୁର
ଦୂରଭାଷ -୯୭୭୬୪୧୪୮୦୫

# ଜୀବନ



ସନ୍ତୋଷ କୁମାର ଅଦାବର

ଜୀବନ ଗୋଟିଏ  ସ୍ମୃତି ଇତିହାସ
ଖଟାମିଠାର ଘଟଣା,
ଜୀବନ ଗୋଟିଏ ପ୍ରେମ ଉପନ୍ୟାସ
ହସଲୁହର ବର୍ଣ୍ଣନା ।୧।

ଜୀବନ ଗୋଟିଏ ସଂପର୍କ କବିତା
ପ୍ରେମ ସ୍ନେହର ଅକ୍ଷର,
ଜୀବନ ଗୋଟିଏ ଗଣିତ ନାଟକ
ମିଶାଣ,ଫେଡାଣ ଖେଳ ।୨।

ଜୀବନ ଗୋଟିଏ ସଂଘର୍ଷ କାହାଣୀ
ଲୁହ କୋହର ଚରିତ୍ର,
ଜୀବନ ଗୋଟିଏ ଭ୍ରମଣ ପ୍ରବନ୍ଧ
ମଧୁର ତିକ୍ତ ର ଚିତ୍ର ।୩।

ଦୂରଭାଷ-୯୭୭୭୯୧୦୭୨୮

# ହଜି ଯାଇଥିବା ଈଶ୍ୱର

[ଏକ ପ୍ରତୀକଧର୍ମୀ ନାଟକ]



ଡକ୍ଟର କିଶୋର ମହାନ୍ତ

ଭୂମିକାରେ.....

ପ୍ରବୀଣାନନ୍ଦଜୀ – ସାଧୁ

ନଚିକେତ – ଆଧ୍ୟାତ୍ମିକବାଦୀ ଯୁବକ

ବିସ୍ମୟ – ଯୁବକ

ବିପ୍ଳବ – ଯୁବକ

ବୃଦ୍ଧା – ମା

ନାରୀ – ଯୁବତୀ

ବିସ୍ମୟ – କଣ ହୋଇଥିଲା ତାଙ୍କର ?

ବିପ୍ଳବ – ପ୍ରଥମେ ତ କିଛି ଜଣା ପଡିଲାନି, ତାପରେ ଡାକ୍ତର ଯେତେବେଳେ ପରୀକ୍ଷା କଲେ, ରିପୋର୍ଟରେ ବାହାରିଲା କ୍ୟାନସର୍ । ଅପରେସନ ଦରକାର । କୋଉଠୁ ଆସିବ ଏତେ ପଇସା ?

ବିସ୍ମୟ – ତୁମେ ପାରିଲନି ।

ନାରୀ – କୋଉଠୁ ତ ହେଲେ ଯୋଗାଡ କରିପାରିଥାନ୍ତ, ସେ ଯେ ତୁମର ମା ।

ବିପ୍ଳବ – ନିଜକୁ ତ ବନ୍ଧା ଦେଇ ପାରିବିନି, କ୍ରୀତଦାସ ତ ହେଇ ପାରିବିନି ! ତାକୁ ବଂଚାଇ ପାରିଲିନି । ଔଷଧ ଟିକିଏ ଦେଇ ପାରିଲିନି । ଜୀବନ ତାର ବଂଚାଇ ପାରିଲିନି, ସେଥିପାଇଁ ଆଜି ମୁଁ ମୋ ନିଜକୁ ଧିକ୍କାର କରୁଛି କି ଦୋଷ କରିଥିଲା ମୋ ନିରିହା ମା ସେ ଏମିତି ନିଷ୍ଠୁର ଦଣ୍ଡ ଭୋଗିଲା କାହିଁକି ?

ନାରୀ – ସେ କମ ଦିନ ପାଇଁ ଆସିଥିଲେ ଆଉ ଚାଲିଗଲେ। ଆପଣ ଆଉ କଣ କରିପାରିଥାନ୍ତେ!

ବିପ୍ଳବ – କିଛି କରି ପାରିଲିନି। ସେମିତି ମୋର ଅଲିଅଳ ଭଉଣୀ ରୁନା, ତାକୁ ମୁଁ ବାହାଦେଇ ପାରିଲିନି। ସେ ରହିଗଲା ଅବିବାହିତା। କୌଣସି ମତେ ଦୁଃଖ କଷ୍ଟରେ କିଛିଦିନ କଟିଗଲା

ବିସ୍ମୟ – ଆଉ କାହାର ସାହାଯ୍ୟ ନେଲନି !

ବିପ୍ଳବ – ସମାଜର ତଥାକଥିତ ବଡପଣ୍ଡାମାନଙ୍କ ଠାରୁ ତ କହୁଚ!

ନାରୀ – ତୁମ ଭାଇ ବନ୍ଧୁ ପାଖପଡିଶା ଯିଏ ସାହାଯ୍ୟ ଦେଉଥିବେ ତାଙ୍କ ପାଖକୁ।

ବିପ୍ଳବ – ଯାଇଥିଲି-ଅନେକ ଥର ଯାଇଛି। ମୋତେ କେତେ ଉପଦେଶ ଦେଇଛନ୍ତି। ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି ସବୁ ପ୍ରତିଶ୍ରୁତି ଫାଙ୍କା ଆବାଜ- ଆଉ କଣ ହେଲା ଜାଣିଛୁ?

ନାରୀ – କଣ ହେଲା-କୁହ-ତୁମର ଭଉଣୀ।

ବିପ୍ଳବ – (କାନ୍ଦି) ନା – ତା କଥା କୁହନ୍ତୁନି ସେ ଥିଲା ମୋ ପାଇଁ ଦେବୀଟିଏ। ଛୋଟ ଛୋଟ ପିଲାମାନଙ୍କୁ ଟିଉସନ୍ କରି ଆଉ ଗୀତ ଶିଖାଇ କିଛି ଆଣୁଥିଲା ଚଳିଯାଉଥିଲୁ। ହେଲେ ଗାଁର ଟାଉଟାର ଧଡି ସାମଲ ତାକୁ ଚାକିରୀ ଦେବା ନାଁରେ...

ନାରୀ – କନ ହେଲା – କଣ କଲା ଧଡି ସାମଲ ?

ବିପ୍ଳବ – ଅନେକ ଖୋଜିଲି, ଗାଁ ଗଣ୍ଡା, ବଣ ପାହାଡ କୋଉଠି ନାହିଁ କୋଉଠି...

ନାରୀ – ପାଇଲନି ତାକୁ-

ବିସ୍ମୟ – କୋଉଠି ହେଲେ ପାଇଲିନି – ବଡ ଆଶ୍ଚର୍ଯ୍ୟ ପୋଲିସ୍ କୁ ଖବର ଦେଲ?

ବିପ୍ଳବ – ସେତେବଳକୁ ସବୁ ଶେଷ ହୋଇଯାଇଥିଲା ବିସ୍ମୟ ବାବୁ! ପାଇଲି!

ନାରୀ – ପାଇଲେ – ପାଇଲେ ତାକୁ?

ବିପ୍ଳବ – ହଁ, ପାଇଲି! ପାଇଲି ବିରୂପା ନଈ ପଠାରେ। ବିଚାରୀ କେତେକଷ୍ଟ ସହିଲା – ଶେଷରେ ସେମାନଙ୍କର ଶୀକାର ହେଲା। ଧଡି ସାମଲ, ଧପ୍ପାବାଜ୍, ବେଇମାନ ଟାଉଟର ନିଜର ସ୍ୱାର୍ଥ ପାଇଁ ନେତାମାନଙ୍କର ଅୟସ ଆରାମ ମଉଜ ମଜଲିସ୍ ପାଇଁ ଝିଅ ବୋହୂମାନଙ୍କର ଇଜ୍ଜତ ନେବାକୁ ବି ପଛାଏ ନାହିଁ। ଏମିତି ଏ ସମାଜ କେତେ କେତେ ଧଡି

ସାମଲ ଭଳି ମୋ ଅଲିଅଳି ଭଉଣୀ ପ୍ରତି ଅତ୍ୟାଚାର, ଏବେବି ଚଳେଇଛନ୍ତି । ସେମାନଙ୍କୁ ଆଜି କିଏ ଶାସ୍ତି ଦେବ? କିଏ ! କିଏ !

ବିସ୍ମୟ - ମୁଁ ଭାବୁଥିଲି ମୋ ଦୁଃଖ ସମସ୍ତଙ୍କଠାରୁ ଅଧିକ ଦେଖିଲି ତୁମ ଦୁଃଖ ମୋ ଦୁଃଖକୁ ବଳି ପଡିଛି ।

ବିପ୍ଳବ - ଆଜି ସେଇଥିପାଇଁ ମୁଁ ସଂସାର ଛଡା, ନା ଘର ଅଛି ନା ଦ୍ୱାର ଅଛି, ଭାବିଲି ଚାଲିଯିବି । ଆଖି କୁଆଡକୁ ମୋତେ ଦେଇଯିବ - ମୁଁ ସିଆଡକୁ ଚାଲିଯିବି ।

ବିସ୍ମୟ - ଭଲ କରିଛ ଏଠିକି ପଳେଇ ଆସି । ମୁଁ ତ ସେଇଆ କଲି । ମୋର ସେ ପୃଥିବୀ ସହ ସମ୍ପର୍କ ନାହିଁ ।

ନାରୀ - ଦୁଃଖରେ ଭାଙ୍ଗି ପଡନି ଆଉ । ଆପଣଙ୍କ ଦୁଃଖ, ବିସ୍ମୟଙ୍କ ଦୁଃଖ ମୋ ଦୁଃଖ ସବୁ ଏକା ନହେଲେ ବା ଲାଗୁଛି ଏକାପରି, ଜଗତରେ ଦୁଃଖ ଅପ୍ରମିତ - ସାରା ଜଗତର ଦୁଃଖ ଆମର ଦୁଃଖ ।

ବୃଦ୍ଧା(ପ୍ରବେଶି) ସବୁ ସରିଗଲା - ସବୁ ସରିଗଲା । ମୋ ପୁଅ ମୋ ପାଖୁ ଫେରି ଆସିବନି-ତୁମେମାନେ ଏଇଠି ଏମିତି ଏକୁଟିଆ ପଡି ପଡି ସଢୁଥିବ ।

ବିସ୍ମୟ - କଣ ହେଇଛି ମା!

ନାରୀ - କଣ ହେଲା?

ବିପ୍ଳବ - କିଛି ଅଘଟଣ ଘଟିଲା କି?

ବୃଦ୍ଧା - ଜାଣିନ - ପ୍ରବୀଣାନନ୍ଦଜୀ ନାହାଁନ୍ତି ।

ସମସ୍ତେ - ମାନେ!

ବୃଦ୍ଧା - ଧ୍ୟାନ ମନ୍ଦିରରୁ ଅଚାନକ....

ନାରୀ - ଅନ୍ତର୍ଦ୍ଧାନ ହେଇଯାଇଛନ୍ତି ।

ବିସ୍ମୟ - ତାହେଲେ ଖୋଜି ପାଇବା କଷ୍ଟ ହେବ । ତାଙ୍କ ସାଥିରେ ନିରାକାର ପରଂବ୍ରହ୍ମ ବି....

ବିପ୍ଳବ - ନିରାକାର କଣ ନାହାଁନ୍ତି?

ନାରୀ - କଣ କରିବା ଏବେ ଆମେ !

ବୃଦ୍ଧା - ନିରାକାର ଖୋଜିବାକୁ ଯାଇଛନ୍ତି!

ବିପ୍ଲବ - ଏହାର ରହସ୍ୟ ତ ଜଣାପଡୁନି ।

ବିସ୍ମୟ - କଣ ଏମିତି ଅସରିପି ପାଇଗଲେ ଯେ, ଏଠୁ ଛାଡି ତାରି ସନ୍ଧାନରେ ଚାଲିଗଲେ କି-ମଣିଷର ମନ!

ବୃଦ୍ଧା - ପାଞ୍ଚମନ ପଚିଶି ପ୍ରକୃତି....ବାବା ।

ବିପ୍ଳବ - କିଏ ବା ଅଛି କେଉଁମତେ ମୁଁ ବା ଜାଣିବି କେମନ୍ତେ !

ବିସ୍ମୟ - ନିରାକାରଙ୍କୁ ଖୋଜି ପାଇବା ତ ! ନିରାକାର ଆମକୁ ଛାଡି ଯିବେନି ତ ଅନ୍ତତଃ ପକ୍ଷେ ସେ ଯିବା ପୂର୍ବରୁ ଆମକୁ କହିପାରିଥାନ୍ତେ । କହିଗଲେ ନାହିଁ କେମିତି ?

ନାରୀ - ପ୍ରବୀଣାନନ୍ଦ ସମାଧିସ୍ଥ ହେଲେ କି ?

ନିରାକାର - (ପ୍ରବେଶି) ନା-ଖୋଜି ପାଇଲିନି - ଅଗନା ଅଗନି ବନସ୍ତରେ ତାଙ୍କୁ ଅବା କୋଉଠି ଖୋଜି ପାରିବି ? ନିରାଶ ହେଇ ଫେରିଲି-ଏବେ ଆମେ କଣ କରିବା ?

ନାରୀ - ଉପାୟ ଖୋଜନ୍ତୁ-ପ୍ରବୀଣାନନ୍ଦଜୀ ଆମକୁ ଛାଡି ଚାଲିଯିବେ-ଆମେ ତାଙ୍କ ବିନା ଏ ଅଲଗା ପୃଥିବୀରେ ନିଶ୍ୱାସ ନେବା କେମିତି ?

ନିରାକାର - ଆସନ୍ତୁ ଆମେ ପୁଣିଥରେ ଧ୍ୟାନ ମନ୍ଦିରକୁ ଯିବା-ସମୂହ ପ୍ରାର୍ଥନା କରିବା, ବାଟମିଳିଯାଇପାରେ... ଆସନ୍ତୁ ସମସ୍ତେ....

ସମସ୍ତେ - ଚାଲନ୍ତୁ...!

(ଅନ୍ଧାର)

କ୍ରମଶଃ........

ସି.ଡି.ଏ, କଟକ

# ପ୍ରକୃତିରାଣୀ



ସନ୍ତୋଷ କୁମାର ବେହେରା

ତିମିରବିଧ୍ୱଂସୀ ଊଷା ଆସିଛି
ପ୍ରକୃତି ରାଣୀସେତ ଚାରୁହାସୀ
ଆଗମନେ ଆଖି ଯାଏ ଝଲସି
ରକ୍ତିମ ଆକାଶେ ତପନ ଆସି ଯେ
ଉଠୁଛନ୍ତି ହସି ହସି ଯେ
ଅରୁଣ କଷାୟ ବାସ ପରିଧାନେ
ହୋଇଛନ୍ତି କେତେ ଖୁସି ଯେ (୧)
ପ୍ରାତଃ କାଳେ ଶୁଭେ କୋଇଲି ସ୍ୱନ
ମଧୁର ଭାଷାରେ କରେ ଗାୟନ
ପକ୍ଷୀସ୍ୱନେ କରୁଛନ୍ତି କୀର୍ତ୍ତନ
ପ୍ରକୃତି ଶୋଭାକୁ କରି ମଣ୍ଡନ ଯେ
କରନ୍ତି କେତେ ଭଜନ ଯେ
ପୂରୁବ ଦିଗରୁ ଧିରେ ଧିରେ ଆସି
ଉଭା ହୋଇଲେ ଭାସ୍କର ଯେ (୨)
ଭାନୁ ଆସି ନିଜେ ଦେଲେ ଦର୍ଶନ
ଚାହିଁ ରହିଥିଲା ତା'କୁ ନଳିନ
ଆସିଲେ ତପନ ଦେଲେ କିରଣ
ତାଙ୍କ ପରଶେ ଫୁଟିଲା ସୁମନ ଯେ
ପ୍ରଫୁଲ୍ଲିତ ହେଲା ମନ ଯେ
ଗୁଣୁ ଗୁଣୁ ଗୀତେ ଭ୍ରମର ଆସିଲା
ଦେଲା ପ୍ରୀତିର ଚୂମ୍ବନ ଯେ (୩)

ଧିରେ ଧିରେ ଧରଣୀ ଆଲୋକିତ
ଅପୂର୍ବ ଶୋଭା ଦିଶଇ ଜଗତ
ପରିଧାନ କରି ସବୁଜ ବସ୍ତ୍ର
ଶସ୍ୟ ଶ୍ୟାମଳାରେ କରି ଶୋଭିତ ଯେ
ହୋଇଛନ୍ତି ଉଭାଗର ଯେ
ନୀହାର ମୁକ୍ତା କୁ ପିନ୍ଧି କେତେ ରୂପେ
ପ୍ରକୃତି ରାଣୀ ସୁନ୍ଦର ଯେ (୪)
ଅସ୍ତଗାମୀ ସୂର୍ଯ୍ୟ କିରଣେ ତା'ର
ସପ୍ତରଙ୍ଗେ ସିନ୍ଧୁ ଦିଶେ ସୁନ୍ଦର
ମାଛରଙ୍କା ପକ୍ଷୀ ତଳୁ ଉପର
ହେଉଥାଏ ସେହି ଥରକୁ ଥର ଯେ
ମୀନକୁ ଲକ୍ଷ ତାହାର ଯେ
ବିହଗ ଫେରନ୍ତି ହୋଇ ମାଳ ମାଳ
ଦିଶନ୍ତି କି ମନୋହର ଯେ (୫)
ସନ୍ଧ୍ୟାରାଣୀ ଆସି ହେଲେ ଆଗତ
ତାରାଗଣମିଶି ହୋଇ ସଜ୍ଜିତ
ଆକାଶ ଦିଶୁଛି କି ଚମତ୍କାର
ଝିକି ମିକି ହୋଇ ଦିଶେ ସୁନ୍ଦର ଯେ
କେ ହେବ ତା ପଟାନ୍ତର ଯେ
ତାରାଗଣ ମଧ୍ୟେ ଚନ୍ଦ୍ରମା ବିରାଜି
ନାଶ କରନ୍ତି ତିମିର ଯେ (୬)

କପସିଲ୍, ତୁଷୁରା, ବଲାଙ୍ଗିର
ଫୋନ:ନ:--୭୭୩୫୬୧୫୧୦୭

# ମାତୃଭାଷା ର ମମତା



ସତ୍ୟବ୍ରତ ମହାପାତ୍ର

ଜାଗ୍ରତ ହୁଅ ହେ ଉତ୍କଳ ସନ୍ତାନ
ଭାଷା ର ସୁରକ୍ଷା ପାଇଁ,
ଭାଷା ନ ବଞ୍ଚିଲେ ଜାତି ଟେକ ନାହିଁ
ପ୍ରାଣ ଥାଇ ଯଶ ନାହିଁ ।1।

ସାହିତ୍ୟ ସଂସ୍କୃତି ଭାଷା ର କଳନା
ବଖାଣି ନ ହୁଏ ଶେଷ,
ମାତୃଭୂମି ମାତୃଭାଷା ଟେକ କଲେ
ଚିରକାଳ ରହେ ଯଶ ।2।

ଜାତି ପ୍ରୀତି ବୀଣା ବାଜୁଥାଉ ସଦା
ସବୁରି ହୃଦୟ ତୀରେ,
ମାତୃଭାଷା ର ମହକ ସୁବାସ
ମହକାଇ ତିନିପୁରେ ।3।

ମାତୃଭାଷା ଅଟେ ଜାତି ପିଣ୍ଡ ପ୍ରାଣ
ଅଟେ ଜାତି ପ୍ରାଣ ଧାର,
ଶେଷ ସୀମା ନାହିଁ ମାତୃଭାଷା ର
ଅସୀମ ଜ୍ଞାନ ଭଣ୍ଡାର ।4।

ମାତୃଭୂମି ମାତୃଭାଷା ସ୍ୱାଭିମାନ
ନ ଜାଗିଲେ କେବେ ହୃଦେ,
କାପୁରୁଷ ପଣ ଅଟେ ସେହି ସିନା
ହୃଦୟ କୁ ମୋର ବାଧେ ।5 ।

ମାତୃଭୂମି ମାତୃଭାଷା ର ଆହ୍ୱାନେ
ପୁଣ୍ୟମୟ ଧରାଧାମ,
ସଭିଙ୍କ ହୃଦ ରେ ଜାଗ୍ରତ ଚେତନା
ସାହିତ୍ୟ ସାଧନା ମାର୍ଗ ।6 ।

କୁରୁଡ଼ା, ସୋର, ବାଲେଶ୍ୱର

# ଶୀତ ସକାଳ



ସତ୍ୟନାରାୟଣ ପ୍ରସାଦ ନାୟକ

କାକରରେ ଭିଜା ଶୀତୁଆ ସକାଳ
ତପନ ଦିଅନ୍ତି ବଳ,
କେତେ ଭଲ ଲାଗେ ପହିଲି କିରଣ
ଆମୋଦିତ ତନୁ ମନ ।

ଶୁଭ୍ର ତଟିନୀର ସୁଶୀତଳ ଜଳ
ବହିଯାଏ କଳ କଳ,
ପକ୍ଷୀଙ୍କ କାକଳି ଫୁଲର ସୁରଭି
ପ୍ରକୃତି ର ଉପହାର ।

ପରଜା ପତିର ସୁନ୍ଦର ଡେଣାରେ
ଲାଗିଅଛି କେତେ ଛିଟା,
ଫୁଲରୁ ଫୁଲକୁ ଉଡି ବୁଲୁଥାଏ
ନ ରଖି ମନରେ ଦକା ।

ମୃଦୁ ଗୁଞ୍ଜନରେ ମଧୁପ ଉଡୁଛି
ଫୁଲରୁ ଶୋଷୁଛି ମଧୁ,
ସାଇତି ରଖୁଛି ବିନ୍ଦୁ ବିନ୍ଦୁ ନେଇ
ନ ହେଉ ପଛକେ ସିନ୍ଧୁ ।

ରମ୍ୟ ପ୍ରକୃତି ର ସୁଷମା ଭଣ୍ଡାର
ଈଶ୍ୱର ଙ୍କ ଅବଦାନ
ସଂସାର ଭିତରେ ଅଳିକ ଜୀବନ
ଗୁଣ ଗାଇ ହେଉ ଧନ୍ୟ ।

ରଥ ରୋଡ, ଭୁବନେଶ୍ୱର -2
Mob.-9437764014

# ଅଦେଖା ଦୁଃଖ



ସନ୍ତୋଷ କୁମାର ରାଉତ

ମଧ୍ୟାହ୍ନ ୧୨ଟା ପାଖାପାଖି, ରାସ୍ତାଘାଟ ଶୁନଶାନ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ୯୦-୧୦୦ କ.ମି. ବେଗରେ ଗାଡ଼ି ଗଡ଼ି ଚାଲୁଥାଏ ଆଗକୁ ଆଗକୁ।କୋଇଲିର କୁହୁତାନ, ଠେକୁଆର ରାସ୍ତା ଅତିକ୍ରମ କରିବା, କାର ର ମିରର ଉପରେ ପଡୁଥିବା ସୂର୍ଯ୍ୟ କରଣ ମଧ୍ୟ ଗାଡ଼ିର ବେଗ ଉପରେ କୌଣସି ପ୍ରଭାବ ପକାଉ ନଥାଏ। ଆନନ୍ଦ ବାବୁ ଓ ଡ୍ରାଇଭର ଭିତରେ କଥାବାର୍ତ୍ତା ନାହିଁ। ପାହାଡିଆ ପର୍ବତ ଜଙ୍ଗଲକୁ ଅତିକ୍ରମ କରି ଗାଡ଼ି ଗଡ଼ି ଚାଲୁଥାଏ।

ଆନନ୍ଦ ବାବୁ ହେଉଛନ୍ତି ରାଜ୍ୟର ଗୃହମନ୍ତ୍ରୀ। ତାଙ୍କ ମୁହଁରେ ହସହସ ଭାବନା ନ ଥାଏ ସେ କ୍ଲାନ୍ତ ଜଣା ପଡୁଥିଲେ।ଦୀର୍ଘ ୩୦ ବର୍ଷ ପୂର୍ବେ ରାଜନୀତିରେ ଯୋଗ ଦାନ କରି ବିଭିନ୍ନ ସମୟରେ ବିଭିନ୍ନ ପଦବୀ ଗ୍ରହଣ କରିବା ଠାରୁ ବର୍ତ୍ତମାନ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଏପରି ହତାଶ କେବେ ଦେଖାଯାଇ ନଥିଲେ।ଏଇ ରାଜନୀତିକ ଜୀବନ କାଳ ଭିତରେ ସାଧାରଣ ଲୋକଙ୍କ ସେବା କାର୍ଯ୍ୟରେ ନିଜକୁ ଏପରି ହଜାଇ ଦେଇଥିଲେ ଯେ ସେ ନିଜ ସଂପର୍କରେ ମଧ୍ୟ ଭୁଲି ଯାଇଥିଲେ। ଏପରିକି ବାହା ମଧ୍ୟ ହୋଇନଥିଲେ। ବର୍ତ୍ତମାନ ବାହା ହେବା ମଧ୍ୟ ସମ୍ଭବ ନୁହେଁ କାରଣ ସେ ବୟସର ଅପରାହ୍ନରେ ମାନେ ତାଙ୍କୁ ୫୭ ପୁରି ୫୮ ଚାଲିଛି।

ଆନନ୍ଦ ବାବୁ ଏବେ ଚିନ୍ତିତ। କାରଣ ୭ଦିନ ତଳେ ମାଓବାଦୀ ମାନେ ୨୦ ଜଣ ପୋଲିସ କର୍ମଚାରୀ ମାନଙ୍କୁ ଅପହରଣ କରି ଦାବି ରଖିଛନ୍ତି ତାଙ୍କ ମୁଖିଆକୁ ଛଡାଯାଉ ଓ କମିଙ୍ଗ ଅପରେସନ ବନ୍ଦ କରାଯାଉ। ସେମାନେ ଧମକ ଦେଇ କହିଛନ୍ତି ତାଙ୍କ ଦାବି ପୂରଣ ନହେଲେ ପୋଲିସ ମାନଙ୍କୁ ହତ୍ୟା କରିବେ। ସରକାର ମଧ୍ୟସ୍ଥି ମାଧ୍ୟମରେ କଥାବାର୍ତ୍ତା

ଚଲାଇଛନ୍ତି ପୋଲିସ ମାନଙ୍କୁ ଖଲାସ କରିବା ପାଇଁ କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ନିଷ୍କର୍ଷ ବାହାରି ପାରିନାହିଁ। ତେଣୁ ତାଙ୍କ ମନରେ ଅନେକ ଦୁଃଖ। ଆନନ୍ଦ ବାବୁ ଗୃହମନ୍ତ୍ରୀ ହେବା ସହିତ ଜଣେ ଦରଦୀ ମଣିଷ। ଯେହେତୁ ତାଙ୍କ ଜୀବନର ପ୍ରଥମ ଲକ୍ଷ୍ୟ ଥିଲା ଏକ ଭଲ ପୋଲିସ ଅଫିସର ହେବା ତେଣୁ ପୋଲିସ ମାନଙ୍କ ପ୍ରତି ତାଙ୍କର ଗଭୀର ଭଲ ପାଇବା ଥିଲା।ତେଣୁ ସେ ଚିନ୍ତା କଲେ ନା ଏମାନଙ୍କ ପାଇଁ କିଛି କରିବାକୁ ହେବ। ଏଇ କଥା ଚିନ୍ତା କରି ଆନନ୍ଦ ବାବୁ ଚୁପଚାପ ଥାଆନ୍ତି। ହଠାତ୍ ତାଙ୍କ ମନରେ କ'ଣ ଘଟିଲା କେଜାଣି ଡ୍ରାଇଭରକୁ କହିଲେ ଜଙ୍ଗଲ ଭିତରକୁ ଗାଡ଼ି ପ୍ରବେଶ କରାଇବା ପାଇଁ। ଖାଲ ଢିପ ଅସମତଳ ରାସ୍ତାରେ ଗାଡ଼ି ଗତି କରି ଚାଲୁଥିବା ସମୟରେ ତାଙ୍କୁ ଲାଗୁଥିଲା ସତେ ଯେମିତିକି ତାଙ୍କ ଜୀବନ ମଧ୍ଯ ଅଙ୍କାବଙ୍କା ରାସ୍ତାରେ ଗତି କରୁଛି।ସେ ନିରୁପାୟ ହୋଇ ପଡିଛନ୍ତି।ତାଙ୍କ ପାଖରେ କ୍ଷମତା ଥାଇ ମଧ୍ଯ ସେ ଅସହାୟ।ଦେଶ ସେବକ ମାନଙ୍କ ପାଇଁ କିଛି କରି ପାରୁ ନାହାଁନ୍ତି। ଏସବୁ କଥା ଭାବି ମୁଣ୍ଡ ଗୋଳମାଳ ହୋଇ ଯାଇଛି, ଦର୍ପଣରେ ମୁହଁ ଦେଖିଲା ପରି ଆଖି ଆଗରେ ଭାସି ଉଠିଛି ଅଭୁଲା ଅତୀତ।

ଏ ହେଉଛନ୍ତି ଗୃହମନ୍ତ୍ରୀ ଆନନ୍ଦ ବାବୁ।ବାଲ୍ୟ ଜୀବନରୁ ସେ ଥିଲେ ଶାନ୍ତ,ଶିଷ୍ଟ,ନମ୍ର,ବୋକା ପୁଣି ଅସୁନ୍ଦର। ବାଲ୍ୟ କାଳରେ ନାମ ଥିଲା ତୁମେଶ୍ଵର। ହେଲେ ସେ ଅଧ୍ୟୟନ କରୁଥିବା ଶ୍ରେଣୀରେ ତୁଳେଶ୍ଵର ବୋଲି ଅନ୍ୟ ଏକ ପିଲା ପଢୁଥିଲା। ଶିକ୍ଷକ ନାମ ଉଚ୍ଚାରଣ କଲାବେଳେ ଉଭୟଙ୍କ ମଧ୍ୟରେ ଦ୍ଵନ୍ଦ୍ଵ ସୃଷ୍ଟି ହେବାରୁ ଶିକ୍ଷକ ତୁମେଶ୍ଵରର ନାମ ପରିବର୍ତ୍ତନ କରି କହିଲେ ସେ ସର୍ବଦା ଆନନ୍ଦ ରେ ରହୁଥିବାରୁ ତେଣୁ ଏହାର ନାମ ଆଜିଠୁ ଆନନ୍ଦ ହେଲା। ବାଲ୍ୟ କାଳରେ ସାଥି ପିଲାମାନେ ତାକୁ ବୋକା ବନେଇ ନିଜ କାର୍ଯ୍ୟ ହାସଲ କରି ନେଉଥିଲେ।ଏଇ ନବମ ଶ୍ରେଣୀରେ ପଢୁଥିବା ସମୟରେ ସାଥି ପିଲାମାନେ ଟେବୁଲ୍ ଭାଙ୍ଗିଲେ ହେଲେ ଦଣ୍ଡ ପାଇଲା ସେ।

ସେ ହେଉଛି ବାପା ମାଁ ଙ୍କ ଏକମାତ୍ର ପୁତ୍ର ସନ୍ତାନ ଓ ତାର ଚାରି ଭଉଣୀ।ତା ବାପା ଚାଷ କରନ୍ତି ଓ ମୂଳ ଲାଗନ୍ତି। ସେଥିରେ ତାଙ୍କ ପରିବାର ଚଳେ। ଏମିତି ଦୁଃଖ କଷ୍ଟରେ ଥାଇମଧ୍ଯ ମେଟ୍ରିକ୍ ରେ ୫୦ ପ୍ରତିଶତ ନମ୍ବର ରଖି ପାସ୍ କଲା।ପରେ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରିବା ସହିତ ଯୁକ୍ତ ଦୁଇ ଏବଂ ଗ୍ରାଜୁଏସନ ସମାପ୍ତ କରିଛି।କଲେଜ ପଢୁଥିବା ସମୟରେ ସହପାଠୀ ଓ ସହପାଠିନୀ ମାନେ ତାକୁ ତାଚ୍ଛଲ୍ୟ କରିବାକୁ ପଛାଇ

ନାହାନ୍ତି।ଯାହାର ଫଳ ସ୍ୱରୂପ ସେ କାହାରି ସହିତ ବନ୍ଧୁତ୍ୱ ରଖିନାହିଁ।ଏହି ସମୟରେ ସେ ଗାଁ ଝିଅ ରୀତୁକୁ ଭଲ ପାଇ ବସିଲା ଏକା ଦେଖି ମନ କଥା କହି ଦେଇଛି, ହେଲେ ରୀତୁ ତାହା ଗ୍ରହଣ ନକରି ତାକୁ ବହୁତ ଅପମାନ ଦେଇ କହିଛି ତୋର ସାହାସ କପରି ହେଲା ମତେ ଏମିତି କଥା କହିବାକୁ ପ୍ରଥମେ ତୁ ନଜ ମୁହଁକୁ ଆଇନାରେ ଦେଖ । ସେହି ଦିନରୁ ପ୍ରେମ ପ୍ରତି ତାର ବିମୁଖ ଭାବ ଆସିଛି।

ତାର ଜୀବନର ଲକ୍ଷ୍ୟ ଥିଲା ଜଣେ ପୋଲିସ ଅଫିସର ହେବା। ଏଥିପାଇଁ ସେ ଇଣ୍ଟରଭ୍ୟୁ ମଧ୍ୟ ଦେବାକୁ ଯାଇଥିଲା।ହେଲେ ସେଠାରେ ଅନ୍ୟର ଫିଜିକାଲ ଟେଷ୍ଟଦେଖୁ ଦେଖୁ ତା ନମ୍ବର ଗ୍ଲିଗଲା।ଏଥିପାଇଁ ସେ ପୋଲିସ ମାନଙ୍କୁ ବହୁତ ଅନୁରୋଧ କଲା ତାକୁ ଆଉ ଥରେ ସୁଯୋଗ ଦେବାକୁ ମାତ୍ର ତାକୁ ସୁଯୋଗ ନ ମିଳବାରୁ ସେମାନଙ୍କ ସହିତ ଯୁକ୍ତିତର୍କ କରି ସିଧାସିଧା କହିଦେଲା ସେମାନଙ୍କ ମଣିଷ ପଣିଆ ନାହିଁ।କାରଣ ସେଠାରେ ଅନ୍ୟ ମାନଙ୍କୁ ସୁଯୋଗ ମିଳୁଥିଲା ହେଲେ ତାକୁ ଦିଆଗଲାନା।ସେଦିନ ବହୁତ କଷ୍ଟ ଅନୁଭବ କଲା।ପୋଲିସ ହେବାର ସ୍ୱପ୍ନ ମନରୁ ଲିଭିଗଲା।

ଆନନ୍ଦ ଗରୀବ ଓ ଅଭାଗା ଥିଲା ।ପିଜି କରିବା ଇଚ୍ଛା ଥିଲେ ମଧ୍ୟ କାମରେ ବ୍ୟସ୍ତ ଯୋଗୁଁ ଆବେଦନ ସମୟ ସରି ଯାଇଛି ସେ ଜାଣି ପାରି ନାହିଁ। ତେଣୁ ଏକ ବର୍ଷ ତାର ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ପରେ ବିଶ୍ୱବିଦ୍ୟାଳୟ ରେ ନାମ ଲେଖାଇଛି।ବିଶ୍ୱବିଦ୍ୟାଳୟ ରେ ମଧ୍ୟ ତାକୁ ବହୁତ ଅପମାନ ସହିବାକୁ ପଡିଛି । ତାର ସହପାଠୀ ଓ ସହପାଠିନୀ ମାନେ ତା ଚେହେରାକୁ ନେଇ ବାରମ୍ବାର ହିନସ୍ତା କରିଛନ୍ତି।ମନର ଦୁଃଖକୁ ମନରେ ଗ୍ଳପି ନଜ ଲୁହ ନଜେ ପିଇ ପାଠ ପଢାରେ ମନ ଦେଇ ଜୀବନକୁ ଅତିବାହିତ କରିଛି। କେବଳ ଏକ ଆଗତ ଭବିଷ୍ୟତ ପାଇଁ।

ଏମିତି ଦୁଃଖରେ ଦିନ କାଟୁଥିବା ସମୟରେ ସେଦିନ ବିଶ୍ୱବିଦ୍ୟାଳୟର ଏକ ସମାରୋହକୁ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେଦିନ ଛାତ୍ର ଅଶାନ୍ତ ଦେଖା ଯାଇଥିଲା।ଅସନ୍ତୁଷ୍ଟ ଛାତ୍ରମାନେ ମୁଖ୍ୟମନ୍ତ୍ରୀ ଆଡ଼କୁ ଟେକା ମାଡ଼ କଲା ସମୟରେ ଆନନ୍ଦ ତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲା। ସେହି ଦିନଠାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ ତାର ଘନଷ୍ଠ ସଂପର୍କ ହୋଇଗଲା।ମୁଖ୍ୟମନ୍ତ୍ରୀ ଥିଲେ ଜଣେ ସଚ୍ଚା ଓ ଉଦାରବାଦୀ ମଣିଷ।ସେ ଗରିବ

ଲୋକମାନଙ୍କୁ ବହୁତ ଭଲ ପାଉଥିଲେ ତେଣୁ ଆନନ୍ଦ ବାବୁ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ଯୋଗଦାନ କରିଥିଲା । ଏହି ରାଜନୀତିକ ଜୀବନ କାଳ ଭିତରେ ଲୋକ ମାନଙ୍କ ସେବା କରି କରି କେମିତି ଦିନ କଟି ଯାଉଥିଲା ତାହା ତାଙ୍କୁ ଜଣା ପଡୁନଥିଲା।ଏହି ଅବସରରେ ସେ ତିନଥର ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ଦୁଇ ବର୍ଷ ହେବ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।ହଠାତ୍ ଗାଡ଼ିର ଜୋର୍ ବ୍ରେକ ମାରରେ ସେ ପ୍ରକୃତିସ୍ଥ ହୋଇ ଦେଖିଛନ୍ତି ଜଙ୍ଗଲ ଭିତରେ ତାଙ୍କ ଗାଡ଼ି,କିଛି ଦୂରେ ଶୁଣା ଯାଉଛି ଭୟଙ୍କର ଚିତ୍କାର ଓ ପାଟିତୁଣ୍ଡ।

ଆଖିରେ ଡର ଭୟ ନ ଥିଲା। ଡ୍ରାଇଭରକୁ ଗାଡ଼ି ପାଖରେ ରହିବା ପାଇଁ କହି ନିରବରେ ବଢି ଚାଲୁଥିଲେ ଆଗକୁ, ଯେଉଁଠୁ ଫେରିବା ଆଶା କ୍ଷୀଣ। ହଠାତ୍ ଦୁରରୁ ଥାଇ ଦେଖିଲେ କିଛି ଲୋକ ଅସ୍ତ୍ରଶସ୍ତ୍ର ଧରି ସାମ୍ନାରେ ଥିବା ପୋଲିସ ମାନଙ୍କୁ ମାଡ଼ ମାରୁଛନ୍ତି, ମାରି ଦେବାର ଧମକ ଦେଉଛନ୍ତି। ଏ ଦୃଶ୍ୟ ଦେଖି କିଛି କହିବାକୁ ଚାହିଁଲେ କହି ପାରିଲେନି। ହାତ ଉଠାଇବାକୁ ଚେଷ୍ଟା କଲେ ଉଠିଲାନି। ବାବୁଙ୍କ ଆଖି ଛଳଛଳ ହୋଇ ଯାଇଛି। କିଛି ନ ବିଚାରି କେମ୍ପ ଭିତରକୁ ପଶିଗଲେ। ଉପରକୁ ହାତ ଟେକି ଅନୁନୟ ବିନୟ କୋହଭରା କଣ୍ଠରେ କହିଲେ ସେମାନଙ୍କୁ ମାରନି ଛାଡ଼ିଦିଅ ।ତାଙ୍କୁ କିଛି ପଚାରିବା ପୂର୍ବରୁ ପୁଣି ସେହି କଥା ଦୋହରାଇ କହିଲେ ମତେ ବନ୍ଦି କର ସେମାନଙ୍କୁ ଛାଡ଼ି ଦିଅ। କାହିଁକି ନା ମୁଁ ହେଉଛି ରାଜ୍ୟର ଗୃହମନ୍ତ୍ରୀ ମତେ ବାନ୍ଧିଲେ ତୁମ ଦାବୀ ଶୀଘ୍ର ପୂରଣ ହୋଇପାରେ । ଏକ ଶୋକାକୁଳ ପରିବେଶ ଭିତରେ ପୋଲିସ ମାନଙ୍କ ଆଖିରେ ଲୁହ ଓ ମାଓବାଦୀ ମାନେ ସ୍ତବ୍ଧ ହୋଇଯାଇ ପରସ୍ପରକୁ ଅନାଉଥିଲେ।

ଓଡ଼ିଆ ଅଧ୍ୟାପକ
ଜ୍ୟୋତି ବିକାଶ କଲେଜ(+୨)
ଭଇଁଷା, ପାଟଣାଗଡ଼,ବଲାଙ୍ଗୀର

# ନିରବତା



ସତ୍ୟରଞ୍ଜନ ସ୍ୱାଇଁ

ତୁମ ନିରବତା କରେ ଲୋକହସା
କେମିତି ସହିବି କୁହ
ପ୍ରେମର ନିଆଁରେ ଜଳୁଛି ମୁଁ ଏକା
ତୁମେତ ପାଖରେ ନାହଁ
ତୁମ ନିରବତା...............୧

ଯେଉଁ ଦିନଠାରୁ ତୁମରି ଭାବନା
ହୃଦୟରେ ଗଲା ଘାରି
ସେହି ଦିନଠାରୁ ହୃଦୟ ମୋହର
ତୁମ ବିନା ଗଲା ମରି
ବଞ୍ଚି ମୁଁ ପାରୁନି ତୁମ ବିନା ଏକା
କେମିତି କହିବି କୁହ
ତୁମ ନିରବତା...............୨

ଏକା ଏକା ମୁହିଁ ଚାଲି ପାରୁ ନାହିଁ
ତୁମକୁ ମୁଁ ପର କରି
କହିତ ପାରୁନି ସହିତ ପାରୁନି
ହୃଦୟ ଯାଉଛି ଚିରି
ହୃଦୟ ଭାବନା ଲୁହରେ ଝରଇ

ପାରୁନି ତାକୁ ମୁଁ ସହି
ତୁମ ନିରବତା...............୩

ରାତି ପାହି ଯାଏ ଦିନ ସରିଯାଏ
ସରେନି ମୋହର ଦୁଃଖ
ଅସରନ୍ତି ଦୁଃଖ ଦେଇ ଦେଇ ମୋତେ
ନିରବରେ ତୁମେ ଦେଖ
ମନମୋ କହୁଛି ତୁମେ ସାଥେ ଥିଲେ
ଝରିବନି  ଆଖି ଲୁହ
ତୁମ ନିରବତା କରେ ଲୋକହସା
କେମିତି ସହିବି କୁହ.............୪

ଅବଦଲପୁର, ଯାଜପୁର
ଭ୍ରାମ୍ୟଭାଷ ୯୮୧୦୦୪୮୭୧୪

# ଫେରିଆସ



ସୀମାରାଣୀ ରାଉତ

ଫେରିଆସ ତୁମେ ଆଗକୁ ନ ଯାଇ
ମାନ ଅପମାନ ଭୁଲି,
ଫେରିଆସ ତୁମେ ଅତୀତର ସେହି
ସ୍ନେହ ବନ୍ଧନକୁ ନେଇ।

ଅତୀତର ସେହି ଗୌରବ କଥାକୁ
ତୁମେ ତ ମନେ ପକାଅ,
ସେହି ବାଟେ ବାଟେ ଚାଲୁଥାଅ ତୁମେ
ତାକୁ ତ ଭୁଲି ନ ଯାଅ।

ଅତୀତରେ ନଥିଲା ତ ଡରଭୟ
ସର୍ବେ ଥିଲେ ଏକାକାର,
ଆଜି ସେହି ମନ୍ତ୍ର ହୋଇଗଲା ଦୂର
ଏଠି କିଏ ବା କାହାର।

ଅତୀତରେ ଥିଲା ସୁ ସଂପର୍କ
ବିଶ୍ୱ ଭାତୃତ୍ୱ ଭାବର,
ଆଜି ତାହା ନାହିଁ ହେଇଗଲା ଦୂର
ଏଠି କେ ନୁହେଁ କାହାର।

ଆଜିର ମଣିଷର ନାହିଁ କର୍ତ୍ତବ୍ୟ
ସିଏ ଅଟେ ସ୍ୱାର୍ଥପର,
ବାପା ମା ଆଜି ହୋଇଯାଇ ଦୂର
ପର ହେଲେ ଆପଣାର।

ବାପା ମା କୁ କରିଦେଇ ଦୂର
କାଟୁଛି ତାର ଜୀବନ,
ଶାଶୁ ଶ୍ୱଶୁର ଙ୍କୁ ସେ ସ୍ଥାନ ଦେଉଛି
କିଣୁଛି ତାଙ୍କର ମନ।

ସ୍ୱାର୍ଥପର ତାକୁ ଆଦରି ନେଉଛି
କାହାରି କଥା ନ ଭାବି,
ନିଜ ହିତକଥା ଭାବୁଅଛି ଖାଲି
ଅନ୍ୟକୁ ଯାଉଛି ଭୁଲି।

ରତାଖଣ୍ଡି, ତେଣ୍ଡାପଦର, ବଲାଙ୍ଗୀର

# ବିଶ୍ୱ ବିଖ୍ୟାତ ପୁରୀ



ବିଜୟ କୁମାର ଜେନା

ପୁରୀ'ର ନାଆଁ ବଦଳେଇବା କେତେଦୂର ଯଥାର୍ଥ ଓ ଆବଶ୍ୟକ ?

'ପୁରୀ' ମାନେ ହିଁ ବିଶ୍ୱ ଜାଣିଛି ଗୋଟିଏ ମାତ୍ର କ୍ଷେତ୍ର - ଶ୍ରୀ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ପୁରୀ। ତେଣୁ ପୁରୀ ନାଆଁ ପଛରେ ଜଗନ୍ନାଥ ଧାମ ଶବ୍ଦ ଯୋଡ଼ିବା କଣ ଦରକାର ?ଦେଶର ଅନ୍ୟାନ୍ୟ ଧାମର ନାଆଁକୁ ଦେଖାଯାଉ; ଶ୍ରୀରାମଧାମ ଅଯୋଧ୍ୟା କମ୍ବା ଶ୍ରୀକୃଷ୍ଣଧାମ ଦ୍ୱାରିକା କଏ କହୁଛନ୍ତି କ ? କେବଳ ଅଯୋଧ୍ୟା କମ୍ବା ଦ୍ୱାରିକା ହିଁ ବୁଝାଇବାରେ ଯଥେଷ୍ଟ ଯେ, ସେସବୁ ଧାମ କାହା ପାଇଁ ପ୍ରସିଦ୍ଧ।

ତାହାଲେ ପୁରୀ'ର ନାଆଁ ପଛରେ ଜଗନ୍ନାଥ ଧାମ ଯୋଡ଼ିବା କଣ ଦରକାର ?? ଆଉ ପାଞ୍ଚ ଦଶ ଟା ପୁରୀ ଦେଶରେ ନାହିଁ କମ୍ବା ହଜାର ହଜାର ବର୍ଷର ଧାମ ପୁରୀ କୌଣସି ନୂତନ ଭାବେ ନର୍ମିତ ହେଇଥିବା ଧାମ ନୁହେଁ। ପୁରୀ ଏକ ସ୍ୱୟଂ ସମ୍ପୂର୍ଣ ନାମ।ଏମିତିରେ ବି ଓଡ଼ିଆମାନେ ପିଲାଙ୍କର କମ୍ବା ଗାଆଁର ଲମ୍ବା ନାଆଁ ଦେଉଥିଲେ ବି, ଗୋଟେ ଛୋଟ ଗେହ୍ଲା ଦୁଇ ବା ତିନ ଅକ୍ଷର ବିଶିଷ୍ଟ ଡାକ ନାଁ ରେ ଡାକବାକୁ ବେଶି ଭଲ ପାଆନ୍ତି। କେତେ ପ୍ରିୟ ଆମ ଶ୍ରୀକ୍ଷେତ୍ର ର ନାଆଁ ପୁରୀ ! ହଜାର ବର୍ଷରୁ ଲୋକଙ୍କ ପ୍ରିୟ ନାଆଁ ପୁରୀ'କୁ ଏବେ ବଦଳେଇବା ପାଇଁ ଯିଏ ଚେଷ୍ଟା କରୁଛି, ସେ ନଜକୁ ନୂଆ ଏକ କର୍ତ୍ତା ବା ଇନ୍ଦ୍ରଦ୍ୟୁମ୍ନ ହିସାବରେ ଦେଖିବାକୁ ଚାହୁଁଛି।

ତେଣୁ ଆମ ଓଡ଼ିଆଙ୍କ ପ୍ରିୟ ପୁରୀ - ପୁରୀ ନାଆଁ ରେ ପ୍ରସିଦ୍ଧ; ସେଇ ନାଆଁ ହିଁ ଯୁଗଯୁଗ ପାଇଁ ରହିଥାଉ।

ଦାମନଯୋଡ଼ି

# ନବ ବର୍ଷ



ଶୋଭସିନୀ ବାଗ

ନବ ଆଲୋକ ରେ ଆଲୋକିତ ହେଉ
ହସି ଗଢ଼ି ଉଠୁ ସଂସାର,
ପ୍ରତିଟି ବଦନେ ସ୍ମିତ ହସ ରହୁ
ସତେ ଯେପରି ମେଘ ମହ୍ଲାର ।।

ହୃଷ୍ଟକରଣ ଖେଳୁ ବଦନେ ବଦନେ
ଅମ୍ବର ର ପାରିଜାତ,
ଉପମର୍ଦ୍ଦ ନ ଆସୁ କାହାରି ପାଇଁ
ସମସ୍ତେ ମନର ମିତ ।।

ଯେତିକି ଯାତନା ପାଇଛି ଏ ମନ
କଳନା ତାହାରିନାହିଁ,
କେତେ ନାନା ବ୍ୟାଧି କରାଳ ରୂପ
କରୋନା ଭାଇରସ ସେହି ।।

ଗା ମାଟି ଧୂଳି ଝୁରି ଝୁରି ମଲା
ପ୍ରବାସୀ ମୋ ପୁଅ ଫେରିବ,
ପୁଅ ତ ଆଉ ଫେରିଲା ନାହିଁ
ଶବ ଦେଖି କିବା ଛାତି ସହିବ ।

ମା ର ମମତା ଚିନ୍ନ ଭିନ୍ନ ହେଲା
ଭରଷା ତାହାରି ସରିଲା,
ଆସର ପ୍ରଦୀପ ଅମାନିଆ ଝଡ଼େ
ଜଳି ଜଳି ଦୀପ ଲିଭିଲା ।।

କବାଟ ମୁହଁରେ ମୁହଁକୁ ଲୁଚାଇ
ନବ ବଧୂବାଟ ଚାହିଁଛି,
ପିତୃ ଋଣ ସୁଜ କରିବା ପାଇଁ
ନବ ବର ବିଦେଶ କୁ ଯାଇଛି ।।

ବସ,ଟ୍ରେନ ସବୁ ହେଲା ବନ୍ଦ
ଦେଶ ବ୍ୟାପୀ ଲକଡାଉନ ହେଇଛି,
କେତେ ଯାତନା,କେତେ ଯେ କ୍ଲେଶ
ଏ ନୟନ ସବୁ ଦେଖିଛି ।।

ନ ଆସୁ କେବେ ଏଭଳି ବରଷ
ଏତିକି ଗକରୁଛି ଗୁହାରି ,
ହସ ଖୁସି ରେ ପ୍ରଭୁ କଳସ ଭର
ଆହେ ପ୍ରଭୁ ଚକ୍ରଧାରୀ ।।

ଖୁସି ର ଲହରୀ ଆନନ୍ଦ ସାଗରେ
ବିତୁ ସଭିଙ୍କ ଦିନ,
ଅଧମ ଚୈତନ୍ୟ ଏତିକି କହୁଛି
ନବ ବର୍ଷ ର ଅଭିନନ୍ଦନ ।।

ଚଚଆ, କଳାହାଣ୍ଡି

# ଆହେ ଜଟାଧାରୀ



ସୁଭଦ୍ରା ରାଉତ

ନିଶ୍ଚଳ ମୂର୍ତ୍ତିଟେ ତୁହି
ନିରୂପାୟ କଢ଼ି ମୁହିଁ
ଚଞ୍ଚଳ ଏଇ ଚିନ୍ତନ ମୋ ଖୋଜେ ସୁଗତି ଲଭିବା ପାଇଁ ।
ନବ କଲ୍ପଲୋକରେ ତୁହି
ନବ ଚେଷ୍ଟାରେ ଧାଏଁ ମୁହିଁ
ଧାବମାନ ପଥେ ସଙ୍କି ଗଲେ ମୁଁ ଆଶ୍ୱାସନା ଦେବୁ ତୁହି ।
କାହା ଅର୍ଥରେ ନାହିଁ ତୋ ଲୋଭ
କାହା ଅର୍ଥରେ ନାହିଁ ମୋ ଲୋଭ
ସ୍ୱପ୍ରଚେଷ୍ଟାରେ ଐଶ୍ୱର୍ଯେ ଯିବାକୁ ଦେ ଶକ୍ତି ଅହରହ ।
ତୋର ଲୋଡା ନାହିଁ ହର୍ମ୍ୟବାସ
ମୋର ଲୋଡା ନାହିଁ ରାଜବାସ
ସ୍ନେହ ମମତା ଓ ସମ୍ମାନ ଘରଟେ ତୋଳିବାକୁ ମୋର ଆଶ ।
ନିସଙ୍ଗ ଯୋଗୀଟେ ତୁହି
ନିସଙ୍ଗ ପଦାତିକ ମୁହିଁ
ଗନ୍ତବ୍ୟ ପଥରେ ଦୋଛକି ପଡ଼ିଲେ ବାଟେଇ ଦବୁରେ ତୁହି ।
ତୋର ମସ୍ତକେ ଶୋଭେ ଚନ୍ଦ୍ର
ତୋର ପାଦୁକା ପାଇଁ ମୁଁ କ୍ଷୁଦ୍ର
ତୋ ଚରଣ ବିଭୂତି ମୋ ମନ ପ୍ରାଣରୁ ଲୁପ୍ତ କରୁ ଆଳସ୍ୟ ।

ତୁ କେବେ ଶାନ୍ତ କୋମଳ ସୁପ୍ତ
କେବେ କ୍ରୋଧେ କରୁ ତାଣ୍ଡବ
ସେଇ ତାଣ୍ଡବ ର କାଳେ ନିଭୃତ କରିଦେ ପାପ ର ଏ ଅନଳ ।
ତୁ ଯେ ପବିତ୍ର ଗଙ୍ଗା ର ପିତା
ମୁଁ ଯେ ପଙ୍କିଳ ହୃଦୟୀ ବନ୍ୟା
ତୋ ଆଶିଷ କୃପା ଭିକ୍ଷା ମାଗୁଅଛି ମତେ କର ଗଙ୍ଗା ର ସମତା

ଧର୍ମଶାଳା, ଯାଜପୁର
ଦୂରଭାଷ -9853480988

# କାଗଜ ଡଙ୍ଗା!



ଅଶୋକ ମହାରଣା

ବାଡି ଅଗଣାରୁ ମା' ଆସୁଥିଲା । ସକାଳର ଅଇଁଠା ବାସନ ଏଯାଏଁ ସେମିତି ପଡିଛି! ଗୋରୁ ଗୁହାଳରେ ମାଣିକ ଛୁଆଟା ହେମ୍ବା ରଡିଛାଡୁଛି । ଚୁଲିଟା ବି ଲିପା ହୋଇନି... ସବୁକାମ ସେମିତି ପଡିରହିଛି ।ଏଇନେ ମାଆ ଖଣ୍ଡ ପ୍ରଳୟ କରିବ । ତର ତର ହୋଇ ବାସନ୍ତି ଚମକି ପଡି ଚିଠିଟାକୁ ମୁଠାକରି ପାଟିରେ ଭର୍ତି କରିଦେଲା । ତା ପାଇଁ ଆଉ ଚାରା କଣ ?ନହେଲେ ତେନ୍ତୁଳି ଛାଟ ।

ଘର ଭିତରକୁ ପଶିଆସି ବାସନ୍ତିର ମାଆ ଗର୍ଜନ କରିବା ଆରମ୍ଭ କରିଦେଲା..."ହଇଲୋ ହେ ପୋଡାମୁହିଁ ଏ ଯାଏଁ ଘର କାମ ସରିଲାନି.... ଦୁଆର ଝାଡୁ ହେଇନି କି ଚୂଲି ମୁଣ୍ଡ ଲିପା ହୋଇନି.. ଗାଇ ଦୁହାଁ ହେବ କେତେବେଳେ.... ଲାଜ ସରମ ଟିକେ ମାଡୁନି ତତେ... ଦିଣ୍ଡାଟାଏ ହେଲୁଣି.. କାମ କରିବାକୁ ଗଣ୍ଡି ଝଡିପଡୁଛି । ଖାଇଲା ବେଳକୁ ତ ଗୁଣ୍ଡା ଗୁଣ୍ଡା କରିଭାତ ଗୁଡାକ ବେଶ୍ ଗିଳି ପକାଉଛୁ, କାମ କଲାବେଳକୁ ଗଣ୍ଡି ହଲୁନି' ।

ବାସନ୍ତି କିଛି ବି କହିଲାନି.... ସେମିତି ଝାଡୁ କରିବାରେ ଲାଗିଲା । ଯେମିତି ସେ କିଛି ଶୁଣିନି କି ଜାଣିନି ।

ବାସନ୍ତୀର ମାଆ ହେମର ରାଗଟା ମୁଣ୍ଡକୁ ଚଢିଗଲା । ରାଗରେ ଜଳିଉଠି ଘର କୋଣରେ ପଡିଥିବା ପାଂଚଣଟାକୁ ହାତରେ ଧରି ତମ ତମ ହୋଇ ପଚାରିଲା "ତୋତେ କଣ ପା ମୁଁ ପଚାରୁଛି' । ତୋ କାନରେ କ'ଣ ପଥର ପଡିଛି କି ନାପାଟିରେ ତାଲା ପଡିଛି । କିଛି ଶୁଭୁନି କିଲୋ... ।

ତଥାପି ବାସନ୍ତି ନିରୁତର.... ସେମିତି କାମରେ ଲାଗିଛି ?

ହେମ ରାଗକୁ ଆଉ ସମ୍ଭାଳେ କିଏ... ପାଂଚଣ ବାଡିଟାରେ ମନଇଛା ବାସନ୍ତିକୁ ପିଟି ଚାଲିଲା ନିର୍ଦ୍ଦୟ ଭାବରେ....

ବାସନ୍ତୀର ନା ଅଛି ଆଖିରେ ଲୁହ...ନା ପାଟି ଖୋଲି କାନ୍ଦିବାର ସୁଯୋଗ.... ଆଖିର ଲୁହକୁ ପୋଛିବାକୁ ନା କିଏ ଅଛି ନାକାନ୍ଦିଲେ କେହି ତୁନି କରିବାର ଅଛି । ସେ ତ ଅଲକ୍ଷଣୀଟା...। ମାଡ ଖାଇ ସେମିତି ଚାଲିଗଲା ଚୁଲି ଲିପିବାକୁ.... ହେମ ବିବାଡି ଖଣ୍ଡକ ଫିଙ୍ଗିଦେଇ...ଗାଳି ଗୁଲଜ କରିବା ଆରମ୍ଭ କରିଦେଇଥିଲା... ଏଇ ଗାଳି ସକାଳୁ ଆରମ୍ଭ ହୋଇଛି ସରିବ କେତେବେଳେ ତା ଭଗବାନଙ୍କୁ ଜଣା ।

ତରତରରେ ସବୁକାମ ସାରିଦେଲା ବାସନ୍ତି । ଏଥର ଗାଧୋଇବାକୁ ଯିବ.... ମୁଣ୍ଡ କୁଣ୍ଡାଇବାକୁ ଦର୍ପଣ ପାଖରେଛିଡା ହେଲାବେଳକୁ ମାଡ ଜାଗାରୁ ଯନ୍ତ୍ରଣା ଆରମ୍ଭ ହୋଇଗଲାଣି । ନିଜ ମୁହଁକୁ ଦେଖିଲା ସେ ....ଦର୍ପଣ ସମ୍ମୁଖରେ ଆଖିରଲୁହକୁ ରୋକି ପାରିଲାନି .... ବୋଲ ମାନିନଥିଲା ଆଖିର ଲୁହ... ଧାର ଧାର ହୋଇ ବହିଚାଲିଥିଲା ...ଇଛା ହେଉଥିଲାମନଭରି ପାଟି କରି କାନ୍ଦନ୍ତା... । ପୁଣି ମନକୁ ମନ ଭାବିଲା ନା କାନ୍ଦିଲେ କଣ ହେବ...ପଣତ କାନିରେ ମୁହଁଟାକୁ ପୋଛିଦେଲା ।

କାନ୍ଦିବାକୁ ବି ସମୟ ନାହିଁ । ନୁଖୁରା ଚୁଟିକୁ ଯେନତେନ ବାନ୍ଧିଦେଇ ଗରାଟା ଧରି ନଦୀକୁ ବାହାରିଗଲା ... ପୁଙ୍ଗୁଳା ଦେହଟାକୁ ଯଥାସମ୍ଭବ ଲୁଚାଇ ବାଟ ଚାଲୁଥିଲା...ମାଡ ଖାଇଥିବା ଜାଗାକୁ ଘୋଡାଇ ବା ତାର ଲକ୍ଷ୍ୟ । ଘରଠାରୁ ନଦୀ ଅଧକୋଶ ଦୂର... ଗାଁ ଗୋହିରୀ ବିଲ ଦେଇ ଚାଲି ଚାଲିଯିବାକୁ ପଡେ । ଗାଁ ଗୋହିରୀ, ଧାନବିଲ, ବିଲରେ ବସିଥିବା ବଗ..ନୀଳ ଆକାଶରେ ଉଡିଯାଉଥିବା ପକ୍ଷୀ ଗୁଡାକୁ ଦେଖିଲେ କି ନଦୀକୁ ଦେଖିଲେ ମନର ଯେତେଦୁଃଖ କଷ୍ଟ ସବୁ ଧୋଇ ହୋଇଯାଏ । କଣ ଅଛି ସେ ନଦୀଟାରେ କେଜାଣି.... କି ମୋହ କରିଦେଇଛି ତାକୁ । ସେ ଏକାଥରକେ ନଦୀକୁ ପହଁରି ପହଁରି ପାର କରିଦିଏ....ଭରା ନଇ ବାସନ୍ତିକୁ କେବେ ବି ଡରାଏ ନାହିଁ । ହଁ ଡରାଇବ କେମିତି ତାମା'କହୁଥିଲା ଏଇ ନଦୀ ବଢିବେଳେ ତାର ଜନ୍ମ ।

ନଦୀ କୂଳିଆ ଘର ନଦୀ ବଢି ଦେହସୁଆ ହୋଇଗଲାଣି ।ନଦୀରେ ଯେତେ ପାଣି ଥାଉ କେହି ବିପଦରେ ପଡିଥିଲେ ସେ ଆଗ ପଛ ବିଚାର କରେନା... ଝିଅ ହେଲେ କଣ ହେବ ଆଗ ଅନ୍ୟକୁ ବଂଚାଇବ ତା ପରେ ଯା ହେବାର କଥାହେବ ।

ଏଇ ଗୁଣଟିକୁ ବାସନ୍ତୀର ମାଆ ଜମାରୁ ସହିପାରେନା । ଗାଁଟା ସାରା ଲୋକ ତାକୁ ପ୍ରଶଂସାରେ ପୋତି ଦେଉଥିବା ବେଳେ ହେମ ହାତର ତେନ୍ତୁଳି ଛାଟରେ ବାସନ୍ତୀ ଦେହରୁ ଚମଡା ଛାଡି ଯାଏ ।

ବାସନ୍ତୀ....ବାପା ଦେଇଥିଲେ ନାଁ । ଜନ୍ମଦାତ୍ରୀ ମାଆ ଆରପାରିକୁ ଚାଲିଗଲାଣି ଯେତେବେଳେ ତାକୁ ପାଂଚ ବର୍ଷ ହୋଇଥିଲା । ଆଉ ବାପା... ଏଇ ବାପାଙ୍କ ଉପରେ ବାସନ୍ତୀର ସବୁ ରାଗ ଅଭିମାନ ଠୁଳ । ଦୁଇ ବର୍ଷର ଭାଇ ନକୁଳ ଓଭିତରେ ଯେମିତି କେହି କହୁଥାଏ ଗଉରା ତୋର ....ଆଉ ତୋର । ଏଇ ଗାଧୁଆ ବେଳକୁ ଗଉରା ଗାଇ ଫିଟାଇ ଅଡାଇ ନେଉଥାଏ....ମାଆ ପଛେ ପଛେ ବାଛୁରୀ ଗୁଡାକ ଡେଇଁ ଡେଇଁଚାଲିଥାନ୍ତି । ଆଉ ବାସନ୍ତି ମନଟା ବି କଁଅଳ ବାଛୁରୀ ପରିଡେଉଁଥାଏ । ନକ ନକିଆ ଚେହେରା ସାଙ୍ଗକୁ ମାଗୁର ମାଛ ଭଳି ଦିଟା ନିଶ ଗଉରାକୁ ବେଶ ମାନୁଥାଏ । ବାଟରେ ଗଲାବେଳେ ଗଉରାକୁ କଣେଇ ମୁରୁକି ହସାଦେଇ ଚାଲିଯାଏ.... ସେଇ ଚାହାଣିରେ ଥାଏ ଜନ୍ମ ଜନ୍ମାନ୍ତରର ସମ୍ପର୍କ। ଯେଉଁଦିନମାଡ ଖାଇଥାଏ ଗୁମସୁମ ମୁହଁ ଗଉରାକୁ ଟିକେ ବି ଚାହେଁନା । ହେତୁ ପାଇଲା ଦିନରୁ ବାସନ୍ତୀ ର ଖେଳ କୁଦ ବନ୍ଦ । କାହାସହ କଥା ହେଲେ ତେନ୍ତୁଳି ଛାଟରେ ଫିଠି ଫାଟିଯାଏ । ଭଲ ମନ୍ଦ ଶୁଣିବାକୁ ପଡେ....ସାବତ ମାଆ ଭୟରେ କେବଳ ଦୂରରୁ ଗଉରାକୁ ଦେଖି ଦିର୍ଘ ନିଶ୍ୱାସ ଛାଡେ । କେହି ବିପଦରେ ପଡିଲେ ବାସନ୍ତୀ ସବୁକିଛି ଭୁଲିଯାଇ ସାହାଯ୍ୟ କରେ ମା'ର ତେନ୍ତୁଳିଛାଟକୁ ଖାତିରି କରେନା । ସମସ୍ତଙ୍କ ମୁହଁରେ ସିନା ବାସନ୍ତୀର ଗୁଣ ବଣ ଫୁଲ ପରି ଚହଟି ଯାଏ ହେଲେ ସାବତ ମାଆ କିଛିବି ବୁଝେନା... ସମସ୍ତେ କହନ୍ତୀ ହିନୀ କପାଳିଟାଏ.... ।

ଘରକୁ ଆସି ଲୁଗା ପାଲଟି କାମରେ ଲାଗିଗଲା ବାସନ୍ତୀ । ମା'ଆ କୁଆଡେ ଯାଇଛି । ଚୁଲିରେ ଗୋବର ଘସି ପୁରାଇ ଡେକଚିରେ ପାଣି ଦେଇ ଚାଉଳ ପାଛୁଡିବାକୁ ଚାଲିଗଲା ସେ। ଚାଳ ଉପରେ କାଉଟା କା କା କରୁଛି । କୁଣିଆ କିଏ ଆସିବ ବୋଧେ । ଚାଉଳରୁ ଦୁଇ ମୁଠା ଅଗଣାରେ ଥୋଇଦେଇ କାମରେ ଲାଗିଗଲା ବାସନ୍ତୀ । ଏଇନା ମାଆ ଆସି ପାଟି କରିବ ରେଷେଇ ସରିଲା କି ନା? ବିଲ ମୁଣ୍ଡକୁ ଭାତ ଯିବ । ରନ୍ଧା ସରିବା ପରେ ବଡ ଯତ୍ନରେ ଗୋଟେ ଛୋଟ ଡେକଚିରେ ଭାତପୁରାଇ ପିଆଜ କଂଚା ଲଙ୍କାକୁ ଗାମୁଛାରେ ବାନ୍ଧି ଗୋଟେ ଗଣ୍ଠିଲି କରିଦିଏ । ତାକୁ ନେଇ ମାଆ ବିଲକୁ ଯାଏ ସେଇଠାରେ ବାପା ମାଆ କାମ କରନ୍ତି ବେଳ ରତ ରତ ବେଳକୁ ଫେରନ୍ତି ।ବାପା ଚାଲିଯାଏ ଭାଟିକୁ!

ଆଜି ରଥଯାତ୍ରା । ବାସନ୍ତୀର ମନଟା କାହିଁକି ଗୋଳେଇ ଘାଂଟି ହେଉଛି । ସାନଭାଇ ନକୂଳର କଥା ଭାରି ମନେପଡୁଛି । କ'ଣ କରିବ କୁଆଡେ ଗଲା ସେ....ମା'ଛେଉଣ୍ଡ ହେଲା ସିନା ସାବତ ମାର ଗଞ୍ଜଣା ସହିନପାରି ଗଲା ଯେ ଗଲା ।ବାପା ବି ଦିନେ ହେଲେ ଖୋଜିଲାନି.... ହଁ ପୁଅ ପିଲାଟା ଯୁଆଡେ ଯିବ ସିଆଡେ କାମ କରି ଖାଇବ । ଗାଁରେ କାହାର ବିଭାଘର ହେଲେ ବାସନ୍ତରୀ ମନଟା ଭାରି ଦୁଃଖ ହୁଏ....ଭାଇ ଥିଲେ ତା'ର ବି ଗୋଟେ ଭାଉଜ ଆସିଥାନ୍ତା । ନା ଥାଉ, ଆଉଭାବି ଲାଭ କ'ଣ ସେ ଯେଉଁଠି ଥାଉ ଭଲରେ ଥାଉ.... ପ୍ରଭୁ କାଳିଆ ସାଆନ୍ତ ତାକୁ ଭଲରେ ରଖିଥାନ୍ତୁ ।

ଭାତ ହେଇଗଲାଣି । ବାଡିରୁ ସଜନା ଶାଗ ଦିଟା ଆଉ ଗୋଟେ ଚୁଲିରେ ଭାଜି ଦେଇ ଶୁଖୁଆ ଦିଟା ଭାଜିଦେଲା ।ଡେକଚିରେ ଭାତ ଦେଇ ଲୁଣ,ପିଆଜ,ଲଙ୍କା ଦିଟା ଗାମୁଛାରେ ବାନ୍ଧି ଡେକଚିକୁ ବାନ୍ଧିଦେଇ ଥୋଇଦେଲା । ମାଆ ଗାଧୋଇ ସାରି ଆସିବା ପରେ ତାକୁ ତାକୁ ଖାଇବାକୁ ଦେଲା....ଭାତ ନେଇ ମାଆ ଚାଲିଗଲା । ସୁକାନ୍ତୀକୁ ଖାଇବାକୁଦେଲା.. ଗାଈ ପାଇଁ କୁଣ୍ଡା ତୋରଣୀ ଯୋଗାଡ କଲା ପରେ ପୁଣି ଭାବନା ରାଜ୍ୟକୁ ଫେରିଗଲା ବାସନ୍ତୀ । ତା ପେଟରେ ଏଯାଏଁ ଦାନା ଗଣ୍ଡେ ବି ପଡିନି । ଆଜି ମନ ନାହିଁ ଖାଇବାକୁ....।

ଗତ ରାତିରେ ବାସନ୍ତୀର ଆଖିକୁ ଜମାରୁ ନିଦ ଆସିଲାନି । ସାନ ଭଉଣୀଟା ବି ପାଖରେ ନାହିଁ... ଦି ଦିନ ହେଲାସାଙ୍ଗ ବିଭାଘରକୁ ଯାଇଛି । ଘରେ ସାବତ ମାଆ । ବିନଟା କୁଆଡେ ଯାଏ କେତେବେଳେ ଆସେ ତାର ଠିକଣା ନାହିଁ । ତାପାଇଁ ଭାତ ଡାଲି ଗୋଟେ ଥାଳିରେ ବାଢି ରଖିଦେଇଥାଏ । କେଉଁଦିନ ଖାଏ ତ କେଉଁ ଦିନ ଖାଏନା । ହେଲେ ବାସନ୍ତୀକାହାରିକୁ କିଛି ପଚାରି ପାରେନା.... ମନଟା ଭିତରେ ଭିତରେ ଛଟ ପଟ ହେଉଥିଲେ ବି.... ।

ଆଜି ସବୁ ମନେପଡୁଛି ତା ଜନ୍ମଦାତା ମାଆ କଥା, ମାର ପଣତ କାନିର ଆଶ୍ରା ସିନା ଅଦିନରେ ଚାଳିଗଲା...ହେଲେମନରୁ ତ କେବେ ଭୁଲି ହେଉନି । କେମିତିକା ଭାଗ୍ୟ ନେଇ ସେ ଜନ୍ମ ନେଇଛି କେଜାଣି...ନା ପାଇଛି ମାର ସ୍ନେହ...ନାବାପାର ଆଦର । ସକାଳୁ ରାତି ଯାଏ ଖାଲି କାମ ଆଉ କାମ.... ଯେମିତି ଏ ଘରଟା ତାର... ଆଉ କାହାର ନୁହଁ । ତାର ବି ତ ଗୋଟାଏ ମନ ଅଛି... କାହାକୁ କହିବ ମନ ତଳର ଗହନ କଥା...କିଏ ବୁଝିବ ମରମ ବେଦନା । ମଥାରେ ସିନ୍ଦୁର ପିନ୍ଧି, ନୂଆ ପାଟ ଶାଢୀରେ ସଜାଇ ହୋଇ କ'ଣ ବୋହୁ ହେବାର ସ୍ୱପ୍ନ ତାର ନାହିଁ । ବେଳେ ବେଳେ ଆଇନାରେ ତାର ମୁହଁକୁ ଦେଖେ! ନିଜକୁ

ନିଜେ ଗର୍ବ କରେ ହେଲେ.... ଏ ସୁନ୍ଦର ଚେହେରା ତା'ର ନା ଦର୍ପଣ ଭିତତର... । ଥାଉ ଏତେଭାବି କଣ ବା ଲାଭ....ଏମିତି ଭାଗ୍ୟ ସେ ପାଇଛି କାନ୍ଦିଲେ କେହି ଲୁହ ପୋଛି ଦେବାର ନାହିଁ କି ହଜିଗଲେ କେହି ଖୋଜିବାର ନାହିଁ । ଘରଟାକୁ ଯେତେ ନିଜର ଭାବି ଗଢିବାକୁ ଚେଷ୍ଟା କଲେ ବି କେହି ବୁଝିବାକୁ ନାରାଜ । ମନକୁ ମନ ବାସନ୍ତୀର ଦେଖାଶୁଣା ପାଇଁ ଆର ଗାଁର ହେମକୁ ବାହାହୋଇ ଆଣିଥିଲେ । ଆଗ ଆଗ କେତେ ଭଲ ପାଇଥିଲା ନୂଆ ମାଆ ।

ମୁଣ୍ଡ କୁଣ୍ଡାଇ ଦେଉଥିଲା... ଖାଇବାକୁ ଦେଉଥିଲା..ହେଲେ ଯେଉଁଦିନଠୁ ସାନ ଭଉଣୀ ସୁକାନ୍ତି ଓ ଛୋଟଭାଇ ବିନ ଏ ଘରକୁ ଆସିଲାଣି ସେହିଦିନ ଠାରୁ ବାସନ୍ତୀର ଦୁଃଖ ବଢିଯାଇଛି ।ବାପା କିଛି ବି ବୁଝନ୍ତିନି...ସାବତ ମାଆର ବ୍ୟବହାରରେ ଅତିଷ୍ଠ ।ସନ୍ଧ୍ୟା ହେବା ପରେ ପେଟେ ମଦପିଇ ଘରକୁ ଆସନ୍ତି । ସେ ବି ରାଗ ସୁଝାନ୍ତୀ ଏଇ ବାସନ୍ତୀ ଉପରେ । ଗାଳି ମାଡ ବି ଦିଅନ୍ତି ମରିଯାଆ ବୋଲି ଥରେ ନୁହଁ ଦଶ ଥର କହିଲେଣି । ହେଲେ ବାପାର ଅସହାୟତା ତାକୁ ବାନ୍ଧି ରଖିଛି... ବାସନ୍ତୀ ଖାଇବାକୁ ନଦେଲେ ବାପାଙ୍କ ପେଟକୁ ଭାତ ଯାଏନା । ବାପାକୁ ସକାଳୁ ସକାଳୁ ପଖାଳ କଂସାଏ ବାଢିଦେବା ପରେ ବାପା ବହୁତକଅଁଳେଇ କଥା କହନ୍ତି । ନିଜ ଭାଗ୍ୟକୁ ଦୋଷ ଦିଅନ୍ତି ଭାତ ଗୁଣ୍ଡାକୁ ପାଟିରେ ପୁରାଇବା ବେଳକୁ ତଂଟି ଅଠା ଅଠା ହୋଇଯାଏ । ବଢିଲା ଝିଅଟାକୁ ବାହା ଦେବାକୁ ବର ଖୋଜିବା ଦୂରର କଥା ହେମ କଥା ଶୁଣିଲେ ସମସ୍ତେ ବାଟ ଭାଙ୍ଗି ଚାଲିଯାଆନ୍ତି । ବାସନ୍ତୀ ବାପାକୁ ବୁଝାଏ .... ଯା ଭାଗ୍ୟରେ ଥିବ ତା ହେବ..କପାଳ ଲିଖନ ।

ଏଇ କଥା ପଦକରେ ପେଟ ପୁରିଯାଏ ବାସନ୍ତୀର ।ବାପାକୁ ଛାଡି ସେ କ'ଣ ମରିପାରିବ । ସାବତ ମାଆ ଯେତେକଷ୍ଟ ଦେଉ ହେଲେ ବାସନ୍ତୀ ତା ମାଆକୁ ବହୁତ ଭଲ ପାଏ । ତା ଠାରୁ ଅଧିକ ଭଲ ପାଏ ତାର ଭଉଣୀ ସୁକାନ୍ତୀ ଆଉ ଛୋଟଭାଇ ବିନକୁ । ଲୁଚାଇ ଲୁଚାଇ ଖାଇବାକୁ ଦିଏ ।ଗପ କୁହେ ।

ତଥାପି ମାଆ ମନ ଶାନ୍ତ ହୁଏନା । ସୁକାନ୍ତୀ କି ବିନକୁ ବାସନ୍ତୀ ପାଖରେ ଦେଖିଲେ ତା ଦେହରେ ନିଆଁ ଚରିଯାଏ । ମନଇଛା ଗାଳି ଆଉ ମାଡ । ସ୍ନେହ ରଙ୍କୁଣୀ ବାସନ୍ତୀ ଲୁଚାଇ ଲୁଚାଇ ପଣତ କାନିରେ ଲୁହକୁ ପୋଛେ । ଏଇ ସାବତ ମାଆ ସାନଭାଇ ନକୂଳକୁ ଦିନେ ଏମିତି ମାଡ ମାରିଲା ସେ ପାଠଛାଡି ପନ୍ଦର ବର୍ଷରୁ ଯାଇଛି ଯେ ଯାଇଛି । ଘର କି ଭଉଣୀ

କଥାଟିକେ ମନେପଡିନି କି ଗାଁକୁ ମୁହଁ ଫେରାଇ ଚାହିଁନି । କୁଆଡେ ଗଲା ତାର ବି ଖୋଜ ଖବର ନାହିଁ ।

ଭାଇ ଗଲା ପରେ ବାସନ୍ତୀ ଏକା ହୋଇଗଲା…ସାବତ ମାଆର ଅତ୍ୟାଚାର ବି ବଢିଗଲା । ବାସନ୍ତୀ ଯେତେ କାମ କଲେ କି ଘରଟା ପାଇଁ ଯେତେ ସ୍ନେହ ଆଦର କଲେ ହେମ କି ବୁଝେ । ବଢିଲା ଝିଅ କେତେବେଳେ କୋଉ କଥା… ତା'ଝିଅ ସୁକାନ୍ତୀ କୁ ଆକଟ କରିବା ତ ଦୂରର କଥା… କିଛି ବି କହେନା । ବିନଟା କୁସଙ୍ଗରେ ପଡି ନଷ୍ଟ ହୋଇଗଲାଣି…ବାସନ୍ତୀ ମାଆ ନଥିବା ବେଳେ ସୁକାନ୍ତୀକୁ ଭଲ କଥା ଶିଖାଏ….ଭଉଣୀ ତ ନିଜର କଣ ପର କଣ ଏ ଭାବନା ଟା ତା ଭିତରେ କେବେବି ଉଙ୍କି ମାନେନା, ସୁକାନ୍ତୀ ସବୁ ଶୁଣେ ହେଲେ କିଛି ବି କହେନା । ବାସନ୍ତୀ କିନ୍ତୁ ବିନକୁ ଦେଖିଲେ ତା ଭାଇ ନକୂଳ କଥା

ମନେପଡେ…. ତା ପାଇଁ ମନଟା ଛାଟି ପିଟି ହୁଏ…. କେଉଁଠି ରହିଲା…କେମିତି ଖାଉଛି….କୋଉଠି ଶୋଉଛି….ମନଟା ଘାଂଟି ଗୋଳେଇ ହୁଏ….ମନକୁ ଯେତେ ବୁଝାଇଲେ ବି ଜମାରୁ ବୁଝେନା….ରାକ୍ଷୀ ପୁନେଇକୁ ଚାହିଁ ରହେ ଗହ୍ଲା ପଇତାଟେ ଲୁଚେଇ ରଖିଥାଏ । ମାଣିକ ଓ ତା ଛୁଆକୁ ହଳଦୀ ଚନ୍ଦନ ଲଗାଇ ଫୁଲମାଳ ପିନ୍ଧାଇ ଅତି ଯତ୍ନରେ ତିଆରି କରିଥିବା ପିଠାକୁ ଖାଇବାକୁ ଦେଲା ବେଳେ ବହୁତ ଗେହ୍ଲଇ ହୁଏ ଛୁଆଟା….ମଣିଷ ସିନା ବୁଝି ପାରୁନି ହେଲେ ପଶୁଟା । ନକୂଳ ପାଖରେ ଥିଲେହାତରେ ଗହ୍ଲା ପଇତାଟି ବାନ୍ଧି ଦିଅନ୍ତା । ମା' କ'ଣ ଗୋଟେ କହିଲା ବୋଲି ଘର ଛାଡି ଚାଲିଯିବାଟା କଣ ଠିକ୍?

ୟା ଭିତରେ ବାସନ୍ତୀ ଗାଧୋଇ ଗରାରେ ପାଣି ଗରାଏ ଧରି ତରତର ହୋଇ ଓଦା ଲୁଗାରେ ଘର ମୁହାଁ ହୋଇଚାଲିଛି । ବାଟରେ କିଏ ଗଲା କିଏ ଆସିଲା ତାର ନଜର ନାହିଁ । ଏଇ ଓଦା ଲୁଗାରେ ଗାଧୋଇ ଫେରିଲା ବେଳକୁ ନିଜକୁ ବହୁତ ଲାଜ ଲାଗେ …ଗାଁ ତୋଟାରେ କେତେଟା ଟୋକା ଯେମିତି ଚାହାଁନ୍ତି ବାସନ୍ତୀର ସବୁ ରାଗ ମଥାକୁ ଚଢି ଗଲେ କଣହେବ କାହାରିକୁ କିଛି କହିପାରେନା । କିନ୍ତୁ ଗାଇ ଚରାଉଥିବା ଗଉରାକୁ ଦେଖିଲେ ବାସନ୍ତୀ ଲାଜରେ ଫାଟିପଡେ ଯେମିତି ।

ଏଉ ଗଉରା ଆଉ ସେ ଏକାଠି ସାଥୀ ହୋଇ ଗାଁ ସ୍କୁଲରେ ପାଠ ପଢୁଥିଲେ । ଗଉରାଟା ବହୁତ ରୋଗିଣା….ବାଉଁଶ କଣି ପରିତାର ଦେହ…ସବୁବେଳେ ନାକ ସୁଁ…ସୁଁ । ପାଠ ଆସେନି ବୋଲି ବହୁତ ମାଡ ଖାଏ… ସ୍କୁଲ ଛୁଟିବେଳେ ସାଥୀହୋଇ ଦୁଇଜଣ ଏକାଠି

ଫେରନ୍ତି... ଗଉରାକୁ ମାଡ ମାରିଲେ ମାଷ୍ଟ୍ରଙ୍କ ଉପରେ ବାସନ୍ତୀର ଭାରି ରାଗ ହୁଏ...ଯେଉଁତ ଚେହେରା ପୁଣି ତା ଉପରେ ମାଡ....ମାଡ ମାରିଲେ କଣ ପାଠ ହୁଏକି ?

ଘରକୁ ଫେରିବା ବେଳେ ନିଜ ଓଢଣୀରେ ଗଉରାର ମୁହଁ ଓ ମାଡ ଖାଇଥିବା ଜାଗାକୁ ଆଉଁସି ଦିଏ । ନିଜ ପାଖରେଲୁଚାଇ ରଖିଥିବା ପିଜୁଳି.,କୋଳି କି ମୁଢି ମୁଆଁ ବାଂଟି ଖାଆନ୍ତି। ବାସନ୍ତୀ ମାଆ ଚାଲିଗଲା ପରେ ପାଠ ପଢାରେ ଡୋର ଆଉ ଗଉରା ସହିତ କଥା ବାର୍ତା ବି । ହେଲେ କାହିଁକି କେଜାଣି ଗଉରାକୁ ଦେଖିଲେ ବାସନ୍ତୀର ମନଟା ଚହଲି ଯାଏ। ଭିତରେ କେତେ କାନ୍ଦେ... ଲୁହ ଭିଜି ଯାଏ ତକିଆ ସାରା...ପୁଣି ମନକୁ ମନ ବୁଝାଇବାକୁ ପଡେ..ପୁଣି ଭାବେ କ'ଣ ପାଇଁ ଏଜୀବନ... ଏ ଜୀବନ ରଖି ଲାଭ କଣ ? ନଦୀକୁ ଡେଉଁ ପଡିବ ନ ହେଲେ କୁଅରେ ବୁଡି ମରିବ... । ଏ କଥା ଭାବିବା ବେଳକୁ ମନକୁ ଚାଲିଆସେ ତାର ଛୋଟ ଭାଇର ମୁହଁ...ଗାଳି ଦେଉଥିବା ହେମ ଭିତରେ ଥିବା ଅକପଟ ଆଦର...ବାପାର ଅବଶୋଷ ଭରା ଚେହେରା.... ସାନ ଭାଇ ଓ ଭଉଣୀର ଶ୍ରଦ୍ଧା। ବାହା ସିନା ହୋଇନି ....ତାର ତ ସମସ୍ତେ । ସିଏ ଯଦି ଚାଲିଯାଏ ମାଣିକ ଛୁଆଟା... ପ୍ରତିଦିନ ଗାଧୁଆ ତୁଠକୁ ଯିବାବେଳେ ନକ ନକିଆ ଗଉରା । ନା ସେ ପାରିବନି ବା ନହେଲେ କଣ ହେଲା ତାର ତ ସମସ୍ତେ...ହେଲେ ସେ କାହାର ନହେଲେ କ'ଣ ହେଲା ।

ହଁ ନା ଜୀବନ ମୃତ୍ୟୁ ଭିତରେ ପୁଣି ଗୋଟାଏ ସକାଳ ଆସେ । ପୁଣି ଗାଳି ମାଡ ପିଠିରେ ତେନ୍ତୁଳି ଛାଟର ପାହାର । ସେ କଣ ଗୋଟେ ପାଷାଣୀ ଅହଲ୍ୟା... ରାମଚନ୍ଦ୍ରଙ୍କ ହାତର ସ୍ପର୍ଶକୁ ଅପେକ୍ଷା କରିଥିବ । କିଏ ଉଦ୍ଧାର କିରବ ଏ ହୀନୀକପାଳୀକୁ.....!

ସେଦିନ ଘରେ ସେ ଏକା ଶୋଇଛି ଆଖିରେ ନିଦ ନାହିଁ । ଟେବୁଲ ଉପରେ ସାନ ଭଉଣୀ ସୁକାନ୍ତୀର ପେନ.... ଆଉପାଖରେ ପଡିଥିବା ଖଣ୍ଡେ କାଗଜ ଦେଖି ନିଜ ଭିତରେ ଥିବା ଅକ୍ଷର ଗୁଡାକୁ ଛଟପଟ ହେଉଥିଲେ...ଗୋଟାଏ ଗୋଟାଏ ଶବ୍ଦରେ ପରିଣତ ହେବାକୁ... ବିଛଣାରୁ ଉଠିଆସିଲା ବାସନ୍ତି । ପେନକୁ ଧରିଲା...ଲେଖିବ... କ'ଣ ଲେଖିବ କିଛି ବି ଭାବିପାରିଲା ନାହିଁ । କାହା ପାଇଁ ଆଉ କାହା ପାଖକୁ ଲେଖିବ । ଦୁଇ ଭାଇ ଜଗା ବଳିଆ ଭଉଣୀକୁ ଧରି ଜନ୍ମବେଦୀରେ ପହଂଚି ଯିବେଣି... କେତେ ଭାଗ୍ୟମତୀ ଭଉଣୀ ସୁଭଦ୍ରା ।

ନା ସେ ଲେଖିବ ... ହଁ ଅକ୍ଷର ଗୁଡାକ ବି ଆଉ ମନେ ପଡୁନି । ଏମିତି ଭାବୁ ଭାବୁ କ'ଣ ଯେ ଲେଖିଲା ତାର ଠିକଣା ନାହିଁ...ଏମିତି ଲେଖୁ ଲେଖୁ ଆଖିରେ ନିଦ ଲାଗିଯାଇଛି ।

ନିଦ ଭାଙ୍ଗିବା ବେଳକୁ କାଉ କା' କଲାଣି । ତରତରରେ କାଗଜ ଖଣ୍ଡ ଛାତି ତଳେ ଲୁଚାଇ ଦେଇ ଘର ଝାଡୁ କରୁଥିଲା । ମା'ଆ ଘରୁ ଯିବା ପରେ ସେ ଚିଠିଟାକୁ ପଢୁଥିଲା ।

ସେ ଲେଖିଛି........

ହେ...ପ୍ରଭୁ । କଣ ଲେଖିବି...ସୁଖ ନା ଦୁଃଖ... ହଁ ତମକୁ ବି ଲେଖି ଲାଭ କଣ ? ତମେ ତ ଭାବ ବିନୋଦିଆ ଅଧାଗଢା ଦିଅଁ ! ତୁମେ ତ ତୁମ କଥା ବୁଝିବାକୁ ସମୟ ନାହିଁ.... ଏ ହିନୀ ମାନି କଥା କଣ ବୁଝିବ.... ଗୋଟେ କଥା କହୁଛି...ତୁମ ଭଉଣୀକୁ ଜମାରୁ ପର କରିବନି...ସେ ପରା ଅଲିଅଳି...ମୋର ସିନା ଭାଗ୍ୟରେ ନାହିଁ ତୁମ ଭାଇ ଭଉଣୀଙ୍କ ଖୁସି ଦେଖିବାକୁ.... ହେଲେ ସମସ୍ତେ ଦେଖୁଛନ୍ତି.. । ତୁମେ ତ ସବୁ ଜାଣ କ'ଣ ମାଗିବି... ହଁ ଏତିକି ମାଗୁଛି ମୋ ମା'କୁଭଲରେ ରଖିଥା । ମାଆ ସିନା ମୋତେ ମାଡ ମାରୁଛି..ହେଲେ ସେ ବହୁତ ଭଲ.... ଆଉ କଣ ମାଗିବି! ମୋର କଣ ବାଦରକାର ଖାଲି ମୋ ଭାଇଟା ଫେରିଆସୁ ।

ଏଇ ଚିଠିଟାକୁ ପଢୁ ପଢୁ ହସି ପକାଇଲା ବାସନ୍ତୀ । ଏମିତି କ'ଣ ସେ ଲେଖିଛି ଯେ...ବଡ ଠାକୁର କ'ଣ ଚିଠିପଢନ୍ତି କି! ସେ ପରା ସମସ୍ତଙ୍କର ଠାକୁର...

ଏତିକି ବେଳେ ମାଆ ବାଡିପଟରୁ ଆସୁଥିବାର ଦେଖି ତର ତର କରି ବାସନ୍ତୀ ଚିଠିଟାକୁ.......... ।

ସା/ପୋ: ସିମିନଇ
ଜି: ଢେଙ୍କାନାଳ-୭୫୯୦୨୫
ମୋ:-୯୪୩୭୨୯୦୧୮

# ତୁ ଥା ମୁଁ ଯାଉଛି ରୁଷି



ପ୍ରଶାନ୍ତ କୁମାର ନାଥ

ପ୍ରେମ ତୁ ଗେହ୍ଲା ଅତି ଚଗଲ୍
ମାନୁନୁ କାହା କଥା
କଟି ପକେଇ ଦେବି ତୋ ସାଥେ
ହେବିନ ଯମା କଥା
କାନ୍ଦୁ ଥିବୁ ତୁ ବସି.....
ତୁ ଥା ମୁଁ ଯାଉଛି ରୁଷି ।

ମାନଲେ କଥା ସୁନାଟା ପର୍
ଦେବି ଚକଲେଟ୍ କଣି
ପଢିଲେ ଭଲ କରିବି ଗେଲ
ନହେଲେ ଥିବୁ ଘୁହିଁ
ଘୁହିଁ ରହିବୁ ବସି....
ତୁ ଥା ମୁଁ ଯାଉଛି ରୁଷି ।

ଝିଅ ମୋ ସୁନା ଚବିଶି ଗିନା
ପାଠପଢୁଛି ଭଲ
ତୁଳସୀ ନାଆଁ ମହକୁ ଅଛି
ତୋଠୁ କେତେ ସେ ଭଲ
ହେବୁନ ଯଦି ଭଲ....
ତୁ ଥା ମୁଁ ଯାଉଛି ରୁଷି ।

ହୋଇଲେ ଭଲ କରିବେ ଗେଲ
ନାଆଁ ପଡିବ ମୋର
ଗାଆଁଟା ଯାକ କହିବେ ଭଲ
ସୁନା ପୁଅଟା ମୋର
ନହେବୁ ଯେବେ ସୁନା....
ତୁ ଥା ମୁଁ ଯାଉଛି ରୁଷି ।

ମୋବାଇଲ ସାଥେ ସବୁ ବେଳ
କଟୁଛି ତୋର ଦିନ
ପାଠ ପଢିଲେ ଭଲ ମଣିଷ
ହେବୁରେ ତୁହି ପ୍ରେମ
ନପଢ ତୁହି ପାଠ...
ତୁ ଥା ମୁଁ ଯାଉଛି ରୁଷି ।।

ଜୁଣଗଡି (ରାଜନଗର),
କେନ୍ଦ୍ରାପଡ଼ା

# ଦୁର୍ବଳ ମୁହୂର୍ତ୍ତ



ସିଦ୍ଧେଶ୍ୱର ତ୍ରିପାଠୀ

ଆଗୋ ସୁନୟନା କରନ ବାହାନା
ତୋଳନଅ ବାହୁ ବନ୍ଧନରେ
ଲାଜର ଗହଣା ଦିଅଗୋ  ଉତ୍ତାରି
ଅଙ୍ଗବାସ ସବୁ ଯାଉ ଦୂରେ ।

ରକ୍ତଜବା ପରି ତୁମସେ ଓଠରୁ
ଝରାଇ ଦିଅଗୋ ମଧୁରସ
ଏଇ ମଗୁସୁର  ଗହନ ରାତିରେ
ଏକାକନ ଥରେ ଆସ ଆସ ।

ଭୁଲିଯାଅ ତୁମ ପଛ ସଂସାରକୁ
ଅଙ୍ଗ ଦାସ ମୋତେ କର ଥରେ
ଆଗୋ ସୁନୟନା କରନ ବାହାନା
ତୋଳନଅ ବାହୁ ବନ୍ଧନରେ ।

ରାତି ସାଥେସାଥେ ରତି ବଢୁଥିବ
ବଢି ଗଳିଥିବ ଦୀର୍ଘଶ୍ୱାସ
କେଉଁ ଅତୀତର ମଲା ସପନ ମୋ
ଧୀରେ ପାଉଥିବ ଜୀବନ୍ୟାସ ।

ସମୟ ସରୁଛି ସ୍ମୃତିବି ଝରୁଛି
ଆଉ କବା ଲାଭ ବିଳମ୍ବରେ
ଆଗୋ ସୁନୟନା କରନ ବାହାନା
ତୋଳ ନଅ ବାହୁ ବନ୍ଧନରେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ରାଗ_ଋଷିକୁଲ୍ୟା

ବିହରିତକୁ କରି ନରୀକ୍ଷଣ - ମୃତ ଅହି ବିଲୋକଲେ ତକ୍ଷଣ
କଳ କଲ୍ ନୃପଙ୍କ ମତି ଭ୍ରମ- ଭୁଲିଲେ ସରବ ସାତ୍ତ୍ୱିକ କର୍ମ ସେ
ଭୁଜଙ୍ଗ ତୀରେ ଉଠାଇ ଯେ
ଯୋଗ ଧ୍ୟାନ ରତ ମହର୍ଷି ଗଳାରେ କ୍ରୋଧ ଦେଲେକ ଲମ୍ବାଇ ଯେ ।୨୧ ।

କଳ ଭ୍ରମରେ ଭ୍ରସିଲେ ନୃପତି - ଶକ୍ତ ପ୍ରଦର୍ଶନ କଲେ ଝଟତି
ବିଦ୍ରୁପେ ଟହ ଟହ ହାସ କରି - ଦୂଷଣ ବର୍ଜିତେ ପାପ ଆଚରି ସେ
କୁକର୍ମେ କଲ୍ ଆବୃତ୍ତ ଯେ
ଅଭିମନ୍ୟୁ ସୁତ ତୃର୍ଷାର୍ତ୍ତ କଣ୍ଠରେ ସ୍ୱ ନଗରକୁ ଆଗତ ଯେ ।୨୨ ।

ଅନତି ଦୂରେ ବିଲୋକ ଏ ଦୃଶ୍ୟ - ଧାଇଁଲେ ଋଷିଙ୍କର ପଞ୍ଚଶିଷ୍ୟ
ତଟିନୀ କୂଳେ ତକ୍ଷଣେ ମିଳଲେ ଶୃଙ୍ଗୀ ସମୀପେ ବିଭ୍ରାଜିତ କଲେ ସେ
ସନ୍ଧ୍ୟା ସ୍ନାନେ ଥିଲେ ରତ ଯେ
ପିତୃ ଅପମାନେ ସର୍ବାଙ୍ଗ କମ୍ପିଲ୍ କ୍ରୋଧ ମନେ ହୋଇ ଜାତ ଯେ ।୨୩ ।

ମହାତେଜୋବନ୍ତ ବ୍ରହ୍ମର୍ଷି ସୁତ - ଶୁଣି ଏତଦୃଶ କମ୍ପିଲ୍ ଗାତ୍ର
ଘନ ଘନ ଶ୍ୱାସ ପ୍ରଶ୍ୱାସ ଛାଡି - ଜ୍ଞାନର ଅଞ୍ଜନ ଗଲ୍କ ହୁଡି ସେ
ଦହନ ହୁଅଇ ମର୍ମ ଯେ
ଧର୍ମ ତପ ମୋକ୍ଷ ଯା ପାଦ କମଳେ କେକଲ୍ ଏଡେକ କର୍ମ ଯେ ।୨୪ ।

ବିଷଧର ପ୍ରାୟ କରି ଗର୍ଜନ - ତଟିନୀ ନୀରକୁ ଧରି ବହନ
କ୍ରୋଧ ହରିନେଲ୍ ଜ୍ଞାନର ଭର - ମୁଖେ ଉଚ୍ଚାରିଲେ ଶାପର ଗିର ସେ
ଆରେରେ ଗର୍ବୀ ଗ୍ୱଜନ ଯେ
ପିତୃଦେବଙ୍କୁ ମୋ ହେୟ ମନେ କଲୁ ମୃତ୍ୟୁ ତୋ ହେବ ବହନ ଯେ ।୨୫ ।

-: ଟୀକା :-

ବିହରିତ - ଗ୍ବରିଦିଗ
ଭୂଧର - ପର୍ବତ
ଭୁଜଙ୍ଗ - ସର୍ପ
ଦୂଷଣ ବର୍ଜିତେ - ପାପରହିତ ନୃପତିଙ୍କୁ
ହୁଡି - ଭୁଲିଯିବା ।

ବରପଦର, ଗୋବିନ୍ଦପୁର, ବରଗଡ

# କାହିଁକି 'ଔଷଧ ବିକଳେ ତାଟିଆ କାମୁଡ଼ିବା' ନୀତି

ପ୍ରଶାନ୍ତ କୁମାର ନାଥ

ଆମେ ସମସ୍ତେ ଜାଣନ୍ତି; ଖାଲି ଜାଣନ୍ତି ନାହିଁ ବିଶ୍ୱାସ ମଧ୍ୟ କରନ୍ତି – ଜନ୍ମ ଓ ମୃତ୍ୟୁ ଭଗବାନଙ୍କ ଇଚ୍ଛାରେ । ତେଣିକି ଯିଏ ଯେଉଁ ଧର୍ମର ସିଏ ତା ଭଗବାନଙ୍କ ଇଚ୍ଛା ବୋଲି ବିଶ୍ୱାସ କରନ୍ତି । ଯଦିଓ ବେଳେ ବେଳେ ଲୋକମାନେ ସେହି ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ ଯିବାକୁ ଚେଷ୍ଟା କରନ୍ତି । ଖାଲି କରନ୍ତି ନାହିଁ ଆଜିକାଲି ଆଧୁନିକ ଚିକିତ୍ସା ପଦ୍ଧତି, ବୈଜ୍ଞାନିକ ଆବିଷ୍କାର ଇତ୍ୟାଦିର ଦୋହାଇଦେଇ ଭଗବାନଙ୍କର ଇଚ୍ଛାକୁ ବିରୋଧ କରିବାକୁ ଚେଷ୍ଟା ଚଳାଇଛନ୍ତି । ଦୀର୍ଘଜୀବୀ ପାଇଁ ନାନା କୌଶଳକୁ ଆପଣାଉଛନ୍ତି । ସେମାନେ ଯେ ଆଜିଯାଏଁ ନିଜ ଚେଷ୍ଟା ଦ୍ୱାରା କେତେ ସଫଳ ହୋଇଛନ୍ତି ସେକଥା ସମୟ କହିବ! କିନ୍ତୁ ମଣିଷ ସଫଳ ହୋଇଛି – ଜନ୍ମକୁ ନିୟନ୍ତ୍ରଣ କରିପାରିଛି 'ଇଚ୍ଛା ଜନ୍ମ' ଦ୍ୱାରା; ମହାମାରୀଠାରୁ ଯେକୌଣସି ସାଧାରଣ ରୋଗକୁ ଚିହ୍ନି ତାର ମୂଳ କାରଣଗୁଡ଼ିକୁ ଦମନ କରିବାର ପ୍ରୟାସରେ । ସତ କହିବାକୁ ଗଲେ ମଣିଷ ଯାହା କରିଛି ବା ସଫଳ ହୋଇଛି ତାର ସେ ଶ୍ରେୟ କେବଳ ତା ଏକାର ନୁହେଁ; ପ୍ରକୃତିର ମଧ୍ୟ । ଏମିତି କରିବାରେ ପ୍ରକୃତି ମଧ୍ୟ ବହୁପରିମାଣରେ ସାହାଯ୍ୟ କରିଛି ମଣିଷକୁ । ଯୋଗାଇଦେଇଛି ପରିବେଶ ଏବଂ ଅନ୍ୟାନ୍ୟ ସୁଯୋଗ ସୁବିଧା; ଯାହାକୁ ନେଇ ମଣିଷ ପରୀକ୍ଷା ନିରିକ୍ଷା କରି ସଫଳ ହୋଇଛି। ଯଥା– ମାଟି, ପବନ, ପାଣି, ନିଆଁ, ସୂର୍ଯ୍ୟକିରଣ ଓ ରାତି ଅନ୍ଧାର ଇତ୍ୟାଦି । ଆମଦେଶରେ ଆଗରୁ ଅଧିକାଂଶ ଅଞ୍ଚଳରେ ଯେଉଁମାନେ ଆମିଷ ଖାଆନ୍ତି; ସେମାନଙ୍କ ଘରେ ଯଦି କେହି ବୃଦ୍ଧ ଥାଆନ୍ତି ସେମାନଙ୍କୁ ସିଙ୍ଗିମାଛର ଝୋଳ ବା କଉଣ୍ଡିମାଛର ଝୋଳ କରି ଖାଇବାକୁ ଦିଆଯାଏ । ସେତେଯେମିତି ଅନ୍ୟାନ୍ୟ ମସଲା ତରକାରୀର ଝୋଳ ଖାଇଲେ ତାଙ୍କର କ୍ଷତି ହେବାର ସମ୍ଭାବନା ରହିଛି! ଯଦିଓ ଆଜିକାଲି ପନିପରିବା ସିଝା (ବିନା ତେଲ ମସଲା ଦିଆ) ଖୁଆଇବା ପ୍ରଥା ଚାଲୁ ହେଲାଣି । କାହିଁକି ନା ଆଜିକାଲି ଯେଉଁ ସିଙ୍ଗି ଓ

ମାଗୁର ମିଳୁଛି, ସବୁ ମଣିଷ ତିଆରି । ସେଗୁଡ଼ାକ ଉପରେ ଲୋକଙ୍କର ଭରସା ନାହିଁ । ତେଣୁ ପନପରିବାକୁ ଯେତେ ସାର ଇଞ୍ଜେକ୍ସନ ଦେଇ ବଡ଼ ଓ ଅଧିକ ଫଳାହେଲେ ବି ସେଗୁଡ଼ା ଉପକାରୀ । ଏମିତି ବି ସାର ମାଟି ଖାଏ ଆଉ ଇଞ୍ଜେକସନ ଖରରେ ଶୋଷି ହୋଇଯାଏ । ତେଣୁ ପରିବା ଉପରେ ସମସ୍ତଙ୍କର ବେଶି ବିଶ୍ୱାସ । ତେଣୁ ବୟସ ବଢ଼ିବା ସହିତ ଖାଦ୍ୟ ଖାଇବାର ନୟମାବଳ ମଧ ବଦଳଯାଏ ।

ବୃଦ୍ଧମାନଙ୍କୁ ଯେ କେବଳ ଆମ ଦେଶରେ ଏମିତି ଝୋଳ ଖାଇବାକୁ ଦିଆଯାଏ ତାହା ନୁହେଁ! ପଶ୍ଚିମ ଦେଶ କମ୍ବା ୟୁରୋପ ଦେଶରେ ମଧ ଅସୁସ୍ଥମାନଙ୍କୁ ଝୋଳ ଖୁଆଇବା ରୀତି ରହିଛି। ତେବେ ଯଦିଓ ସେମାନଙ୍କର ଝୋଳ ଆମର ସିଙ୍ଗିମାଛ ବା କଉ୍ଣ୍ଡିମାଛ ଝୋଳ ନୁହେଁ; ତାହା ସୁପ୍ । ମାଛ, ମାଂସ ଓ ଯେକୌଣସି ପନପରିବା ବା ଫଳକୁ ବ୍ୟବହାର କରି ସୁପ୍ ତିଆରି ହୋଇପାରେ । ଯାହା ଆଜିକାଲି ଆମ ଗାଁ ସହରରେ ଉଭୟ ଫୁଟ୍‌ପାଥରେ, ସ୍ନାକ୍ ସେଣ୍ଟରରେ, ଏବଂ ବଡ଼ ବଡ଼ ହୋଟେଲମାନଙ୍କରେ ସହଜରେ ମିଳଲାଣି । ଏହାଛଡ଼ା ଅତି କମ୍ ଦାମ୍‌ରେ ବିଭିନ୍ନ ପ୍ରକାର ସୁପ୍‌ର ରେଡିମେଡ ପାଉଚ୍ ମଧ ବଜାରରେ ଉପଲବ୍ଧ ହେଲାଣି ।

ଇଟାଲିର ବୈଜ୍ଞାନକ ଲୁଇସ୍ ଗ୍ୟାଲଭ୍ନିଙ୍କର ସ୍ତ୍ରୀ ମଦର ଗ୍ୟାଲଭ୍ନିଙ୍କ ଅସୁସ୍ଥତାକୁ ନେଇ ଏକ କାହାଣୀ ଶୁଣିବାକୁ ମିଳେ । ଥରେ ମଦର ଗ୍ୟାଲଭ୍ନିଙ୍କ ଦେହ ଭିଷଣ ଖରାପ ହୋଇଥାଏ । ଯେତେ ଡାକ୍ତର ଚକତ୍ସା ଏବଂ ଔଷଧ ଖାଇଲେ ବି ତାଙ୍କ ଦେହର ଭଲ ହେଉ ନଥାଏ । ଦେହସାରା ଭିଷଣ ବ୍ୟଥା । ଜ୍ୱର ତାତିରେ ଦେହ ଖଇଫୁଟୁ ଥାଏ । କୌଣସି ଉପାୟ ନପାଇ ତାଙ୍କ ଡାକ୍ତର ତାଙ୍କୁ ବିଶେଷ ଏକ ସୁପ୍ ଖାଇବା ପାଇଁ କହିଲେ । ସେଇଟି ଥିଲା ବେଙ୍ଗର ସୁପ୍ । ଏହାଥିଲା ତାଙ୍କ ଦେହ ସୁସ୍ଥ ହେବାର ଏକମାତ୍ର ଔଷଧ ବୋଲି ଡାକ୍ତର ତାଙ୍କୁ ବୁଝାଇ କହିଥିଲେ । ଏହାଶୁଣି ମଦର ଗ୍ୟାଲଭ୍ନି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲେ । କନ୍ତୁ ଏହାଯେ ତାଙ୍କ ସୁସ୍ଥ ହେବାର ଏକମାତ୍ର ଉପାୟ ଜାଣିଲା ପରେ ନଜ ପରିଗ୍ଭରିକାକୁ ସୁପ୍ ତିଆରି ପାଇଁ କହିଥିଲେ । ପରିଗ୍ଭରିକା ବାହାରୁ ଏକ ବେଙ୍ଗ ଧରି ଆଣିଲା ଏବଂ ସୁପ୍ ତିଆରି କରିବାକୁ ପ୍ରସ୍ତୁତି ଆରମ୍ଭ କଲା । ମଦର ଗ୍ୟାଲଭ୍ନି ଶରୀରର ଅସହ୍ୟ ଯନ୍ତ୍ରଣା ସତ୍ତ୍ୱେବି ସୁପ୍ ତିଆରି ଦେଖିବା ଏବଂ ତଦାରକ କରିବାକୁ ବିଛଣାରୁ ଉଠି ଯାଇ ପରିଗ୍ଭରିକା ପାଖରେ ପହଞ୍ଚିଲେ ।

ମଦର ଗ୍ୟାଲଭ୍ନ ଯାଇ ଦେଖନ୍ତୁ; ପରିଗ୍ଭରିକା ବେଙ୍ଗ ଦେହରୁ ଚମଡ଼ା ଉତାରି ସାରିଛି ଏବଂ ସେହି ଚମଡ଼ାକୁ ରଖିବାପାଇଁ ଜାଗା ଖୋଜୁଛି । ସେ କହିଲେ, 'ଏଗୁଡ଼ିକୁ ମୋ ସ୍ୱାମୀଙ୍କ ଲ୍ୟାପର ଟେବୁଲ ଉପରେ ରଖ' । ପରିଗ୍ଭରିକା ସଂଗେ ସଂଗେ ସେଗୁଡ଼ିକୁ ନେଇ ଯେଉଁଠି ରଖିଲା ତା ପାଖରେ ଥିଲା ଗ୍ୟାଲଭ୍ନଙ୍କ ଗୋଟିଏ ବୈଦ୍ୟୁତିକ ଯନ୍ତ୍ର । ହାତରେ ଛୁରୀ ନେଇ ସେଗୁଡ଼ିକୁ କାଟିବା ସମୟରେ ହଠାତ୍ ଏକ ବୈଦ୍ୟୁତିକ ସ୍ଫୁଲିଙ୍ଗ (ଅଗ୍ନିକଣିକା) ଆସି ଛିଟିକି ପଡ଼ିଲା ଛୁରୀଟି ଉପରେ । ଛୁରୀବାଟେ ଦେଇ ସେ ସ୍ଫୁଲିଙ୍ଗଗୁଡ଼ିକ ଗ୍ଭଲିଗଲା ବେଙ୍ଗ ଦେହକୁ । ସଂଗେ ସଂଗେ ବେଙ୍ଗଟିର ଗୋଡ଼ ହଲିବାକୁ ଲାଗିଲା ଓ ଦେହ ଥରିଉଠିଲା। ମଦର ଗ୍ୟାଲଭ୍ନ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସ୍ୱାମୀଙ୍କୁ ଡାକି କହିଲେ, 'ଲୁଇସ୍ ଦେଖିଯାଅ, ଅତ୍ୟନ୍ତ ମଜାର ଗୋଟିଏ ଘଟଣା ଏବେ ଘଟିଗଲା ।' ଏହି ଗଳ୍ପଟି ପଢ଼ିଲେ ସଂପୂର୍ଣ୍ଣ କାଳ୍ପନିକ ବୋଲି ମନେହୁଏ । କୁହାଯାଏ ଉଣେଇଶି ଶତକର ବିଜ୍ଞାନ ପ୍ରଗ୍ଭରକମାନେ ଏହି କାଣୀଟିରେ ନାଟକୀୟତା ଆଣିବାପାଇଁ ଗ୍ୟାଲଭ୍ନଙ୍କ ସ୍ତ୍ରୀଙ୍କର ଏହି ଗଳ୍ପଟିଏ ବୋଲି ତିଆରି କରିନ୍ତି । ଏହି କାହାଣୀଟିର ସତ୍ୟାସତ୍ୟ ଜଣା ନଥିଲେ ବି ଗ୍ୟାଲଭ୍ନଙ୍କର ସ୍ତ୍ରୀ ୧୭୯୦ରେ ମୃତ୍ୟୁବରଣ କରନ୍ତି । ସ୍ତ୍ରୀଙ୍କର ମୃତ୍ୟୁ ବର୍ଷେ ପରେ ଗ୍ୟାଲଭ୍ନ ତାଙ୍କ ଆବିଷ୍କାର ସଂପର୍କରେ ବିବରଣୀ ପ୍ରକାଶ କରନ୍ତି । ବହୁପରୀକ୍ଷା ନିରିକ୍ଷା ପରେ ଗ୍ୟାଲଭ୍ନ ସଫଳତା ପାଇଥିଲେ ସତ । ତାଙ୍କର ଅବଦାନ ମଣିଷ ସମାଜପାଇଁ ଏକ ବଡ଼ ଅବଦାନ । ହେଲେ ଆମ ରାଜ୍ୟରେ ସିଏ ପୁଣି ରାଜଧାନୀ ଭଳି ସ୍ଥାନରେ ସାପକାମୁଡ଼ା ବ୍ୟକ୍ତିକୁ ଦୀର୍ଘ ସମୟଯାଏ ମନ୍ଦିରରେ ପିଣ୍ଡାରେ ସୁଆଇ ପାଣିଢାଳବା ଏବଂ ମଣିଷ ନ ବଞ୍ଚିବା ଯାଏଁ ସାପକୁ କଳସିରେ ପୂରାଇ ରଖିବା ଇତ୍ୟାଦି ଘଟଣା ପଛର କାହାଣୀ ଆଜିବି ଅଜଣା! ଏମିତିକି କେହି ଗୋଡ଼ରେ ହାତରେ ପାଦରେ ରୋଗୀର ଶରୀରକୁ ଛୁଇଁଦେଲେ କୁଆଡ଼େ ରୋଗୀ ସୁସ୍ଥ ହେଉଛନ୍ତି! ସୁସ୍ଥହେବା ବ୍ୟାକୁଳତାରେ ସହ ସହ ଲୋକ ପହଞ୍ଚି ଠକମୀର ଶିକାର ହେଉଛନ୍ତି । ଏସବୁ ଘଟଣା ଠିକ୍ ମଦର ଗ୍ୟାଲଭ୍ନଙ୍କୁ କୌଣସି ଉପାୟ ନପାଇ ପରାମର୍ଶ ଦେଇଥିବା ମିଛ ଡାକ୍ତରଙ୍କ ଘଟଣା ପରି ମନେହେଲେ ବି 'ଔଷଧ ବିକଳେ ତାଟିଆ କାମୁଡ଼ିବା' ନୀତି କୁହାଯାଇପାରେ। ଆଜିକାଲି ସମସ୍ତେ ଶିକ୍ଷିତ ହେଲେଣି, ତଥାପି ଏ ନୀତି କାହିଁକି ?

ଗୋବିନ୍ଦପୁର, ଛତିଆ, ଟାଙ୍ଗୀ, କଟକ-୭୫୪୦୨୩
ମୋ: ୯୮୮୩୭୦୧୫୪୫

# ମା ଲୋ ତୁହିଁ ସାହା



ସଙ୍ଗୀତା ମହାନ୍ତ

କି ପୁଣ୍ୟ କରିଥିଲ ମା ତୁଳସୀ ତୁମେ
ନିତି ଲାଗୁଛ ପ୍ରଭୁଙ୍କ ମଥାରେ
ମୋର କାହିଁ ଭାଗ୍ୟ ମୋ ତୁମ ପରି
ଲାଗିବି ଯାଇ ଆଉ କାହା ପାଦରେ
ନିତି ଡାକୁଛି ମା ତୁମକୁ ସଞ୍ଜ ସକାଳେ
ନିତି ପୁଷ୍ପ ଜଳ ଆଉ ଭକ୍ତି ତୁମ ପାଶେ ଢାଳେ
ଅହ୍ୟର୍ଣୀ କରି ନିଅ ମୋ ତୁମ ପାଶେ
ତାରା ହୋଇ ରହିବି ମୁଁ ସେଇ ଆକାଶେ
ହାତରେ ମୋର ବଜ୍ର ହୋଇ ରହୁ ମୋ ଶଙ୍ଖ
ଦରକାର ନାଇଁ ମୋର ଧନ, ସମ୍ପତି, ଟଙ୍କା
ମଥାରେ ସିନ୍ଦୁର ଦାଉ ଦାଉ ହୋଇ ଝଟକୁ ଥାଉ
ସଂସାରେ ମୋର କିଛି ଦରକାର ନାଇଁ ଆଉ
ମୋର ପତିଙ୍କୁ ଘଣ୍ଟ ଘୋଡାଇ ରଖିଥାଅ ମା
ସଦା ସର୍ବଦା ତାଙ୍କୁ ହୋଇଥାଅ ସାହା
ଏତିକି ମା ମୋର ପ୍ରାର୍ଥନା
ତାଙ୍କୁ କେବେ ଦୁଃଖ କଷ୍ଟ ଦିଅନା
ପାଇଲି ମା ମୁଁ ସୁନାର ମଣିଷ
ତାଙ୍କୁ ଦେଇଦିଅ ସବୁ ମୋ ଆୟୁଷ
ଅମୂଲ୍ୟ ହୋଇ ରହିଛି ଆମ ସମ୍ପର୍କ
କେବେ ହୋଇ ନାହିଁ ଆମ ଭିତରେ ବିତର୍କ

ଭଲ ପାଇବା ରହିଛି ଆମର ଅତୁଟ
କେବେ କରିନାହୁଁ ଆମେ ଛନ୍ଦ କପଟ
ଯାହା ଖୋଜିଥିଲି ମା ତା ଠାରୁ ଦେଇଛ ଅଧିକା
ଆଉ ମୋ ପାଇଁ ନାହିଁ କଛି ବଳକା
ଖଇ କଉଡି ଅହ୍ୟ ଡେଙ୍ଗୁର୍ ରେ ଉଠି ଯାଉ ମୋ ସବାରୀ
ଖୁସିରେ ଖୁସିରେ ତାଙ୍କ ସେବା କରି ଗ୍ଭଲିଯିବି ମୁଁ ସେପାରି
ସିନ୍ଦୁର ହସିଲେ ମା ହସିବ ମୋ ସଂସାର
ସିନ୍ଦୁର ଅଙ୍ଗାର ହେଲେ ମା ସବୁ ଅସାର
ଇହ କାଳ ପର କାଳର ମୋ ସ୍ୱାମୀ ଦେବତା
ଜଳବାର ଥିଲେ ଜଳଯାଉ ଆଗେ ମୋ ଚତା
ତାଙ୍କ ପାଶେ ଥାଇ ତାଙ୍କ ସେବା କରି
ଗ୍ଭଲିଯିବି ଖୁସିରେ ମୁଁ ଆରପାରି
ସିନ୍ଥୀରେ ସିନ୍ଦୁର ମୋର ତାଙ୍କରି ପାଇଁ
ମଥାରେ ଓଢଣା ମୋର ତାଙ୍କରି ପାଇଁ
କ ଦିନ କ ଗ୍ଭତି ପୂଜୁଛି ମା ତତେ
ଅହ୍ୟ ସୁଲକ୍ଷଣୀ ମା କରିବୁ ମତେ
ସଂସାର ସୁନ୍ଦର ମାଲେ୍ ତୋରି ପାଇଁ
ମୋର ଆଉ ଜୀବନେ କଛି ଲେ୍ଡା ନାହିଁ
ଯୋଉଦିନ ଝିଅରୁ ମୁଁ ବୋହୁ ହୋଇଗଲି
ସେଇ ଦିନଠୁ ତତେ ମୋ ଜୀବନେ ସାକ୍ଷୀ ରଖିଲି
ମୋ ଲୁହ ଝରିଲେ ତୋ କାନ ଅଛି
ଦୁଃଖରେ ଥିଲେ ମୁଁ ମା ତୋ ଦୁଆର ଅଛି
ଭଲରେ ଅଛି ଲେ୍ ମା ମୁଁ ତୋରି ପାଇଁ
ମୋର ଆଉ ସଂସାରେ କଛି ଦରକାର ନାଇ ॥

ତୁଳସୀପୁର, ମଠସାହି

# ସୂର୍ଯ୍ୟସ୍ନାନ



ଭଗିରଥୀ ଯାନୀ

ଶୀତ ସକାଳର ଗୀତ ମନେ ଭରେ ପ୍ରୀତ,
ଗୀତ ପଦେ ଗାଇଦେଲେ ଗ୍ଭଲିଯାଏ ଶୀତ।
ନିଜ ମନ ସିନା ଜାଣେ ଅନ୍ତରର କଥା,
ଦୁଃଖ କଥା କହିଦେଲେ ଦୂରେଯାଏ ବ୍ୟଥା।
ସୁଶୀତଳ ଶୀତକାଳ ହେଲା ଉପଗତ,
ଆବାଳବୃଦ୍ଧବନିତା କରନ୍ତୁ ସ୍ୱାଗତ।
ପ୍ରାତକାଳେ ସୂର୍ଯ୍ୟୋଦୟ ହୁଏ ବିଳମ୍ବିତ,
ସୂର୍ଯ୍ୟସ୍ନାନ ପାଇଁ ସର୍ବେ ବ୍ୟାକୁଳ ଅତ୍ୟନ୍ତ।
ଶିଶୁ ଜରାଜୀର୍ଣ୍ଣ ବୃଦ୍ଧ ଗାଁ' ଦାଣ୍ଡ ମଝିରେ,
ଧୂନି ଜାଳ ବସିଥାନ୍ତି ତାହାରି ପାଖରେ।
ଧୂଆଁ ଧୂଆଁ ଦେଖାଯାଏ ଦୂର ଦିଗବଳୟ,
ଲାଗେସତେ ପୃଥିବୀଟା କୁହୁଡି ଆଳୟ।
ନିଆଁ ଉଷୁମରେ ବସି କରି ଖୁସି ଗପ,
ଧିରେ ଧିରେ ତେଜି ଉଠେ ଏ ଜୀବନ ଦୀପ।
ପାଦ ହାତ ଚଳେନାହିଁ ଶୀତର ପ୍ରକମ୍ପେ,
ଥିରି ଥିରି ଗ୍ଭଲିବାକୁ ଶରୀରଟା ଶଙ୍କେ।
ଧରିତ୍ରୀର ଚତୁର୍ଦିଗ ଶିଶିରରେ ସ୍ନାତ,
ପ୍ରଶାନ୍ତ ନିରସ ଦିଶେ ଶୀତରେ ପ୍ରଭାତ।
ଶିଶିର ବିନ୍ଦୁର ଟୋପା ପଡିଥିଲେ ଘାସେ,
ସୂର୍ଯ୍ୟଙ୍କ କିରଣେ ତାହା ମୋତି ପରି ଦିଶେ।

ଏ ମୁଣ୍ଡରୁ ସେ ମୁଣ୍ଡକୁ ଡିଆଁ କୁଦାମାରି,
ସୂର୍ଯ୍ୟଙ୍କ କରଣ ଖୋଜେ କଅଁଳା ବାଛୁରୀ।
ଏ ମାଟି ମାଆର ଶ୍ରେଷ୍ଠ ସନ୍ତାନ କୃଷକ,
ସାରା ଜଗତରେ ସେତ ଜୀବନ ରକ୍ଷକ।
ତାଳ ମାନ ଲୟ ହୀନ ସଙ୍ଗୀତ ମୂର୍ଚ୍ଛନା
ତଥାପି ସେ ଗାନ କରେ ହୋଇ ଆନମନା।
ହାଡ ଭଙ୍ଗା ଶୀତ ଜାଡ ନ କରି ଖାତିର,
କୃଷି କାର୍ଯ୍ୟ କରିବାକୁ ହୁଏ ଆଗଭର।
ଜୀବନ ଜୀବିକା ଅଟେ ତାର ଶସ୍ୟ କ୍ଷେତ୍ର,
ପ୍ରତ୍ୟୁଷରୁ ଡାକେ ତାକୁ ତା' ପରମ ମିତ୍ର।
ସୁବର୍ଣ୍ଣ ବର୍ଣ୍ଣର ଧାନ କରିବ ସଂଗ୍ରହ,
ହୃଦୟରେ ଭରିଯିବ ଆନନ୍ଦ ଉତ୍ସାହ।
ଏ ଫୁଲରୁ ସେ ଫୁଲକୁ ଉଡେ ପ୍ରଜାପତି,
ସୋରିଷ ଫୁଲର କ୍ଷେତ ଡାକୁଛି ଯେମିତି।
ଗୁଣୁ ଗୁଣୁ ସଙ୍ଗୀତଟି ଭ୍ରମରର ସ୍ୱନ,
ମନେ ହୁଏ ଯେମିତି କ ସ୍ୱାଗତିକା ଗାନ।
ସୋରିଷ ଫୁଲର ସେହି ହଳଦିଆ କ୍ଷେତ,
ଏଇ ମନ ଆକର୍ଷିଣେ ହୁଏ ଆନନ୍ଦିତ।
ସୂର୍ଯ୍ୟ ରଶ୍ମି ପରଶରେ ସ୍ନିଗଧ ମଞ୍ଜୁଳ,
ଅତ୍ୟଧିକ ସୁଶୋଭିତ ସେ ସୋରିଷ ଫୁଲ।

ଦଳପଡା, ଖଜୁରୀପଡା, କନ୍ଧମାଳ

# ଅସ୍ତଗାମୀ ସୂର୍ଯ୍ୟ



ବିଶ୍ୱ ରଞ୍ଜନ ମହାନ୍ତ

ଗୋଟିଏ ଦରିଦ୍ର ମଣିଷ ଛାଟିପିଟି ହୋଇ ରାସ୍ତାରେ କିଛି ବାଟ ଧାଇଁ ଯାଉଥିବାର ଦେଖିଲି । ସେ ଯେ ଯନ୍ତ୍ରଣାକ୍ତ ଓ ବ୍ୟଥିତ ତାହା ତାର ଅପସୃୟମାଣ ଭଙ୍ଗୀରୁ ସୁଦ୍ଧା ଅନୁମାନ କରିପାରୁଥିଲି ।

ରାମବାବୁ ବିପରୀତ ଦିଗକୁ ଦୃଷ୍ଟି ଫେରେଇଲା ବେଳକୁ ଦେଖିଲେ, ହାତରେ ଦୀର୍ଘ ଅମରୀ ବାଡ଼ିଟିଏ ଧରି ମୁହଁରେ ଘୃଣା, ଅବଜ୍ଞା ଓ ଦଣ୍ଡବିଧାନ କରି ପାରିଥିବାର ତୃପ୍ତି ମିଶାଇ ପାଖ ହୋଟେଲ ର ମାଲିକଟି ଛିଡା ହୋଇଥିଲା । ରାମବାବୁ ତାଙ୍କୁ ପଚାରିଲେ – ସେ କଣ ସେଇ ମଗଟାକୁ ନେଇଯାଉଥିଲା । ସେଥିରେ ଥିଲା କଣ ?

ହୋଟେଲ ମାଲିକ ଉତ୍ସାହ ର ସହ କହିଲେ –ସେଇଟା ଗୋଟେ ପକ୍କା ଚୋର । ନୂଆ ଆମଦାନୀ ହୋଇଛି ଏ ଆଡକୁ । ଯେଉଁଠି ଯେଉଁ ଜିନିଷ ଥୁଆ ହୋଇଥାଉ ସେ ତା' ଠି ହାତ ମାରିଦେବ । ତାକୁ ଆଉ ଦି ପାହାର ଦରକାର ହେଉଥିଲା ।

କଥା କହୁଥିବା ହୋଟେଲ ମାଲିକର ଦୃଷ୍ଟି କୁ ଅନୁସରଣ କରି ଦେଖିଲେ ରାମବାବୁ ଲୋକଟି ତାଙ୍କ ଆଡକୁ ଫେରୁଥିଲା । ମାତ୍ର ହୋଟେଲ ମାଲିକ ହାତରେ ବାଡ଼ିଟି ସେଯାବତ ଥିବାର ଦେଖି ସେ ବାଟ ଭାଙ୍ଗି ଅନ୍ୟତ୍ର ଚାଲିଗଲା । ଏବେ ରାମବାବୁଙ୍କ ଦୃଷ୍ଟି ତା ପୁରା ଶରୀରରେ ଘୁରି ଆସିଲା । ସେ ପିନ୍ଧିଥିଲା ଖୁବ ଜୀର୍ଣ୍ଣ ଓ ଛୀର୍ଣ୍ଣ ପୁଣି ମଳିନ ଗାମୁଛା । ତାର ଦେହସାରା ଘା ଫୁଟି ଉଠିଥିଲା । ମୁଣ୍ଡରେ କେଶ ରୁକ୍ଷ ଓ ଜଟ ହୋଇ ଯାଇଥିଲା । ଦାଢ଼ି, ନଖ ବଢ଼ି ଯାଇଥିଲାଓ ଅପରିଚ୍ଛନ୍ନ ଦିଶୁଥିଲା । ସେ ଟଳମଳ ପାଦରେ ଚାଲୁଥିଲା । ରାମବାବୁଙ୍କୁ ଗୋଟିଏ ପାଗଳ ପରି ଦେଖା ଯାଉଥିଲା ।

ରାମବାବୁ ହୋଟେଲ ମାଲିକକୁ ପଚାରିଲେ -ଆପଣଙ୍କୁ ସେ ପାଗଳଟିଏ ମନେ ହେଉନାହିଁ ?

ହୋଟେଲ ମାଲିକ -ଈଷତ ରୁଷ୍ଟ କଣ୍ଠରେ କହିଲେ ନା ନା ମୁଁ ତାକୁ ଭଲ କରି ଚିହ୍ନିଛି ସେ ଗୋଟିଏ ପୁରୁଣା ଚୋର ।

ଖୁବ ଦୂରରୁ ନୁହେଁ, ଏକ ବିକଳ ଚିତ୍କାର ଭାସିଆସି ଆମ କଥୋପକଥନ ରେ ବାଧା ଦେଲା। ସେମାନେ ଦୁହେଁ ସେ ଦିଗକୁ ଚାହିଁ ଦେଖନ୍ତି ତ, ପାଗଳଟା ଯନ୍ତ୍ରଣା ରେ ଚିତ୍କାର କରି ଇତସ୍ତତଃ ଧାଉଁଛି । ଗୋଟିଏ ଜଳଖିଆ ଦୋକାନର ମାଲିକ, କର୍ମଚାରୀ ଓ ଗ୍ରାହକ ଖୁବ ଆନନ୍ଦରେ ସେ ଦୃଶ୍ୟକୁ ଉପଭୋଗ କରୁଛନ୍ତି । ଲୋକଟିର ବ୍ୟସ୍ତ ବିକଳତାରୁ ଆନନ୍ଦ ପାଉଛନ୍ତି । ଦୋକାନର ଚାକର ପିଲାଟି ମୁନ୍ଦାଏ ଗରମ ଜଳ ପାଗଳଟି ଉପରକୁ ଛାଟି ଦେଇଛି । କେହି ତାର ପ୍ରତିବାଦ ନ କରି ସମସ୍ତେ ମଜ୍ଜା ଦେଖୁଥିବାରୁ ସେମାନଙ୍କୁ ମନୋରଞ୍ଜନ ଯୋଗାଇ ଦେଇଥିବାର ଗର୍ବରେ ଟୋକାଟି ହସୁଛି ।

ଚାହୁଁ ଚାହୁଁ ପାଗଳଟି ଧାଉଁଥିବା ଅବସ୍ଥାରେ ରାସ୍ତାକଡ଼ରେ ବାଦାମ ବିକୁଥିବା ପିଲାଟିର ବସ୍ତାରୁ ମୁଠାଏ ବାଦାମ ଝାମ୍ପିନେଇ ପଳାଉଥିଲା, ପିଲାଟି ଢେଲାଟିଏ ଫିଙ୍ଗିଲା, ଢେଲାଟି ତା ପିଠିରେ ଦୁମଂକରି ବାଜିଲା । ପାଗଳ ଟି ହାତରୁ ବାଦାମ ତକ ଖସି ପଡ଼ିଲା । ଏ ସମସ୍ତ ଦୃଶ୍ୟ ରାମବାବୁଙ୍କଆଖି ଆଗରେ ଘଟିଗଲା ।

ରାମବାବୁ ହୋଟେଲ ମାଲିକଙ୍କୁ ପଚାରିଲେ -ଏହା କଣ ପାଗଳାମୀ ନୁହେଁ ?

ହୋଟେଲ ମାଲିକ କହିଲେ -ଏହା ଦୁଷ୍ଟାମୀ ।

ଏଣୁ ରାମବାବୁ କୌତୁହଳ ଓ ସଂଶୟ ନେଇ ଲୋକଟିର ଚାଲି ଚଳଣ କୁ ଲକ୍ଷ୍ୟ କରିବାରେ ଲାଗିଲେ । ସେ ରାଜରାସ୍ତାରୁ ଖସି ପାଖ ଡାକଘର ଆଡ଼େ ଚାଲିଲା । ସେଠାରେ ଠିଆ ହୋଇଥିବା ସ୍କୁଟି ପାଖରେ ନହରପହର ହେଲା । ସ୍କୁଟି ଚାଳକ ପହଞ୍ଚି ଯିବାରୁ ସେ ସେଠାରୁ ଅପସରି ଗଲା । ଗୋଟିଏ ପରିବା ଦୋକାନୀର ଅନ୍ୟମନସ୍କତାର ସୁଯୋଗ ନେଇ ସେ କିଛି ବାଇଗଣ ଉଠେଇ ନେଲା । ପରିବା ଦୋକାନୀ ର ଆଖି ପଡ଼ିଯିବା କ୍ଷଣୀ ସେ ତାର ଷଣ୍ଢ ହୁରୁଡ଼ାଇବାକୁ ଉଦିଷ୍ଟ ଠେଙ୍ଗାରେ ପାହାରେ କଷିଦେଲା । ପାହାରଟି ତାର ପିଠିରେ ବାଜିଲା । ତାହା ଖୁବ ଶକ୍ତ ଥିଲା କି କଣ, ସେ ସେଇ ପାହାରରେ ଅସମ୍ଭାଳ ହୋଇ କଚାଡି ପଡ଼ିଲା ।

ସେଠାରୁ ଗୁରୁଣ୍ଡି ଗୁରୁଣ୍ଡି ପାଖ ଗଛ ମୂଳକୁ ଚାଲିଗଲା ଓ ସେଠାରେ ଲମ୍ବ ହୋଇ ଶୋଇଗଲା।

ଏଯାବତ ତା ପ୍ରତି ଥିବା ରାମବାବୁଙ୍କର କୌତୁହଳି ଭାବ ଏବେ ଦରଦ ଓ ସମ୍ବେଦନଶୀଳତାରେ ପରିଣତ ହୋଇଗଲା । ରାମବାବୁ ଗୋଟିଏ ଠୁଙ୍ଗାରେ କିଛି ଜଳଖିଆ ଧରି ତା ପାଖରେ ପହଞ୍ଚିଲେ । ସେ ପ୍ରଥମେ ସଂଶୟରେ ପଡିଗଲା । ତା ପରେ ରାମବାବୁଙ୍କୁ ଦେଖି କ୍ଷତିକାରକ ନୁହେଁ ବୋଲି ଅନୁମାନ କଲା । ଶେଷରେ ଖୁବ ଆଗ୍ରହ ରେ ପ୍ରାୟ ଝାମ୍ପିନେଲା ପରି ଠୁଙ୍ଗାଟି ରାମବାବୁଙ୍କ ହାତରୁ ନେଇଗଲା । ଦେଖୁ ଦେଖୁ ଅନେକ ଦିନର ଭୋକିଲା ପରି ସେ ଠୁଙ୍ଗାଟିକୁ ଶେଷ କରିଦେଲା । ଭୋକ କେତେ କରାଳ ହୋଇପାରେ !ତାହାର ଖାଇବାର ଭଙ୍ଗୀ ଦେଖି ରାମବାବୁଙ୍କ ହୃଦୟରେ ଖୁବ ବ୍ୟଥା ସୃଷ୍ଟି ହେଲା । ଦାମୀ ପୋଷାକ ପିନ୍ଧି ତା ପାଖରେ ଛିଡ଼ାହେବା ପାଇଁ ରାମବାବୁଙ୍କୁ ସଂକୋଚ ଲାଗୁଥିଲା । ଏଣୁ ପରିବେଶକୁ ସ୍ୱଭାବିକତା ଦେବାପାଇଁ ରାମବାବୁ ତା ପାଖରେ ବସି ପଡ଼ିଲେ ।

ଖାଇ ସାରିବାପରେ ତାକୁ ପାଣି ଗିଲାସେ ଦେଲେ । ଗିଲାସେ ପାଣି ତାକୁ ଅକୁଳାଣ ହେଲା । ସେ ନିଜେ ଉଠିଯାଇ ରାସ୍ତାକଡ଼ ଟ୍ୟାପରୁ ପାଣି ପିଇଲା । ଫେରିଆସି ସେଇ ଗଛମୂଳେ ଥକା ହୋଇ ବସିଗଲା ।

ରାମବାବୁ ଖୁବ କୋମଳ ରେ ପଚାରିଲେ –ବାବୁ !ତୁମ ନାମ କଣ ?

ସେ ନିସ୍ପୃହ କଣ୍ଠରେ କହିଲା –ଶ୍ୟାମସୁନ୍ଦର !ଯେମିତି ସିଏ ଜାଣିଗଲାଣି ନାମ ଗୋଟିଏ ମୋହର, ପରିଚୟ ନୁହେଁ । ନା ସହିତ ଗୁଣଗ୍ରାମ, ଅବସ୍ଥାର କୌଣସି ସମ୍ପର୍କ ନାହିଁ ।

ରାମବାବୁ ଭାବିଲେ, ଦ୍ୱାପରର ମହାନଟ ଶ୍ୟାମସୁନ୍ଦର ଶ୍ରୀକୃଷ୍ଣଙ୍କ ଲଳିତ କମନୀୟ ରୂପ ଦଣ୍ଡେ ଦିଶିଯାଇ ଅଦୃଶ୍ୟ ହୋଇଗଲା । ସର, ଲବଣି, ଅଧାମ ଚୋରିକରି ଗୋପବାସୀଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଥିବା ଶ୍ୟାମସୁନ୍ଦର ତା ହେଲେ ଆଜି ବି ଚୋରି କରୁଛନ୍ତି । ଯଦିଓ ଭଙ୍ଗୀ ଟି ଅମାର୍ଜିତ । ବୁଭୁକ୍ଷିତ ଶ୍ୟାମସୁନ୍ଦରର ବିକଳ ଅସ୍ତିତ୍ୱରୂପୀ ପରଦାରେ ରାମବାବୁଙ୍କ କଳ୍ପନାର ଛବି ଦଣ୍ଡେ ପ୍ରତିଫଳିତ ହୋଇ କ୍ରମେ ଅସ୍ପଷ୍ଟ ହୋଇଗଲା ।

ରାମବାବୁ ଶ୍ୟାମଙ୍କୁ ପଚାରିଲେ –ତୁମର ଏପରି ଦୁରବସ୍ଥା କାହିଁକି ହେଲା ? ତୁମ ଘରଦ୍ୱାର, ବାପା –ମାଆ, ବନ୍ଧୁ, ପଡୋଶୀ କଣ କେହି ନାହାନ୍ତି ? ଏତେ ଲୋକଙ୍କ ର ମାଡ଼ ଗାଳି କାହିଁ ଭୋଗୁଛ !!ମାଗୁନାହଁ !ଉଠେଇ ନେଉଛ କାହିଁକି ? ରାମବାବୁଙ୍କ କଣ୍ଠରେ ସମବେଦନା ଥିଲା । ତାହା ଶ୍ୟାମର ହୃଦୟକୁ ଛୁଇଁଲା । ମଣିଷ ପ୍ରତି ଇତି ମଧ୍ୟରେ ଥିବା ତାର ସମସ୍ତ ଦ୍ୱେଷ, ଅଭିଯୋଗ, ଓ ପ୍ରତ୍ୟାଖାନ ର ପୁଞ୍ଜିଭୂତ କାଠିନ୍ୟ ତରଳି ବୋହିଗଲା ଲୁହ ଆକାରରେ ।

ସେ ଆଣ୍ଠୁ ଉପରେ ଦୁଇ ହାତ ଛନ୍ଦି ତା ଉପରେ ଥୋମଣି ରଖି କହିବାକୁ ଲାଗିଲା । –ଆମ ଘର ନୂଆପଡା । ବାପା ଭକ୍ତସୁନ୍ଦର ଥିଲେ ଭାରି ମାତବର । ଆମେ ବର୍ଣ୍ଣରେ ଖଣ୍ଡାୟତ ପାଇକ । ହେଲେ ବି ବାପାଙ୍କର ଧର୍ମ କର୍ମରେ ବେଶୀ ଧ୍ୟାନ । ତାଙ୍କର ଅଧିକାଂଶ ସମୟ ପୋଥି ପଢ଼ା, କୋଥଳି ସେବାରେ ଯାଏ । ଘରେ ଠାକୁର ମନ୍ଦିର ।ଅତିଥି ଅଭ୍ୟାଗତଙ୍କ ଛୁଟଣ ଲାଗିଥାଏ । ତାଙ୍କ ଅର୍ଚନା ବ୍ୟବର୍ଚ୍ଚନାରେ ସବୁବେଳେ ଏକ ପ୍ରକାର କୋଳାହଳ ଲାଗିରହିଥାଏ । ଏ ସବୁ କଥା ସମ୍ଭାଳନ୍ତି ଗାଁ ର ଭାଇ, ମୁରବି ମାନେ । ମୋ ମାଆ ପିଲାଦିନୁ ମରିଯାଇଥାନ୍ତି । ମୁଁ ବାପାଙ୍କ ଏକମାତ୍ର ସନ୍ତାନ । ତେଣୁ ମୋ ପାଇଁ ସେ ଥିଲେ ଉଭୟ ବାପା ଓ ମାଆ । ବାପାଙ୍କ ପ୍ରତି ଲୋକମାନଙ୍କ ଆନୁଗତ୍ୟ ଓ ସ୍ୱଭାବ ଥିବାରୁ ମୋର ଶୈଶବ ଆଦୌ ଯତ୍ନହୀନ ହୋଇ ନଥିଲା ।

ହାଇସ୍କୁଲ ଜୀବନରେ ତ ମୁଁ ଖୁବ ଅୟସ ଓ ଆରାମ ରେ ଥିଲି । ସ୍କୁଲରେ ପାଠପଢା, ଖେଳ, ଏନ. ସି. ସି., ଡିବେଟ ସବୁଥିରେ ମୁଁ ଏକ ନମ୍ବର ହେଉଥିଲି । ସାଥୀ ଓ ସାନପିଲା ମୋତେ ଖାତିର କରୁଥିଲେ । ଶିକ୍ଷକ ମାନଙ୍କର ମୁଁ ନୟନପିତୁଳା ଥିଲି । ଯେଉଁ ବିଷୟରେ ମୋର ମାର୍କ ଅଧିକ ରହେନାହିଁ ଶିକ୍ଷକଙ୍କର ମନ କଷ୍ଟ ହୁଏ । ମୁଁ ତାଙ୍କ ବିଷୟରେ ଅବହେଳା କରିଛି ବୋଲି ସେ ମନେ କରନ୍ତି । ଛାତ୍ର ସମାଜ ମୋ ନାଁ ରଖିଥିଲେ ହାଇସ୍କୁଲ ସୂର୍ଯ୍ୟ । ମୁଁ ସ୍କୁଲ ପଢ଼ା ସାରୁଣୁ ନସାରୁଣୁ ବାପା ରୁଗୁଣ ହୋଇ ପଡ଼ିଲେ । ମାରାତ୍ମକ ରାଜବ୍ୟାଧି ତାଙ୍କ ଉପାସ ଜର୍ଜର ଦେହକୁ ଖୋଳ କରି ସାରିଥିଲା । ତାଙ୍କର ସେବା ଶୁଶ୍ରୁଷା ପାଇଁ ମୋତେ ପଢ଼ା ଛାଡ଼ିବାକୁ ହେଲା । ରୋଗ ଡେଇଁବା ଭୟରେ ସବୁ ଭକ୍ତଲୋକ ଛାଡ଼ିଛୁଡି ଗଲେ । ଔଷଧ, ପଥି, ଓ ଘରଖର୍ଚ୍ଚ ସହିତ ଦେବତା ବିଧି ମିଶି ଆମ ଦୈନନ୍ଦିନ ଚଳଣି କ୍ରମେ ନିସ୍ତେଜ ହୋଇ ଆସିଲା । ମୋର ମାତ୍ର ଅଠର ବର୍ଷ ବୟସରେ ବିବାହ ହୋଇ ଗଲା ।

ସାରା ପରିବାରର ଦାୟିତ୍ୱ ସମ୍ଭାଳି ସମସ୍ତଙ୍କୁ ନିଶ୍ଚିତ କରି ରଖିବାକୁ ମୁଁ ସବୁ ପ୍ରକାର ଚେଷ୍ଟା ଚଲାଉଥାଏ ।

ମାତ୍ର ଭଗବାନ ସହିଲେ ନାହିଁ । ଅଳ୍ପ କେଇଟା ଦିନରେ ବାପା ଚାଲିଗଲେ । ବାପାଙ୍କ ଚାଲିଯିବା ମୋ ପାଇଁ ଖୁବ ଅସହାୟ ବ୍ୟଥାତୁର ଭାବ ଆଣିଦେଲା ନାହିଁ, କାରଣ ତାଙ୍କ ଯନ୍ତ୍ରଣାରୁ ମୁକ୍ତି ପାଇବା ମଧ୍ୟ ଆମର ପ୍ରାର୍ଥନା ଥିଲା । କିନ୍ତୁ ତା ଫଳରେ ଯେଉଁ ଶୂନ୍ୟତା ସୃଷ୍ଟି ହେଲା ତାହା ମୋ ପାଇଁ ଅକଳ୍ପନୀୟ ଥିଲା ଏଣୁ ଅସହ୍ୟ ହୋଇପଡିଲା । ଏବେ ସାରା ସଂସାର ଦାୟିତ୍ୱ ମୋ ଉପରେ । ଜମିବାଡ଼ି, ବନ୍ଧୁବାନ୍ଧବ, ପଡ଼ାପଡୋଶୀ, ପିଲାଛୁଆ, ସବୁ ଉପରେ ଠାକୁରଘର ଖର୍ଚ୍ଚ, ଏସବୁ ତୁଲେଇବାକୁ ଏକୁଟିଆ ଲୋକ ମୁଁ ।

ଆମ ଦୁହିଁଙ୍କ କୋଳ ପୂରଣ କରି ଦୁଇଟି ସନ୍ତାନ ଆସିଲେ । ପୁଅଟିଏ, ଝିଅଟିଏ । କ୍ଷେତରୁ ଖଟି ଖଟି ଆସି ସେଇ ମାନଙ୍କ ହସିଲା ମୁହଁ ଦେଖିଲେ ସ୍ୱର୍ଗ ସୁଖ ମିଳୁଥିଲା । ମାତ୍ର ଦି ବର୍ଷ ଆଗେ ଯେଉଁ ଭୟଙ୍କର ମରୁଡ଼ି ହେଲା ସେଥିରେ ତ ସେ ଅଞ୍ଚଳ ସାରା ବିଭୀଷିକା ଖେଳିଗଲା । ଆମେ ସମସ୍ତେ ଆତଙ୍କିତ ହୋଇ ପଡ଼ିଲୁ । ଘରର ସମସ୍ତ ସଂଚିତ ଶସ୍ୟ ଶେଷ ହୋଇଗଲା । ଏପରିକି ଜମିବାଡ଼ି ବିକ୍ରି କରିବା ଆରମ୍ଭ ହୋଇଗଲା । ଓଳିଏ ଖାଇ କଂସାର ବଳକା ଖାଦ୍ୟକୁ ଆଉ ଆରଥର ପାଇଁ ସାଇତି କୌଣସି ମତେ ସେ ବର୍ଷଟି ପାରହୋଇଗଲା । ଗଲାବର୍ଷର ମରୁଡ଼ି ସବୁ ଥିଲାଲୋକଙ୍କ ମେରୁଦଣ୍ଡ ଭାଙ୍ଗିଦେଲା । ମୋର ସବୁତକ ସମ୍ପତ୍ତି, ଘରର ଖାନଦାନୀ ଆସବାବପତ୍ର ସବୁ ଶାଗମାଛ ମୂଲରେ ବିକ୍ରି ହୋଇଗଲା ।

ଦିନେ ସକାଳେ ମୁଁ ଆବିଷ୍କାର କଲି ଯେ, ମୋର ସମସ୍ତ ସହାୟ ଲୋପ ପାଇ ସାରିଛି । ମୁଁ ନିଃସ୍ୱ, କାଙ୍ଗାଳ ପାଲଟିଯାଇଛି । ମୂଲ ଲାଗିବା ନ ହେଲେ ଭିକ୍ଷା ମାଗିବା ଥିଲା ଦୁଇଟି ବିକଳ୍ପ ଅବଲମ୍ବନ । ମୁଁ ବାହାରିଲି ମୂଲ ମଜୁରୀ ଲାଗି ଗଣ୍ଡେ କିଛି ଯୋଗାଡ଼ କରିବାକୁ । ମାତ୍ର ସେ ଭଳି ପରିସ୍ଥିତିରେ ମୂଲ ଲଗାଇବାକୁ କେଉଁ ଲୋକର ଅବା କି ଦରକାର ଅଛି । ପୁଣି ମଜୁରିଆ କୋଉ ସଂଖ୍ୟାରେ ଉଣା ଅଛନ୍ତି । ସେତେବେଳକୁ ଚାରି ମାସ ଗଲାଣି । ସରକାର ମରୁଡ଼ି ସ୍ୱୀକାର କରୁ ନଥାନ୍ତି । ରିଲିଫ ତ ଦୂରର କଥା ଦରଦାମ ବି ନିୟନ୍ତ୍ରଣ କରୁ ନଥାନ୍ତି । ଦିନେ ସ୍ତ୍ରୀ କୁ କହିଲି –ଯାଉଛି ଜନ୍ମ ନିରୋଧ ଅସ୍ତ୍ରପଚାର କରାଇଦେବି । ସେଠୁ କିଛି ପଇସା ମିଳୁଛି ପରା । ଚଳି ଯାଆନ୍ତେ ଛୁଆ ଦୁଇଜଣ ଦିନେ ଦି ଦିନ । ମୋ ସ୍ତ୍ରୀ ତାହା କରାଇ ଦେଲାନାହିଁ । ଅସ୍ତ୍ରପଚାର କଲେ କାଳେ ଶରୀର ଦୁର୍ବଳ ହୋଇଯାଏ, ବଳ ହଟିଯାଏ । ମୁଁ ଅଟକି ଗଲି । ମାତ୍ର ତା ପରଦିନର ପରିସ୍ଥିତି ମୋତେ ବାଧ୍ୟ କଲା ସରକାରୀ

ଡାକ୍ତରଖାନା ଯାଇ ଅସ୍ତ୍ରପଚାର କରିବାକୁ । ପରଦିନ ଭୋକ ସମ୍ଭାଳି ନ ପାରି ପୁଅଟି ଚାଲିଗଲା । ମୋ ସ୍ତ୍ରୀ ଭୋକରେ ପାଟିକରି କାନ୍ଦି ପାରିଲାନାହିଁ ମଧ୍ୟ । ସ୍ୱାମୀ ସ୍ତ୍ରୀ ଦୁହେଁ ଅସ୍ତ୍ରପଚାର କରିଦେଲୁ । ହାତକୁ ଆସିଲା କିଛି ପଇସା । ମାତ୍ର ବଜାରରେ ଚାଉଳ, ଅଟା ଉଭାନ । ଲୋକେ ସେତେବେଳକୁ ଜଙ୍ଗଲ ଖୋଜି ମୂଳ ଡାଳ ସବୁ ଖାଇଗଲେଣି ।

ମରୁଡ଼ି ପରିସ୍ଥିତି ସୁଧୁରୁ ନଥାଏ । ସରକାରୀ ବ୍ୟବସ୍ଥା ହେଉ ନଥାଏ । ଜଣେ ସାହୁକାର କୁମୁଟି ତାଙ୍କ କୋଠାକାମ ପାଇଁ ବଦଳରେ ରନ୍ଧାଖାଦ୍ୟ ଦେଉଥାନ୍ତି । ସେଠି ଛାତିଫଟା ଭିଡ଼ । ସେଠି ନିଶୁଆ ଦରଓ୍ୱାନ । ହାତରେ ଚାବୁକ । ଯେତେ ଅନୁନୟ ହେଲେବି ସେଠି ମୂଲ ମିଳିଲାନି, କାରଣ ମୁଁ ଦୁର୍ବଳ । ଦୁଇଦିନ ଜଗି ଜଗି ତୃତୀୟ ଦିନକୁ କାମକୁ ଯିବାକୁ ଡ଼ାକରା ଆସିଲା । ସେତେବେଳକୁ ମୋର ଆଠ ଦିନର ଉପବାସ । ସ୍ତ୍ରୀ କତରାଲଗା । ଝିଅ ବି ଉପବାସ ରେ ପଡ଼ି ପଡ଼ି ଚାଲିଗଲାଣି । ମୁଁ କାମରେ ଲାଗିଲି, ଏଇ ଆଶାରେ ଯେ, ନିଜ ଖାଇବା ଗଣ୍ଡାକ ଗାମୁଛାରେ ବାନ୍ଧିନେଲେ ଘରେ ଦୁହେଁ ଗଣ୍ଡିଏ ଲେଖାଏଁ ପାଟିରେ ଦେବୁ । ମାତ୍ର ମୁଁ କାମ ସାରି ପାରିଲିନାହିଁ । ଉପାସିଆ ଦେହ ପରିଶ୍ରମ ସହି ପାରିଲାନାହିଁ । ମୁଣ୍ଡ ଘୁରାଇ ଦେଲା, ତଳେ ପଡ଼ିଗଲି । କାମରେ ଗଲତି ହେବାରୁ ପିଠିରେ ବାଜିଲା ଚାବୁକର ପାହାର । ଅଚେତ ହୋଇଗଲି । କିଏ ସବୁ ସାଷ୍ଟମ କରି ଘରେ ଆଣି ଛାଡିଲେ ମୁଁ ଜାଣିନି । ଚେତା ଆସିଲା ବେଳକୁ ମୋ ସ୍ତ୍ରୀ ବିଛଣାରେ ପଡ଼ି ପଡ଼ି ମରିଯାଇଛି । ତାର ଦାହ ସତ୍କାର କେମିତି ହେବ ?

ସେତେବେଳକୁ ଭୋକ ଜ୍ୱାଳାରେ ମୁଁ ଆଖି ଟେକି ଚାହିଁପାରୁ ନଥାଏ । କେଉଁଠୁ କିଏ ଗଣ୍ଡାଏ ବାସୀଭାତ ଦେଲା । ସେଇତକ ଖାଇଦେଇ ମୁଁ ଉଠିଲି । ଧରିନେଲି, ସ୍ତ୍ରୀଟି ମୋର ହାଡ଼ି ହାତରେ ଟଣାହେବ । ସାହିର କେଇଜଣ ଯୁବକ ସାହସ ଦେଲେ । ଆମେ ହାତେ ଦି ହାତେ ଗାତ ଖୋଳି ପୋତିଦେବୁ । ମୁଁ ଖାଲି କହିଲି -"ପିଲାଙ୍କୁ ଧରି ଥାଆ... ମୁଁ ବି ଅଳ୍ପଦିନ ଭିତରେ ପହଞ୍ଚୁଛି । "କିନ୍ତୁ ମୁଁ କେମିତି ଉଧୁରିଗଲି । ମରଣ ବୋଧେ ମଣିଷ ଖାଇ ଖାଇ ଚିଢ଼ା ହୋଇଯାଇଥିଲା । ମୋତେ ସୁକୁଟାଟାଏ ଦେଖି ଛାଡ଼ିଦେଲା କିମ୍ବା ଗୋଟିଏ ପରିବାର ନିର୍ମୂଳ କରିଦେଲେ ନିନ୍ଦା ପାଇବ ବୋଲି ମୋତେ ନେଲାନାହିଁ । ମାତ୍ର ଛାଡ଼ିଯାଇ ମୋତେ ସେ ବେଶୀ ଦଣ୍ଡ ଦେଲା ।

ଗାଁ ଛାଡ଼ି ସହରକୁ ଚାଲିଆସିଲି । ଭାବିଲି ମାଗିଯାଚି ଗଣ୍ଡେ ଖାଇ, ଦେହରେ ବଳ ହେଲେ କାମଧନ୍ଦା କରି ଚଳିଯିବି । ସହରରେ ଆସି ଦେଖିଲି, ଏଠି ସହାନୁଭୂତି ଶୂନ । ମରୁଡ଼ି ମାଡଖିଆ ମଣିଷକୁ ଏଠି ମାମୁଲି ମାଗିଖିଆଙ୍କ ସାଙ୍ଗରେ ଭାଗିଦାରୀ ହେବାକୁ ହେଲା । ଘର ଘର ବୁଲି ଦେଖିଛି ଲକ୍ଷ୍ମୀ ଯେମିତି ମୋତେ ତାଟି କବାଟ ପକେଇ ଲୁଚୁଛନ୍ତି । ଶେଷକୁ ଅଇଁଠା ପତର ପାଖରେ କୁକୁର ବିଲେଇ ବି ପ୍ରତିବାଦୀ ହୋଇଛନ୍ତି । କେଉଁଠି କୁକୁର ତ କେଉଁଠି ମୁଁ ଜିତିଛି । କିନ୍ତୁ ଭୋକ ମୋତେ ହାରିନାହିଁ । ଥରଟିଏ ପେଟପୁରା ଖାଇବା ଆଦୌ ଜୁଟି ନାହିଁ । ତେଣୁ ଅହରହ ଭୋକରେ ପୀଡିତ ହୋଇ ମୁଁ ବ୍ୟାକୁଳ ଭାବରେ ଖାଇବା ଦ୍ରବ୍ୟ ଲୋଡ଼ୁଛି । ମିଳେ... ମିଳେନାହିଁ... ଚେଷ୍ଟା କରେ । କିନ୍ତୁ ମୋ ଉପସ୍ଥିତି ଦେଖିଲେ ଥିଲାବାଲା ମୋତେ 'ନେଇ ପଳେଇବ 'ର ଦୂତ ଭାବନ୍ତି । ମାରି ଗୋଡ଼ାନ୍ତି । ଯାହା ପାଖରେ ଯାହା ଥାଏ ମୋତେ ତାହା 'ଏଇଠି ଏଇ ରଖିଦେଇଛି 'ଭଳି ଲାଗେ । ମୁଁ ସେଇଟା ନେଇଯିବାକୁ ଚେଷ୍ଟା କରେ । ଏଣୁ ମାଡ଼ ଖାଏ, ବାରମ୍ବାର ମାଡ଼ ଖାଏ ।

ଏ ଶରୀରରେ ଯେତେ ଦାଗ ଘା ଦେଖୁଛ ତହିଁରୁ କିଛି କୁକୁର କାମୁଡ଼ା, କିଛି ଢେଲା ଫୋପଡ଼ା, ଓ ଆଉ ସବୁ ବାଡ଼ି ଠେଙ୍ଗା ପାହାର । ତଥାପି ଏ ପ୍ରାଣ ଛାଡ଼ି ଯାଉନାହିଁ । ଆପଣଙ୍କ ଏ ଖାଦ୍ୟ ତକ ନିଲଠା ଜୀବନକୁ ଆଉ କେଇଦିନ ଠେଲିନେବ । କହୁ କହୁ ଖୁବ କ୍ଳାନ୍ତିରେ ସେଇଠି ଆଖିମୁଦି ଶୋଇ ପଡ଼ିବାର ଉପକ୍ରମ କଲା ଶ୍ୟାମ ।

ରାମବାବୁ ଆକାଶକୁ ଦୃଷ୍ଟି ଫେରାଇଲେ । ପଶ୍ଚିମ ଆକାଶରେ ସୂର୍ଯ୍ୟ ଅସ୍ତର ଆୟୋଜନ, ବର୍ଣ୍ଣାଢ୍ୟ ମାତ୍ର ବିମର୍ଷକର ।

ନମ ବସନ୍ତ, ଜଟଣୀ

# ମୋ କଳ୍ପନାରେ ତୁମେ

ମୟଙ୍କ

ତୁମ ଓଠ ଏକ ଗୋଲାପି ନଦୀର ସ୍ରୋତ
ଝରେ ନିତି ଖାଲି ମଧୁର କଥାର କୁହୁକ
ମନ ମୟୁରୀ ! ତୁମ ହସ ଫୁଲର ସମ୍ଭାର
ତୁମ ଆଖି ଏକ ଉଚ୍ଛୁଳା ସାଗର ତରଙ୍ଗ
କଳା ବାଦଲରେ ତୁମେ ପୂର୍ଣ୍ଣିମାର ଚାନ୍ଦ ।

ତୁମ କଥା ଏକ ମୋହିନୀ ସଙ୍ଗୀତ ମୂର୍ଚ୍ଛନା
ମୋହିନିଏ ମନ ନିମିଷକେ ନାହିଁ ତାର କଳନା
ତୁମ ମନ ପ୍ରଜାପତି ! ଘୂରି ବୁଲେ ଦିବା ନିଶି
କୁସୁମ ବନରେ ତୁମେ ମଳୟ ସବାରୀ
ତୁମ ଶ୍ୟାମଳ କୁନ୍ତଳ ଲାଗେ ଭ୍ରମର କୁମାରୀ ।

ତୁମ ହୃଦୟ ଏକ ସୁନ୍ଦର ଗୋଲାପ ବଗିଚା
ଅରୁଣିମା ରଙ୍ଗେ ମୁଖ ତୁମ ସୁବର୍ଣ୍ଣ ଚନ୍ଦ୍ରିକା
ଜହ୍ନର ଜୋସ୍ନାରେ କାନ୍ତିଭରା ତୁମ ଚଞ୍ଚଳ କାୟା
କାମାନଳେ ଯେହ୍ନେ ଭିଜେ ପ୍ରେମାତୁର ଜାୟା
କୋମଳାଙ୍ଗୀ ଗୋ ! ତୁମେ ମୋ କାଳ୍ପନିକ ନାୟିକା ।

ବୌଦ୍ଧ
9337467379

# ମୁଁ ଆଦିବାସୀ ଝିଅ



ରାମ ଚନ୍ଦ୍ର ପ୍ରଧାନ

ବଣମୂଳକର  ଆଦିବାସୀ ଝିଅ
ମୁହେଁ ମୋ ନୀରବ ହସ
ସଭ୍ୟ ସମାଜ ଠୁ  କାହିଁ କେତେଦୂରେ
ମୋ ଜୀବନ ଇତିହାସ ।
ଜଙ୍ଗଲୀ ଝରଣା  ପାହାଡ଼ି ଇଲାକା
ଅଟେ ମୋ ଜୀବନ ରେଖା
ପରମ୍ପରା ଭରା  କଳା ସଂସ୍କୃତିରେ
ପରିଚୟ ମୋର ଲେଖା ।
ପାଦ ଦୁଇଟି ମୋ କର୍ମେ ଅଗ୍ରସର
ନ ରଖି ମନରେ ଆଶା
ସରଳ ନିରୀହ ଶାନ୍ତସ୍ନିଗ୍ଧ ଭଳି
ମୋ ହୃଦୟ ପରିଭାଷା ।
ହାଲିଆ ଅଳସ  କ୍ଲାନ୍ତ ଅବସାଦେ
ଭୁଲି ଯାଇ ନିଜ ଦୁଃଖ
ଜୀବନ ଜୀବିକା  ଜଞ୍ଜାଳ ଭିଡ଼ରେ
ସାଉଁଟେ ମୁଁ ନିତି ସୁଖ ।
ପାଶ୍ଚାତ୍ୟ ମହକ ଅବା ଶିକ୍ଷାଲୋକ
ମୋ ପାଇଁ ସାତ ସପନ
ତଥାପି ମୁଁ ହସେ  ପାହାଡ଼ି ରାଇଜେ
ଛୁଇଁ ସୁଖର ଗଗନ ।

ଶିକ୍ଷକ,ସାନ୍ତରାପଲ୍ଲୀ, ଗଞ୍ଜାମ,ମୋ:9861638736

# ଲୁଗ୍ଣ ଦେଇଛି ଲୁହକୁ



ରୁଦ୍ର ନାରାୟଣ ଦାଶ

ବାହୁନି ବାହୁନି କାନ୍ଦୁଛି ଆଜି ସେ ଅହଲ୍ୟା
ଗୌତମର କ୍ରୋଧାଗ୍ନିରେ ଭସ୍ମୀଭୂତ ପ୍ରାୟ
ସତେ ସତୀ ଅପହୃତା ଇନ୍ଦ୍ରର ଶୌର୍ଯ୍ୟରେ
ଜୀବନ୍ତ ସେ ମାତ୍ର ଆଜ ପ୍ରସ୍ତର ରୂପରେ
ବାହୁନି ବାହୁନି କାନ୍ଦେ
ଇନ୍ଦ୍ରର ଇନ୍ଦୁକୁ ନିନ୍ଦେ
ସତେ କଲା ତା'ର ଶୃଙ୍ଗାର ହରଣ।।

ରହିଗଲା ଚୁମ୍ବନର ଚିହ୍ନ ବକ୍ଷ ଦେଶେ
ଭିଡିଲା ତାହାକୁ ତା'ର ପୌରୁଷ ବାହୁରେ
ସତେ ପ୍ରାୟଶ୍ଚିତ ପାଇଁ ଅହଲ୍ୟା ସେ ତ୍ରେତୟା ବନରେ
କେତେ ଦିନ, ମାସ, ବର୍ଷ, ଦଣ୍ଡ ଆଉ ଯୁଗ!
ଉତ୍ତର ପଚାରେ କିବା ତା'ର ଏହା ଭୁଲ
ସତ୍ୟ ସମାଜେ ହେଉ ତ୍ରେତୟା ସମାଜେ।।

ରାମ ଆଜି ଆସିବେ କି ଶାପରୁ କି ତାରିବାକୁ
ପଚ୍ଚାରନ୍ତା ଏକାନ୍ତରେ ହେ ପାଳନ କର୍ତ୍ତା

ହେ ଅନନ୍ତ କରତା
କିବା ତୁମ ବିଧାନ ଯେ ନାରୀ ଯୋଗ୍ୟ ପାଇବାର ଶାପ
କାହିଁ ନୁହେଁ କି ପୁରୁଷ
ଭାଷୁଥିଲା ଆତ୍ମାକୁ ସେ ଅହଲ୍ୟା
ତ୍ରେତୟାରୁ ଦ୍ୱାପର ଆଉ ଆଜିର କଳିରେ
ଲୁଚାଇ ଲୁହକୁ ଏଇ କାଠକବାଟ ର ଫାଙ୍କରେ
କୁଁ କୁଁ ସୁଁ ସୁଁ..।।

ନୟାପଲ୍ଲୀ, ଭୁବନେଶ୍ୱର

# ଶୃଙ୍ଖଳା



ଟଙ୍କଧର ସାହୁ

ସମୟ ସକାଳ ଦଶଟା। ଗୋବିନ୍ଦ ଆସି ଡାକ ଦେଲା -"ତୁ ଏପର୍ଯ୍ୟନ୍ତ ବାହାରି ନାହୁଁ। ତୋର ସବୁ ଦିନ ଡେରି ହେଉଛି।"

ଗୋପାଳ ବଡ଼ ତରବରିଆ ହୋଇ ସାର୍ଟ ଖୋଜୁଥିଲା। ଏତିକବେଳେ ତା ' ମାଆ ଧଳା ସାର୍ଟ ଟିଏ ହାତରେ ଧରି ଗୋପାଳ ପାଖକୁ ଆସିଲେ। ପଚ୍ଚାରିଲେ - "ବାଡି ପଟ ପିଜୁଳି ଗଛ ଡାଳରେ ୟାକୁ କଏ ରଖିଥିଲା ?"

ଗୋପାଳ ସବୁଦିନ କଛି ନା କଛି ହଜାଏ। ତାକୁ ଖୋଜିବାରେ ତାର ବହୁ ସମୟ ବ୍ୟର୍ଥ ଯାଏ। କେଉଁଦିନ ପ୍ୟାଣ୍ଟସାର୍ଟ ଆଲମାରୀ ପଛପଟେ ପଡ଼ିଥାଏ ତ କେଉଁଦିନ ଆଳଣାରୁ ଲୁଗତଳେ ରହିଯାଇଥାଏ। ବହି, ଖାତା, କଲମ, ସୀସା,ରବର୍, ସ୍କେଲ ଯାହା ଖୋଜିଲେ,ଖୋଜିଲା ବେଳେ ଶୀଘ୍ର କଛି ମିଳେ ନାହିଁ। ଏଇ ଅସୁବିଧା ସବୁଦିନ ଲାଗି ରହିଥାଏ। ଘରୁ ଗଲାବେଳକୁ ଗୋପାଳ ତା ' ମାଆ ଉପରେ ରାଗ ତମତମ ହୋଇ ବାହାରେ। ଏସବୁ ତା ' ର ପିଉସୀ ପୁଅ ଭାଇ ଗୋବିନ୍ଦ ସବୁଦିନ ଦେଖୁଥାଏ।ହେଲେ ସେ ତାକୁ କଛି କହେନାହିଁ। ଗୋପାଳ ଠାରୁ ସେ ଗୋଟେ ବର୍ଷର ବଡ଼, ଅଷ୍ଟମ ଶ୍ରେଣୀରେ ପଢେ।ତାକୁ ସେ ବହୁତ ଭଲପାଏ। ଘରୁ ଦୁହେଁ ଖୁସି ମନରେ ସ୍କୁଲକୁ ଯାଆନ୍ତି।

ସେଦିନ ସ୍କୁଲ ଯିବା ବାଟରେ ଗୋବିନ୍ଦ କହିଲା -"ଗୋପାଳ ! ତୁ ତୋ ଜିନଷ ସବୁ ସାଇତି କରି ରଖୁ ନୁ କାହିଁକ ? ଜିନଷ ସଜାଇ ରଖିଲେ ଖୋଜିବାକୁ ପଡ଼େ ନାହିଁ।"

ଗୋପାଳ କହିଲା - "ମୁଁ କଣ ସଜାଡ଼ି କରି ରଖୁ ନ କ ! ମୋ ଭାଇ ପରା ସବୁ ଏପଟ ସେପଟ କରି ଦେଉଛି।"

ଗୋବିନ୍ଦ ତା'କୁ ବୁଝାଇଲା - "ଯେଉଁମାନେ ନିଜ କାମ ନିଜେ କରି ନ ଥାନ୍ତି, ସେମାନେ ସବୁବେଳେ ଅନ୍ୟ ଲୋକକୁ ଦୋଷ ଦେଇଥାନ୍ତି। ଜିନିଷ ସାଇତି ରଖିବା ଗୋଟିଏ କଠିନ କାମ ନୁହେଁ, ଏହା ଗୋଟିଏ ବହୁତ ଭଲ ଗୁଣ। ସବୁଦିନ ଏହାପ୍ରତି ଟିକଏ ଧ୍ୟାନ ଦେଲେ ଏହା ଅଭ୍ୟାସରେ ପରିଣତ ହୁଏ।"

ଯେଉଁ ଜିନିଷ ଯେଉଁ ଜାଗାରେ ରହିବା କଥା, ତାକୁ ଠିକ୍ ସେହି ଜାଗାରେ ରଖିଲେ ଘରଟି ସଫାସୂତର ରହେ,ସ୍ଥାନଟି ସୁନ୍ଦର ଦିଶେ। ସାମାନ୍ୟ ଅଯତ୍ନରୁ ଆମକୁ ବେଳେବେଳେ ଅପମାନ ଓ ଧନହାନି ମଧ୍ୟ ସହିବାକୁ ପଡ଼ିଥାଏ। ଏଭଳି କେତେକ ଜିନିଷ ଅଛି ଯାହା ଯତ୍ନର ସହିତ ସାଇତି ରଖିଲେ, ଭବିଷ୍ୟତରେ ତାହା ମୂଲ୍ୟବାନ ସଂଗ୍ରହରେ ପରିଣତ ହୋଇଥାଏ। ଯେଉଁଥିରୁ ଅନେକ କଥା ଜାଣିହୁଏ। ମୁଁ ପରା କେତେ ଜାତିର ଜିନିଷ ସଂଗ୍ରହ କରି ଆମ ଘରେ ଗୋଟିଏ ଛୋଟିଏ ସଂଗ୍ରହାଳୟ ତିଆରି କରିଛି।

ଏ କଥା ଶୁଣି ଗୋପାଳ ତାହା ଦେଖିବାକୁ ଇଚ୍ଛା କଲା। ଯେତେବେଳେ ଇଚ୍ଛା ଆମ ଘରକୁ ଯାଇ, ସବୁ ଜିନିଷ ଦେଖି ପାରିବୁ ବୋଲି ଗୋବିନ୍ଦ ବହୁତ ଖୁସିରେ କହିଲା। ସେଦିନ ସ୍କୁଲରୁ ଫେରି ଗୋପାଳ ସବୁକଥା ତା ' ମାଆକୁ କହିଲା।

ତା' ପରଦିନ ଛୁଟି ଥିଲା ଗୋପାଳ ତା' ମାଆ ସହ ଗୋବିନ୍ଦ ଘରକୁ ଗଲା । ଗୋଟିଏ ପିଲା ପାଠ ପଢ଼ା ସହିତ ଏତେ ଜିନିଷ ସଂଗ୍ରହ କରି ରଖିଛି ଏବଂ ଏତେ ସୁନ୍ଦର ଭାବରେ ସଜାଇ ରଖିଛି ଦେଖି ସେମାନେ ଖୁସି ହୋଇଗଲେ।

ପିଉସୀ ଖୁସି ହୋଇ ତାକୁ କହିଲେ "ପୁଅ, ତୁ ଘରେ ଗୋଟିଏ ସଂଗ୍ରହାଳୟ କରି ଦେଇଛୁ। ତୋ'ର ସଂଗ୍ରହ ଗୁଡ଼ିକ ତ ବଡ଼ ବଡ଼ ଲୋକ ମଧ୍ୟ ଦେଖିବାକୁ ଆସିବେ ।" ଗୋପାଳ ଫଟୋ ଆଲବମ୍ ଦେଖୁଦେଖୁ କହିଲା - "ମାଆ' ଭାଇକୁ ଆଣିବା, ସେବି ଦେଖିବ । ଏହା ଦେଖିଲେ ସେ ଆଉକଛି ଫିଙ୍ଗାଫୁଙ୍ଗି କ ଭଙ୍ଗରୁଜା କରିବା ନାହିଁ।"

ଗୋବିନ୍ଦ କହିଲ୍ - "ନିଜର ଜିନିଷ ସାଇତି ରଖିଲେ ଏବଂ ସଜାଇ ରଖିଲେ ତୁ ବୁଝି ପାରିବୁ ଯେ, ଏଥିରୁ  କେତେ ଖୁସି ମିଳେ।"

ସାଇତି ରଖିବା, ନିଜ ପରିବେଶକୁ ପରିଷ୍କାର ରଖିବାର ଅଭ୍ୟାସ ମଣିଷକୁ ଯତ୍ନଶୀଳ, ଦାୟିତ୍ୱବାନ ଓ ଶୃଙ୍ଖଳିତ କରିଥାଏ। ଜଣେ ଯତ୍ନଶୀଳ, ଦାୟିତ୍ୱବାନ୍ ଓ ଶୃଙ୍ଖଳିତ ଲୋକ ଜୀବନରେ କେବେହେଲେ ଯେକୌଣସି ପରିସ୍ଥିତରେ ମଧ୍ଯ ହାରି ଯାଇ ନଥାଏ।

ନି - ଗର୍ଜନ , ମାୟାବର୍ହା, ବଲାଙ୍ଗୀର

# ମିଠା ଶିହରଣ



ସରୋଜ କୁମାର ସାହୁ

ମେଘ ଝରିଆସେ ବଉଦ ଫାଙ୍କରୁ
ରିମିଝିମି ଗୀତ ଗାଇ
ତମେ ଭିଜୁଥାଅ ଭାବନା ଭିତରେ
ମିଠା ଶିହରଣ ପାଇ।
ସତ ପରି ଲାଗେ ହୃଦୟର ଛବି
ତମେଅଛ ବୋଲି ପାଶେ
ରାତିର ସପନ କରି ଝିଲିମିଲି
ପଲକରେ ମୁହଁ ଦିଶେ ।
ମନ ଉଡିଯାଏ ଶୀତଳ ପବନେ
ବାହୁ ବନ୍ଧନକୁ ଖୋଲି
ଅସୁମାରୀଆଶା ମନତଳେ ରହି
କ୍ଷଣିକରେ ଯାଏ ଭୁଲି ।

ଆଠଗଡ,କଟକ

# ମୋ ଧନ



ସୁଜିତ୍ କୁମାର ରାଉତ

ଆଲୋ ମୋ  ସୁନା ଧନ
ତୋ ବିନା ରହି ପାରୁନି ମୋ ମନ
ତୁ ସିନା ଭୁଲି ଗଲୁ ମୋତେ
କରିଦେଇ ସାତ ପର।
ହେଲେ ମୋ ମନ ଖୋଜେ
ତୋତେ ରାତି ଦିନ
ଆଲୋ ମୋ ସୁନା ଧନ।

ତୋର ମୋର ସେଇ ଲୁଚକାଲି ଖେଳ
ସେହି ମିଛିମିଛିକା ବାହାଘର
ରାଜା ରାଣୀ ଖେଳ
ଭୁଲି ଗଲୁ ସବୁ ଧନ।
ହେଲେ ଆଜି କାଲି ତୁ
ମନେ ପଡୁଛୁ ରାତି ଦିନ
ଆଲୋ ମୋ ସୁନା ଧନ।

ଦିନ ଥିଲା
ସେଇ ଆମ୍ବ ଗଛ ମୂଳେ
ନଈ କୂଳ ତଟେ
ନିତି ଭେଟୁ ଥିଲୁ ଧନ।

ହେଲେ ଆଜି ପାଖେ ନାହୁଁ ବଲି
ଭାଙ୍ଗିଯାଇଛି ମୋ ମନ
ଆଲୋ ମୋ ସୁନା ଧନ।

ଏବେ ସେ ଅତୀତର ସ୍ମୃତି ପଟ
ଯେବେ ବୁଲିବାକୁ ଗଲେ
ଲାଗେ ସବୁ ଛିନା ଛିନା
ଭାଙ୍ଗି ଦିଏ ସବୁ ସ୍ୱପ୍ନ।
ତୋ ବିନା ଭାବୁଛି ଆଜି
କେମିତି କଟିବ ରାତି ଦିନ
ଆଲୋ ମୋ ସୁନା ଧନ ।

CRPF, ବଲାଙ୍ଗିର

# ଭାରି ମନେ ପଡେ ସେଇ ପିଲା ଦିନ

ସୂର୍ଯ୍ୟ ନାରାୟଣ ସାହୁ

ଦୂର ଆକାଶ ମିଂଜି ମିଂଜି ତାରା ଦିଶଇ  କେଡେ ସୁନ୍ଦର,
ପିଲାବେଳ ର ଖେଳ ସାଥି ମାନେ ଲାଗନ୍ତି ବଡ ମଧୁର।
ଗଡି ଚାଲେ ସମୟ ହୋଇଯାଏ ଅତୀତ,
ପିଲାବେଳ ର ଖେଳ ସାଥି ମାନେ ସବୁ ହୁଅନ୍ତି ପତିତ।
ଧୂଳି ଖେଳ, ବହୂ ଚୋରି ଖେଳ  ଲାଗୁଥିଲା କେଡେ ଭଲ,
ଅତୀତ କଥା ମନ ପଡିଲେ ଦୁଖ ଲାଗେ ହାୟ!
ବଢି ଚୁରା, ଶାଗ ଭଜା କୁ ପଖାଳ ଭାତ,
ବରଷା ଦିନେ ପାଣି ବଢିଲେ ପୋଖରୀ ରେ ସବୁ ମାତ।
ସାଥି,ସଂଗାତ, ବଉଳ, ମକର, କରୁଥିଲୁ କେତେ ନାଟ,
ନଇ ପହଁରା ଭୁଲିଗଲୁଣି ପୋଖରି ଯିବା ବାଟ।
ବରଷା ଦିନେ ବନ୍ଧ ପହଁରି ବନ୍ଧ କୁ କରୁ ଗୋଳି,
ମିଛି ମିଛିକା ସାଂଗ ସାଥି ମନେ ଲାଗି ଥାଉ ଯେ କଳି।
ଗାଁ ଦାଣ୍ଡ ରେ କିତ୍ କିତ୍ ଖେଳ, ଖେଳୁ ଥିଲୁ ଯେ ବାଟି,
ଆଜି ଗଣ୍ଡ ଗୋଳ, କାଲି କୁ କଥା, ହେଉଥିଲା ଯେବେ କଟି ।
ସାଇକେଲ ରେ ବାଂକି ପେଡେଲ ଶିଖୁ ଥିଲୁ ଯେବେ ବାଂକୀ,
ସ୍କୁଲ ଝରକା ରେ ଲୁଚି ପଳେଇ ଆସୁ ସାର୍ ମାନଂକୁ ଫାଂକି।
ଶରତ ଋତୁରେ ଗହୀର ନାଳ ରେ ଧରୁଥୁଲୁ କେତେ ମାଛ,
ଫେରିଲା ବେଳକୁ ସଂଜ ହେଇଯାଏ  ବୋଉ ରଖିଥାଏ ବେତ ।

କାହା ବାରି ରେ କଣ ଅଛି, ଚୋରାଇ ପିଜୁଳି ଖାଉ,
ଧରା ପଡିଲେ ଗୋ - ଗୋ-ର ଛନା ମାଡ, ତା ସଂଗେ ବୋଉ ର ଭାଉ।
ଖରା ବେଳ ଟାରେ ବୁଲୁଥିଲୁ ଆମେ ଶିଂଘାଣି ନାକୁ କୁ କାଡି ,
କଂକି ପ୍ରଜାପତି ଧରୁଥିଲୁ କେତେ ହଉଥିଲା ଯେବେ ଝଡି।
ବିଶ୍ୱ କର୍ମା, ସରସ୍ୱତୀ ପୂଜା, ପୂଜା ହୁଏ ଯେ ଗଣେଷ ,
ସାଂଗ ସାଥି ମାନେ ମନ୍ତ୍ର କୁ କହି ପ୍ରଭୂଙ୍କୁ ମାଗୁ ଆଶିଷ।
ଦଶହରା ର ଦେବୀ ପୂଜା କୁ ଦୀପାବଳୀ ର ବାଣ,
ଚାଷୀ ଭାଇ ମାନେ ମଗୁଶୁରେ ଯେ ଖଳା କୁ ବହେ ଧାନ।
ଦୋଳ ପୂର୍ଣ୍ଣମୀ, ହୋଲି ଉଛବ ହେଉଥିଲା କେଡେ ମଉଜ,
ଖିରି, ଖେଚୁଡ଼ି, ପିଠା, ପଣା କରି ପାଳୁଥିଲୁ ଯେ ରଜ।
ଗାଁ ମୁଣ୍ଡ ରେ ବର ଗଛ ରେ ଖେଳୁ ଥିଲୁ କେତେ ଦୋଳି,
ତ୍ରିନାଥ ମେଳା, ନାମ ଯଜ୍ଞ ହୁଏ ବରଷକୁ ଥରେ ପାଳି।
ବସନ୍ତ ଋତୁରେ ଆମ୍ବ କଷି କୁ ଲୁଣ ଲଂକା ଦେଇ ଖାଉ,
କୋଇଲି ର ସୁରେ ଆମେ ମଧ୍ୟ ନାନା ଗୀତ ଗାଉ।
ଡାଳରୁ ଡାଳ ଖେଳି ବୁଲୁ ଥିଲୁ,ଖେଳୁ ଥିଲୁ ଡାହି-ମାଂକଡ,
ବାଡ଼ି ଗୋଟେ ଧରି ଫୋପାଡି ଖେଳୁ ଯେ, ତା ନାଁ ହେଲା ଡୋବର।
ବଳଦ କୁ ବାନ୍ଧି ଶଗଡ ବୁହାଏ,ଜେଜେ ବାପ ମାନେ ଆସି,
ଶଗଡ - ତେଣ୍ଟା ଖେଳ ଭଲ ଲାଗେ,ଶଗଡ ପଛରୁ ଝିକି ।
ଫୁଲ ରୁ ଫୁଲ ଉଡି ବୁଲୁ ଥାଏ ପରଜାପତି ଏଠି,
ନୂଆ ବୋହୂ ଟିଏ ଦାଣ୍ଡ କୁ ଚାହେଁ କବାଟ କଣ କୁ ଢାଂକି ।
ଦଣ୍ଡ ନାଟ, ଚଇତି ଘୋଡା, ବାଘ ନାଟ କୁ ଦେଖି,
ଦୀପାବଳୀ ର ହାବେଳି ବାଣ ଆଖି ଯେ ଯାଏ ଖୋସି।
ଗାଁ ଦାଣ୍ଡ ରେ, ଧାନ ଖଳା ରେ ଖେଳୁଥିଲୁ ବିଷ -ଅମୃତ,
ଚୋର -ପୋଲିସ୍, ରାଜା - ମନ୍ତ୍ରୀ,ବେଟ୍ - ବଲ୍, ଆଉ ବାସ୍କେଟ।
ଖରା ଦିନ ଟାରେ ଚାନ୍ଦିନି ପାଖକୁ ଆସୁଥଲା ବିକା ମଲେଇ ,
ଜେଜେ ଦିଅନ୍ତି ଆଠଣା ପଇସା କରାଟ କୁଂପି ରୁ କାଢି ।

ମଲେଇ ଆଣିକି ଖାଇଲା ବେଳକୁ ଦେଖି ଦେଲେ ଯଦି ଭଉଣୀ,
କାନ୍ଦ ବୋବାଳି ରେ ଘର ଟା ସାରା, ମାଡ ଗୋଳ ଆଉ ଥମୁନି।
ସ୍କୁଲ ଗଲା ବେଳେ ବୋଉ ଦେଇ ଥାଏ ଟଂକାଏ,
ଏକ ଛୁଟି ରେ ବାହାରକୁ ଗଲେ ବ୍ୟାଗ୍ ରେ ଆଉ ନଥାଏ।
ଭାଇ - ଭଉଣୀ ରେ କଳି ଲାଗି ଥାଉ, ଛୋଟ ଘଟଣା ପାଇଁ,
ଏମିତି ଭାଗ୍ୟ ମିଳିବନି ଆଉ ମଣିଷ ଜୀବନ ପାଇ।
ହେ ସମୟ ତତେ ମୁ ଝୁରୁଛି  କିପରି କହିବି କହ ?
ପିଲା ଦିନ କଥା ଭାରି ମନେ ପଡେ ଏହା ହିଁ ମୋ ସୌଭାଗ୍ୟ।
୯୦ ଦଶକ ର  ପିଲା ହେଁ ଆମେ, ଏହା ହିଁ ଆମ ଭାଗ୍ୟ,
ଆଜିର ପିଲା ବୁଝିବେନି କିଛି, ମୋବାଇଲ ରେ ସବୁ ବ୍ୟସ୍ତ।

ଜଗନ୍ନାଥ ପ୍ରସାଦ, ଗଂଜାମ

# ଜ୍ୟେଷ୍ଠ ହିଁ ଶ୍ରେଷ୍ଠ



ସାଇପ୍ରସାଦ ସାହୁ

ଉତ୍କଳର ସଂସ୍କୃତି ଓ ସଭ୍ୟତା ବହୁ ପ୍ରାଚୀନ ।ଏଠାରେ ବାର ମାସରେ ତେର ପର୍ବ । ବିଭିନ୍ନ ସମୟରେ ଆମ ରାଜ୍ୟ ଓଡ଼ିଶାରେ ବହୁ ସଂଖ୍ୟକ ପର୍ବପର୍ବାଣୀ ପାଳନ କରାଯାଇଥାଏ । ସେଥିମଧ୍ୟରୁ ଅନେକ ପର୍ବ ଓଡ଼ିଶାର ସମ୍ପୂର୍ଣ୍ଣ ନିଜସ୍ୱ, ଐତିହ୍ୟ ସଂପନ୍ନ ଓ ମହତ୍ତ୍ୱ ପୂର୍ଣ୍ଣ । କାହିଁ କେଉଁ କାଳରୁ ଦେବତାମାନଙ୍କୁ ମର୍ତ୍ତ୍ୟରେ ମାନବ ରୂପରେ ସଜେଇ ଓଡ଼ିଶା ପାଳି ଆସୁଛି ଅନେକ ଓଷା, ବାର, ବ୍ରତ ଓ ପର୍ବ । ଦେବତ୍ୱ ଓ ମାନବୀୟ ଭାବନାର ସମନ୍ୱୟର ପରିପ୍ରକାଶ ଓଡ଼ିଶାର ମାଟି, ପାଣି,ପବନ ଓ ଜନଜୀବନକୁ କରିଛି ଆହୁରି ପବିତ୍ର ଓ ସ୍ୱତନ୍ତ୍ର । ପର୍ବମାନଙ୍କ ମଧ୍ୟରେ ଓଡ଼ିଆମାନଙ୍କର ନିଜସ୍ୱ ପର୍ବ ହେଉଛି ପ୍ରଥମାଷ୍ଟମୀ । ଭାରତର ଅନ୍ୟ କୌଣସି ରାଜ୍ୟରେ ଏହି ପର୍ବ ପାଳନ କରାଯାଉଥିବାର ବେଶ୍ ଦେଖିବାକୁ ମିଳେ ନାହିଁ । ଏଥିରେ ଓଡ଼ିଆ ମାନଙ୍କ ନିଜସ୍ୱ ସ୍ୱତନ୍ତ୍ରତା ରହିଛି । ମାସ ଚକ୍ରରେ ମାର୍ଗଶୀର ମାସ ଶ୍ରେଷ୍ଠ ହୋଇଥିବାରୁ ଏହି ମାସର ମାହାତ୍ମ୍ୟ ପୁରାଣ ଓ ଧର୍ମ ଶାସ୍ତ୍ର ମାନଙ୍କରେ କୀର୍ତ୍ତିତ ହୋଇଛି । ଏହି ମାସର ପ୍ରାଧାନ୍ୟ ମଧ୍ୟ ଅନେକ । ପ୍ରଥମାଷ୍ଟମୀ ଓଡ଼ିଆଙ୍କର ଏକ ସୁପରିଚିତ ଓ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶୀର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଯାହାକୁ ପ୍ରଥମାଷ୍ଟମୀ ବା ଲୋକମୁଖରେ ଅଷ୍ଟେଇଁ ବୋଲି କୁହାଯାଇଥାଏ ।

ପ୍ରଥମାର ଅପଭ୍ରଂଶ ହେଉଛି ପଢୁଆଁ । ପରିବାରରେ ଜ୍ୟେଷ୍ଠଙ୍କୁ ସମ୍ମାନ, ଦାୟିତ୍ୱବୋଧ ଓ ଆୟୁବୃଦ୍ଧିର କାମନା ସହ ମାମୁଁଘର ସହିତ ସମ୍ପର୍କକୁ ନିବିଡ଼ ଓ ଦୃଢ଼ିଭୂତ କରାଇବା ଏହି ପର୍ବର ମୁଖ୍ୟ ବୈଶିଷ୍ଟ୍ୟ । ସାଧାରଣତଃ ଏହି ପର୍ବରେ ଘରର ପ୍ରଥମ ସନ୍ତାନକୁ ବିଶେଷ ସମ୍ମାନ ଦିଆଯାଇଥାଏ । ବଂଶାନୁକ୍ରମେ ପରିବାରରେ ଯେଉଁମାନେ ଜ୍ୟେଷ୍ଠ, ପିଢ଼ି ପରେ ପିଢ଼ି ତାଙ୍କରି ଉପରେ ଘର ପରିବାରର ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ ।

ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ସଚେତନତା ସହ ପରିବାରର ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ମହାନତା ସମ୍ପର୍କରେ ଶୈଶବ ଦିନରୁ ହିଁ ଏଥିରୁ ଶିକ୍ଷା ମିଳଥାଏ । ପରୁହାଁ ହେବାକୁ ନେଇ ଘରର ବଡ଼ପୁଅ ଝିଅମାନେ ଏବଂ ଭଣଜା ଭଣିଜୀମାନଙ୍କ ମନରେ ଉଦ୍ଦୀପନା ଓ ଆଗ୍ରହ ସୃଷ୍ଟି ହୋଇଥାଏ । ଶାସ୍ତ୍ର ଏବଂ ପଣ୍ଡିତଙ୍କ ମତାନୁଯାୟୀ, ଏହି ପର୍ବ ଜ୍ୟେଷ୍ଠମାନଙ୍କର ଆୟୁବୃଦ୍ଧି ପାଇଁ କରାଯାଉଥିବାରୁ ଭଣଜା ଭଣିଜୀ ଓ ଘରର ବଡ଼ ପୁଅଝିଅ ପରୁହାଁହେବାର ପରମ୍ପରା ପର୍ବର ମୁଖ୍ୟ ଆକର୍ଷଣ । ଜ୍ୟେଷ୍ଠ ସନ୍ତାନଗଣ ପିଣ୍ଡଦାନ ଅଧିକାରୀ, ପରିବାରର ପ୍ରତିପୋଷକ ଓ ପିତାମାତାଙ୍କର ହିତକାରୀ ।

ଏହିଦିନ ପ୍ରତ୍ୟୁଷରୁ ଘରର ଜ୍ୟେଷ୍ଠ ପିଲାମାନଙ୍କୁ ହଳଦୀ ପାଣିରେ ଗାଧୋଇ ଦେଇ ନୂଆ ବସ୍ତ୍ର ପରିଧାନ କରାଇବା ପରେ ଅଗଣାରେ ଥିବା ତୁଳସୀ ଚଉଁରା ନିକଟରେ ପୂଜା କରାଯାଏ ।ହଳଦୀ ପାଣିରେ ଗାଧୋଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । ଏହାପରେ ମାମୁଁ ଘରୁ ଆସିଥିବା ନୂଆ ପୋଷାକ ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା ଲଗାଇ ପରିବାରର ମା, ଜେଜେମା'ଙ୍କ ଦ୍ୱାରା ବନ୍ଦାପନା ହୋଇ ପରୁହାଁ ହୋଇଥାନ୍ତି । ଏହି ପର୍ବର ଅନ୍ୟ ଏକ ବୈଶିଷ୍ଟ୍ୟ ସ୍ୱରୂପ କେବଳ ମାମୁଁଘରୁ ଆସିଥିବା ପୋଷାକ ପରିଧାନ କରି ଜ୍ୟେଷ୍ଠମାନେ ହିଁ ପରୁହାଁହୋଇଥାନ୍ତି । ପୌରାଣିକ ତଥ୍ୟ ଅନୁଯାୟୀ, ଏହି ଦିନ ମା' ଦେବକୀଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିଲେ ଏବଂ ଦଶମାସ ଦଶଦିନ ପରେ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ପ୍ରାଣ । ଜଗନ୍ନାଥଙ୍କ ପାଇଁ ଏହି ପର୍ବ ପାଳନ ହେଉଥିବା ବେଳେ ଏହିଦିନ ମନ୍ଦିର ମାନଙ୍କରେ ବଡ଼ଭାଇ ବଳଭଦ୍ରଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇ ହଳଦୀ ପତ୍ରରେ ପ୍ରସ୍ତୁତ ସୁସ୍ୱାଦୁ ଏଣ୍ଡୁରୀ ପିଠା ଭୋଗ ଲାଗି କରାଯାଇଥାଏ ।

ହଳଦୀ ପତ୍ରରେ ତିଆରି ଏଣ୍ଡୁରୀ ପିଠା ପ୍ରଥମାଷ୍ଟମୀର ପ୍ରଧାନ ବିଶେଷତ୍ୱ । ଅନ୍ୟ କୌଣସି ପିଠାରେ ହଳଦୀ ପତ୍ର ବ୍ୟବହୃତ ହୁଏ ନାହିଁ । ଆମ ସଂସ୍କୃତିରେ ହଳଦୀ ଏକ ଦିବ୍ୟ ଏବଂ ଶୁଭ ଦ୍ରବ୍ୟ । ଓଡ଼ିଆ ଘରର ଯେକୌଣସି ଶୁଭ କାର୍ଯ୍ୟରେ ଗୋଟା ହଳଦୀ ଖଣ୍ଡିଏ କିମ୍ବା କଟା ହଳଦୀ ଗୁଳାଟିଏ ବନ୍ଦାପନା ଥାଳରେ ରଖାଯାଏ । ଏପରିକି ଝିଅ ଶାଶୁ ଘରକୁ ଯିବା

ସମୟରେ ମା' ମାନେ ତାଙ୍କ ପେଡ଼ିରେ ଝିଅର ଶୁଭ ମନାସୀ ସାତଖଣ୍ଡି ଗୋଟା ହଳଦୀ ପକାଇଥାନ୍ତି ।

ପ୍ରଥମାଷ୍ଟମୀରେ ହଳଦୀପତ୍ରର ବ୍ୟବହାର ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରଥମାଷ୍ଟମୀର ଏଣ୍ଡୁରୀ ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର ଏକ ଅନନ୍ୟ ପରମ୍ପରା । ପ୍ରଥମାଷ୍ଟମୀର ପୂର୍ବଦିନ ଏଣ୍ଡୁରୀ ପିଠା ପାଇଁ ଅଥାର ହାଣ୍ଡି ପ୍ରସ୍ତୁତ କରାଯାଇଥାଏ ।  ଅଥାର ହାଣ୍ଡି ମଧ୍ୟରେ ସରୁ ସରୁ କାଠି ଖଞ୍ଜା ହୋଇ ସ୍ୱତନ୍ତ୍ର ଶୈଳୀରେ ଏହା ତିଆରି ହୋଇଥାଏ । ହଳଦୀପତ୍ରରେ ବଟାଯାଇଥିବା ଉଆପାଖିଆ ଗ୍ଭଉଳ ଏବଂ ବିରି ସହ ଏହି ପିଠାରେ ନଡ଼ିଆ, ଛେନା ଓ ଖସାପୁର ମଧ୍ୟ ଦିଆଯାଏ । ଗାଁ ଗହଳରେ ଏହି ପିଠା ଅଷ୍ଟମୀ ଦିନରୁ ଆଠଦିନ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇଥାଏ ଏବଂ ଶେଷଦିନ ଯେଉଁ ପିଠା ପ୍ରସ୍ତୁତ ହୋଇଥାଏ ତାକୁ ଅଥାର ଭଙ୍ଗା ପିଠା ବୋଲି ମଧ୍ୟ କୁହାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏହି ପିଠାର ଔଷଧୀୟ ଗୁଣ ମଧ୍ୟ ରହିଛି । ପିଠା ହଳଦୀ ପତ୍ରରେ ତିଆରି ହୋଇଥିବାରୁ ଏହା ଜୀବାଣୁନାଶକ ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

ଅରୁଆ ଗ୍ଭଉଳରେ ତିଆରି ଏଣ୍ଡୁରୀ ପିଠା ମଧ୍ୟରେ ଯଥେଷ୍ଟ ଫରକ ଥାଏ । ଅରୁଆ ଗ୍ଭଉଳ ତିଆରି ପିଠା ସହଜରେ ହଜମ ହୋଇନଥାଏ । କିନ୍ତୁ ଉଆପାଖିଆ ଗ୍ଭଉଳରେ ଶର୍କରା, ଶ୍ୱେତସାର ଓ ପୁଷ୍ଟିସାର ରହିଥିବାରୁ ତାହା ସହଜରେ ହଜମ ହୋଇଥାଏ । ଅରୁଆ ଧାନକୁ ଉଆପାଖିଆ କରାଯିବା ପରେ ଏହାର ମାନ ବଢ଼ିଥାଏ । ଏଣ୍ଡୁରୀ ପିଠା ତିଆରିରେ ହଳଦୀ ପତ୍ର ବ୍ୟବହାର ହେଉଥିବାରୁ ହଳଦୀ ପତ୍ରର ଗ୍ଭହିଦା ସବୁଠୁ ଅଧିକ ।

ପ୍ରଥମାଷ୍ଟମୀର ଅନ୍ୟ ଏକ ନାମ ହେଉଛି "ସୌଭାଗିନୀ ଅଷ୍ଟମୀ" । ଏହି ସମୟରେ କୃଷକ କ୍ଷେତ୍ରରୁ ପ୍ରଥମ ଧାନ ଅମଳ କରି ଘରକୁ ଆଣିଥାଏ । ଧାନ ହେଉଛି କୃଷକର ସୌଭାଗ୍ୟର ପ୍ରତୀକ । ତେଣୁ ଧାନ ଆଦାୟ ଓ ଅମଳକୁ କୃଷକ ଘରେ ସନ୍ତାନ ଜନ୍ମ ହେଲେ ଯେପରି ଖୁସି ମନାନ୍ତି, ଅମାରକୁ ପ୍ରଥମ ଫସଲର ଧାନ ଆସିଲେ ସେପରି ଅନୁଭବ କରନ୍ତି । ଘରେ ଧନଧାନ୍ୟରେ ଭରପୁର ହେଲେ କୃଷକ ସର୍ବଦା ଖୁସିରେ ରହେ । ତେଣୁ ପ୍ରଥମାଷ୍ଟମୀକୁ ସୌଭାଗିନୀ ଅଷ୍ଟମୀ ବୋଲି କୁହାଯାଇଥାଏ । ତାନ୍ତ୍ରିକମାନଙ୍କ ପାଇଁ ପ୍ରଥମାଷ୍ଟମୀର ରାତ୍ରି ହେଉଛି ତନ୍ତ୍ର ସାଧନର ପ୍ରକୃଷ୍ଟ ସମୟ । ଏହି ଅଷ୍ଟମୀ ଦିନ କାଳ

ଭୈରବଙ୍କ ବ୍ରତ ଉପବାସ କଲେ ମନୁଷ୍ୟ ପୂର୍ବ ପାପରୁ ମୁକ୍ତ ପାଇଥାଏ । ତେଣୁ ପ୍ରଥମାଷ୍ଟମୀକୁ"କାଳଭୈରବାଷ୍ଟମୀ" ମଧ୍ୟ କୁହାଯାଏ । କାଳଭୈରବାଷ୍ଟମୀକୁ କେହି କେହି ପାପନାଶିନୀ ଅଷ୍ଟମୀ ବୋଲି ମଧ୍ୟ କହିଥାନ୍ତି । ଏହି ଅଷ୍ଟମୀରେ ଲିଙ୍ଗରାଜ ମହାପ୍ରଭୁ ତାଙ୍କ ମାମୁଁଘର କପାଳ ମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ପରିବାରର ପ୍ରଥମ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଏହାର ଭାବାର୍ଥ । ପ୍ରଥମାଷ୍ଟମୀର ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶୀର୍ବାଦ ନେବାର ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀର ମୂଳଭିତ୍ତି । ପ୍ରଥମାଷ୍ଟମୀ ହେଉଛି ସାମାଜିକ ମୂଲ୍ୟବୋଧ ତଥା କୃଷିଭିତ୍ତିକ ମହାନ୍ ସାଂସ୍କୃତିକ ପରମ୍ପରାର ନିଦର୍ଶନ, ଯାହା ଭାରତରେ ଅନ୍ୟତ୍ର ବିରଳ ।

ସିନ୍ଧେକେଲା,ବଲାଙ୍ଗୀର
ଭାଗ୍ୟ ଭୂଷ - ୯୯୩୭୦୩୪୭୪୨

# ଆଧୁନକ ମଣିଷ



ଉମେଶ କୁମାର ବିଶ୍ୱାଲ

ଗଦା ଗଦା ସ୍ୱପ୍ନ ସବୁ
ଛିନ୍ ଭିନ୍ ହେଉଛନ୍ତୁ
ଅଦିନଆ ଆସାରରେ
ପେନ୍ଥା ପେନ୍ଥା ଆଶାସବୁ
ଦୂରେଇ ଯାଇଛି
ଆଧୁନକତାର ପରଶରେ ।
ମନମୀନ ଏଠି ଉବୁଟୁବୁ ହେଲେଣି
ନୀରର ସ୍ୱଳ୍ପତାରେ
ଜୀବନ ନଃଶେଷ ପ୍ରାୟ
ବୁଦବୁଦ୍ କାଦୁଅରେ
ବାଟହୁଡି ଯିବ କୁଆଡେ
ସେ ତ କଂସର କାର୍‌ବାସରେ ।

ହରଗୌର୍ ପରି ବଂଶ ବଢାଇଲେଣି
ଥମିବାର ନା ଧରୁନାହିଁ
ଚହ୍ନା ଅଛି କେବଳ
କାଣ୍ଡସାର୍ ରକ୍ତବର୍ଣ୍ଣ
ପ୍ରତ୍ୟହ ଧୋଇ ଧୋଇ ନଜର ହାତକୁ
ପରଷୁଛି ପର ସପନକୁ ।

ଅସ୍ମିତା ଖୋଜୁଛି ସେ ତ
ବାକ୍ୟର ପଦଗୁଡିକରେ
ଅସ୍ତିତ୍ୱ ନାହିଁ ଆଉ ତାର
ବର୍ଣ୍ଣର ସମଷ୍ଟିରେ
ଯୋଗ୍ୟତା ଆକାଂକ୍ଷା
ହରାଇ ବସିଛି
ଆସତ୍ତିର ଅଭାବରେ ।

ସାନଟୀକା, ଲୋଇସିଂହା,
ବଲାଙ୍ଗୀର

# କିଛି ଫରକ ପଡ଼ିବନି



ଅଭିମନ୍ୟୁ ଧଳ

ଆଖିରେ ଲୁହ ,ଛାତିରେ କୋହ ଆଉ ମନରେ ମୋହ
ଏ ସମସ୍ତ ଏକାକାର କରି ଜୀବନ ଧାରଣର ପ୍ରୟତ୍ନ,
ବିସ୍ତୃ ତବାଲୁବନ୍ତ ଓ ଶିଳ୍ପ ଆବର୍ଜନାମୟ ପରିବେଷ୍ଟନୀରେ ଗୁଲେ
ଦାନପାଣି ର କଣିକା ଅନ୍ୱେଷଣ ।
ଯାବତୀୟ କର୍ମ ମଧ୍ୟେ ଆସେ ପ୍ରବଳ 'ଭୋକ'
ଏ ଭୋକ ପେଟ ମଧ୍ୟରେ ସୀମିତ ନୁହେଁ ।
ନିଜ ଅଜ୍ଞାତରେ ବିରାଡ଼ି ରୁ ମହାବଳ ବ୍ୟାଘ୍ର ରେ ପରିଣତ ହେବା,
ସେ ଜାଣେ ନା କାହିଁକି ସେ ଏହି ନିଃସଙ୍ଗ ରାଜପଥରେ ।
ଜୀବନ କେବେଠୁ ସରି ଯାଇଛି,
ତଥାପି ବଞ୍ଚି ରହିବାର ମୋହରୁ ମୁକ୍ତ ନାହିଁ ।
ଆଖି ସାମ୍ନାରେ ବିଶାଳ ଜନତା
ତଥାପି କେହି କାହାକୁ ଚିହ୍ନିନି ବା ଚିହ୍ନିବାର ଆବଶ୍ୟକତା ନାହିଁ।
ଚୁପ୍ ଗୁପ୍ ନିଜ ରାସ୍ତାରେ ନିଜେ
ସବୁଠି କେବଳ ମିଥ୍ୟା, ପ୍ରବଞ୍ଚନାର ପସରା,
ଏହା ସତ୍ୱେ ବଞ୍ଚିଛି ସମାଜିକତାର ବନ୍ଧନ ।
ଜୀବନଟିଏ ମିଳିଛି ଯେନ ତେନପ୍ରକାରେ ବଂଚଲେ ହେଲା,
ଉଦର ପୂର୍ତ୍ତି ପାଇଁ ସେ ହେଉ ଉଚିତ କି ଅନୁଚିତ ମାର୍ଗ,
କିଛି ଫରକ ପଡ଼ିବନି ।
ନୀତି ଆଦର୍ଶର ବୃଥା ଆସ୍ଫାଳନ ଛାଡ଼ି

ଭଲ ବ୍ୟବସାୟ କରିଛି । ବଜାର କାଟ୍ ତି ମଧ୍ୟ ରହିଛି ।
ଗରାଖ ଅଛନ୍ତୁ ବ୍ୟବସାୟ ଚାଲିବ ।
ମିଳୁପଛେ ତଥାକଥିତ ବନ୍ଧନଯୁକ୍ତ ସମାଜର କଳଙ୍କ,
କଛି ଫରକ ପଡ଼ିବନ ।
ସତୀ ଅସତୀର ଧାରଣାକୁ ସେ ବହୁ ପଛରେ ଛାଡ଼ି ଆସିଛି
ରାତିକ କଛି ଧନ ବିନମୟରେ ବିକ୍ରି ହୁଏ ତା'ର ସେଇ ସତୀତ୍ୱ ।
ରାତି ପାହିଲେ ସରିଯାଏ ତା'ର ମିଛ ପ୍ରେମର ବନ୍ଧନ
ପୁଣି ସମସ୍ତେ ଯନ୍ତ୍ରବତ୍ ଆପଣା କର୍ମକ୍ଷେତ୍ରରେ ।
ଯମୁନା ଉଜାଣି ବହୁ କ ସୂର୍ଯ୍ୟ ପୃଥିବୀ ଗ୍ରିପଟେ ଘୁରୁ
ତାକୁ କଛି ଫରକ ପଡ଼ିବନ।
ସମୟ ସ୍ରୋତରେ ସେ ବହିଚାଲିଥିବ ନିଃସହାୟ ତୃଣପରି ।

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ(ଦ୍ୱିତୀୟ ବର୍ଷ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର ,ବୁର୍ଲା

# ଯୁବ ଜାଗୃତି



ଅନାଦି ସେଠ

ବସନ୍ତ ଆଗମେ ପଲ୍ଲବିତ ହୁଏ
ନଗ୍ନ ପତ୍ରହୀନ ବୃକ୍ଷ ରାଜି
ମାନବ ଜୀବନେ ତଦ୍ରୂପ ଆସଇ
ଯୌବନ ଶକ୍ତିପୁଞ୍ଜଟି ସାଜି !!
ବାଲ୍ୟ ଅବୋଧତା ଅପୂର୍ଣ୍ଣ ଜ୍ଞାନଟି
ହୁଏ ପରିପୁଷ୍ଟ ଜ୍ଞାନ ଭଣ୍ଡାର
କାୟିକ ବାଚିକ ସଙ୍ଗେ ମାନସିକ
ଲଭେ ପରିପକ୍ୱତା ଜୀବନର !!
ଲୌହ ମାଂସପେଶୀ ସବଳ ଧମନୀ
କରେ ଅଜେୟକୁ ପରାଜୟ
ଦୁର୍ଲଭକୁ ପାରେ ସୁଲଭ କରି ସେ
ଦେଇପାରେ ଭୀତଜନେ ଅଭୟ !!
ବିସ୍ତିର୍ଣ୍ଣ ସାଗର ପରି ହୃଦୟ ତାହାର
କରେ ନିଃସହାୟ ମାନବେ ସେବା
ପତିତ ଜନର ପାବନୀ ସାଜିଣ
ଯୋଗାଏ ହସ୍ତ ପ୍ରସାରିଣ ମେବା !!
ବାଧାବିଘ୍ନକୁ ସେ ସମୂଳେ ନାଶଇ
ତାର ପରିଚୟ ଅଟେ ଯୁବା
ଅନୁର୍ବର ଭୂମି ଫଳପ୍ରସୂ ହୁଏ
ବୋଲାଏ ଅମଙ୍ଗଳର ସେ ଶିବା !!

ପୁରୁଷାର୍ଥର ଏ ଉତ୍କୃଷ୍ଟ ସମୟ
ଜୀବନର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ
କଷ୍ଟ ସହିଷ୍ଣୁତା କର୍ମ ପ୍ରବଣତା
ବିକାଶେ ପ୍ରାପ୍ତହୋଇ ସୁସଙ୍ଗ !!
ମାତ୍ର ଯୁବଶକ୍ତି ହୋଇଛି ଦୁର୍ବଳ
ତାର ଚାଲିଛି ଦୁରୁପଯୋଗ
ଦିବ୍ୟ ସାଧନାକୁ ପାଥେୟ ନକରି
କରୁଛି ଅହର୍ନିଶୀ କାୟା ଭୋଗ !!
ବାଲ୍ୟକାଳେ ସ୍ୱପ୍ନେ ଆକାଶ ଛୁଇଁବି
କରିବି ବିଶ୍ୱ ବ୍ରହ୍ମାଣ୍ଡ ପରିକ୍ରମା
ମାତ୍ର ଯୌବନେ ସେ କର୍ମଭୀରୁ ହୋଇ
ସାଜଇ ନ୍ୟୁନମନା ଦୁଷ୍କର୍ମା !!
ମାତୃପିତୃ ସ୍ନେହ ଅବା ପରିବାର
ପୁନଃ ବନ୍ଧୁ ଆତ୍ମୀୟ ସ୍ୱଜନ
ଯୌବନ ଉର୍ତ୍ତୁଙ୍ଗେ ଆବେଗ ଅବଶେ
କରେ ସେ ରାଷ୍ଟ୍ରଦ୍ରୋହ ଅପମାନ !!
ଯେଉଁ ପିତାମାତା ଶିକ୍ଷକ ଶିକ୍ଷିକା
ଦେଖୁଥିଲେ ଦେଶ ଭବିଷ୍ୟ ଭାବେ
ତୁଚ୍ଛ ମଦ୍ୟପାନେ କୁସଙ୍ଗ ଗମନେ
ଲଭଇ ଚୀର ଦୁର୍ଗତି ଏ ଭବେ !!
ଋଷି ସନ୍ତାନ ସେ ମନୁଙ୍କ ବଂଶଜ
ଜଗତେ ମାନବ ନାମେ ବିଦିତ
ପୂର୍ବ ଗୌରବଟି ବିସ୍ମୃତ ହୋଇଛି
କରେ ସେ ହିତ ବଦଳେ ଅହିତ !!
ପୂର୍ବପୁରୁଷ ଯାର ଓଲ୍ହାଇ ଆଣିଲେ
ଦୁର୍ଲଭ ସ୍ୱର୍ଗପୁରୁ ଗଙ୍ଗା ଜଳ
ତାଙ୍କ ସୁପୁତ୍ର ହୋଇ ଏକି ବେଭାର

ସାଜୁଛ ନିଷ୍କର୍ମ ଅମୃତ ବାଳ !!
ଉଚ୍ଚାକାଂକ୍ଷୀ ହୋଇ କର୍ମ କରିଚାଲ
ସମ୍ଭବିବ ସୁନ୍ଦର ଯୁବା କାଳେ
ନିସ୍ତେଜ ନହୋଇ ସକଳ ଶକତି
ଜାଗୃତି କୀର୍ତ୍ତି ଲଭ ମହୀତଳେ !!
ସିଂହ ଶାବକ ହୋଇ ସାର୍ଦ୍ଦୁଳକୁ ଭୟ
ନଶୋଭଇଟି କଷ୍ଟିତେ କେବେ
କର୍ମବୀରେ ତଦୃପ ଆଳସ୍ୟ ନଶୋଭେ
କରେ ସେ ଉଦ୍ୟମେ ପ୍ରସନ୍ନ ଦେବେ!!
ମୂଷିକ ପ୍ରାପତେ ତୁ କ୍ଷେତ୍ର ନଖୋଳ
ନ ନଷ୍ଟ କ୍ଷଣିକ ଆନନ୍ଦେ ମୋକ୍ଷ
ନଶ୍ୱର ସୁଖରେ ନିର୍ବାଣ ନ ନାଶି
ଜାଗ୍ରତେ ପ୍ରାପ୍ତ ଜୀବନର ଲକ୍ଷ୍ୟ !!
ପୂର୍ବପୁରୁଷଙ୍କ ଆଶା ଭରସା ତୁ
ପୁଣି ଭବିଷ୍ୟ ପିଢ଼ି ନିର୍ମାତା
ଯୁଗପ୍ରବର୍ତ୍ତକ ମହାମାନବ ହେ
ଜାଗ ଯୁବଶକ୍ତି ରାଷ୍ଟ୍ର ବିଧାତା !!

ଡୁଡୁକା, ବଲାଙ୍ଗୀର

# କ୍ଷୁଦ୍ର ଆଲୋକର ଶିଖା



ବାଲ୍ମୀକ ନାୟକ

୬. ଅନ୍ଧଭକ୍ତି ଭାଇରସ:

ପୃଥିବୀରେ ଆଜି ପର୍ଯ୍ୟନ୍ତ ଯେତେ ପ୍ରକାର ରୋଗ ଜୀବାଣୁ ଓ ଭାଇରସ ଉତ୍ପତ୍ତି ହୋଇଛନ୍ତି, ଚିକିତ୍ସା ବିଜ୍ଞାନ ସେସବୁକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଛି । କିନ୍ତୁ ଯୁଗ ଯୁଗରୁ ସାରା ଦୁନିଆର କୋଟି କୋଟି ଲୋକଙ୍କୁ ଆକ୍ରାନ୍ତ କରି ରହିଥିବା "ଧାର୍ମିକ-ଅନ୍ଧଭକ୍ତି" ରୂପକ ରୋଗ ଭାଇରସକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ପ୍ରତିଷେଧକ ଔଷଧ କିମ୍ବା ଚିକିତ୍ସା ଉଦ୍ଭାବନ ହୋଇପାରିନି । ସେହି ରୋଗ ଭାଇରସ ମଣିଷର ମୃତ୍ୟୁ ସହିତ ହିଁ ଯାଏ । କିନ୍ତୁ ଏହା ନିଶ୍ଚିନ୍ତ ଯେ ନିଜେ ଚାହିଁଲେ ରୋଗୀ ବିନା ଚିକିତ୍ସାରେ ସୁସ୍ଥ ହୋଇପାରିବ । କିପରି ? ଜାଣିବା ପାଇଁ ହେତୁବାଦୀ ସାହିତ୍ୟ ପଢନ୍ତୁ ।

୭. ଅମୋଘ ଅସ୍ତ୍ର:

ଆଧ୍ୟାତ୍ମିକ ଧର୍ମ ସାଧାରଣ ଜନତାଙ୍କୁ ଶୋଷଣ ର ପ୍ରତିବାଦ ନକରି ଚୁପ୍ ରଖିବାପାଇଁ ଏକ ଅମୋଘ ଅସ୍ତ୍ର । ଏହି ଅମୋଘ ଅସ୍ତ୍ର ଶୋଷକ ବର୍ଗର ଧନୀ ଲୋକମାନଙ୍କୁ ହତ୍ୟା ନକରିବା ପାଇଁ, ଗରିବ ଲୋକମାନଙ୍କ ଉପରେ ବ୍ୟବହାର ହୋଇଥାଏ । ଏହି ଅସ୍ତ୍ରର ପ୍ରଭାବରେ ବିନା ରକ୍ତପାତରେ ଗରିବମାନେ ନିଜର ଶୋଷଣର ଦୁଃଖକୁ ଭୁଲି ଯାଆନ୍ତି ।

୮. ଅପଡେଟା ଓ ଆଉଟ ଡେଟ

ଭଗବାନ, ଧର୍ମସ୍ଥଳ, ଧର୍ମଗୁରୁ, ଧର୍ମୀୟ ପରମ୍ପରା, ଧାର୍ମିକ କର୍ମକାଣ୍ଡ ଏବଂ ଧାର୍ମିକ ଅନ୍ଧବିଶ୍ୱାସ ଉପରେ ସନ୍ଦେହ କରି ଗୋଟିଏ ବି ପ୍ରଶ୍ନ ଉଠେଇଲେ, ଆସ୍ତିକମାନେ ଅସହିଷ୍ଣୁ ହୋଇ ଧର୍ମଦ୍ରୋହୀ ବୋଲି ଗାଳି ଦେବାଠାରୁ ଆରମ୍ଭ କରି ହତ୍ୟା କରିବା ପର୍ଯ୍ୟନ୍ତ ଆଗେଇ ଯାଆନ୍ତି । ଏହାର ବିପରୀତ ବିଜ୍ଞାନ ସମ୍ପର୍କରେ ଯେତେ ଜଟିଳ ପ୍ରଶ୍ନ କଲେ ମଧ୍ୟ କୌଣସି ବିଜ୍ଞାନିକ କିମ୍ବା ଭୌତିକ ବସ୍ତୁକୁ ବ୍ୟବହାର କରୁଥିବା ବିଜ୍ଞାନ ସମର୍ଥକ ଲୋକମାନେ

ଅସହିଷ୍ଣୁ ହୁଅନ୍ତି ନାହିଁ କିମ୍ବା କାହାକୁ ହତ୍ୟା କରିବା କଥା ଚିନ୍ତା ବି କରନ୍ତି ନାହିଁ। ପ୍ରଥମଟିରେ କୌଣସି ପ୍ରଶ୍ନର ଉତ୍ତର ନଥିବାରୁ ମଣିଷକୁ କ୍ରୋଧ ଆସେ, ଦ୍ୱିତୀୟଟି ରେ ସବୁ ପ୍ରଶ୍ନର ଉତ୍ତର ଥିବାରୁ କାହାରିକୁ କ୍ରୋଧ କରିବା ଆବଶ୍ୟକ ପଡୁନି। ସେଥିପାଇଁ ବିଜ୍ଞାନ ପ୍ରତିଦିନ ଅପଡେଟ ହୋଇ ଚାଲିଛି ଏବଂ ଆଧ୍ୟାତ୍ମବାଦ ପ୍ରତିଦିନ ଆଉଟଡେଟ ହୋଇଚାଲିଛି।

୯. ଅସ୍ତିତ୍ୱର ପ୍ରଶ୍ନ

ପ୍ରକୃତି ଏବଂ ବିଜ୍ଞାନ ସମ୍ପର୍କରେ ତୁମର ଅଜ୍ଞାନତା ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ନୁହେଁ। ପରୀ ରାଇଜର କାଳ୍ପନିକ କାହାଣୀଗୁଡିକ ଉପରେ ବିଶ୍ୱାସ କରୁଥିବାରୁ ଈଶ୍ୱର ସମ୍ପର୍କରେ ଉଠୁଥିବା ଅସଂଖ୍ୟ ହେତୁବାଦୀ ପ୍ରଶ୍ନର, କୌଣସି ତର୍କସଙ୍ଗତ, ବିଜ୍ଞାନସମ୍ମତ ଏବଂ ସନ୍ତୋଷ ଜନକ ଉତ୍ତର ତୁମପାଖରେ ନାହିଁ। ହେତୁବାଦ ହେଉଛି ବୈଜ୍ଞାନିକ ଚିନ୍ତନ କିମ୍ବା ବୈଜ୍ଞାନିକ ଚିନ୍ତନ ହିଁ ହେତୁବାଦୀ ବିଚାର। ପ୍ରକୃତିର ରହସ୍ୟ ସମ୍ପର୍କରେ ବ୍ୟାଖ୍ୟା କରାଯାଇଥିବା ଆଧ୍ୟାତ୍ମବାଦ ବିଚାରଗୁଡିକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଗହନ ଭାବେ ପରୀକ୍ଷା ନିରୀକ୍ଷା କରିବାପରେ ହିଁ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ହେଉଛି।

୧୦. ଅମଡା ବାଟର ଯାତ୍ରୀ:

ଆପଣ ଯଦି କେବଳ ଶୁଣା କଥାରେ ବିଶ୍ୱାସ କରୁଥିବା ଭାବ ଜଗତର ମହାନ ଚରିତ୍ର କିମ୍ବା ତାଙ୍କର ଆଧିଭୌତିକ ଗୁଣଗୁଡିକ ଉପରେ ସନ୍ଦେହ କରି ପ୍ରଶ୍ନ ପଚାରିବାକୁ ଇଛା ବା ସାହାସ କରୁନାହାନ୍ତି, ତେବେ ଆପଣ କେବେ ବି ଜାଣିପାରିବେ ନାହିଁ ଯେ ଆପଣ ସିଧା ବାଟରେ ଚାଲୁଚନ୍ତି ନା ଅମଡା ବାଟରେ ଚାଲୁଛନ୍ତି? କାରଣ ଅମଡା ବାଟରେ ଚାଲି ଯାଇଥିବା ବ୍ୟକ୍ତି କେବେ ବି ଫେରିଆସି କହିନାହିଁ ଯେ ମୁଁ ଭୁଲ ବାଟରେ ଚାଲିଯାଇଥିଲି ବୋଲି ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରିଲି ନାହିଁ। ଏହାର ବିପରୀତ ପ୍ରଶ୍ନ କରି ସିଧା ବାଟରେ ଚାଲୁଥିବା ବ୍ୟକ୍ତି ନିଜର ଗନ୍ତବ୍ୟ ସ୍ଥଳରେ ପହଚିବାର ସମ୍ଭାବନା ଅଧିକ ଥାଏ।

କ୍ରମଶଃ.....Mob:9482016260

# ନୀଳ ନିମନ୍ତ୍ରଣ

ବେଣୁଧର ସୂତାର

ଲଳିତ ଚମକ ନୟନରେ ଯାର
ଅୟୁତ ଯୁଗର ତନ୍ଦ୍ରା ଜାଗେ
କୁଆଁରୀ ଦେହର କଅଁଳ ମନଟା
ନିବିଡ ହୃଦୟ ମମତା ମାଗେ ।
ଜୋଛନା ପଖଳା ଶାନ୍ତ ବିଭାବରୀ
ତୁମରି ପରଶେ ଉଠିବ ଚେଇଁ
ମୁଁ ଯେ ପ୍ରତୀକ୍ଷାର ବିଧୁର ତାରୁଣ୍ୟ
ନିବିଡ ନିଶିର ଉଦାସୀ କଇଁ ।
ଭବ ଉପବନେ ପ୍ରେମାମୃତ ପାନେ
ନିରବେ ରହିଛି ଯା ପଥ ଗୁହିଁ
ପ୍ରେମପୀୟୂଷରେ ପୀରତିଅର୍ଘ୍ୟରେ
ତନୁତୀର୍ଥ ମୋର ଦେବ ଭିଜାଇ ।
ବୟସ ନିଶାରେ ଅୟସୀ ତନୁ ମୋ
ଆତୁରେଲେଡ଼େ ଯା ପ୍ରୀତି ବନ୍ଧନ
ମନତଳେ ଖେଳେ ବେପଥୁବଳାକା
ଆଖିରେ ଆଖିଏ ମିଠା ସପନ ।
ତୁମେ ଆକାଶର ଚରନ୍ତନୀ ସତ୍ତା
ମୁଁ ମାଟି ମରତ ନଶ୍ୱର ଦେହୀ
ଆଦି ରସ ଭରା ପ୍ରୀତି ପୀୟୂଷରେ
ବୟସକୁ ମୋର ନିଅ ଗେ୍ୱରାଇ ।

କୁଆଁରୀ ମନର ମଉଳା ଓଠରେ
ଫୁଟାଇବା ପାଇଁ ବଧୂଲି ହସ
ଘେନାକରି ମୋର ନୀଳ ନିମନ୍ତ୍ରଣ
ଅନ୍ତପୁରେ ପ୍ରିୟ ଆସ ଗୋ ଆସ ।
ନୀଳ ସରସୀର ନୀଳ ଉତ୍ପଳ ମୁଁ
ତୁମେ ନୀଳାମ୍ବର ସୌମ୍ୟ କୁମାର
ଶିଖାଇବା ବିଶ୍ୱେ ପରିପୂର୍ଣ୍ଣତାର
ଆମ ପ୍ରେମ ଅଟେ ଚର ସୁନ୍ଦର ।

କେଶଦୁର୍ଗପାଳ,କେନ୍ଦୁଝର
ମୋ -୯୧୬୮୫୬୮୨୪୬

# ମାଆ



ରାଧାରାଣୀ ରାଉଳ

କେତେ ଅବାଟକୁ ବାଟ କରାଇଛୁ
କଣ୍ଟାରେ ପାଦକୁ ଫୋଡି
ସବୁରିକୁ ନୂଆ ପଥ ଦେଖାଇଛୁ
ଆଗକୁ ଆଗକୁ ମାଡି
ସନ୍ତାନ ଦୁଃଖରେ ଦୁଃଖି ହେବା ପାଇଁ
ଜୀବନ ଦେଇଛୁ ବାଢି
କେତେ ଦୁଃଖ ଆସେ ଜୀବନେ ତୋହର
ମାନ ନାହୁଁ କଛି ତିଳେ
ସୁଧାରି ନେଇଛୁ କେତେ ସହଜରେ
ମନର ଧୈର୍ଯ୍ୟ ବଳେ
ବୁଣିଛୁ ଆଲୋକ ସବୁରି ମନରେ
ଅନ୍ଧାରକୁ ଦୂର କରି
ମାଆ ତୋର ନାମ ସଭିଙ୍କ ମନରେ
ରହିଥାଉ ସଦା ଭରି ।

# ମୁଁ କହୁଛି ଗଛ



ଦୁଷ୍ମନ୍ତ ବେହେର୍

ତୁମରି ମୂଳରେ ବସି ମୁଁ ଭାବୁଛି
ଲେଖିବି ତୁମ ବିଷୟ ରେ
ତୁମକୁ ଏଠି ଲଙ୍ଗଳା ଫଙ୍ଗଳା
କରିଦଉଛନ୍ତି ମାନବ ମାନେ !!!

ଗଛ ତୁମେ ଏତେପରେ ଦୁଃଖ
କରନାହିଁ ସହିଯାଅ ନାନା କଷ୍ଟ
ମୁରୁକ ହସିକ କହିଦିଅ ତୁମେ ବୋକା
ରେ ମାନବ ଜଗତ କଲ୍ୟାଣ ପାଇଁ !!!

ଦାନ ତୁମେ କରି ଜାଣନା ମାନବ
ମୋ କୋଳେ ଆସି କାନ୍ଦ
ହସିହସି ମୁଁଯେ ଫୁଲ ଫଳ ପତ୍ର କାଠ
ଦାନ କରିଦିଏ ତୁମକୁ !!!

ଏତେ ପରେ ତୁମେ ଶାନ୍ତ ହୁଅନାହିଁ
ଖୋଳ ଦିଅ ମୋ ଚେରକୁ
ନଷ୍ଟ ହେଉଛିରେ ମାନବ ମୁଁ ଗଛ
ଜଗତ କେମିତି ବଞ୍ଚିବେ କୁହ !!!

ବେଳ ସରିଜିବ ପାହିଯିବ ରାତି
ପାଇବ ନାହିଁ ପବନ ଟିକେ
ଛାଇର ଲେଉଟା ବେଳକୁ
ମୁଁ ଯେ ଗଛ କହୁଛି ତୁମକୁ !!!

ରହିଯା ରହିଯା ରେ ମାନବ
ବଞ୍ଚିବୁ ଯଦି ବଞ୍ଚାଇ ରଖ ମତେ
ସଂସାର ଦେଖିବ ମୋ ସୁନ୍ଦର ତାକୁ
ମୁଁ କହୁଛି ଗଛ ମୁଁ କହୁଛି ଗଛ !!!

ରାସୋଳ (ମୁଣ୍ଡିଆପଷି )
ଢେଙ୍କାନାଳ

# ଧୋକା



ଶିବରାମ ଦଳେଇ

ପୁନେଇଁ ଟା ଲାଗେ ଆଜି

ଉଆଁସ ରାତି

ଏକା ଏକା ଲାଗୁଛି ଲୋ

ତୋ ବିନା ସାଥି

ଭାଙ୍ଗିଗଲା ହୃଦୟ ମୋ

ଭାଙ୍ଗି ଦେଲୁ ମନ

ଅସରା ଲୁହ ରେ ଆଜି

କଟେ ଜୀବନ

ନଶ୍ୱାସ କୁ ଥରଟିଏ

କଲି ବିଶ୍ୱାସ

ମନ ମୋର ଭାଙ୍ଗି ଦେଲା

ପିଉଛି ବିଷ ।

ଲେଖନପୁର, ସାଲେପୁର

# ଶ୍ରୀମଦଭଗବତଗୀତାରୁ ପଦେ....୨



ନରେନ୍ଦ୍ର ପ୍ରସାଦ ବେହେରା

## ଗୀତାର ତାତ୍ପର୍ଯ୍ୟ

ଗୀତା ହେଉଛି ଜ୍ଞାନର ଅଗାଧ ସମୁଦ୍ର । ଏହା ମଧ୍ୟରେ ଜ୍ଞାନର ଅନନ୍ତ ଭଣ୍ଡାର ପୂର୍ଣ୍ଣ ହୋଇ ରହିଛି । ଏହାର ତତ୍ତ୍ୱ ବୁଝାଇବାକୁ ବଡ଼ ବଡ଼ ଦିଗ୍ୱିଜୟୀ ବିଦ୍ୟାନ ତଥା ତତ୍ତ୍ୱ ଆଲୋଚକ ମହାତ୍ମାମାନଙ୍କର ବାଣୀ ମଧ୍ୟ କୁଣ୍ଠିତ ହୋଇଯାଏ; କାରଣ ଭଗବାନ ଶ୍ରୀକୃଷ୍ଣ ହିଁ ଏହାର ପୂର୍ଣ୍ଣ ରହସ୍ୟ ଜାଣନ୍ତି । ତାଙ୍କ ପରେ ଏହାର ସଙ୍କଳନକର୍ତ୍ତା ବ୍ୟାସଦେବ ଏବଂ ଶ୍ରୋତା ଅର୍ଜୁନଙ୍କର ସ୍ଥାନ ଆସେ । ଗୋଟିଏ ସାଧାରଣ ପକ୍ଷୀ ଅନନ୍ତ ଆକାଶର ପରିସୀମା ନିର୍ଣ୍ଣୟ ପାଇଁ ପ୍ରଯତ୍ନ କରିବା ଯାହା,ମୋ ପରି ଜଣେ ସାଧାରଣ ମନୁଷ୍ୟ ଅଗାଧ ରହସ୍ୟମୟୀ ଗୀତାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଓ ମହତ୍ତ୍ୱ ନିର୍ଣ୍ଣୟ କରିବାର ପ୍ରଚେଷ୍ଟା ମଧ୍ୟ ତାହା ।

ଗୀତା ହେଉଛି ଅନନ୍ତ ଭାବର ଏକ ଅଗାଧ ସମୁଦ୍ର । ରତ୍ନାକର ଅତଳ ଗର୍ଭରେ ବୁଡି ଅନୁସନ୍ଧାନ କଲେ ଯେପରି ରତ୍ନପ୍ରାପ୍ତି ହୁଏ, ସେହିପରି ଏହି ଗୀତା ସାଗରରେ ନିମଜ୍ଜିତ ହେଲେ ହିଁ ଜିଜ୍ଞାସୁମାନଙ୍କୁ ନିତ୍ୟ ନୂତନ ଅପୂର୍ବ ଭାବ-ରତ୍ନ-ରାଶି ଉପଲବ୍ଧ ହୁଏ । କିନ୍ତୁ ଆକାଶରେ ଗରୁଡ ଉଡେ ଏବଂ ସାଧାରଣ ମଶା ମଧ୍ୟ ଉଡେ ! ତଦନୁସାରେ ସମସ୍ତେ ନିଜ ନିଜର ଭାବ ଅନୁଯାୟୀ କିଛି କିଛି ଅନୁଭୂତି ଲାଭ କରନ୍ତି । ଅତଏବ ବିଚାର କଲେ ପ୍ରତୀତ ହୁଏ ଯେ, ଗୀତାର ମୁଖ୍ୟ ତାତ୍ପର୍ଯ୍ୟ ହେଉଛି ଅନାଦିକାଳରୁ ଅଜ୍ଞାନବଶତଃ ସଂସାର-ସାଗରରେ ପଡିଥିବା ଜୀବମାନଙ୍କୁ ପରମାତ୍ମପ୍ରାପ୍ତ କରାଇବା; ଏବଂ ସେମାନଙ୍କ ନିମନ୍ତେ

ଗୀତାର ଏପରି ଉପାୟ ସବୁ ନିର୍ଦ୍ଦେଶ କରାଯାଇଛି ଯେ,ସେହି ନିର୍ଦ୍ଦେଶକୁ ଧରି ମନୁଷ୍ୟ ନିଜର ସାଂସାରିକ କର୍ତ୍ତବ୍ୟକର୍ମ ଭଲଭାବରେ ଆଚରଣ କରିପାରିଲେ ହିଁ ପରମାତ୍ମାଙ୍କୁ ପ୍ରାପ୍ତି କରିପାରିବା । ବ୍ୟବହାରରେ ପରମାର୍ଥପ୍ରୟୋଗର ଏହି ଅଦ୍ଭୁତ କଳା ଗୀତାରେ ଶିଖାଇ ଦିଆଯାଇଛି ଏବଂ ଅଧିକାରୀଭେଦରେ ପରମାତ୍ମାପ୍ରାପ୍ତି ପାଇଁ ଦୁଇପ୍ରକାର(ଜ୍ଞାନନିଷ୍ଠା,ଯୋଗନିଷ୍ଠା) ନିଷ୍ଠା କରାଯାଇଛି ।

ଏଠାରେ ପ୍ରଶ୍ନ ଉଠେ, ଭଗବାନଙ୍କୁ ପାଇବା ପାଇଁ ପ୍ରାୟ ସବୁ ଶାସ୍ତ୍ରରେ ତିନୋଟି ପ୍ରଧାନ ମାର୍ଗ ନିର୍ଦ୍ଦେଶ କରାଯାଇଛି ଯଥା- କର୍ମମାର୍ଗ,ଉପାସନାମାର୍ଗ ଏବଂ ଜ୍ଞାନମାର୍ଗ; ଏପରି ସ୍ଥଳେ ଗୀତାରେ ଦୁଇଟିମାତ୍ର ନିଷ୍ଠା ବା ମାର୍ଗ କିପରି ସ୍ୱୀକାର କରାଯାଇଛି ? ଗୀତାରେ କ'ଣ ଭକ୍ତିମାର୍ଗକୁ ସ୍ୱୀକାର କରାଯାଇ ନାହିଁ ? ବହୁଲୋକ ତ ଗୀତାର ଉପଦେଶକୁ ଭକ୍ତିପ୍ରଧାନ ବୋଲି ମାନନ୍ତି ଏବଂ ଅନେକ ସ୍ଥଳରେ ଭଗବାନ୍ ଭକ୍ତିର ବିଶେଷ ମହତ୍ତ୍ୱ ମଧ୍ୟ ସ୍ପଷ୍ଟଶବ୍ଦରେ କହିଛନ୍ତି ଏବଂ ଭକ୍ତିଦ୍ୱାରା ତାଙ୍କୁ ପାଇବା ସୁଲଭ ବୋଲି କହିଛନ୍ତି ।ଏହାର ଉତ୍ତର ଏହି ଯେ,ଶାସ୍ତ୍ରମାନଙ୍କରେ କର୍ମ ଓ ଜ୍ଞାନ ଛଡା ଯେଉଁ ଉପାସନା ପ୍ରକରଣ ଦିଆଯାଇଛି, ସେହି ଉପାସନା ଏହି ଦୁଇ ନିଷ୍ଠାର ଅନ୍ତର୍ଗତ । ଯଦି ନିଜକୁ ପରମାତ୍ମାଙ୍କ ଠାରୁ ଅଭିନ୍ନ ମାନି ଉପାସନା କରାଯାଏ, ତେବେ ତାହା ସାଂଖ୍ୟନିଷ୍ଠାର ଅନ୍ତର୍ଗତ ହୋଇଯାଏ ଏବଂ ଯଦି ଭେଦ ଦୃଷ୍ଟିରେ କରାଯାଏ,ତେବେ ତାହା ଯୋଗନିଷ୍ଠାର ଅନ୍ତର୍ଗତ ହୋଇଯାଏ । ସାଂଖ୍ୟନିଷ୍ଠା ଓ ଯୋଗନିଷ୍ଠା ମଧ୍ୟରେ ଏହା ହିଁ ମୁଖ୍ୟ ପ୍ରଭେଦ । ଏହା ଅନୁଯାୟୀ ତେର ଅଧ୍ୟାୟର ଚବିଶ ଶ୍ଳୋକରେ କେବଳ ଧ୍ୟାନଦ୍ୱାରା ପରମାତ୍ମାଙ୍କୁ ପାଇହେବ ବୋଲି କୁହାଯାଇଛି । କିନ୍ତୁ ସେଠାରେ ମଧ୍ୟ ବୁଝିବା ଉଚିତ ଯେ, ଅଭେଦ ଦୃଷ୍ଟିରେ କରାଗଲା,ଧ୍ୟାନ ସାଂଖ୍ୟନିଷ୍ଠାର ଅନ୍ତର୍ଗତ ହୁଏ ଏବଂ ଭେଦ ଦୃଷ୍ଟିରେ କରାଗଲେ ତାହା ଯୋଗନିଷ୍ଠାର ଅନ୍ତର୍ଗତ ହୁଏ । ଗୀତାରେ ଭକ୍ତିକୁ ଭଗବତପ୍ରାପ୍ତିର ପ୍ରଧାନ ସାଧନ ବୋଲି କୁହାଯାଇଛି, ତାହା ମଧ୍ୟ ଠିକ୍ । ଗୀତାରେ ଭକ୍ତିକୁ ବହୁ ଉଚ୍ଚ ସ୍ଥାନ ଦିଆଯାଇଛି ଏବଂ ସ୍ଥାନେ ସ୍ଥାନେ ଅର୍ଜୁନଙ୍କୁ ଭକ୍ତ ହୁଅ ବୋଲି ଆଜ୍ଞା ଦିଆଯାଇଛି । ତଥାପି ଗୀତାରେ ଦୁଇପ୍ରକାର ନିଷ୍ଠା ହିଁ ସ୍ୱୀକାର କରାଯାଇଛି ।

ଏ ଭିତରୁ ଭକ୍ତ ଯୋଗନଷ୍ଠାର ଅନ୍ତର୍ଗତ ହୋଇଯାଇଛି । ଯେହେତୁ ଭକ୍ତରେ ଦ୍ୱୈତଭାବ ରହିଛି; ତେଣୁ ଏପରି ମାନବା ଯୁକ୍ତ ବିରୁଦ୍ଧ ବୋଲି କୁହାଯାଇ ନ ପାରେ ।ଭକ୍ତ କପରି ଯୋଗନଷ୍ଠା ସହିତ ମିଶି ରହିଛି, ତାହା ପରେ ବିଗ୍ଚର କର୍‌ାଯିବ ।

ଗୀତାରେ କେବଳ ଭଜନ-ପୂଜନ ଅଥବା କେବଳ ଧ୍ୟାନରେ ଭଗବତପ୍ରାପ୍ତି ହେବ ବୋଲି ନର୍ଦ୍ଦେଶ କରି ଭଗବାନ୍ ଦର୍ଶାଇ ଦେଇଛନ୍ତୁ ଯେ,ଯୋଗନଷ୍ଠାର ପୂର୍ଣ୍ଣ ସାଧନାରେ ତ ଭଗବତପ୍ରାପ୍ତି ନଷ୍ଚୟ ହୋଇଥାଏ; ଯୋଗନଷ୍ଠାର ଗୋଟିଏ ଗୋଟିଏ ଅଙ୍ଗ ସାଧନା କରି ମଧ୍ଧ ତାଙ୍କୁ ପ୍ରାପ୍ତ କର୍‌ାଯାଇପାରେ । ଭଗବାନଙ୍କର ଏତେ କୃପା ଯେ , ନଜକୁ ଜୀବମାନଙ୍କ ପାଇଁ ଅତ୍ୟନ୍ତ ସୁଲଭ କରି ଦେଇଛନ୍ତୁ ।

କ୍ରମଶଃ.....

ସଂଗ୍ରହକାରୀ-ନରେନ୍ଦ୍ର ପ୍ରସାଦ ବେହେର୍‌ା
ସମ୍ପାଦକ-ମୋ ଅନୁଷ୍ଠାନ, ଆଳଦା, ଖଇର୍‌ା,ବାଲେଶ୍ୱର

# ସ୍ୱାସ୍ଥ୍ୟ ବିଭାଗ

# ନାରୀମାନଙ୍କ ଗର୍ଭବସ୍ଥା ଓ ତାର ଉପଚାର



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀ ରେ ବସବାସ କରୁଥିବା ସମସ୍ତ ପ୍ରାଣୀ ଜଗତଙ୍କ ର ପ୍ରଜନନ ପ୍ରକ୍ରୟା ଏକ ସାଧରଣତଃ ମୌଳିକ ଅଧିକାର ତଥା ପ୍ରକୃତିଦତ୍ତ ବ୍ୟବସ୍ଥା ଅଟେ, ସେହିପରି ମନୁଷ୍ୟ ମନୁଷ୍ୟ ମଧ୍ଯ ଭବିଷ୍ୟତ ପିଢ଼ି ସୃଷ୍ଟି କରି ବଂଶ ରକ୍ଷା ନିମନ୍ତେ ଉଦ୍ୟମ କରିବା ଏକ ସ୍ୱଭବିକ ପ୍ରକ୍ରୟା ଅଟେ।

ଆମ ସମାଜରେ ନାରୀ ମାନେ ଦାମ୍ପତ୍ୟ ଜୀବନ ଆରମ୍ଭ ପରେ ପରେ ପାରିବାରିକ ସୁରକ୍ଷା ସହ ଉତ୍ତରାଧିକାରୀ ସୃଷ୍ଟି ନିମନ୍ତେ ସନ୍ତାନ ଜନ୍ମ ଉଦେଶ୍ୟରେ ନାରୀ ମାନେ ଗର୍ଭ ଧାରଣ କରିବା ଏକ ସାଧାରଣ ପ୍ରକ୍ରୟା ଅଟେ। ଜଣେ ନାରୀ ଗର୍ଭ ଧାରଣର ପ୍ରଥମ ମାସରୁ ଗର୍ଭସ୍ତ ଶିଶୁ ଜନ୍ମ ହେବା ପର୍ଯ୍ୟନ୍ତ ନିଜର ଖାଦ୍ୟପେୟ ଓ ଆହାର ବିହାର କିପରି କରିବ, ଶିଶୁ ଜନ୍ମ ହେବା ପର୍ଯ୍ୟନ୍ତ ଶରୀରର ଓଜନ,ହିମୋଗ୍ଲୋବିନ, ଶର୍କରା, ରକ୍ତଗ୍ରୁପ ଏବଂ ଗର୍ଭସ୍ତ ଶିଶୁ ମା ପେଟରେ ସଠିକ ଭାବେ ଚଳପ୍ରଚଳ(movement) ଆଦି ସମସ୍ତ ବିଷୟ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ପରୀକ୍ଷା କରାଇନେବା ଜରୁରୀ ଆଟେ।

ଜଣେ ନାରୀ ବୈବାହିକ ଜୀବନର ଆରମ୍ଭ ପରେ ମାତୃତ୍ୱ ଲାଭ କରିବାନିମନ୍ତେ "ଗର୍ଭାବସ୍ଥା" ସମୟ ଅତି ମହତ୍ୱପୂର୍ଣ୍ଣ ଅଟେ।ଏହି ଅବସ୍ଥା ରେ ନାରୀ ନିଜର ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ସଜାଗ ରହିବା ଉଚିତ। ନିଜେ ସୁସ୍ଥ ରହିବା ଦ୍ୱାରା ଜନ୍ମିତ ହେବାକୁ ଥିବା ଶିଶୁଟି ବି ସୁସ୍ଥ ତଥା ନିରୋଗୀ ହୋଇ ଜନ୍ମ ନେଇଥାଏ ।

ଆମ ଭାରତୀୟ ପାରମ୍ପାରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି। ଆହାର ବିହାର ସହ ଦିନ ଚର୍ଯ୍ୟା, ଋତୁ ଚର୍ଯ୍ୟା ପାଳନର ସଦୁପଯୋଗ ନିମନ୍ତେ କୁହାଯାଇଛି।

## ଗର୍ଭାବସ୍ଥା ର ସାମାନ୍ୟ ଲକ୍ଷଣ:-

-------------------------------

ଜଣେ ନାରୀ ଗର୍ଭଧାରଣ ହେବାପରେ,ମାସିକ ଋତୁସ୍ରାବ ବନ୍ଦ ରହିବା ସହ ବାନ୍ତ ଲାଗିବା, ସ୍ତନ ପ୍ରଦେଶ ର ପରିବର୍ତ୍ତନ, ଖଟା ଦ୍ରବ୍ୟ ପ୍ରତି ରୁଚ ଲାଗିବା, ବାରମ୍ବାର ପରିଶ୍ରା ଲାଗିବା ଆଦି ସାଧାରଣ ଲକ୍ଷଣ ଦେଖା ଯାଇଥାଏ । ଜଣେ ଗର୍ଭସ୍ଥ ନାରୀ ଉଦାହରଣ ସ୍ୱରୂପ ଜାନୁଆରୀ ୧୦ ତାରିଖରେ ମାସିକ ଧର୍ମ ହୋଇଥିଲେ ଏଥିରେ ୭ ଦିନ ଯୋଗ କରି ଅର୍ଥାତ ଅକ୍ଟୋବର ୧୭ ତାରିଖ ରେ ପ୍ରାୟତଃ ଶିଶୁ ଜନ୍ମ ହେବାର ସମ୍ଭାବନା । ଜଣେ ନାରୀ ମାସିକ ଋତୁସ୍ରାବ ଠାରୁ ପ୍ରାୟତଃ ୨୮୦ ଦିନ ବା ୪୦ ସପ୍ତାହ ପରେ ସ୍ୱାଭାବିକ ଭାବେ ଶିଶୁ ଜନ୍ମ ନେଇଥାଏ।

## ଗର୍ଭବତୀ ନାରୀଙ୍କ କର୍ତ୍ତବ୍ୟ:-

-----------------------------------

ଆୟୁର୍ବେଦ ଚକିତ୍ସା ଶାସ୍ତ୍ର ମତରେ ଗର୍ଭରେ ଶିଶୁ ଥିବା ବେଳେ ନାରୀମାନେ ସାଧରତଃ ଚନ୍ତା ମୁକ୍ତ, ମନ ପ୍ରଫୁଲତା ରଖିବା, କୌଣସି ମାନସିକ ଦୁଃଚନ୍ତା ଆଦୌ ରଖିବା ଉଚତ ନୁହେଁ କାରଣ ଗର୍ଭାବସ୍ଥା ରେ ପ୍ରସୂତି ମାଆ ର ସମସ୍ତ ଚନ୍ତାଧାରା, ଭାବନା, ଖାଦ୍ୟପେୟ ଆଦି ର ସମସ୍ତ ପ୍ରଭାବ ସିଧା ଗର୍ଭସ୍ତ ଶିଶୁ ଉପରେ ପ୍ରଭାବ ପକାଇ ଥାଏ। ତେଣୁ ଗର୍ଭବତୀ ମହିଳା ମାନେ ସର୍ବଦା ପ୍ରସନ୍ନଚତ୍ତ ରହିବା ଉଚତ।

## ଗର୍ଭବତୀ ମହିଳାଙ୍କ ଆହାର -

-------------------------------------

ନାରୀ ମାନଙ୍କ ଗର୍ଭାବସ୍ଥା ରେ ଗର୍ଭସ୍ତ ଶିଶୁ ନଜର ପୋଷଣ ପାଇଁ ମାଆ ଉପରେ ନର୍ଭର କରିଥାଏ, ତେଣୁ ଗର୍ଭଧାରିଣୀ ମାଆର ଶକ୍ତ ଦାୟକ ତଥା ଅଧିକ ପୋଷକ ତତ୍ୱ ଶିଶୁର ବିକାଶ ନମନ୍ତେ ଆବଶ୍ୟକ ପଡୁଥିବାରୁ ସାଧାରଣ ଖାଦ୍ୟ ଅପେକ୍ଷା ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ ସେବନ କରିବା ଜରୁରୀ ଅଟେ। ଶରୀରରେ କ୍ୟାଲସିୟମ ର ପରିମାଣ ବୃଦ୍ଧି ପାଇଁ ସାଧାରଣତଃ ଦୁଗ୍ଧ ଜାତୀୟ ଖାଦ୍ୟ, ଅଖରୋଟ,ପିସ୍ତାବାଦାମ ଆଦି ଖାଦ୍ୟରେ ଖାଇବା ଦ୍ୱାରା ଗର୍ଭସ୍ତ ଶିଶୁ ର ଅସ୍ତି ବିକଶିତ ହୋଇଥାଏ। ଗର୍ଭବତୀ ମାଆ ର ଶରୀରରେ ଆଇରନ ମାତ୍ରା ବୃଦ୍ଧି ପାଇଁ ବିଭିନ୍ନ ପ୍ରକାରର ସତେଜ ଫଳ,ଶାଗ, ବିଭିନ୍ନ ପ୍ରକାର ସବୁଜ ପନପରିବା

ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁ ର ଶରୀରରେ ସଠିକ ଭାବେ ରକ୍ତ ନିର୍ମାଣ ସହ କୋଶିକା ନିର୍ମାଣ ରେ ସହାୟକ ହୋଇଥାଏ। ଗର୍ଭବତୀ ମାଆ ର ଶରୀରରେ ଭିଟାମିନ ବୃଦ୍ଧି ପାଇଁ ତଟକା ଫଳ, ଗଜା ମୁଗ, ଗଜା ବୁଟ ଆଦି ଅଙ୍କୁରିତ ଖାଦ୍ୟ ଖାଇବା ଦ୍ୱାରା ଶିଶୁ ର ସ୍ୱାସ୍ଥ୍ୟ ଉତ୍ତମ ଭାବେ ବିକଶିତ ହୋଇଥାଏ।

ଗର୍ଭବତୀ ମାଆ ର ଶରୀରରେ "ଫଲିକ ଏସିଡ" ସ୍ୱାଭାବିକ ନିମନ୍ତେ ବିଭିନ୍ନ ପ୍ରକାର ଫଳ ଓ ଶାଗ ଖାଦ୍ୟ ରୂପେ ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁ ର ସ୍ନାୟୁ ତନ୍ତ୍ର ବିକଶିତ ହୋଇଥାଏ। ଜୀଙ୍କ ର ମାତ୍ରା ସ୍ୱାଭାବିକ ନିମନ୍ତେ "ବାର୍ଲ୍ଲୀ" ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁ ର ତ୍ୱଚ୍ଚା ନିର୍ମାଣ ରେ ସହାୟକ ହୋଇଥାଏ ।

ଗର୍ଭବତୀ ମାଆ ମନକୁ ସର୍ବଦା ସତେଜ, ପ୍ରଫୁଲତା ରଖିବା ସହିତ ସାହିତ୍ୟ ପ୍ରତି ରୁଚି ରଖିବା, ମହାପୁରୁଷ ଙ୍କ ଜୀବନୀ-ଚରିତ୍ର,ଆଦର୍ଶ, ଚିନ୍ତନ ଆଦି ପୁସ୍ତକ ଅଧ୍ୟୟନ  କରିବା ଉଚିତ। ଗର୍ଭବତୀ ମାଆ ସବୁବେଳେ ଢିଲା ବସ୍ତ୍ର ପିନ୍ଧିବା ଉଚିତ, ଟାଇଟ ବସ୍ତ୍ର ଧାରଣ ଦ୍ୱାର ଶିଶୁ ବିକଳାଙ୍ଗହେବାର ଆଶଙ୍କା ରହିଥାଏ। ଅଧିକ ସମୟ ଖାଲି ପେଟରେ ରହିବା ଅନୁଚିତ, ନିୟମିତ ସମୟ ବ୍ୟବଧାନ ରେ କିଛି କିଛି ଖାଦ୍ୟ ଖାଇବା ଉଚିତ। ତୈଳ ଯୁକ୍ତ ଖାଦ୍ୟ ପଦାର୍ଥ ବର୍ଜନ କରିବା ଉଚିତ, ଗର୍ଭାବସ୍ଥା ସମୟରେ ସହବାସ କରିବା ଅନୁଚିତ, ଗର୍ଭାବସ୍ଥାରେ ପ୍ରସୂତି ମାଆ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ନରହି ସାମାନ୍ୟ ଚାଲି ବୁଲି କରିବା ଉଚିତ, ଯଦ୍ୱାରା ମାଆ ଓ ଗର୍ଭସ୍ଥ ଶିଶୁ ପାଇଁ ଲାଭ ଦାୟକ ହୋଇଥାଏ।

ଗର୍ଭସ୍ଥ ସ୍ତ୍ରୀ ଶିଶୁ ପ୍ରସବ କରିବା ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ।ସାମ୍ପ୍ରତିକ ପରିସ୍ଥିତିରେ ସାରା ବିଶ୍ୱ ରେ "କୋଭିଡ -19"ର ପ୍ରକୋପ ଦେଖାଦେଇଥିବା ବେଳେ, ଗର୍ଭବତୀ ମହିଳା ମାନେ ବାରମ୍ବାର ହାତ ସାବୁନ ରେ ସଫାକରିବା ସହ "ମାସ୍କ"ବ୍ୟବହାର କରିବା ଉଚିତ, ସରକାରଙ୍କ ବିଭିର୍ଣ୍ଣ ସ୍ୱାସ୍ଥ୍ୟ ସଚେତନତା ବାର୍ତାକୁ ପାଳନ କରିବା ନିତାନ୍ତ ଜରୁରୀ ଅଟେ, ଯଦ୍ୱାରା ଜଣେ ଗର୍ଭବତୀମହିଳା ନିଜେ ସୁସ୍ଥ ରହିବା ସହ ସୁସ୍ଥ ତଥା ନିରୋଗ ଶିଶୁ ଜନ୍ମ ହେବାରେ ସହାୟକ ହୋଇପାରିବ ।

ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର,
ଫୋନ-୭୮୯୪୧୧୨୪୮୭

# ଆମ ହାଣ୍ଡିଶାଳ

# ଛେନା ଖିରି



ବବୁଲି ତ୍ରିପାଠୀ

ସାଧାରଣତଃ ଆମେ ଚାଉଳ ରେ ସମସ୍ତେ ଖିରି ତିଆରି କରୁଛୁ । ଆଜି ଆମେ ଛେନାରେ ଖିରି କପରି ତିଆରି ହୁଏ ତାକୁ ଜାଣିବା । ଏହି ଛେନାରେ ତିଆରି ଖିରିକୁ ଆମେ ଯେ କୌଣସି ପର୍ବ ପର୍ବାଣୀରେ ତିଆରି କରି ଠାକୁରଙ୍କ ଠାରଏ ଭୋଗ ଲଗାଇ ପାରିବା । ଚାଉଳ ଖିରି ଠାରୁ ଏହି ଛେନା ଖିରି ଟିକେ ଭିନ୍ନ ଅଟେ ।

ଆବଶ୍ୟକ ସାମଗ୍ରୀ:

୧) କ୍ଷୀର - ୨ ଲିଟର

୨) ଚନ୍ଦ - ବଡ ତିନି ଚାମଚ

୩) କାଜୁ, ବାଦାମ, କସମିସ୍ ଓ ଗୁଜୁରାତି ଗୁଣ୍ଡ

୪) ଭିନାଗାର - ୪ ଚାମଚ

୫) ଗୁଆଘିଅ - ୨ ଚାମଚ

ପ୍ରଥମେ ଗୋଟିଏ ପାତ୍ରରେ ଗୋଟେ ଲିଟର କ୍ଷୀରକୁ ଫୁଟାଇବା ଏବଂ ସେଥିରୁ ଛେନା ବାହାର କରିବା । ଆମେ ଏଠାରେ କ୍ଷୀରକୁ ଛେଇଣ୍ଡେଇବା ପାଇଁ ଭିନେଗାର ର ବ୍ୟବହାର କରିବା । କମ୍ବା ଲେମ୍ବୁ ରସ ମଧ୍ୟ ପକାଇ ପାରିବା । ଏଠାରେ ଆମେ ଚାରି ଚାମଚ ଭିନେଗାର ନେଇଛେ । ସେଥିରେ ଆମେ ଆଠ ଚାମଚ ପାଣି ଜମାଇବା ଏବଂ କ୍ଷୀର ଫୁଟିବା ପରେ ସେଥିରେ ଟିକଏ ଟିକଏ କରି ମିଶାଇବା ଏବଂ ସେଥିରୁ ଛେନା ବାହାର କରିବା । ଛେନାକୁ ଗୋଟେ ସହା କନାରେ ଛାପି ତାକୁ ଭଲଭାବରେ ଧୋଇ ନେବା ଏବଂ ତାକୁ ଗୋଟେ ପାତ୍ରରେ କାଢି ଭଲ ଭାବରେ ଗୁଣ୍ଡ କରିନେବା ।

ତାପରେ ଗୋଟିଏ କଢେଇ ନେଇ ୨ ଛୋଟ ଚାମଚ ଘୁଆଘିଅ ଦେଇ ଦେବା ଏବଂ ସେଥିରେ କାଜୁ, ବାଦାମ ଓ କସମିସ୍ କୁ ପକାଇ ଆଉଗୋଟେ ଲିଟର କ୍ଷୀରକୁ ଗରମ କରିବା । ଏବଂ ତାକୁ ଫୁଟେଇ ଅଧା କରିଦେବା ବା ସେଥିରେ ଆମକୁ ରାବିଡି ବନେଇବାର ଅଛି ।

ତାପରେ ସେଥିରେ ତିନ ବଡ ଚାମଚ ଚନ ପକାଇବା ଓ ୧୦୦ ଗ୍ରାମ ମିଲକ୍ ମେଟ୍ ଏବଂ ଗୁଜୁରାତି ଗୁଣ୍ଡ ପକାଇ ତାକୁ ଟିକଏ ଫୁଟେଇବା । ତା ପରେ ସେଥିରେ ପକେଇଦେବା ଛେନା ଓ ଭଜି ରଖିଥିବା କାଜୁବାଦାମ କୁ ପକେଇବା । ତାକୁ ତିନରୁ ଚାରି ମିନଟ୍ ଫୁଟିବାକୁ ଛାଡିଦେବା । ତାପରେ ଛେନା ଖିରି ପ୍ରସ୍ତୁତ ହୋଇଯିବ ।

ସତଲମା, ବରଗଡ

# ମଞ୍ଜାବରା



ପୁଷ୍ପଲତା ବେହେରା

ଆବଶ୍ୟକୀୟ ସାମଗ୍ରୀ:-

କଦଳୀ ମଂଜା ୧/୨ କ.ଗ୍ରା
ଅରୁଆ ଚାଉଳ ଚୁନା ୨୦୦ ଗ୍ରାମ
ସିଝା ଆଳୁ ୨ଟା
ମୂଳାଶାଗ ୧୦୦ ଗ୍ରାମ
ପିଆଜ ୨ଟା, ଜିରା, କଞ୍ଚାଲଙ୍କା, ଧନଆଁପତ୍ର, ଲୁଣ



ପ୍ରସ୍ତୁତି ପ୍ରଣାଳୀ:-

ମଞ୍ଜାକୁ ଛୋଟଛୋଟ କାଟି ଦିଅନ୍ତୁ। କାଟିବା ବେଳେ ତନ୍ତୁ (ସୂତା) କୁ ହାତରେ କାଢି ନଅନ୍ତୁ। ମଞ୍ଜାକୁ ଭଲଭାବରେ ଧୋଇ ୧୦ ମିନଟ ଲୁଣ ଓ ହଳଦୀ ପାଣିରେ ଭିଜାଇ ରଖନ୍ତୁ। ତାପରେ ମଞ୍ଜାକୁ ଛାଣି ନଅନ୍ତୁ ଏବଂ ଅଳ୍ପ ପାଣି ଦେଇ ପ୍ରେସର କୁକରରେ ଗୋଟିଏ ହୁଇସିଲ୍ ଦେଇ ସିଝାଇ ଦିଅନ୍ତୁ। ଏବେ ମଞ୍ଜାକୁ ଛାଣି ଭଲଭାବରେ ଚକଟି ଦିଅନ୍ତୁ ଏବଂ ବଳକା ପାଣି ବାହାର କରିଦିଅନ୍ତୁ। ସେଥିରେ ଗୁଅଳ ଚୁନା, କଟା ମୂଳାଶାଗ, କଟା ପିଆଜ, କଟା କଞ୍ଚାଲଙ୍କା ଏବଂ ଆବଶ୍ୟକ ଅନୁସାରେ ଲୁଣ ଦେଇ ଭଲଭାବରେ ମିଶାଇ ଦିଅନ୍ତୁ। ଏବେ ପ୍ୟାନ ବସାଇ ୨ ଗ୍ରାମଚ ତେଲ ଦିଅନ୍ତୁ। ତେଲ ଗରମ ହେଲାପରେ ଜିରା ପକାନ୍ତୁ। ମଞ୍ଜାକୁ ବରା ଆକାର ଦେଇ ସେଥିରେ ସେକନ୍ତୁ । ଦୁଇପଟ ସେକ ହୋଇଗଲା ପରେ ଗରମ ଗରମ ଭାତ ସହିତ ପରଷି ଦିଅନ୍ତୁ।

# ପନିର ଚଣା ମସଲା


ଜୟନ୍ତୀ ଦେବୀ

ସାମଗ୍ରୀ: -

ଚଣା – ୧ କପ୍
ପନିର-୨୫୦ ଗ୍ରାମ
ପିଆଜ – ୨ଟି
ଅଦା-ରସୁଣ ପେଷ୍ଟ – ୧ ଚାମଚ
ଟମାଟୋ – ୨ଟା
ଧନିଆ ପାଉଡର – ୧ ଚାମଚ
ହଳଦୀ ପାଉଡର -୧/୨ ଚାମଚ
ଜିରା ପାଉଡର – ୧ ଚାମଚ
ଲଙ୍କା ପାଉଡର – ୧ ଚାମଚ
ଗରମ ମସଲା – ୧/୨ ଚାମଚ
ଆମଚୁର ପାଉଡର – ୧ ଚାମଚ
ତେଲ – ୨ ଚାମଚ
ପାଣି – ଗୋଟେ ଗ୍ଲାସ
ଲୁଣ ସ୍ୱାଦାନୁସାରେ
ଧନିଆପତ୍ର ଅଳ୍ପ

ପ୍ରସ୍ତୁତି:- ପ୍ରଥମେ ଚଣାକୁ କିଛି ସମୟ ଭିଜାଇ ରଖନ୍ତୁ । ତାପରେ ତାକୁ ପ୍ରେସର କୁକରରେ ସିଝାଇ ଦିଅନ୍ତୁ । ଚଣା ସିଝିଗଲା ପରେ ତାହାକୁ ପ୍ରେସରରୁ କାଢି ଥଣ୍ଡା କରିଦିଅନ୍ତୁ ।

ତାପରେ ଏକ ପ୍ୟାନରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ସେଥିରେ ଜିରା ଏବଂ କିଛି ସମୟ ଛାଡି ପିଆଜ ପକାନ୍ତୁ । ଏହାକୁ ସିମ୍ ଆଞ୍ଚ ଦେଇ ଭଜନ୍ତୁ ।

ଯେତେବେଳେ ପିଆଜ ହୋଇଯିବ, ସେତେବେଳେ ଅଦା-ରସୁଣ ପେଷ୍ଟ ପକାଇ ଭଜନ୍ତୁ । ତା ପରେ ଟମାଟୋ, ଲୁଣ, ହଳଦୀ, ଲଙ୍କା ପାଉଡର, ଜିରା ପାଉଡର, ଧନିଆ ପାଉଡର, ଆମଚୁର ପାଉଡର ପକାଇ ମିକ୍ସ କରନ୍ତୁ । ଏହାପରେ ସିଝା ଚଣାକୁ ପକାଇ ମିକ୍ସ କରନ୍ତୁ । ପୁଣି କଟା ପନିର ଏବଂ ଗରମ ମସଲା ପକାଇ ଏହି ମିକ୍ସକୁ ଧିରେ ଧିରେ ଫ୍ରାଏ କରନ୍ତୁ । ଏହାକୁ ୫ ମିନଟ୍ ଆଞ୍ଚରେ ବସାନ୍ତୁ । ପନିର ଚଣା ପ୍ରସ୍ତୁତ ହୋଇଗଲା । ପରେ ଆଞ୍ଚ ବନ୍ଦ କରି ସେଥିରେ ଅଳ୍ପ ଧନିଆ ପତ୍ର ପକାଇ ଦିଅନ୍ତୁ । ଏଥର ପ୍ରସ୍ତୁତ ହୋଇଗଲା ପନିର ଚଣା ମସଲା । ଏହାକୁ ଜିରା ରାଇସ୍ କିମ୍ବା ପରଟା ସହିତ ପରସନ୍ତୁ ।

ମଧୁ, ଆଳି, କେନ୍ଦ୍ରାପଡା

# ଆଞ୍ଚଳିକ

# ଦେଖ୍ ତ ଗଲ୍ନ ହଜି



ବାଙ୍କାବିହାରି ମହାକୁର

ସମିଆ ପଲାଉଛେ ଘାଏଁଘାଏଁ କରି,
କାହାକେ ନିଟାକେ ତାର୍ ମନେ ଯାଏସି
ଆରୁ ନାଇ ଆସେ ଫିରି ।

ଗାଁଠାନୁ ସହର୍ ସବ୍ ଗଲା ବଦ୍'ଲି,
ରୁଢ୍, ଘର୍'ଦୁଆର୍, ଦୁକାନ୍, ବଜାର୍
ସବୁନେ ଦେଖ୍ ଗହଲି ।

ମୁବାଇଲ୍ ଖେଲେ ସଭେଁ ଗଲେନ ମାତି,
କେଲି, ଖୋଖୋ, କବାଡି, ଲୁଡୁ ଆରୁ ବାଟି
ଫର୍'ଚା ଗଲେନ ମେଟି ।

ଗାଆଁଡାଁଡେ ଆଗର୍ ସେ ଲୁକର୍ ଭେଲି,
ସୁଖ୍'ଦୁଖ୍ କଥାବାର୍'ତା ଗଲେ ଭୁଲି
ଘରେବସାଁ ଟିଭି ଖୁଲି ।

ଗହକି ନାଇନ ଆରୁ ଗାଆଁ ଭିତର୍,
ସଭେଁ ହେଇଗଲେ ଦେଖ୍ ସହର୍ ମୁହାଁ
କୁଟୁମ୍ ଛିନ୍'ଛତର୍ ।

ଅଜାଆଇ ଲାଡ୍'ଗେଲ୍ କଥାନୀ ଶୁଣା,
ଛୁଆର୍ ଲାଗି କଲେ ସାତ୍ ସପନ୍'ଟେ
ସଭେଁ ହେଇ ବାଟ୍'ବନା ।

ଲୁକ୍ ବଢ୍'ଲା ଉତାରୁ କେତ୍'ନିକେତେଁ,
ଖାଏଦ୍ ଘର୍ ଅଭାବ୍ ଭର୍'ନା ଲାଗି
ଝାର୍ ସଫା ଥିଲା ଯେତେଁ ।

ବର୍'ଷା ଅନ୍'ଛାଇ ଯାଏ ମୁହଁମୁଡି,
କଷନ୍ କରି ଚଷା କର୍'ସି ଗୁହାରି
ନିହେଉ ବଲି ମର୍'ଡି ।

ଝାରର୍ ଜନ୍'ତୁ ହେଲେନ ମହରଗ,
ଚଁଟିଆ,କୁଆ,ମଏନା,ପେଚା,ଭାଦ୍'ରି
ନାଇନ ତାଁକେ ସରାଗ୍ ।

ନି ହଜୁ ପରମ୍'ପରା,ସଁସ୍'କୁର୍'ତି,
ସଭିଁର୍ ଜୀବନ୍ ମାନ୍ ରହୁ ବର୍କଷା
ହଁସିଉଠୁନ ଧର୍'ତି ।

ବୁରୁବୁଡା,ବୀରମହାରାଜପୁର,
ସୁବର୍ଣ୍ଣପୁର

# ଜତୁକ୍ ଲୁଭେ ପିଲାର୍ ମାଁ



ପ୍ରମୋଦ କୁମାର ସାହୁ

ବହ ଖୁଜା ସାରି ସୁଝ୍ ଲା ଲଗନ୍
ଠିକ୍ ଦମ୍ ହେଲା ବିହା
ପିଲା ମାଗୁଛେ ଉଚା ଫଟ୍ ଫଟି
ଟୁକେଲ୍ କେ ବାଖ୍ ନୁ ଛେ ପିଲାର୍ ମାଆ ।

ଜତୁକ୍ ପତର୍ ଜହ ଆନ୍ ବା ହେଲେ ଗୋ
କର୍ ମା ବାବୁ କେ ବିହା
ଛୁଛେ ଛୁଛେ କାଁଏ ଆନ୍ ମୁ ବହ
ମୋର୍ ପୋଓ ଆନ୍ ବା କେ ମାହାଲିଆ ।

ଖବେର୍ ଡବେର୍ ଦିଅ ସେ ଟୁକେଲ୍ ଘର୍ କେ
ଦେବେ ଜଦି ସବୁ ସାମାନ୍
ଗାଁଅଟିଆ ଘରେ ଗୁଟେ ମୁଇଁ ସୋର୍ କରିଛେ
ବସ୍ତା ବସ୍ତା ପାଏସନ୍ ଧାନ୍ ।

ବାଏ ହଉଛୁ ରେ ବେଡି ଧନର୍ ଲୁଭେ ପଡ଼ି
ଲାଗିଛେ ତକେ ଧନର୍ ନିଷା
କରମ୍ ନାଇଁ କଲେ ନାଇଁ ମିଲେ ଧନ୍

ନାଇଁ ହେବୁ ବେସି ଆସା ।

ଭଲ୍ ଭାବେ ରହୁ ବହଟା ଆମର୍
ଦର୍ କାର୍ ନାଇଁ ଧନ୍ ସୁନା
ବଡ୍ ଧନ୍ ତୋ ଆମର୍ ଘର୍ କେ ଆସ୍ ବା
ନାଇଁ କର୍ ମନ୍ କେ ଊନା ।

ସମ୍ କର୍ ପୋଓ ଝି ସମାନ୍ ଆଏ
ଧନ୍ କେ ଲୋଭ୍ ନାଇଁ କର
ନାଇଁ ରହେ କେଭେଁ ଧନ୍ ଯଉବନ୍
ଭାବ୍ ଟା ସଂସାରେ ସାର ।

ଭେଇରମୁଣ୍ଡା, କର୍ଲାମୁଣ୍ଡା, କଳାହାଣ୍ଡି,
ମୋ-୬୩୭୯୦୮୧୫୧୬

# ମନ୍

ମମତା ଦୀପ୍

କାଣା ଉନା ମୁନୁଷ୍ ଜିବନ୍ ପାଇ
ଫେର୍ ବି ମନେ ହସି ଖୁସି ନାଇ ।
ବାଟ୍ ଚାଲ୍ କହେଲୁ ଆଗ୍ ପଛ୍ ଦେଖି
ଦେଖି ଦେଖି ବାଟେ ଯେଇଛେ ଅଟ୍ କି ।
ହାଏରେ ସୁନା ଇଥୁର୍ ଲାଗି ମନେ ଘୁର୍ନା
ଆଖିର୍ ଲୋଭ୍ ମନର୍ ଆଶ୍
ଇନ୍ତା କରି ଦେସି ନିରାଶ୍ ।
ଦୁଃଖ୍ ଦରଦ୍ ରଖ୍ ବୁ ଛାତି ତଳେ ଢାପି
ବହରାବୁ ନାଇ ପାଏଁନ୍ ବୁନ୍ ଦେ ଆଖି ।
ନିଜର୍ ଦୁଃଖ୍ ନିଜ୍ କେ ଥରେ ଗୁହାରି
ତୋର୍ନେ ଅଛେ ଉତ୍ତର ଯିବା ବାହାରି ।
ଦୁଃଖେ ସୁଖେ ନିଜ୍ କ୍ କର୍ ସାଥି
ସମିଆ ନାଇ ସାର୍ କାର୍ ପିଛାଥି ।

ମନର୍ ବାଟେ ତୁଇ ନାଇ ଚାଲ୍ ସୁନା
ମନ୍ କେ ଚଲା ଡେନା ଧରି
ଫିରି ଆଏଁବା ମୁହଁ ର୍ ହସି
ଉସତ୍ ହେଇ କରି ।
ଦେଖ୍ ଥରେ ଛାତିକେ ପଥର୍ କରି
ଦୁଃଖ ଦରଦ୍ ଯିବା ଫିରି ।
ତୁଇ ଚାହେଲେ ମନେଇ ପାର୍ ବୁ
ମନ୍ ମନାବା ତତେ
କାଏଁଯେ ଭାଲୁଛୁ ଏତେ ।
ମନ୍ କେ ରଖ୍ ବାନ୍ଧି କରି
ନାଇ ହେଲେ ଯିବା ଉଡି
ଆଲ୍ ମାଲ୍ ଉଡି ଗଲା ଥରେ
ଜାନିଥା ଧନ ଆରୁ ନାଇ ଫିରେ ।

ଆଗଲପୁର

# ମଏନା



ସୁଭେନ୍ଦୁ ମେହେର

ଦିନେ ଜେଇଥିଲି ଖେତକେ ବୁଲି
ସଂଗେ ଥିଲା ମୋର ସାଙ୍ଗର ଜୁଲି
ଗ୍ଲୁଥିଲା ଅଙ୍ଗି ଭଙ୍ଗି ।
ଖେଜୁର ବୁଟାନ ପତର ହଲି
ମଏନା ଛୁଆ ଟେ ଆଏଲା ଖରଲି
ଧଏଲା ଉସତେ ସଙ୍ଗି ।।

ଆନଲା ତାହାକେ ଯତନ କରି
ଖୁଆଲା ପିଆଲା କୁଲ ଥି ଧରି
ରଖଲା ଗୁଡା ଥି ଭରି ।
ଦିନୁ ଦିନ ବଢେ କେତନକେତେ
ମେଇଝିର ମନ ମାତେଉସତେ
କୁଲେ ଧରି ଦିଏ କୁରି ।।

ମଏନା ହେଲା ଜୁଆନ ଜେଭେ
ପାଠ ପଢ଼ଲା ଅପନା ଭ୍ବେ
ସୁନ ପେଟ ଯାଏ ପୁରି ।
ଆସିଗଲେ କେନୁ ସିଆନ ସୁଜନ
ସଭେ କହେସନ କହେ ନେଇଁ ପାରନ
କେଁ ସୁଆ କେଁ ସାରି ।

ସାଲି ମୋର ବଢେ ସଉକ ବାଲି
ଆସଲା ଆମର ଘରକେ ବୁଲି
ଦେଖଲା କ ଗଲା ଲଟକ ।
ବଇଲା ଭେନେଇ ନେମି ଇତାକେ
ଦେବ କ ନେଇଁ କହ ଗୋ ମକେ
ଲ୍ଗୁଚେ ମତେ ଗହକ।

ପଡଲି ମୁଇଁ ବଡା ଅଡୁଆ ଘରେ
ମୋର ଘରବାଲି ସଉକ କରେ
କେଁ ଉତର ଦେମି ମୁଇଁ ।
ମେଇଝି ମୋର ତ ପୁସିଚେ ପାଲି
ସାଲି ବି ତ ଅଧା ଘରବାଲି
କାହାକେ ଛାଡ଼ମି ମୁଇଁ ।।

ଯାଲ୍ଲେଏ, ସୁବର୍ଣ୍ଣପୁର

# କଥାନ-ଲୋଭ ର୍ କରାମତି



ସତ୍ୟନାରାୟଣ ମିଶ୍ର

ରାତି ର୍ ଦଶ ବଜେ କବାଟ କେ ହେବକେଇ କରିବଲ୍କେ ସମି ଆସଲା ଘର୍କେ ଡାକୁ ଗୁଟେ। କର୍ରା ମେଛା, ମୁଡ଼େ କଲା ଟୁପି, ଢେଲା ଢେଲା ଆଁଖ୍ ।ତେଜେରି କେ ଜବର୍ କରି ହିଟେଇ କରି ଟଙ୍କା ସୁନାଚୁରାବା କେ ଯାଇଛେ ଜେନ୍ତା ଦୁଇଟା ଠେଙ୍ଗା ଧରି କରି ଦୁଇଟା ମାହେଜି ହାଜର୍ । ଦେଖବୁ କେଁ ରେ ଚୋର ବାଗ ଧରା ବୋଲି ଠେଙ୍ଗା ଉଁ ଚା ବାର୍ ଦେଖି ଚୋରଆରୁ କାହିଁ ରହେ । ଡର୍ସରେ ହେ ବୁଆହେ ମା ବୋଲି ଭାଗଲା ଗଦ୍ ବଦ୍ ।

ସଖାଲୁ ସଖାଲୁ ଘର ର୍ ମୁହେଁ ସୁନା ହାର ଟେପଡିଚେ ।ଦେଖି କରି ଦୁହିଁ ମାହେଜି ଚକିତ୍ । କାହିଁସୁନା ହାର ଟେ ବୋଲି କଥା ହେତେ ହେତେ ଦୁହେଁଯାକ ବିଚାର କଲେ ଇଟା ସେ ଡାକୁ ର୍ ଟା । କେଂନୁଚୁରେଇ ଆନ୍ଲା ଆର ଆମକୁ ଡରିକରି ଭାଗିଗଲା ବେଲେ ପଡି ଯାଇଛେ । ବଡ଼ ମାହେଜି କହେଲା"ଇଟା ମୁଇଁ ନଉଛେ ।ସାନ କହେଲା" ନାଇଁ ଗୋ।

ଇଟା ମୁଇ ନେମି । ଘିଚା ରଗଡା ଚଲ୍ଲା ତାଙ୍କର୍ ଭିତିରେ । ବାଲ ଘିଚା ଘୁଚି ।ଅପରା ଚିପିରା । ପିଟା ମରା ଧୁରକୁଟ୍ ।

ଇଂତା ସମିଆ କେ ଭଟାନୁ ଘର୍କେ ଢୁକି ଆସିକରି ଘର ର୍ ଗୁସିଆ କହେଲା "କାଁ ହେଲା ? ମୁଇ ଗାଁ ନୁ ଘର୍କେ ଆସଲା ବେଲେ ଦୁହିଁ ସଉତେନ ଇଂତା ଗାଲି ମାଡ଼ କାହିଁ ଲାଗୁଛ ? କେଡେ ସୁନ୍ଦର ତ ଦୁହିଁ ବହେଁନ୍ ବାଗିର ପଟି ଥିଲ ।

ସବୁ କବାର କେ ମିଶି କରି କରୁଥିଲ । ରାତି ନେ ଠେଙ୍ଗା ଧରି କରି ଡାକୁ କେ ଦୁହେଁ ଯାକ ଖେଦଲ ।ଇଛେନ କେନ୍ତା ରଂଚଣ୍ଡୀ ବେଶେ ଘର ଫଟେଇ ଦେଲନ ? ଇ ଛାର୍ ଗୁଟେ ପିତଲ ହାରର୍ ଲାଗି ।

ସୁନି କରି ମାହେଜି ଦୁହେଁ ସଭକଦମ୍ । କହେଲେ "ତମେ ତ ଗାଁ ଯାଇ ଥିଲ । ଡାକୁ ର୍ କଥାଆରୁ ହାର ର୍ ବିଷେ ଥି କେନ୍ତା ଜାନି ପାର୍ଲ ? ହସି ହସି ଗୁସିଆ କହେଲା "ହେ ଯେନ୍ ଡାକୁ ବୋଲି କହୁଛ ହେ ଡାକୁ ବେଶେ ମୁଇ ଆସିଥିଲି । ତମେ ଦୁହେଁ ଠିକ୍ ସେ ପଟି କରି ଅଛ କି ଲୋଭ ର୍ ଲାଗିନିଜର ଭିତିରେ ଝଗଡା ଲାଗବ ଯେ ପରୀକ୍ଷା କରୁଥିଲି। ହେଲେ,ମୁଇ ଦେଖଲି ତମେ ପରିକ୍ଷା ଥି ଦୁହେଁ ଯାକ ଫେଲ୍ ହେଇଗଲ ।

ଆମର ଭୁଲ୍ ହେଇଗଲା ଗୋ ।ଆରୁ କେଭେ ବିଲୋଭ ର୍ ଲାଗି କି ଆର୍ କେନ୍ କଥା ର୍ ଲାଗି ଆମେ ଦୁହିଁ ବହନି ର୍ ଭୁଲ୍ ବୁଝାମନା ନାଇଁ ହଏ ।

ଇ ଥରେ ନ । ହଉ ହଉ ବୋଲି ଗୁସିଆ ପିଢ଼ା ଥି ବସଲା ଆରୁ ପଖାଲ୍ ବାଢ଼ ରେ ବଏଲା କେ ଦୁହେଁପଚାର୍ଲେ " ହଏଗୋ ! ବାସି ଖାଇବ କି ତତଲା ???

ସିନ୍ଧେକେଲା, ବଲାଙ୍ଗୀର
9583605915

# ମୁରଦାର୍

ସୁନୀଲ କୁମାର୍ ଅଗସ୍ତି

ଇହାଛିନିର୍ ତୁମତାମର୍ ସମିଆଁ ଥିଁ
'ଭାବ'ର୍ ବିନେ ଘଡେ
ବଁଚି ଯିବାର୍ ଟା ଗଲେ
ବଢେଟେ କବାର୍ ଆଏ,
କେନତା ବଏଲେ
ତମେ ଆର୍ ମୁଁଇଁ ବିନ୍ ଉକିଆ
ବାଟ୍ ଢୁଣ୍ଡେଇଁ ହେଲା ବେଲେ
ହବଡେଇ ହେବାର୍ ସାର୍ ଆଏ,
ଫିରଭି ଗୁଟେ କଥା
ଭାବର୍ ଡୋର୍ ଛିଡି କରି ଇହାଛିନ୍
ଶବଦ୍ 'ବିଶ୍ୱାସ୍' କେ ଗଲେ ତ'
ସେ' କେରେନ୍ ବେମାର୍
ଚଢ଼ଉ କରିଛେ,
ଏନତା ଥିଁ ତମର୍ ମୋର୍
ଆର୍ କାହାରିର୍ ଗଲେ ଅବଗା
ସେ' ଗୁଟେ 'ଭାବ' ଆଏ ତ'
ଅବଗା 'ମୁରଦାର୍ ଆଏ,,

ଟିଟିଲାଗଡ଼, ବଲାଙ୍ଗୀର

# ଉହୁଲେନ୍



ଆଶୁତୋଷ ଠାକୁର

ସମିଆଁର ଧାରେ ଶବଦ ମାନେ
ଯାଉଛନ୍ ଉହୁଲି
ମୁଇଁ ତାକର ପଛେ ଦଉଡିନ
ପାଖେ ଦମସାଲିଂ
ଘଡେ ଥାକନ ମନେ ବଫୁ ଜୁଟାନ
କଅଂଲେ ପଚର୍‌ନ
କାଁ,ଯେ ଇ ଭ୍‌ଷାର ସାଗର ଥୁନ୍
ଦୁରିଆ ଯାଉଛନ୍
ଶବଦ ମାନେ ଗୁଟେ ସୁରେ ହୋ ହେଇ
ବୁଝେଇ ଦେଉଛନ୍
ଆଁମର ଘର ପରିବାର ସବୁନେ
ମାଁନ ବେଭ୍‌ର ଦେଖ୍
କାହିଁ କେନ୍ ଜୁଗୁ ବଡ଼ ବଡଖା
ଦେଇଛନ୍ ତ ଲେଖ୍
ପୁଥ୍ ପୁର୍‌ନ୍ ଶବଦର ଭଣାର୍
ଭ୍‌ଷାର ଆଏ ହଁଣା
ଗୁନ ଗିଆନ ଦେଖାଲେ ବନେ ବାଟ୍
ଆମର ଭ୍‌ଷା ସୁନା !!

ମଣ୍ଡଳ, ବଲାଙ୍ଗିର,
ମୋବା-୯୯୩୭୯୩୩୧୧୪

# ଶିଶୁ ବିଭାଗ



# ବାହାଘରରେ ଅଦା ରୁଆ



ଡ଼ଃ ରଞ୍ଜିତ କୁମାର ସାହୁ

ମାର୍ଗଶିର ମାସ ହୋଇଗଲେ ଜଗା ମାମୁଁର ମନ ଖାଲି ଘରେ, ଆଉ ତାହାର ନଜର ଘରେ ହେଉଥିବା ସବୁ ପ୍ରକାର ଖାଇବା ପିଇବା ପିଠା ପଣା ଉପରେ । ସେ କାମ କାଜ ଯୁଆଡେ ଯାଉଛି ଯାଉ, ଘରକୁ ଛୁଟିରେ ଆସି ଆଗ ଭଲକି ଖାଇବା ତାହାର ଉଦ୍ଦେଶ୍ୟ !

ଘରେ ଗୁରୁବାର ଅବସରରେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ ଚାଲି ଥାଏ ! ଗପ ବହିଟିକୁ ବସି ପଢ଼ିଲାବେଳକୁ ବଖରା ଭିତରକୁ ତାହାର ଭଣଜା ନାଣ୍ଟୁ ପଶି ଆସିଲା ! ଭାରି ଦୁଷ୍ଟ ଟୋକାଟିଏ !

"ମାମୁଁ ଚାଲ ବାଡ଼ି ଆଡେ ଯିବା," କହିକି ଜାଗାର ହାତକୁ ଧରି ଟାଣି ଟାଣି ନେଇଗଲା ।

"କଣ ହେଲାକି," ଜଗା ପଚାରିଲା ।

"ତମେ ଭୁଲି ଗଲ କି ତୁମେ ବାହାଘର ପରେ କଣ କରିଥିଲ? ଯାହା କରିଥିଲ ତାହାର ଫଳାଫଳ ଦେଖିବ," ନାଣ୍ଟୁ କହିଲା ।

ଚମକି ପଡି ଜଗା ପଚାରିଲା, " କଣ କରିଥିଲି?"

"ଚାଲୁନ ଆଗ," କହି ଟାଣି ଟାଣି ନେଇଗଲା ଜଗାକୁ ବାଡ଼ି ଆଡ଼କୁ ।

ବାଡ଼ିରେ ଯେଉଁଠି ଆଗ ଟିକିଏ ଖାଲି ଜାଗା ଥିଲା, ସେଠି ଚାରିଫୁଟର ଗହଳ ବୁଦା ସବୁ ବଢ଼ି ଯାଇଥିଲା !

"ତମର ମନେ ଅଛି ତମାର ବାହାଘର ଭୋଜିରେ ଯେତେବେଳେ ଅଦା ର ଗଜା ସବୁ ଫୋପାଡ଼ି ଦିଆ ଯାଇଥିଲା ଆଉ ମୁଁ ତାକୁ ନେଇକି ଆସିକି ତୁମକୁ ସେଥିରେ ଖେଳିବାକୁ ଅଳି କରିଥିଲି, ସେତେବେଳେ ତୁମେ ମୋତେ ଭୁଲେଇବାକୁ କହିଥିଲ ସେଗୁଡିକୁ ପୋତିଦେବାକୁ । ଆମେ ସେଗୁଡିକ ଏଠି ପୋତି ଦେଇଥିଲେ ଦେଖ କେତେ ସବୁ ଅଦା ବୁଦା ହେଇ ଯାଇଛି !" ନାଣ୍ଟୁ କହିଲା ।

"ସତେ ତ," ଜଗା ମାମୁଁ କହିଲେ !ଜଗା ମାମୁଁଙ୍କର ମନେ ପଡିଗଲା ଗୁଡ଼ାଏ ହେବ ଗଜାକୁ ନେଇ ମାମୁଁ –ଭଣଜା ପୋତିଦେଇଥିଲେ ବାଡ଼ି ଆଡ଼େ ।

"ତୁ ଖେଳ ଖେଳରେ ପୋତି ଦେଇଥିଲି କିନ୍ତୁ କେତେ ସବୁ ଅଦା ବୁଦା ହେଇଗଲା । ଏଠି ଛାଇ ଜାଗାରେ ଆଉ ଏହି ଦରାସା ମାଟିରେ ସବୁ ଗୁଡିକ ବୁଦା ହେଇଗଲା, ମୋର ବୁଦ୍ଧି ଦେଖିଲୁ," ଜଗା ମାମୁଁ କହିଲେ ।

"ଆଈ ବାଡ଼ିରେ ତାହାର ରୋଷେଇ ଘରର ପରିବା ପତ୍ର ଧୋଇଲା ପରେ ସବୁ ପାଣି ଦେଇଦେଉଥିଲା ସେଥି ପାଇଁ ଏଗୁଡିକ ବଢ଼ିଲା । ତୁମେ ତ କଟକରେ ରହିଲ । ମୁଁ ବୁଲିବାକୁ ଆସିଲେ ଆଈ ସହ ଏହି ସବୁକୁ ପାଣି ଦେଇକି ଏତେ ବଡ଼ କରିଛି," ନାଣ୍ଟୁ କହିଲା ।

"ଭଲ କଲୁ କିନ୍ତୁ ଏବେ ମୋତେ ଏମିତି ଆଣିକି କାହିଁକି ଏ ସବୁ ଦେଖାଉଛୁ?" ଜଗା ମାମୁଁ ପଚାରିଲେ ।

"ଆଈ କହିଲା ତୋ ଜଗା ମାମୁଁ ଭାରି ଅଳସୁଆ । ଏବେ ରୋଷେଇରେ ଅଦା ଲୋଡ଼ା, ଆଉ ସିଏ ବଜାରକୁ ଯିବାକୁ ମଙ୍ଗିବନି । ଛୁଟିରେ ଅଛି ତେଣୁ କାମ ନ କରି ଖାଲି ଅଳସୁଆ ହେଇକି ବସୁଛି । ବାଡ଼ିରେ ଅଦା ପୋତି ବର୍ଷେ ହେଇଗଲା, ପାକଳ ହେଇ ଯାଇଥିବ । ସେଗୁଡିକ ବାହାର କରିକି ଆଣ, ସଜ ଅଦାର ସୁଆଦ ବହୁତ ବଢ଼ିଆ । ଘରେ ବହୁତ ଦିନ ଯାଏଁ ଚଳିଯିବ । କିଛି ପଡିଶା ଘରକୁ ମଧ୍ୟ ଦେବା ଆଉ ଯାହା ବଳିବ ତାକୁ ଆଚାର କରିକି ରଖିବା ," କହିକି ନାଣ୍ଟୁ କୋଦାଳଟିଏ ବଢ଼େଇ ଦେଲା ଜଗା ହାତକୁ ।

"ଅଦା କଣ ଗୋଟିଏ କନ୍ଦା କି ମାମୁଁ ?" ନାଣ୍ଟୁ ପଚାରିଲା ।

"ନା, ଚେର ଭଳି ମାଟି ଭିତରେ ଥିଲେ ମଧ୍ୟ, ଅଦା ଗୋଟିଏ କାଣ୍ଡ । ଏହା ମାଟିତଳେ ବଢି ପାରେ, ତେଣୁ ତାହାକୁ ରୋପିଥିଲେ, ତାହା ଅନେକ ବର୍ଷ ପର୍ଯ୍ୟନ୍ତ ଅମଳ ହେଇ ପାରିବ,

ଯଦି କିଛି ମୂଳକୁ ମାଟି ତଳେ ଛାଡି ଦିଆଯାଏ । ଅଦାରେ ଅନେକ ଔଷଧିୟ ଗୁଣରହିଥିବାରୁ ଏହାକୁ ବିଭିନ୍ନ ସମୟରେ ଯନ୍ତ୍ରଣାରୁ ତ୍ରାହି ପାଇବାକୁ ବ୍ୟବହାର କରା ଯାଇଥାଏ । ଏହା ଅଜୀର୍ଣ୍ଣ ରେ ମଧ୍ୟ କାମ ଦିଏ ତଥା ଦେହରେ ମେଦ ହ୍ରାସ କରିବାରେ ସାହାଯ୍ୟ କରେ । ଅଦା ରକ୍ତରେ ଥିବା ଶର୍କରାକୁ ନିୟନ୍ତ୍ରଣ କରିବାରେ ସହାଯ୍ୟ କରେ ତଥା ଶରୀରର ଖାଦ୍ୟ ପ୍ରଣାଳୀରେ ଥିବା ପ୍ରକାର ରୋଗ ବୈରାଗ୍ୟକୁ ଦୂର କରିବାରେ ସହାୟକ ହୋଇଥାଏ !



"ଓଃ ଅଦା ତାହା ହେଲେ କେବଳ ଖାଦ୍ୟକୁ ସୁଆଦିଆ କରେ ନାହିଁ, ଏହା ଏକ ଔଷଧ ମଧ୍ୟ," ନାଂଡୁ କହିଲା ।

"ଶ୍ରୀମନ୍ଦିର ମଧ୍ୟରେ ବ୍ୟବହୃତ ହେଉଥିବା ମସଲା ମସଲି ମଧ୍ୟରେ ଅଦା ଅନ୍ୟତ୍ତମ ! ଅଦାକୁ ଶୁଖେଇକି ସେଥିରୁ ଶୁଣ୍ଠୀ ମଧ୍ୟ ତିଆରି କରା ଯାଏ ଯାହା ଅଧିକ ଦିନ ରହି ପାରେ।

ଅଦାର ସ୍ୱାଦରେ ବିଭିନ୍ନ କେକ, ବିସ୍କୁଟ ଇତ୍ୟାଦି ତାରି କରା ଯାଏ ତଥା କିଛି ପାନୀୟରେ ମଧ୍ୟ ଏହା ବ୍ୟବହାର କରା ଯାଏ । ଅଦା କୁ ଲୋକେ ଚାହା ଭଳି ମଧ୍ୟ ବ୍ୟବହାର କରନ୍ତି," ମାମୁଁ କହିଲେ ।

କିଛି ବୁଦା ଛାଡିକି ଅନ୍ୟ ସବୁକୁ ଖୋଳି ବାହାର କରିଦେଲେ ଦୁହେଁ ମିଶିକି । ମାମୁଁ ଭଣଜା ଦୁହେଁ ମିଶି ବାକି ତକ ଅଦାକୁ ଧୋଇକି ଘର ଭିତରକୁ ନେଇଗଲେ ।

ଆର ବରଷକୁ ପୁଣି ଅମଳ କରିବା ନାଣ୍ଟୁ କହିଲା ଆଉ ଜାଗା ମାମୁଁ ମୁଣ୍ଡ ଟୁଙ୍ଗାରି ଦେଲେ ।

ଯୁକ୍ତରାଷ୍ଟ୍ର ଆମେରିକା

# ଥିଲା ଗୋଟିଏ ପୁଷି



ନୀଳମଣି ଗୁନ୍ଦ

ଥିଲା ଗୋଟିଏ ପୁଷି
ଘୁଡୁରୁଘୁଡୁ ହୁଅଇ କେତେ
ତା ମନ ଥିଲେ ଖୁସି
ଘରକୋଣରେ ଲୁଚଇ ଯାଇ
ଗଲେରେ ସିଏ ରୁଷି ।
ଦୁଧଭାତ ସେ ଖାଏ
ପେଟ ପୂରିଲେ ବୋବେଇ ମ୍ୟାଉଁ
ସେଠାରୁ ଚାଲିଯାଏ
ଟିକେ ରାଗିଲେ ଲଢିବାପାଇଁ
ନିଶ ଫୁଲାଉଥାଏ ।
ଦେଖିଲେ ମୂଷାପଲ
ଶିକାରପାଇଁ ସଜାଗ ହୁଏ
ନ ହୋଇ ହଲଚଲ
ଲାଳ ଗଡଇ ପାଟିରୁ ତା'ର
ହୁଏ ସେ କଲବଲ ।
ଦିନେ ଗୋଟିଏ ଲରୀ
ଧୁଆଁ ଉଡେଇ ପଳେଇଗଲା
ପୁଷିକୁ ଧକ୍କା କରି
ଏ କଥା ଯାଇ କହିଲେ ଘରେ

ଜଗନ୍,ଜିନୁ,ହରି।
ଆସିଲେ ଆଇ ଧାଇଁ
ପୁଷିକୁ ଦେଖି କାନ୍ଦି କହିଲେ
'ଜୀବନ ତା'ର ନାଇଁ
ଖାଇଲେ ନାହିଁ 'ଦି' ଦିନ ଯାଏ
ସେ ପୋଷା ପୁଷି ପାଇଁ।
ଏକଲା ଗଲେ ବସି
ଭାବନ୍ତି ଆଇ ଦୁଃଖ ଦେଇ
ପୁଷି ତ ଗଲା ଖସି
ସେ ଯିବା ଦିନୁ ଦେଖିନୁ କେବେ
ଆଇ ଦେବାର ହସି।

୨୭, ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ଶିଶୁ ଦିବସ



ସାଇପ୍ରସାଦ ସାହୁ

ସମୟ ପାଖାପାଖି ୪ଟା । ସ୍କୁଲ୍ ଘଣ୍ଟା ବାଜିଲା । ପିଲାମାନେ ଧାଡ଼ି ହୋଇ ଗେଟ୍ ବାହାରକୁ ଆସି ନିଜ ନିଜ ଘରକୁ ଚାଲିଗଲେ । ଅନୀମେଶ ଓ ଅର୍ପଣ ଦୁଇ ସାଙ୍ଗ ବାଟରେ ଯାଉଥିଲେ । ଅର୍ପଣ ପଚାରିଲା; ଆରେ ଅନୀମେଶ କ୍ଲାସରେ ଗୁରୁଜୀ ଆଜି କହୁଥିଲେ ଆମ ସ୍କୁଲରେ ଶିଶୁ ଦିବସ ପାଳନ ହେବ । ସମସ୍ତେ ପରିସ୍କାର ପରିଚ୍ଛନ୍ନ ହୋଇ ଆସିବ । ଏହା ସହ ମୁହଁରେ ମାସ୍କ ମଧ୍ୟ ପିନ୍ଧିକି ଆସିବ । ଯିଏ ଯାହା ଜାଣିଛ ସେ ସମ୍ପର୍କରେ ବକ୍ତବ୍ୟ ପ୍ରତିପାଦନ କରିବ । ମୁଁ ତ ସେମିତି କିଛି ଶିଶୁ ଦିବସ ବିଷୟରେ ଜାଣିନି । ତୁ ଜାଣିଛୁ କି ? ଅନୀମେଶ କହିଲା - ନା, ମୁଁ ବି କିଛି ଜାଣିନି ।

ଚାଲ୍ ତାହେଲେ ଆମେ ଘରେ ପହଞ୍ଚିବାପରେ ଜେଜେବାପାଙ୍କୁ ପଚାରିବା,ସିଏ ଜାଣିଥିବେ। କିଛି ସମୟ ପରେ ଦୁଇ ଜଣ ଯାକ ସାଙ୍ଗ ଶ୍ୟାମ ଜେଜେବାପାଙ୍କ ପାଖରେ ପହଞ୍ଚିଲେ । ଜେଜେ ବାପା ଦେଖି କହିଲେ - ଆରେ ଅନୀମେଶ, ଅର୍ପଣ ତୁମେ ଯାଉନ ଗୋଡ଼ ହାତ ଧୋଇ ପରିସ୍କାର ହୋଇ ଯାହା ପାଠ ଦିଆଯାଇଛି ପଢ଼ିବ । ଅର୍ପଣ କହିଲା - ଜେଜେବାପା ଆମ ସ୍କୁଲରେ ଶିଶୁ ଦିବସ ପାଳନ ହେବ ବୋଲି ଆମକୁ ଏହି ଦିବସ ବିଷୟରେ କିଛି କହିବାକୁ ଗୁରୁଜୀ କହିଛନ୍ତି । ତମେ ଟିକିଏ ଆମକୁ ଶିଶୁ ଦିବସ ବିଷୟରେ କହିଲେ ଆମେ କିଛି ଜାଣିବୁ ଏବଂ ମନେ ରଖି ସ୍କୁଲରେ କହିବୁ । ଜେଜେବାପା କହିଲେ - ଠିକ୍ ଅଛି । ଅନୀମେଶ ଓ ଅର୍ପଣ ଦୁଇ ଜଣ ବସ ମୁଁ କହୁଛି । ଜେଜେବାପା କହିଲେ - ଆମ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ପିଲାମାନଙ୍କୁ ବହୁତ ଭଲ ପାଆନ୍ତି । ସେ କହୁଥିଲେ, ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ ନିର୍ମାଣକର୍ତ୍ତା । ତାଙ୍କର ଯତ୍ନ ନେବା

ଜରୁରୀ । ସେମାନେ ଭଲ ପାଠ ପଢି ଭଲ ହେଲେ ଦେଶ ସୁନାମ ଅର୍ଜନ କରିବ । ଆଜିର ଶିଶୁ କାଲିର ଭବିଷ୍ୟତ । ସେମାନେ ଦେଶର ପ୍ରକୃତ ସମ୍ପଦ ।ସେମାନଙ୍କ ଲାଗି ଦେଶ ହସି ଉଠିବ । ସେଥିପାଇଁ ତାଙ୍କ ଜନ୍ମଦିନ ପ୍ରତିବର୍ଷ ନଭେମ୍ବର ମାସ ୧୪ ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି । ଅନୀମେଶ ଓ ଅର୍ପଣ କହିଲେ – ଜେଜେବାପା, ତମେ ଆମକୁ ଶିଶୁ ଦିବସ ସମ୍ପର୍କରେ ଯାହା ସବୁ କହିଲ ଆମେ ସ୍କୁଲ ଯାଇ ସରଳ ଓ ସୁନ୍ଦର ଭାଷାରେ ସାଙ୍ଗମାନଙ୍କୁ ଜଣାଇଦେବୁ ।

ସିନ୍ଧେକେଲ୍ ,ବଲାଙ୍ଗୀର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨
ଇ-ମେଲ୍ : saiprasadsahu867@gmail.com

# ବଣଭୋଜି



ମୀନାକ୍ଷି ପାଢ଼ୀ

ଶୀତ ଛୁଟିର ମଉଜ ପାଇଁ
ବିଗ୍ସର କଲୁ ଆଜି,
କଅଁଳ ଖରା,କାକର ବେଳା
କରିବା ବଣଭୋଜି।

ସାଙ୍ଗ ପିଲାଏ କରିଲୁ ଗ୍ଧାନ୍ଦା
ଜିନଷ ଦେଲୁ କଣି,
ହଣ୍ଡା ହାଣ୍ଡିକୁ ଯୋଗାଡ଼ି ଦେଇ
ସଙ୍ଗେ ପିଇବା ପାଣି।

ପାହାଡ଼ ତଳେ ଟିକ ଝରଣା
ତା' ପାଖେ ଗଛ ଛାଇ,
ଗଛ ଛାଇରେ ରୋଷେଇ କଲୁ
ବାସନା ଚହଟାଇ।

ପଲଉ,ଡାଲି,ପାୟସ ସଙ୍ଗେ
ଦହି ସାଲାଡ଼ ନେଇ,
ମାଉଁସ ତୁଣ ଦେଖି ପାଟିରୁ
ଲାଳ ପଡ଼ିଲା ବୋହି।

ବନ ଝରଣା ଶୀତଳ ଜଳେ
ଗାଧୁଆ ମଜା ନେଇ,
ଖେଳଲୁ ଯେତେ ନାଚଲୁ ସେତେ
ଗୀତକୁ ଗାଇ ଗାଇ।

ଗାଧୁଆ ପରେ ଲ୍ଗିଲ୍ ଭୋକ
ମୂଷା ଡିଏଁ ପେଟରେ,
ଆମେ ଡେଇଁଲୁ ଖାଇବା ପାଖେ
ଖାଇବା ଆନନ୍ଦରେ।

ପେଟ ଭରିଲ୍ ମନ ପୁରିଲ୍
ବଜାରେ ଭାଇ ବାଜା,
ମନ ଆନନ୍ଦେ ଫେରିଲୁ ଏ'ତ
ବଣଭୋଜିର ମଜା।

ଶିକ୍ଷୟିତ୍ରୀ, ଚକଟୀ,ଗଞ୍ଜାମ
ମୋ: ୯୭୭୬୫୪୫୦୦୧

# ଟିକରପଡ଼ାର ସୌନ୍ଦର୍ଯ୍ୟ



ନୀଳମାଧବସାହୁ

ଶୀତଋତୁ ଚାଲିଥାଏ । ଲୋକମାନେ ବଣଭୋଜି କରିବା ସହିତ ପ୍ରକୃତିକୁ ଉପଭୋଗ କରିବାକୁ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଉଥାନ୍ତି । ଠିକ ସେହିପରି ବୀଣା ଓ ଟୁନା ଘରଲୋକଙ୍କ ସାଙ୍ଗରେ ବାହାରି ପଡିଲେ ସାତକୋଶିଆ ବୁଲିବା ପାଇଁ । ସାତକୋଶିଆ ଓଡ଼ିଶାର ଅନୁଗୁଳ ଜିଲ୍ଲାରେ ଅବସ୍ଥିତ ଓ ଏହାକୁ ୨୦୦୭ ମସିହାରେ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ଭାବରେ ଘୋଷଣା କରାଯାଇଥିଲା । ସେହିଠାରେ ମହାବଳ ବାଘ ଠାରୁ ଆରମ୍ଭକରି କାଲରାପତ୍ରିଆ ବାଘ, ସମ୍ବର, ହରିଣ, କୁଟୁରା, ହାତୀ, ଭାଲୁ, ବଣଭୁଆ ଓ ଗୟଳ ଇତ୍ୟାଦି ପଶୁ ଦେଖିବାକୁ ମିଳନ୍ତି । ତା' ସହ ବିଭିନ୍ନ ପ୍ରଜାତିର ପକ୍ଷୀ ଓ ପ୍ରଜାପତି ବି ଦେଖିବାକୁ ମିଳନ୍ତି । କେଇଘଣ୍ଟାର ଯାତ୍ରାପରେ ବୀଣା ଓ ଟୁନା ପରିବାର ସହ ପହଞ୍ଚିଗଲେ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ମଧ୍ୟରେ ଥିବା ଟିକରପଡା ଠାରେ ।



ସାତକୋଶିଆର ଟିକରପଡା ଠାରେ ଏକ ନଦୀ ପ୍ରବାହିତ ହେବାର ବୀଣା ଓ ଟୁନା ଦେଖିଲେ । ଏହା କେଉଁ ନଦୀ ବୋଲି ସେମାନେ ତାଙ୍କ ମାଆଙ୍କୁ ପଚ୍ଚାରିଲେ । ମହାନଦୀ ବୋଲି ମାଆ ଉତ୍ତର ଦେଲେ । ତାହାସହ ସେହି ଟିକରପଡା ଅଞ୍ଚଳ ବିଷୟରେ ବିସ୍ତୃ ଭାବେ ବୁଝାଇଦେଲେ । ଟିକରପଡାଠାରେ ମହାନଦୀରେ ଥିବା ସାତକୋଶର ଗଣ୍ଡ ଓ ତା'ର ସୌନ୍ଦର୍ଯ୍ୟ ଦେଖିବାପାଇଁ ବହୁତ ଦୂରରୁ ଲୋକମାନେ ଏହି ସ୍ଥାନକୁ ଆସନ୍ତି । ସାତକୋଶିଆର ସୌନ୍ଦର୍ଯ୍ୟ ସମସ୍ତଙ୍କଠାରେ ଥିବା ଦୁଃଖକଷ୍ଟକୁ ଧୋଇ ମନଭିତରେ ଅସୁମାରୀ ଅଶାକୁ ଜୀବିତ କରୁଥିବାରୁ ଏଠାରେ ଓଡିଶା ଟୁରିଜିମ୍ ପକ୍ଷରୁ ଇକୋ-ରିଟ୍ରିଟ୍ର ବ୍ୟବସ୍ଥା କରାଯାଇଛି । ମାଆ ଏତିକ କହୁକହୁ ବାପା କହିଲେଯେ ସାତକୋଶିଆ କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ନାହିଁ, ବିରଳ ଘଡ଼ିଆଳ ପାଇଁ ମଧ୍ଯ ବେଶ୍ ପରିଚତ । ଘଡ଼ିଆଳକୁ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂସ୍ଥାର (IUCN) ରେଡ୍ ଲିଷ୍ଟ ଗୁରୁତର ବିପଦ ଗ୍ରସ୍ତ (Critically Endangered) ପ୍ରାଣୀ ଭାବରେ ସ୍ଥାନତ କରାଯାଇଛି । ଟିକରପଡାଠାରେ ଘଡ଼ିଆଳ ସହ ଗୋମୁହାଁ କୁମ୍ଭୀର ବା ମଗର ବି ଦେଖାଯାଏ । ଘଡ଼ିଆଳର ମୁଁହ ଗୋମୁହାଁ କୁମ୍ଭୀର ବା ମଗର ତୁଳନାରେ ସରୁ ଓ ଲମ୍ବା ହୋଇଥାଏ । ଘଡ଼ିଆଳର ମୁଖ୍ୟ ଖାଦ୍ୟ ମାଛ ଅଟେ, କନ୍ତୁ ଗୋମୁଁହା କୁମ୍ଭୀର ମାଛସହ ଅନ୍ୟ ପଶୁ ଓ ପକ୍ଷୀ ମଧ୍ଯ ଖାଦ୍ୟରେ ଗ୍ରହଣକରେ ।

ଏହାପରେ ସମସ୍ତେ ବାହାରିପଡିଲେ ଟିକରପଡାରେ ଥିବା ଘଡ଼ିଆଳ ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଦେଖିବାକୁ, ଯାହାକ ୧୯୭୫ ମସିହାରେ ପ୍ରତିଷ୍ଠା କରାଯାଇଥିଲ । ସେହିଠାରେ କ୍ୟାପ୍ଟିଭରେ ଥିବା ଘଡ଼ିଆଳ, ଗୋମୁଁହା କୁମ୍ଭୀର, କାଠ କଇଁଛ, ଇତ୍ୟାଦି ଦେଖିଲେ ।



ତା'ପରେ ଟିକେ ଆଗକୁ ଗଲାପରେ ଜଙ୍ଗଲ ବିଭାଗର ନୌବିହାରର ସୁବିଧା ଥିବା ଦେଖି ବୀଣା ଓ ଟୁନା ନିଜ ମାଆ ଓ ବାପାଙ୍କ ପାଖରେ ଅଳିକରିବା ଆରମ୍ଭ କଲେ । ବାପାବି ମାନିଗଲେ ନୌବିହାର ପାଇଁ । ନୌକାରେ ଲାଇଫ୍ ଜ୍ୟାକେଟ୍ ପିନ୍ଧି ବାହାରିଲେ ସମସ୍ତେ ମହାନଦୀରେ ନୌବିହାର କରିବାକୁ । ସାତକୋଶିଆର ସୁନ୍ଦରତାକୁ ସମସ୍ତେ ପାଖରୁ ଅନୁଭବ କଲେ । ନୌକାରେ ଟିକେ ଆଗକୁ ଗଲାପରେ ନଦୀ କୂଳରେ ସ୍ୱାଧୀନଭାବେ ବିଶ୍ରାମ କରୁଥିବା ଘଡ଼ିଆଳ ଓ ଗୋମୁଁହା କୁମ୍ଭୀରକୁ ସମସ୍ତେ ଦେଖିଲେ । ସେମାନଙ୍କୁ ବିଶୃଙ୍ଖଳା ନକରି ନୌକାଟି ଧୀରେଧୀରେ ଆଗକୁ ବଢ଼ିଲା । ଟିକେ ସମୟପରେ ପଥର ଉପରେ ଖରା ସେକୁଥିବା କାଠ ଓ ଛାତ କଇଁଛକୁ ସମସ୍ତେ ଦେଖିଲେ । ବୀଣା ଏକ କୁଟୁରାକୁ ପାଣି ପିଉଥିବାର ଦେଖିଲା ଓ ସେହି କୁଟୁରାଟି ଏମାନଙ୍କୁ ଦେଖି ଜଙ୍ଗଲକୁ ଫେରିଗଲା ।

କିଛି କିଲୋମିଟର ଆଗକୁ ଗଲାପରେ ନୌକାଟି ଫେରିଲା । ଫେରିଲାବେଳେ ପାଣିକୁଆ, ବଗକୁ ଦେଖି ଟୁନା ଓ ବୀଣା ଚିହ୍ନିଗଲେ କିନ୍ତୁ କେତୋଟି ପକ୍ଷୀକୁ ଚିହ୍ନିପାରିଲେ ନାହିଁ । ବାପା ସେହି ପକ୍ଷୀଙ୍କ ବିଷୟରେ ଅବଗତ କରାଇଲେ । ସେଗୁଡିକ ହେଲା ଇଣ୍ଡିଆନ ସ୍କିମର୍, ବ୍ଲାକ ବେଲିଡିଟ୍ରନ୍, ରିଭେରର୍ଟନ୍, ରିଭେର୍ଲାପବିଙ୍ଗ୍, ଇତ୍ୟାଦି । ସେମଧ୍ୟରୁ ଇଣ୍ଡିଆନ ସ୍କିମର୍ଓର୍ସ ଓ ବ୍ଲାକବେଲଣ୍ଡିଟ୍ରର୍ନ IUCN ରେଡ଼ଲିଷ୍ଟରେ ବିପଦଗ୍ରସ୍ତ (Endangered) ଅଟନ୍ତି । ସାତକୋଶିଆରେ ମହାନଦୀର ବାଲିପଠାରେ ଇଣ୍ଡିଆନସ୍କିମର ଅଣ୍ଡା ଦେଇଥାନ୍ତି । ତେଣୁ ଏହାର ପରିବେଶକୁ ଆମକୁ ପ୍ରଦୂଷଣମୁକ୍ତ ରଖିବାକୁ ହେବବୋଲି ନୌକାଚାଳ କଜଣାଉଥାଏ ।



ଶେଷରେ ସେମାନଙ୍କ ନୌକାବିହାର ଶେଷହେଲା ଏବଂ ବୀଣା ଓ ଟୁନା ବହୁତସାରା ଅନୁଭୂତି ସହ ଘରକୁ ଫେରିଲେ । ଫେରିବା ସମୟରେ ସେ ଦୁହିଁଙ୍କ ବାପା ସେମାନଙ୍କୁ ନଦୀର ଉପକାରିତା ବିଷୟରେ ଜଣାଇଲେ । ଖାଦ୍ୟ ଉତ୍ପାଦନ ପାଇଁ ଗୃଷ, ଜୀବିକା ପାଇଁ ନଦୀର ମାଛ, ପିଇବା ଓ ନତ୍ୟ ବ୍ୟବହାର ପାଇଁ ଜଳ ଇତ୍ୟାଦି ସବୁରେ ନଦୀର ଉପଯୋଗ ଅତୁଳନୀୟ । ଏହା ସହିତ ନଦୀ ଯୋଗାଇ ଦେଉଛି ତା' କୂଳରେ ବାସୋପଯୋଗୀ ସ୍ଥାନ ଓ ଅଗଣିତ ଜୀବଜନ୍ତୁଙ୍କ ପାଇଁ ବାସସ୍ଥାନ । ଭୂତଳ ଜଳର ସଂରକ୍ଷଣରେ ନଦୀର ଭୂମିକାକୁ ବି ଭୁଲିହେବନ । ଅର୍ଥାତ ଲୋକଙ୍କର ଖାଇବାଠୁ ଆରମ୍ଭକରି ବାସସ୍ଥାନ, ଜୀବିକା ଓ ପରିବେଶ ସନ୍ତୁଳନ ପର୍ଯ୍ୟନ୍ତ ସବୁକଛି ଯୋଗାଇଦେଉଛି ନଦୀ । ତେଣୁ ତା'କୁ ଜୀବନରେଖା ବୋଲି ଲୋକମାନେ କୁହନ୍ତ । ନଦୀର ଉପକାରିତା ଓ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟକୁ ଦେଖିଲେ ନଦୀକୁ ବଞ୍ଚାଇରଖିବା ଅପରିହାର୍ଯ୍ୟ ଅଟେ । ତେଣୁ ସଚେତନ ନାଗରିକ ହିସାବରେ ଆମେମାନେ ନଦୀରେ ପ୍ରଦୂଷଣ କରିବା ଅନୁଚତ । ଯେତେସମ୍ଭବ ପଲିଥିନ ବ୍ୟବହାରକୁ ବନ୍ଦ କରିବାକୁ ହେବ । ନଦୀରେ ଆବର୍ଜନା ଓ ଦୂଷିତପାଣି ଛାଡିବାକୁ ହେବନାହିଁ । ଲୋକମାନଙ୍କୁ ନଦୀ ସମ୍ବନ୍ଧୀୟ ଉପକାରିତା ବିଷୟରେ ସଚେତନତା ଭରି ନଦୀଜଳକୁ ପ୍ରଦୂଷଣମୁକ୍ତ ରଖିବାକୁ ହେବ । ଫଳରେ ଜଳଜୀବଙ୍କ ଦ୍ୱାରା ହେଉଥିବା ଉପକାରିତାକୁ ବଞ୍ଚେଇ ହେବ ଓ ଲୋକଙ୍କ ଜୀବିକା, ଖାଦ୍ୟ ଓ ପେୟର ଅସୁବିଧାକୁ ଟାଳହେବ ।

ସମରଝୋଳ, ଗଂଜାମ, ଓଡିଶା

# ଗୀତ ମାନସାଙ୍କ



ଅମରନାଥ ବାରିକ

ମନେକର ବାପା ଦେଲେ ଶହେ ଟଙ୍କା
ବଜାରକୁ ଯିବା ପାଇଁ
ସାତ ଟଙ୍କା ଦେଇ ଆଣିଲ ବିସ୍କୁଟ
ନ' ଟଙ୍କାରେ ଛବି ବହି
ଦିଟଙ୍କାରେ ଜିରା ରାଇ
ବାକି ତୁମ ପାଖେ କେତେ ଟଙ୍କା ଅଛି
କିଏସେ ପାରିବ କହି ?
(ଉ: ବୟାଅଶି/୮୨)

ବାଟେ ଆସୁଥିଲେ ଗଛରେ ଦେଖିଲେ
ଫଳିଛି ପିଜୁଳି ନବେ
ତିନି ସାଥୀ ମିଳି ସବୁତକ ତୋଳି
ଭାଗ ବାଣ୍ଟ କଲେ ଯେବେ
ଦୁଇ ଜଣ ଅଶି ନେବେ
ଆଉ ଜଣେ ସାଥୀ କେତୋଟି ପାଇବ
କୁହ ପିଲାମାନେ ତେବେ ?
(ଉ: ଦଶ/୧୦)

ମାଆ ସିଝାଇଲେ ପନ୍ଦରଟି ଅଣ୍ଡା
ଗୋଟେ ପଡ଼ି ଭାଙ୍ଗିଗଲା
ଆଉ ଚାରିଗୋଟି ଛଡ଼ାଇ ଦେଖିଲେ

ପଚାସଢ଼ା ବାହାରିଲା
ବଳକା ଭଲ ରହିଲା
ସିଝା ହୋଇଥିବା ଗୋଟାଳିଆ ଅଣ୍ଡା
କେତୋଟି କୁହ ରହିଲା ?
(ଉ: ଦଶ/୧୦)

ଟଙ୍କାରେ ପାଞ୍ଚୋଟି ଲଡ୍ଡୁ ମିଳେ ଆଉ
ଦୁଇ ଟଙ୍କାରେ ଦଶୋଟି
ଦଶ ଟଙ୍କା ଦେଲେ ପଚାଶଟି ହୁଏ
ଓ କୋଡ଼ିଏରେ ଶହେଟି
କୁହରେ ପିଲେ ଝଟତି
କେତେ ଟଙ୍କା ଦେଲେ ମିଳିଯିବ ଏବେ
ଦୁଇଶହ ପଚାଶଟି ?
(ଉ: ପଚାଶ/୫୦)

ଯାଜପୁର,ମଙ୍ଗଳପୁର,କୟାଁ

# ପିତା-ମାତା



ପ୍ରତୀକ୍ଷା ଶତପଥୀ

ପିତା-ମାତା ତ ଦେବତାଙ୍କ ଚଳନ୍ତି ପ୍ରତିମା
କାରଣ ତାଙ୍କ ଯୋଗୁଁ ହିଁ ଆମେ ଜୀବନ ଦାନ ପାଇଛୁ ।
ପିଲାଦିନରୁ ଆମ ପାଇଁ କେତେ କଷ୍ଟ ସହି
ସବୁ ଖୁସି ଆମ ପାଖରେ ଅଜାଡିବା ପାଇଁ ଚେଷ୍ଟା କରିଛନ୍ତି ।
କିନ୍ତୁ କିଛି ପିତା-ମାତା
ଏଥିରେ ସଫଳ ତ ଆଉ କେତେ ଅସଫଳ ।
କିନ୍ତୁ କୌଣସି ପିତା-ମାତାଙ୍କୁ ପରିହାସ କରିବା ଉଚିତ ନୁହେଁ
କାରଣ ଏଥିପାଇଁ ଭାଗ୍ୟ ତାଙ୍କର ସାଥ ଦେଇନାହିଁ ।
ପ୍ରତ୍ୟେକ ପିତା-ମାତା ଚାହାଁନ୍ତି ଯେ
ତାଙ୍କ ପିଲା ଜୀବନରେ କେବେ ହେଲେ କଷ୍ଟ ନ ପାଉ ।
ସେଥିପାଇଁ ତ ସବୁ କଷ୍ଟ ସହ୍ୟ କରି
ସେମାନେ ଲାଗିପଡନ୍ତି ନିଜର ଏହି ଲକ୍ଷ୍ୟରେ ।
କିନ୍ତୁ ଯେଉଁ ପିଲା ସେ କଷ୍ଟକୁ ଅନୁଭବ କରିବେ
ବୁଝିପାରିବ ଯେ ପିତା-ମାତାଙ୍କ କଷ୍ଟ ।
ପିତା-ମାତା ଯାହା ବି ଆଣିକି ଦିଅନ୍ତି
କେବେହେଲେ ତାକୁଉଣା କରିବା ଉଚିତ୍ ନୁହେଁ ।
କାରଣ ସେଥିରେ ତାଙ୍କ ସ୍ନେହ, ଶ୍ରଦ୍ଧା,
ଭଲପାଇବା, ଆଶିଷ,... ସବୁକିଛି ଅଛି ।
କେବେହେଲେ ତୁଳନା କରିବା ଉଚିତ୍ ନୁହେଁ ।
କାରଣ ସେଥିରେ ତାଙ୍କ ସ୍ନେହ, ଶ୍ରଦ୍ଧା,

ଭଲପାଇବା, ଆଶିଷ,.... ସବୁକଛି ଅଛି ।
କେବେହେଲେ ତୁଳନା କରିବା ଉଚତ୍ ନୁହେଁ
ସେମାନଙ୍କ ଭଲପାଇବାକୁ ।
ସବୁବେଳେ ତାଙ୍କ ଖୁସି ହିଁ
ଆମ ପାଇଁ ହେବା କଥା ଅମୂଲ୍ୟ ସଂପଦ ।
ନଜ କର୍ମ ଓ କର୍ତ୍ତବ୍ୟକୁ ଠିକ୍ ଭାବରେ
ପାଳନ କଲେ ସେମାନେ ନଶ୍ଚୟ ଖୁସି ହେବେ ।
କେବଳ ଏତିକ ପ୍ରାର୍ଥନା ମୋ କର୍ମ ଦିନେ
ତୁମକୁ ନଶ୍ଚୟ ଗର୍ବ ଅନୁଭବ କରେଇବ ।

ସିଭିଲ ଟାଉନସିପ୍,ରାଉରକେଲା
Pratikshyasatpathy07@gmail.com

# ସୁଲୁସୁଲୁ ଶୀତ



ବିଜୟ କୁମାର ଛାଟୋଇ

ଥୁରୁଥୁରୁ ପାଟି
ଓଠ ଯାଏ ଫାଟି
ସୁଲୁ ସୁଲୁ ଶୀତ
ବସ ଯାଇ ମିତ

ଥିରିଥିରି ବାୟୁ
ସିଏ ଆମ ଆୟୁ
ଆମ ପାଇଁ ଭଲ
ଅମାପ ତା ମୂଲ

ଶୀତ ଯେବେ ଆସେ
କୁନା ଖାଲି ହସେ
ନଟ ଅଜା ଦୁଃଖେ
ନିଆଁ ପୁଏଁ ସୁଖେ

ସକାଳ ସୂରୁଜ
ବୁଣଇ ମୁରୁଜ
ଢାଳଇ ତା' ଅମାରୁ
ଅମା ହରେ ଭୂ ରୁ

ସଭିଏଁ ଶିଶୁ ଏ
ଶୋଇଥାନ୍ତି ଖୁସିଏ
ସଂଜ ଧିରି ଆସେ
ଶୀତ ଲୁଚି ବସେ

ଶୀତ ଯମ ଆସେ
ବୟସ୍କଙ୍କୁ ଧସେ
ବୁଢାବୁଢୀ ଭୟେ
ଘୋଡି ହୋଇ ଶୁଏ

ରାଗି ଯାଇ ଶୀତ
ମଂଦେ ବୋଲେ ଗୀତ
ଗଛ ବଣ ବୁଦା
କରି ଦିଏ ଓଦା

ଯେବେ ଉଷା ଆସେ
ମନ ମାରି ହସେ
ଚିକ୍ ଚିକ୍ ଦିଶେ
ସତେ ହୀରା ଝସେ

ଧଳା ଫୁଲ ପରି
ଝଟକେ ଉତୁରି
ଚୌଦିଗ ମୂଲକ
ଭରଇ ପୁଲକ

ରୋଗ ଶୋକ ନାଶେ
ଶୀତ ଯେବେ ଆସେ
ଉଷୁମ କମ୍ବଳ
ଘୋଡି ହେଉ ସଅଳ

ଶୀତ ହେଲେ ମଜା
ଖାଉ ମୁଢି ଭୁଜା
ଛଣାଛଣି ଯେତେ
ଘରେ ହୁଏ କେତେ

# ଆପଣଙ୍କ ମତାମତ

ବେଦାନ୍ତୀ ଜ୍ଞାନ ବର୍ଦ୍ଧନରେ ଚରିତ୍ର ଗଠନରେ ବେଶ ସହାୟକ ହୋଇ ପାରୁଛି । ବେଦାନ୍ତୀ ପରିବାର ତଥା ସମ୍ପାଦକ ସାର ଙ୍କୁ ହୃଦୟ ରୁ ଅଶେଷ ଅଶେଷ ଧନ୍ୟବାଦ ସହିତ ପ୍ରଣାମ ଜଣାଉଛି ।

ଶ୍ରୀ ଅଲେଖ ମେହେର

ଆଜି ବେଦାନ୍ତ ର ମାସିକ ପତ୍ରିକା ଦେଖିଲି ପି ଡି ଏ ଫ୍ ରେ। ସୁନ୍ଦର ଭାବପୂର୍ଣ୍ଣ ଉପସ୍ଥାପନା । ବହୁତ ଭଲ ଲାଗିଲା । ଅଭିନନ୍ଦନ ଓ ନମସ୍କାର।

ଶ୍ରୀମତିପୁଷ୍ପାଞ୍ଜଳି ମିଶ୍ର

ଓଡିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ବେଦାନ୍ତୀ ପତ୍ରିକାର ଦାନ ଅତୁଳନୀୟ ।ଜୟ ଶ୍ରୀ ଜଗନ୍ନାଥ ସ୍ୱାମୀ ।

ଶ୍ରୀ ଅଲେଖ ମେହେର

Digital form ରେ ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ କରିବାରେ ସମ୍ପାଦକ ମହାଶୟ ଙ୍କ ଏହା ଏକ ପ୍ରଂଶସନୀୟ ପ୍ରଚେଷ୍ଟା I ତାଙ୍କୁ ଅଜସ୍ର ବଧେଇ ଏବଂ ଅନ୍ତରରୁ ଧନ୍ୟବାଦ ଜଣଉଛି ।

ଶ୍ରୀ ସତ୍ୟ ବାବୁ

ପ୍ରିୟ ଅରବିନ୍ଦ ବାବୁ, ଆନ୍ତରିକତା ଜାଣିବେ।ପୂର୍ବ ସଂଖ୍ୟା ମାନଙ୍କ ପରି ଡିସେମ୍ବର ସଂଖ୍ୟା ପତ୍ରିକା ସୁନ୍ଦର ଓ ସୁଖପାଠ୍ୟ ହୋଇପାରିଛି।ମୋର ଧ୍ରୁବ ବିଶ୍ୱାସ ଏହା ପ୍ରଚୁର ପାଠକୀୟ ଶ୍ରଦ୍ଧା ଲଭ କରିବ।ଆପଣଙ୍କ ସତତ ଉଦ୍ୟମର ପଟାନ୍ତର ନାହିଁ ମୋ ଭାଷା ଓ ସାହିତ୍ୟ ପାଇଁ।ସହଯୋଗୀଙ୍କୁ ସାରସ୍ୱତ ସାଧୁବାଦ।

ଶ୍ରୀ ବଦ୍ରୀ ମହାନ୍ତ

ବେଦାନ୍ତୀ ଡିସେମ୍ବର ସଂଖ୍ୟା ଭଲ ହୋଇଛି। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ କବି ଓ ଲେଖକଙ୍କ ଲେଖା ରହିଲେ ଏହାର ମାନ ଆହୁରି ବଢନ୍ତା। ସଂପାଦକ ମହୋଦୟ ଏଥିପ୍ରତି କଛି ଦୃଷ୍ଟି ଦେବାକୁ ଅନୁରୋଧ। ସମସ୍ତ ସ୍ରଷ୍ଟାଙ୍କୁ ମୋ ଅଶେଷ ଅଭିନନ୍ଦନ ଓ ଶୁଭକାମନା।

ଶ୍ରୀ ସୌଭାଗ୍ୟବନ୍ତ ମହାରଣା, ସମ୍ବଲପୁର

# ଜାନୁୟାରୀ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୧/୨୦୨୨ | ଇଂରାଜୀ ନୂତନ ବର୍ଷ |
| ୦୨/୦୧/୨୦୨୨ | ବକୁଳ ଅମାବାସ୍ୟା |
| ୧୨/୦୧/୨୦୨୨ | ଶାମ୍ବ ଦଶମୀ, ସୂର୍ଯ୍ୟଦେବଙ୍କ ପୂଜା, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ |
| ୧୩/୦୧/୨୦୨୨ | ପୁତ୍ରଦା ଏକାଦଶୀ, ଲକ୍ଷ୍ମୀନାରାୟଣ ବ୍ରତ |
| ୧୪/୦୧/୨୦୨୨ | ଉତ୍ତରାୟଣ ମକର ସଂକ୍ରାନ୍ତି, ପୋଙ୍ଗଲ |
| ୧୬/୦୧/୨୦୨୨ | ଶିବଚତୁର୍ଦ୍ଦଶୀ ଉପବାସ |
| ୧୭/୦୧/୨୦୨୨ | ଦେବାଭିଷେକ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା |
| ୧୮/୦୧/୨୦୨୨ | ପୁଷ୍ୟାଭିଷେକ, ରାଜାଭିଷେକ |
| ୨୧/୦୧/୨୦୨୨ | ସଂକଟ ଚତୁର୍ଥୀ ବ୍ରତ |
| ୨୩/୦୧/୨୦୨୨ | ନେତାଜୀଙ୍କ ଜୟନ୍ତୀ |
| ୨୬/୦୧/୨୦୨୨ | ସାଧାରଣତନ୍ତ୍ର ଦିବସ |
| ୩୦/୦୧/୨୦୨୨ | ଶିବଚତୁର୍ଦ୍ଦଶୀ ଉପବାସ |
| ୩୧/୦୧/୨୦୨୨ | ମା ବିରଜା ଦେବୀଙ୍କ ଜନ୍ମୋତ୍ସବ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଡିସେମ୍ବର ମାସର ବିଜେତାଙ୍କ ନାମ



ଖାଇବା ଚକୁଳି ମାରିବା ଘୁଙ୍କୁଡି
ହେଇଛି ଚକୁଳି ତରକାରୀ ଆଜି
ମନୋବୋଧ କରି ଖାଇବା ସଭିଏଁ
ମିଳ ବାଣ୍ଟିକରି ବସି

ବିଜେତା: ସାଗରିକା ଦାଶ, ଭୁବନେଶ୍ୱର

ଆସିଛି ଚକୁଳି ଚଲିକା
ଖାଇବା ବସି ମିଳିକା
ଖାଇସାରି ବହେ ଶୋଇବା
ଉଠିକରି ପୁଣି ଖେଳବା

ସୁମନ ମିଶ୍ର, ଖୋର୍ଦ୍ଧା

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ। ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -**vedantimagazine@gmail.com**

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚ୍ୟର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**